ଅଗଷ୍ଟ ୨୦୨୦




Photo by Shri Ranjit Kumar Sahu, USA

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜି ହେଉଛି "ବେଦାନ୍ତୀ" ର ଜନ୍ମ ୫ମ ଜନ୍ମବାର୍ଷିକୀ । "ବେଦାନ୍ତୀ" ର ପ୍ରଥମ ସଂଖ୍ୟା ବାହାରିଥିଲା ଅଗଷ୍ଟ ମାସ ୨୦୧୫ ରେ । ଚାହୁଁ ଚାହୁଁ ଦୁଇ ପାଞ୍ଚ ବର୍ଷ ବିତିଗଲାଣି ଆଉ ବେଦାନ୍ତୀ ଆଗେଇ ଚାଲିଛି ଉନ୍ନତି ପଥରେ । ଆଉ ସାଥିରେ ଅଛନ୍ତି ସମସ୍ତ ଓଡିଶାବାସୀ । "ବେଦାନ୍ତୀ" ପତ୍ରିକାଟି ହେଉଛି ସମସ୍ତ ଓଡିଆଙ୍କର । ଏଥିରେ ରହିଛି ସମସ୍ତଙ୍କର କିଛି ନା କିଛି ଅବଦାନ । ଲେଖକ ଲେଖିକାମାନଙ୍କର ବଡ ଅବଦାନ ରହିଛି ସେମାନଙ୍କର ବହୁମୂଲ୍ୟ ସମୟରୁ କିଛି ସମୟ ଦେଇ ସେମାନଙ୍କ ରଚନା ବେଦାନ୍ତୀ ମାଧ୍ୟମରେ ସମସ୍ତ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ ପହଞ୍ଚେଇବାପାଇଁ ଆଉ ପାଠପାଠିକା ମାନଙ୍କର ଅବଦାନ ରହିଚ ବେଦାନ୍ତୀ ପଢିବା ସହ ଏହାର ପ୍ରଚାର-ପ୍ରସାର କରିବାପାଇଁ । ଆଶା, ଆଜି "ବେଦାନ୍ତୀ" ପହଞ୍ଚିପାରିଛି ତାର ଲକ୍ଷ୍ୟରେ ଯାହାକି ଥିଲା ଏକ ସମ୍ପୂର୍ଣ୍ଣ ମୁକ୍ତ ଓଡିଆ ପାରିବାରିକ ମାସିକ ପତ୍ରିକା ପୃଥିବୀର କୋଣେ କୋଣେ ରହୁଥିବା ଓଡିଆମାନଙ୍କ ପାଖରେ ପହଞ୍ଚାଇବା । ଆଜିକାଲି କର୍ମକ୍ଷେତ୍ରରେ ବ୍ୟସ୍ତତା ପାଇଁ ଏକ ପତ୍ରିକାଟିଏ ପଢିବା ପାଇଁ କାହାରି ପାଖରେ ସମୟ ନାହିଁ । ଆଉ କେବେ କେମିତି ସମୟ ମିଳିଲେ ମଧ୍ୟ, ନିଜ ମାତୃଭାଷାରେ ଲିଖିତ ପତ୍ରିକାଟିଏ ମିଳିବା ମଧ୍ୟ କଷ୍ଟକର ବିଷୟ, ବିଶେଷ କରି ଓଡିଶା ବାହାରେ ରହୁଥିବା ଓଡିଆମାନଙ୍କ ପାଇଁ । ଆଉ ଏଇଠାରୁ ହିଁ ଆରମ୍ଭ ହୋଇଥିଲା ବେଦାନ୍ତୀର ଜନ୍ମ । ଜାଣି ଖୁସି ଲାଗିଛି ଯେ ବେଦାନ୍ତୀ ପହଞ୍ଚିପାରିଛି ଦେଶ ବିଦେଶରେ ଅନେକ ସ୍ଥାନରେ ରହିଥିବା ଓଡିଆମାନଙ୍କ ପାଖରେ ଏବଂ ସମସ୍ତେ ତାକୁ ଆଦରି ନେଇଛନ୍ତି ।

ଆଶା, ଭବିଷ୍ୟତରେ ମଧ୍ୟ ଆପଣମାନଙ୍କ ସହଯୋଗ ଏହିପରି ନିରନ୍ତର ମିଳୁଥିବ ବେଦାନ୍ତୀକୁ ଆହୁରି ଅନେକ ଆଗକୁ ଯିବାପାଇଁ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ଅଜା ଗ୍ଲିଗଲେ | ଶାନ୍ତିଲତା ମିଶ୍ର | ୦୯ |
| ଗୃହବନ୍ଦୀରେ ଅତୀତ | ଶୈଳଜା ମିଶ୍ର | ୧୨ |
| ପୁଣି ବର୍ଷା ! | ବିକାଶ କୁମାର ମଲ୍ଲୀକ | ୧୪ |
| ଅବସର | ଭାସ୍କର ଚନ୍ଦ୍ର ଖଣ୍ଡା | ୧୬ |
| ଆଶା ଆଶଙ୍କାର ରଥଯାତ୍ରା | ଡକ୍ଟର ବିଜ୍ଞାନୀ ଦାସ | ୧୭ |
| ସମୂହ ଶାସ୍ତି | ଆଶୁତୋଷ ମେହେର | ୨୭ |
| କରୋନା ସୁନ୍ଦରୀ | ଶଶଧର ମହାପାତ୍ର | ୩୦ |
| ଅଫିମ | ବିନୟ ମହାପାତ୍ର | ୩୨ |
| ଏକ ଶିକ୍ଷୟିତ୍ରୀ ର ଡାଏରୀ ରୁ | ସାବିତ୍ରୀ ମହାପାତ୍ର | ୩୬ |
| କରୋନା ଦାନବ | ରାଜକିଶୋର ସାଇଁ | ୩୭ |
| ନିବେଦନ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୩୮ |
| ନର ହିଁ ନାରାୟଣ | ବରଦା ପ୍ରସନ୍ନ ଦାସ | ୪୦ |
| ମୂକ ସାକ୍ଷୀ | ଓଜସ୍ୱିନୀ ଶତପଥୀ | ୪୨ |
| ପବିତ୍ର ପ୍ରେମ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୪୫ |
| ମୋ ଅନ୍ତରେ | ସତ୍ୟନାରାୟଣ ଗନ୍ତାୟତ | ୪୬ |
| ରଥ ପଥ ଜଗନ୍ନାଥ | ଅଧ୍ୟାପକ ଶରତ କୁମାର ଦାସ | ୪୭ |
| ଗାନ୍ଧୀ ତୁମେ ଫେରିଆସ | ସନ୍ତୋଷ ପଟ୍ଟନାୟକ | ୪୮ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୪୯ |
| ଲୁହର ଜହର | ହାସ୍ୟମୟୀ ରାଜ୍ | ୫୬ |
| ଯିବା | ସନାତନ ମହାକୁଡ | ୫୭ |
| ରଜ ପରବ | ଶମ୍ଭୁନାଥ ଦାସ | ୫୮ |
| କ ଯୁଗ ହେଲ୍ | ଶିଶିର କୁମାର ପଣ୍ଡା | ୫୯ |
| ଶାଶ୍ୱତ ପ୍ରେମ | ସୁଷମା ପରିଡା | ୬୦ |
| ସମ୍ପର୍କ | ପ୍ରତିମା ମେହେର | ୬୬ |
| ସେ ମୀରା | ପ୍ରିୟଦର୍ଶିନୀ ମହାପାତ୍ର | ୬୭ |
| ବିଭୂଲୟ | ପୁଷ୍ପାଞ୍ଜଳି ପଣ୍ଡା | ୬୮ |
| ଦୁଷ୍ଟ ପୁଅ | ସୁବଳ ମହାପାତ୍ର | ୬୯ |
| ଦୂରତା | ସ୍ୱାତୀ ବନ୍ଦନା କର | ୭୪ |

| | | |
|---|---|---|
| ଭାରତର ଡିଜିଟାଲ ଷ୍ଟ୍ରାଇକ | ମଧୁସ୍ମିତା ସେନାପତି | ୭୫ |
| ସାର୍ଥକ ଜୀବନ | ଗ୍ରଜଶେଖରସି'ଚମା' | ୭୭ |
| ସ୍ମୃତି ରେ.... | ଅମ୍ବିକା ସ୍ୱାଇଁ | ୭୮ |
| ଗାଁ, ଗୋବର ଓ ଗାଧୁଆ ତୁଠ | ମନସ୍ୱିନୀ ସାହୁ | ୮୩ |
| ଦୁଇ ଅକ୍ଷର | ନନ୍ଦିନୀ ରାଉତ | ୮୫ |
| କରୋନା | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୮୬ |
| ଓଡ଼ିଆ ଲୋକଗୀତରେ ଓଡ଼ିଆଣୀର ଜୀବନ ଚରିତ | ନବେଦିତା ମହାପାତ୍ର | ୮୭ |
| ସଞ୍ଚିତ ଉପହାର | ପ୍ରାଧାପିକା ଜ୍ୟୋସ୍ନା ରାୟ | ୯୩ |
| ମୋ ବୋଉ | ପ୍ରଶାନ୍ତ କୁମାର ମହାନ୍ତି | ୯୪ |
| ସ୍ୱାର୍ଥ ନକତିରେ ସମ୍ପର୍କ | ଡ. ମନୋରଞ୍ଜନ ବିଷୋୟୀ | ୯୬ |
| ମନ ଓ ଗୁରୁ | ଦୋଳଗୋବିନ୍ଦ ପଣ୍ଡା | ୯୭ |
| ଦିନେ ଗାଁ 'ରେ" | ସତ୍ୟବ୍ରତ ସାହୁ | ୧୦୨ |
| ଗାଳ | ସୁବାସ ଚନ୍ଦ୍ର ମୁଦୁଲି | ୧୦୪ |
| ଗୁରୁ ପୂର୍ଣିମା ବା ବ୍ୟାସ ପୂର୍ଣିମା | ବାସନ୍ତୀ ଲତା ଜେନା | ୧୦୫ |
| ବନ୍ଧ୍ୟା | ଆରତୀ ସାହୁ (ଆଶା) | |
| ଆହ୍ୱାନ | ଲୀଳାମୟ ଶତପଥି | ୧୧୩ |
| ମଳୟ | ମୀନକେତନ | ୧୧୫ |
| ଅଭୀପ୍ସା | ମୀନାକ୍ଷି ପାଢ଼ୀ | ୧୧୬ |
| ସଂଗରୋଧ | ଆପ୍ତକାମ ମିଶ୍ର | ୧୧୭ |
| ଜନ୍ମଭୂମି | ନରେନ୍ଦ୍ର ପ୍ରସାଦ ବେହେରା | ୧୨୨ |
| ସୀମାନ୍ତ ପ୍ରହରୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୨୩ |
| ପୁଣି ଥରେ | ଶ୍ରୀକ୍ଷେତ୍ର ସୁନ୍ଦର | ୧୨୪ |
| ଯୌବନ | ତ୍ରିପତି ପ୍ରଧାନ | ୧୨୫ |
| ଆଲମୋଡା ଡାଏରୀ | ପ୍ରିୟବ୍ରତ ପାତ୍ର | ୧୨୬ |
| ସଂଜ୍ଞା ଜୀବନର | ସୁନତା ସାହୁ | ୧୩୧ |
| ପକ୍ଷୀ ଉପଖ୍ୟାନ | ଡ. ଜ୍ଞାନେଶ୍ୱର ମିଶ୍ର | ୧୩୨ |
| ଭେକର ଚରିତ୍ର | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୩୩ |
| ଅହଲ୍ୟାଙ୍କ ଆର୍ତ୍ତନାଦ | ସ୍ୱର୍ଗୀୟ ରମାକାନ୍ତ ମିଶ୍ର | ୧୩୪ |
| ସର୍ବ ଶକ୍ତିମାନ | ପୂର୍ଣ୍ଣଚନ୍ଦ୍ର ରଣା | ୧୪୦ |

| | | |
|---|---|---|
| ପ୍ରିୟବିନା ଶ୍ରାବଣ | ସଂଯୁକ୍ତା ମହାପାତ୍ର | ୧୪୧ |
| ଦାୟ ମୁକ୍ତି | କାଳକଙ୍କର ଦାସ | ୧୪୨ |
| ଜହ୍ନି ଫୁଲ | ସୀତାରାମ ଦାଶ | ୧୪୪ |
| ବଣମଲ୍ଲୀ | ସରୋଜ କୁମାର ସାହୁ | ୧୫୦ |
| ଶୁଭ ଜନ୍ମଦିନ | ଋତୁପର୍ଣ୍ଣା ମହାନ୍ତି | ୧୫୧ |
| ଦୁଃଖ ଦିଅ ଦୁଃଖିଧନ | ଶରତ ଚନ୍ଦ୍ର ଜାଲି | ୧୫୨ |
| ଲକଡାଉନ ରଥ | ସୁବାସ ଶତପଥୀ | ୧୫୩ |
| ମୋ ଗାଆଁ | ସତ୍ୟବ୍ରତ ନାୟକ | ୧୫୭ |
| ମା | ଦିନବଂଧୁ ବେଜ | ୧୫୮ |
| ଆସ୍ଥାର ଗଜଲ | ସୌମ୍ୟ ରଞ୍ଜନ ପାଲ | ୧୫୯ |
| ବାପା ନଥିଲେ ବୋଲି | ଅନ୍ନପୂର୍ଣ୍ଣା ଦାସ | ୧୬୦ |
| ନଚ୍ଛକ ସତ୍ୟ | ବିଦ୍ୟାଧର ମିଶ୍ର | ୧୬୪ |
| ବିହଙ୍ଗ ବିପ୍ଳବ | ବିଶ୍ବଜିତ ଆର୍ଯ୍ୟ | ୧୬୫ |
| ଆମ ଗାଆଁ ବାଉରୀ ପଧାନ | ଡଃ ବିନୟ କୁମାର ପତି | ୧୬୬ |
| ନୈଶର୍ଗୀକ ସୁଷମା | ଡ. ଅର୍ଜୁନ ଚରଣ ବାରିକ୍ | ୧୬୭ |
| ଉତ୍କଳ ମାଟି | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୭୦ |
| ପରିବର୍ତନ | ବେଣୁଧର ସୁରୁଜାଲ | ୧୭୧ |
| ଭୃଙ୍ଗ ଏ ଦୁନଆଁ | ପରମାନନ୍ଦ ରାଜହଂସ | ୧୭୨ |
| ଡାକୁ, ସ୍ୱର୍ଗ ଓ ବୁଢିଆଣୀ ଜାଲ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୩ |
| ଅପରାଜେୟ | ନବକିଶୋର ଦୀପ | ୧୭୫ |
| ଶେଷ ସାକ୍ଷାତ | ଅଶ୍ୱିନୀ କୁମାର | ୧୭୬ |
| ମୋ ମନର ଅନୁଭୂତି | ସଙ୍ଗୀତା ମହାନ୍ତି | ୧୭୭ |
| କରୋନା ବେଳର କରୁଣ କଥା | ବିଜୟ କୁମାର ପଣ୍ଡା | ୧୭୮ |
| ରାଜବେଶ | ଶୁଭକାନ୍ତ ସାହୁ | ୧୮୧ |
| ବର୍ଷା | ନବ କୁମାର ଦାସ | ୧୮୨ |
| ମସିହ | କୁମୁଦିନୀ ବେହେରା | ୧୮୩ |
| ଜୀବନର ଶେଷମାର୍ଗ | ଅଜିତ ପଧାନ | ୧୮୪ |
| ବନ୍ଦେ ଉତ୍କଳ ଜନନୀ | ଛବି ରାଣୀ ପତି | ୧୮୮ |

| | | |
|---|---|---|
| ସ୍ୱାଧୀନତା | ରେଜାଲିନ୍ ମିଶ୍ର | ୧୮୯ |
| ଶ୍ରମିକ | ଗଣେଶ ଦାସ | ୧୯୦ |
| ଇତି ତମ ଝିଅ ପ୍ରୀତି | ଦୀପ୍ତିମୟୀ ସାହୁ | ୧୯୨ |
| ଧୂନ | କଶୋର ମହାନ୍ତି | ୨୦୧ |
| ମୋ ସ୍ୱପ୍ନର ସାଥୀଟିଏ | ମୃଣ୍ମୟୀ ପ୍ରଧାନ | ୨୦୨ |
| ସ୍ୱାଧୀନତାର ମୂଲ | ଦେବଯାନୀ ସ୍ୱାଇଁ | ୨୦୩ |
| ଶାମୁକା | ଭାରତୀ ସାହୁ | ୨୦୬ |
| ମାଟିର ମଣିଷ | ଫିରୋଜ କୁମାର ପଟେଲ | ୨୦୮ |
| ପରିଶ୍ରମ ହିଁ ସଫଳତାର ଗୁବିକାଠି | କୀର୍ତ୍ତି ଦେବୀ | ୨୦୯ |
| ସମ୍ମାନ | ନବୀନ କୁମାର ପଧାନ | ୨୧୨ |
| କରୋନା ଯୋଦ୍ଧା | ରାମ ଚନ୍ଦ୍ର ପ୍ରଧାନ | ୨୧୩ |
| ଗୁରୁ ହିଁ ଈଶ୍ୱର | ସୌଭାଗ୍ୟ ଗିରି | ୨୧୪ |
| ଅନୁଭୂତି ରେ କରୋନା ଭୁତାଣୁ ଆଉ ମୁମ୍ବାଇ ସହର | ପ୍ରକାଶ ସାହୁ | ୨୧୬ |
| ଜୟ ଶିବ ଶଙ୍କର | ବୈଦ୍ୟନାଥ ପଣ୍ଡା | ୨୧୯ |
| ମହାଜନ | ଅଲେଖ ମେହେର | ୨୨୦ |
| ପଖାଳ | ନିରଞ୍ଜନ ସାହୁ | ୨୨୧ |
| ସଂସାର ଗଲ୍ ଉଜୁଡି | ପଙ୍କଜିନି ଭୋଇ | ୨୨୨ |
| ତୁମବିନା | ଲକ୍ଷ୍ମଣ ମହାନ୍ତି | ୨୨୫ |
| ଶିକ୍ଷା | ପୁଷ୍ପଲତା ବେହେରା | ୨୨୬ |
| ଏଇ ତ ଜୀବନ | କେଶରୀ ପ୍ରସାଦ ମହାନ୍ତି | ୨୨୭ |
| କରୋନାର ତିନି ଭୟ | ମହେଶ୍ୱର ସାହୁ | ୨୨୯ |
| ବୋହୁ ଅଟେ ମୋର ଏମିତିକା | ମଧୁଛନ୍ଦା ବେହେରା | ୨୩୩ |
| ଗାଁ ଗଲ୍ ମୋର ବଦଳ | ଅମରନାଥ ବାରିକ | ୨୩୫ |
| ମଥା ଯାଏ ଆମ ନଇଁ | ଅଶୋକ କୁମାର ପ୍ରଧାନ | ୨୩୬ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତ ପଣ୍ଡା | ୨୩୮ |
| ମଣିଷ ଯାଇନି ହାରି | ଅନାମ ଚରଣ ସାହୁ | ୨୪୪ |
| ଗରିବ ଘରେ ବର୍ଷା | ପ୍ରଶାନ୍ତ କୁମାର ନାଥ | ୨୪୫ |

| | | |
|---|---|---|
| କେତେ ସୁମଧୁର | ଆଶିଷ ଜ୍ୟୋତିଷ | ୨୪୬ |
| ଅଦିନର  ମେଘ | ପ୍ରୀୟଙ୍କା ମାଝି | ୨୪୭ |
| ଆତଙ୍କବାଦୀ | ଅନଙ୍ଗ ମଞ୍ଜରୀ | ୨୪୮ |
| ଆସିଛି ରଜ | ଜଗଦୀଶ ସାହୁ | ୨୫୦ |
| ସୈନିକ ମୁଁ ସୀମାନ୍ତ ଯୋଦ୍ଧା | ନଳେଶ କୁମାର ଭୋଇ | ୨୫୧ |
| ଉପଶମକାରୀ ବ୍ୟଥା | ଶରତ କୁମାର ନାଏକ | ୨୫୨ |
| ଅନ୍ଧ ବିଶ୍ୱାସ | ମନୋଜ କୁମାର ବେହେରା | ୨୫୩ |
| ଆମେ ହୀରା, ମୋତି,ମାଣିକ | ପ୍ରଭାତ ନଳିନୀ ସାହୁ | ୨୫୫ |
| ଅନାମିକା | ଆୟୁଷ୍ମାନ ତ୍ରିପାଠୀ | ୨୫୬ |
| ଏକ ଅଭାବିତ ମୁହୂର୍ତ୍ତ | ସାଇପ୍ରସାଦ ସାହୁ | ୨୫୭ |
| କର ସଭିଙ୍କୁ ଆଦର | ଅଜୟ କୁମାର ବେହେରା | ୨୬୦ |
| ଅଧୁରା ପ୍ରେମ | ଶିବରାମ ଦଳେଇ | ୨୬୧ |
| ମନ ରୁମାଲରେ ତୁମେ ଛିଟରଙ୍ଗୀ ଫୁଲ | ତାରାପ୍ରସାଦ ଜେନା | ୨୬୨ |
| ଚଷମାର ଲୁହ ପୋଛିବ କଏ? | କୃଷ୍ଣଚନ୍ଦ୍ର ମହାପାତ୍ର | ୨୬୩ |
| କଛି ଫୁଲ | ପ୍ରିୟଦର୍ଶିନୀ ମହାପାତ୍ର | ୨୬୫ |
| ମୋ ଭାଇ (ଜେଜେ) | ସମ୍ୟଜିତ ପାତ୍ର | ୨୬୬ |
| ମୃତ୍ୟୁ ଭେଜ ଦେବା ଅପରାଧ | ବାଲ୍ମୀକ ନାୟକ | ୨୬୭ |
| ମୁଁ ତ ଗୋଟିଏ ଅଭିପ୍ସା | ଭରତ ଧରୁଆ | ୨୭୧ |
| ପ୍ରେମ ଏକତରଫା | ପ୍ରଶାନ୍ତ କୁମାର ପଧାନ | ୨୭୨ |
| ମୋ ଜୀବନର ଅଭୁଲା ସ୍ମୃତି | ରାଜୁ କୁମାର ପାତ୍ର | ୨୭୩ |
| କରୋନା | ଗୁରୁବାଳା ନନ୍ଦ | ୨୭୭ |
| ପବିତ୍ର ସମ୍ପର୍କଟେ | ନେପାଳ କୁମାର ବେହେରା | ୨୭୮ |
| ମୋ ଧନ | ଚିତରଞ୍ଜନ ବେହେରା | ୨୮୦ |
| ଭାଏ | ଆଶୁତୋଷ ଠାକୁର | ୨୮୧ |
| ସମ୍ଭବନା | ରାଜେଶ କୁମାର ବାରିକ | ୨୮୨ |
| ପରଛା ଅନ୍ଧାର୍ | ଡିସମ୍ବର ମେହେର | ୨୮୪ |
| ଚରେଇକର୍ ଉଡ଼ାନ୍ | ବିଶ୍ୱନାଥ ଭୁଏ | ୨୮୫ |
| ଛୁଆ ଶୁଆ ଗୀତ୍ | ଯୁବରାଜ କୁଦେଇ | ୨୮୬ |

| | | |
|---|---|---|
| ମୁଠେ ଭାତ ର ମୂଲ୍ୟ | ତପନ କୁମାର ଦାଶ | ୨୮୭ |
| ସଂଜ୍ | ଫାଲଗୁନ ରଣା | ୨୯୧ |
| ଫାଷ୍ଟ ଫୁଡ୍:- ଗୁଟେ ଜହର୍ | ସୁକଦେବ ସାହୁ | ୨୯୨ |
| ପ୍ରଥମ ଚଠି | ଦୁଷ୍ମନ୍ତ ବେହେରା | ୨୯୩ |
| ଦେଖ୍'ତ ନଜର୍ ଭୁର୍'କୁଟି | ହେମନ୍ତ ଦାଶ | ୨୯୬ |
| ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱାଦଶ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୯୭ |
| ସ୍ୱାବଲମ୍ବୀ ହେବାର ନୂତନ ବିକଳ୍ପ - କୃଷି | ଡି ଶୁଭମ୍ | ୨୯୯ |


## ଶିଶୁ ବିଭାଗ


| | | |
|---|---|---|
| ପୁରୁଣା ଗଛର ନୂଆ ଜୀବନ | ଡ଼ଃ ରଞ୍ଜିତ କୁମାର ସାହୁ | ୩୦୩ |
| ବୀର ସଂଗ୍ରାମୀ | ଲୀଳାମୟୀ ଶତପଥି | ୩୦୮ |
| ପଛରେ ବୁଝିଲା | ଜୟଶ୍ରୀ ମୁଦ୍ରା | ୩୧୦ |
| ଗୁଣ୍ଡୁଚର ଭୁଲ୍‌ଦୋଷ | ନୀଳମାଧବ ସାହୁ | ୩୧୧ |
| ଆ ଭିଜିବା ସାଥି ହୋଇ | ଅଜୟ କୁମାର ବେହେରା | ୩୧୫ |
| କୁନ ଲେଖକଟେ ହୋଇବି | ଶରତ ଚନ୍ଦ୍ର ଜାଲି | ୩୧୬ |
| ବରଷା ଆସିଛି | ଜଗଦୀଶ ସାହୁ | ୩୧୭ |
| କଥା ନ ମାନ ଡହରା | ନୂତନ କୁମାର ବେହେରା | ୩୧୮ |
| ହେବି ସୁନାପିଲା | ରାମ ଚନ୍ଦ୍ର ପ୍ରଧାନ | ୩୧୯ |
| ଟଗର ମନ୍ଦାର କଳ | ରୋହିତ ସେଠୀ | ୩୨୦ |
| ସୁନା ପିଲା ହେବୁ କରୁଛୁ ପଣ | ପୁଷ୍ପଲତା ବେହେରା | ୩୨୧ |
| 'କରିବା ଶପଥ' | ସତ୍ୟବ୍ରତ ସାହୁ | ୩୨୩ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୨୪ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୩୨୫ |

# ଅଜା ଚାଲିଗଲେ



ଶାନ୍ତିଲତା ମିଶ୍ର

ସାଇ ସାରା ସମସ୍ତେ ତାଙ୍କୁ ଅଜା ବୋଲି ଡାକୁଥିଲେ । ସେ କାହାର ଯେ ଅଜା ଥିଲେ କାହାକୁ ଜଣା ନଥିଲା । ବସ୍ତିର ଶେଷ ଘରଟା ଅଜାଙ୍କର । ବେଶ୍ ବିରାଟ ଘର, ଘର ପଛପଟେ ବିରାଟ ବାଡି । ଦେଖଣା ବେଖଣା ଅଭାବରୁ ଅରମା ହୋଇ ପଡିଛି । ଆଈ ଚାଲିଗଲାଣି ଅନେକ ଦିନରୁ । ଅଜା ନିଃସନ୍ତାନ ଥିଲେ ସତ କିନ୍ତୁ ଭିଷଣ କଞ୍ଜୁସ ଥିଲେ । କାହାକୁ କୁଟା ଖଣ୍ଡେ ଦବାକୁ ବି ଭଲ ପାଉ ନଥିଲେ । ଏବେ ଦିନକୁ ଦିନ ବୟସ ବଢିବା ସହିତ ଏକାକୀ ବୋଧଟା ଧିରେ ଧିରେ ବାଧୁଛି । ଅଜାଙ୍କର ପ୍ରକୃତି ଓ ବ୍ୟବହାରରେ ବି ଅନେକ ପରିବର୍ତ୍ତନ ଆସିଗଲାଣି ।

ଯାହାକୁ ବାଟରେ ଘାଟରେ ଦେଖା ହେଲେ ବା ପାଖରେ ପାଇଲେ ନିଜର ଦୁଃଖ କାହାଣୀ ଖୋଲି କହି ପକାନ୍ତି । ତାଙ୍କର ଆଗକୁ କେହି ନାହାଁନ୍ତି କି ପଛକୁ କେହି ନାହାଁନ୍ତି ସେ ମରିଗଲା ପରେ ଦି ଘଡି କାନ୍ଦିବା ପାଇଁ । ବିଭିନ୍ନ ଲୋକଙ୍କ ମାଧ୍ୟମ ଦେଇ ଏ କଥାଟା ରବି କାନରେ ପଡିଲା । ରବି ସେ ସାଇର ଯୁବ ଗୋଷ୍ଠିର ପ୍ରେସିଡେଣ୍ଟ ଥାଏ । ତାର କେବେଠୁ ଅଜାଙ୍କ ବାଡି ପଟ ଯାଗା ଉପରେ ନଜର ଥାଏ । ଅଜାକୁ ଯଦି କୌଣସି ଉପାୟରେ ରାଜି କରେଇ ସେ ଯାଗାଟା ହସ୍ତଗତ କରି ହୁଅନ୍ତା ତେବେ ସେମାନଙ୍କୁ କ୍ରିକେଟ ଖେଳବା ପାଇଁ ଭଲ ଯାଗାଟେ ମିଳ ଯାଆନ୍ତା । ସାଇ ବାହାରେ ତିନଟା ଯାଗା ଅଛି ଯୋଉଠି ସେମାନେ ଯାଇ ପ୍ରାକଟିସ୍ କରନ୍ତି । କିନ୍ତୁ ସେ ଯାଗା ଗୁଡିକ ଛୋଟ ଓ ଦୂରରେ । ମଶାଣୀ ଟା ଟିକେ ପାଖ ହୋଇ ଥିବାରୁ ଅନେକ ପିଲା ରାଜି ହୁଅନ୍ତିନି ସନ୍ଧ୍ୟା ବେଳେ ଯାଇ ସେଠି ଖେଳବାକୁ । ଆଗରୁ ଯୋଉଁମାନେ ପ୍ରେସିଡେଣ୍ଟ ଥିଲେ ଅଜାଙ୍କୁ ଏ ବିଷୟରେ ଅବଗତ କରେଇଥିଲେ କିନ୍ତୁ କିଛି ଫଳପ୍ରଦ ହୋଇ ପାରି ନଥିଲା । ଅଜା ଆଉ କିଛି ଦିନର ଅତିଥି ହୁଏତ ଏ ସଂସାରରେ କଣ କରିବେ ଏତେ ବଡ ଜାଗା ବାଡି ରଖି ! କିନ୍ତୁ ତାଙ୍କୁ ବୁଝେଇବ ବା କିଏ । ଅଜା ଏତେ ବଡ ଯାଗାଟା ଏତେ ସହଜରେ ପୁଣି ମାଗଣାରେ ଦେଇଦେବ ଏତେ ସହଜ ନଥିଲା କଥାଟା । ହେଲେ ସେତେବେଳର କଥା ଅଲଗା ଥିଲା କିନ୍ତୁ ଏବେ "କରୋନା'ଟା

ଆସି ସମସ୍ତଙ୍କୁ ଏମିତି ଡରେଇ ଦେଇଛି ଯେ ଶତ୍ରୁକୁ ବି ମିତ୍ର କରେଇ ଦଉଛି । ସମସ୍ତେ ଡରରେ ତଟସ୍ଥ । ଆଜି ପର ସାତପର ସମସ୍ତେ ଆପଣାର ଲାଗୁଛନ୍ତି ।

ଯୋଗକୁ ଅଜାଙ୍କର ସେଦିନ ରବି ସାଙ୍ଗରେ ବଜାରରେ ଦେଖା ହୋଇଗଲା । ମୁହଁରେ ମାସ୍କ ପିନ୍ଧି ଥିଲେ ବି ପରସ୍ପରକୁ ଚିହ୍ନିନେଲେ । କହୁ କହୁ ଅଜା ନଜର ସେଇ ଗୋଟିଏ ଦୁଃଖ ତାଙ୍କ ଅନ୍ତେ କେହି କାନ୍ଦିବାକୁ ନାହାଁନ୍ତି ବୋଲି କହିଲେ । ରବି ବି ବହୁତ ଆଶ୍ୱସନା ପୂର୍ଣ୍ଣ କଥା ଦ୍ୱାରା ଅଜାଙ୍କ ମନକୁ ଜିତିବାକୁ ଚେଷ୍ଟା କଲା । ଏହା ଏକ ବଡ ମୌକା ଛାଡିବା ଉଚତ୍ ନୁହେଁ ।

ରବି ଘରକୁ ଫେରିଲା ପରେ ତା ମୁଣ୍ଡର ହଠାତ ଏକ ବୁଦ୍ଧି ଯୁଟିଗଲା । ସବୁ ସାଙ୍ଗ ମାନଙ୍କୁ ମେସେଜ ଦ୍ୱାରା ଜଣେଇଦେଲା ଯେ "ସମସ୍ତେ ଯିଏ ଯେତେବେଳେ ଅଜାଙ୍କୁ ଦେଖିବ କହିବ.. ସେମାନେ ଥାଉ ଥାଉ ଅଜା ମୋଟେ ବି ବ୍ୟସ୍ତ ହେବା ଉଚତ ନୁହେଁ ତାଙ୍କ ଅନ୍ତେ ସେମାନେ ସମସ୍ତେ ତାଙ୍କ ପାଇଁ କାନ୍ଦିବେ ଆଉ ତାଙ୍କ ଅନ୍ତେଷ୍ଟି କ୍ରିୟା ବି କରିବେ, ଇତ୍ୟାଦି ଇତ୍ୟାଦି । ତାପରେ ମଉକା ଦେଖି ସେ ଅଜାଙ୍କୁ ତାଙ୍କ ବାଡିଟି ସେମାନଙ୍କ ଖେଳବା ପାଇଁ ଦବାକୁ କହିବ । ସେ ମଲାପରେ କଣ ସତରେ ସେ ଆସି ଦେଖିବେ କିଏ ତାଙ୍କ ପାଇଁ କାନ୍ଦିଲା ନା ନାହିଁ କନ୍ତୁ ଏତିକ ପଦେ ସାନ୍ତ୍ୱନାରେ ଯଦି ତାଙ୍କ କାମ ହେଇଯିବ । ସେମାନେ ଭଲ ଯାଗାଟେ ପାଇଯିବେ ତେବେ କ୍ଷତି କଣ ! ଖେଳ ପ୍ରାକ୍‌ଟିସ୍ କରିବାକୁ ସେମାନଙ୍କୁ ବହୁତ ସୁବିଧା ହୋଇଯିବ । ସେମାନେ ଆସନ୍ତା ବର୍ଷ ରଥସାହିର ପିଲା ମାନଙ୍କ ସହିତ ଖେଳବାର ସୁଯୋଗ ପାଇବେ । ସେମାନେ ନିଜକୁ ବହୁତ ବଡ ଖେଳାଳୀ ବୋଲି ଭାବନ୍ତି । ଏମାନଙ୍କୁ ତାଙ୍କ ସମକକ୍ଷ ଭାବନ୍ତିନ ।

ତା ପର ଦିନ ରବି କିଛି କାକୁଡି ଧରି ଅଜାଙ୍କ ସହିତ ବନ୍ଧୁତ୍ୱ କରିବା ଆଶା ନେଇ ଓ ଘର ପଛର ଜାଗାଟିକୁ ଅକ୍ତିଆର କରିବା ପାଇଁ ତାଙ୍କ ଘରେ ଯାଇ ହାଜର । ତାର ସନ୍ଦେହ ଥିଲା ପିଲା ମାନଙ୍କ ହୋ ହଲା ପାଟି ତୁଣ୍ଡକୁ କଣ ଅଜା ବୁଢା ବରଦାସ୍ତ କରିପାରିବ ଏ ବୟସରେ। ଦେଖାଯାଉ କଣ ହଉଛି ! ସେଦିନ ବି ଅଜା କହୁ କହୁ ତାଙ୍କ ମନର ଦୁଃଖ ଟି ଖୋଲି କହିଲେ ସେହି ଏକା କଥା ତାଙ୍କ ଗଲାପରେ କେହି କାନ୍ଦିବାକୁ ନାହାଁନ୍ତି । ରବି ସଙ୍ଗେସଙ୍ଗେ କହି ପକାଇଲା "କାହିଁ ବ୍ୟସ୍ତ ହଉଛନ୍ତି ଏ ସାହିରେ ଯେତକ ଟୋକା ଅଛନ୍ତି ସମସ୍ତେ ତୁମର ନାତି ସମାନ, ଆମେ ଥାଉ ଥାଉ ତମର କେବେ ଅବହେଳା ହେବ ନାହିଁ । ଆମେ ତୁମ ପାଇଁ କାନ୍ଦିବୁନ ତ କିଏ କାନ୍ଦିବ ! ତୁମ ଶବ ସତ୍କାରଠୁ ଆରମ୍ଭ କରି ସୁଦ୍ଧିକ୍ରିୟା ସବୁ କରିଦବୁ ।"

ଅଜା ଖୁସି ହୋଇଗଲେ କହିଲେ "ସତରେ ତୁମେ ମାନେ ସବୁ କରିଦେବ ! ମୁଁ ଭାବିଥିଲି ତୁମେ ସବୁ ଗୁଡାଏ ବାଲୁଙ୍ଗା ଟୋକା ବୋଲି କୋଉ କାମକୁ ନୁହଁ, ଗୁଡାଏ ଅପଦାର୍ଥ ବୋଲି। ଯାହା ବି ହେଉ ଖୁସି ଲାଗିଲା ତୁମ ମାନଙ୍କ କଥା ଶୁଣି ।" ଧିରେ ଧିରେ ଅଜାଙ୍କର ବିଶ୍ୱାସ ଭାଜନ ହୋଇଗଲା ପରେ ରବି ତା ମନ କଥା କହିଥିଲା । ଅଜା କିଛି ସମୟ ଭାବି ସାରିଲା ପରେ ହଁ କରିଦେଲେ । ପିଲା ମାନଙ୍କର ଛକା ଚଉକା ଦେଖେ କିଏ !

ଭାବୁଥିଲେ ବୁଢା ଅରାଜି ହେବ ବୋଲି । ଅରାଜି ଦୂରେ ଥାଉ ବୁଢା ସବୁଦିନେ ମାସ୍କ ଟାଏ ପିନ୍ଧି ଆସି ଚଉକ ଟାଏ ପକେଇ ବାଡି ପଟେ ଦୂରରୁ ପିଲା ମାନଙ୍କ ଖେଳ ଦେଖେ । ବାସ୍ତବରେ ସେ ଦିନ ସାରିଟା ବେଳକୁ ଅପେକ୍ଷା କରି ଥାନ୍ତି ପିଲା ମାନଙ୍କ ଆସିବା ପାଇଁ । ସେତିକି ନୁହେଁ "ମହେଶ' ତାଙ୍କ ପାଇଁ କାମ କରୁଥିବା ଲୋକକୁ କହି ଅଦା ତେଜପତ୍ର ଦିଆ ଚା କରି ମସଲା ମୁଢି ମଧ୍ୟ ତିଆରି କରି  ରଖିଥାଆନ୍ତି ପିଲା ମାନଙ୍କ ପାଇଁ । ପିଲା ମାନେ ଆସି ବାଡିରେ ଖେଳିବା ଦିନରୁ ଅଜାଙ୍କୁ ଆଉ ଏକୁଟିଆ ଲାଗୁନ । ଯାଉଣୁ ଆସୁଣୁ ପିଲାମାନେ ଦେଖିଲା ମାତ୍ରେ ଅଜା ନମସ୍କାର ତା ପରେ ଟିକେ ଗପସପ ।

ଦି ମାସ ପରେ ହଠାତ ଅଜା କରୋନାରେ ନୁହେଁ ହାର୍ଟ ଆର୍ଟାକରେ ଚାଲିଗଲେ । ପ୍ରଥମେ ସମସ୍ତେ ଭାବିଥିଲେ ହୁଏତ କରୋନା କେହି ପାଖକୁ ଯିବାକୁ ରାଜି ହେଲେ ନାହିଁ । କିନ୍ତୁ ନା ଡାକ୍ତର ବାବୁ ମନା କଲେ । କହିଲେ ଏହା କରୋନା ନୁହେଁ । ତେଣୁ ପିଲାମାନେ ପାଖକୁ ଆସି ପୂର୍ବ କହିଥିବା ସର୍ତ ଅନୁସାରେ ଶବ ସତ୍କାର ଠାରୁ ଆରମ୍ଭ କରି ଶୁଦ୍ଧି କାମ ପର୍ଯ୍ୟନ୍ତ ସବୁ କରିଥିଲେ । କିନ୍ତୁ ସେଦିନ କେହି ମିଛି ମିଛିକା ନୁହେଁ ସତ ସତକିଆ କାନ୍ଦିଥିଲେ ଅଜାଙ୍କ ପାଇଁ ।

କାରଣ ଅଜା ତାଙ୍କ ଘରଟି ପିଲା ମାନଙ୍କ କ୍ଲବ ଘର ପାଇଁ ଓ ବାଡିଟି କ୍ରିକେଟ ଖେଳ ପାଇଁ ଏକ କାଗଜରେ ସ୍ୱାକ୍ଷର କରି ଦେଇ ଯାଇଥିଲେ । କେହି ଭାବି ନଥିଲେ ଅଜା ବୁଢା ଏପରି ଭାବେ ସର୍ବସ୍ୱ ତାର ଦାନ କରି ଦେଇ ଯିବ ବୋଲି । ଟିକିଏ ସ୍ନେହ ଶ୍ରଦ୍ଧା ଆତ୍ମୀୟତା ଭାବ ମଣିଷକୁ ମହମ ପରି ତରଳାଇ ଦେଇ ପାରେ । ତୁଳା ପରି ନରମ କରି ଦେଇ ପାରେ । ତାକୁ କେତେ ଆତ୍ମତୃପ୍ତି ଦେଇପାରେ । ପିଲାମାନେ ବି ଅଜାଙ୍କ ନାମ ଅନୁସାରେ ତାଙ୍କ କ୍ଲବ ଘରର ନାମ ଓ କ୍ରିକେଟ ଟିମ୍‌ର ନାମ "ଅଜା ବିଶ୍ୱନାଥ" ବୋଲି ରଖି ଥିଲେ । ଯାହା ହଉ ଏ କରୋନା ଯଦିଓ ଏକ ବିରାଟ ଅଭିଶାପ ସମସ୍ତଙ୍କ  ପାଇଁ, ସେମାନଙ୍କ ପାଇଁ ଟିକେ ଆର୍ଶିବାଦ କିନ୍ତୁ ଢାଳ ଦେଇଗଲା ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ଗୃହବନ୍ଦୀରେ ଅତୀତ



ଶୈଳଜା ମିଶ୍ର

ମୁଁ ହଜିଗଲି;
ମୁଁ ଯେ କେବଳ ହଜିନାହିଁ
ମୋ ସହିତ ହଜିଗଲା୍-ମୋ ଅତୀତ,
ସେମାନେ ମଧ୍ୟ ହଜିଗଲେ
ସେ ପ୍ରତିଜ୍ଞାବଦ୍ଧ ସାଥୀ
ସେମାନଙ୍କର ଆପଣାପଣ,
ସେ ମାନ ପୁଣି ସେ ଅଭିମାନ
ତା ସହିତ ସେ ସମ୍ପର୍କ
ମୁଁ ହଜିଗଲି; ତା ସହିତ ହଜିଗଲା୍ ମୋ ଅତୀତ ।
ପୁଣି କ୍ୟାପିଟାଲ୍ "ଲ" କଲେଜ୍
ସି:ଆର୍;ପି;ଏଫ ଛକ, କଲେଜ ଲାଇବ୍ରେରି,
ଓ
ସେ କଲେଜ କ୍ୟାମ୍ପସ୍,
ଆଲୁଦମ୍ ଦହିବରା୍, ସେ ହନୁମାନ ମଣ୍ଡପ
ଇଲେକ୍ସନର ସରଗରମ ବାତାବରଣ
ଆଉ ପରୀକ୍ଷା ବେଳର ଦୃଶ୍ୟ ।
ମୁଁ ହଜିଗଲି; ମୋ ସହିତ ହଜିଗଲା୍ ମୋ ଅତୀତ ।
ଲେକ୍ଚର୍ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ମୁଚୁକୁନ୍ଦ ହସ,
ନନ୍ଦିନୀ ମ୍ୟାମଙ୍କ କଡା ସମାଲୋଚନାକୁ,
ସଂଯୁକ୍ତା ଓ ସ୍ମିତା ମ୍ୟାମଙ୍କ ମିଶାଣିଆ ଚରିତ୍ର ।
ହଜିଗଲା୍ ସେ ସୁଖ ହଜିଗଲା୍ ମଧ୍ୟ ସେ ଶୋକ ।

ସମାପ୍ତ ହୋଇଥିବା ସେ ଅସମାପ୍ତ ଜୀବନର ।
ସହପାଠୀ କାହ୍ନୁଙ୍କ ମୃତ୍ୟୁ!
ତା ସହ ହଜିଗଲା ସେ ଅତୀତ ।
ଶବ୍ଦ ଜାଲରେ ବାନ୍ଧି ରଖିପାରୁଥିବା
ଜଣେ ଅମାୟୀକ ବ୍ୟକ୍ତିତ୍ୱ ବିଗ୍ଧରପତି ସିନୟର ଜୟପ୍ରକାଶ ନାୟକ ।
ଅବା ଚରିତ୍ର ମାନଙ୍କୁ ସାଉଁଟୁ ସାହୁଁଟୁ
ମନେପଡେ ସେମାନଙ୍କ ସ୍ୱର୍ଶକାତର ସହଯୋଗ,
ମଦନ ମୋହନ କମ୍ପା ପ୍ରଜ୍ଞା ପଟ୍ଟନାୟକ ।
ମୁଁ ହଜିଗଲି; ତା ସହିତ ହଜିଗ୍ଲା ମୋ ଅତୀତ ।
ସବୁଠାରୁ ବେଶୀ ମହତ୍ତ୍ୱ
ସେ ସାଙ୍ଗମାନଙ୍କ ସହିତ ଖଟି,
କମ୍ପା
ଇତିଶ୍ରୀ ମହାନ୍ତିଙ୍କ ସହିତ ମୋ ସାଥୀ
ମନେପଡେ: ଖାଲି ମନେ ପଡେ ଆଜି ସେ ଅତୀତ,
ଆଗକୁ ତ ପାରିନ ବଢି, କାହିଁକ କହିଲି ମିଛ ।
ତମ ଭଳ ଦି ପାଦ ଆଗକୁ ମଧ ଯାଇନ
ବର୍ତ୍ତମାନ ମଧ ମୁଁ ସଂଘର୍ଷରତ ।
ମୁଁ କେବଳ ହଜିନାହିଁ; ମୋ ସହ ହଜିଗଲା ମୋ ଅତୀତ ।
ବେଳେବେଳେ ଖୁବ୍ ମନେହୁଏ;
ଫେରିଯାଆନ୍ତି କ ସେ ଦୂର ଅତୀତ!

# ପୁଣି ବର୍ଷା !



ବିକାଶ କୁମାର ମଲ୍ଲୀକ

ଆଖିରେ ନଦ ନାହିଁ,
ଅଧା ରାତିରେ କଏ ବା ଆସିବ?
ସ୍ୱପ୍ନ ଛଡା? ବାସ୍ତବ ତ ଶୁଖା ପରି!
ମୋ କବାଟ ଏବେବି ଖୋଲା,
ବାହାରେ ଝିପି ଝିପି ଟପ ଟପ,
ଝର୍କାର କାଚରେ ବିନ୍ଦୁ ବିନ୍ଦୁ ଅତୀତ,
ଅନେକ ଅଭୁଲା ଦିନ, ଗଭୀର ରାତିରେ,
ସମୟ ସବୁ ବର୍ଷା ହୋଇ ପୁଣି ଝରିପଡନ୍ତି,
ଆବେଗରେ ଜଣା ପଡେ ତମେ ଆସିଛ,
ସାଥି ହୋଇ ଗପ କରିବାକୁ!

ଏ ବର୍ଷ ଅନେକ ମୌସୁମୀ
ମେଘ ମାଳ ସାଥେ, ଝୁଙ୍କି ପଡୁଛନ୍ତି,
ଠିକ ଝର୍କାର ସେପାଖେ ବିନ୍ଦୁ ପରି,
ଅନେକ ଦୂରରୁ ବିତିଥିବା ଅନେକ ଅତୀତ,
ପୁଣି ମନେ ପଡେ ଯେବେ ବର୍ଷା,
ଖୁବ ଜୋରରେ ଭିଜେଇ ଦିଏ ରାତି ଅଧରେ!

ପ୍ରେମ ସବୁବେଳେ ବର୍ଷା ପରି,
ବାହାରେ ଭିଜି ହିଁ ଅନୁଭବୀ ହୁଏ,
ବାହାରୁ, ବର୍ଷା କୁ ଦୂରରୁ ଦେଖି ହୁଏ,
ଏ ଜୀବନ ବର୍ଷା ବିନା, ଶୁଷ୍କ ମରୁବାଲି,
ବର୍ଷାରେ ଭିଜିବା ପାଇଁ, ମନ ଦୌଡ଼ି ଯାଏ,

ତୁମ ଅନୁଭବ ହିଁ,
ବର୍ଷା ହୋଇ ଝରି ପଡେ ଛାତ ତଳେ,
ବେଳେ ବେଳେ ବିନା ଶବ୍ଦରେ!
ବର୍ଷା ଋତୁରେ, ଖୁବ ଏକଲା ଲାଗେ,
ବେଳେ ବେଳେ କଳା ମେଘ ପରି,
ଅତୀତ ଲୁଚ ଯାଏ, ଖୁବ ଦୂରରେ,
ଛାତରେ ବର୍ଷା କାଟୁଥିଲେ,
ଅସ୍ତ୍ୟ ବ୍ୟସ୍ତ ଅସଜଡ଼ା ଅନୁଭବ,
ଜୀବନର ରଙ୍ଗକୁ ଫିକା କରିଦିଏ,
ତଥାପି ବର୍ଷା ଆଉ ବର୍ଷା ର ଅନୁଭବ,
ପିଲା ଦିନ ଚ୍ଚୋର ପୋଲିସ ଖେଳ ପରି,
ଛତା ତଳ ଅନୁଭବ ପରି,
ତମ ସହ ବିତି ଥିବା ବିନ୍ଦୁ ବିନ୍ଦୁ ମୁହୂର୍ତ ପରି,
ଝରି ପଡେ ମନ ଅଗଣାରେ!

ବେଳେ ବେଳେ ଖୁବ ଜୋରରେ,
ବର୍ଷା ତମେ ଏମିତି ଆସୁଥାଅ,
ତମ ଶବ୍ଦ ବିନା, ଜୀବନରେ ସ୍ୱର କାହିଁ,
ତମେ ହିଁ ତ ବିନା ସର୍ତ୍ତରେ,
ବାର ବାର ଆସି, ମୋ ଭିତରକୁ ଛୁଇଁ ଯାଅ,
ତମେ ଭିଜିଲେ ହିଁ ବର୍ଷା ଆସେ,
ସବୁ ଥର ଆସ, ରିମ ଝିମ ଶବ୍ଦରେ,
ଗ୍ରତି ଅଧରେ ଏମିତି,
ବର୍ଷି ଯାଅ ମୋ ଆବେଗର ସାତସୁର ହୋଇ !

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ,
ଭାରତ ସରକାର, ନୂଆ ଦିଲ୍ଲୀ



# ଅବସର

ଭାସ୍କର ଚନ୍ଦ୍ର ଖଣ୍ଡା

ଚାହିଁ ରହିଥିଲି ପଶ୍ଚିମାକାଶକୁ
ଦୂର ପାହାଡ଼ର ଉହାଡ଼ରେ
ନଇଁ ନଇଁ ଯାଉଥିଲା ସୂରୁଜଙ୍କ ରକ୍ତିମ ଆଭା
ମନେ ହେଉଥିଲା ଏକ
ସୁନ୍ଦର ପରିତୃପ୍ତିର ଆଭାସ |୧|

ଦେଖିବାର ଇଚ୍ଛାଥିଲା
ଏକ ସୁନ୍ଦର ପୃଥିବୀ
ସତେ ଅବା କରିଛି ପ୍ରତୀକ୍ଷା
ସେଇ ପାହାଡ଼ର ଉହାଡରେ |୨|

ପୂରିବାକୁ ବସିଲାଣି ଷାଠିଏ ବରଷ
ଚାଲି ଚାଲି ଅଂକା ବଂକା ପଥ
ସାଉଁଟିଛି କେତେ ସ୍ମୃତି
ଓଲଟାଇଛି ଫର୍ଦ୍ଦ ପରେ ଫର୍ଦ୍ଦ
ଜୀବନର ପୁସ୍ତକ
ବାକି ଅଛି ଆଉ କଛି ପୃଷ୍ଠା
ଯିବ ସିଏବି ଓଲଟି
ଦେଖିନେବ ତାକୁବି ଆଖି ପୂରାଇ
ନେବାକୁ ଯାଉଛି ସେ ନବୃତ୍ତି
ଚାକରି ଜୀବନରୁ ଅବସର |୩|

ଭାବିଛି ଉପଭୋଗ କରିବ ତାକୁ
ଗ୍ରହଣ କରିବ ଶାନ୍ତିରେ ପ୍ରଶ୍ୱାସ
ଦେଖିବ ଅଣଦେଖା କରିଥିବା ପ୍ରିୟଜନଙ୍କୁ
ପରିବାର ବନ୍ଧୁ ସହୋଦର ସଭିଙ୍କୁ |୪|

ଏଇତ ସଂସାର
ଲାଗେ ତାକୁ ଅଢେଇ ଦିନ ପରି
ସରିଗଲା କେତେବେଳେ ଚାକରି
କହିଦେଇଗଲା ଅଜାଣତରେ
ଫୁସ୍ ଫୁସ୍ ହୋଇ
କାନ ପାଖେ ଧିରେ ଧିରେ
ଆସିଗଲା ସମୟ ତୋର
ନେଉଛୁ ଆଜି ତୁ ଚାକରିରୁ ଅବସର
ଆସିଛୁ ଏ ରଂଗ ମଞ୍ଚକୁ
ତୋ ଅଭିନୟର ଯବନକା ପରେ
ଟଣା ହୋଇଯିବ ଲମ୍ବା ପରଦାଟି
ସେତେବେଳେ ନେବାକୁ ହେବ ତୋତେ
ଏ ରଂଗମଂଚରୁ ସମ୍ପୂର୍ଣ୍ଣ ଅବସର |୫|

ବିବର୍ତ୍ତମାନ ଏଇ ପୃଥିବୀରେ
ଆରମ୍ଭର ଶେଷ ଆସେ
ଉଦୟର ଅସ୍ତ ହୁଏ
ମାଡି ଆସିଥିବା ଜୁଆର
ଅପସରି ଯାଏ ଭଟ୍ଟାରେ
ରହେ ନାହିଁ ପଦ ପଦବୀର ମର୍ଯ୍ୟାଦା
ହେଲେ ରହିଯାଏ ସବୁଦିନ ପାଇଁ
ତା'ର ବ୍ୟକ୍ତିତ୍ୱର ଛିଟା
ହୁଏ ନାହିଁ ତା'ର କେବେ ଅବସର |୬|

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ଆଶା ଆଶଙ୍କାର ରଥଯାତ୍ରା



ଡକ୍ଟର ବିଜ୍ଞାନୀ ଦାସ

କଣ ନହେଲା ମ ? ଗୋଟିଏ ଦିନରେ ସବୁ କିଛି ଓଲଟପାଲଟ | ଏଇତ ଦୁଇଦିନ ତଳେ ଚାରିଆଡେ ଚହଳ ପଡିଗଲା, "ଏବର୍ଷ ଆଉ ପୁରୀରେ ରଥଯାତ୍ରା ହେବ ନାହିଁ । ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଛି - କରୋନା ଆତଙ୍କ ପାଇଁ ଏବର୍ଷ ରଥଯାତ୍ରା ପାଇଁ ଅନୁମତି ମିଳବ ନାହିଁ ।" ହ୍ଵାଟ୍ସ୍ଆପରେ ଗଦାଗଦା ବାର୍ତ୍ତା । ସାରା ବିଶ୍ୱରେ ରହିଥିବା ଜଗନ୍ନାଥଙ୍କର ସମସ୍ତ ଭକ୍ତଗଣଙ୍କ ମଧ୍ୟରେ ଚହଳ ପଡିଗଲା । ସତରେ କଣ ଜଗନ୍ନାଥ ଏମିତି କରିବେ ? ତାଙ୍କ ରଥଯାତ୍ରା ବି ନିଜେ ଏମିତି ବନ୍ଦ କରିବେ ? ତାହେଲେ ଗଢା ହୋଇଥିବା ରଥର କଣ ହେବ ? କରୋନା ଭୂତାଣୁ ପାଇଁ ଠାକୁରଙ୍କର ଯଦି ଏମିତି ଅବସ୍ଥା, ତେବେ ଆମକୁ ଉଦ୍ଧାର କିଏ କରିବ ? ଏମିତି ଆଶା, ଆଶଙ୍କା ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟକୁ ଏ ବିଷୟରେ ପୁନର୍ବିଚାର ନିମନ୍ତେ ନିବେଦନ ଗଲା, ଆଉ ରଥଯାତ୍ରା ପାଇଁ ଅନୁମତି ବି ଆସିଗଲା । ସୋମାର ମନ ବି ଖୁସି ହୋଇଗଲା । "ରାତି ଅନିଦ୍ରା ହେଲେ ହେବି ପଛେ, ଏଥର ମୁଁ ଟିଭିରେ ରଥଯାତ୍ରାର ସିଧା ପ୍ରସାରଣ ଦେଖିବି ।"

ଆଜି ଓଡିଶାରେ ଜୁନ୍ ୨୩ ତାରିଖ । ପବିତ୍ର ରଥଯାତ୍ରାର ତିଥି । ଟିଭିରେ ପୁରୀ ରଥଯାତ୍ରାର ସିଧା ପ୍ରସାରଣ କରାଯାଉଥିଲା । କୋଭିଡ୍-୧୯ ପାଇଁ ଏବର୍ଷ ରଥଯାତ୍ରା ଭକ୍ତଙ୍କ ଗହଳଚହଳ ବିନା ହେଉଥିଲା । କେବଳ ୧୫୦୦ ସେବାୟତଙ୍କୁ ନେଇ ରଥଯାତ୍ରାର ସମସ୍ତ ବିଧି ଚାଲିଥିଲା । ସେତେବେଳକୁ ମେରୀଲାଣ୍ଡ ସମୟରେ ଜୁନ୍ ୨୨ ତାରିଖ ରାତି ସାଢେ ନଟା ବାଜିଥିଲା । ସୋମା ସୋଫା ଉପରେ ବସି ପହଣ୍ଡି ଦେଖିଲା । ତାପରେ କେତେବେଳେ ନିଦ ହୋଇଯାଇଛି ଜଣାପଡିନି । ରାତି ଦୁଇଟା ବେଳକୁ ନିଦ ଭାଙ୍ଗିଗଲା । ସେତେବେଳେ ପ୍ରଭୁ ବଳଦେବଙ୍କର ରଥ ଟଣା ଆରମ୍ଭ ହୋଇ ସାରିଥିଲା । କିଛି ସମୟ ରଥଟଣା ଦେଖି ସୋମା ଗଲା ଡିସ୍‌ୱାସର୍‌ରୁ ଗୋଟିଏ ବ୍ୟାଚ୍ ସଫା ବାସନପତ୍ର ବାହାର କରି ଆଉ ଗୋଟିଏ ବ୍ୟାଚ୍ ଅସନା ବାସନ ଭର୍ତ୍ତି କରିବାକୁ । ସେଇ ଅବସରରେ ସିଏ ରୋଷେଇଘର ପୁରା ସଫା

କରିଦେଲା । ଉଦ୍ଦେଶ୍ୟ ହେଲା ସକାଳେ ଗାଧୋଇସାରି ଠାକୁରଙ୍କ ପାଇଁ କିଛି ଭୋଗ ତିଆରି କରିବା । ଏମିତିରେ ଘଣ୍ଟାଟିଏ ହୋଇଗଲା ଓ ସୁଭଦ୍ରାଙ୍କ ରଥଚାଲିବା ଆରମ୍ଭ ହେଲା । ସେଇଭଳି ନିୟମ ରଖି ସୁପ୍ରିମକୋର୍ଟ ରଥଯାତ୍ରା ପାଇଁ ଅନୁମତି ଦେଇଥିଲା । ଗୋଟିଏ ରଥ ବାହାରିବାର ଏକଘଣ୍ଟା ପରେ ଯାଇ ଦ୍ୱିତୀୟ ରଥ ବାହାରିବ ।

ଘଣ୍ଟାରେ ସାଢେ ତିନି ବାଜିଲା । ଝିଅ ଦୁଇଜଣ ମନ ଓ ସୋନଙ୍କର ଆଜି ଭୋରୁଭୋରୁ ନିୟୁର୍କ ଯିବାର ଅଛି । ସୋମା ଝିଅ ଦୁହିଁଙ୍କୁ ଉଠେଇଦେବାକୁ ଉପର ମହଲାକୁ ଗଲା । ଝିଅମାନେ ସେତେବେଳକୁ ଉଠିସାରିଥିଲେ । ସେମାନଙ୍କର ସକାଳ ଚାରିଟାରେ ନିୟୁର୍କ ନିମନ୍ତେ ବାହାରିବାର ଥିଲା । ସେମାନେ ପ୍ରସ୍ତୁତ ହୋଇ ତିନିଟା ପଚାଶ ବେଳକୁ ତଳକୁ ଆସିଗଲେ । ଚାରିଟା ବେଳକୁ କାର ଭିତରେ ସମସ୍ତ ଲଗେଜ୍ ରଖି ଗାଡି ଷ୍ଟାର୍ଟ କରିବାବେଳକୁ ଇଞ୍ଜିନ୍ ଆଉ ଷ୍ଟାର୍ଟ ହେଲାନି । ସେମାନେ ଆଉ କଣ କରିବେ । ମଝିଆଁ ଝିଅର ନିଜ କାର୍‌ଟିରେ ସମସ୍ୟା ଦେଖାଦେଇଥିଲା । ସେଥିପାଇଁ ସିଏ ସୋମାର କାର୍‌ଟି ନେବାକୁ ଚାହିଁଥିଲା ଯେ, ଇଞ୍ଜିନ୍‌ର ଏଭଳି ସମସ୍ୟା । କଣ କରିବେ ତେବେ ? ପିଲାମାନେ ପ୍ରଥମେ ଭାବିଥିଲେ ବାପାଙ୍କୁ ନିଦରୁ ନ ଉଠାଇ ଚାଲିଯିବେ । ହେଲେ ଏ ସମୟରେ ବାପାଙ୍କର ସାହାଯ୍ୟ ନିହାତି ଦରକାର । ସୋମା ତେଣୁ ଯାଇ ସୁମନ୍ତଙ୍କୁ ନିଦରୁ ଉଠାଇଲା । ସୁମନ୍ତ ଉଠିଆସି କାର୍ ଜାଞ୍ଚ କଲେ । ବ୍ୟାଟେରି ସମସ୍ୟା ଥିଲା । ତେଣୁ ସେ ପିଲାମାନଙ୍କୁ କହିଲେ, "ତମେ ଦୁଇଜଣ ଭ୍ୟାନ୍‌ଟିକୁ ନେଇ ଚାଲିଯାଅ । ମୁଁ କାର କଥା ପରେ ଚେକ୍ କରି ଦେଖିବି ।" ଏମିତି କହି ସିଏ ଭ୍ୟାନ୍ ରେ ଇଞ୍ଜିନ ତେଲ ଭର୍ତ୍ତିକଲେ । ତାପରେ ସେ ତେଲ ଭ୍ୟାନ୍ ଭିତରେ ରଖି ମନକୁ କହିଲେ, "ଏ ତେଲ ତୋ ପାଖରେ ରଖିଥା । ତମେମାନେ ଫେରିବା ବେଳକୁ ଯଦି କିଛି ଇଞ୍ଜିନ୍ ସମସ୍ୟା ହୁଏ, ତେବେ ତେଲ ଭର୍ତ୍ତି କରିଦେବ ।" ପିଲାମାନେ ଭ୍ୟାନ୍ ଚଲେଇ ବାହାରିଗଲେ । ସୁମନ୍ତ ଉପର ମହଲାକୁ ଶୋଇବାକୁ ଗଲେ । ସେତେବେଳକୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା ଆରମ୍ଭ ହୋଇଯାଇଥିଲା । ସୋମା କିଛି ସମୟ ସେ ରଥଟଣା ଦେଖିଲା ଓ ତାପରେ ଶୋଇବାକୁ ଉପର ମହଲାକୁ ଗଲା । ସେତିକି ବେଳେ ସାନଝିଅ ସୋନ ଫୋନ୍ କଲା, "ଆମେମାନେ ଘରକୁ ଫେରୁଛୁ । ମନଅପା ତା ସ୍କୁଲ୍‌ର ଡାଇରେକ୍‌ଟର୍ ସହିତ ଯୋଗାଯୋଗ କରି ତା କ୍ଲାସ୍‌ରୁମ୍‌ର ସରଞ୍ଜାମ ଆଣିବାକୁ ଆଉ ଗୋଟିଏ ଦିନ ସମୟ ରଖିବ । ଆଜି ତ ବାହାରୁ ବାହାରୁ ଘଣ୍ଟାଟିଏ ଡେରିହେଲାଣି । ତାପରେ ଏ ଭଙ୍ଗାଗାଡିକୁ ନେଇ ଯିବାକୁ ଭଲଲାଗୁନି । ବାଟରେ ନିଶ୍ଚୟ ଖରାପ ହୋଇଯିବ ।"

ଝିଅମାନେ ଫେରିଆସିଲେ । ସୋମା ଆସି କବାଟ ଖୋଲିଲା । ସେମାନେ ଘରଭିତରକୁ ଆସିବା ପରେ ସୋମା କିଛି ସମୟ ଶୋଇବାକୁ ଗଲା । ସେତେବେଳକୁ ସକାଳ ପାଞ୍ଚଟା । ସୋମାର ନିଦ ଭାଙ୍ଗୁଭାଙ୍ଗୁ ସାଢେ ଆଠ । ନିତ୍ୟକର୍ମ ସାରି ଗାଧୋଉଥିବା ସମୟରେ ସୁମନ୍ତ ଆସି କହିଲେ, "ମୁଁ ଏବେ ମନ୍ଦିର ଯାଉଛି । ରଥର କିଛି କାମ ବାକି ରହିଯାଇଛି ।"

ସୋମା କହିଲା, "ତେବେ ମୁଁ ମଧ ମନ୍ଦିର ଯିବାକୁ ଭାବିଛି । କିଛି ଭୋଗ ତିଆରି କରିଦେବି ଓ ଠାକୁରଙ୍କୁ ଭୋଗ ଅର୍ପଣ କରିବା ।"

ସୋମା ଗାଧୋଇ ସାରି ଭୋଗ ପାଇଁ ସୁଜି ହାଲୁଆ ତିଆରି କଲା । ସୁମନ୍ତ ଆଗେ ପଳେଇଗଲେ । ସୋମା ହାଲୁଆ ତିଆରି କରିସାରି ଶାଢୀ ପିନ୍ଧି ଫୁଲ, ତୁଳସୀ ଓ ଭୋଗ ନେଇ ମନ୍ଦିରକୁ ଗଲା । ସେତେବେଳକୁ ମନ୍ଦିରରେ କେହି ନଥିଲେ । ସୋମା ଯଦିଓ ମୁଖା ପାଖରେ ରଖିଥିଲା ଓ ଅନ୍ୟ କେହି ଆସିଲେ ମୁହଁରେ ମୁଖା ଲଗେଇଦେବାକୁ ଭାବିଥିଲା, ହେଲେ କାହାକୁ ନଦେଖି ବିନା ମୁଖାରେ ରହିଲା । ସୁମନ୍ତ ଠାକୁରଙ୍କ ପାଖରେ ମଙ୍ଗଳ ଆଳତୀ କଲେ । ତାପରେ ଫୁଲ, ତୁଳସୀ ଦେଇ ଭୋଗ ଲଗେଇଲେ । ସୋମା ଜଗନ୍ନାଥ ଅଷ୍ଟକମ୍ ଗାଇଲା ଓ ଅନ୍ୟ କେତୋଟି ଭଜନ ଗାଇଲା । ଏହି ସମୟରେ ନନ୍ଦିତା ଆସି ପହଞ୍ଚିଲା । ସିଏ ଭରଜିନଆରୁ ଆସିଥିଲା । ସିଏ ବି କିଛି ରସଗୋଲା ଆଣିଥିଲା । ତାକୁ ଦେଖି ସୋମାକୁ ନର୍ଭସ୍ ଲାଗିଲା । ଏବେ ତାହେଲେ ମୁଖା ପିନ୍ଧିବାକୁ ପଡିବ । ହେଲେ ନନ୍ଦିତା ଠାକୁରଙ୍କ ଘରୁ ବାହାରିଗଲା ଓ ରୋଷେଇଘରକୁ ଚାଲିଗଲା । ଭଜନ ଶେଷକରି, ଭୋଗ ଧରି ସୋମା ଘରକୁ ଫେରିଆସିଲା ।

ଝିଅ ଦୁଇଜଣ ସେତେବେଳକୁ ଗାଡି କଂପାନୀର ଗୃହପୃଷ୍ଠା ସବୁ ଖୋଜାଖୋଜି କରୁଥିଲେ ଓ ଗୋଟିଏ ଗାଡି ରେଣ୍ଟ କରି ନ୍ୟୁୟର୍କ ଯିବାକୁ ଚିନ୍ତା କରୁଥିଲେ । ସୋମା ପଚାରିଲା, "ମନ କଣ ତା' ସ୍କୁଲ୍‌ର ଡାଇରେକ୍ଟର୍ ସହିତ କଥା ହୋଇ ଆଉ ଗୋଟିଏ ଦିନ ତାରିଖ ନେଇସାରିଲାଣି?"

ସୋନ ଉତ୍ତରଦେଲା, "ନାଁ, ସିଏ ଏବେ ସେ ଡାଇରେକ୍ଟର୍ ସହିତ ଯୋଗାଯୋଗ କରୁଛି।"

ସୋମା ପରାମର୍ଶ ଦେଲା, "ତାହେଲେ ସିଏ ଯୋଗାଯୋଗ କରି ସ୍ଥିର କରିସାରୁ । ତାପରେ ତମେମାନେଗାଡି ରେଣ୍ଟ କରିବା କଥା ଭାବିବ ।"

ସୋନ କହିଲା, "ଆମେ ସେଇଆ ହିଁ କରିବୁ ।"

ସୋମା ନିଜ ଅଫିସ୍ କାମ ଆରମ୍ଭକଲା । ସେଇ କାମ କରିବା ଭିତରେ ହିଁ ସିଏ ସକାଳ ଭୋଜନ କଲା ଓ ଚାହା ପିଇଦେଲା । ଦିନ ସାଢେ ବାରଟା ବେଳକୁ ସୁମନ୍ତ ଫେରିଲେ । ସୋମା ସେତେବେଳକୁ ଭାତ ରାନ୍ଧି ସାରିଥିଲା । ସୁମନ୍ତ ଖାଇସାରି ଘଣ୍ଟାଏ ଶୋଇବାକୁ ଗଲେ। ସୋମାକୁ କହିଲେ, "ଠାକୁରଙ୍କୁ ରଥରେ ବାନ୍ଧିବା ପାଇଁ ସୁତୁଲି କେଉଁଠି ଅଛି ଦେବୁତ ?"

ସୋମା ସୁତୁଲି ଖୋଜିଲା । ସେ ସୁତୁଲି ସିଏ ସାୟାରେ ଭର୍ତ୍ତି କରି ପିନ୍ଧିବାକୁ ଓଡିଶାରୁ କିଣିକରି ଆଣିଥିଲା । ଏମିତି କଛିକଛି ଜିନଷ ସିଏ କେବଳ ଓଡିଶାରୁ ହିଁ କିଣେ । ଏବେ ସେସବୁକୁ ଦେବାକୁ ତାକୁ ଟିକେ କୁଣ୍ଠା ଲାଗିଲା । ତଥାପି ସିଏ ଦେଲା ।

ସୁମନ୍ତ ପ୍ରାୟ ଦୁଇଟା ବେଳକୁ ଘରୁ ବାହାରିଗଲେ । ମନ୍ଦିରରେ ରଥ ପୂଜା କାର୍ଯ୍ୟ ପାଞ୍ଚଟା ବେଳେ ଆରମ୍ଭ ହେବାର ଥିଲା । ସୋମାକୁ ଭଲ ଲାଗିଲାନ । ଏତେ ଶୀଘ୍ର ଗଲେ । ଏଇନେ ଅନ୍ୟ ଲୋକମାନଙ୍କ ସହିତ କେତେକେତେ ସମୟ ବିତେଇବେ, ସେତେ ପରିମାଣରେ କୋଭିଡ୍-୧୯ ସଂକ୍ରମଣର ଆଶଙ୍କା ରହିବ । ଇଏତ ଅତି ଜଘନ୍ୟ ଜୀବାଣୁ । ଏହାର ସଂକ୍ରମଣ ଲକ୍ଷଣ ନଥିବା ଲୋକଙ୍କ ଦ୍ୱାରା ମଧ୍ୟ ବ୍ୟାପିଯିବ । ଭଗବାନଙ୍କ ଉପରେ ବିଶ୍ୱାସ ରଖି ସୋମା ନିଜ ମନକୁ ନିୟନ୍ତ୍ରଣରେ ରଖିଲା । ତେବେ ଅପରାହ୍ନ ୫ଟା ବେଳେ ଫେସ୍‌ବୁକ୍ ଜରିଆରେ ରଥଯାତ୍ରାର ପ୍ରସାରଣ ହେବାର ଥିଲା । ସେ ପ୍ରସାରଣ ନଦେଖି ଆହୁରି ଚିନ୍ତା ବଢିଲା । ହୁଏତ ପୂଜା ଆରମ୍ଭ ହେବାରେ ବିଳମ୍ବ ହେଉଛି । ବ୍ରାହ୍ମଣ ଠିକ୍ ସମୟରେ ଆସିଲେ କି ନାହିଁ । ଏମିତି ଆଶଙ୍କାରେ ରହିରହି ସୋମାର ସମୟ ବିତିଲା । ସେ ଭିତରେ ସିଏ ରାତ୍ରଭୋଜନ ସାରିଲା ଓ ସନ୍ଧ୍ୟା ପ୍ରାର୍ଥନା ସାରିଲା । ସୁମନ୍ତ ରାତି ସାଢେ ନଅଟାରେ ଘରେ ପହଞ୍ଚିଲେ । ଅନେକ ରାଗିଥିଲା ସୋମା । ଇଚ୍ଛା ତ ହେଉଥିଲା ମୁହେଁମୁହେଁ ପଚାରିଦେବାକୁ, "ଏତେ ସମୟ ସେଠି କଣ କରୁଥିଲ କି?" ହେଲେ ସିଏ ଚୁପ୍ ରହିଲା । ସୁମନ୍ତ ଆସିବାର ଜାଣି ମଧ୍ୟ ସିଏ ନିଜ ଅଫିସ୍ ରୁମରେ କାର୍ଯ୍ୟରତ ରହିଲା । ରାତି ଦଶଟାରେ ସୁମନ୍ତ ଟିଭି ଖୋଲି ସମ୍ବାଦ ଦେଖିଲେ । ସୋମା ଯାଇ ସାଢେ ଦଶଟାରେ ସେ ସୋଫା ଉପରେ ବେଡ୍‌ସିଟ୍‌ଟିଏ ପକେଇଲା ଓ ସୁମନ୍ତକୁ କିଛି ନ କହି ଲମ୍ବ ହୋଇ ଶୋଇଗଲା ଓ ନୀରବରେ ଟିଭି ଦେଖିଲା । ହାଇ ଉପରେ ହାଇ ଆସୁଥାଏ । ଆଜି କେତେଲୋକଙ୍କ ସହିତ ମିଶିକି ଆସିଛନ୍ତି କିଏ ଜାଣେ ? ତାପରେ ମନ୍ଦିର ଭିତରେ ତ ମନ୍ତ୍ର ପଢା ହେଉଥିବ । ପୁଣି ଲୋକମାନେ ସମସ୍ତେ ତ ଜଣେଜଣେ କୁହାଳିଆ ଖାଲି କଥା

କହିବାକୁ ଜଗି ରହିଥିବେ । ଏଇଥିପାଇଁ ହିଁ ସୋମାକୁ ଡରମାଡେ । ସେ କରୋନା ଭୂତାଣୁ ଗାଇବା ଓ କଥାକହିବା ମାଧ୍ୟମରେ ହିଁ ଅଧିକ ବ୍ୟାପୁଛି ।

ଏମିତି ଦୁଇଦିନ ଅଭିମାନରେ ବିତିଗଲା । ସେମାନେ ପରସ୍ପର ସହିତ କମ କଥାବାର୍ତ୍ତା କଲେ ।

ଜୁନ୍ ୨୬ ତାରିଖ ଶୁକ୍ରବାର ଦିନ ଭୋରରୁ ମନ ଓ ସୋନ ଗୋଟିଏ ସପ୍ତାହ ପାଇଁ ନୟୁର୍କ ଗଲେ । ମନ ନଜ ଡାଇରେକ୍ଟର୍ ସହିତ କଥାବାର୍ତ୍ତା କରି ସେଠି ସେଦିନ ଦିନ ୧୧ଟା ବେଳକୁ ଆପଏଣ୍ଟମେଣ୍ଟ ରଖିଥିଲା । ସେମାନଙ୍କର ଆପାର୍ଟମେଣ୍ଟ ବି ସବୁ ସଫାସଫି କରିବାର ଥିଲା । ସେମାନଙ୍କ ଅନୁପସ୍ଥିତିରେ ଘରଟା ଖାଁ ଖାଁ ଲାଗିଲା ।

ଜୁନ୍ ୨୭ ତାରିଖ, ଶନିବାର ଦିନ ସକାଳେ ଆର୍ଯ୍ୟା ନାଚ ସଂସ୍ଥାର ବର୍ଷଶେଷର କାର୍ଯ୍ୟକ୍ରମ ଜୁମ୍ ମାଧ୍ୟମରେହେବାର ଥିଲା । ସୋମାର ଗ୍ରୁପ୍‌ର ମଧ୍ୟ ଗୋଟିଏ ନାଚ ପ୍ରୋଗ୍ରାମ୍ ଥିଲା । ସୋମା ସେଥିପାଇଁ ଅନେକଥର ସେ ସପ୍ତାହରେ ଅଭ୍ୟାସ ମଧ୍ୟ କରୁଥିଲା । ସାଙ୍ଗ ନଭ୍‌ନୀତ୍ ସହିତ ମିଶିକରି ଜୁମ୍ ରେ ନାଚ ଅଭ୍ୟାସ ଜାରି ରଖୁଥିଲା । ସକାଳୁ ସକାଳୁ ସୁମନ୍ତ ଉଠି ମନ୍ଦିର ଚାଲିଗଲେ । ଜଗନ୍ନାଥ ମନ୍ଦିରରୁ ଠାକୁର ଓ ରଥ ଉଭୟ ଭ୍ୟାନ୍ ମଧ୍ୟରେ ଭର୍ତ୍ତି କରି ହିନ୍ଦୁ ମନ୍ଦିର ନେବାର ଥିଲା । ସିଏ ଯିବା ପରେ ସୋନ ରୋଷେଇଘର ସଫା କଲା । ତାପରେ ଗାଧୋଇ ସାରି ସୁଜି ଖିରି ତିଆରିକଲା । ଭାବିଥିଲା ଆର୍ଯ୍ୟାର କାର୍ଯ୍ୟକ୍ରମ ପରେ ସିଏ ହିନ୍ଦୁ ମନ୍ଦିର ଯିବ ଓ ରଥଯାତ୍ରାରେ ସାମିଲ୍ ହେବ । ହେଲେ ଆର୍ଯ୍ୟାର ପ୍ରୋଗ୍ରାମ୍ ଆରମ୍ଭ ସିନା ଦଶଟାରେ ହେଲା, କନ୍ତୁ ସୋମା ଗ୍ରୁପ୍‌ର ନୃତ୍ୟ ପ୍ରଦର୍ଶନ ସରିବା ବେଳକୁ ୧୧ଟା ୪୫ ହୋଇଗଲା । ସୋମାକୁ ବଡ ବ୍ୟସ୍ତ ଲାଗୁଥାଏ । ହୁଏତ ଏବେ ରଥଟଣା ସରିଯାଇଥିବ । ତରତର ହୋଇ ସାଲୁଆର କମିଜ୍ ପିନ୍ଧି ସିଏ ଘରୁ ବାହାରିଗଲା। ବଡ ଅଦ୍ଭୁତ ଲାଗୁଥାଏ । ଚାରିମାସରେ ପ୍ରଥମଥର ପାଇଁ ସିଏ ହିନ୍ଦୁ ମନ୍ଦିର ଯାଉଥିଲା । ମନ ଭିତରେ କେତେ ଭାବନା ଜାଗ୍ରତ ହେଉଥାଏ । କେତେ ଲୋକ ଥିବେ ? କେମିତି ତାକୁ ବ୍ୟବହାର କରିବାକୁ ପଡିବ ? ମୁଖା ପିନ୍ଧିବ ନା ନାହିଁ ? ମନ୍ଦିରରେ ପହଞ୍ଚିବା ବେଳକୁ ରଥଯାତ୍ରା ସରିଯାଇଥିଲା । ମନ୍ଦିର ଭିତରେ ଠାକୁରଙ୍କର ଆଳତୀ ଓ ପୂଜା ଚାଲିଥିଲା । "ଯାହାହେଉ, ଭଗବାନଙ୍କର କୃପା ତ ଅଛି ।" ଏମିତି ଭାବି ସୋମା ଭୋଗ ନେଇ ଠାକୁରଙ୍କ ସାମନାରେ ରଖିଦେଲା । ମନ୍ଦିରର ପୂଜାରୀ, ୬-୭ ଜଣ ପରିଚାଳକ, ଓ ୫ଟି ଓଡିଆ ପରିବାର ମହଜୁଦ ଥିଲେ । ଆଳତୀ ପରେ ମନ୍ଦିରର ପୂଜକ ଠାକୁରଙ୍କୁ ଭୋଗ ଅର୍ପଣ

କଲେ । ସମସ୍ତେ ମୁଖା ପିନ୍ଧିଥିଲେ ଓ ପରସ୍ପରଠାରୁ ଦୂରରେ ରହିଥିଲେ । ସୋମା ବି ସେମିତି ଦୂରରେ ରହି ଆଳତୀରେ ସାମିଲ୍ ହେଲା । ପ୍ରାୟ ୨୦ ମିନଟ୍ କଟେଇ ସିଏ ପୁଣି ଘରକୁ ଫେରିଆସିଲା । ମନ ବଡ ପ୍ରଫୁଲ୍ଲ ଥାଏ । ଘରେ ଆସି ସାଙ୍ଗେସାଙ୍ଗେ ସାଲୱାର କମିଜ ଅଦଳେଇ ଧୋଇଧାଇ ହେଲା ଓ ତା ପରେ ଭୋଜନ କଲା । ସକାଳୁ ମନ୍ଦିର ଯିବ ବୋଲି ସେ ଭୋଜନ କରିନଥିଲା ।

ଜୁନ୍ ୨୮ ତାରିଖ ଦିନ ରଥଯାତ୍ରା ଉପଲକ୍ଷ୍ୟେ ଜୁମ୍ ମାଧ୍ୟମରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଇଥିଲା ସେ । ଏଥିରେ ବି ଅନେକ କାମ । ଲୋକମାନଙ୍କ ସହିତ ଯୋଗାଯୋଗ ଠାରୁ ଆରମ୍ଭ କରି କମ୍ପ୍ୟୁଟର ରେ ଜୁମ୍ ଦ୍ୱାରା ସବୁ ଠିକଠାକ୍ ଭାବେ କରିବା ଏତେ ସହଜ ନଥିଲା । ତଥାପି କିଛି ସାଙ୍ଗସାଥୀଙ୍କ ସାହାଯ୍ୟ ନେଇ ସେ କାର୍ଯ୍ୟ ବି ସୁରୁଖୁରୁରୂପେ ସଂପନ୍ନ କରିପାରିଲା ।

ସେଦିନ ସେମାନେ ସ୍ୱାମୀ ସ୍ତ୍ରୀ ଦୁହେଁ ନୀରବତାର ଅଭିମାନ ଭାଙ୍ଗିଲେ ଓ ପୁଣି ପରସ୍ପର ସହିତ ଆଗଭଳି କଥାବାର୍ତ୍ତା ହସଖୁସି ସବୁ ଚାଲିଲା ।

ଜୁନ୍ ୨୯ ତାରିଖ । ରଥଯାତ୍ରା ତ ସରିଗଲା । ଏବେ ଆଉ ସୁମନ୍ତଙ୍କୁ ଏତେଥର ଦୋକାନ ଯିବାକୁ ପଡିବନି କି ମନ୍ଦିର ଯିବାକୁ ପଡିବନି । ସୋମା ଟିକେ ଆଶ୍ୱସ୍ତ ରହିଲା । ସକାଳେ ଇମେଲ୍ ଚେକ୍ କରୁକରୁ ଦେଖିଲା ଯେ, ସଂସ୍କୃତି ନେଟ୍ୱର୍କରେ ଦୁଇଜଣଙ୍କର ଝଗଡା ଚାଲିଛି । ସେ ଦୁଇଜଣଙ୍କର ସମର୍ଥକମାନଙ୍କର ଗୋଷ୍ଠୀ ହୋଇଯାଇ ଏବେ ଦୁଇଦଳ ହୋଇଯାଇଛନ୍ତି ଓ ବହୁତ ରଗାରଗି, ଗାଳି ଦିଆନିଆ ଭିତରେ ନେଟ୍ୱାର୍କ ସରଗରମ । ଏତେ ଇମେଲ୍ ଯେ ତାକୁ ପଢିବା ପାଇଁ ସମୟ ଦରକାର । ସେଥିରେ ଦେଖୁଦେଖୁ ଜଣେ

ପୁରୁଷ ବ୍ୟକ୍ତି ଜଣେ ନାରୀର ଲେଖା ଉପରେ ଏମିତି ଟିପ୍ପଣୀ ଦେଇ ଲେଖିଲେ ଯେ, ଯେଉଁଟା କି ଅପମାନଜନକ । ଏଇଟା ସତକଥା, କଳାରେ ସବୁ ସମୟରେ କିଛିଟା ସତ୍ୟ, କିଛିଟା ନଗ୍ନତା, କିଛିଟା ଅଶ୍ଳୀଳତା ଭରି ରହିଥାଏ । ଏମିତିକି ଜୟଦେବଙ୍କ ଗୀତଗୋବିନ୍ଦ ମଧ୍ୟ ବିଶ୍ଳେଷଣ କଲେ, ସେଠି ପୁରୁଷ ଓ ନାରୀର ଅନ୍ତରଙ୍ଗ ନିବିଡ ସଂପର୍କର ଛବି ହିଁ ଦେଖାଯାଏ । ଏତେ ସବୁ ଇମେଲ୍ ଯେ, ପଢୁପଢୁ ସେଥିରେ ହଜିଗଲା ସୋମା । "ଦେଖୁନ, ଏ କରୋନା ସମୟରେ ଲୋକଙ୍କର କାମ ନାହିଁ ବୋଲି କଣ ଖାଲି ଇମେଲ୍ ଲେଖୁଛନ୍ତି ନା କଣ ?" ଏତେ ଇମେଲ୍ ପଢିବା ବଦଳରେ ସାଙ୍ଗ ରୁମିକୁ ଡାକ ପକାଇଦେଲେ ଭଲ । ରୁମିର ନିଜ ବ୍ୟବସାୟ । ତେଣୁ ସିଏ ସ୍ୱାଧୀନ ଭାବେ ତା' ସମୟ ନିଜ ମନ ମୁତାବକ

ଅତିବାହିତ କରେ, ସୋମା ଭଳ ଅନ୍ୟ ଦ୍ୱାରା ନିୟନ୍ତ୍ରିତ ରହେନାହିଁ । ରୁମିକୁ ଫୋନ୍ ଲଗେଇବାରୁ ସିଏ ସାଙ୍ଗେସାଙ୍ଗେ ଧରିଲାନି । କିଛି ସମୟ ପରେ ସିଏ ଫୋନ୍ କଲା ।

"ଆବେ, ସକାଳୁ ସକାଳୁ କାହିଁକି ମତେ ଡାକଲୁ ?" - ରୁମି ଅଭିଯୋଗ କଲା ।

"ଦିନ ୧୦ଟା ବାଜିଲାଣି । ତତେ ସକାଳ ହୋଇଛି । ହଁ, ତୁ ତ ସିଇଓ ହେଇଛୁ । ମହାରାଣୀ । ଆମକୁ ସିନା କାମ କରିବାକୁ ଅଛି ଯେ, ୮ଟା ବାଜିଲେ, ମୁଣ୍ଡ ଖରାପ ହୋଇଯାଉଛି ।"

"ନାରେ, ଏବେ ୭ଟା ବାଜିଛି ।"

"୭ଟା ବାଜିଛି । ତୁ କଣ ପାସିଫିକ୍ ଟାଇମରେ ଅଛୁ ନା କଣ ?

"ହଁ, ଛୁଟି କଟେଇବାକୁ ସିଆଟେଲ୍ ଆସିଛି ।"

ସୋମା ଚମକପଡିଲା । "ଏ କରୋନା ସମୟରେ, ତୁ କେମିତି ନିଉଜର୍ସୀରୁ ସିଆଟେଲ୍ ପଳେଇଗଲୁ ?"

ରୁମି କହିଲା, "ପ୍ରକୃତରେ ଘରେ ଏତେ ବସିବସି ଭାରି ବିରକ୍ତ ଲାଗୁଥିଲା । ତାପରେ ଇଏ କହିଲେ – ଚାଲ କୁଆଡେ ବୁଲିଆସିବା । ଆଗରୁ ତ ଆମର ଏ ସମୟରେ ଇଟାଲୀ ଯିବାର ଥିଲା । ଏବେ ତା' ବଦଳରେ ନାହିଁ ମାମୁଁ ଠାରୁ କଣା ମାମୁଁ ଭଲକୁ ଗ୍ରହଣ କରି ସିଆଟେଲ୍ ଆସିଲୁ । ଆଛା, ଏବେ କହ, କଣପାଇଁ ଡାକଥିଲୁ ?"

"ତୁ ତ ସିଆଟେଲରେ । ଏ ସଂସ୍କୃତି ନେଟ୍‌ୱର୍କରେ ଚାଲିଥିବା ଝଗଡା ବିଷୟରେ ଜାଣିଛୁ କି ନାହିଁ ପଚାରିବାକୁ ଡାକଥିଲି ।"

ରୁମି ଠୋ ଠୋ କରି ହସିଉଠି କହିଲା, "ଜାଣିଛୁ ତ ସେ ପାଗଳ ମିଶ୍ରକୁ । ତାକୁ "କ' କହିଲେ, ସିଏ "ବ' ଶୁଣିବ । ଆଉ ତାପରେ ବିଶ୍ଳେଷଣ କରିବ "ର' ରୁ । ଜିନି ଅପା ରଥଯାତ୍ରା ଉପରେ ଗୋଟିଏ କବିତା ଲେଖି ପଠେଇଲେ । କେତେ ସୁନ୍ଦର କବିତାଟିଏ । ସେଥିରେ ସେ "ମନୋହର ବେଶ' ଶବ୍ଦଦୁଇଟି ଥିଲା । ସେଇ ଦୁଇଟି ଶବ୍ଦକୁ ଧରି ମିଶ୍ର ଦୋହରେଇବା ଆରମ୍ଭକଲା, ଜୟଦେବଙ୍କର "ରତି ସୁଖ ସାରେ'କୁ ବର୍ଣ୍ଣନା କଲା ଓ ପ୍ରାଞ୍ଜଳ ଭାବେ ବୁଝେଇଲା । ସେଇଠୁ ଜିନି ଅପା ଅପମାନିତ ଅନୁଭବ କଲେ । ତାଙ୍କ ସହିତ କେତେଲୋକ ମିଶିଗଲେ । ମିଶ୍ର ସହିତ ବି କିଛି ଲୋକ ମିଶିଗଲେ । ଏବେ ଚାଲିଛି ଯୁଦ୍ଧ ।"

"ହେ ଭଗବାନ । କରୋନା ପାଇଁ ଦୁନିଆରେ ଛନକା ପଶିଗଲାଣି, ଆଉ ମିଶ୍ର ଏଠି "ରତି ସୁଖ ସାରେ' ଛନ୍ଦରେ ମତୁଆଲା ହୋଉଛି ?" - ସୋମାକୁ ସତରେ ଆଶ୍ଚର୍ଯ୍ୟ ଲାଗୁଥିଲା ।

ରୁମି ପୁଣି ହସିଉଠିଲା । କହିଲା - "ଆରେ ପ୍ରକୃତି ନୈବ୍ୟ ମୁଚ୍ୟତେ । ଏମିତି କ ନାକରେ ଭେଣ୍ଟିଲେଟର୍ ଲାଗି ମୃତ୍ୟୁ ଶଯ୍ୟାରେ ରହିଥିଲେ ମଧ୍ୟ ଏମାନଙ୍କର ଝଗଡା ଜାରି ରହିଥିବ । ତାଙ୍କୁ କଣ କହିବି ? ଆମ ସମସ୍ତଙ୍କର ପ୍ରକୃତି ହିଁ ସେମିତି । ଦେଖୁନୁ, ଏ କରୋନା ବେଳରେ ମୁଁ ଭାବିଲି ତୁ ମୋ ଭଲମନ୍ଦ ବୁଝିବାକୁ ଡାକୁଛୁ । ହେଲେ ତୁ ଡାକୁଛୁ ମତେ ସେ ବେକାର ସଂସ୍କୃତି ନେଟ୍‌ୱାର୍କ ଝଗଡା ବିଷୟରେ ପଚାରିବାକୁ ।"

"ଆରେ ନାଇଁ, ସେମିତି ପଚାରିଦେଲି । ହେଲେ ସତରେ ତୁ କେମିତି ଫ୍ଲାଇଟରେ ଯାଇ ଏମିତି ବିପଦକୁ ଆମନ୍ତ୍ରଣ କରିଛୁ, ମୋର ତ ବିଶ୍ୱାସ ହେଉନ । ଟିକେ ଜଗିରଖି ରହିବୁ । ମତେ ସତରେ ଡର ଲାଗୁଛି ।"

"ଆମେ ଜଗିକରି ଚଳୁଛୁ । ଦେଖାଯାଉ, କଣ ହେଉଛି । ହଉ ବାବା, ମୁଁ ଯାଏ, ଆଉ ଟିକେ ଶୋଇବି । କାଲି ରାତିସାରା ଟିଭିରେ ଗୋଟିଏ ସିନେମା ଦେଖୁଥିଲି ଯେ ଶୋଇପାରି । ତୋ ସହିତ ପରେ କଥାହେବି ।" - ଏମିତି କହି ରୁମି ଫୋନ୍ ରଖିଲା ।

ସୋମା ଫୋନ୍ ରଖି ନିଜକାମରେ ମନ ଦେଲା । ହେଲେ ମନ ସିନା କାମରେ ରହିଲେ ହେବ । ଆର୍ଯ୍ୟାର ନାଚସାଥୀମାନେ ଯୋଜନା କରୁଥିଲେ । କେଉଁଠି ମିଶି ସାଥୀ ହୋଇ ନାଚଲେ ହୁଅନ୍ତା । ଟିକେ ସାମାଜିକ ଦୂରତା ରଖି ନାଚପାରନ୍ତେ ଓ ଭିଡିଓ କରି ୟୁଟିଉବ୍ ରେ ରଖନ୍ତେ । ସେମାନେ ପ୍ରତି ମୁହୂର୍ତ୍ତରେ ହ୍ୱାଟ୍‌ସ୍‌ଆପରେ ବାର୍ତ୍ତା ପଠାଉଥିଲେ ।

କିଛି ପ୍ରଫେସ୍‌ନାଲ୍ ସୋସାଇଟିରୁ ଇମେଲ୍ ଆସୁଥିଲା । ଭର୍ଚୁଆଲ୍ କନ୍‌ଫରେନ୍‌ସ୍ ପାଇଁ ଆବ୍‌ସ୍ଟ୍ରାକ୍ଟ୍ ପଠେଇବାକୁ ପଡିବ । ଏପର୍ଯ୍ୟନ୍ତ କେହି ବି ନିଶ୍ଚିତ ହୋଇପାରୁନଥିଲେ ଯେ ଜୀବନଯାତ୍ରା ସତରେ ପୂର୍ବ ଭଳି ହୋଇପାରିବ ବୋଲି । ସମସ୍ତେ ସେଇ କରୋନା ମହାମାରୀର ଆତଙ୍କରେ ଆତଙ୍କିତ ରହୁଥିଲେ, ତଥାପି ନିତିଦିନର ଜୀବନଚର୍ଯ୍ୟା, ନିଜ ଜୀବିକା, ବୃତ୍ତିକୁ କେମିତି ବଜାୟ ରଖିବେ, ସେଇ ଭାବନାରେ ରହିଥିଲେ ।

ଏବେ ଯାହାକୁ ଦେଖ, ଭର୍ଚୁଆଲ୍ କାମରେ ବ୍ୟସ୍ତ । ଏ କରୋନା ଆସିବା ଭିତରେ କେତେକେତେ ନୂଆ ହ୍ୱାଟ୍‌ସ୍‌ଆପ୍ ଗ୍ରୁପ୍ ସବୁ ଆରମ୍ଭ ହେଲାଣି । ଖାଲି ଫର୍‌ୱାର୍ଡ ଉପରେ ଫର୍‌ୱାର୍ଡ । ସୁପ୍ରଭାତ ବାର୍ତ୍ତାଠାରୁ ଆରମ୍ଭ କରି ଶୁଭରାତ୍ରୀ ବାର୍ତ୍ତା ପର୍ଯ୍ୟନ୍ତ, ବାର୍ତ୍ତା ଉପରେ ବାର୍ତ୍ତା । କିଏ ପଖାଳ ଖାଉଥିବା ସମୟରେ ଭିଡିଓ କରି ଛାଡିଲାଣି ତ କିଏ ସମ୍ବଲପୁରୀ

ଗୀତରେ ନାଚ ଟିକ୍‌ଟକ୍ ଭିଡିଓ କରି ଛାଡିଲେଣି । ସବୁ ଅବଗୁଣ୍ଠନମତୀ ମାନେ ଏବେ ଜଣେଜଣେ ଚନ୍ଦ୍ରତାରକା ।

ଏମିତି ଆଉ କେତେଦିନ ଚାଲିବ କେଜାଣି ? ଲୋକମାନଙ୍କର ଏ ଭର୍ଚୁଆଲ୍ କାର୍ଯ୍ୟକ୍ରମର ଚଞ୍ଚଳତା ଦେଖି ଲାଗୁଥିଲା ଯେମିତି ଲୋକ କରୋନାକୁ ଭୁଲିଗଲେଣି ଓ ଭର୍ଚୁଆଲ୍ ଜୀବନକୁ ଆଦରିନେଲେଣି । ଯାହାକୁ ଯେତେବେଳେ ଡାକଲେ, ସମସ୍ତେ ଏ ଅପାର୍ଥିବ ଜଗତରେ ବ୍ୟସ୍ତ । ହୁଏତ କରୋନାକୁ ଭୁଲିବା ପାଇଁକି ଏ ଭର୍ଚୁଆଲ୍ ଜୀବନକୁ ଆଦରିନେଲେଣି କି କଣ ?

ସତ କହିବାକୁ ଗଲେ ଜୀବନର ରଥ ତ ଏମିତି ଚାଲିଥିବ, ଏ ଜୀବନଯାତ୍ରାର ଶେଷ ପର୍ଯ୍ୟନ୍ତ । କେବେ ଆଶାରେ ତ କେବେ ଆଶଙ୍କାରେ । କରୋନାକୁ ଅଭିଶାପ ଦେଇ କି ବାହୁନି ତ ଜୀବନକୁ ଆଉ ବନ୍ଦ କରିଦେଇ ହେବନି । ଆଗକୁ ଚାଲିବାକୁ ହେବ । ଜୀବ ଥିବା ଯାଏ ଲୋଭ ଅଛି । ଆନନ୍ଦ ଅନୁଭବ କରିବାର ଲୋଭ ସବୁ ଲୋଭରୁ ଉପରେ । ସମୟକୁ ଆନନ୍ଦମୟ କରି ମନପୁରାଇ ବିତାଇବାକୁ ପଡିବ । କରୋନା ଆସିଲା ତ କଣ ହେଲା ? ଜୁମ୍ ତ ଅଛି ନା ।

ଏମିତି ଭାବନାରେ ଅଛି ତ, ଜୁନ୍ ୩୦ ତାରିଖ, ମଙ୍ଗଳବାର ଦିନ ସୁମିତ୍ରାଠାରୁ ଫୋନ୍ ଆସିଲା । "ଆମ ଚାପ୍‌ଟର୍ ତରଫରୁ ଓଡିଶା ସୋସାଇଟିର ଭର୍‌ଚୁଆଲ୍ କନେ୍ଭନ୍‌ସନ୍ ପାଇଁ ଗୋଟିଏ ଡ୍ରାମା ପଠେଇବାର ଅଛି । ଆପଣ ଟିକେ ଦାୟିତ୍ୱ ନିଅନ୍ତୁ ନା ।"

"କନେ୍ଭନ୍‌ସନ୍ ତ ଆଉ ଦୁଇଦିନ ପରେ । ସମୟ କୋଉଠି ଅଛି ? ମୁଁ ତ ଏ ବର୍ଷ ସେଥିରେ ନ ମିଶିବାକୁ ଭାବୁଥିଲି । ସେମାନେ ଏତେ ଡେରିରେ ସବୁ ନିର୍ଣ୍ଣୟ ନେଲେ । ଆଉ ସମୟ କାହିଁ ?" - ସୋମା କହିଲା ।

"ଆପଣ ନିଶ୍ଚୟ କରିପାରିବେ । ଆମ ଚାପ୍‌ଟର୍‌ର ସମ୍ମାନର କଥା । ଟିକେ ଭାବନ୍ତୁ ।" - ସୁମିତ୍ରା କହିଲା ।

"ହେଲେ କିଏକିଏ ଡ୍ରାମାରେ ମିଶିବେ, ସେମାନଙ୍କୁ ଯୋଗାଯୋଗ କରି ମତେ ଜଣେଇବା ଦାୟିତ୍ୱ ତୋର ।"

- ସୋମା କିଛି ଦାୟିତ୍ୱର ଭାର ନିଜ ଉପରୁ ଓହ୍ଲେଇଦେବାକୁ ଚାହିଁଲା ।

ସୁମିତ୍ରା ଉତ୍ତରରେ କହିଲା, "ହଁ ମୁଁ ସେ ଦାୟିତ୍ୱ ନେଉଛି । ଆପଣ କାହାଣୀ ବିଷୟରେ ଭାବନ୍ତୁ । ଏମିତି ସମୟରେ କାହାସହ ତ ପ୍ରତ୍ୟକ୍ଷରେ ମିଶି କଛି କରିହେବନ । ଦୂରତା ବଜାୟ ରଖି ଯଦି କଛି କାହାଣୀକୁ ରୂପାନ୍ତରିତ କରିହେବ ତ, ଭଲହେବ ।"

ସୁମିତ୍ରା ଫୋନ୍ ରଖିବାପରେ ସୋମାର ମୁଣ୍ଡ ଭିତରେ ବିଭିନ୍ନ ଭାବନା ସବୁ ଉଦ୍ଦୀପ୍ତ ହେବାକୁ ଲାଗିଲେ । ଏ ଭର୍ଚୁଆଲ୍ ପୃଥିବୀରେ ନଜର ବି ଗୋଟିଏ ପାଦଚହ୍ନ ପକେଇଦେବାକୁ କାହିଁକି କେଜାଣି କେମିତି ଏକ ଦୃଢ ଆକର୍ଷଣ ଜାଗୁଥିଲା । କରୋନା ଦ୍ୱାରା ବିକ୍ଷିପ୍ତ, ବିଚଳତ ଏ ଭାବନା ଉପରେ ଟିକେ ଲଗାମ ଲଗେଇ ସ୍ୱପ୍ନର କେଉଁ ଏକ ସୁଦୂର ରାଇଜକୁ ଗ୍ଭଲିଯିବାକୁ ମନ ଅସ୍ଥିର ହେଉଥିଲା ।

ସୋମା ମନ ଭିତରେ ବିଭିନ୍ନ ନାଟକୀୟ କାହାଣୀ ସବୁ ଆତ୍ମପ୍ରକାଶ କରିବାକୁ ବିକଳ ହେଉଥିଲେ । ମଙ୍ଗଳବାର ଦିନ ରାତିରେ, ଓଡିଶାରେ ବୁଧବାର ସକାଳ ହୋଇଥିବା ସମୟରେ ସେଠି ବାହୁଡା ଯାତ୍ରା ଆରମ୍ଭ ହୋଇଯାଇଥିଲା । ସୋମା ସୋଫା ଉପରେ ବସି ବାହୁଡାଯାତ୍ରାର ପ୍ରସାରଣ ଦେଖୁଥିଲା । ସେଇ ଶୁଭ ମୁହୂର୍ତ୍ତରେ ତା' ମସ୍ତିଷ୍କ ଭିତରେ ପୂର୍ଣ୍ଣରୂପ ନେଇ ନାଟକଟିଏ ଜୀବନ୍ତ ହୋଇଉଠିଲା । "ଆଶା ଆଶଙ୍କାର ରଥଯାତ୍ରା" - ଏହାଠୁ ବଳି ଏ ସମୟରେ ଭଲ କାହାଣୀ କଣ ବା ହୋଇପାରେ ?

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ସମୂହ ଶାସ୍ତି



ଡ. ପ୍ରସନ୍ନ କୁମାର ବଳ

ମାନବ ଜୀବନ ବହୁ ମୂଲ୍ୟବାନ ସଭିଏଁ ଜାଣନ୍ତି ପରା,
ଜୀବନ କାଳରେ ଭଲ କାମ କଲେ ହୁଏ ଜୀବନ ନିଆରା ।୧।
ସବୁ ପ୍ରାଣୀ, ଜୀବ, ବୃକ୍ଷ, ପଶୁ, ଲତା ସ୍ରଷ୍ଟାଙ୍କର ହିଁ ତ ସୃଷ୍ଟି,
ସମସ୍ତେ ସମାନ ତାଙ୍କପାଇଁ ପରା ଦିଅନ୍ତି ହିଁ ସମଦୃଷ୍ଟି ।୨।
ହେଲେ ଏ ମାନବ ଅହଂ ଭାବ କରି କରେ କେତେ ଅବିଚାର,
କେତେ ଅତ୍ୟାଚାର କରେ ଏ ମଣିଷ ପ୍ରକୃତି ପୃଷ୍ଠରେ ପ୍ରାୟ ।୩।
ପ୍ରତ୍ୟେକ ଅନ୍ୟାୟ ଅତ୍ୟାଚାର ପୁଣି ନୁହେଁ ତ ସୀମା ବିହୀନ,
ସୀମା ଟପିଗଲେ ପ୍ରକୃତି ତ ପୁଣି କରେ ଏହାକୁ ବିଲୀନ ।୪।
ଯୁଗେ ଯୁଗେ କେତେ ଦୃଷ୍ଟାନ୍ତ ରହିଛି ଏହି ଧରାଧାମ ତଳେ,
ଅତ୍ୟାଚାର ପୁଣି ସୀମା ଟପିଗଲେ ଅବଶ୍ୟ ହିଁ ଶାସ୍ତି ମିଳେ ।୫।
ସ୍ୱୟଂ ନାରାୟଣ ଜନମ ନିଅନ୍ତି ଏହି ପୃଷ୍ଠଭୂମି ତଳେ,
ବିଚାର କରନ୍ତି ପାପ ଓ ପୁଣ୍ୟର କେତେ ପୁଣି କଳେ ବଳେ ।୬।
କେତେ ଗର୍ବ କରେ ଏ ମଣିଷ ଜାତି ପାରିବାପଣକୁ ନେଇ,
ଜୈବ ଅସ୍ତ୍ର ରଖି ଶକ୍ତି ତ ଦେଖାଏ ସାରା ଦୁନିଆଁକୁ ଏହି ।୭।
କେତେ ମାରଣାସ୍ତ୍ର ଭରି ଯେ ରହିଛି ସବୁ ରାଷ୍ଟ୍ରର ଭଣ୍ଡାରେ,
ପାରିବାପଣିଆ ତୁଚ୍ଛ ଆଜି ପୁଣି ଏକ ଭୂତାଣୁ ଆଗରେ ।୮।
ଭୁଷୁଡି ପଡିଛି ବିଶ୍ୱ ଅର୍ଥନୀତି ସବୁରି ମୁହେଁ ବିଷାଦ,
କିଂକର୍ତ୍ତବ୍ୟବିମୂଢ଼ ଏ ମାନବ ଜାତି ଗଣେ ତ ଆଜି ପ୍ରମାଦ ।୯।
ରୋଜଗାର ପନ୍ଥା ଉଜୁଡିଯାଇଛି ଏ ମାନବ ସମାଜରୁ,
ଭୋକଲା ଜୀବନ ଚିତ୍କାର କରୁଛି କେହିଁ ତ ହିଁ ରକ୍ଷାକରୁ ।୧୦।

ଲ୍‌କଡାଉନ୍ ଓ ସଟ୍ ଡାଉନ ମଧ୍ୟେ ବିତୁଛି ଜୀବନ ଆଜି,
ବନ୍ଦୀ ଜୀବନ ତ ସମସ୍ତଙ୍କ ପାଇଁ ଶ୍ରେୟ ମଣିଅଛି ସାଜି ।୧୧।
ମୁହଁ ଲୁଗ୍ଡଉଛି ମାନବ ସମାଜ ପୁରାପୁରୀ ଭାବେ ଆଜି,
ମାସ୍କ ପିନ୍ଧି ପିନ୍ଧି ଜୀବନ ବିତାଏ କଏ ବା ହେବ ଅରାଜି ।୧୨।
ମୁହଁକୁ ଲୁଗ୍ଡଏ ଅପରାଧ ଯିଏ କରିଥାଏ ତା ଜୀବନେ,
ମାନବ ସମାଜ ପୁରାପୁରୀ ଆଜି ଅପରାଧୀ ଭାବେ ଗଣେ ।୧୩।
ପ୍ରତିଷେଧକର ବ୍ୟବସ୍ଥା ଇଏତ ଅବଶ୍ୟ କରିବେ ଜନେ,
ଉପାୟ ବିହୀନ ଏ ମାନବ ଜାତି ପ୍ରମାଦ ଗଣଇ ମନେ ।୧୪।
ବନ୍ଦୀ ଜୀବନ ବା ମୁହଁ ଲୁଗ୍ଡଇବା ଛୋଟ କଥା ଇଏ ନୁହେଁ,
ଇଏ ତ ସନ୍ଦେଶ ମାନବ ଜାତିକୁ ଅପରାଧୀର ଜୀବନ ।୧୫।
ପ୍ରକୃତି ତ ଆଜି ପ୍ରତିଶୋଧ ପରାୟଣ ହୋଇ ଯାଇଅଛି,
"ସମୂହ ଶାସ୍ତି" କୁ ପ୍ରୟୋଗ କରିଛି ଏହି ମାନବ ଜାତିକ ।୧୬।
ସବୁରୀ ମୁହଁରେ ବିଷାଦର ଛାୟା ଦୁଃଖ ଭରା ଏ ଜୀବନ,
କେବଳ ହସୁଛି ପ୍ରକୃତି ରାଣୀ କେତେ ସତେଜ ତା ମନ ।୧୭।
ବେଶୀ ଡେରୀ ହୋଇ ଯାଇନ ସମୟ କରିବା ପରିବର୍ତ୍ତନ,
ସମାଜ ବିଧ୍ୱଂସ ଭୂଲିଯାଇ ଆମେ ନେବା ଏହାର ଯତନ ।୧୮।
ଆଦରିବା ନାହିଁ ପାଶ୍ଚାତ୍ୟ ସଭ୍ୟତା ଚୁମ୍ବନ ବା ଆଲିଙ୍ଗନ,
ହାତଯୋଡି ଆମେ ନମସ୍କାର କରି ଭୂଲିବା କରମର୍ଦ୍ଦନ ।୧୯।
ଆମର ସଭ୍ୟତା ଉଚ୍ଚକୋଟୀର ତ ଏହାର ତୁଳନା ନାହିଁ,
ପ୍ରକୃତି ତ ପୁଣି ପ୍ରମାଣ ଦେଇଛି ସାରା ଦୁନଆଁର ପାଇଁ ।୨୦।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ନୀରବତାର ଛାଇ



ଆଶୁତୋଷ ମେହେର

ଆଜି କାଲି
ସୂର୍ଯ୍ୟ ବି ଚୁପଚାପ୍
ସକାଳ ର ଆଗମନରେ ।
ବଂଧୁ ମାନେ
ଆଗ ଦିନ ପରି
ହାତ ହଲାଉ ନାହାନ୍ତି
ଓମଫେଡ ଛକ
ଚା ଦୋକାନ ବେଞ୍ଚ ଉପରୁ ।
ସେମାନେ ତ' ଏକଲା ଏକଲା
ନୀରବରେ ଘରେ
ନାଲି ଚା କପରୁ
ଚୁମା ଦେବାରେ ବ୍ୟସ୍ତ ।

ସକାଳ ବେଳା ର
ଯୋଗ କ୍ଲାସକୁ
ନା ମାଷ୍ଟ୍ରେ ନା ଛାତ୍ର
କେହି ଆସୁନାହାନ୍ତି
ସବୁ ଆଡେ ଖାଁ ଖାଁ
ମାଡି ବସିଛି
ନୀରବତା ର ଛାଇ ।

ସଂଜ ନଇଁଲା ପରେ ପରେ
ବହଳ ନଦରେ
ଭିଡି ମୋଡି ହୋଇ
ଶୋଇ ଯାଉଛି
ବିଗ୍ବଜାର ରାସ୍ତା ଟା ।
କେହି ତ ନାହାନ୍ତି
ଉଠାଇବାକୁ ଅବେଳରେ ।
ରାସ୍ତା କଡ ଦୋକାନରୁ
ସଟର୍ ଭାଙ୍ଗୁଥିବା ଚୋରେ
କି
ତା' ପଛରେ ଗୋଡାଉଥିବା
ପୋଲିସ୍ ର ପିସିଆର୍ ଭ୍ୟାନ ର
ସାଇରନ୍ ।।

ସହରରେ ଏବେ ସଟ୍ ଡାଉନ୍
ନସ୍ତବ୍ଧ ଜୀବନ ଆଉ ଜୀବିକା ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୂବନେଶ୍ବର

# କରୋନା ସୁନ୍ଦରୀ

**(ଚତୁର୍ଥ ଭାଗ)**



ଶଶଧର ମହାପାତ୍ର

କରୋନା ଭୂତାଣୁ ସାରା ବିଶ୍ୱରେ
ସାଜିଅଛି ଆଜି ଭୂତ
ଲକ୍ଷ ଲକ୍ଷ ଲୋକ ତା'ପାଇଁ ଭୋଗନ୍ତି,
କଏ ଜୀବିତ କେ' ମୃତ
ଜ୍ୱର, କାଶ, ଛିଙ୍କ ଏହାର ଲକ୍ଷଣ
ରୋଗୀ ହୁଏ ହନ୍ତସନ୍ତ
ନିଃଶ୍ୱାସ ପ୍ରଶ୍ୱାସ ନେବା ହେଲେ କଷ୍ଟ
ମରଣ ଯେ ସୁନିଶ୍ଚିନ୍ତ
କରୋନା କରିଛି ମାନବ ଜାତିକୁ
ନିଜ ଘରେ ଗୃହବନ୍ଦୀ
ଛାର ଭୂତାଣୁଟେ କେମିତି ଯେ ପଶି
ଦେଉଛି ନିଃଶ୍ୱାସ ରୁନ୍ଧି
ରେସ୍ପିରେଟର ହୁଏ ଦରକାର
ନାହିଁ ଅନ୍ୟ ପ୍ରତିକାର
ଔଷଧ, ବଟିକା ଏ'ଯାଏ ମିଳୁନି
ଚେଷ୍ଟାକରେ ରିସର୍ଚ୍ଚର
ପ୍ରଳୟ ଘଟାଏ ଏହି ମହାମାରୀ
ମନରେ କୋକୁଆ ଭୟ
ମଣିଷ ତା'ଲାଗି ହୁଏ ବୁଦ୍ଧିବଣା
ବାଟ ଖୋଜି ନିରୁପାୟ

"ମାଇକ୍ରନ'ରୁ କମ୍ ସାଇଜ୍ ତା'ର
ପଶିଯାଏ ଏଠି ସେଠି
ତା' ବଳରେ ଆଜି ମାନବ ଜାତିକୁ
ଖଟାଉଛି ଆଜି ବେଠି
ମଣିଷଠୁଁ ଡିଏଁ ଏ' କରୋନା ମଞ୍ଜି
ଆନ ଏକ ମଣିଷକୁ
ଦୂରତା ରଖିଲେ ନିଜ ନିଜ ମଧ୍ୟେ
ରୋକ ହେବ ପଶିବାକୁ
ଯେଉଁମାନେ ଘରୁ ବାହାରି ଯାଉଛ
ଦେଖାଇକ ନାନା ଆଳ
ନିଜ ଆଉ ନିଜ ପରିବାର ସହ
ଅନ୍ୟ ପାଇଁ ହୁଅ କାଳ
ସରକାରଙ୍କର କଥା ମାନିଯାଅ
ରହିଯାଅ ନିଜ ଘରେ
କରୋନା ହଟିବ, ଜୀବନ ବଞ୍ଚିବ
ନିଗଲେ କେହି ବାହାରେ
ଆମେରିକା ଭଳି ସୁପର ପାୱାର
ଆଣ୍ଠେଇ ପଡିଛି ଆଜି
ଅକାଳରେ ଧନ, ଜୀବନ ଯାଉଛି
ରେସ୍ପିରେଟର ଖୋଜି ଖୋଜି

ଚ଼ାଇନାରୁ ଆସେ ରେସ୍ପିରେଟର
ଆମେରିକା ଦେଶ ପାଇଁ
ମାସ୍କ, ଗ୍ଲଭ୍ସ୍ ସବୁ ଜଛି ଆସେ
ଖୋଜିଲେ ମିଳୁତ ନାହିଁ
ଦୁଃର୍ଭାଗ୍ୟର କଥା ଏମିତି ଘଟୁଛି
ଡାକ୍ତର, ନର୍ସଙ୍କ ପାଇଁ
ସବୁ କାନ୍ଦୁଛନ୍ତି କା' ଆଖିରୁ ଦିନେ
ଲୁହ ଟୋପେ ଗଡୁନାହିଁ
ଏକଶହ ତିରିଶି କୋଟି ଜନତା
ଅଛନ୍ତି ଭାରତ ଦେଶେ
ଥରେ ଭାବି ଦେଖ କରୋନା ମାତିଲେ
କ ଫଳ ମିଳବ ଶେଷେ
ଚ଼ାଇନା ଭଳ କମ୍ୟୁନଷ୍ଟ ଦେଶରୁ
ଆସିଥିଲା ଏ' କରୋନା
କ୍ୟାପିଟାଲିଷ୍ଟ ଦେଶ ସବୁତ ହେଲେଣି
ତା' ହାତର ଖେଳନା
କ୍ୟାପିଟାଲିଷ୍ଟ ହେଉ କମ୍ୟୁନଷ୍ଟ ହେଉ
ତା' ପାଇଁ ଫରକ ନାହିଁ
ପ୍ରକୃତି ସହିତ ଖେଳ ଖେଳଲେ
କରୋନା ଆସିବ ଧାଇଁ||

( Micron = Micrometer = Millionth of a meter =10-6 meter,
Red blood cell size ~ 5 microns, thickness of human hair ~ 60-120
microns, viruses are ~ 0.1 microns in size, a bacteria is 100 times larger than a virus )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅଫିମ



ବିନୟ ମହାପାତ୍ର

ପୁଅ ଯେଉଁଦିନ ଆଣ୍ଠେଇଲା ବାପା ମାଆ ବହୁତ ଖୁସି ହୋଇଗଲେ। ମାଆ ବାପାର ମୁହଁକୁ ଚାହିଁ ଟିକଏ ହସିଦେଇ କହିଲା, ପୁଅ ଆମର ବଡ ହେଉଛି । ଦିନ ବିତି ଚାଲିଲା, ପୁଅ ଦିନେ ଆଣ୍ଠେଇ ଆଣ୍ଠେଇ ଏରୁଣ୍ଡିବନ୍ଧ ପାଖରେ ପହଞ୍ଚିଗଲା। ମାଆ ବଡ ଉତ୍ସୁକତାଭରା ନୟନରେ ଅନେଇ ରହିଥାଏ। ପିଲାଟି ଯେତେବେଳେ ଦୁଆର ବନ୍ଧକୁ ଧରି ଠିଆହେବାକୁ ଚେଷ୍ଟା କଲା ମାଆ ଖୁସିରେ ଡାକ ପକାଇଲା, କୁଆଡେ ଗଲ, ଆସ ଦେଖିବ, ପୁଅ ଆମର ଠିଆହେବାକୁ ଚେଷ୍ଟା କରୁଛି । ବାପ ଧାଇଁ ଆସିଲା, ବଡ ବଡ ଆଖିକରି ପୁଅକୁ ଠିଆ ହେଉଥିବାର ଦେଖିଲା। ମନେ ମନେ ବହୁତ ଡରିଗଲା, ଭାବିଲା, ଏବେ ଠିଆ ହେବାକୁ ଚାହୁଁଛି, ଯେତିକି ଯେତିକି ବଡ ହେବ ତାର ଖାଇବା ବି ବଢିବ । ଠିଆ ହେବା ଶିଖିଗଲେ ପୁଣି ଚାଲିବ, ଚାଲିବା ଶିଖିଗଲେ ବାହାରକୁ ଯିବ । ବାହାରକୁ ଗଲେ ପିନ୍ଧିବାକୁ ସାର୍ଟ ପେଣ୍ଟ ମାଗିବ, ପାଠ ପଢିବାକୁ ମନବଳାଇବ । ଏ ସବୁ କରିବାକୁ ଧନ କେଉଁଠୁ ଆସିବ ? ଖର୍ଚ୍ଚ ବଢିଯିବ ! ଏତିକି ଟଙ୍କାରେ ଏବେ ଘର ଚଳୁନ, ଆଗକୁ କେମିତି ଚଳବ ? ବଡ ବିକଳ ଲାଗିଲା ତାକୁ । ବଡ ନିରାଶ ଭରା କଣ୍ଠରେ ପୁଅକୁ କହିଲା, ନା'ରେ ପୁଅ, ଠିଆ ହୁଅନା, ଠିଆହେବା କିଛି ଭଲ କଥା ନୁହେଁ । ଚାଲି ବୁଲି, ଦୌଡି ଖେଳିବାକୁ ଏଇ ସଂସାରଟା ମୋଟେ ଭଲ ଜାଗା ନୁହଁ ! ଯେମିତି ଅଛୁ, ଭଲରେ ଅଛୁ, ସେମିତି ସବୁଦିନ ଆଣ୍ଠେଉଥା ।

ବଡଭାଇ କୋଉଠି ଥିଲା କେଜାଣି, ଧାଇଁ ଆସିଲା, ସାନଭାଇକୁ ଠିଆ ହେବା ପାଇଁ ଚେଷ୍ଟା କରୁଥିବାର ଦେଖିଲା । ରାଗ ତମ ତମ ହୋଇ ଦଉଡି ଆସି, ସାନଭାଇକୁ ମାରିଲା ଗୋଇଠାଟାଏ, କହିଲା, ଶଳା, ଭାବୁଛି ଠିଆହେବ ! ତୁ ଠିଆ ହେବା ଶିଖିଗଲେ ମୋ ଭେଳା ବୁଡିଯିବ, ମୋ ଭାଗ କମ୍ ହୋଇଯିବ । ତୁ ବଡ ହେଲେ ମୋର ଆଦର କମିଯିବ । ମୁଁ ପୁଣି କେମିତି ବଡ ହେବି ? ଗୋଟିଏ ଖୋଳରେ ଦୁଇଟି ଖଣ୍ଡା କେମିତି ରହିବ ? ଠିଆ ହେବାକୁ ଯଦି ଆଉ ଥରେ ଚେଷ୍ଟା କରିବୁ ଶଳାର ଗୋଡ ଭାଙ୍ଗି ଦେବି । ସେମିତି

ଆଣ୍ଠେଉଥା ସବୁଦିନ, ଠିଆ ହେବାକୁ କେବେବି ଚେଷ୍ଟା କରିବୁନ, ଯଦି ଆଉଥରେ ଯଦି ଠିଆ ହେବୁ, ଦେଖିବୁ ମୋର ଉଗ୍ରରୂପ, ଶଳା ତୋର ଗୋଡ ଦୁଇଟା ଭାଙ୍ଗିଦେବି ।

ମାଆ ତାର ବାହୁନ କାନ୍ଦିଲା, ବିଚରା ଛୁଆଟା, ତାକୁ କେହି ଠିଆ ହେବାକୁ ମଉକା ଦେଉନାହାନ୍ତି । କେମିତି ସେ ବଡ ହେବ? ନିଜ ଗୋଡରେ ନିଜେ କେମିତି ଠିଆ ହେବ, କେମିତି ଆଗକୁ ବଢିବ? ବିଚରା ସବୁଦିନ କଣ ଏଇମିତି ଗୁରୁଣ୍ଡୁ ଥିବ ?

ସମାଜରେ ପିମ୍ପୁଡିପରି ଭୂଇଁରେ ରେଙ୍ଗୁଥିବା ଏଇ ଗରୀବମାନେ ସତରେ କଣ ମଣିଷରେ ଗଣା ଯାଆନ୍ତି ? ଏଇଠି ଦରିଦ୍ରତା ଗରୀବର ମାନଦଣ୍ଡ ନୁହେଁ, ଦରିଦ୍ରତା କେବଳ ଗୋଟିଏ ଭୋଟ ବ୍ୟାଙ୍କ, ରାଜନୀତିର ପଶାପାଲିରେ ଏକ ଟାଣୁଆ ଗୋଟି । ଗରୀବ କେବଳ ଗୋଟିଏ ଗୋଟିଏ ମୂଲ୍ୟବାନ ଭୋଟ୍ । ଗରୀବକୁ ଗରୀବ ରହିବାକୁ ଦିଅ, ଗରୀବର ପରିଭାଷା କେବଳ ଜାତି, ନିର୍ଦ୍ଧନତା ଗରୀବର ମାପକାଠି ନୁହେଁ। ଜାତି ହିଁ ଗରୀବ । ସେହି ହିସାବ ଚାଲିଛି, କିଏ ପଚାରୁଛି ତୁମ ଘରେ ଖାଇବାକୁ ଅଛି କି ନାହିଁ ? କିଏ ପଚାରୁଛି ତୁମର ଆୟର ସ୍ରୋତ କଣ ? କେତେ ରୋଜଗାର କରୁଛ, କେମିତି ଖାଉଛ, କଣ ପିନ୍ଧୁଛ, କେମିତି ଚଳୁଛ ?

କେବଳ ଜାତିଆଣ ସାର୍ଟିଫିକେଟ ଅଛି ତ ତୁମକୁ କେହି କିଛି ପଚାରିବନି ତୁମେ ଗରୀବ କି ନୁହେଁ, ତୁମେ ପାଠ ପଢିଛକି ନାହିଁ ? ଚାକରୀ ପାଇଁ ତୁମର ଉପଯୁକ୍ତ ଯୋଗ୍ୟତା ଅଛି କି ନାହିଁ । ତୁମ ପାଖରେ ଜାତି ପ୍ରମାଣପତ୍ର ଅଛିତ ତୁମେ ଅତ୍ୟନ୍ତ ଯୋଗ୍ୟ, ସବୁ କାମପାଇଁ ତୁମ ଠାରୁ ଅଧିକ ଯୋଗ୍ୟ ଆଉ କେହି ହୋଇ ପାରିବ ନାହିଁ । ତୁମ ପାଇଁ ସବୁ କିଛି ଅଛି, ତୁମ ପାଇଁ ଯୋଗ୍ୟତାର କିଛି ଆବଶ୍ୟକତା ନାହିଁ ।

କିନ୍ତୁ କିଏ ବୁଝାଇ ଦେବ ଏଇ ଦେଶର କ୍ଷମତାଲୋଭୀ ରାଜନେତା ମାନଙ୍କୁ, ଗରୀବର କୌଣସି ଜାତି ନଥାଏ, ଥାଏ କେବଳ ଭୋକ ଆଉ ଭୋକର କୌଣସି ଧର୍ମ ନଥାଏ । ଭୋକରେ ପେଟ ଯେତେବେଳେ ଜଳେ ସେତେବେଳେ ମଣିଷ ଜାତି ଦେଖେନି, ମନ୍ଦିର କି ମସଜିଦ୍ କଥା ଭାବେନି, ଭାବେ କେବଳ ମୁଠାଏ ଭାତ ଆଉ ଚମୁଚାଏ ଲୁଣର କଥା । କିନ୍ତୁ ଘିଅ ମହୁରେ ଭାସୁଥିବା ଏଇ ନେତାମାନଙ୍କୁ କଣ ଜଣା, ପେଟର ଭୋକ କଣ| ଅଲିଅଳ ସନ୍ତାନ ଯେତେବେଳେ ଭୋକରେ କାନ୍ଦେ, କେତେ ଯନ୍ତ୍ରଣା ହୁଏ ମାଆର ଛାତିରେ| ବଢିଲା ଝିଅ ପାଖରେ ଦେହ ଢାଙ୍କିବାକୁ ଯେତେବେଳେ ଚିରିହାତର ଲୁଗାଖଣ୍ଡେ ନଥାଏ, ଅର୍ଦ୍ଧ ନଗ୍ନ

ଝିଅ ଆଗରେ କେତେ ଅପମାନତ ହୋଇଯାଏ ବିଚରା ବାପା| ଲାଜରେ ମୁହଁ ତଳକୁ ହୋଇଯାଏ, ନିଜକୁ ନିଜେ ଧିକ୍କାର କରେ, ନିଜର ଅପାରଗପଣକୁ ମନେ ମନେ ଗାଳି ଦିଏ। କିଏ ବୁଝି ପାରିବ ଏ ଯନ୍ତ୍ରଣା, କିଏ ବୁଝାଇ ଦେବ ସେମାନଙ୍କୁ ?

କ୍ଷମତାର ଲୋଭରେ ଗରୀବରେ ସେମାନଙ୍କୁ କେବଳ ଭୋଟବ୍ୟାଙ୍କ ଦିଶେ, ଜାତି ଦିଶେ, ଆଉ ଦିଶେ ରାମ ଆଉ ଆଲ୍ଲା କମ୍ବା ଯିଶୁ, ଇଟା ପଥରରେ ତିଆରି ମନ୍ଦିର, ମସଜିଦ୍ କି ଗୀର୍ଜା । ଭୋକଲା ଅଝଟିଆ ଛୁଆକୁ ମାଆ ଚମୁଟାଏ ଅଫିମ ଖୋଇଦେଇ ଶୁଆଇ ଦିଏ । ଅବୋଧ ଶିଶୁ ତାର ସୁଧବୁଧ ହରାଇ ଶୋଇଯାଏ, ଉଠିକି କେବେ ପଚାରେନି ମାଆ ତୁ ଏପରି କାହିଁକି କଲୁ, ବରଂ ଅଫିମର ଗୁଲାମ ହୋଇଯାଏ| ପରଦିନ ପୁଣି ମାଆ ପଛେ ପଛେ ଧାଏଁ କାଣିରାଏ ଅଫିମ ପାଇବା ଆଶାରେ । ଆଜି ରାଜନୀତି ସେମିତି ଚାଲିଛି, କେବେ ଧର୍ମର ଅଫିମ, କେବେ ମାଗଣା ପାଇବାର ଅଫିମ । ଏଇ ଅଫିମ ନିଶାରେ ଆଜି ଅଧା ଭାରତ ନିଶାଗ୍ରସ୍ତ । ନିଶାଗ୍ରସ୍ତ ମଣିଷର ବୁଦ୍ଧି ବିବେକ କିଛି କାମ କରେନା, ସେ କେବଳ ସେଇ ନିଶା ପଛରେ ହିଁ ଗୋଡାଇ ଚାଲେ, ଆଉ ଗୋଟାଏ ଡୋଜ ନିଶା ପାଇଁ । ଏବେ ନିଶା ଦେବାପାଇଁ ତ ଅନେକ ଲୋକ କିନ୍ତୁ ଏ ନିଶା ଛଡାଇବ କିଏ ?

ଗରୀବର କଣା ଚାଳରେ ଦିନରେ ସୂର୍ଯ୍ୟ ଦିଶେ, ଆଉ ରାତିରେ ତାରା । ବର୍ଷା ଦିନରେ ସେଇ ବାଟଦେଇ ଘରଭିତରେ ପାଣିପଶେ । ସାତସିଆଁ ଫଟା ଲୁଗାରେ ବଢିଲା ଝିଅ ଘର କଣରେ ଲୁଚବସେ, ବାହାରକୁ ବାହାରି ପାରେନି । ଭୋକରେ ଛୋଟ ଛୁଆ ଯେତେବେଳେ ଡହଳ ବିକଳ ହୋଇ କାନ୍ଦେ ସେତେବେଳେ ମାଆର ଆଖିରୁ ଲୁହ ନୁହେଁ ରକ୍ତ ଝରେ, ନିରୁପାୟ ବାପା ଛାତିରେ ସତେ ଯେମିତି କରତ ଚାଲେ । ନିଜ କପାଳକୁ ନିନ୍ଦେ, ନିଜର ଅପାରଗ ପଣକୁ ଧିକ୍କାର କରେ । ହେଲେ ନିରୁପାୟ ମଣିଷ ଶେଷରେ ଦିନେ ବେକରେ ଗାମୁଛା ବାନ୍ଧି ଝୁଲିପଡେ ଗାଆଁ ମୁଣ୍ଡ ବରଗଛରେ |

ହେଲେ କିଏ ବୁଝାଇ ଦେବ ଆଜିର ଏଇ କ୍ଷମତାଲୋଭୀ ରାଜନେତା ମାନଙ୍କୁ| ସେମାନେ ସବୁ ବୁଝି ବି କେବେ କିଛି ବୁଝି ପାରନ୍ତି ନାହିଁ ଯେ, ଗରୀବର ଜାତି ନଥାଏ, ଭୋକରେ ଧର୍ମ ନଥାଏ । ଗରୀବର ନା' କେହି ବାପା ଥାଏ ନା' କେହି ମାଆ ଥାଏ, ଥାଏ ଖାଲି ବଡଭାଇ, ଦାଦାଗିରୀ କରି ଲୁଟି ଖାଇବାକୁ, ଆଉ କୁମ୍ଭୀରର ନକଲି ଲୁହ ଦେଖାଇ,

ଗରୀବ ଆଖିକୁ ଅନେକ ସ୍ୱପ୍ନ ଦେଇ ସତ୍ତାସୁଖ ଭୋଗିବାକୁ, ଛୋଟ, ବଡ କେତେ କେତେ ରାଜନେତା ।

ରେ ଗରୀବ, ତୋର କେବଳ ସେଇ ଭଗବାନ ଭରସା, ତାଙ୍କରି ଆଶ୍ରାରେ କେବଳ ଆକାଶକୁ ଦେଖୁଥା ଆଉ ଦିନ ଗଣୁଥା, କେବେ ତୋ ଜୀବନରେ ଆସିବ ସେଇ ନୂଆଦିନ । ଅସରନ୍ତି ବସ୍ତ୍ର ଦେଇ କୁରୁସଭା ତଳେ ଦ୍ରୌପଦୀର ଲଜ୍ଜା ବଞ୍ଚାଇବାକୁ କି କୁବେର ସମ୍ପତ୍ତି ଦେଇ ଦରିଦ୍ର ସୁଦାମାର କଷ୍ଟ ଦୂର କରିବାକୁ ସେ କୃଷ୍ଣ ଆଉଥରେ ଜନ୍ମିବେନି । ଦୁନିଆରେ ଆଜି ଖାଲି ମାଳ ମାଳ କଂସଙ୍କର ରାଜୁତି ଚାଲିଛି । ଏବେ କେବଳ କଳକୀ ଅବତାର ପାଇଁ ଅପେକ୍ଷା ।

***8***

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଏକ ଶିକ୍ଷୟିତ୍ରୀ ର ଡାଏରୀ ରୁ



ସାବିତ୍ରୀ ମହାପାତ୍ର

ମାଗୁ ନାହୁଁ ଆମେ ଦାନ କ ଦକ୍ଷିଣ,
ମାଗୁ ନାହୁଁ ଅନୁଦାନ,
ଦିନ ମଜୁରୀଆ ନୁହେଁବିତ ଆମେ,
ଦେଉଅଛୁ ଶିକ୍ଷା ଦାନ।

ମାଗୁଅଛୁ ଆମେ ଆମର ପ୍ରାପ୍ୟ,
ଦିଅ ଆମ ସନମାନ,
ଫେରାଇଦିଅ ଆମ ସମୟର ମୂଲ୍ୟ,
ଯାହା ଆମ ପାଇଁ ମୂଲ୍ୟବାନ।

ଶିଖାଉ ଯେ ଆମେ କେତେ ନୀତି କଥା,
ଶିଖାଉ ପୁଣି ସଂସ୍କାର,
ହେଲେ ଆଖି ବୁଜି ଆମେ ଦସ୍ତଖତ କରୁ,
ହୋଇ ବଡ ନର୍ବିକାର।

ଏଇ କେତେ ଗୋଟି ଦରମା ସେ ଆମ,
ପାରୁନାହୁଁ ପେଟପୋଷି,
ଘର ଜଞ୍ଜାଳର ବୋଝ ମାଡିପଡେ,
ଆଖି ହୋଇଯାଏ ଖୋସି ।

ସମୟାନୁବର୍ତ୍ତିତା ହେବାପାଇଁ ଆମେ,
ଶିଖୁ ଓ ଶିଖାଉଥାଉ,
ହେଲେ ଦରମା ଗଣ୍ଡାକ ପାଇବାକୁ ଆମେ,
ଦିନ ଦିନ ଜଗିଥାଉ ।

ନାହିଁ ତାର ଦିନ, ନାହିଁ ତାର ମାସ,
ନଥାଏ ତାରିଖ ତାର,
ଆଜି ମିଳବ ବା କାଲି ବା ମିଳବ,
ପ୍ରଶ୍ନ ଉଠେ ବାରମ୍ବାର ।

ନଷ୍ଟାପର ଏଠି ପାଏନା ଆଦର,
ଜାଣେନା ସେ ତାର ସ୍ଥିତି,
କେତେବେଳେ ଯାଏ ଉପରକୁ ଉଠି,
କେତେବେଳେ ଯାଏ ଖସି।

# କରୋନା ଦାନବ



ରାଜକିଶୋର ସାହୁ

ବନ୍ଦଇ ମା ଦେବୀ ଭବାନୀ
ଆଦ୍ୟାଶକ୍ତି ଶିବ ମନମୋହିନୀ ।୦।

ଅନନ୍ତ ଆକାଶ ସିନ୍ଧୁ ସଲିଳ
ଦୂରରୁ ଦିଶନ୍ତି ଉଭୟେ ନୀଳ
ନିରୀକ୍ଷଣ କଲେ ନିକଟରୁ ଆମେ
ଦିଶନ୍ତିନି ସେହିଭଳି ଏ ବେନି ।୧।

କରାଳ ରୂପରେ ତୁ ଦିଗମ୍ବରୀ
ଭାବକୁ କରୁଣା ସାଗର ବାରି
ଭକ୍ତି ଗଙ୍ଗା ଜଳେ ସ୍ନାହାନ କରିଲେ
ସର୍ବ ବିଘ୍ନ ନାଶୁ ଦୁଃଖ ଭଞ୍ଜନୀ ।୨।

ରାମକୃଷ୍ଣ ନାମେ ମହାମନଷୀ
ତୋ ପାଦପଦ୍ମରେ ଥିଲେ ଭରସି
ପ୍ରୀତ ହୋଇ ତାଙ୍କ ଭାବ ଭକତିରେ
ତୋଳନେଲୁ ମାଆ ଭଳ ଜନନୀ ।୩।

ସକଳ ଶକ୍ତିର ଆଧାର ତୁହି
ତୋ ବିନୁ ମା ଗତି ମୁକତି ନାହିଁ
ତୋ କରୁଣା ବିନା କେ ପାଏ ଠିକଣା
ତୁହି ପରା ଭବ ଭୟ ଭଞ୍ଜନୀ ।୪।

ଏ ବିଶ୍ୱ ଆକାଶୁ କଳା ବାଦଲ
ଫେଡିଦେ ଛିଞ୍ଚି ମା କୃପା ସଲିଳ
କରୋନା ଭୟରେ ସର୍ବେ ଥରହର
ଉଦ୍ଧାର କର ମା ବିଶ୍ୱବନ୍ଦିନୀ ।୫।

ଏତିକି କରୁଛି ତୋ ପାଦେ ଅଳି
ଏ ମହାମାରୀକୁ ଦେ ମାଆ ଟାଳି
କରୋନା ଦାନବ ହତ କରି ମା ଲୋ
ମଧୁମୟ କରି ଦେ ଏ ଧରଣୀ ।୬।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ନିବେଦନ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ହେ ବାସୁଦେବ,
କେଉଁ ଶବ୍ଦଗୁଚ୍ଛେ ମଣ୍ଡିବି ତୁମକୁ
ଶବ୍ଦ ବ୍ରହ୍ମ ଯେ ତୁମର, କେଉଁ ପୁଷ୍ପେ ଗୁନ୍ଥିବି ମୁଁ ମାଳ
ପାରିଜାତ ଅବା ଶ୍ୱେତ ପଦ୍ମ, ମହକରେ ତୁମେ ବିରାଜିତ,
କିବା ସମର୍ପିବି ପାଦରେ ତୁମର ଧୂପ ଦୀପ ଚନ୍ଦନ ତୁଳସୀ,
ସବୁଥିରେ ତୁମର ସାକ୍ଷ ର ତୁମର, ନା ମୁଁ ରାଧା ଅଯାଡିବି ପ୍ରେମରସମ୍ଭାର,
ନା ମୁଁ ମୀରା ଭାବରେ ବାନ୍ଧିବି ତୁମକୁ, ନା ମୁଁ ଭକ୍ତ ଦାସିଆ ବାଉରୀ
ତୁମେ ମୋର କାଳିଆ ସାଆନ୍ତ, ନା ମୁଁ ବନ୍ଧୁ ସୁଦାମା
ଖୁଦ ଭଜା ଦେଇ ତୋଷିବି ତୁମ ମନ,
ମୁଁ ତ କ୍ଷୁଦ୍ର ଧୂଳିକଣା ଟିଏ, ମୋ ଆଖି ସାମ୍ନାରେ ତୁମ ଅନନ୍ତ
ବ୍ରହ୍ମାଣ୍ଡ ସୀମା ହୀନ ଶୂନ୍ୟତା ରେ ମୁଁ ଆଶ୍ଚର୍ଯ୍ୟ ବିସ୍ମୟ, ବିସ୍ଫାରିତ
ଆତ୍ମା ମୋର ଅନୁଭବିଛି ପ୍ରତିଟି ଅଣୁ ଅଂଶରେ ତୁମକୁ
ମୁଁ ନିଃସ୍ୱ ଅସହାୟ ତୁମେ ପୂର୍ଣ୍ଣ ପରମ ବ୍ରହ୍ମ ସବୁ ତୁମର ସବୁ ତୁମର

ହେ ଚକ୍ର ଧାରୀ,
ଦ୍ୱାପର ରେ ଯେବେ କପଟ ପଶାର କୁଟିଳ ଚାତୁରୀ ରେ
ଧର୍ମ ଧ୍ୱଜା ହୋଇଲା ଖଣ୍ଡିତ, ପାଣ୍ଡବ ପ୍ରତାରିତ ଲାଞ୍ଛିତ,
ଲୁଣ୍ଠିତ ପାଞ୍ଚାଳ କୁମାରୀ କୃଷ୍ଣା ର ଲଜ୍ୟା,
ଅସହାୟ ଗାଣ୍ଡିବ ନୀରବ ନିସ୍ତବ୍ଧ, ପିତାମହ ଲଜ୍ଜିତ,
ଗୁରୁ ଦ୍ରୋଣ ମୂଲ୍ୟହୀନ ଏକ ଅଭିସପ୍ତ ଚରିତ୍ର, ତୁମେହିଁ ତ ଏକ ମାତ୍ର ମହତ
ପୁରୁଷ ସଖା କୃଷ୍ଣ, ତୁମେ ଶୁଣିଥି ଲ କୃଷ୍ଣା ର କାତର ପ୍ରାର୍ଥନା,
କୋଟିବସ୍ତ୍ର ଦେଇ ଲଜ୍ଜା ନିବାରିଲ, ଅଧର୍ମ କୁ ନାଶ କରି ଧର୍ମ ସଂସ୍ଥାପିଲ,
ଆଜି କାହିଁ ନୀରବ ପ୍ରଭୁ ପଥର ଦେଉଳେ
କେମିତି ସହୁଛ ପ୍ରଭୁ ନିରୀହ ଆଖିର ଲୁହ,

ଆଜିବିତ ସହସ୍ର ଅବଳାର ଲଜ୍ଜା ଭୁଲୁଣ୍ଠିତ,
ଆଜିବିତ ଶୁଭେ ବାର ବାର ତାର ବିକଳ ଚତ୍କାର,
କେବେ ହବ ପ୍ରଭୁ ତବ ଶୁଭ ଆଗମନ, କେବେ ସଂଘାରିବ ମ୍ଳେଛ,
କେବେ ଧର୍ମ ଧ୍ୱଜା ଉଡା ଇବ ।

ହେ ମହା ଭ୍ରତର ମହାନାୟକ,
ଦ୍ୱାପର ରେ ଯେବେ
ମାନ ଦୁର୍ଯୋଧନ ଯତୁଗୃହ ବାଢ଼ ବ ଅଗ୍ନିରେ ଜାଳଦେଲା
ସତ୍ୟ ଓ ଧର୍ମକୁ, ତୁମେଇତ ଗୁପ୍ତରେ ଶିଖାଇଥିଲ ଜୀବନର ଗ୍ହା,
ତୁମେତ ରଚଥିଲ ମହାଭ୍ରତର ମହାସମର,
ତୁମେ ତ ସାଜିଥିଲ ପାର୍ଥ ର ସାରଥୀ, କେବଳ ତୁମ
ଆଖିର ଇସାର୍ ରେ ତୁମରି ଚକ୍ର ଛେଦନ କରୁଥିଲା
ଅଧର୍ମର ଗଳା ଅତି ସନ୍ତର୍ପଣରେ,
ଆଜି କାହିଁକ ମଣି ମା ମଉନେ ବସିଛ,
ଆଜି ସ୍ୱାର୍ଥ ଆଉ ଅହମିକା ରଚୁଛି ତାଣ୍ଡବ, ଭୀତତ୍ରସ୍ତ ମାନବ ସମାଜ,
ହିଂସା ର ଦାବାନଳ ଗ୍ରାସିଛି ମେଦିନୀ
ଚତୁର୍ଦ୍ଦିଗେ ତ୍ରାହି ତ୍ରାହି ଡାକ, ସତେ ଅବା ଯୁଗ ଧ୍ୱଂସ ବେଳ,
ଆସ ଅବତରି ପ୍ରଭୁ ଆସ ଅବତରି, କାଳ ଗ୍ନି କରହେ ବିନାଶ,
ଅପସାରି ଯେତେକ ଅନ୍ଧାର, ହାତ ଧରି ଗ୍ଳନଅ
ଆଲ୍ୋକର ପଥେ, ଦିଅ ପ୍ରଭୁ ଅମୃତର ସ୍ପର୍ଶ,
ଦିଅ ପ୍ରଭୁ ଅମୃତର ସ୍ପର୍ଶ ॥

ଶିକ୍ଷକ, ମ୍ୟୁନସିପାଲ ହାଇସ୍କୁଲ, କେନ୍ଦ୍ରପଡା

# ନର ହିଁ ନାରାୟଣ



ବରଦା ପ୍ରସନ୍ନ ଦାସ

ନର ହିଁ ନାରାୟଣ । ଏ କଥାକୁ ପ୍ରମାଣିତ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ । କୁହାଯାଏ ମାନବ ସେବା ହିଁ ମାଧବ ସେବା । ମାତ୍ର ଉକ୍ତିର ତାତ୍ପର୍ଯ୍ୟ ବହୁ ବିଜ୍ଞ ଅଜ୍ଞ ମାନେ ସହଜେ ବୁଝି ପାରିନଥାନ୍ତି । ଯଦି ବୁଝିଥାନ୍ତେ, ତେବେ ଆଜି ମନ୍ଦିର, ଗୀର୍ଜା, ମସଜିଦ୍, ଚର୍ଚ୍ଚ ଆଦିରେ ତାଲା ପଡିଯାଇଥାନ୍ତା । ଯେପରି କରୋନା ମହାମାରୀ ଜନମାନସକୁ ଅସ୍ତବ୍ୟସ୍ତ କରିଥିବା ବେଳେ ମନ୍ଦିର ଆଦି ଜନସାଧାରଣଙ୍କ ପାଇଁ ପ୍ରବେଶ ନିଷେଧ କରାଯାଇଛି । ମାତ୍ର ଏହାର କାରଣ ଅଲଗା । ବିଶ୍ୱରେ ମାନବ ସେବା ପାଇଁ ସବୁକିଛି ଚାଲିଛି । ସରକାର ଚାଲିଛି । ସମ୍ବିଧାନ ପ୍ରସ୍ତୁତି ହୋଇଛି । ଶାସନ କରିବା ପାଇଁ ରାଜନେତାମାନଙ୍କୁ ଭୋଟ ପ୍ରଦାନ ଜରିଆରେ ସରକାର ଗଠନ କରାଯାଉଛି । ଅଥଚ ନର ସେବାହିଁ ନାରାୟଣ ସେବା ଏକଥାକୁ ଜାଣିଥିଲେ ମଧ ବାସ୍ତବ କାର୍ଯ୍ୟକ୍ଷେତ୍ରରେ ଗୁରୁତ୍ୱ ଦେଇନଥାନ୍ତି । କାରଣ ଏ ତତ୍ତ୍ୱ ଗହନ । ଏ ଦର୍ଶନ ମଧରେ ପ୍ରବେଶ ପାଇଁ ଯୋଗ୍ୟତା ଅଧିକାଂଶଙ୍କର ନଥାଏ । ଅତି ସାଧାରଣ କଥାଟିଏ । କିନ୍ତୁ ଅଜ୍ଞତା ଯୋଗୁଁ ଅନ୍ଧବିଶ୍ୱାସ ଏପରି ମାନସପଟକୁ ଆଚ୍ଛନ୍ନ କରି ରଖିଥାଏ ଯେ ପରମ୍ପରା ଭିତରେ ସବୁ ହଜି ଯାଆନ୍ତି । ଏଥିପାଇଁ ଶିକ୍ଷାଳୟ, ଦେବାଳୟ, ମହାବିଦ୍ୟାଳୟରେ ଶିକ୍ଷା ଦାନ ପଦ୍ଧତି ଭିନ୍ନ ଥାଏ । ଛୋଟିଆ ଓ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ହୃଦୟ ମଧକୁ ନେଇ ବିଶ୍ୱରେ ମାନବ ସମାଜ ଯଦି ସହଜରେ ବୁଝିପାରନ୍ତେ ତେବେ ଆଜି ଏ ଅରାଜକତା ହେଉନଥାନ୍ତା ।

ଆମ ଶାସ୍ତ୍ରଠାରୁ ଆମେ ବହୁ ଦୂରରେ ଅଛୁ । ଆମେ ସନାତନ ଧର୍ମାବଲମ୍ବୀମାନେ ଅମ ପୂର୍ବଜ ଶାସ୍ତ୍ର ବେଦ, ଯାହାକି ଜ୍ଞାନର ଭଣ୍ଡାର ଅଟେ ଏବଂ ପରବ୍ରହ୍ମ ଏହାର ରଚୟିତା, ଏ କଥାକୁ ଅନେକ ସ୍ୱୀକାର କରିନଥାନ୍ତି । କାରଣ ଗୁରୁକୂଳ ଶିକ୍ଷା ପରିବର୍ତ୍ତେ ଇଂରେଜ, ମୁସଲମାନ, ମରହଟ୍ଟା, ମୋଗଲମାନେ ଅମକୁ ଶାସନ କରି ଆମ ସୁ-ପରମ୍ପରାକୁ କାଳକ୍ରମେ ଧ୍ୱଂସ ବିଧ୍ୱଂସ କରିଦେଇ ଚାଲି ଯାଇଛନ୍ତି । ପୂର୍ବ ଚନ୍ତାଧାରା, ସାମାଜିକ

ଚଳନରେ ଘୋର ବରିପର୍ତ୍ତନ ହୋଇଯାଇଛି । ସେଥିରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଯଥେଷ୍ଟ ହୋଇପାରି ନଥିବାରୁ ଆମେ ମଝି ଦରିଆରେ ଉବୁଟୁବୁ ହେଉଛୁ । ଏଥିରୁ ଉଦ୍ଧାର କରିବାପାଇଁ ଶ୍ରେଷ୍ଠ ଆତ୍ମାମାନେ ଚେଷ୍ଟିତ । ବେଦ ସାରକଥାକୁ ଯଦି ବିଗ୍ଭର କରିବା ପ୍ରଭୁପୂଜା ଅର୍ଥ ହିଁ ନରଙ୍କୁ ନାରାୟଣ ଭାବେ ଦେଖିବା । ତଦନୁଯାୟୀ କାର୍ଯ୍ୟ କରିବା । ଜନତା ଜନାର୍ଦ୍ଦନ ର ସେବାରେ ନୟୋଜିତ ହୋଇ ଯେଉଁମାନେ କାର୍ଯ୍ୟ କରନ୍ତି, ସେମାନଙ୍କୁ ସମାଜ ଜାତି ଦେଶ ମନେରଖିଥାଏ । ପଥର, କାଠ, ମାଟି ପିତୁଳା ବା ମୁଗୁନ କଂସାର ମୂର୍ତ୍ତୀମାନଙ୍କୁ ଫୁଲ ଚନ୍ଦନ, କ୍ଷୀର ଢାଳ ଯାହାସବୁ ଆରାଧନା କରାଯାଏ, ତାହା ଆମ ବୈଦିକ ବାର୍ତ୍ତା ବହନ କରେନାହିଁ । ଆମ୍ଭେମାନେ ବହୁମାତ୍ରାରେ ଅସଲ ଜ୍ଞାନ ଆହରଣ ନକରି ନକଲି ନାନା ମୁନ, ଠାକୁର, ମନ୍ଦିର, ଭିନ୍ନ ଉପାସନା ପଛରେ ପଡି ଅଜ୍ଞତା ଯୋଗୁଁ ଅନ୍ଧବିଶ୍ୱାସ ମଧ୍ୟରେ ଆଉଟୁ ପାଉଟୁ ହେଇ ମୂଲ୍ୟବାନ ସମୟଗୁଡିକ ନଷ୍ଟ କରି ନଜର କ୍ଷତି କରିଗ୍ଭଲିଛୁ ।

କେଶରପୁର(ମହାନ୍ତି ଲେନ୍),କଟକ-୧
ମୋ-୯୮୭୧୧୪୫୬୮୭

“ବେଦାନ୍ତୀ” ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୂକ ସାକ୍ଷୀ



ଓଜସ୍ୱିନୀ ଶତପଥୀ

କାହାକୁ ଅପମାନିତ କରିବା ପାଇଁ ନୁହେଁ
ନିଜକୁ ସମ୍ମାନିତ କରିବା ପାଇଁ
କାହା ଆଖିରେ ଅଶ୍ରୁ ଆଣିବା ପାଇଁ ନୁହେଁ
ନିଜ ଓଠରେ ହସ ଖେଳେଇବା ପାଇଁ
କାହା ଅହଂକାର କୁ ଆଘାତ କରିବା ପାଇଁ ନୁହେଁ
ନିଜ ସ୍ୱାଭିମାନ କୁ ବଜାୟ ରଖିବା ପାଇଁ
ମୁଁ ଯେତେବେଳେ ଛୋଟ ଛୋଟ ଚେଷ୍ଟା କରେ
ଗଭୀର ଆତ୍ମବିଶ୍ୱାସ ବଳରେ
ଅନେକ ବାଧାବିଘ୍ନ ଆସେ ମୋ ଚଲାପଥ ରେ
ଅଭିମନ୍ୟୁ ପରି ଚକ୍ରବ୍ୟୁହ ରେ ନିଜକୁ ହଜାଇ
କ୍ଷତବିକ୍ଷତ ହେଇ ମୁଁ ତଥାପି ଲଢୁଥାଏ

କାହା ବିରୁଦ୍ଧରେ**??**
ଖାଲି ଅଜଣା**,** ଅପରିଚିତ ନୁହେଁ
କେବେ କେବେ ସ୍ୱଜନ ପ୍ରିୟଜନ ଶତ୍ରୁ ର ମୁଖାରେ
ଲାଞ୍ଛନା**,** ଅପମାନ ର ତୀକ୍ଷ୍ଣ ଶରଘାତରେ
ଅସଂଖ୍ୟ ପ୍ରଶ୍ନବାଚୀ ର ଶରଶଯ୍ୟା ଉପରେ
ଥକା ହେଇ ଯେବେ ମୁଁ ଇଚ୍ଛାମୃତ୍ୟୁ ମାଗେ
ପୁଣି ଥରେ ଲାଞ୍ଛନା ମିଳେ "ଆତ୍ମଘାତୀ ଭାବରେ"
କେହି ବୁଝନ୍ତିନି ମୋ ନୀରବତା ର ଭାଷା
ମୋ ଆହତ ମନ ର ଅକୁହା କଥା

କିଏ  କହେ ମୁଁ ଅସମର୍ଥ
କହାତି ଅସଫଳ ଦୁର୍ବଳ ବ୍ୟକ୍ତିତ୍ୱ
ହଁ, ମାନୁଚ, ମୁଁ ଦୁର୍ବଳ
ଅପରିପକ୍ୱ, ଶିଥିଳ ମୋ ମନବଳ
କିନ୍ତୁ  ମୁଁ ଏପରି ତ  ନଥିଲି!!!
ପ୍ରତ୍ୟୁଷର ସୂର୍ଯ୍ୟ ପରି
ପ୍ରଦୋଷ ର ଶଶୀ ପରି
ମୁଁ ବି ଖୁବ୍ ଚମକୁ ଥିଲି
ସାରା ଆକାଶ ରେ ଉଡିବା ପାଇଁ
ଧୀରେ ଧୀରେ ଉଠୁଥିଲି ମୁଁ ଡେଣା ମେଲେଇ
ଉତ୍ସାହ ଉଦ୍ଦୀପନା ର ଦୀପ ଟିଏ ଜାଳି
ନିଃଶବ୍ଦ ରେ ଜୀବନ ର ସଂଜ୍ଞା ଖୋଜୁଥିଲି
ବଞ୍ଚିବା ଜୀବନ ର ସଂକଳ୍ପ ଥିଲା
ମୃତ୍ୟୁ କଦାପି ବିକଳ୍ପ ନଥିଲା
ବିଶ୍ୱାସ ଓ ଅବିଶ୍ୱାସ ର ଲୁଚକାଳି ଖେଳରେ
ହାରିବା ଓ ଜିତିବା ର ଘମାଘୋଟ ଯୁଦ୍ଧରେ
ନିଜକୁ ହରାଇ ବସିଲି ମୁଁ ଅଜାଣତରେ ।

କିନ୍ତୁ..........

ମୃତ୍ୟୁ ଯେବେ ଜୀବନର ସମାଧାନ ହୁଏ
ଭୀଷ୍ମ ର ଅଟଳ ପ୍ରତିଜ୍ଞା ବି ଶଯ୍ୟାସାୟୀ ହୁଏ
ଜନକ ନନ୍ଦିନୀ  ମହାରାଣୀ ସୀତା
ପରିଶେଷେ କାହିଁକି ବା ହେଲେ ଭୂଗର୍ଭା?
ମର୍ଯ୍ୟାଦା ପୁରୁଷୋତ୍ତମ ଙ୍କ ଅର୍ଦ୍ଧାଙ୍ଗିନୀ ହୋଇ
ବାରମ୍ବାର ଅଗ୍ନି ପରୀକ୍ଷା ର ସମ୍ମୁଖୀନ ହୋଇ
ସ୍ୱଇଚ୍ଛା ରେ ମାଗି ନେଲେ ମୃତ୍ୟୁ ନିଜ ପାଇଁ।

ଆଜି ମୁଁ ନୀରବ, ପରାସ୍ତ  ଶାନ୍ତ ସୁଶାନ୍ତ
ମୃତ୍ୟ ର କୋଳରେ ଖୁବ୍ ଆଶ୍ୱସ୍ତ, ସୁରକ୍ଷିତ।
ନା ହାରିବାର ଭୟ
ନା ଜିତିବାର ଲୟ
ନିଜକୁ ପ୍ରତିଷ୍ଠିତ କରିବା ର ଅକ୍ଲାନ୍ତ ପ୍ରଚେଷ୍ଟା
ସମାପ୍ତ  ହେଲା ମୋ ଅସ୍ତିତ୍ୱ ର କଣାବିକା

ହେ ଈଶ୍ୱର.....
ତୁମେ ମୂକ ସାକ୍ଷୀ, ତୁମେ ମୂକ ସଖା
ଆର୍ପଣ କରୁଚ ମୋ  ଶେଷ ଇଚ୍ଛା
ଥରଟିଏ ମୁଁହଖୋଲି ଦିଅ ଉତ୍ତର
ମୋ ଜୀବନ ଯାତ୍ରା ର ମୂଲ୍ୟାଙ୍କନ କର ।

ସମାଜ ଶାସ୍ତ୍ର ବିଭାଗ
ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ,ନୂଆଦିଲ୍ଲୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପବିତ୍ର ପ୍ରେମ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ତୁମକୁ ମୁଁ ପ୍ରଶ୍ନ କରେ !
ସତେ କଣ ଭଲପାଅ -
ତୁମେ କୁମୁଦ କୁ?
ଏକା ପ୍ରଶ୍ନ ପଗ୍ମରେ-ସୂର୍ଯ୍ୟଙ୍କୁ
ସତେ କଣ ଭଲପାଅ - ତୁମେ,
ବାନ୍ଧବୀ ପଦ୍ମକୁ ?
ମାଟି ! ତୁମେ ସତକୁହ
ତୁମ ପ୍ରୀତି ଆକାଶ ସହିତ -
ନୁହେଁ କ ଛଳନା ?
ଦିଗବଳୟେ ଖୋଜିଛି ମୁ କେତେ -
ପାଇନାହିଁ ଦୁହିଁଙ୍କର -
ମିଳନ ଠିକଣା ।
ଗ୍ନନ୍ଦ ଦେଇନ କେବେ -
କୁମୁଦକୁ ପ୍ରୀତିର ପରଶ,
ସୂର୍ଯ୍ୟ ରଚନ କେବେ
ରଜନୀରେ ପଦ୍ମ ସାଥେ ର୍ସ ।

କେମିତି କହିବି ପ୍ରୀତି ଅଭେଦ ତାଙ୍କର,
ଯେତେ ଦୂରେ ଥିଲେ ଯେ ଯାହାର ସେ
ତାହାର ।
ନଦୀ କନ୍ତୁ ଭଲପାଏ -
ଦୂର ସାଗରକୁ,
ବାଧାବିଘ୍ନ ସବୁ ଲଂଘି -
ଧାଇଁଯାଏ ସାଗର କୋଳକୁ ।
ପ୍ରେମ, ପବିତ୍ର ତାଙ୍କର;
ପ୍ରୀତି - ଶାଶ୍ୱତ, ମଧୁର,
ତଟିନୀଟା କୁଳୁକୁଳୁ ସୁରେ -
ଦିବାନଶି ତୋଳୁଥାଏ ମିଳନ - ଝଙ୍କାର ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ମୋ ଅନ୍ତରେ



ସତ୍ୟନାରାୟଣ ଗନ୍ତାୟତ

ମୁଁ
କହି ପାରୁନ
କ'ଣ ହୋଇଛି ମୋର ॥

ବେଳ କହୁଚ
ମୁଁ କୁଆଡେ
ଚଳଚଞ୍ଚଳ
କଳକଳ ଛଳଛଳ ॥

ହେଲେ ମୋ ଅନ୍ତରେ
ମୁଁ ଏବେ
ନିର୍ଲିପ୍ତ
ନିରବ ଓ
ନିଥର **!**

ସ୍ଫୁରୁନ ଶବ୍ଦ
ଶୁଭୁନ ମୋ ଆର୍ତ୍ତନାଦ
ଦିଶେ ସିନା ସବୁ
ଜଳଜଳ
ଦୃଷ୍ଟିରେ ମୋ ବ୍ୟାପ୍ତ କନ୍ତୁ
ଅନ୍ଧାର ଓ
ଅନ୍ଧାର କେବଳ **!!**

ମୁଁ
କହି ପାରୁନ
କ'ଣ ହୋଇଛି ମୋର **??**

'ସୁହାସିତମ୍',କସ୍ତୁରୀ ନଗର,
ରାୟଗଡା: ୭୬୫୦୦୧

# ରଥ ପଥ ଜଗନ୍ନାଥ



ଅଧାପକ ଶରତ କୁମାର ଦାସ

ରଥ କୋଳାହଳ ପଥ କୋଳାହଳ କୋଳାହଳ ଜଗନ୍ନାଥ,
ଭୂମିରୁ ଭୂମାକୁ ଶୁଭେ ପ୍ରତିଧ୍ୱନ ପ୍ରକମ୍ପିତ ଘୋଷଯାତ ।
ଭକ୍ତଜନ ବନ୍ଧୁ କରୁଣାର ସିନ୍ଧୁ ହଲି ହଲି ଝୁଲି ଝୁଲି,
ରଥରେ ବିଜୟ ଜଗତର ନାଥ ପତ୍ନୀଙ୍କ ପ୍ରେମକୁ ଭୁଲି ।

ନବ ଦିନ ବ୍ୟାପି ଶ୍ରୀଗୁଣ୍ଡିଚ୍ଚା ଯାତ ଏ ମାଟିର ମହାପର୍ବ,
ଜଗନ୍ନାଥ ସଂସ୍କୃତିର ପୁଣ୍ୟ ଧାର୍ କୋଟି ଓଡିଆଙ୍କ ଗର୍ବ ।
ରଥରେ ମଣ୍ଡିତ ଭକ୍ତିରେ ପୂଜିତ ଦୀନବନ୍ଧୁ ଦୁଃଖହାରି,
ଦର୍ଶନ ଦିଅନ୍ତି ଉତଫୁଲ୍ଲିତ ଚଢ଼େ ମହାପ୍ରଭୁ ଦଇତାରି ।

ରଥ ଗଡୁଥାଏ ପଥ ହସୁଥାଏ ଭକ୍ତ ଡାକେ ତ୍ରାହି ତ୍ରାହି
ରତ୍ନବେଦୀ ଠାରୁ ଜନ୍ମବେଦୀ ଯାଏ କରୁଥାନ୍ତି ଲୀଳା ସାଇଁ ।
ବାହୁଡାରେ ପ୍ରଭୁ ଆସନ୍ତି ବାହୁଡି ଗୁଣ୍ଡିଚ୍ଚା ମନ୍ଦିର ଛାଡି,
ରତ୍ନସିଂହାସନ ହାତ ଠାରି ଡାକେ ଭକ୍ତଙ୍କର ଲଗେ ଧାଡି ।

ଗୋଟିଏ ବର୍ଷର ପ୍ରତୀକ୍ଷା ଅସହ୍ୟ ଅଶ୍ରୁସିକ୍ତ କୋଟିଭକ୍ତ,
ରଥ ଝୁରୁଥାଏ ପଥ ଝୁରୁଥାଏ ଝୁରୁଥାନ୍ତି ଜଗନ୍ନାଥ ।

ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର

# ଗାନ୍ଧୀ ତୁମେ ଫେରିଆସ



ସନ୍ତୋଷ ପଟ୍ଟନାୟକ

ଗାନ୍ଧୀ ତୁମେ ଫେରିଆସ
ଏବେ ବଦଳଯାଇଛି ଆମଦେଶ
ଦେଖିଥିଲ ଯେଉଁ ସ୍ୱରାଜ ସପନ,
ଗଢା ସେଠି ଆଜି ମଦଦୋକାନ
ତୁମବିନା ତାକୁ କେ କରିବ ଆନ !
ତେଣୁ ଅଛି ତୁମ୍ଭ ପ୍ରୟୋଜନ.... ।

ବଢିଛି ଏଠି ଥାନା କଚେରୀ
କମିନାହିଁ  ଡକାୟତି ଚୋରି
ମାଳ ମାଳ ପୁଣି ଶିକ୍ଷାନୁଷ୍ଠାନ
କମୁନ ବେକାରୀ,ଅଜଣା ଶାଶନ
ଶୋଷଣ,ଧର୍ଷଣ,ବେକାରୀ କଷଣ
ବଢିଗଲେ ଏଠି ଦିନକୁ ଦିନ
ଏ ସବୁ ପାଇଁ ନାହିଁ ସମାଧାନ !!
ତେଣୁ ତୁମ୍ଭେ ଆସ  ....
ଆସିବାର ଅଛି ପ୍ରୟୋଜନ... ।।

କାନ୍ଦୁଛି ସ୍ନେହ,ଶ୍ରଦ୍ଧା କାନ୍ଦେ ଭାରତମାତା
ପାଶ୍ଚାତ୍ୟ ନଶାରେ ଏଠି ବୁଡିଛି ଜନତା
ଆଦର୍ଶବାଣୀ ତୁମ ଆଜି ସମାଧି ତଳେ,
ଅନ୍ୟାୟ, ଅନୀତି ସବୁଠି ଚଳେ
ଦୋଷୀ ପୁଣି ଏଠି ପାଏ ସମ୍ମାନ
ବଦଳାଇବାର ଅଛି ଆମ ଆଇନ
ତେଣୁ ଅଛି ତୁମ୍ଭ ପ୍ରୟୋଜନ ,
ଆସି ଥରେ କର ତା'ର ସମାଧାନ....॥

ଗଞ୍ଜାମ

# ସୁନ୍ଦରବନରେ ଯାତ୍ରା



ଅଶୋକ ବିଶ୍ୱାଳ

## ସୁନ୍ଦରବନରେ ଯାତ୍ରା-୧୧

ଖଲାସି ଟୋକା ପାଖକୁ ଏକ ପ୍ଲାଷ୍ଟିକ ଡ୍ରମ ନେଇ ଆସିଲା । ସେଥିରେ କଙ୍କଡାମାନ ବନ୍ଧାହୋଇ ପଡିଥିଲେ । ବଡ ସାବଧାନତାର ସହ କଙ୍କଡାର ବଡ ଗୋଡକୁ ବାନ୍ଧିଦିଆ ଯାଇଥିଲା । କଙ୍କଡା ବଡ ଗୋଡରେ କାମୁଡି ପାରିବ ନାହିଁ । ଶକ୍ତିଶାଳୀ ସଣ୍ଢୁଆସୀ ଗୋଡ ସଂମ୍ପୂର୍ଣ ଅକାମୀ । କଙ୍କଡା କଛି କାହାର କ୍ଷତି କରିପାରିବ ନାହିଁ । ଏ କେଉଟମାନେ କଙ୍କଡା ଧରିବା ଆଉ ତା'କୁ ସମ୍ଭାଳକରି ରଖିବାରେ ଅତି ପାରଙ୍ଗମ ।

ନଳୟ ସେହି କଙ୍କଡାମାନଙ୍କୁ ଅନାଇଲା । ଗାଢ ସବୁଜ ରଙ୍ଗର କଙ୍କଡା । ପ୍ରାୟ କଳା ।

“ଏ କଙ୍କଡା ଗୁଡାକ ଉପର ଖୋଳପା ଛଡାଇ ଦିଆଯିବ । ତାପରେ ସିଦ୍ଧ(ସିଝା) କରାଯିବ।”- ଗୌତମ କହିଲା ।

ଖଲାସି ଟୋକାଟା ତଳକୁ କଙ୍କଡା ନେଇଗଲା । ତଳେ କଙ୍କଡାକୁ ଛଡାଇ ରୋଷାଇ କରାଯିବ। କଛି ସମୟପରେ ଗୌତମ ତଳକୁ ଚାଲିଗଲା । ଗାୟନବାବୁ ହୁଇଲ ହାତରେ ଧରିଲେ । ବୋଟ ଏ ଭିତରେ ଅନେକ ଚାଲିଛି । ବୋଟର ଅତିଥିମାନେ କଥାବାର୍ତ୍ତାରେ ବ୍ୟସ୍ତ ଅଛନ୍ତି । ଭିତରେ ଖାଇବାଟା ଲାଗିଗଲା ।

“ଚଟଣିଟା ବେଶ ଭଲ ହୋଇଛି ।”- ତପନ କହିଲା ।

“ଆରେ ଏଇଟା ବଙ୍ଗାଳ ରାନ୍ଧଣା । ଖାଇବା ଖୁବ ଭଲ । କନ୍ତୁ ଚଟଣୀଟା ଚମତ୍କାର ।”- କୌଶିକ କହିଲା । ଏମିତିଆ ଚମତ୍କାର ରାନ୍ଧଣାପାଇଁ ସୁନ୍ଦରବନ ପ୍ରସିଦ୍ଧ । ତା'ର ଘର ପାଖରେ ଥିବାରୁ ସେ ନଜକୁ ଏ ଅଞ୍ଚଳର ଭାବେ ।

“ଚଟଣିଟା ଏକଦମ ଅଲଗା ।”- ନଳୟ କହିଲା ।

“ଚଟଣିରେ ଟମାଟର, ଖଜୁର ଆଉ ଗୁଡ ଦିଅନ୍ତି ।”- କୌଶିକ ବୁଝାଉଥିଲା ।

"ଆଉ ଛୁଙ୍କଟା ଅଛି ତ?"- ତପନ ପଚାରିଲା ।

"ଆଉ ନୁହେଁତ କଣ? ବିନା ଛୁଙ୍କରେ ଏ ଚଟଣି ମୋଟେ ଭଲ ଲାଗିବନି । ଏକ ବଢ଼ିଆ ଛୁଙ୍କ ଦିଆଯାଏ ।"- କୌଶିକ ବୁଝାଉଥିଲା ।

"ଏ ଲାଲ ଟମାଟର ଆଉ ଖଜୁର ଚଟଣୀଟା ଖାଇବା ଶେଷରେ ଦିଆଯାଏ । ଚଟଣି ଦେବାର ଅର୍ଥ ହେଉଛି ଖାଇବା ଶେଷ । ମିଠାତ ଆଗରୁ ଥାଏ ।"- ତପନ କହିଲା ।

ନିଳୟର ମୁହଁଟା ଖୁସିରେ ଲାଲ ହୋଇ ଉଠିଥିଲା । ଏତେ ବଢ଼ିଆ ଖାନା ଖାଇଲେ କାହାର ମନ ଖୁସି ନହେବ । ଖାଇବାଟା ଅତି ଚମତ୍କାର ଥିଲା । ବୋଟ ଏବେ ଫେରିବା ରାସ୍ତାରେ । ସେମାନେ ଅଧିକ ସମୟ ନାଳରେ କଟାଇଛନ୍ତି । କିନ୍ତୁ ବେଳେବେଳେ ମୁଖ୍ୟ ନଦୀକୁ ଆସିଯାଆନ୍ତି । ଆଗରେ କୂଳ ନପାଉଥିବା ହରିଣଭଙ୍ଗା ନଦୀ । ମଝିରେ କେତେଟା ଦେଶୀ ଡଙ୍ଗା ଭାସୁଥିଲା । ପ୍ରାୟ ପାଲ ତୋଳାଯାଇଛି । ସେ ଡଙ୍ଗାଗୁଡାକ ପାଣିରେ ଚମକୁଥିଲା । ସୁଲୁସୁଲିଆ ଥଣ୍ଡା ପବନ ଏବେ ବୋହୁଥିଲା । ଦେହରୁ ଝାଳ ଟୋପାଏ ବୋହୁନି । ପବନଟା ମୋଟେ ଲୁଣା ନୁହେଁ । ଲୁଣା ପବନରେ ଦେହରେ ଝାଳ ବାହାରେ । ଦେହଟା କେମିତି ଅଠା ଅଠା ଲାଗେ । ଏମିତିଆ ବଢ଼ିଆ ପାଗରେ ପେଟଭରି ଖାଇଦେଲେ କେଉଁଠୁ ନିଦ ମାଡିଆସେ ।

ବୋଟର ମାଝି ଗୌତମ ଖାଇନଥିଲା । ତଳେ ଅନ୍ୟ କର୍ମଚାରୀମାନେ ଖାଇବାକୁ ବସି ଯାଇଥିଲେ । ଗାୟନବାବୁ ଏକ ଚେୟାର ନେଇ ଖାଇବାକୁ ବସି ଗଲେ । ଗୌତମର ଏକ ଭଲ ଗୁଣ ଅଛି । ଅନ୍ୟମାନେ ନଖାଇଲା ପର୍ଯ୍ୟନ୍ତ ନିଜେ ଖାଏନାହିଁ । ଖାଇବାପାଇଁ କେହି ଦିକସିକ ହୁଅନ୍ତି ନାହିଁ । ନିଜେ ମାଲିକ ଅନ୍ୟ ମୁହଁକୁ ପ୍ରଥମେ ଆହାର ଦେଉଛି । ଏଇଟା ଏକ ବଡ ଗୁଣ । ସମସ୍ତେ ଏଥିପାଇଁ ଗୌତମକୁ ପ୍ରଶଂସା କରନ୍ତି ।

ନିଳୟ ମାଝିର କ୍ୟାବିନ ଉପରେ ହାମୁଡେଇ ପଡିଲା । କ୍ୟାବିନଟା ବୋଟର ମୁହଁ ଆଡକୁ । କ୍ୟାବିନର ଆଗରେ କାଚ ଲଗାଯାଇଥିଲା । ସାମାନ୍ୟ ଝାପସା ହୋଇଆସିଲାଣି । ଅନେକ ପୁରୁଣା କାଚ । ଗୌତମ କାଚକୁ ଜୋରରେ ଘଷୁଥିଲା । ତାପରେ ଗୌତମ ହୁଇଲକୁ ଧରି ବାହାରକୁ ଏକଧ୍ୟାନରେ ଅନଇଲା । ଆଗଟା ଖାଲି । କିଛି ଅସୁବିଧା ନାହିଁ । ବୋଟ ଖୋଲାପାଣିରେ ଚାଲିଲାବେଳେ କିଛି କରିବାର ନାହିଁ । ପାଣିକୁ ନଜର ରଖିବା କଥା । କିଛି ଜିନଷ ଭାସୁଥିବ । କୂଳ ଅନେକ ଦୂରରେ । ଭିତରେ ସେମିତି କିଛି ଭାସୁନଥିବ । ଏତେ ସତର୍କ ରହିବାର ଆବଶ୍ୟକତା ନାହିଁ । ଏମିତିବି ବାଇମଙ୍ଗଳରେ ମିଶିବା ଆଗରୁ ହରିଣଭଙ୍ଗା ନଦୀର ପାଣି ଏପଟେ ବେଶ ଗଭୀର ।

"ବୋଟ ଚଲାଇବା ଆଉ ଗାଡି ବୁଲାଇବା ଏକା ପ୍ରକାରର ।"- ନଳୟ କହିଲା । ବହୁତ ସମୟହେଲା ଏ କଥା ଗୌତମକୁ କହିବାକୁ ଭାବୁଥିଲା । ସବୁବେଳେ କେହି ନା କେହି ପାଖରେ ଥାଆନ୍ତି । କଥାଟା ଯଦି ଅବାଗିଆ ହୋଇଗଲା ତେବେ କୌଶିକ ତ ପ୍ରଥମେ ହସିବ ।

ଗୌତମ ମୁହଁରେ ହାତ ବୁଲାଇଲା । ଅକଟା ଦାଢୀ ତା' ନଜ ହାତରେ ଫୁଟି ଯାଉଥିଲା । ନଳୟ କାହାକୁ କାହା ସହ ତୁଳନା କରୁଛି ।

"ମୋତେ ଏକା ନୁହେଁ ।"– ଗୌତମ କହିଲା ।

"ତମେ ହୁଇଲକୁ ଏତେ ଜୋରରେ ବୁଲାଇଦିଆ । ଏମିତି ବୁଲାଇଲେ ଗାଡି ଏକଦମ ଓଲଟା ବୁଲିଯିବ ।"- ନଳୟ କହିଲା ।

ଖାଇବାପରେ ନଳୟରମନ ବେଶ ଖୁସି ଥିଲା । ତା'ର କଛି କରିବାପାଇଁ ଇଚ୍ଛା ହେଉଥିଲା। ବୋଟରେ ସେମିତି କଛି କରିବାକୁ ନାହିଁ । ତା'ର ମନେ ହେଉଥିଲା ସେ କଛି ସମୟ ବୋଟ ଚଲାନ୍ତା । ସେଥିପାଇଁ ତ ସେମିତି ହାମୁଡାଇ ପଡିଥିଲା । ଏଣୁ ତେଣୁ ନଜ ମତ ଦେଉଥିଲା ।

"ବୋଟରେ କଛି ଗିଅର ଅଛି?"-ନଳୟ ପଚାରିଲା ।

ଗୌତମର ହାତ ଡାହାଣପଟେ ଲାଗିଥିବା ଏକ ଲମ୍ବା ରଡ ଆଡକୁ ବୁଲିଗଲା ।

"ଏଇଟା ଗିଅର । ଡାହାଣକୁ ବୁଲାଇଲେ ଫାଷ୍ଟ ଗିଅର । ମଝିରେ ରହିଲେ ନଉଟ୍ରାଲ ଆଉ ବାମକୁ ବୁଲାଇଲେ ବ୍ୟାକ ଗିଅର ।"- ଗୌତମ ଟିକଏ ହସି କହିଲା । ସେ ନଳୟର ଉଦ୍ଦେଶ୍ୟକୁ ଜାଣିବାକୁ ମଧ୍ଯ ଚେଷ୍ଟା କରୁଥିଲା ।

"ଭାରି ସହଜ । କଛି ଭୁଲ ହେବାର ନାହିଁ ।"- ନଳୟ କହିଲା ।

ଗୌତମ ନଳୟର ହାବଭାବରୁ ତା'ର ବୋଟ ଚଲାଇବା ଇଚ୍ଛାଅଛି ବୋଲି ଠଉରାଇ ନେଇଥିଲା । ନଳୟ କଛି ସମୟ ବୋଟ ଚଲାଉ । ହୁଇଲକୁ ଜୋରରେ ନମୋଡିଲେ କଛି ଅସୁବିଧା ହେବାର ନାହିଁ । ବାହାରେ ପବନ ଶାନ୍ତ ଅଛି । ନଦୀରେ ଜୁଆର ନାହିଁ ।

ନଳୟ ସାଙ୍ଗେସାଙ୍ଗେ ଗୌତମର କାଠ ସିଟ ଉପରେ ବସି ପଡିଲା । ତା' ହାତଟା ବୋଟର ହୁଇଲକୁ ଜୋରରେ ଜାବୁଡି ଧରିଥିଲା । ପାଣିର ଝଲସୁଥିବା ସୂର୍ଯ୍ୟ ଯେମିତି ତା'ର କଳା ଡୋଳା ଉପରେ ପଡିଥିଲା ।

"ତାହେଲେ ସ୍ପିଡ କେମିତି ହେବ ? ଏଠିତ ଆକ୍ସିଲେରେଟର ନାହିଁ ।"-ନଳୟ ପଚାରିଲା ।

ଗୌତମ ହାତକୁ ବାମପଟେ ଥିବା ଏକ ପତଳା ପାତିଆ ଉପରକୁ ନେଇଗଲା । ସେ ପତଳା ପାତିଆକୁ ଉପରକୁ କଲେ ସ୍ପିଡ ବଢିବ ।

“ତାହେଲେ ବୋଟ ଚଳାଇବାରେ ଅସୁବିଧା ଟିକଏ ନାହିଁ । କଏ ଜଣେ ଦିନକରେ ବୋଟ ଚଲାଇବା ଶିଖିଯାଇପାରେ ।”- ନଳୟ ଖୁସି ହୋଇକରି ଜୋରରେ କହୁଥିଲା ।

“ସେମିତି ଲାଗିପାରେ । ଆଗର ପବନ ଆଉ ଢେଉ ବୋଟକୁ ନଜ ଦିଗରୁ ବହୁତ ଦୂରକୁ ଠେଲି ନଅନ୍ତି । ଜଣା ପଡେନାହିଁ । ସେଇଟା ବୁଝିବା ଦରକାର ।”– ଗୌତମ କହିଲା ।

“ଦେଖିନାହାନ୍ତି ନଦୀରେ ମନକୁ ମନ ବୋଟ କେମିତି ଭସିଯାଏ ।”– ଗୌତମ ଏତିକି କହି ରହିଗଲା । ନଳୟର ଆଖି ପାଣିର ଉପରେ । ହାତ ହୁଇଲକୁ ମୁଠେଇ ଧରିଥିଲା ।

ଦୂରରୁ ଏକ ଲମ୍ବା ନୀଳରେଖା କଳା ଧୂସରିଆ କୂଳରେ ଥିବା ଭଳି ଲାଗୁଥିଲା । କିଛି ଗୋଟେ ଘଟୁଛି । କିଛି ଲୋକ ଏପଟ ସେପଟ ହେବାପରି ଜଣା ପଡୁଥିଲା ।

“କେଉଁ ଡଙ୍ଗାଟା ତ ଏଠି ରହିବା କଥା ନୁହେଁ ।”– ଗୌତମ କହିଲା । ଗୌତମ ଏସ ଟି ଆର୍ ଲୋକମାନଙ୍କ ସହ ଏପଟକୁ ବେଳେବେଳେ ସେମାନଙ୍କ ସରକାରୀ କାମରେ ଆସେ ।

“ଏଇଟା ବାଘ ଅଞ୍ଚଳର ଏକଦମ ଭିତର କ୍ଷେତ୍ର । ଏଠି ମାଛଧରା ନିଷେଧ । ଏ ଲୋକମାନେ କଣ କରୁଛନ୍ତି?”- ହାଲଦାରବାବୁ ପାଟିକୁ ଚପି କହୁଥିଲେ । ତାଙ୍କର ଆଖି ବଡ ହୋଇଯାଇଥିଲା । ଏକ ଦୂରବିକ୍ଷଣ ଯନ୍ତ୍ରଭଳି ବେଶି ଆଲୁଅକୁ ନଜ ଆଖି ଭିତରକୁ ନେଇଆସୁଥିଲା, ଭଲକରି ଦେଖିହେବ । ସତରେ କଣ ଘଟୁଛି ସେଇଠି ?

କିଛି ସମୟ ପରେ ବୋଟଟା ସେ କୂଳର ଡଙ୍ଗା ପାଖରେ ଅଟକିଗଲା । ଡଙ୍ଗାରେ ୬ ଜଣ ଲୋକ । ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ନୀଳ ରଙ୍ଗର ନାଇଲନ ଜାଲ କୂଳରେ ଲାଗିଥିଲା । ମାଟିଟା କାଳଚଆ । ପାଣି କୂଳ ଖାଉଛି । ଅନେକ ଉପରେ ଗଛ । କାଦୁଅ ଉପରେ ବଡ ବଡ ଶ୍ୱାସମୂଳ ବାହାରି ଆସିଛି । ଗୋଟିଏ ନାଳ ନଦୀକୁ ବୋହି ଆସିଛି । ପ୍ରାୟ ୫୦ ମିଟର ନାଳ । ଭଟ୍ଟାର ସମୟ । ସେ ନାଳରୁ ଏକ ପତଳା ପାଣିସୁଅ ଜୋରରେ ତଳକୁ ବୋହିଯାଉଥିଲା । ନାଳର ବାକି ଅଂଶ ପ୍ରାୟ ଶୁଖିଲା ଦେଖାଯାଉଥିଲା । ଜୁଆର ସମୟରେ ପାଣି ଭିତରକୁ ପଶେ । ଭଟ୍ଟାବେଳେ ପାଣି ଶୁଖିଯାଏ । ଏମିତିଆ ନାଳ ମୁହଁରେ ଭଲ ମାଛ ମିଳନ୍ତି ।

ସେ ଲୋକମାନେ ବହୁତ ବ୍ୟସ୍ତ ଥିଲେ । କୂଳରେ ୮ ଫୁଟିଆ ବାଉଁଶମାନ ଧାଡିକରି ବାନ୍ଧି ଦେଇଥିଲେ । ବାଉଁଶ ଖୁଣ୍ଟି ଭିତରେ ଦୂରତା ପ୍ରାୟ ୧୫-୨୦ ଫୁଟ ହେବ । ବାଉଁଶ ଖୁଣ୍ଟି ମୂଳରେ ନୀଳ ଜାଲ ପଡିଥିଲା । ଜାଲର ତଳଧାଡି ପଙ୍କରେ ଛୋଟ ଖୁଣ୍ଟିକରି

ପୋତାଯାଇଥିଲା । ଜଣେ ଲୋକ ପ୍ରାୟ ଫୁଟିକଏ ବାଡିମାନ ଧରି ଜାଲର ତଳ ଧାଡିକୁ କାଦୁଅରେ ପୋତିବାରେ ବ୍ୟସ୍ତ ଥିଲା । ହାତରେ କଛି ପୋତିଦେଲାପରେ ଜୋରରେ ଗୋଡ ତଳପାରେ ସେ ଖୁଣ୍ଟିକୁ ମାଟିରେ ଠେଲି ବେଶି ପୋତି ଦେଉଥିଲା । ଜୁଆର ହେଲେ ଜାଲ ଭାସିବ ଆଉ ଏକ ଜାଲର ପାଚେରୀ ଦ୍ୱୀପ କୂଳରେ ଠିଆ ହୋଇଯିବା ଯେଉଁ ମାଛ ନାଳ ଭିତରକୁ ପଶିବାକୁ ଚେଷ୍ଟା କରିବେ ସବୁ ଜାଲରେ ଧରା ପଡିଯିବେ ।

"ଲୋକଗୁଡା ମୋଟେ ଡରୁନାହାନ୍ତି ।"- ତପନ କହିଲା । ବଡ ଆଶ୍ଚର୍ଯ୍ୟର କଥା ଥିଲା । ବୋଟର ଲୋକମାନେ ଡରି କେଉଁଠି ଗୋଡ ତଳେ ଲଗାଇ ନାହାନ୍ତି । ବୋଟ କେବେବି କାଦୁଆ କୂଳରେ ଏକାକୀ ଲାଗିନ । ବାଘଭୟ କଥା ସବୁବେଳେ ଗୌତମ, ହାଲଦାରବାବୁ ନହେଲେ ଗାୟନବାବୁ ଶୁଆ ଭଳିଆ କହି ଚାଲିଛନ୍ତି । ସତେ ଯେମିତି ପାଦ ଦେଉଦେଉ ବାଘ କୁଆଡୁ ଆସି ମାଡି ବସିବ । ବୋଟକୁ କୂଳକୁ ନବାପାଇଁ ସବୁବେଳେ ମନା କରୁଛନ୍ତି ଯେମିତି ବୋଟ କାଦୁଅରେ ସତେ ଫସି ସାରିଲାଣି । ଯଦି ଏ ଲୋକମାନଙ୍କ ବ୍ୟବହାର ଦେଖାଯାଏ ତେବେ କଥାଟା କଛି ବୁଝିହେଉନଥିଲା । ସତରେ କଣ ସେମାନେ ବେକାରରେ ଏତେ ଡରୁଥିଲେ ?

କାମ କରୁଥିବା ଲୋକମାନେ କେହି ଜଙ୍ଗଲ ଆଡକୁ ନଜର ରଖିଲା ଭଳି ଲାଗୁନଥିଲା । ସମସ୍ତେ ମୁଣ୍ଡ ତଳକୁ କରି ଜଲଦି ଜଲଦି କାମ କରୁଥିଲେ । ଏମିତିଆ ଘଞ୍ଚ ଜଙ୍ଗଲରେ କାମ କଲାବେଳେ କେହି ନା କେହି ବଣକୁ ନଜର ଦେବା କଥା । ସମସ୍ତେ କାର୍ଯ୍ୟ ବ୍ୟସ୍ତ । କେହି ଜଙ୍ଗଲକୁ ଅନାଉବି ନାହାନ୍ତି । ଏମିତିକି ଜଣେ ଜଣକୁ ଅନାଉ ନାହାନ୍ତି । କାହା ପାଖରେ ବେଳ ନାହିଁ । ଲୋକଗୁଡା ସମସ୍ତେ ତରୁଣ । ସେମାନଙ୍କ ଭିତରେ ଜଣେ କେବଳ ମଧ୍ୟବୟସ୍କ । ଅତିବେଶିରେ ବୟସ୍କ ଲୋକଟିକୁ ଚାଳିଶି ବର୍ଷ ବୟସ ହେବ । ଏମିତିଆ କେଉଟ ଦଳ ଜଲଦି ବହୁତ ମାଛ ଧରି ନଜର ପତିଆରା ଜାହିର କରିବାକୁ ଭାବନ୍ତି ।

"ଏ ଜଙ୍ଗଲ ଏତେ ଘଞ୍ଚ । କଛି ହେନ୍ତାଳ ବନ ପାଖରେ । ଏମିତିଆ ହେନ୍ତାଳ ଜଙ୍ଗଲକୁ ବାଘ ଭଲପାଏ । ଆଗରେ ଅଳ୍ପ ଖୋଲାଯାଗା । ହେନ୍ତାଳବନରେ ବେଶି ଶ୍ୱାସମୂଳ ନଥାଏ। ଏମିତି ଯାଗାତ ବାଘର ଚରାଭୂଇଁ । ଲୋକଗୁଡା ପାଗଳଭଳ ବାଘର ପୃଥିବୀରେ ମାଛଧରିବା ପାଇଁ ବ୍ୟସ୍ତ ଅଛନ୍ତ!"- ପାଓଲିଙ୍କ ସ୍ୱରରେ ବିସ୍ମୟ ଥିଲା । ତାଙ୍କୁ ଯେମିତି ଏକ ଯାଦୁକରୀ ଦୁନିଆ ଦେଖିଲାଭଳ ଲାଗୁଥିଲା । ସମସ୍ତେ ବାଘ ଭୟ ଭୁଲିଯାଇଛନ୍ତି ।

"ବାଘ ଦେଖିନ?"- ତପନ ବଡ ପାଟିକରି ପଚାରିଲା । ତପନ ଆଉ ଅଟକ ପାରିଲାନ । କଥାଟା ସିଧା ପଚାରିବା ଆବଶ୍ୟକ । ସେମାନେ କେମିତି ଏତେ ସାହାସର ସହ ବାଘ ଅଞ୍ଚଳରେ କାମ କରୁଛନ୍ତି ।

"ବାଘ କାହିଁ ? ବାଘ ନାହିଁ ତ ।"- ମଧ୍ୟବୟସ୍କ ଲୋକଟି କହିଲା ।

"ବାଘ କଣ ସହଜରେ ଦେଖାଦେବ ? ଲୁଚ ହଠାତ୍ ଉପରକୁ ଡେଇଁବ ।"- ବଳୟ କହିଲା ।

"ଏ ବାଘ ଅଞ୍ଚଳରେ କାମ କଲାବେଳକୁ ତମକୁ ଡର ଲାଗୁନ ।"- କୌଶିକ ପଚାରିଲା ।

"ନାଇଁ, ସେମିତି ଡର ନାହିଁ ।"– ସେ ଲୋକଟ ଉତ୍ତର ଦେଲା ।

"ତମ ଗାଁ ।"- ହାଲଦାରବାବୁ ଟିକେ ସ୍ୱର ଉଚ୍ଚକଲେ । ସେ ଏ ଲୋକମାନଙ୍କ ବିଷୟରେ ଜାଣି ଆଗକୁ କିଛି ପ୍ରତିକାର କରିବେ । ଏମାନେ ଏମିତି ଭିତରକୁ ଆସିବା କଥା ନୁହେଁ ।

"ଛୋଟ ମୋଲ୍ଲାଖାଲି ।"

"ତମ ଗାଁରୁ ବାଘ ନେଇଛି?"- ତପନ ପଚାରିଲା । ଏଠି ପ୍ରାୟ ଗାଁରୁ କାହାକୁ ନା କାହାକୁ ବାଘ ଧରିଛି । ବହୁତ ଖବର ବାହାରକୁ ଆସେନା । ସବୁ ଗାଁରୁ ଲୋକମାନେ ଚୋରାରେ ଭିତରକୁ ପଶିଯାଆନ୍ତି । ସବୁ ଯାଗାରେ ପହରା ଦେବା ସମ୍ଭବ ନୁହେଁ ।

"କେତେ ଲୋକ ବାଘ ମୁହଁରେ ଯାଇଛନ୍ତି ।"- ସେ ଲୋକଟି କହିଲା ।

"ତଥାପି ତୁମେ ଏ ବାଘ ଅଞ୍ଚଳରେ କାମ କରୁଛ?"– କୌଶିକ ପଚାରିଲା ।

"ଆମେ ବେଶ ସାବଧାନ ଅଛୁ ।"- ଲୋକଟା କହିଲା

"ବଳୟଦେଖ ଏମାନଙ୍କର ସାବଧାନତା । କେହି ଜଣେ ଜଙ୍ଗଲ ଆଡକୁ ଅନାଉ ବି ନାହିଁ । ଜଣେ ଜଣଙ୍କୁ ଦେଖୁବି ନାହାନ୍ତି । କାହାକୁ ଯଦି ବାଘ ଶବ୍ଦ ନକରି ଟାଣିନେଲା, ଅନ୍ୟଜଣେ ଜାଣି ପାରିବ ନାହିଁ । ଆଉ ଏମାନେ କହୁଛନ୍ତି ଆମେ ସାବଧାନ ଅଛୁ ।"- ତପନ କହୁଥିଲା । ଏ ଲୋକମାନଙ୍କର ଅସାବଧାନତା ଦେଖି ତପନକୁ ଡର ଲାଗୁଥିଲା ।

"ଏମିତିଆ ସାବଧାନ ରହିଲେ ବାଘର ମଣିଷମାଂସ ବିରିଆନୀ ଭୋଜନ ପ୍ରସ୍ତୁତ । ସବୁ ଟେବୁଲ ଉପରେ ସଜା ହୋଇ ରହିଛି । ଖାଲି ରକ୍ତକୁ ସୁପ ଭଳି ପିଇବାର ଅଛି ।"- ବଳୟ କହିଲା । ସେ ଜାଲକୁ ତନ୍ନ ତନ୍ନ କରି ଦେଖୁଥିଲା । ଲମ୍ବା ନୀଳ ଜାଲ କୂଳରେ ପଡିଛି ।

"ଦେଖ ଜାଲର ଶେଷ ଅଂଶ ଜଙ୍ଗଲକୁ ଚାଲିଯାଇଛି । ଶେଷ ଦୁଇଟି ଖୁଣ୍ଟ ଜଙ୍ଗଲ ଭିତରେ। ସେଇଠି ମଧ୍ୟ ଜାଲ ବାନ୍ଧିବୋ"- ବଳୟ ହତାଶ ହେଲାଭଳି କହୁଥିଲା । ସେ ଏ

ଲୋକମାନଙ୍କ କହିବା ହିସାବରେ ସାବଧାନତାର କଛି ଲକ୍ଷଣ ଦେଖିପାରୁ ନଥିଲି । ତା' କଥାରେ ହତାଶ ଭରିଥିଲା ।

"ଏମିତିଆ କଥାକୁହା ଅବୋଲକରାର ସାବଧାନତା ପାଇଁ ଏତେ ବାଘ ଆକ୍ରମଣ ଘଟୁଛି । ବାଘ ଆକ୍ରମଣ କଲେ ଏମାନେ କଣ କରିବେ? ଜଣେ ଆର ଜଣଙ୍କଠାରୁ କୋଡିଏ ଫୁଟ ଦୂରରେ । ୫ ଫୁଟ ଦୂରରେ ଜଙ୍ଗଲ । ବାଘ ଗୋଟାଏ କ୍ଷେପାରେ ଜଣକୁ ବେକରୁ ଧରି ଜଙ୍ଗଲ ଭିତରକୁ ଗ୍ଭଲିଯିବ ।"– ତପନ କହିଲା ।

ସେମାନଙ୍କୁ ଆଉ କଛି ପଗ୍ଭରିବାକୁ ନଥିଲା । ସେ କେଉଟମାନେ ଜାଣିଶୁଣି ନଜକୁ ବିପଦ ଭିତରକୁ ଠେଲି ଦେଇଛନ୍ତି । ଏତେ ଅସାବଧାନତାର ସହ ମାଛ ଜାଲ ଏତେ ଭିତରେ ଲଗାଉଛନ୍ତି । ଆଗକୁ କଣ ଘଟିବ କଏ ଜାଣେ ?

ଆଗରେ ଗୋଟାଏ କୁମ୍ଭୀର ଭଳ ଘାସ ଭିତରେ କଛି ଦେଖାଗଲା । ନଦୀରେ କୁମ୍ଭୀର ପୁରି ରହିଛନ୍ତି । ନଦୀ ଭିତରେ କଛି ପହଁରୁଥିବା ଭଳ ଲାଗୁଥିଲା । ପାଖକୁ ଆସିଲାବେଳକୁ ଜଣାଗଲା ଶୁଖିଲା ଡାଳଟିଏ ମାଟିରେ ପୋତି ହୋଇଯାଇଛି । ତା'ର କଛି ଅଂଶ ଭାସୁଛି । ଦୂରରୁ କୁମ୍ଭୀର ଭଳ ଲାଗୁଥିଲା । କନ୍ତୁ ଆଉ ଟିକକ ଆଗରେ କୂଳରେ ସତକୁ ସତ ଏକ କୁମ୍ଭୀର ଥିଲା । ପାଖକୁ ଆସିବାରୁ ପାଣିକୁ ସଟ୍ କରି ଖସିଗଲା । ପାଣିରେ ତା'ର ପିଠିର କଣ୍ଟା ଦେଖାଯାଉଥିଲା । ପଛପଟ ଚଡାରେ ଭଲ ଘାସ ଥିଲା । ସେ ଭିତରେ ହରିଣଟିଏ ଏକାକୀ ଚରୁଥିଲା । ଅନ୍ୟ ହରିଣଗୁଡା ପାଖରେ ଥିବେ । ହରିଣ ସାଧାରଣତଃ ଏକାକୀ ବୁଲେନା । ମାଙ୍କଡଟିଏ ପାଖରେ ଥିଲା । ସେ ପାଣିପାଖକୁ ଆସି ତା'ର ହାତକୁ ପାଣିରେ ବୁଡାଇଲା । ବୋଧହୁଏ ହାତରେ କନ୍ଦାଟିଏ ଥିଲା । କନ୍ଦାରୁ କାଦୁଅ ଛାଡିଯିବ ।

ବେଳ ଟିକଏ ଅଧିକ ହୋଇଗଲାଣି । ନଦୀର ପାଣି ଏକଦମ ଶାନ୍ତ ଥିଲା । ଭଟ୍ଟା ପଡିଥିଲା। ଜୁଆରପାଇଁ ଅନେକ ସମୟ ଅଛି । ଏକ ନାଳ ଭିତରକୁ ଗ୍ଭଲି ଯାଇଥିଲା ଆଗର ନାଳ ଭଳ ସରୁ । କନ୍ତୁ ପାଣି ଅଛି । ସମସ୍ତଙ୍କର ବାଘ ଦେଖିବାକୁ ମନଥିଲା । ତେଣୁ ମୁଖ୍ୟଧାରରୁ ସେ ନାଳକୁ ବୋଟ ଗ୍ଭଲିଲା । ସେପଟ କଛି କାମ ମଧ ଥିଲା ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

# ଲୁହର ଜହର



ହାସ୍ୟମୟୀ ରାଜ୍

ତମେ ଏମିତି ପିଉଥିବ
ଲୁହର ଜହର
ଚାରିପଟେ ହୁତ୍ ହୁତ୍ ଜଳୁଥିବ
ଜାତନାର ଜଉଘର
ଛଟ୍ ପଟ୍ ହେଉଥିବ
ହେଲେ କେହି ଶୁଣିବେନ
ତୁମର ବିକଳ ଚିତ୍କାର
ତାପରେ ବୁଝିପାରିବ
ଏଯାଏ ଚାଲି ଆସିଥିବା ପଥ
କେମିତି ଥିଲା ମୂଲ୍ୟହୀନ
ଯୌବନର ଉଦ୍ଦାମତାରେ
ଅନ୍ଧ ହୋଇଯାଇଥିବା ତୁମ ଆଖି
ବିବେକର ଦ୍ୱାରକୁ
ରୁଦ୍ଧ କରିଥିବା ତୁମର ହୃଦୟ
କେମିତି ପାଏ ତାର ଶେଷ ପୁରସ୍କାର ।।

ଆଉ ତୁମେ ଫେରି ପାଇବନି କେବେ
ସେଇ ମୂଲ୍ୟବାନ ଅତୀତ
ନା ଅଛି ସମୟ
ନା ଅଛି ଶକ୍ତି
ତମେ କଣ ଭାବୁଥିଲ
ତୁମ ଅର୍ଥ ଆଉ ବାହୁବଳରେ
ବେକୁବ୍ ବନେଇଥିବ
ତୁମ ଚାରିପଟର ନିରୀହ
ଆଖି ମାନଙ୍କୁ
ଏମିତି ବାରବାର
ଆଉ ବଢେଇଥିବ ତୁମ ସାମ୍ରାଜ୍ୟ
କଳା ଓ ଆତଙ୍କର।।

ଏବେ ଦେଖ ଶୂନ୍ୟତାର ଦର୍ପଣରେ
ତୁମ ବିଭତ୍ସ ଚେହେରା
ସେଇ ନିରୀହ ବୁକୁର ତତଲା ନିଃଶ୍ୱାସରେ
ତମାମ୍ ଜଳୁଛି କେମିତି
ତୁମ ଚାରିପଟର ଅଶାନ୍ତ ସହର
ଏମିତି ତୁମେ ପିଉଥିବ
ସେଇ ଲୁହର ତିକ୍ତ ଜହର
ଏ ଦୁନିଆ ଦେଖୁଥିବ ଶେଷ ଦୃଶ୍ୟ
ଅସତ୍ୟ ଆଉ ଅଧର୍ମର
ନଥିବେ ଆହା କହିବାକୁ
କେହିହେଲେ ନିଜର ।।

ଓରାଳ, ହାଟଡିହି, କେନ୍ଦୁଝର


ବୈଦୁର୍ଯ୍ୟ ସରକାର

# ଯିବା

ମୂଳ ରଚନା(ବଙ୍ଗଳା)-ବୈଦୁର୍ଯ୍ୟ ସରକାର
ଓଡିଆ ଭାଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ


ଯାହାର ଯାହା ଦରକାର ତାହା ଆଗେ ଯାଏ
ଭିକାରିର ଗୋଡ କମ୍ପା ଆଖି,
ତା ପରେ ସେ ଗଳା ଦେଇ ଚଳେ ।

ଚନ୍ଦକରର ଯାଏ ଆଙ୍ଗୁଳ ସାଧକର ସଂଯମ
କରଣିର ଯାଏ ହିସାବ ଖାତା ନାଟୁଆର ଅଣ୍ଟା
ମାଷ୍ଟର ଭଙ୍ଗେ ମନ ଆଉ ଗାୟକର ଗଳା ।

ବୟସ ବଢିଲେ ମେରୁଦଣ୍ଡ ଯାଏ
ବଞ୍ଚିଥିବା ହାରିଯିବା ଲୋକ ପଡିଆରେ ରହିଗଲେ
ଯାବତୀୟ ଦୋଷରେ ଦଳ ଭଙ୍ଗେନା ।

ବେରୁଆଁବାରୀ, ନୟାଗଡ, ଓଡିଶା

# ରଜ ପରବ



ଶମ୍ଭୁନାଥ ଦାସ

ରଜ-ପରବରେ ଆମ୍ବ-ପଣସ
ଖିଲିପାନ ମୁଖେ ଫୁଟାଇ ହସ
ପିଲାଏ ଖେଳନ୍ତି ଦୋଳ,
ଗାଆଁ ଝିଅମାନେ ପୀରତି ରଚନ୍ତି
ଭାଇ-ସାଇ ଘର ବୁଲି ।

ନୂଆ ଜାମା-ପଟା ଭାରି ସରସ
ପୋଡପିଠା ସ୍ୱାଦ ମନେ ହରଷ
ଆମ ଘରେ ଉଠା-ଚୂଲି,
ବାପା ଆଣିଛନ୍ତି କଲିକତାରୁ ତ
ମିଠେଇ ଖଜୁରି କୋଳ ।

ବସୁମତୀ ସ୍ନାନ ଭାରି ସନ୍ତୋଷ
ବସୁଧା ହସିବେ ହୋଇ ହରଷ
ଜଳାଇବା ଏବେ ଚୂଲି,
ଫୁଲ-ଫଳ ଗଛ ଲଗାଇବା ଆସ
ବଗିଗୃରେ ଗାତ ଖୋଳ !

ମୁଖ୍ୟ ସଂପାଦକ, "ଅଭିଯାନ",
ବିଶ୍ୱଲକ୍ଷ୍ମୀ ଡାଲ୍ ରୋଡ, କୋଲକାତା

# କ ଯୁଗ ହେଲା୍



ଶିଶିର କୁମାର ପଣ୍ଡା

ଗାଆଁ ମାଟି ଆଜି ପୁଲକ ଉଠୁଛି
ସୁର୍‌ଟରୁ ଫେରି ଆସିଛି ପୁଅ
ମିଛ ବାବୁପଣ ନାହିଁ ତା' ପାଖରେ
ପୁରୁଣା ସେକଥା କାହିଁକି କୁହ ?
ତିନମାସ ହେଲ୍ ପୋଷାକ ଦେଖୁନ
ଖୋରଧା ଗାମୁଛା ଯାଉଛି ଚଳ
ଖୋଜୁନାହିଁ ଜୋତା, ଖୋଜୁନ ରୁମାଲ
ମନଗୃହିଁ ରଙ୍ଗ ଭଳକ ଭଳ ।
ଶାଗ ପଖାଳ ବି ବାସୁଅଛି ଆଜି
ମାଆ ବାଢ଼ିଥିବା ଭରତା ଆଳୁ
ଚଉର୍ ତୁଳସୀ ସର୍‌ଗେ ବଢ଼ୁଛି
ସଞ୍ଜରେ ଯେଉଁଠି ଦୀପଟେ ଜାଳୁ ।
ବିଲବାଡ଼ି କାମ ଆଗେଇ ଗ୍ଲିଛି
ଖାଆଁ ଖାଆଁ ଯମା ଦିଶୁନ ଆଉ
ସହରିଆ ପୁଅ ହିଡ଼ ବାନ୍ଧୁଅଛି
ସକାଳୁ ସକାଳୁ ଡାକଲେ କାଉ ।
କ ଯୁଗ ହେଲ୍ !
ବାପା କହୁଛନ୍ତି କର୍ରୋନା ଆସିକ
ନହେବା କାମଟା କରେଇ ଦେଲ୍ ।

କୁଆଁସ , ମେରଦା କାଟିଆ , ଯାଜପୁର

# ଶାଶ୍ୱତ ପ୍ରେମ



ସୁଷମା ପରିଡା

ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ କୋଉଠୁ ତାଙ୍କ ମନରେ ଆସିଥିଲା ସେଦିନ ସେ ସାହସ । ସେ କ'ଣଥିଲା ଗୁରୁଲତାର ପ୍ରେମ ? ଗୋଟିଏ ବିରହୀ ପତିର ନିଜ ପତ୍ନୀକୁ ଭେଟିବାର ଦୁର୍ବାର ଲାଳସା ?? ନା ଜଣେ ସଚ୍ଚା ଭାରତୀୟ ଯୁବକର ସତ୍ୟରକ୍ଷା ??? ବିଶ୍ୱରେ ପ୍ରେମକାଳେ କାଳେ ଶାଶ୍ୱତ, ଚିରକାଳ ନିର୍ମଳପ୍ରେମ ର ଐଶ୍ୱରୀୟ ଶକ୍ତି ରହିଛି, ଏଇ ଘଟଣା କେବଳ ଆଜିର ଯୁଗରେ ପୋଥିରେ ଦେଖିବାକୁ ମିଳେ , କିନ୍ତୁ ଏହା ସତ୍ୟ ପ୍ରମାଣିତ ହୋଇଛି ତାଙ୍କ କ୍ଷେତ୍ରରେ । ସେ ଆଜି ବିଶ୍ୱବିଦିତ ତାଙ୍କର ଅଦମ୍ୟ ସାହସ ଆଉ ପ୍ରେମର ପରାକାଷ୍ଠାକୁ ନେଇ । "ଜନ୍ମ ମୋର ଆୟତ୍ତରେ ନୁହେଁ କିନ୍ତୁ ପୁରୁଷାକାର ମୋର ଆୟତ୍ତରେ" ଭଗବତ୍ ଗୀତା ର ଏଇ ମହତବାଣୀକୁ ସତ୍ୟ ପ୍ରମାଣିତ କରିଛନ୍ତି ସେ । ସିଏ ଆଉ କେହି ନୁହଁନ୍ତି, ସେ ଆମ ମାଟିର ପୁଅ ଡଃ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ, ଯାହାଙ୍କୁ ନେଇ ଆଜି ଆମେ ସମସ୍ତେ ଗର୍ବିତ ।

ପ୍ରଦ୍ୟୁମ୍ନଙ୍କ ଜନ୍ମ ହୁଏ ଉଣେଇଶହ ଅଣଚାଶ ମସିହାରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ସବ୍ ଡିଭିଜନର ନିପଟ ମଫସଲିଆ ଗାଆଁ କନ୍ଧପଡାରେ ଗୋଟିଏ ଦରିଦ୍ର ବୁଣାକାର ପରିବାରରେ । ପିଲାଟିଦିନରୁ ଚିତ୍ରକଳାରେ ଖୁବ୍ ଆଗ୍ରହ ଥିଲେ ମଧ୍ଯ ସମ୍ବଳ ଅଭାବରୁ ଆଗକୁ ବଢିବା ସମ୍ଭବ ହେଉ ନଥାଏ । ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲରେ ପଢିବାବେଳେ ତାଙ୍କର ଚିତ୍ରକଳାର ପାରଦର୍ଶିତା ଲକ୍ଷ୍ୟକରି ସାରମାନେ ଉପଦେଶ ଦେଲେ, ମାଟ୍ରିକ ପାସ କରିବାପରେ ଆଉ ସାଧାରଣ ପାଠ ନପଢି କୌଣସି ଚିତ୍ରକଳା ବିଦ୍ୟାଳୟରେ ନାମ ଲେଖାଇବାପାଇଁ । ପ୍ରଦ୍ୟୁମ୍ନଙ୍କ ମନରେ ଆଶା ସଞ୍ଚରିଲା, ନିଜର ରୁଚକୁ ଆହୁରି ରୁଦ୍ଧିମନ୍ତ କରି ଲୋକ ଲୋଚନକୁ ଆଣିବାପାଇଁ ସେ କଲିକତାର ଶାନ୍ତି ନିକେତନ ଠାରେ ଥିବା ଚାରୁକଳା ବିଭାଗରେ ନାମ ଲେଖାଇବା ପାଇଁ ଘରେ ବାପାମାଆଙ୍କୁ ଅଳି କଲେ । ହେଲେ ଦୁଇ ଓଳି ଦୁଇମୁଠା ପେଟପୁରା ଖାଇବାକୁ ପାଉନଥିବା ପରିବାରରେ ସେଇ ଅଳିଟି ଆକାଶ

କୁସୁମ ଭଳ ଥିଲା । ବାପା ମାଆ "ଆମେ ପାରିବୁନ" କହି ହାତ ଟେକଦେଲେ, ହେଲେ ପ୍ରଦ୍ୟୁମ୍ନ ହାରିଗଲେ ନାହିଁ । ନଜେ ମୂଲମଜୁରି କରି କଛି ପଇସାପତ୍ର ସଞ୍ଚୟକରି ଗ୍ଲଲିଗଲେ କଲିକତା । ସେଠାରେ କୌଣସିମତେ ଯୋଗାଯୋଗ କରି ବିଶ୍ୱଭରତୀରେ ନାମ ଲେଖାଇଲେ ଗ୍ଧରୁକଳା ବିଭାଗରେ । କନ୍ତୁ ସେଠାକାର ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ହୋଇ ଅଧାରୁ ଫେରିଆସିଲେ ଗାଆଁକୁ ।

କଲିକତାରୁ ଫେରି ଆସିଲେ ସିନା, ଚନ୍ଦ୍ରକଳା ପ୍ରତି ତାଙ୍କର ପ୍ରବଳ ଦୁର୍ବଳତା ତାଙ୍କୁ ଘରେ ବସାଇ ଦେଲାନାହିଁ, ସେ ପୁଣିଥରେ ପଇସାପତ୍ର ଯୋଗାଡଯନ୍ତ୍ର କରି ବ୍ରହ୍ମପୁରର ଖଲ୍ଲିକୋଟ ଗ୍ଧରୁକଳା ମହାବିଦ୍ୟାଳୟରେ ନାମ ଲେଖାଇଲେ । ନଜେ ପରିଶ୍ରମ କରି ପଢା ଖର୍ଚ୍ଚ ଯୋଗାଡ କଲେ । ଏଥରକ ଭଗ୍ୟ ତାଙ୍କୁ ନର୍ାଶ କଲାନାହିଁ । ସେ ସଫଳତାର ସହିତ ଚନ୍ଦ୍ରକଳାରେ ଡିଗ୍ରୀ ହାସଲ କରିବା ପରେ ଦିଲ୍ଲୀ ଗ୍ଲଲିଗଲେ । ଊଣେଇଶହ ଏକସ୍ତରି ମସିହାରେ ଦିଲ୍ଲୀର କଲେଜ୍ ଅଫ୍ ଆର୍ଟସ୍ ରେ ଫାଇନ୍‌ଆର୍ଟରେ ଉଚ୍ଚତର ଶିକ୍ଷାପାଇଁ ନାମ ଲେଖାଇଲେ । ସେଠାରେ ପଢିବା ସହିତ ଛୋଟମୋଟ କାମ କରି ଗୁଜୁରାଣ ମେଣ୍ଟାଇବାକୁ ଚେଷ୍ଟା କରୁଥିଲା ବେଳେ ତାଙ୍କ କାମ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଯେ କୌଣସି ଲୋକକୁ ଦେଖି ତାଙ୍କର ଅବିକଳ ଚନ୍ଦ୍ର ଆଙ୍କିବାର ଅଦଭୁତ ଶକ୍ତି ଥିଲା ତାଙ୍କ ନକଟରେ । ଧୀରେ ଧୀରେ ତାଙ୍କ ହାତ ଅଙ୍କା ପୋଟ୍ରେଟ୍ ଲୋକପ୍ରିୟତା ହାସଲକଲା । ସେଇ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ପୋଟ୍ରେଟ୍ ଟିଏ ଆଙ୍କିବାର ସୌଭଗ୍ୟ ପ୍ରାପ୍ତ ହୋଇଥିଲା ତାଙ୍କର । ପ୍ରିୟଦର୍ଶନୀ ଇନ୍ଦିରା ନଜର ପୋଟ୍ରେଟ୍ ଟି ଦେଖି ଏତେ ଖୁସି ହୋଇଥିଲେ ଯେ ଚନ୍ଦ୍ରଶିଳ୍ପୀ ପ୍ରଦ୍ୟୁମ୍ନଙ୍କୁ ଖୁବ୍ ପ୍ରଶଂସା କରିଥିଲେ ଏବଂ ତାଙ୍କର ଆର୍ଥିକ ଦୂରବସ୍ଥା ଜାଣି ତାଙ୍କୁ ଦିଲ୍ଲୀର ପ୍ରମୁଖ ସ୍ଥାନ କନ୍ନଟପ୍ଲେସ ପାଖରେ ଥିବା ସୁନ୍ଦର ଝରଣା ପାଖରେ ବସି ଇଚ୍ଛୁକ ବ୍ୟକ୍ତିମାନଙ୍କର ପୋଟ୍ରେଟ୍ ଆଙ୍କିବା ଲାଗି ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଥିଲେ । ସେହିଠାରୁ ଆରମ୍ଭ ହୋଇଥିଲାପ୍ର ଦ୍ୟୁମ୍ନଙ୍କର ଉଡାଣ । କନ୍ନଟପ୍ଲେସ ରେ ସେମିତି ପୋଟ୍ରେଟ୍ ଆଙ୍କିବା ଭିତରେ ଊଣେଇଶହ ପଞ୍ଚସ୍ତରି ମସିହା ଡିସେମ୍ବରର ଏକ ଅପରାହ୍ଣରେ ତାଙ୍କର କ୍ଲାଏଣ୍ଟ ସାଜି ଆସିଥିଲେ ସୁଇଡେନ ତରୁଣୀ ଗ୍ଧର୍ଲୋଟ୍ ଭୋନ୍ସେଭିନ୍ **(Ann-Charlotte Von Schedvin)** । ସୁଇଡେନର ଏଇ ରାଜବଂଶୀୟା ଉଚ୍ଚଶିକ୍ଷିତ ତରୁଣୀ ଜଣକ ଲଣ୍ଡନରେ ରହି ପାଠ ପଢୁଥିଲେ, ତାଙ୍କ ପିତାଙ୍କର ସୌଖିନ ଭ୍ୟାନ ଟିଏ ଧରି ବାଇଶିଦିନର ଯାତ୍ରାକରି ଭରତ ଭ୍ରମଣରେ ଆସିଥିଲେ । ଭରତର ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣକରି ଏହାର ଶୋଭଦର୍ଶନ କରି ଗ୍ଧର୍ଲୋଟ୍ ମୋହିତ ହୋଇଥିଲେ ।

ରାଜଧାନୀ ଦିଲ୍ଲୀର ଅପରୂପ ସୌନ୍ଦର୍ଯ୍ୟରେ ମୁଗ୍ଧହୋଇ ଦିନେ ସେ କନ୍ନଟପ୍ଲେସରେ ବୁଲୁଥିଲା ବେଳେ ଏଇ ସାଧାରଣ ଚନ୍ଦକରଙ୍କର ଅସାଧାରଣ ପ୍ରତିଭା ଦେଖି ଅଭିଭୂତ ହୋଇଥିଲେ ଏବଂ ନିଜର ପୋଟ୍ରେଟଟିଏ ତିଆରି କରିବା ଲାଗି ଅନୁରୋଧ କରିଥିଲେ ଶିଳ୍ପୀଙ୍କୁ । ସେଇଠୁ ଆରମ୍ଭ ହୋଇଥିଲା ସେମାନଙ୍କ ପରିଚୟ । ସେଇ ପୋଟ୍ରେଟ୍ ତିଆରି କରିବାର ସ୍ୱଳ୍ପ ସମୟ ମଧ୍ୟରେ ପ୍ରଦ୍ୟୁମ୍ନଙ୍କର ସରଳ ନିଷ୍କପଟ ବ୍ୟବହାର ମୁଗ୍ଧ କରିଥିଲା ଚାର୍ଲୋଟ୍ ଙ୍କୁ । ପ୍ରଦ୍ୟୁମ୍ନଙ୍କର ଅମାୟିକ ବ୍ୟକ୍ତିତ୍ୱ ଏବଂ ତାଙ୍କର ଚନ୍ଦକଳାର ପ୍ରେମରେ ପଡିଥିଲେ ଚାର୍ଲୋଟ୍ । ଚାର୍ଲୋଟ୍ ନିଜର ମନୋଭାବ ଜଣାଇଥିଲେ ପ୍ରଦ୍ୟୁମ୍ନଙ୍କୁ, ହେଲେ ସ୍ୱଭାବରେ ଲାଜକୁଳା ପ୍ରଦ୍ୟୁମ୍ନ ସହଜରେ ଗ୍ରହଣ କରିପାରି ନଥିଲେ ସେ ପ୍ରେମକୁ । ସେ ନିଜର ଏବଂ ଚାର୍ଲୋଟ୍ ଙ୍କର ସ୍ଥିତିକୁ ଭଲ ଭାବରେ ଜାଣିଥିଲେ । କେଉଁଠି ସେ ଓଡିଶାର ମଫସଲ ଗାଆଁର ଗୋଟିଏ ଦୀନଦଳିତ ବୁଣାକାର ପରିବାରର ଜଣେ ଶ୍ୟାମଳରଙ୍ଗର ସାଧାରଣ ଗଠନର ବେକାର ଯୁବକ ପ୍ରଦ୍ୟୁମ୍ନ, ଆଉ କେଉଁଠି ଚାର୍ଲୋଟ୍ ଙ୍କ ଭଳି ଜଣେ ସୁନ୍ଦରୀ, ଶିକ୍ଷିତା, ସୁଇଡେନ୍ ର ସଂଭ୍ରାନ୍ତବଂଶୀୟା ତରୁଣୀ? ଇଏ ତ ବାମନ ହୋଇ ଚନ୍ଦ୍ରକୁ ଛୁଇଁବାର ଆଶା! ଖାଲି ଲୋକହସା ହେବା କଥା ସିନା । ପ୍ରଦ୍ୟୁମ୍ନ ନିଜ ହୃଦୟରେ ଦେବୀ ଭଳି ଚାର୍ଲୋଟ୍ ଙ୍କୁ ସାଇତି ରଖିବାପାଇଁ ଚାହୁଁଥିଲେ ମଧ୍ୟ ତାଙ୍କୁ ପାଇବାର ଆସ୍ପର୍ଦ୍ଧା କରି ପାରୁନଥିଲେ । ଚାର୍ଲୋଟ୍ ହିଁ ଆଗୁସାର ହୋଇ ନିଜେ ପ୍ରଦ୍ୟୁମ୍ନଙ୍କର କୁଣ୍ଠା ଭାଙ୍ଗିଥିଲେ, ନିଜର ନିର୍ମଳ ପ୍ରେମରେ ତାଙ୍କ ହୃଦୟରେ ଅମାପ ସାହସ ଏବଂ ଗଭୀର ଆତ୍ମବିଶ୍ୱାସ ଭରି ଦେଇ ତାଙ୍କ ହାତରେ ଚନ୍ଦ୍ରହୋଇ ଖସି ପଡିଥିଲେ, ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ଦେଇଥିଲେ ପ୍ରଦ୍ୟୁମ୍ନଙ୍କ ପାଖରେ ।

ବିଦେଶୀନୀ ଚାର୍ଲୋଟ୍, ପ୍ରଦ୍ୟୁମ୍ନଙ୍କ ସହିତ ତାଙ୍କର ଗାଆଁକୁ ଯାଇ ସଂପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ ପ୍ରଦ୍ୟୁମ୍ନଙ୍କୁ, ତାଙ୍କର ପରିବାର ବର୍ଗଙ୍କ ମଧ୍ୟରେ ତାଙ୍କ ବୋହୁ ଚାରୁଲତା ହୋଇ ସଂସାର ଗଢିଥିଲେ । ବିଦେଶରୁ ଆସିଥିବା ବୋହୁ ଭାରତରୁ ଯିବା ପରେ ସବୁ ଭୁଲିଯିବ ନାହିଁ, ଏଇକଥା ସମସ୍ତଙ୍କୁ ବିଶ୍ୱାସ ଦେବାକୁ ଯାଇ ନିଜର ବିବାହ ପଞ୍ଜିକରଣ ମଧ୍ୟ କରାଇଥିଲେ । କିନ୍ତୁ ଚାରୁଲତା ତାଙ୍କର ନୂଆ ସଂସାରରେ ବେଶି ସମୟ ବିତାଇବାକୁ ସୁଯୋଗ ପାଇନଥିଲେ । ତାଙ୍କରଭାରତ ରହଣୀର ଅବଧି ସରିସରି ଆସୁଥିଲା । ପିତାମାତାଙ୍କ ତରଫରୁ ମଧ୍ୟ ଘନ ଘନ ଡାକରା ଆସୁଥିଲା, ସେ ଅନୁରୋଧ କଲେ ପ୍ରିୟତମ ସ୍ୱାମୀ ଙ୍କୁ "ତୁମକୁ ଛାଡି ଯିବାକୁ ମନ ଚାହୁଁନାହିଁ, ହେଲେ ପରିସ୍ଥିତି ବାଧ୍ୟ କରୁଛି, ତୁମେ ମୋ ସହିତ ଚାଲନା'ଆମ ଦେଶକୁ, ଯିବା ଆସିବାର ସବୁ ଖର୍ଚ୍ଚ ମୁଁ କରିବି, କିଛି ସମୟ

ସେଠାରେ ବିତାଇ ଫେରିଆସିବ ଭାରତ" । ପ୍ରିୟତମାଙ୍କୁ ନିଜ ପାଖରୁ ଛାଡିବା ପାଇଁ ପ୍ରଦ୍ୟୁମ୍ନଙ୍କର ହୃଦୟ ଚାହୁଁନଥିଲା ହେଲେ ନିଜର ଅସ୍ମିତା ଅନୁମତି ଦେଉନଥିଲା ପତ୍ନୀଙ୍କ ଅର୍ଥରେ ସୁଇଡେନ୍ ଯାଇ ସେଠାରେ ନିଜର ନ୍ୟୂନତା ପ୍ରଦର୍ଶନ କରିବାଲାଗି । ସେ ପ୍ରିୟତମା ଚାର୍ଲୋଟ୍ ଙ୍କୁ ଆଶ୍ୱାସନା ଦେଲେ "ମୁଁ କ'ଣ ତୁମକୁ ଛାଡି ବେଶିସମୟ ଧୈର୍ଯ୍ୟଧରି ରହିପାରିବି ପ୍ରିୟେ! ମୁଁ ନିଶ୍ଚୟ ଆସିବି ତୁମ ପାଖକୁ ହେଲେ ମୋତେ ପ୍ରଥମେ ନିଜକୁ ପ୍ରତିପାଦିତ କରିବାପାଇଁ କିଛିସମୟ ଦିଅ । ନିଜ ଗୋଡରେ ନିଜେ ଠିଆ ହେବାଲାଗି ସୁଯୋଗ ଦିଅ । ସେଥିରେ ତୁମର ସମ୍ମାନ ବଢିବ ଆଉ ମୋର ବି ସମ୍ମାନ ରହିବ । ମୋତେ ସେତିକି ସମୟ କ'ଣ ଦେଇ ପାରିବନାହିଁ ତୁମେ? ଚାର୍ଲୋଟ୍ ସ୍ୱାମୀଙ୍କର ହାତରେ ହାତ ରଖି ପ୍ରତିଶ୍ରୁତି ଦେଲେ ଯେତେ କଷ୍ଟହେଉ ପଛେ ସେ ନିଶ୍ଚୟ ସୁଇଜରଲାଣ୍ଡରେ ରହି ଅପେକ୍ଷା କରିବେ ସ୍ୱାମୀ ପ୍ରଦ୍ୟୁମ୍ନଙ୍କୁ । ଯେଉଁଦିନ ସେ ସୁଇଡେନରେ ପହଞ୍ଚିବେ, ସେଦିନ ସେ ନିଜେ ଆସି ସସମ୍ମାନେ ନେଇଯିବେ ପ୍ରଦ୍ୟୁମ୍ନଙ୍କୁ ନିଜ ଘର ଗୋଠେନବର୍ଗକୁ । ଆଖିରେ ଲୁହ ଆଉ ହୃଦୟଭର୍ତ୍ତି ପ୍ରେମ ନେଇ ସ୍ୱଦେଶ ଫେରି ଯାଇଥିଲେ ଚାର୍ଲୋଟ୍ । ପ୍ରଦ୍ୟୁମ୍ନ ଲାଗି ପଡିଥିଲେ ନିଜକୁ ପ୍ରତିପାଦିତ କରିବାପାଇଁ ଚାର୍ଲୋଟ୍ ଙ୍କର ଯୋଗ୍ୟପତି ଭାବରେ ।

ଚାର୍ଲୋଟ୍ ଫେରିଯିବାପରେ ତାଙ୍କୁ ଖୁବ୍ ଝୁରିହେଲେ ପ୍ରଦ୍ୟୁମ୍ନ| ସେ ସମୟରେ ଆଜିକାଲି ଭଳି ସ୍ମାର୍ଟଫୋନ, ସ୍କାଇପ୍, ଟୁଇଟର୍ ଇତ୍ୟାଦି ଆଧୁନିକ ଯନ୍ତ୍ରପାତି ନଥିଲା ପରସ୍ପରକୁ ଦେଖିବା କିମ୍ବା ଭାବ ବିନିମୟ କରିବାପାଇଁ । ଦୁଇ ପ୍ରେମୀ ବିରହବେଦନା ରେ ଜଳୁଥିଲେ ଅହରହ, ହେଲେ କୌଣସି ସାଧନ ନଥିଲା ସେମାନଙ୍କ ପାଖରେ ପରସ୍ପରକୁ ଭେଟିବାପାଇଁ । ପ୍ରଦ୍ୟୁମ୍ନ ଦିଲ୍ଲୀରେ ରହି ଅକ୍ଳାନ୍ତ ପରିଶ୍ରମ କରିଥିଲେ ନିଜେ ପଇସାପତ୍ର ରୋଜଗାର କରି ଉଡାଜାହାଜରେ ଟିକେଟ କାଟି ପ୍ରିୟତମା ପତ୍ନୀଙ୍କ ପାଖରେ ପହଞ୍ଚିବାପାଇଁ, ହେଲେ ଭାଗ୍ୟ ସାଥ ଦେଇନଥିଲା । ଏମିତି ଚେଷ୍ଟା କରୁ କରୁ ବିତିଗଲା ଦୁଇବର୍ଷ । କେବଳ ଚିଠି ହିଁ ଥିଲା ଦୁହିଁଙ୍କ ଯୋଗାଯୋଗ ରକ୍ଷା କରିବାର ମାଧ୍ୟମ । ବିରହ ଆଉ ସହି ହେଉନଥିଲା , ଧୈର୍ଯ୍ୟଚ୍ୟୁତ ହେଲେ ପ୍ରଦ୍ୟୁମ୍ନ, ନିଜର ସମସ୍ତ ଆସବାବପତ୍ର ବିକ୍ରିକରି ପଇସା ପତ୍ର ଯୋଗାଡ ଯନ୍ତ୍ରକରି ପୁରୁଣା ସାଇକେଲଟିଏ କିଣିଲେ ଏବଂ ସେଇ ସାଇକେଲ ଚଢି ନିଜ ପ୍ରିୟତମାଙ୍କୁ ଭେଟିବାକୁ ଅଣ୍ଟା ଭିଡିଲେ । କଥାରେ ଅଛି ପ୍ରେମରେ ମଣିଷ ଚନ୍ଦ୍ରକୁ ହାତ ବଢେଇ ତୋଳି ଆଣିବାର ସାହସ ପାଏ । ସେମିତି ଆଠମଲ୍ଲିକର ଦଳିତ ଯୁବକ ଚିତ୍ରକର ପ୍ରଦ୍ୟୁମ୍ନଙ୍କର ମନରେ ଡେଣା ଲାଗି ଯାଇଥିଲା । ସେ ଉଣେଇଶହ ସତସ୍ତରି ମସିହା ଜାନୁଆରୀ ବାଇଶି ତାରିଖ ଦିନ ପ୍ରାତଃକାଳରେ ଆରମ୍ଭ କରିଥିଲେ

ତାଙ୍କର ଦୁଃସାହସିକ ସାଇକେଲ ଯାତ୍ରା । ଭାରତ ର ଦିଲ୍ଲୀରୁ ସାତ ସମୁଦ୍ର ତେର ନଈ ପାରି ସୁଇଡେନ୍ ଦେଶକୁ । ସଡକ ପଥରେ ପ୍ରାୟ ଛଅ ହଜାର କିଲୋମିଟର ଦୂରତ୍ୱକୁ ପାରକରିବା ଲାଗି ତାଙ୍କୁ ଅକଥନୀୟ ଯନ୍ତ୍ରଣା ଭୋଗିବାକୁ ପଡିଥିଲା । କେବେ ଭୋକ ଉପାସରେ ରହିବାକୁ ପଡିଥିଲା ତ କେବେ ସାଇକେଲ ଭାଙ୍ଗି ଚୁରମାର ହୋଇଥିଲା, ତଥାପି ମନୋବଳ ହାରି ନଥିଲେ ପ୍ରଦ୍ୟୁମ୍ନ । ଚାର୍ଲୋଟ୍ ଙ୍କ କଥା ମନେ ପଡିଗଲା ମାତ୍ରକେ ତାଙ୍କ ଦେହରେ ଶତ ସିଂହର ବଳ ଆସି ଯାଉଥିଲା, ସେ ମାଡି ଚାଲୁଥିଲେ ଆଗକୁଆଗକୁ । ଅମୃତସର୍, ଆଫଗାନସ୍ଥାନ, ଇରାନ୍, ତୁର୍କୀ, ବୁଲଗେରିଆ, ଯୁଗୋସ୍ଲୋଭିଆ, ଜର୍ମାନୀ, ଅଷ୍ଟ୍ରିଆ, ଡେନମାର୍କ ଦେଇ ସେ ଚାରି ମାସ ତିନ ସପ୍ତାହ ପରେ ପହଞ୍ଚିଲେ ସୁଇଡେନ ରେ ସେଇ ବର୍ଷ ମଇ ମାସ ଅଠର ତାରିଖରେ । ହେଲେ ସୁଇଡେନ ର ଇମିଗ୍ରେସନ୍ କର୍ତ୍ତୃପକ୍ଷ ଗୋଠେନବର୍ଗ ସହରରେ ପଶିବାକୁ ଅନୁମତି ଦେଲେ ନାହିଁ ପ୍ରଦ୍ୟୁମ୍ନଙ୍କୁ । ସେମାନଙ୍କୁ ଯେତେବେଳେ ପ୍ରଦ୍ୟୁମ୍ନ କହିଲେ ଯେ ସେଠାରେ ତାଙ୍କ ସ୍ତ୍ରୀ ଚାର୍ଲୋଟ୍ ରହନ୍ତି ଆଉ ସେ ତାଙ୍କୁ ଭେଟିବା ଲାଗି ଭାରତରୁ ସାଇକେଲ୍ ଯାତ୍ରା କରି ଆସିଛନ୍ତି, ସେମାନେ ପ୍ରଦ୍ୟୁମ୍ନଙ୍କର କଥାକୁ ପାଗଳର ପ୍ରଳାପ ଭାବି ହସରେ ଉଡାଇ ଦେଲେ । ପ୍ରଦ୍ୟୁମ୍ନ ତାଙ୍କ କଥାର ସତ୍ୟତା ପ୍ରମାଣିତ କରିବା ଲାଗି ନିଜର ବିବାହ ପଞ୍ଜିକରଣ ପତ୍ର ଏବଂ ତାଙ୍କର ଚାର୍ଲୋଟ୍ ଙ୍କ ସହିତ ବିବାହକାଳୀନ ଫଟୋ ଦେଖାଇଲେ । ସେଥିରେ ମଧ୍ୟ ସେମାନଙ୍କର ବିଶ୍ୱାସ ହେଲାନାହିଁ ଯେ ଗୋଠେନବର୍ଗର ଜଣେ ସଂଭ୍ରାନ୍ତ ବଂଶୀୟା ତରୁଣୀ ଭାରତର ଜଣେ ସାମାନ୍ୟ ଦରିଦ୍ର ଯୁବକକୁ ବିବାହ କରିଛି ବୋଲି । ସେମାନେ ପ୍ରଦ୍ୟୁମ୍ନଙ୍କ ପାଖରୁ ଚାର୍ଲୋଟ୍ ଙ୍କର ଫୋନ୍ ନମ୍ବର ଏବଂ ଠିକଣାନେଇ ଯୋଗାଯୋଗ କଲେ ଚାର୍ଲୋଟ୍ ଙ୍କ ସହିତ । ଖବର ପାଇ ଆନନ୍ଦାତିଶଯ୍ୟରେ କାନ୍ଦି ପକାଇଥିଲେ ଏବଂ ତତକ୍ଷଣାତ୍ ନିଜର ଗାଡି ଧରି ଆସି ପହଞ୍ଚିଲେ ସେଠାରେ । ଦୁଇ ପ୍ରେମୀଙ୍କର ମିଳନ ଦେଖି ଅଭିଭୂତ ହୋଇ ପଡିଥିଲେ ଦେଖଣାହାରୀମାନେ । କର୍ତ୍ତୃପକ୍ଷଙ୍କୁ ସବୁ କଥା ଜଣାଇ ପ୍ରଦ୍ୟୁମ୍ନଙ୍କୁ ସସମ୍ମାନେ ଗୋଠେନବର୍ଗସ୍ଥିତ ନିଜ ଘରକୁ ନେଇ ଯାଇଥିଲେ ଚାର୍ଲୋଟ୍ । ସୁଇଡେନ୍ ଦେଶରେ ସେତେବେଳେ ଥିବା କଳାଗୋରା ଭେଦଭାବ ସତ୍ତ୍ୱେ ମଧ୍ୟ ପ୍ରଦ୍ୟୁମ୍ନଙ୍କର ନିଷ୍ଠା ଦେଖି ତାଙ୍କୁ ଆପଣେଇ ନେଇଥିଲେ ଚାର୍ଲୋଟ୍ ଙ୍କର ସଂଭ୍ରାନ୍ତ ପରିବାର । ଦୁଇ ପ୍ରେମପକ୍ଷୀ ମିଳିତ ହୋଇ ତାଙ୍କ ସୁନାର ସଂସାର ଗଢିଥିଲେ ସୁଇଡେନରେ । ଦୁଃଖର ରଜନୀ ବିତି ସୁଖର ନୂତନ ସୂର୍ଯ୍ୟ ଉଇଁଥିଲା ।

ଏଇ ଗୁଳଶି ବର୍ଷ ବିତିବା ମଧ୍ୟରେ ଅନେକ ସୁଖଦ ଘଟଣା ଘଟିଛି ସେମାନଙ୍କ ଜୀବନରେ। ପ୍ରଦ୍ୟୁମ୍ନଙ୍କର ଚିତ୍ରକଳା ଉତ୍କର୍ଷଲାଭ କରିଛି। ତାଙ୍କର ଚିତ୍ରକଳା ପ୍ରଦର୍ଶନୀ ପୃଥିବୀର କୋଣ ଅନୁକୋଣରେ ପ୍ରସିଦ୍ଧିଲାଭ କରିଛି । ଦୁଇ ହଜାର ବାର ମସିହାରେ ଇୟୁନସେଫ୍ ର ଗ୍ରୀଟିଂକାର୍ଡରେ ସ୍ଥାନ ପାଇଛି ତାଙ୍କର ଚିତ୍ର। ତାଙ୍କୁ ଓଡିଶା ସରକାରଙ୍କ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତରଫରୁ ଦୁଇହଜାର ତେର ମସିହାରେ ମିଳିଛି ସମ୍ମାନ ସୂଚକ ଡି. ଲିଟ୍ . ଉପାଧି। ଯେଉଁ ଗାଆଁରେ ଦିନେ ତାଙ୍କୁ ଅସ୍ପୃଶ୍ୟ ଶହରିଜନ ବୋଲି ଘୃଣା ମିଳୁଥିଲା, ଆଜି ସେଇ ଗାଆଁ, ସେଇ ଦେଶରେ ତାଙ୍କୁ ମିଳୁଛି ଅପର୍ଯ୍ୟାପ୍ତ ସମ୍ମାନ, ସ୍ନେହ ଆଦର, ବିଶ୍ୱବିଖ୍ୟାତ ହୋଇଛି ତାଙ୍କର ଯଶ କୀର୍ତ୍ତି। ଏବେ ସେ ସୁଇଡେନ୍ ର ନାଗରିକ, ସୁଇଡେନ୍ ର ସରକାରଙ୍କର କଳା ଏବଂ ସଂସ୍କୃତି ବିଭାଗର ପରାମର୍ଶଦାତା, ସୁଇଡେନ୍ ଦେଶରେ ଓଡିଶା ସରକାରଙ୍କ ସାଂସ୍କୃତିକ ରାଷ୍ଟ୍ରଦୂତ। ସୁଇଡେନ୍ ସରକାର ତାଙ୍କର ପ୍ରେମକାହାଣୀକୁ ଶତାବ୍ଦୀର ଶ୍ରେଷ୍ଠ ପ୍ରେମକାହାଣୀ ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରଦ୍ୟୁମ୍ନ ଏବଂ ଗ୍ଲୋଟ୍ ଙ୍କର ଦୁଇ ସନ୍ତାନ ସିଦ୍ଧାର୍ଥ ଆଉ ଏମିଲି ସେମାନଙ୍କୁ ନେଇ ବେଶ୍ ଗର୍ବିତ। ଅନେକ ସିନେମା ପ୍ରଯୋଜକ ମଧ୍ୟ ଗୁହିଁ ବସିଛନ୍ତି ତାଙ୍କର ଶାଶ୍ୱତ ପ୍ରେମକାହାଣୀକୁ ନେଇ ସିନେମା ନିର୍ମାଣ କରିବା ଲାଗି।

ନିଷ୍ଠା ଓ ପ୍ରେମର ସେଇ ଦୁଇ ଉଜ୍ଜ୍ୱଳ ନକ୍ଷତ୍ର କାଳକାଳ ଧରି ଚମକୁ ଥିବେ ବିଶ୍ୱବାତାୟନରେ ପ୍ରେମର ପ୍ରତୀକ ହୋଇ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ। ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସମ୍ପର୍କ



ପ୍ରତିମା ମେହେର

ମସଗୁଲ  ସଭିଏଁ ଜୀବନ'ର ବେଳା ଭୂଇଁରେ
ଗୋଟାଇବାକୁ ଶବ୍ଦ'ର ଶାମୁକା
ଫାଙ୍କି ଫାଙ୍କି ସମ୍ପର୍କ କୁ  ସର୍ବଦା
କେଇ ପାଦ ଆଗରେ
ଏକା ଏକା ବଞ୍ଚିବାର ନଆର୍ ଅନୁଭୂତିକୁ
ଗୃହେଁନା ବାଣ୍ଟିବାକୁ କାହା ସହ
ଗୁମୁରୁ ଥିବା ମନର ମଇନା
ସଜାଇଛି ଯତନେ ହୃଦୟ'ର କାଚ଼ଘରେ
ହଜାରେ ହୃଦୟରେ ମୁଁ ନାହିଁ ସିନା
ଅଛି ସେଇ ସ୍ମୃତି ର ସନ୍ତକ
ନବୁଜ କୋଠରୀରେ
ଚକ୍ ଚକ୍ ସ୍ୱପ୍ନ ସବୁ ସମାଧିସ୍ଥ
ପ୍ରଗୃରଣା  ର ବାଲିଘରେ
ପ୍ରତିଶ୍ରୁତି  ପାଇଥିଲି ବୋଲି କହିବି କାହାକୁ
ପ୍ରୀତି  ଏବେ ବାସି ଫୁଲ  ଉକୁଡା ସଂସାରେ

ପାଟଣାଗଡ଼, ବଲାଙ୍ଗିର

ପ୍ରିୟଦର୍ଶିନୀ ମହାପାତ୍ର

# ସେ ମୀରା..

କେବେ ଗୁହିଁଛି କ କାହିଁ,
ବନ୍ଦୀ ହେବାକୁ
ତୋ ବାହୁ ବନ୍ଧନେ...
ରାଧା ପରି ସେ ବି ସର୍ବସ୍ୱ ତ୍ୟାଗୀ,
ତୋ ଚରଣେ ଗାଏ
ଭଜନ ଆନନ୍ଦ ମନେ...

ମିରାକୁ କରଲୁ
ସାତ ପର ତୁହି
ରାଧାକୁ ନଜର କଲୁ...
ଭକ୍ତି ଅର୍ଘ୍ୟ ଦେଇ
ମୀରା ପୂଜୁଥିଲା
ପାତର ଅନ୍ତର କାହିଁକ କଲୁ...

ଦୁନଆଟା ସାରା
ପ୍ରଘଟ କରିଲୁ
ରାଧା ତୋ ପ୍ରେମିକା ବୋଲି...
ମିରାବାଇ କ ବା
ଭୁଲ କରିଥିଲା
କାହିଁ  କେମିତି ଗଲୁରେ ଭୁଲି!!..

ଯୋଗିନଟିଏ ସେ
ତୋ ଚରଣେ ବନ୍ଦେ
ଭୁଲି ମାନ ମର୍ଯ୍ୟାଦା..
ସମ ଭାବେ କାହିଁ
ପ୍ରେମ କଲେ ତତେ
ଶୁଣି ଅପବାଦ ନନ୍ଦା...

ଶିକ୍ଷୟିତ୍ରୀ, ଖୋର୍ଦ୍ଧା

# ବିଭୂଲୟ



ପୁଷ୍ପାଞ୍ଜଳି ପଣ୍ଡା

ବିଭୂ ଲୟ ଥିଲେ
କଟିଯାଏ ଭଲେ
ସବୁ ବିପଦ ଆପଦ
ଶରଣ ପଶିଲେ
ପାଦ ଧରିଥିଲେ
ମିଳେ ଅମୃତ ସମ୍ପଦ।।
ମୃତ୍ୟୁ ଭୟ ଯାଏ
ମନ ଥୟ ହୁଏ
ସମର୍ପଣ ଭରସାର
ଦୁଃଖ ଜଞ୍ଜାଳ
ପାଏ ଥଳକୂଳ
ଅଧୀର ହୋଇବ ଧୀର।।
ସମୟ ସହିତ
ତାଳଦେଇ ଚଳ
ସତ୍କର୍ମ ହେଉ ସାଧ
ଆଶୀଷ ମିଳବ
ବିପଦଟଳବ
ହଟିବ ସବୁ ପ୍ରମାଦ।।

ଲୋଭ ମୋହ ମାୟା
ଅଶାନ୍ତି ର କାୟା
କାମନା ରେ ମତ୍ତ ମନ
ପିତା ମାତା ଗୁରୁ
ପ୍ରଭୂ ନ ସେବିଲେ
ଶାନ୍ତି ହୁଅଇ ହରଣ।।
ବେଳହୁ ବୁଝିଲେ
ରହିବୁରେ ଭଲେ
ଧନ୍ୟ ହେବ ଏ ଜୀବନ
ଯୁବା ବୟସର
ଅୟସ ସରିଲ୍
ଆୟତ୍ତ ରେ ରଖ ମନ।।
ବିଭୂ କଲ୍ୟାଣ ରେ
ଭରିଯିବ ତୋର
ସୁନ୍ଦର ସଂସାର ଯାତ୍ରା
ସତ୍ୟ ପଥେ ଥିଲେ
କଣ୍ଟା ଫୁଟିବନ
ଥିଲେଆଶୀର୍ବାଦ ମାତ୍ରା ।।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ଦୁଷ୍ଟ ପୁଅ...



ସୁବଳ ମହାପାତ୍ର

"କକା, ଦରଖାସ୍ତ ଲେଖି ଦେଇଛି, ତମେ ଖାଲି ଦସ୍ତଖତ ଟେ ଦିଅ। ସେ ଶଳା ମାଇପ ବୋଲିଆ ନରି କୁ ଯଦି ମଜା ନ ଚଖେଇଛି ତେବେ ମୋତେ କହିବ। ମୋ ନାଁ ବି ଜିତୁ ମର୍ଦରାଜ ନୁହେଁ। ଆ..ରେ... କଣ ଭାବିଛି କ? ନଜେ ଯାଇ ତ ସହର ରେ ବସିଲା, ଏବେ ତୁମକୁ ଏ ଘରୁ ତଡି, ବେଘର କରି, ଗାଁ ଘର ବିକ୍ରି କରି କଣ ପିତୃ ଋଣ ଶୁଝିବ? ତମେ କଛି ଚନ୍ତା କରନ। ଆମେ ସାଇ ଭାଇ ଥିବା ଯାକେ ତମର କଛି ହେବନ। ତମ ଘର ବିକ୍ରି ଉପରେ ଷ୍ଟେ ଅର୍ଡର ଲଗା ହେବ। ସେ ଆଉ ବିକ୍ରି କରି ପାରିବନ" କହି ଟିକନ ହାତକୁ ତିନ ଟଙ୍କିଆ ଡଟ ପେନ ଟି ବଢେଇଦେଲା ଜିତୁ।

ଜିତୁ, ଜିତୁ ମର୍ଦରାଜ। ସମ୍ପର୍କ ରେ ଟିକନ ବୁଢା ର ଲେଖା ଯୋଖା ପୁତୁରା। ଏବେ ଏବେ ଗାଁ ରେ ଗୋଟେ କ୍ଲବ କରି, ତା ର ପ୍ରେସିଡେଣ୍ଟ। ଜଣେ ଛୋଟ କାଟିଆ କୁଜି ନେତା କହିଲେ ଠିକ ହେବ। ଆଗାମୀ ପାଞ୍ଚ ବର୍ଷ ଭିତରେ ସରପଞ୍ଚ ହେବାର ଚେଷ୍ଟାରେ।

ନରି, ନାରାୟଣ ମାନସିଂ। ଟିକନ ର ପୁଅ। ଗାଁ କଲେଜ ରେ ପାଠ ସାରି ପନ୍ଦର ବର୍ଷ ତଳୁ ସହର ରେ। ସେଠି ଚାକରୀ କରି ନଜେ ନଜେ ଘର କରି, ବାହାହୋଇ ରହି ଯାଇଛି। କେବେ କେମିତି ବର୍ଷକୁ ଦିବର୍ଷ କୁ ଥରେ ଗାଁ କୁ ଆସେ। ଶେଷ ଥର, ଚାରିବର୍ଷ ତଳେ ଆସିଥିଲା ମା କୁ ମୁଖାଗ୍ନି ଦେବାକୁ। ଗଲାବେଳେ ବାପାକୁ ଫିଙ୍ଗିଲା ପରି ପଚାରିଦେଲା, "ବାପା, ସହର ଯିବୁ? ରହିବୁ ଆମ ପାଖେ?"। ଛୋଟ ଗୋଟିଏ "ନା" ବାପା ପାଖରୁ ଶୁଣି ପଳେଇଗଲା। ଆଉ ଥରେ ମଧ୍ୟ ପଚାରିନ କ ଚାରିବର୍ଷ ରେ ଥରେ ଦେଖିବାକୁ ଆସିନ।

ଟିକନ ବୁଢା ଥରିଗଲା ଟିକେ। ବୟସ ପାଖାପାଖି ସତୁରି ଛୁଇଁଲାଣି। ହାତ ଗୋଡ ଥରୁଛି। ଖାଇଲା ପିଇଲା ବେଳେ ପାଟିରେ କମ, ବାହାରେ ଇଡୁଛି ବେଶି। ଏ ଅବସ୍ଥା ରେ ଥରେ ବି ପୁଅ ପଚାରୁନ। ସାଇ, ଭାଇ, ପଡିସା ଘର ଝିଆରୀ ଲକ୍ଷ୍ମୀ ହିଁ ବୁଢା ର ସାହା ଭରଷା।

ଗାଧୋଇ ଦେବାଠୁ ଖୋଇ ଦେବା ଯାଏଁ, ଲୁଗାପଟା ଠୁ ଶେଜ ସଜାଡ଼ିବା ଯାଏଁ, ସେ ସବୁ କରେ।

ହାତରେ ପେନ ଧରି ଟିକେ ଭାବିଲା ବୁଢା। ସମସ୍ତେ କୁହାକୁହି ହେଉଛନ୍ତି। ସରକାର କାଳେ କୁଆଡେ ଆଇନ କରିଛି, ବୁଢା ବୁଢ଼ୀ ଙ୍କୁ ନ ପଗ୍ଭରିଲେ ତାଙ୍କ ସମ୍ପତ୍ତି ପୁଅ, ଝିଅଙ୍କୁ ମିଳବନ। ସେଥିପାଇଁ ନରି ଏ ଗାଁ ଭୂଇଁ ବିକବାକୁ ବସିଛି। ଏପଟେ ଉପରେ ଭଲ ଦେଖେଇ ହେଲେବି ଗାଁ ଟାଉଟର ଙ୍କ ଆଖି ବୁଢା ଘର ଉପରେ। ଗାଁ ର ଠିକ ମଝାମଝି ଘର ଆଉ ଗ୍ଭରିପଟେ ଜମି ଥିବାରୁ ଏଇଟା କୁଆଡେ କ୍ଲବଘର ପାଇଁ ଠିକ ବୋଲି ଜିତୁ ସମସ୍ତଙ୍କୁ କହିଛି। ସେଥିପାଇଁ ଗାଁ ଟୋକା ଲଗିପାଡି ତିନଦିନ ହେଲାଣି ତା'ର ସେବା କରି ଆସୁଛନ୍ତି। ଲକୀ କନ୍ତୁ ଏକଥା ବୁଢା କାନରେ ପକେଇ ଦେଇଛି। ଆଉ କହିଛି ବି, "ସାନବାପା, ଭାଇ ପଛେ ଏ ଘର ବିକ୍ରି କରୁ। ମୁଁ ତମ ସେବା କରିବି, କନ୍ତୁ ଏ ଗାଁ ଟୋକା ଙ୍କୁ ଏ ଘର ଦିଅନ। ଏଠି ସେମାନେ କ୍ଲବ କଲେ ମଦ ପିଇ, ଗାଁ ଲୋକ ଆଉ ଝିଅ ବୋହୂ ଙ୍କୁ ହଇରାଣ କରିବେ। ଖାଲି ଭାଇଙ୍କୁ କହିବ, ଜଣେ ଭଲ ଲୋକ ଦେଖି ବିକ୍ରି କରିବେ ଘରକୁ, ନହେଲେ ଏ ଗାଁ ଦାଣ୍ଡ ରେ ଆଉ ଗ୍ଭଲି ହେବନ"।

ବୁଢା ଠିକ ଠଉରେଇ ନେଇଛି ଏକଥା କୁ। ଜିତୁ ର ଗ୍ଭପୁଲୁଷି, ଗାଁ ପିଲାଙ୍କ ଉଦୁରୁମତା, ଦେଖି ସାରିଛି ସେ ଆଗରୁ। ଉଦ୍ଦେଶ୍ୟ ବି ଜାଣି ଯାଇଛି। କନ୍ତୁ ଏପଟେ ନହେଲେ ସେପଟେ ପୁଅ ବିକ୍ରି କରିବ ଏ ସମ୍ପତ୍ତି କୁ। ବୁଢା ର ରାଗ ଆସି ଯାଉଥିଲା ଏ ସ୍ୱାର୍ଥପର ଦୁନଆଁ ଉପରେ। ତାଙ୍କ ବେଳେ ତ ଏସବୁ ନଥିଲା। ଲୋକମାନେ ନଜ ନଜ ଭିତରେ ଭାଇଗ୍ଭରା ରଖୁଥିଲେ, ଯୌଥ ପରିବାର ରେ ବଞ୍ଚିବାର କଳା ଓ ଖୁସି ସାଉଁଟୁଥିଲେ, ଗୋଟିଏ ସୂତ୍ର ରେ ବନ୍ଧା ହୋଇ ନଜ ନଜ ଭିତରେ କକା, ମାମୁଁ, ମାଉସୀ, ପିଉସୀ, ମାଇଁ, ଖୁଡି ଡାକରେ ଖୁସି ପାଉଥିଲେ। ଜଣେ ଅନ୍ୟଜନଙ୍କୁ ସାହାଯ୍ୟ କରିବା ମନବୃତି ରଖି ଚଳୁଥିଲେ। କନ୍ତୁ ଏଇ ମାତ୍ର ବର୍ଷ କେତେଟା ଭିତରେ କଣ ସବୁ ବଦଳ ଗଲା? କୁଆଡେ ହଜିଗଲା ଏ ମାନବିକତା? କୁଆଡେ ଗଲା ଏ ସଂସ୍କାର? କୁଆଡେ ଗଲା ଏ ଭଲ ପାଇବା?

ହଁ, କଛି କଛି ଧର୍ମାତ୍ମା ଏବେ ବି ଅଛନ୍ତି। ଏଇ ଲକୀ, କଏ ସେ? ନଜର ରକ୍ତ ତ ନୁହେଁ। ହଁ, ଗାଁ ଶେଷ ମୁଣ୍ଡ ମନ୍ଦିର ରେ କଏ ଜଣେ ଅସହାୟ ମା ତାକୁ ଛାଡି ଯାଇଥିବା ବେଳେ ଏଇ ଟିକନ ହିଁ ସକାଳୁ ସକାଳୁ ଦେଖି ଡାକ ପକେଇଥିଲା ଗାଁ ଲୋକଙ୍କୁ। ପଡିଶା ହରଭାଇ ର ପୁଅ ଝିଅ ନଥିବାରୁ, ଗାଁ ଲୋକଙ୍କ ନଷ୍ପତ୍ତି କ୍ରମେ, ତାକୁ ଟେକ ଦେଇଥିଲେ ହରଭାଇ ଓ ଭାଉଜ ହାତରେ। ହରଭାଇ ତ ମରି ଏବେ ସ୍ୱର୍ଗ ରେ। ସେପଟେ ଭାଉଜ ଏପଟେ ଟିକନ,

ଏ ଦୁଇ ଜଣଙ୍କ ଭାଗ୍ୟ ଏବେ ଲକୀ ହାତରେ। ସେ ହିଁ ସମ୍ଭାଳେ ସବୁକଛି। ହରଭାଇ ର ଜମି ବାଡ଼ି ରୁ ଆରମ୍ଭ କରି ଟିକନ ର ଜମିବାଡ଼ି ସବୁ ସେ ହିଁ ଦେଖାଶୁଣା କରେ। ଝିଅଟିଏ ହେଲେବି ଜଣେ ପୁଅ ପରି ସବୁକାମ କରିଯାଏ ସେ।

ତାପାଇଁ ଏତିକ କରିଥିଲା ଟିକନ ଯେ, ତାକୁ ନଜ ଝିଅ ପରି ପାଲିଥିଲା। ହରଭାଇ ଘରକୁ ଲାଗି ଟିକନ ଘର। ସେଇଥିପାଇଁ ବୋଧେ ଗୋଟେ ମାୟା ଲାଗିଯାଇଥିଲା ୟା ସହ। ଗୋଟେ ଝିଅ ଦୁଇ ଘରର ନୟନ ପିତୁଳା ଥିଲା। ସବୁ ଆଡେ ଅବାଧ ପ୍ରବେଶ ସହ ପିଠାପଣା ରୁ ଆରମ୍ଭ କରି ଜନ୍ମଦିନ ରେ ନୂଆ ଜାମା କଣି ଦେଉଥିଲା ଟିକନ। ଏତିକ ମାତ୍ର ସ୍ନେହରେ ଝିଅଟି, ବୁଢ଼ୀ ମଲା ପରଠୁ ସବୁ କାମ, ସବୁ ଦାୟିତ୍ୱ ନଜ ହାତକୁ ନେଇ ଯାଇଥିଲା। କେବେ ଦିନେବି, ଅନାଦର କ ହତାଦର କରି ନଥିଲା।

"କକା, କଣ ଭାବୁଛ? ଶୀଘ୍ର ଶୀଘ୍ର ଦସ୍ତଖତ ଟେ ଦିଅ, ଆମେ ପୁଣି ଅଫିସ ଯାଇ ୟାକୁ ବଡ଼ବାବୁଙ୍କୁ ଦେବାକୁ ପଡିବ ଯେ" ଜିତୁ ଟିକେ ବିରକ୍ତ ହୋଇ ଯାଇ କହିଲା। ଏପଟେ ମନେ ମନେ ଗାଳ କରୁଥାଏ, "ଶଳା ବୁଢା, କେତେ ଭାବୁଛି? ଦସ୍ତଖତ ଟା ଦେଇଦେଲେ ଏ ସମ୍ପତ୍ତି ଗାଁ କୋଠ କୁ ଗ୍ଚଲି ଆସିବ, ତାପରେ ଏଠି କ୍ଲବ କରିବାରେ ଆଉ ଅସୁବିଧା ହେବନ। କନ୍ତୁ ୟାକୁ ତ ଆଉ ଜବରଦସ୍ତି କରି ହେବନ। ତଥାପି ଦେଖାଯାଉ। "

ଥର ଥର କଣ୍ଠ ରେ କହି ଉଠିଲା ଟିକନ ବୁଢା, "ପଞ୍ଚଙ୍କୁ ଡାକ, ସେମାନଙ୍କ ଆଗରେ ମୋତେ କଛି କହିବାର ଅଛି" । ହଉ, କହି କଛି ପିଲା ଗ୍ଚଲିଗଲେ ପଞ୍ଚ (ଗାଁ ର ପାଞ୍ଚଜଣ ଭଦ୍ରବ୍ୟକ୍ତି) ଙ୍କୁ ଡାକବାକୁ। ଏପଟେ ଟିକନ ଫେରି ଯାଉଥିଲା ପଛକୁ ପଛକୁ।

ଏଇ ନରି, ଛୋଟ ଥିଲାବେଳେ ଏଇ ଅଗଣା ରେ କେତେ ଖେଳଛି। ଜେଜେ, ଜେଜି ଙ୍କ ପାଖେ କେତେ ଗେଲ୍ହା ହେଇଛି। ବାପା ର ହାତ ଧରି ଗ୍ଚଲି ଶିଖିଛି, ଗୁଡ଼ିଆ ଦୋକାନରୁ ବରା ଖାଇଛି, ସ୍କୁଲ ପଡିଆ ରେ କେତେ କ୍ରିକେଟ ବାଡେଇଛି, କେତେ ବଲ ହଜେଇଛି। ତଥାପି ସେ ଭୁଲିଗଲା ତା ପିଲାଦିନ କୁ? ଏଡୁଟିରୁ ଏଡେଟିଏ ହୋଇ ଦୀର୍ଘ କୋଡିଏ ବର୍ଷ କାଟିଛି ଏଇ ଗାଁ ରେ ଆଉ ଆଜି ଏ ଗାଁ ପର ତା ପାଇଁ? ଖଞ୍ଜା ରେ ଛ ବଖରା ଘର ଛାଡ଼ି କଣିଛି କୁକୁଡ଼ା ଭାଡ଼ି ପରି ଦି ବଖରା ଘର। ସେଇଥିରେ ତା ଖୁସି? ଘରକୁ ଲାଗି ପରିବା ଜମି ଛ ମାଣ। ନଜ ବାଡିର ସତେଜ ପରିବା ନଖାଇ, ଖାଉଛି ମାସ ମାସ ଧରି ଶୀତଳ ଭଣ୍ଡାର ରେ ଥିବା ବାସି ପରିବା। ତଥାପି ତା ମନ ଲାଗିଛି ସହର ରେ। ଏ ଗାଁ ଭୂଇଁ ବିକ୍ରି କରି ଆହୁରି ଗୋଟେ କୁକୁଡ଼ା ଭାଡ଼ି (ଘର) କଣିବ ସେଠି। ଛି....

ପଞ୍ଚ ଆସି ସାରିଥିଲେ। ଘର ଭିତରୁ ସମସ୍ତଙ୍କୁ ବାହାର କରି ପଞ୍ଚଙ୍କ ସହ କଥା ହେଲେ ସେ। କିଛି ସମୟ ପରେ ପଞ୍ଚ ମାନେ ବାହାରକୁ ଆସି କହିଲେ," ଟିକନ ବାବୁ, ତାଙ୍କ ଜମି ବାଡ଼ି କାହାକୁ ମିଳବ, କଣ କରାଯିବ ସେ ବିଷୟରେ ଆମକୁ କହିଛନ୍ତି। ଏବେ ଓକିଲ ଜଣେ ଆସି ତାଙ୍କ ସମ୍ପତ୍ତି ବାଡ଼ି ତାଙ୍କ ଇଚ୍ଛାପତ୍ର ରେ ଲେଖିକ ଯିବେ। ତାଙ୍କ ମଲା ପରେ ସେ ସବୁ ପଢ଼ାଯିବ।

ହେଃ...ଶଃ... କହି କ୍ଲବ ପିଲା ସବୁ ଯିବାକୁ ବସିଲେ...

***

ମାତ୍ର ଦୁଇଦିନ ପରେ ଟିକନ ବାବୁ ଚାଲିଗଲେ। ଦାହ ସଂସ୍କାର ସାରି ବାର ଦିନ ପରେ ପୁଅ ଯିବାକୁ ବାହାରିଲା। ଓକିଲ ଆସି ସବୁ ପଞ୍ଚ ଓ ଗାଁ ଲୋକଙ୍କ ଉପସ୍ଥିତି ରେ ଟିକନ ବାବୁଙ୍କ ଇଚ୍ଛାପତ୍ର ପଢିବାକୁ ଲାଗିଲେ।

ସେଥିରେ ଲେଖାଥିଲା, "୧. ବଞ୍ଚିଥିବା ପରଠୁ, ଆଜି ଯାଏଁ ନରି କେବେବି ନିଜ ଜମି ବାଡ଼ି ର ଦାୟିତ୍ୱ ନେଇନାହିଁ। ସବୁବେଳେ ଲକ୍ଷ୍ମୀ ଏ ବିଷୟରେ ତାଙ୍କୁ ସାହାଯ୍ୟ କରି ଆସିଛି। ତେଣୁ ଚାଳିଶ ଏକର ଚାଷଜମିରୁ କୋଡିଏ ଏକର ଜମି ଲକ୍ଷ୍ମୀ ପାଇବ।

୨.ଛଅ ବଖରା ଖଞ୍ଜା ଘର ଭିହ ରୁ ତିନ ବଖରା ଘର ବୃଦ୍ଧାଶ୍ରମ କରାଯିବ। ଗାଁ ରେ ଯେଉଁ ବୁଢ଼ାବୁଢ଼ୀ ମାନଙ୍କର ପୁଅ ଝିଅ ସେମାନଙ୍କର ସେବା ନ କରିବେ, ସେମାନେ ଏଇଠି ରହି ପାରିବେ।

୩. ଘରକୁ ଲାଗିଥିବା ଛଅ ମାଣ ଜମି ର ପରିବା ଚାଷ ରୁ ଯାହା ଆୟ ହେବ ତାକୁ ଏଇ ବୃଦ୍ଧାଶ୍ରମ ରେ ଥିବା ଲୋକଙ୍କ ପାଇଁ ବ୍ୟୟ କରାଯିବ।

୪. ବାକି ତିନ ବଖରା ଘର ଓ କୋଡିଏ ଏକର ଜମି ନରି ନାଁ ରେ ରହିବ କିନ୍ତୁ ତାକୁ ପଞ୍ଚଷଠି ବର୍ଷ ନ ପୁରିଲା ଯାଏଁ ସେ ବିକ୍ରି କରି ପାରିବ ନାହିଁ।

ଦସ୍ତଖତ - ଟିକନ ମାନସିଂ

***

ଛେତ...ଶଳା ବୁଢା ଶେଷକୁ ମୋ ପାଇଁ ଏଇୟା ଛାଡି କ ଗଲ୍? କହି ମୁହଁ ଛିଞ୍ଚାଡି ଯିବାକୁ ବସିଲ୍ ନରି...

ଦୀର୍ଘଶ୍ୱାସ ର ସହ ଲକୀ ମୁହଁରୁ ବାହାରି ଗଲ୍, "ବାପ ଯାହା ହେଲେ ବି ବାପ। ଠିକ ବୁଝିଛନ୍ତି ସାନବାପା। ଭାଇକୁ ଯଦି ତା ପୁଅ ବୁଢା ବେଳେ ଘରୁ ବାହାର କଲ୍, ତେବେ ସେ ଯିବ କୁଆଡେ? ରହିବ କେଉଁଠି? ଖାଇବ କଣ? କନ୍ତୁ, ଏତେ କଷ୍ଟ କରି, ପାଠ ପଢେଇ, ମଣିଷ କରି ଗଢିତୋଳଥିବା ଲୋକଟା "ବାପା" ରୁ "ଶଳା ବୁଢା" ହୋଇଗଲ୍ ଏଇ କେତେ ସମୟ ଭିତରେ? ସବୁ ପୁଅ ଏମିତି ନା??

--ସମାପ୍ତ--

ଖଲ୍ଲରୀ, ଅନୁଗୁଳ, ଓଡିଶା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଦୂରତା



ସ୍ୱାତୀ ବନ୍ଦନା କର

ଆଜି ଏତେ ଦୂରତା କାହିଁକି...?
ତୁମ ଆଉ ମୋ ମନ ଭିତରେ
ଅଧା ଖାଲ ଅଧା ଢିପ
ଆମ ଦୁହିଁଙ୍କ ଚଲାପଥରେ
ଅସମାନତା ସମ୍ପର୍କ ଛକରେ ।

ଖାଲି ଅଢେଇ ଅକ୍ଷରରେ ସୀମିତ ନୁହେଁ ପ୍ରେମ...,
ଗଳ୍ପ କ ଏକାଙ୍କିକା ନୁହେଁ ସେ ପୂର୍ଣ୍ଣ ଉପନ୍ୟାସଟିଏ
ପୃଷ୍ଠା ପରେ ପୃଷ୍ଠା ଅପସରଣ କରି ଦେଖ
କେତେଯେ ଚରିତ୍ରରେ ଉଭା, କେତେଯେ ଉନ୍ମାଦରେ ଭଗ୍ନ
କେତେଯେ ଯତ୍ନରେ ସାଉଁଟ, କେତେଯେ ସ୍ନେହର ଦରଛିଟା ।

ଅତୀତକୁ ବିସ୍ମରଣ କର ଅବସାଦ ରୁ ବାହାରିଆସ
ତୁମେ ଦେଖ ଦୂର ଦିଗବଳୟକୁ
ଦୁଃଖ ସବୁ ରବି କରଣରେ ମଳନ ପଡିଛି
ବିଛୁରି ଦେଇଛି ପ୍ରେମର ରଙ୍ଗ ।

ଆଉଥରେ ମନର କାନଭ୍ୱସ ଉପରେ
ତୁମେ ଆଙ୍କିଦିଅ ଆମ ସ୍ୱପ୍ନର ସରହଦ
ଫଗୁଣ ଆସିବ ଅନେକ ଆଶା ନେଇ
ଆମେ ବି ସାଜିବା ପ୍ରେମ ବିହଙ୍ଗ ।

ଜଗତସିଂହପୁର

# ଭାରତର ଡିଜିଟାଲ ଷ୍ଟ୍ରାଇକ



ମଧୁସ୍ମିତା ସେନାପତି

ଭୟଙ୍କର ଏ କରୋନା ସ୍ଥିତି
କରୋନା ବିଶ୍ୱକୁ ଶିଖାଇ ଦେଇଛି ଅନେକ ନୀତି
ମାନବ ସାଜିଛି ଆଜି
ସଭିଙ୍କ ଦୁଃଖ ସୁଖର ସାଥୀ......!!

ବିଶ୍ୱ ଲଢୁଛି ଆଜି କରୋନା ସାଥିରେ
ଏବେ ଚୀନ୍ ଗ୍ଦଲିଛି କୂଟନୀତିରେ
ବିଶ୍ୱ ବିଜୟ କରିବା ଇଛାରେ
ମାନବିକତା ନାହିଁ ଆଉ ଚୀନ୍ ନୀତିରେ.......!!

ଗଲୱାନ୍ ରେ ଚୀନ୍ ଆକ୍ରମଣ
ବିଶ୍ୱ ଦରବାରରେ କରିଛି ପଦାର୍ପଣ
ଚୀନ୍ କରୁଛି ଏବେ ଷଡ଼ଯନ୍ତ୍ର
ସଫଳ ହେବାକୁ ଦବୁନ ତାର ଏ ପାପ ମନ୍ତ୍ର.......!!

ଚୀନ୍ ଧୋକା ଏବେ ପଡ଼ିବ ଭାରି
ଫୋନ୍ ରୁ ଟିକ୍ ଟକ ଓ ଗ୍ଦଇନା ଆପ ଡିଲିଟ କରି
ଏବେ ଭାରତ ନେଇଛି ଉଚତ୍ ନଷ୍ପତି
ସର୍ଜିକଲ୍ ନୁହେଁ ଡିଜିଟାଲ ଷ୍ଟ୍ରାଇକ କରି........!!

ଆଉ ଚୀନ ଉପରେ ନିର୍ଭର ହେବନି ଆମ ଏ ଦେଶ
ଆତ୍ମନିର୍ଭର ହୋଇ ଦେଖାଇବ ଆମ ଭାରତବର୍ଷ
ଚୀନ କୂଟନୀତି ରେ ଆଉ ହେବନି ସଫଳ
ଏବେ ଭାରତ କରିବ ଏହାକୁ ବିଫଳ........!!

ଏବେ ଆତ୍ମନିର୍ଭର ହେବ ଆମ ଭାରତ
ଲୋକାଲ ପାଇଁ ଭୋକାଲ୍ ହେବ ପ୍ରସ୍ତୁତ
ବ୍ୟବହାର ହେବ ଏବେ ଦେଶୀ ଦ୍ରବ୍ୟ
ଚୀନ ବାଣିଜ୍ୟ ଏବେ ହେବ ନିହତ.......!!

ଫୁଲନଖର, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସାର୍ଥକ ଜୀବନ



ରାଜଶେଖର ସି 'ତମା'

ଯେତେବି ଜଣେ ରଖିବ ମାଣିକ,
ଯେତେବି ଜଣେ ରହିବ ଧନିକ,
ଆରୋଗ୍ୟ ସଦା ହେଲା ମାଲିକ,
ଜୀବନ-ଚକ୍ରର ଯିଏ ମୁଖ୍ୟ ଚାଳକ।୧।

ଆସିବ ସଂସାରକୁ ହୋଇ ଶାବକ,
ମାତାଙ୍କର ଆଜ୍ଞା ସର୍ବଦା ସର୍ବାଧିକ,
ନମନୀୟ ପୂଜନୀୟ ହେଲେ ଜନକ,
ମାନନୀୟ ହେଲେ ଶିକ୍ଷୟିତ୍ରୀ ଶିକ୍ଷକ।୨।

ଆତ୍ମଜ୍ଞାନ ପ୍ରାଜ୍ଞତା ହେଲେ ଆବଶ୍ୟକ,
ପ୍ରତ୍ୟାଶା ଉଚ୍ଚାକାଂକ୍ଷା ରହିବେ ଅନେକ,
ସଙ୍ଘର୍ଷ ପ୍ରତି ସ୍ପର୍ଦ୍ଧା କଷ୍ଟ ହେବେ ବ୍ୟାପକ,
ବିଜୟୀ ହେଲେ ଛାଡ଼ିହେବ ନିଜ ସନ୍ତକ।୩।

ସମସ୍ତଙ୍କ ପାଖରେ ଅଛି ଭାବନାର ସିନ୍ଦୂକ,
ପରନ୍ତୁ କେବେ ହେବାର ନାହିଁ ଅପ୍ରାକୃତିକ,
ଦିନଚର୍ଯ୍ୟା ହୋଇଯିବ କେବେତ ଯାନ୍ତ୍ରିକ,
ଅଲୌକିକ ସାନନ୍ଦ ମିଳେ ହୋଇ ସାଧକ।୪।

ସଂସାରରେ ବନ୍ଧନ ଅନୁବନ୍ଧ ହେବେ ବନ୍ଧକ,
ସର୍ବଜନ ହେଲେ ଜଗାକାଳିଆଙ୍କର ସେବକ,
ଜଗଜ୍ଜୀବନ ହେଲେ କ୍ଷଣିକ ଜୀବନର ରକ୍ଷକ,
ବିଦୁରଙ୍କର ନୀତିଶାସ୍ତ୍ର କରାଏ ଜୀବନକୁ
ସାର୍ଥକ।୫।

# ସ୍ମୃତି ରେ....



ଅମ୍ବିକା ସ୍ୱାଇଁ

" ରାଣୀ ମା"ଙ୍କର ଶେଷ ଇଚ୍ଛା.....

ସେଦିନ କଥା ଆଜି ବି ଲୋମ ମୂଳ ମୋର ଶିହରିତ କରେ, ଘରିଆଡେ ହୁରି ପଡ଼ିଗଲା ସାଅନ୍ତ ଘର ରାଣୀ ମା"ର ଦେହ ଭୀଷଣ ଖରାପ, ବଞ୍ଚିବାର ଆଉ ସମ୍ଭାବନା ନାହିଁ । ସେତେବେଳେ ରାଣୀ ମା"ଙ୍କୁ ଛୟାଅଣୀ ବର୍ଷ ବୟସ ହୋଇଥାଏ। ସମସ୍ତଙ୍କର ଅତି ସମ୍ମାନୀୟ। ଆଦରଣୀୟା ସ୍ନେହମୟୀ "ଠାକୁର ମା" । ରାଣୀ ଜେଜି ମା ଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବନ୍ଧୁ ପରିଜନ ଓ କେତେ ଦୂରୁ ୧୦/୧୫ ଖଣ୍ଡି ଗାଆଁ ରୁ ଧାଇଁ ଆସି ଜମା ହୋଇଥିବା ଅଗଣିତ ଲୋକ । ଦାଣ୍ଡଠାରୁ ଘର ଭିତର ଯାଏ ସମସ୍ତଙ୍କ ଆଖିରେ ଅଶ୍ରୁ ର ଧାର.....ସମସ୍ତଙ୍କ ପାଟିରେ ସେହି ଗୋଟିଏ କଥା, ପ୍ରଶଂସାରେ ଶତ ମୁଖ, ସମସ୍ତେ ମା" ସତେ କେତେ ଭଲ ଲୋକ, ଦୁନିଆରେ ବିରଳ....କେତେ ଦରଦୀ ହୃଦୟ ର ଧର୍ମ ପରାୟଣା ସ୍ନେହ ମୟୀ ମଣିଷ ଟିଏ....ତାଙ୍କୁ କଣ କେବେ ଭୁଲିହେବ !!!!! ସମସ୍ତ ଙ୍କ ମୁହଁରେ ଦୁଃଖର ଛାଇ ।

ଆମ ପରିବାର ର ବଡବାପା, ବାପା, ଦୁଇ ଦାଦା, ବୋଉ, ବଡ଼ବୋଉ, ଦୁଇ ଖୁଡ଼ୀ ଓ ଆମେ ଅଠର ଭାଇ ଭଉଣୀଙ୍କ ଭିତରୁ ଆମର ହେତୁ ପାଇଥିବା ବା ଟିକେ ବଡ଼ ହୋଇ ଯାଇଥିବା ତାଙ୍କ ର ନାତି ନାତୁଣୀ ସମସ୍ତେ ତାଙ୍କ ଘରି ପାଖରେ ଘେରି ବସିଥାଉ । କେହି ଜଣେ ଭାଗବତ ପଢୁଥାନ୍ତି ତା"ସହିତ କଣ ଗୋଟେ ପୂଜା ପାଠ ହେଉ ଥାଏ, ରାଣୀ ମା" ମଥା ରେ ଚନ୍ଦନ ଉପରେ ତୁଳସୀ ରଖା ଯାଇଥାଏ । ସେ ଦୃଶ୍ୟ କୁ କ୍ୟାମେରା ରେ ବାନ୍ଧି ରଖିବା ପାଇଁ କ୍ୟାମେରା ମ୍ୟାନ ବି ଆସି ଫଟୋ ଉଠାଉ ଥାଏ । ପରିବେଶ ପୁରା ଗମ୍ଭୀର.....

ମୁଁ ମଧ୍ଯ ମୋ ପ୍ରିୟ ଜେଜି ମା" ଙ୍କ ପାଖରେ ବସିଥାଏ ତାଙ୍କ ମୁଣ୍ଡ ଉପରେ ହାତ ରଖି, ଆଖିରୁ ସେମିତି ଅନବରତ ଲୁହ ଝରୁ ଥାଏ । ସମସ୍ତେ ତାଙ୍କୁ ଚାହିଁ ବସିଥା"ନ୍ତି । ରାଣୀ ମା" ଧିରେ ଧିରେ ଆଖି ଖୋଲି ପ୍ରଥମେ ମୋ ମୁହଁକୁ ଟିକେ ଚାହିଁଲେ। ଆଶ୍ଚର୍ଯ୍ୟ କଥା ତାଙ୍କ ହାତରେ ମୋ ହାତକୁ ଖୁବ୍ ନବିଡତାର ସହ ମୁଠେଇ ଧରିଲେ ଓ ସେତେବେଳେ ସେ ଅଞ୍ଚଳର ଶ୍ରେଷ୍ଠ ମୂରବୀତ୍ଵ ତୁଲାଉ ଥିବା ବଡ଼ ବାପା ଙ୍କ ହାତରେ ତାଙ୍କ ନାତୁଣୀ ର ହାତକୁ ଧରାଇ ଦେଇ ଖନେଇ, ଖନେଇ କହିଲେ, ଶୁଣୁ ରେ ଶିବୁ ମୋ ଗେହ୍ଲା "ଅମା" ତୁମକୁ ଲାଗିଲା, (ମୋ "ଜେଜି ମା" ମୋତେ ଶ୍ରଦ୍ଧାରେ ଅମା ବୋଲି ଡାକନ୍ତି)

ତାକୁ ଏମିତି, ସେମିତି ଜାଗାରେ ବାହାଘର କରିବନି। ଭାରି ସୁକୁମାରୀ ଟା ସେ ଯେମିତି ସହର ରେ ସେ"ରହିବ । ଭୁବନେଶ୍ଵର ରେ ଯଦି ଚାକରୀ କରି ଥିବା ଜ୍ୱାଇଁ ଟି ମିଳେ ତାକୁ ସେଇଠି ବାହାଘର କରି ଦେବ । ମୋ ରାଣୀ ମା"ର ସେ ମୁମୂର୍ଷୁ ମୁହୂର୍ତ୍ତ ର ଶେଷ କଥା ପଦକ ବା ଶେଷ ଇଛା ମୋ ବଡବାପା, ବାପା, ଦାଦା ଓ ପରିବାର ର ସମସ୍ତଙ୍କୁ ଚମକେଇ ଦେଇଥିଲା......

ତାଙ୍କର ଅଠର ନାତି ନାତୁଣୀ ଙ୍କ ଭିତରୁ ମୋତେ କାହିଁକ ଯେ, ଏପରି ଅମାପ ସ୍ନେହ ଭଲ ପାଇବା ଓଜାଡୁ ଥିଲେ ସେ ହିଁ ଜାଣନ୍ତି... ଯେତେ ଯାହା ସାଇତି ରଖିଥିବା ଭଲ ଭଲ ଖାଇବା ଜିନଷ ସମସ୍ତଙ୍କୁ ଲୁଚାଇ ମୋତେ ହିଁ ଦିଅନ୍ତି ମୋତେ ଗେହ୍ଲା କରନ୍ତି, ମୋତେ କୋଳରେ ପୁରାଇ ଶୁଅନ୍ତି। ତାଙ୍କ ବିସ୍ତାରିତ ବକ୍ଷ ରାଜି ତଳେ ମୁଁ ଯେତେବେଳେ ମୁଣ୍ଡ ଗୁଞ୍ଜି ଶୋଇଥାଏ, ସେ ଉଷ୍ମତାର ଅନୁଭବ କଣ ସତେ ଭୁଲି ହେବ? ସେ ମିଠା ପରଶ ସହିତ ଗପ କାହାଣୀ ର ମଜା... ବହଳ ଅନ୍ଧାର ରାତିରେ ଡିବିରି ବତୀ ର ମିଞ୍ଜି ମିଞ୍ଜି ଆଲୁଅ ରେ ଗୋବର ବନ ମାଟିରେ ଲିପା ସେ ମାଟି କାନ୍ଥର ମହ ମହ ବାସ୍ନା ସହ ବାଡି ପଟ ତାଳ ଗଛରେ ନଶବ୍ଦ ରାତିରେ ହୋ ହ୍ଵା ଶବ୍ଦର ଝଙ୍କାର, ଭୂତ ଡେଇଁବାର ଭୟରେ ଆଖି ବୁଜି ରାଣୀ ମା ଙ୍କୁ ଯେତେବେଳେ ଖୁବ୍ ଜୋର୍ ରେ ଜାବୁଡ଼ି ଧରେ, ରାଣୀ ମା"ର ସୁରକ୍ଷା ବଳୟ ର ନରମ କୋଳ ର ମଧୁର ସ୍ପର୍ଶ କେତେ ଯେ ମୋତେ ଆନନ୍ଦ ଦିଏ, ତାହା କୁ ପ୍ରକାଶ କରିବାକୁ ମୁଁ ଶବ୍ଦହୀନ । ଯେତେ କହେ ମା" ଚାଲ୍ କୋଠା ଘରର ଆର ଖଞ୍ଜା ରେ ଶୋଇବା, ଏଠି ଡର ଲାଗୁଛି । ମୋ ଜେଜି ମା କନ୍ତୁ କେବେ ବି ଆମର ସେ ରାଜ ପ୍ରସାଦ ଭଳ ବିରାଟ କୋଠା ଘରକୁ ନ ଯାଇ ତାଙ୍କର ସେହି ପ୍ରିୟ ମାଟି ଘରେ ଶୋଇବାକୁ ପସନ୍ଦ କରନ୍ତି । କାରଣ ବାପା ଙ୍କ ଠାରୁ ଶୁଣିଥିଲି ସେ କୁଆଡେ ସ୍ୱର୍ଗତ ଜେଜେ ବାପାଙ୍କ

ଉପରେ ଅଭିମାନ କରି, ସେ କୋଠାଘରକୁ ଶୋଇବାକୁ ଯାଆନ୍ତି ନ। ମୋ ବାପା ଦାଦା ଯେତେବେଳେ ମାତ୍ର ଦୁଇ, ଚାରିବର୍ଷ ର ହୋଇ ଥିଲେ। ସେତେବେଳେ ଜେଜେ ବାପା, ଆମ ଜମିଦାରୀ ଘର ଦ୍ୱାର, କୁନକୁନ ଚାରି ପୁଅଙ୍କର ସବୁ ଦାୟିତ୍ୱ କୁ ଜେଜେ ମା" ମୁଣ୍ଡ ଉପରେ ଲଦି ଦେଇ ହଠାତ୍ ଆର ପାରିକୁ ଚାଲି ଯାଇଥିଲେ ପରିବାର କୁ ଦୁଃଖ ସାଗର ରେ ଭସାଇ ଦେଇ !!

ଜେଜେ ମା ରାତିରେ ସିନା ଶୁଅନ୍ତିନ, କୋଠା ଘରେ। ହେଲେ ପ୍ରତ୍ୟେକ ଦିନ ସକାଳୁ ନିତ୍ୟ କର୍ମ ସାରି ଧବଳ ସମ୍ବଲପୁରୀ ଶାଢ଼ୀ ର ପରିପାଟୀ ରେ ବସି ପଡନ୍ତି କୋଠା ଘରର ଚଉଡ଼ା ବାରଣ୍ଡା ରେ ପଡି ଥିବା ଆରାମ ଚୌକି ଉପରେ । କାନ ରେ ବାନ୍ଧି ଥାଆନ୍ତି ମେଞ୍ଚାଏ ପଇସା ପାଖରେ ରଖି ଚାଉଳ ବାଉଁଶିଆ ଯୋଗୀ ଭିକାରୀ ଙ୍କୁ ଦେବା ଆଳରେ....କେତେ ଯେ ଯୋଗୀ ଭିକାରୀ ଆସନ୍ତି ତା"ର ହିସାବ ନଥାଏ । ଆମ ରାଣୀ ମା ଥିଲେ କୁଆଡେ ଭାରି ଲକ୍ଷ୍ମୀବନ୍ତ । ତାଙ୍କ ହାତରୁ ଚାଉଳ ମୁଠାଏ ବା ଟଙ୍କାଟିଏ ନେଇ ଗଲେ ଯୋଗୀ ଭିକାରୀଙ୍କର କୁଆଡେ ଦିନ କଟେ ଭାରି ଆନନ୍ଦରେ.... ରାଣୀ ମା"ଙ୍କ ର ହାତ ପରଷା ରେ ସମସ୍ତଙ୍କ ପେଟ ଭରି ଯାଏ । କାହାକୁ କେବେ ଖାଲି ହାତରେ ସେ ଦାଣ୍ଡ ଦୁଆରୁ ଫେରାନ୍ତି ନାହିଁ । ଦୁଃଖୀ ରଙ୍କିଙ୍କର ଦୁଃଖକୁ ବେଶ୍ ହୃଦୟଙ୍ଗମ କରନ୍ତି ।

ପ୍ରତ୍ୟେକ ସୋମବାର ଆମ ଗାଁ ଠୁ କିଛି ଦୂର ଚନ୍ଦ୍ରୋତ୍ପଳା ନଦୀ କୂଳରେ ଥିବା ଗଡଗଡିଆ ଶିବ ମନ୍ଦିର କୁ ମୋତେ ସାଙ୍ଗରେ ନେଇ କି ଯାନ୍ତି । ସେଠାକାର ପ୍ରସିଦ୍ଧ ହରି ସାହୁ ଦୋକାନରୁ ସୁଆଦିଆ ପକୁଡ଼ି ଓ ଗୁଲୁଗୁଲା ଖାଇବାକୁ ଦିଅନ୍ତି । ଛୋଟ ବେଳେ ମୁଁ ସ୍କୁଲ ରୁ ଫେରିବା ବାଟରେ ଯେଜି ମା ମୋତେ ଚାତକ ପରି ଚାହିଁ ରହିଥାନ୍ତି । ଆମେ ସବୁ ଭାଇ ଭଉଣୀ ଏକାଠି ଆସିଥାଉ, ହେଲେ ଜେଜି ମା ମୋ ହାତ ଧରି ଖୁବ ଶ୍ରଦ୍ଧାରେ ଘର ଭିତର କୁ ନେଇ ଯାଆନ୍ତି ଚୁପି ଚୁପି ମୋ କାନରେ କୁହନ୍ତି ଶୁଣୁ ଅମା ଚୁଲି ମୁଣ୍ଡ ପାଖ କୋଣରେ ତରକାରୀ ତୋ ପାଇଁ ଘୋଡାଇ ରଖିଛି ଭାତରେ ଲଗାଇ ଖାଇଦେବୁ। ଭଲ ଭଲ ସୁଆଦିଆ ତରକାରୀ କମ୍ବା ଇଲିଶି ଶୁଖୁଆ ଭଜା ବା ମାଛ ବାଲି ଦେଇ ଯାଇଥିବା ପାମ୍ଫ୍ଲେଟ୍ ମାଛ, ମସଲା କମ୍ବା ଆମ ବିରାଟ ବଡ଼ ଗାଡିଆ ରୁ ଜାଲରେ ଧରା ହୋଇଥିବା ଶୀଙ୍ଗି, ମାଗୁର, ଶେଉଳ ଓ କଉ ମାଛ ର ବେସର ଦିଆ ଝୋଳ ହୋଇଥିଲେ ତାଙ୍କ ଖାଇବାରୁ ମୋ ପାଇଁ ସେ ବଳେଇ ରଖି ଥାଆନ୍ତି ଖୁବ୍ ଶ୍ରଦ୍ଧାରେ ...କେବେ ଯଦି ସେହି ତରକାରୀ କୁ ମୁଁ ଆସିଲା ପୂର୍ବରୁ କିଏ ଖାଇ ଦେଇଥାଏ ତେବେ ଜେଜେ ମା ର ରାଗ ପଞ୍ଚମରେ !! ଏତିକି ଜାଣିଛି,

ମୋର ବି ମନେ ଅଛି ମୋ ରାଣୀ ମା" ଙ୍କୁ ମୁଁ ଖୁବ୍ ଭଲ ପାଏ । ସବୁ ଦିନ ତାଙ୍କ ମୁଣ୍ଡରୁ ଉକୁଣୀ ବାଛେ, ରାତିରେ ଶୋଇଲା ପୂର୍ବରୁ ତାଙ୍କ ଗୋଡ଼ ଘଷି ଦିଏ ଏହା ମୋର ନିତିଦିନିଆ କାମ। ନ ହେଲେ ମୋତେ ବିଲକୁଲ ଭଲ ଲାଗେ ନାହିଁ । ଛୋଟ ରୁ ବଡ଼ ହେବାଯାଏ ତାଙ୍କରି ପାଖରେ ହିଁ ମୋ ଚୁଲବୁଲି ଚପଳାମି ପଣ ସବୁ ବାହାର କରେ....!!!!! ଆଜି ବି ମୋ ଜେଜେ ମା ଙ୍କୁ ଖୁବ ଝୁରୁଛି ମୁଁ । କାହିଁକି ଯେ ସେ ସବୁ ନାତି ନାତୁଣୀ ଙ୍କ ଭିତରେ ମୋତେ ଏତେ ଭଲ ପାଉଥିଲେ, ସେ କଥା ମୋ ହୃଦୟକୁ ଆନ୍ଦୋଳିତ କରେ, ମୋ ମନ ରେ ପ୍ରଶ୍ନ ଉଙ୍କି ମାରେ....!!!? ସତରେ ମୋ ଜେଜି ମାଙ୍କ ଆଦର୍ଶରେ ମୁଁ ଆଜି ଅନୁପ୍ରାଣିତ । ସେ ଥିଲେ ଖୁବ୍ ଦୟାବନ୍ତ, ସମାଜ ସେବୀ, ପରୋପକାରୀ, କାହାକୁ କେବେ ଖାଲି ହାତରେ ଦୁଆର ମୁହଁରୁ ଫେରାନ୍ତି ନାହିଁ । ଦୀନ ଦୁଃଖିଙ୍କର ଦୁଃଖକୁ ବୁଝନ୍ତି ପେଟକୁ ଚାହାନ୍ତି, ମୋ ରାଣୀ ମାଆଙ୍କର ହାତ ରନ୍ଧା, ହାତ ପରସା ଯିଏ ଖାଇଥିବ ସେ ଜୀବନରେ କେବେ ବି ଭୁଲି ନଥିବ... ସମସ୍ତେ କୁହନ୍ତି ରାଣୀ ମା ଆମ ଗାଁରେ ରାନ୍ଧିଲେ ପାଖ ଗାଁ କୁ ମହ ମହ ବାସେ ..! ସତରେ ଆମ ରାଣୀ ମା"ର ମୁଗ ଡାଲି ପକା ମାଟି ହାଣ୍ଡିର ମାଂସ ଝୋଳ ର ବାସ୍ନା ଏବେ ବି ମୋ ନାସା କୁ ଶିହରିତ କରେ, ପାଟିରୁ ଲାଳ ଗଡି ଆସେ...!!

ଆଜି ସେ ଇହ ଧାମରେ ନାହାନ୍ତି ସିନା ହେଲେ ସମସ୍ତଙ୍କ ସ୍ମୃତି ରେ ଜୀବିତ ଅଛନ୍ତି । ଆମ ପରିବାର ଯେତେବେଳେ ପର୍ବପର୍ବାଣୀ ରେ ସମସ୍ତେ ଏକାଠି ହୁଅନ୍ତି ମୋ ସହିତ ମୋ ଜେଜି ମା ଙ୍କର ନିବିଡତାର ସମ୍ପର୍କ ଓ ମୃତ୍ୟୁ ଶଯ୍ୟା ରେ ରହି କହିଥିବା ଶେଷ ଇଚ୍ଛାକୁ ମନେ ପକାନ୍ତି ଓ ଜେଜେ ମା ମୋତେ ସବୁଠୁ ସମସ୍ତଙ୍କ ଠାରୁ ବେଶୀ ଭଲ ପାଆନ୍ତି ବୋଲି ସମସ୍ତେ ଜାଣନ୍ତି .....!!!!

ଆଜି ସିନା ମୋ ରାଣୀ ମା" ମୋ ପାଖରେ ସ୍ୱଦେହରେ ନାହାଁନ୍ତି, ହେଲେ ତାଙ୍କର ଶୁଭେଚ୍ଛା, ଶୁଭ କାମନା, ଆଶୀର୍ବାଦ ସବୁବେଳେ ମୋ ପାଖେ ପାଖେ ରହିଛି ବୋଲି ପ୍ରତିକ୍ଷଣେ ଅନୁଭବ କରେ ।

ତାଙ୍କ ଜୀବନର ଶେଷ ମୁହୂର୍ତ୍ତର ଶେଷ ଇଛା କେବେ ବି ମଉଳ ଯାଇନି। ତାଙ୍କ ଆଶୀର୍ବାଦ ରୁ ତାଙ୍କ ଗେହ୍ଲୀ ନାତୁଣୀ ଆଜି ଖାଲି ଭୁବନେଶ୍ୱର କ"ଣ ? ସାରା ଦେଶ ଓ ବିଦେଶ ଯିବାର ସୁବିଧା ସୁଯୋଗ ରୁ ବଞ୍ଚିତ ହୋଇନି......ଏବେ ବି ବେଳେ ବେଳେ ମନ ହୃଦୟ ରୁ ତାଙ୍କ ଶେଷ କଥା ପଦକ ଜୀବନ୍ତ ସ୍ମୃତି ହୋଇ ଜଳ ଜଳ ଫୁଟି ଦିଶେ ଓ ଆନନ୍ଦର ଦୁଇ ବୁନ୍ଦା ଲୁହ ଅଜଣା ରେ ଚିବୁକର ଦୁଇ ଧାରେ ବହିଯାଏ....... ଏତିକି ବିଶ୍ୱାସ ମୋର

ଅଛି ଋଣୀ ମା"ତୁମେ ପିଲାଦିନେ ମୋତେ କହି ଥିଲ ନା!!! ତୁମେ ମରିଗଲ ପରେ ସ୍ୱର୍ଗରେ ତାର୍ ହୋଇ ରହିବ ବୋଲି....ତୁମେ ଆଜି ସ୍ୱର୍ଗ ରେ ଥାଅ ବା ମର୍ତ୍ତ୍ୟରେ ଥାଅ ଯେଉଁଠି ବି ଅଛ ତୁମ ଆଶୀର୍ବାଦ ର ହାତ ମୋ ମଥା ଉପରେ ଅଛି ବୋଲି ପ୍ରତି ମୁହୁର୍ତ୍ତ ରେ ଅନୁଭବ କରେ...ଓ ମୋ ହୃଦୟ ର ଆଇନା ରେ ସଦାବେଳେ ତୁମ ମୁହଁ ଚକ୍ ଚକ କରୁଥାଏ । ମୋ ପାଇଁ କହିଥିବା ତୁମର ସେ ଶେଷ କଥା ପଦଟି ଏବେ ବି ମୋ କର୍ଣ୍ଣ ପଟ୍ଟଳରେ ଗୁଞ୍ଜରିତ ହୁଏ .!!!!!!!

ଶ୍ୟାମପୁର, ଭୁବନେଶ୍ୱର

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ଗାଁ, ଗୋବର ଓ ଗାଧୁଆ ତୁଠ



ମନସ୍ୱିନୀ ସାହୁ

ମାଟିଗନ୍ଧରେ ମତୁଆଲା ମନ
ଚଲ୍‌ବାଟ ଗୁରିପାଖେ ଧାନ କ୍ଷେତ
ହିଡ ଟପି ଗୁଲିଗଲ୍ ପରେ
ମନେପଡେ ମୋ ଗାଁ, ଏତେ ପାଖ !

ପଖାଳ ତୋରାଣି ସୁଡୁ ସୁଡୁ କରି
ପିଇ ଗୁଲେ ଭେ଼କଲ୍ ପେଟ
ମାଆ କହେ ଉହୁଁ
ସେମିତି ପିଇନା, କାଳେ
ତଣ୍ଟିରେ ଲ୍‌ଗିବ!

ଦରଶିଝା ବାଡିଶାଗ
ତାଳେ ତାଳେ ନାଚ ଉଠେ ବଡିଚୁର୍
ଓଠ ତୁମେ ଆମ୍ବୁଲ ଫଡାଏ
ଉଲି ପିଆଜ ଫୁଲେଇ
କାମୁଡେ ଅଳପ ଅଳପ ।

ଆହାଃ!
ଏଇ କଣ ସେହି ମାଟି
ନା ମାଆଟିଏ !
ହାତଠାରି ଡାକୁଛି ମୋତେ ଆ!
ମୁଠେ ଖାଇ ଶାନ୍ତିରେ ଶୋଇଯା ଦଣ୍ଡେ,
ଖଟିଲୁଣି ଖୁବ୍ ବେଶି!

ଗୋବର ଲିପା ଗାଁ ଦାଣ୍ଡ
ଦଉଡିଆ ଖଟ
ସତେ କଣ ନୁହେଁ ମଖମଲ ଶେଯ?
ଗାଈର ଗୁହାଳରେ ମଧ୍ୟ
ମାଆର ଆଶିଷ ।
ଅମୃତର ଧାର୍ ଅଜସ୍ର
କ୍ଷୀର, ଦହି, ଛେନାରେ
ବଳଷ୍ଠ ମୋ ପୁଅ ଦେହ
ଦିଶେ କେଡେ ହୃଷ୍ଟପୁଷ୍ଟ ।

ସୁରୁଜର ସକାଳୁଆ କରଣ ଛୁଇଁ
ଦେହ ଓଦା
ଗାଧୁଆ ତୁଠରେ ଗୋରୀ
ପାଦ ଘଷେ ଅଳତାକୁ
ଧୋଇ ଧୋଇ ।
ପୋଖରୀର ଆରପାଖେ
ନଡିଆଗଛର ଛାଇ
ଘୋଡେଇ ଦିଏ ସତେ
ପରଦାର ଅନ୍ୟରୂପ ନେଇ ।

ପୋଖରୀତୁଠରେ ବସିଥାଏ
ପୁଙ୍ଗୁଳା ଦେହରେ ଛୁଆଟିଏ
ଚହଲ୍ ଚହଲ୍ ପାଣି
ଢେଲା ମାରି ଥୋଇ ଦିଏ
ତରଙ୍ଗର ଦୋଳ ଟାଣି ।
କଇଁ ତୋଳେ ପୂଜା ପାଇଁ
ନେଇଯାଏ ଧାଇଁ
ଗାଁ ମୁଣ୍ଡେ ମନ୍ଦିରର
ପୂଜକ ବି ବସିଥାଏ ଗୁହିଁ ।

ମୋ ଗାଁ
ଗୁହାଳ, ଗୋବର,
ଗାଧୁଆ ତୁଠ ଯାଏଁ ଲେଖା
ମୋ ଜୀବନର କାହାଣୀ ।

ଯୁଗ୍ମ ଶାସନ ସଚବ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଦୁଇ ଅକ୍ଷର



ନନ୍ଦିନୀ ରାଉତ

ପିତା ଦି ଅକ୍ଷର ମାତା ଦି ଅକ୍ଷର
ଗୁରୁ ଦି ଅକ୍ଷର ହୁଏ
ପୁଅ ଝିଅ ନୁହେଁ ଶିଷ୍ୟ ପାଇଁ ଯିଏ
ନିଜ ସୁଖ ବଳି ଦିଏ।
ଛାତ୍ର ଦି ଅକ୍ଷର ଛାତ୍ରୀ ଦି ଅକ୍ଷର
ବିଦ୍ୟାଳୟ ଶୋଭା ପାଏ
ପୁଅ ପାଇଁ ସଦା ଶିବ ମନସୁଛ
ଝିଅ ପାଇଁ କମ୍ପା ନୁହେଁ।
ପାଠ ଦି ଅକ୍ଷର ସାଠ ଦି ଅକ୍ଷର
ଏକଥା ସବୁଠି ଥାଏ
ସାଠ କୁ ଦେଖୁଛୁ ସଭିଙ୍କ ପାଖରେ
ପାଠରେ ତ କେହି ନୁହେଁ ।
ଗୀତ ଦି ଅକ୍ଷର ଶୀତ ଦି ଅକ୍ଷର
ଗୀତ ରେ ଆନନ୍ଦ ଥାଏ
ହାତଦି ଅକ୍ଷର ଭାତ ଦି ଅକ୍ଷର
କେହି ଏଠି କମ ନୁହେଁ ।
ମନ ଦି ଅକ୍ଷର ଧନ ଦି ଅକ୍ଷର
ଧନକୁ ରହୁଛ ଗୁହିଁ
ମନ ଯଦି ଦେବ ସଭିଙ୍କ ହିତରେ
ସୁଖକୁ ପାଇବ ଭାଇ।

ସୁଖ ଦି ଅକ୍ଷର ଦୁଃଖ ଦି ଅକ୍ଷର
ମନରେ ହୁଅନା ଭାଳ
ସୁଖ ଦୁଃଖ ଆସି ସବୁ ଗ୍ଲଲିଯିବେ
ନ ହୁଅରେ କେବେ କଳ।

ବାଲିପଟ୍ଟା, ଅନୁଗୁଳ

# କରୋନା



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

କରୋନା ଭୂତାଣୁ ମାଡି ଆସିଲାଣି
ତ୍ରାହିତ୍ରାହି ବୋଲି ସର୍ବେ ଡାକଲେଣି
ରକ୍ଷାକର ତୁମେ ହେ କରୁଣାକର
କରୋନା ବିପତ୍ତି ଦୂର ହେ କର ।


କରୋନା ମହାମାରୀ ବ୍ୟାପି ଯାଉଛି
ଆୟତ୍ତରେ ସେ ଆଉ ନ ରହୁଛି
ଉଦ୍ଧାର କର ଏ ବିପଦୁ ତୁମ୍ଭେ ମହାବାହୁ
ବିଶ୍ୱବାସୀ ହାତଯୋଡି ଆଜି ତୋତେ କହୁ ।

କରୋନାକୁ ତୁମେ ନଅ ଦୂରେଇ
ଦୂର ପାହାଡରେ ଦିଅ ପକାଇ
ଆଉ ନ ଆସୁ କ କେବେ ହେଁ ନ ଗ୍ରାସୁ
ଆଗଭଳ ବିଶ୍ୱ ହସୁ ଖାଲି ହସୁ ।

କରୋନା କରୁଛି ତାଣ୍ଡବ ଲୀଳା
ସାରା ଜଗତର ବୁଡୁଛି ଭେଳା
କବଳରୁ ତାର ମୁକତି ପାଇଁ
ମାନବ ଡାକୁଛି ରଖ ହେ ସାଇଁ ॥

ମଠସାହି, ତୁଳସିପୁର

# ଓଡ଼ିଆ ଲୋକଗୀତରେ ଓଡ଼ିଆଣୀର ଜୀବନ ଚରିତ



ନବେଦିତା ମହାପାତ୍ର

ପଲ୍ଲୀ ବିଳାସିନୀ ଉତ୍କଳ ଭୂଇଁର ସୌନ୍ଦର୍ଯ୍ୟ ସୁଷମା ଯେମିତି ମନୋମୁଗ୍ଧକର ତା' କଳା, ସଂସ୍କୃତି ଲୋକଗୀତ, ପରମ୍ପରା, ଐତିହ୍ୟ ସେମିତି ମନୋଜ୍ଞ ଓ ଅନନ୍ୟ, ଯାହାର ବର୍ଣ୍ଣନା କରିବା ଅସମ୍ଭବ। ଓଡ଼ିଶାର ପାଣି ପବନରେ ଏପରି ଅନେକ ପରିଚତ ଏବଂ ପୂର୍ବ ପ୍ରଚଳିତ ଲୋକ କଥା ଓ ଲୋକଗୀତ ରହିଥିଲା ଯାହା ଆଜି କାଳର କରାଳ ଗର୍ଭରେ ବିଲୀନ ହୋଇଗଲାଣି ।

ଲୋକଗୀତ ଅଗଣିତ ଜନ ହୃଦୟର ସ୍ମାରକ। ଗୋଟିଏ କଣ୍ଠରୁ ଆଉ ଗୋଟିଏ କଣ୍ଠକୁ, ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଏହା ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହେଉଥିଲା। ସ୍ତ୍ରୀ ଏବଂ ପୁରୁଷମାନଙ୍କ ପାଇଁ ସ୍ୱତନ୍ତ୍ର ଲୋକଗୀତର ପ୍ରଚଳନ ଥିଲା। ସ୍ତ୍ରୀ ଗୀତର ଭାଷା ଲଳିତ, ଶ୍ରୁତି ରୋଚକ, ସ୍ୱରରେ ଆରୋହଣର ଗତି ମନ୍ଥର, ଆବେଗ, ସଂଯତ ଏବଂ ଦୃଢ ଥିଲା। ଏଥିରେ ଛୋଟଛୋଟ ଘରକରଣା କଥା, ପାରିବାରିକ ସୁଖଦୁଃଖ, ଭୋଗ, ଓଷାବ୍ରତାଦି ଧର୍ମକଥା, ଖାଦ୍ୟପେୟ, ବସ୍ତ୍ରାଳଙ୍କାର କଥା, ଅନୁଭୂତିମୂଳକ ପ୍ରେମକଥା ପ୍ରକାଶିତ ହୋଇଥାଏ। ଢଗଢମାଳି, ବାରମାସୀ, ପୁଚଖେଳ ଗୀତ, ଦୋଳି ଗୀତ, ପିଲାଙ୍କୁ ଗେଲ କରିବା ଗୀତ, କାନ୍ଦଣା, ଅଧିକାଂଶ ଗାଥା ଗୀତିକା, ସଜନୀ ଗୀତ, ବିଭା ଗୀତ, ଆଦି ନାରୀର ସୃଷ୍ଟି ।ଏହି ଲୋକଗୀତକୁ ମୁଖ୍ୟତଃ ମୌଖିକ ଓ ରଚିତ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଏଥିମଧ୍ୟରୁ ମୌଖିକ ଗୀତରେ କାନ୍ଦଣା, ପିଲା ଭୁଲାଣିଆ ଗୀତ, ଦୋଳି ଗୀତ ଆଦିର ପ୍ରାଧାନ୍ୟ ଅଧିକ । ସାଧାରଣତଃ ଓଡିଆ ଘରର ନାରୀଙ୍କ କଣ୍ଠରୁ ନିମ୍ନ ଗୀତ ଗୁଡିକ ଶୁଣିବାକୁ ମିଳଥାଏ।

## ପର୍ବ ଗୀତ :-

ଆଗକାଳରେ ଓଡିଆ ଘରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଲୋକଗୀତ ଶୁଣିବାକୁ ମିଳେ। ଓଡିଆ ଝିଅଟିଏ ନିଜ ପରମ୍ପରା ଅନୁଯାଇ ବାରମାସରେ ତେର ପର୍ବ ପାଳନ

କରେ। ମାସର ବିଭିନ୍ନ ସମୟରେ ସେ ପାଳୁଥିବା ବିଭିନ୍ନ ପର୍ବପର୍ବାଣୀରେ ଅନେକ ଗୀତ ଗାଇ ଆନନ୍ଦିତ ହୋଇଥାଏ।ଯେପରି କୁଆଁର ପୁନେଇରେ,

(୧)

"କୁଆଁର ପୁନେଇ ଜହ୍ନ ଲୋ ଫୁଲ ବଉଳବେଣୀ",

ତ କେବେ ରଜ ପର୍ବରେ ଦୋଳରେ ବସି

(୨)

"ରଜ ଦୋଳି କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ସୁନା ମୁକୁଟ ଲୋ ଦିଶୁଥାଏ ଜକଜକ ।"

ଗୀତ ଗାଇଥାନ୍ତି। ଗ୍ରାମର ଝିଅମାନେ ଏକମେଳ ହୋଇ ପୁଚ ଖେଳୁଥିବା ସମୟରେ ମଧ ଅନେକ ଗୀତ ଗାଇ ଏହି କଷ୍ଟ ସାଧ ଖେଳର ମଜା ଉଠାଇଥାନ୍ତି ଏବଂ ହାସ ପରିହାସରେ ସମୟ ଅତିବାହିତ କରିଥାନ୍ତି।

(୩)

"ପୁଚ ଲୋ ଯା ଘୁଞ୍ଚିଲୋ
ବାରିଆଡେ ଗୋଧି
ପୁଚ ନ ଜାଣୁ ମାଇପି ଟୋକ
କିଏ ଶିଖାଇବ ବୁଦ୍ଧି।"

**ମଙ୍ଗଳ ଗୀତ :-**

ସେହିପରି ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନରେ ଓଡ଼ିଆ ଘରଣୀମାନେ ସୁମଧୁର ସ୍ୱରରେ ଅନେକ ମଙ୍ଗଳଗୀତ ଗାଇଥାନ୍ତି। ପ୍ରତ୍ୟେକ ବିଧିରେ କ୍ଷୁଦ୍ରକ୍ଷୁଦ୍ର ଗୀତି ସେମାନଙ୍କ କାର୍ଯ୍ୟକ୍ରମକୁ ଆହୁରି ମନୋରମ କରିଥାଏ। ବିବାହ ସମୟରେ କାଚଲାଗି ବେଳେ ଗ୍ରାମ୍ୟ ବଧୂ କଣ୍ଠରୁ ଶୁଭେ-

(୪)

"କାଚଲାଗି ହେଉଛନ୍ତି ଜନକର ବାଳୀ
ସ୍ୱର୍ଗେ ଥାଇ ଅପ୍ସରା ଦିଅନ୍ତି ହୁଳହୁଳି।

ଶ୍ରୀହସ୍ତରେ ବଢାଇ ଦେଲେ ଜନକର ଜେମା
ଅକଳଙ୍କ ଶ୍ରୀମୁଖ କ ଶରତ ଚନ୍ଦ୍ରମା।"

କାନ୍ଦଣା ଗୀତ :-

ବିବାହ ସମୟରେ ମଧ ଏହି ନାରୀମାନେ ଝିଅ ବିଦାକକୁ ନେଇ ଅନେକ ଗୀତ ଗାଇଥାନ୍ତି। ଗାଉଁଲି ନାରୀ କବିଙ୍କ କୋମଳ ଅନ୍ତରରୁ ଅଶ୍ରୁ ବିନ୍ଦୁ ସଙ୍ଗେ ଯେଉଁ ମୁକ୍ତାମାନ ଝରିପଡେ ତାହା ହେଉଛି ଗ୍ରାମୀଣ ଭାଷାରେ କାନ୍ଦଣା ଗୀତ। ପ୍ରଥମ କରି ନିଜ ପ୍ରିୟ ପରିବାରକୁ ଛାଡି ଶଶୁରାଳୟ ଯିବାବେଳେ ସେ ସ୍ୱରରେ ଅନ୍ୟମାନଙ୍କୁ ଧରି ବାହୁନ କାନ୍ଦିଥାଏ। ଯେପରି ନିଜ ଜନ୍ମଦାତ୍ରୀ ଓ ସବୁଠାରୁ ପ୍ରିୟ ବୋଉକୁ ଧରି ସେ ବାହୁନ ଥାଏ-

(୫)

"ବନପକ୍ଷୀ ଭଳି ବଢେଇଥିଲୁ ଲୋ ବୋଉ
ବେଳ କାଳ ଦେଖି ଉଡେଇ ଦେଲୁ ଲୋ ବୋଉ।
କନିଅର ଫୁଲ ଅଗ ଡାଲକୁ ଲୋ ବୋଉ
କିଏ ଖଞ୍ଜିଦେବ ସଞ୍ଜବେଳକୁ ଲୋ ବୋଉ।
ପାଞ୍ଚ ବେଳା ଖିଆ ପଞ୍ଚୁ ଭୋଜନ ଲୋ ବୋଉ
ଏକା ବେଳରେ କି ସରିବ ଦିନ ଲୋ ବୋଉ।
ସକାଳ ଗାଧୁଆ ସଞ୍ଜ ହୋଇବ ଲୋ ବୋଉ
ଖାଇ ନାହିଁ ବୋଲି କିଏ କହିବ ଲୋ ବୋଉ।

କେବଳ ବୋଉ ନୁହେଁ ବାପାଙ୍କୁ ଧରି ସେ ବାହୁନ କହିଥାଏ,

(୬)

"କାବତା ଯେମନ୍ତ ବନେ ଝୁରଇ, ବାପା ହେ
ତେମନ୍ତେ ତୁମ୍ଭଙ୍କୁ ଝୁରି ମରିବି ବାପା ହେ।"

(୭)

"ଆଳୁ ପତରିଆ ମହଣ ପାନ ହେ ନୂଆବୋଉ
ଆଉ କି ଦେଖିବି ଜନମ ଥାନ ହେ ନୂଆବୋଉ

ଚକୁଳ ପିଠା ତ ଅଣ ଲେଉଟା ହେ ନୂଆବୋଉ
ଆଉ କ ଦେଖିବି ଜନମ କୋଠା ହେ ନୂଆବୋଉ।"
ସେହିପରି ବାପା ଓ ମା' ବି ଝିଅକୁ ବୁଝାଇ କହିଥାନ୍ତି -

(୮)

"ବାପଘରେ ଝିଅ ନ ରହେ କେହି
ରାଜ ଜେମା ହେଲେ ପରକୁ ଦେଇ
ଓଳ ପାଣି ଗଡେ ପିଣ୍ଡା ତଳକୁ
ଝିଅ ଜନମ ତ ପର ଘରକୁ।"

ଏହିପରି ସେ ନଜର ପ୍ରିୟ ପରିଜନଙ୍କୁ ଧରି ବାହୁନ କାନ୍ଦିଥାଏ।

**ବଧୂର ଦୁଃଖ ଗୀତ :-**

ଶାଶୁ ଘରେ ବି ଝିଅଟି ଅନେକ ପ୍ରକାର ଦୁଃଖ ସହିଥାଏ; କନ୍ତୁ ସେ ଏହାକୁ ପ୍ରକାଶ କରିବାକୁ ସଂକୋଚ କରେ। ବେଳେବେଳେ ସେ ଏହାକୁ ଗୀତ ଆକାରରେ ପରିପ୍ରକାଶ ବି କରିଥାଏ।ଯେପରି:

(୯)

ବାରି ବାଇଗଣ ଗ୍ଭରି ଚେଉଳା ଲୋ
କାହା ପତରରେ ଦେବି
ଶାଶୁର ପଦକୁ ନଣନ୍ଦର ପଦେ
କାହା ଜ୍ୱଳା ମୁଁ ସହିବି।

ସେପରି ଯାହାର ସ୍ୱାମୀ ବାହାରେ ଗ୍ଭକରି କରୁଥାଏ, ସେହି ସ୍ତ୍ରୀ ପ୍ରତି ଶାଶୁ ଘର ଲୋକଙ୍କର ଅତ୍ୟାଗ୍ଭର ଟିକେ ଅଧିକ ଥାଏ। ସେହି ଶାଶୁମାନଙ୍କ ଅତ୍ୟାଗ୍ଭର କାହାଣୀ ଲୋକଗୀତରେ ଅତ୍ୟନ୍ତ ମାର୍ମିକ ଭ୍ଭବରେ ବର୍ଣ୍ଣିତ କରାଯାଇଛି।

(୧୦)

"ନଖରେ ଗାଲ ମାଂସ ପିଞ୍ଚନ୍ତି ମୋର
ଦାନ୍ତ ରଗଡା ଦେଖି ମାଡଇ ଡର
ମାଡ ଲୋ ଖାଇ ମୁହିଁ ଗ୍ଭହେଁ ନରେଖି

ନଥାଁ ମୁଣ୍ଡା ପରି ଲୋ ଶାଶୁଙ୍କ ଆଖି
ସେଠାରୁ ଉଠି ଅନ୍ୟ ଥାନକୁ ଯାଏ
ନଳା ମୁହଁରେ କାନ ପକାଇ ଶୁଏ।"

ଶାଶୁ ଘରେ ଅନେକ ଯନ୍ତ୍ରଣା ସହି ମଧ୍ୟ ନାରୀଟି ବିନା ପ୍ରତିବାଦରେ ସବୁ ସହିଯାଏ। କାରଣ ସେ ବୁଝିଥାଏ ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି। ତେଣୁ ସେ ନିଜ ଉପରେ ହେଉଥିବା ଅତ୍ୟାଚାର କଥା ପ୍ରକାଶ ନ କରି କହେ

(୧୧)

"ସବୁ ସହିଲୋ ବୋଉ ବାନ୍ଧିଚ ଦମ୍ଭ
ଛାତି କରିଚ ମୋର ପଥର ଖମ୍ବ।"

**ଶିଶୁ ଗୀତ :-**

ନିଜ ଛୋଟ ଛୋଟ ଶିଶୁଙ୍କୁ ଖୁଆଇବା, ତେଲ ଲଗାଇ ଦେବା, ବୁଝାଇବା, ଶୁଆଇବା ଆଦି କାମରେ ଓଡିଆ ନାରୀ ଅନେକ ମନୋମୁଗ୍ଧକର ଗୀତ ଗାଇଥାନ୍ତି। ଯେପରି:

(୧୨)

"ଝୁଲରେ ହାତୀ ଝୁଲ
ଝୁଲିଲେ ଖାଇବୁ ଖଣ୍ଡଛାଚ
ମୋ ହାତୀ ଝୁଲରେ
କଆକନ୍ଦା ଖାଇ ଫୁଲରେ
ମୋର ହାତୀ ଝୁଲରେ।"

(୧୩)

"ଧୋ ରେ ବାୟା ଧୋ
ଯୋଉ କଆରୀରେ ଗହଳ ମାଣ୍ଡିଆ
ସେଇ କଆରିରେ ଶୋ।"

ସେପରି ଛୋଟ ଶିଶୁକୁ ତେଲ ଲଗାଇବା ବେଳେ ତା' ମା' ବୁଝାଇବା ପାଇଁ ବୋଲେ-

(୧୪)

"ପା' ପା' ନାଡି ବେଙ୍ଗ ଦେଲା ପାଡି
ସବୁ ପିଲା ଘରକୁ ଗଲେ ମୋ' ଧନକୁ ଛାଡି।"

## ଅନ୍ତିମ ବିଦାୟ ଗୀତ :-

ଏହା ବ୍ୟତୀତ ପ୍ରତ୍ୟେକ ଓଡିଆ ସ୍ତ୍ରୀର ମନରେ ଗୋଟିଏ ଆକାଂକ୍ଷା ଥାଏ ଯେ ନିଜ ସ୍ୱାମୀ ଥାଇ ସେ ଇହଧାମ ତ୍ୟାଗ କରିବ। କାରଣ ନାରୀ ଜୀବନର ସବୁଠାରୁ ବଡ ଦୁଃଖ ହେଉଛି ବୈଧବ୍ୟ। ଏହି ବୈଧବ୍ୟ ଓ ବିରହ ତା' ହୃଦୟକୁ ଅତ୍ୟନ୍ତ ବ୍ୟଥିତ କରେ । ତେଣୁ ସେ ସର୍ବଦା ପ୍ରାର୍ଥନା କରେ:

(୧୫)

କାଚ ଲୋ ମାଛ ଖାଇ ସରୁ ମୋ ଦିନ
ଅହ୍ୟ ଡେଙ୍ଗୁର୍ ବାଜି ହେଉ ମୋ ମରଣ ।

ନାରୀ ଗ୍ରାମ୍ୟ ଗୀତର ମୁଖ୍ୟ ପୁରୋଧା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ନାରୀ କଣ୍ଠର ଭୂଷଣ। ଏଥିରେ ପୁରୁଷର କୌଣସି ଅଧିକାର ନାହିଁ। ନାରୀ ନିଜ ଆନନ୍ଦ, ବିରହ, ଅବା ସନ୍ତାନର ସୁଖ ପାଇଁ ଅନେକ ଗୀତର ସୃଷ୍ଟି କରିଥାଏ। ଯେଉଁଥିରେ ବାସ୍ତବ ଅନୁଭୂତିର ଜୀବନ୍ତ ଚିତ୍ର ପ୍ରତିଫଳିତ ହୋଇଥାଏ। ଏଗୁଡିକର ଭାଷା ଅତ୍ୟନ୍ତ ସରଳ, କୋମଳ, ପ୍ରାଞ୍ଜଳ, ସଂକ୍ଷିପ୍ତ ଓ ହୃଦୟସ୍ପର୍ଶୀ ହୋଇଥାଏ । ତେଣୁ ଏହା ସମାଜ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।

ମୁକୁନ୍ଦ ମିଶ୍ର ନଗର,ପୁରୀ

# ସଞ୍ଚିତ ଉପହାର



ପ୍ରାଧାପିକା ଜ୍ୟୋସ୍ନା ରାୟ

ବରଷା ଗୋ ତୁମେ ଶ୍ରାବଣ ଆଖିର ପ୍ରୀତିର କଜ୍ଜଳଗାର,
ବରଷା ଗୋ ତୁମେ ପିଆସୀ ମନର ସଜଳ ଲୋତକଧାର,
ବରଷା ଗୋ ତୁମେ ମମତା ମଧୁର ମଳୟର ମୋତି ହାର,
ବରଷା ଗୋ ତୁମ ପହିଲି ପରଶେ ହସିଉଠେ ଏ ସଂସାର।।
ବରଷା ଗୋ ତୁମେ ରଜତରଙ୍ଗିଣୀ ରୁଣୁଝୁଣୁ ବୀଣା ତାର,
ବରଷା ଗୋ ତୁମେ ଶସ୍ୟଶ୍ୟାମଳା ସବୁଜିମାର ଆଧାର,
ବରଷା ଗୋ ତୁମେ ମଧୁବନ ରାସ ମନ୍ଦ୍ର ମେଘମହ୍ଲାର,
ବରଷା ଗୋ ତୁମେ କବି ଲେଖନୀରେ ପ୍ରେମର ସପ୍ତସ୍ୱର।।
ବରଷା ଗୋ ତୁମେ ଚରରତୁମତୀ ପ୍ରୀତିପୁଲକେ ଭାସ୍ୱର,
ବରଷା ଗୋ ତୁମେ ଚର କାଂକ୍ଷିତ ମିଳନ ମଧୁର ଗିର,
ବରଷା ଗୋ ତୁମେ ନଥର ତନୁରେ ପ୍ରାଣ ସଞ୍ଚାର କର,
ବରଷା ଗୋ ତୁମେ ଊଷର ଭୂମିରେ ମନ୍ତ୍ରିତ ଜଳଭାର।।
ବରଷା ଗୋ ତୁମେ ନୀଳନୀଳମାର ନର୍ମଳଜଳ ଝର,
ବରଷା ଗୋ ତୁମେ ସ୍ନିଗ୍ଧଶୀତଳ ସଞ୍ଚିତ ଉପହାର ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ମୋ ବୋଉ



ପ୍ରଶାନ୍ତ କୁମାର ମହାନ୍ତି

ନେପଥ୍ୟ ରୁ ଭାସି ଆସୁଛି ନଗ୍ନ ସତ୍ୟ ର ବାର୍ତ୍ତା
ସିଏ କେତେବେଳେ ସ୍ୱର୍ଗାଦପି ଗରୀୟସୀ
ତ ଆଉ କେତେବେଳେ ମାତୃ ରୁପେଣ ସଂସ୍ଥିତା.... @

ଯିଏ କ୍ଷଣିକେ ସାଜିପାରେ ଦୁର୍ଗତି ନାଶିନୀ ଦୁର୍ଗା
ପୁଣି ହେଇପାରେ
ଯଶୋଦା, କୈକେୟୀ ଆଉ ନିର୍ଭୟା ମାତା...... @

ସିଏ  ଗାନ୍ଧାରୀ ସାଜି ଦେଖିପାରେ ମହାଭାରତ
ପୁଣି ଯଶୋଦା ସାଜି ଦେଇପାରେ ଛାତିର ଅମୃତ
ଯାର ପାଦପଦ୍ମେ ନଇଁଯାଏ ଦେବତାଙ୍କ ମଥା
ତାର ଶକ୍ତି ତଉଲେଇ ଆଜି କରେ ମୁଁ ଧୃଷ୍ଟତା
ସର୍ବଶକ୍ତିମୟୀ ସେଇ ଯେ ଜନ୍ମଦାତ୍ରୀ ମାତା.... @

ସବୁପରେ ନିଜ ଅନ୍ତ ଚିରି ଜନ୍ମ ଦେଇଛି
ମୋ ବୋଉ
ନିଜ ରକ୍ତ କୁ ଛାତିରୁ ନିଗାଡ଼ି ପିଆଇଛି
ମୋ ବୋଉ
ନିଜଭାଗ ସୁଖକୁ ମତେ ଦେଇ ସର୍ବସଂହା ପାଲଟିଛି
ମୋ ବୋଉ
ଦୁଃଖରେ ଠୋ ଠୋ ହସି ଛାତିକି ପଥର କରିଛି

ମୋ ବୋଉ
ନିଜ ପେଟକୁ ଅଧା ରଖି ଭାତହାଣ୍ଡିର ଶେଷତମ ଭାତକୁ
ମୋତେ ଖୁଆଇଛି ମୋ ବୋଉ
ଦିନରାତି ଯନ୍ତ୍ରବତ ଖଟିବା ପରେ ବି ଗୋଡ଼କୁ ଆଉଁସି ଦେଇଛି
ମୋ ବୋଉ
ଏବେ କୁହ କେଉଁ ଏକକରେ ତଉଲେଇବି
ତା ସ୍ନେହ, ତ୍ୟାଗ ଆଉ ବାତ୍ସଲ୍ୟ ର ଶକ୍ତି କୁ...... @

ମୁଁ ଦେଖିଛି ତାର ସେଇ ଲୁହଭିଜା କାନି କୁ
ମୁଁ ଚାହିଁଛି ତାର ସେଇ ଓଦା ଓଦା ପେଜୁଆ ଆଖିକୁ
ଆଉ ମନେ ମନେ ବେଲଗାମ କରେ ଭାବନା କୁ
ସତରେ କେମିତି ଜଣେ ଏତେ ସହିପରେ
ସୁଖ ଦେଇ ଦୁଃଖ ନେଇ କେମିତି ସେ ହସିପାରେ
ହା ହା, ଉତ୍ତର ହେଲା
ସିଏ ବା ମା, ତା ସନ୍ତାନ ପାଇଁ
ସିଏ ଜୀବନ ଦେଇପାରେ ଆଉ ଜୀବନ ନେଇପାରେ.....

କାକଟପୁର, ପୁରୀ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସ୍ୱାର୍ଥ ନିକତିରେ ସମ୍ପର୍କ



ଡ. ମନୋରଞ୍ଜନ ବିଷୋୟୀ

ମୁଁ ମୋ ପରି ହେବା ପାଇଁ
ଚେଷ୍ଟା କରି ବ୍ୟର୍ଥ ହୋଇଛି ।
ବିନା ଦୋଷରେ ଦୋଷୀ ହୋଇ
ସମସ୍ତଙ୍କ ବଇରୀ ସାଜିଛି ।
ଆପଣାର ମନେ ହେଉଥିବା
ସବୁ ପ୍ରିୟଜନଙ୍କ ପାଇଁ ପର ହୋଇଛି ।
ଆହା ବୋଲି କହି
ପ୍ରସାରୁଥିବା ହାତ ସବୁ
ପଛକୁ ଫେରିଯାଇଛି ।
ସମୟ ଓ ସମ୍ପର୍କ ମଧ୍ୟରେ
ନିତି ଅଙ୍କକଷା ଗୁଳିଛି ।
ଏତିକି ବୁଝିନଥିଲି ବୋଲି
ଏବେ ବଞ୍ଚିବା ପାଇଁ
ଲୁହର ସାହାର୍ୟ ନେଇଛି ।
ପ୍ରୀତି ମମତା ସବୁ
ଲାଭ କ୍ଷତିରେ ତଉଲ ହେଉଛି ।
ଏଠି ତ ସମ୍ପର୍କର ମାନଚିତ୍ର
ପ୍ରତିମୁହୂର୍ତ୍ତରେ ବଦଳ ଯାଉଛି ।

ଏପରିକି ନିଜ ପ୍ରତିବିମ୍ବ ମଧ୍ୟ
ବେଳେ ବେଳେ ମୋତେ
ଦୋ-ଦୋ ଚହ୍ନା ଲାଗୁଛି ।
ତେଣୁ ତ
ଜୀବନ ଯୁଦ୍ଧରେ ଜିଣିବାକୁ
ନିଜ ଭାଗ୍ୟକୁ ଆୟୁଧ କରି
ପ୍ରଥମେ ବଇରୀକୁ ଚହ୍ନୁଛି ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

# ମନ ଓ ଗୁରୁ

ଦୋଳଗୋବିନ୍ଦ ପଣ୍ଡା

ଓଡ଼ିଆ ଭାଗବତରେ ଗୋଟିଏ ପଦ ଅଛି- "ମନ ତୋହର ନିଜ ଗୁରୁ। ଉଦ୍ଧବ କେତେ ତୁ ପଗ୍ବରୁ।"

ଏଇ ପଦଟିକୁ ଉଦ୍ଧାର କରି ଅନେକେ କୁହନ୍ତି- ମୋ ମନ ମୋ ଗୁରୁ। ତେଣୁ ଆଉ ଗୁରୁ ଗ୍ରହଣ କରିବା କି ଦରକାର? କିନ୍ତୁ ସର୍ବଦା ବୃତ୍ତି-ପ୍ରବୃତ୍ତି ଦ୍ୱାରା ପରିଚ୍ଳାଳିତ ଅନିୟନ୍ତ୍ରିତ ମନ କ'ଣ କେବେହେଲେ କାହାର ଗୁରୁ ହୋଇପାରେ? ମନ ଅତୀବ ଚଞ୍ଚଳ ଓ ତାକୁ ନିୟନ୍ତ୍ରଣ କରିବା କଷ୍ଟସାଧ। ଏ କଥା ସ୍ୱୟଂ ଭଗବାନ୍ କୃଷ୍ଣ ଗୀତାରେ ସ୍ୱୀକାର କରିଛନ୍ତି -

"ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍।
ଅଭ୍ୟାସଯୋଗେନ ପାର୍ଥ ବୈରାଗ୍ୟେଣ ଚ ଗୃହ୍ୟତେ।।"

ଅର୍ଥାତ୍, ହେ ଅର୍ଜୁନ! ତୁମେ ଯାହା କହିଲ ଠିକ୍। ମନ ଖୁବ୍ ଚଞ୍ଚଳ। ତାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟସାଧ। ତାକୁ କେବଳ ଅଭ୍ୟାସ ଯୋଗ ଓ ବୈରାଗ୍ୟ ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ।

ତେଣୁ ସେହି ମନଟାକୁ ଅଭ୍ୟାସଯୋଗ ଓ ବୈରାଗ୍ୟଦ୍ୱାରା ନିୟନ୍ତ୍ରଣ କରିବା ପାଇଁ ତ ଗୁରୁଗ୍ରହଣ କରିବା ଦରକାର ପଡ଼ିଥାଏ। ଗୁରୁଗତପ୍ରାଣ ଉଦ୍ଧବଙ୍କର ତନ୍ନିଷ୍ଠ ମନ ନିୟନ୍ତ୍ରିତ ହୋଇଥିବାରୁ ଭଗବାନ କୃଷ୍ଣ ତାଙ୍କୁ ଉପରୋକ୍ତ କଥା କହିଥିଲେ। ତାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ।

ମନର କାର୍ଯ୍ୟ ହେଲା ମନନ କରିବା, ଚିନ୍ତା କରବା ଓ ଇଚ୍ଛା କରିବା। ଗୁରୁଙ୍କର ନାମ ମନନ କରିବା, ତାଙ୍କର ମୂର୍ତ୍ତି ଧ୍ୟାନ କରିବା, ତାଙ୍କ ଗୁଣାବଳୀ ଚିନ୍ତା କରବା ଓ ନିଜର ଇଚ୍ଛାକୁ ତାଙ୍କ ଇଚ୍ଛା ସହ ଏକାକାର କରିଦେବାଦ୍ୱାରା ମନ ନିୟନ୍ତ୍ରିତ ହୁଏ। ମନ ନିୟନ୍ତ୍ରିତ ହେଲେ ବୃତ୍ତି-ପ୍ରବୃତ୍ତି ଓ ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ ଆସେ। ସେତେବେଳେ ମନୁଷ୍ୟ

ସାର୍ବିକ କଲ୍ୟାଣର ଅଧିକାରୀ ହୁଏ। ଗୁରୁଙ୍କ ଧ୍ୟାନ କପରି କରିବ ସେ ସମ୍ପର୍କରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି:

ନାମ କର ଆଉ ମନନ କର
ଇଷ୍ଟଙ୍କ ଯେତେ ଗୁଣାବଳୀ,
ଭାବେ କାର୍ଯ୍ୟେ ମୂର୍ତ୍ତ କର
ଜ୍ଞାନେ ଗୁଣେ ହେବ ବଳୀ। (ଅନୁଶ୍ରୁତି)

ପୁନଶ୍ଚ ମହାଯୋଗୀ ଗୋରଖନାଥଙ୍କ ମତରେ ଇନ୍ଦ୍ରିୟମାନଙ୍କର ପ୍ରଭୁ ମନ ଏବଂ ମନର ପ୍ରଭୁ ପ୍ରାଣ (ପବନ)। ପ୍ରାଣାୟାମ ସାଧନାଦ୍ୱାରା ନିଃଶ୍ୱାସପ୍ରଶ୍ୱାସର ବେଗକୁ କମେଇ ଦିଆଯାଇ ପାରିଲେ ଚଞ୍ଚଳ ମନ ସ୍ଥିର ହୋଇଯାଏ। ଗୁରୁଙ୍କଠାରୁ ହିଁ ପ୍ରାଣାୟାମ ଶିକ୍ଷା କରିବାକୁ ହୁଏ। ଉପଯୁକ୍ତ ଗୁରୁଙ୍କ ବିନା ପ୍ରାଣାୟାମ ଅଭ୍ୟାସ କରିବାକୁ ଗଲେ ପ୍ରାଣ ଓ ମନ ନିୟନ୍ତ୍ରିତ ହେବା ଦୂରେ ଥାଉ, ଓଲଟା ଫଳ ମିଳେ। ବେଳେବେଳେ ଦୁରାରୋଗ୍ୟ ବ୍ୟାଧି, ଏପରିକି ମୃତ୍ୟୁ ହେବା ମଧ୍ୟ ଅସମ୍ଭବ ନୁହେଁ। ତେଣୁ ଉପଯୁକ୍ତ ଗୁରୁ ପାଖରେ ନ ଥିଲେ, ପ୍ରାଣାୟାମ ନ କରି ଅନୁରାଗର ସହ ନାମ କରିବା ଦରକାର। ଏହାଦ୍ୱାରା ଆପେ ଆପେ ପ୍ରାଣର ସ୍ଥୈର୍ଯ୍ୟ ଆସିଯାଏ। ତେଣୁ ଶ୍ରୀଶ୍ରୀଠାକୁର କହିଛନ୍ତି:

"ଅନୁରାଗରେ କରିଲେ ନାମ, ଆପେ ଆପେ ହୁଏ ପ୍ରାଣାୟାମ।" (ଅନୁଶ୍ରୁତି)

ମନକୁ ନିୟନ୍ତ୍ରିତ କରିବା ପାଇଁ ଉପରେ ଯେତେ ପ୍ରକାର ଉପାୟ ବର୍ଣ୍ଣନା କରାଗଲା, ସେସବୁପାଇଁ ଗୁରୁ ଗ୍ରହଣର ଆବଶ୍ୟକତା ରହିଛି। ଗୁରୁ ହିଁ ନାମ ଦିଅନ୍ତି, ସେ ହିଁ ପ୍ରାଣାୟାମ ଶିକ୍ଷା ଦିଅନ୍ତି, ସେ ହିଁ ମଣିଷର ବିଭ୍ରାନ୍ତ ମନକୁ ସତ୍ପଥରେ ପରିଚାଳିତ କରନ୍ତି।

ଶିଷ୍ୟ ମନରେ କୌଣସି ସଂଶୟ ଉପସ୍ଥିତ ହେଲେ ସେ ତତ୍ତ୍ୱଦର୍ଶୀ ଗୁରୁଙ୍କ ନିକଟରେ ଉପଗତ ହୋଇ ପ୍ରଣିପାତ କରେ, ତାଙ୍କର ସେବା କରି ତାଙ୍କୁ ସନ୍ତୁଷ୍ଟ କରେ ଏବଂ ଶେଷରେ ନିଜ ମନର ପ୍ରଶ୍ନ ପୁଚ୍ଛା କରେ। ଗୁରୁ ପ୍ରଶ୍ନର ଯଥାଯଥ ଉତ୍ତର ଦେଇ ତା' ମନର ସଂଶୟ ମୋଚନ କରନ୍ତି -

"ତଦ୍ୱିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ।।" (ଗୀତା)

ଉଦ୍ଧବ ତାହାହିଁ କରିଥିଲେ। ସେ ଭଗବାନ କୃଷ୍ଣଙ୍କୁ ନିଜର ଇଷ୍ଟ ଓ ଗୁରୁ ରୂପେ ବରଣ କରି ତାଙ୍କରି ଇଚ୍ଛା ଅନୁସାରେ ନିଜ ଜୀବନକୁ ପରିଚାଳିତ କରୁଥିଲେ। ଧର୍ମ ସମ୍ପର୍କରେ ଏବଂ ନିଜର କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ସମ୍ପର୍କରେ ତାଙ୍କ ମନରେ ରହିଥିବା ସମସ୍ତ ସଂଶୟକୁ ସେ ଆଚାର୍ଯ୍ୟ କୃଷ୍ଣଙ୍କ ନିକଟରେ ଉପସ୍ଥାପିତ କରିଥିଲେ। (ଭାଗବତରେ କୃଷ୍ଣ ନିଜକୁ ଆଚାର୍ଯ୍ୟ ବୋଲି କହିଛନ୍ତି- ଆଚାର୍ଯ୍ୟଂ ମାଂ ବିଜାନୀୟାତ୍। ଅର୍ଥାତ୍ ମୋତେ ଆଚରଣସିଦ୍ଧ ଗୁରୁ ବୋଲି ଜାଣିବ।) କୃଷ୍ଣ ମଧ୍ୟ ତାଙ୍କର ସମସ୍ତ ପ୍ରଶ୍ନର ଯଥାଯଥ ସମାଧାନ ଦେଇଥିଲେ। ସମସ୍ତ ତତ୍ତ୍ୱ ଜାଣିସାରିବା ପରେ ମଧ୍ୟ ଉଦ୍ଧବଙ୍କ ପ୍ରଶ୍ନ ପଚାରିବା ବନ୍ଦ ନ ହେବାରୁ ଶ୍ରୀକୃଷ୍ଣ ଉପରୋକ୍ତ କଥାଟି କହିଥିଲେ।

ସେ କୌଣସି ପ୍ରକାରେ ଯଥାଶୀଘ୍ର ସମ୍ଭବ ଉଦ୍ଧବଙ୍କୁ ସେଠାରୁ ତଡ଼ିବାକୁ ଚାହୁଁଥିଲେ କାରଣ ଉଦ୍ଧବ ଆଉ ଅଧିକ ସମୟ ଦ୍ୱାରିକାରେ ରହିବା ତାଙ୍କ ପାଇଁ ବିପଦପୂର୍ଣ୍ଣ ଥିଲା। ଶ୍ରୀକୃଷ୍ଣ ଜାଣିଥିଲେ, ଏ ଦ୍ୱାରିକା ନଗରୀ ଜଳମଗ୍ନ ହୋଇଯିବ। ଯଦୁକୁଳ ଧ୍ୱଂସ ପାଇଯିବ। ତେଣୁ ସେ ଉଦ୍ଧବଙ୍କୁ ଶେଷ ଧର୍ମ-ଉପଦେଶ ଦେଇ ବଦ୍ରିକା ଚାଲିଯିବାକୁ ଆଦେଶ ଦେଇଥିଲେ। କିନ୍ତୁ ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ଛାଡ଼ି ଯିବାକୁ ଚାହୁଁ ନ ଥିଲେ। ତେଣୁ ସେ ଯୁକ୍ତି ବାଢ଼ିଥିଲେ- "ସକଳ ତୀର୍ଥ ତୋ ଚରଣେ। ବଦ୍ରିକା ଯିବି କି କାରଣେ।। ଆଶ୍ରମ ନାମ ବଦରିକା। ସେ କି ତୋ ଚରଣୁ ଅଧିକା।।" (ଭାଗବତ- ୧୧.୩୦.୧୮-୧୯)

ଶ୍ରୀକୃଷ୍ଣ ଚାହୁଁଥିଲେ ସବୁ ଯଦୁବଂଶୀ ଧ୍ୱଂସ ପାଇଯାନ୍ତୁ ପଛେ ଉଦ୍ଧବ ବଞ୍ଚି ରହନ୍ତୁ। ବଦ୍ରିକା ଗଲେ ସେଠାରେ ସାଧୁସଙ୍ଗ ମିଳିବ ଏବଂ ଉଦ୍ଧବ ଶ୍ରୀକୃଷ୍ଣଙ୍କ କଥିତ ଧର୍ମର ପ୍ରଚାର ପ୍ରସାର କରିପାରିବେ। ଉଦ୍ଧବ ଥିଲେ ଶ୍ରୀକୃଷ୍ଣଙ୍କ ଭାବଧାରା ଓ ଧର୍ମନୀତିର ମୁଖ୍ୟ ପ୍ରଚାରକ। ଆଜିଯାଏ ଯଦି ବୈଷ୍ଣବ ଧର୍ମ ବଞ୍ଚିରହିଛି, ତେବେ ତାହା ଉଦ୍ଧବଙ୍କ ସକାଶେ। ତାହାର ଅନେକ ବର୍ଷ ପରେ ଏହି ଧର୍ମ କ୍ଷୀଣ ହୋଇ ଆସୁଥିଲା ବେଳେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ଘଟେ ଏବଂ ସେ ଏହି ଧର୍ମର ପ୍ରଚାର ପ୍ରସାର କରିବା ସହ ନୂତନ ଗୁରୁ ପରମ୍ପରାର ପ୍ରତିଷ୍ଠା କରନ୍ତି।

ସୁତରାଂ 'ମନ ତୋହର ନିଜ ଗୁରୁ' କଥାଟି କେବଳ ଉଦ୍ଧବଙ୍କ ପରି ତତ୍ତ୍ୱଜ୍ଞାନୀ, ଇଷ୍ଟପ୍ରାଣ, ତଦ୍ଗତଚିତ୍ତ, ଭକ୍ତଶ୍ରେଷ୍ଠଙ୍କ ପ୍ରତି ପ୍ରଯୁଜ୍ୟ। ଉଦ୍ଧବ ଥିଲେ ଭଗବାନ କୃଷ୍ଣଙ୍କର ପାର୍ଷଦ ଭକ୍ତ। ସେ ପ୍ରଭୁଙ୍କ ପାଖେ ପାଖେ ରହି ଶ୍ରଦ୍ଧା, ପ୍ରଶ୍ନ, ସଙ୍ଗ ଓ ସେବାଦ୍ୱାରା ତାଙ୍କଠାରୁ ଧର୍ମର ସମସ୍ତ ଗୂଢ଼ ତତ୍ତ୍ୱ ଶିକ୍ଷା କରିଥିଲେ। ଉଦ୍ଧବଙ୍କୁ ସମସ୍ତ ଶିକ୍ଷା ଦେଇସାରିବା ପରେ ଶ୍ରୀକୃଷ୍ଣ

କହିଥିଲେ- ଆଉ ଏତେ ପଗ୍ଭରିବା ଦରକାର ନାହିଁ, ଅର୍ଥାତ୍ ମୁଁ ଯେତିକ ଶିକ୍ଷା ଦେଇଛି ତାହା ଯଥେଷ୍ଟ | ତୋର ମନ ମୋଠାରେ ସଂନ୍ନ୍ୟସ୍ତ ହୋଇଥିବାରୁ ଏଣିକ ତୋର ମନ ହିଁ ତୋର ଗୁରୁ, ଅର୍ଥାତ୍ ମୁଁ ବିବେକ ରୂପରେ ତୋ ମନରେ ରହି ତୋତେ ପରିଗ୍ଭଳତ କରିବି। ତୋର ସଂନ୍ନ୍ୟସ୍ତ ମନ ଯାହା ଠିକ୍ ବୋଲି ବିଗ୍ଭର କରିବ ତାହାହିଁ ଠିକ୍ ହେବ।

ଯେଉଁମାନଙ୍କର ପ୍ରବୃତ୍ତିରଙ୍ଗିଳ ମନ କାହାରିକୁ ଗୁରୁ ବା ଶ୍ରେଷ୍ଠ ବୋଲି ମାନିପାରେ ନାହିଁ, ସେମାନେ ହିଁ 'ମନ ତୋହର ନିଜ ଗୁରୁ' କଥାରୁ ଗୁରୁଗ୍ରହଣର ଆବଶ୍ୟକତା ନାହିଁ ବୋଲି ଅର୍ଥ ବାହାର କରନ୍ତି। ସେମାନେ ଭୁଲିଯାନ୍ତି, ସେଇ ଭାଗବତରେ ଆଉ ଗୋଟିଏ ପଦ ଅଛି- ଗୁରୁ ନ ଥାଇ ତୁ ଅର୍ଜୁନ। କାହୁଁ ପାଇବୁ ସଦଜ୍ଞାନ।। ପୁଣି ସେହି ଭାଗବତରେ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦରେ ଅଛି-

"ଏହା ତୁ ବୁଝି ହେ ଉଦ୍ଧବ। ଉତ୍ତମ ଗୁରୁପାଦେ ସେବ।।
ଭକ୍ତି-କୁଠାରେ ଦୁର୍ବାସନା। ଛେଦ ତୁ ଗୁରୁବାକ୍ୟେ ସିନା।।
ଆତ୍ମାକୁ ଜାଣି ସାବଧାନେ। ଗୁରୁବଚନ ଅନୁମାନେ।।"

ଭାଗବତରେ ତ ଗୁରୁ ଗ୍ରହଣ କରି ମୁକ୍ତିର ମାର୍ଗକୁ ସୁଗମ କରୁ ନ ଥିବା ମଣିଷକୁ ଆତ୍ମଘାତୀ ବୋଲି କୁହାଯାଇଛି। ବ୍ୟାସ ଲେଖିଛନ୍ତି-

"ନୃଦେହମାଦ୍ୟଂ ସୁଲଭଂ ସୁଦୁର୍ଲ୍ଲଭଂ
ପ୍ଲବଂ ସୁକଳ୍ପଂ ଗୁରୁ କର୍ଣ୍ଣଧାରମ୍।
ମୟାନୁକୂଳେନ ନଭସ୍ୱତେରିତଂ
ପୁମାନ୍ ଭବାବ୍ଧିଂ ନ ତରେତ୍ ସ ଆତ୍ମହା।।"
(ଭାଗବତ ୧୧.୨୦.୧୭)

ଏହାକୁ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଅତି ସୁନ୍ଦର ଭାବରେ ଭାବାନୁବାଦ କରିଛନ୍ତି-

"ସର୍ବ ଶରୀର ମଧ୍ୟେ ସାର। ଦୁର୍ଲ୍ଲଭ ନର କଳେବର।।
ସୁଲଭ-ନାବ ରୂପେ ଖଟେ। ବନ୍ଧନ ଭବସିନ୍ଧୁ ତଟେ।।
ଏ ନାବେ ଗୁରୁ କର୍ଣ୍ଣଧାର। ମୁହିଁ ଅନୁକୂଳ ସମୀର।।
ଏମନ୍ତ ନାବ ଥାଉଁ କୂଳେ। ଯେ ବା ନ ତରେ ଭବଜଳେ।।
ସେ ଜୀବ ହୀନ ମୂଢ଼ମତି। ତାହାକୁ ବୋଲି ଆତ୍ମଘାତୀ।।"
(ଜଗନ୍ନାଥ ଦାସକୃତ ଭାଗବତ- ୧୧.୨୧.୭୦-୭୪)

ଗୁରୁଗ୍ରହଣର ଆବଶ୍ୟକତା ଉପରେ ଭାଗବତରେ ଆହୁରି ଅନେକ ବାଣୀ ରହିଛି। ସେସବୁକୁ ଉପେକ୍ଷା କରି ଉପରୋକ୍ତ ଗୋଟିଏ ବାଣୀର ଅଯୌକ୍ତିକ ବ୍ୟାଖ୍ୟା କରି ମୋର ଗୁରୁଗ୍ରହଣର ଆବଶ୍ୟକତା ନାହିଁ, ମନ ମୋର ଗୁରୁ ବୋଲି ଯେଉଁମାନେ କୁହନ୍ତି, ସେମାନଙ୍କର ଏପରି କହିବାର କାରଣ ସହଜରେ ବୁଝିହେଉଛି। ସେମାନେ ଏପରିଭାବେ ବୃତ୍ତିପ୍ରବୃତ୍ତିରେ ବୁଡ଼ି ରହିଛନ୍ତି, ଯେଉଁଥିରୁ ବାହାରିବାକୁ ଚାହାନ୍ତି ନାହିଁ। ଗୁରୁଗ୍ରହଣ କଲେ ତ ସେଇ ପ୍ରବୃତ୍ତି ଉପରେ ପ୍ରଥମେ ହାତ ପଡ଼ିଯିବ ଏବଂ ଗୁରୁଙ୍କ ଆଦେଶ-ନିର୍ଦ୍ଦେଶ ଓ ଅନୁଶାସନରେ ନିଜକୁ ଚଳାଇବାକୁ ହେବ। ତା'ହେଲେ ପ୍ରବୃତ୍ତିର ଦାସ ଜଣେ କେମିତି ହୋଇପାରିବ? ତେଣୁ ଗୁରୁଙ୍କ ଦାସ ହେବା ଅପେକ୍ଷା ଜୋରୁଙ୍କ ଦାସ ହେବାକୁ ପସନ୍ଦ କରୁଥିବା ମଣିଷ ନାନା ଯୁକ୍ତି କରି ଗୁରୁଗ୍ରହଣର ଆବଶ୍ୟକତାକୁ ଟାଳିବାର ଚେଷ୍ଟା କରିବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି?

ନିଗମ ବିହାର, ଶ୍ରୀରାମ ନଗର, ଭୁବନେଶ୍ୱର,
ମୋ- ୭୦୦୮୯୭୦୫୦୨

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା
ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ
ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ
ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର,
ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର
ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଦିନେ ଗାଁ 'ରେ"



ସତ୍ୟବ୍ରତ ସାହୁ

ଅନେକ ଦିନ ପରେ..
ଇଚ୍ଛା ହେଲା ଥରେ ବୁଲି ଆସିବାକୁ ଗାଁ'ର ଏମୁଣ୍ଡ ରୁ ସେମୁଣ୍ଡ
ଧରିଲି ମୋବାଇଲ
ଉଠେଇଲି କଛି ଫଟୋ
ଗୁଳଘର, ବନ୍ଧା ହୋଇଥିବା ଗୋରୁ ଓ ପ୍ରାକୃତିକ ପରିବେଶର ।
ଗାଁ' ଖୁବ ବଦଳଛି..
କାଁ ଭାଁ କେତୋଟି ଗୁଳଘର ଛାଡି ଆଉସବୁ କୋଠା
ପ୍ରାୟ ସମସ୍ତଙ୍କ ଘରେ ମୋବାଇଲ, ଟିଭି, ବାଇକ୍
ନବ ଯୁବକମାନଙ୍କ ହାତରେ ଆଣ୍ଡ୍ରୋଏଡ ସେଟ ମୋବାଇଲ ଫୋନ୍ ।
ସେମାନେ ଚଲାଇଲେଣି ନେଟ୍
ଦେଖିଲେଣି ଖବରକାଗଜ, ରେଳ ସମୟ,
କାଟିଲେଣି ରେଳ ଓ ଉଡାଜାହାଜ ଟିକେଟ ମୋବାଇଲରେ ।
ବ୍ୟବହାର କଲେଣି ନେଟ୍ ବ୍ୟାଙ୍କିଙ୍ଗ, ପେଟିଏମ୍, ଗୁଗୁଲ ପେ, ଫୋନ୍ ପେ..
ଭରିଲେଣି ଏଲ୍.ଆଇ.ସି କସ୍ତି, ଇଲେକ୍ଟ୍ରି ବିଲ୍ ଇତ୍ୟାନ୍ଦି. ଇତ୍ୟାଦି..ମୋବାଇଲରେ ।
ହେଲେଣି ଡାକ୍ତର, ଇଞ୍ଜିନୟର ...
ଝିଅମାନେ ବି ପଡ଼ି ନାହାଁନ୍ତି ପଛରେ
ହେଲେଣି ଅଧାପିକା, ପାଇଲେଣି ଓ.ଏ.ଏସ୍
ଶୁଣିଲି କେହି କେହି ବି ଫେରାର ହେଲେଣି ସେମାନଙ୍କ ପ୍ରେମିକମାନଙ୍କ ସହ ।

ସତରେ..ଖୁବ ବଦଳ ଗଲାଣି ଗାଁ'
ଅଥଚ ଏ ଯାବତ...ବଦଳ ନାହାଁନ୍ତି ସେମାନେ..
ବୟସର ଅପରାହ୍ନ ଓ ସନ୍ଧ୍ୟାରେ ଥିବା ଭାଉଜ, ଖୁଡି, ବଡ଼ବୋଉ ଓ ଜେଜେମା'ମାନେ ।
ଏବେବି ଛିଗୁଲେଇ ହୁଅନ୍ତି/ଅଭିମାନ କରନ୍ତି ଭାଉଜମାନେ,
ହଁ..ଚାକରି କଲ..ପଇସା ଦେଖିଲ..
ଆମକୁ କାହିଁକି ପଚାରିବ ?
ଆମେତ ମଳମୁଣ୍ଡିଆ, ଗାଁଉଲି..
ଖୁଡି ଓ ବଡ଼ବୋଉମାନେ ଏବେବି ଯାଚ ଦିଅନ୍ତି ପାଣି/ସର୍ବତ ଗ୍ଲାସେ କି କପେ ଚାହା,
ଜବରଦସ୍ତ ପାଟିରେ ପୁରାଇ ଦିଅନ୍ତି ମିଠାଟିଏ, ବିସ୍କୁଟଟିଏ କମ୍ବା କଦଳୀଟିଏ ।
ଜେଜେମା'ମାନେ ଚଢ଼ାନ୍ତି..
ମନେପକାନ୍ତି କଲେଜ ବେଳର
କୋଉ ଝିଅର ଚଠି କଥା..।
ଏବେବି ଗା'ରେ ରନ୍ଧା ହୁଏ କାଞ୍ଜି, ମଞ୍ଜା ରାଇତା, ଛୁଞ୍ଚିପତ୍ର ଇତ୍ୟାଦି ।
ବୁଲୁ ଦାଦା, ଦିଗା ସାର୍, ଅଗଣି ଅଜା, ବିଜୁଳି ଭାଉଜ ଆଜିବି ଆଉଁସି ଦିଅନ୍ତି ମୁହଁ,
କହନ୍ତି, କରେ...ତୋ' ଚେହେରା କ'ଣ ଭାଙ୍ଗିଗଲାଣି ?

ଗାଁ' ବଦଳଛି.. ବଦଳୁ..ମନାନାହିଁ
କନ୍ତୁ ନବଦଳୁ ଗାଁ'ର ସ୍ନେହ, ଶ୍ରଦ୍ଧା, ଭାଇଚାରା,
ଗାଁ' ତା' ମମତାରେ ସମସ୍ତଙ୍କୁ ବାନ୍ଧି ରଖିଥାଉ ସବୁବେଳେ ।

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର

# ଗାଳି



ସୁବାସ ଚନ୍ଦ୍ର ମୁଦୁଲି

ଲୁହକୁ ବାନ୍ଧିଛି ବନ୍ଧରେ ବଳଆ
ଲହୁକୁ ବାନ୍ଧିଛି ବନ୍ଧ
ତୋଭ୍ଇ କାଳଆ ଜାଣି ଶିଆଣିଆ
ଆଖି ଥାଉଥାଉ ଅନ୍ଧ
ବଡଭ୍ଇତୁ ନାଁ କୁ ସିନା
ବସିଥାଉ ଖାଲି ମଉନ ମୁହାଁ
ଅରଜି କରୁଛି
ବେଳ ଥାଉଥାଉ
ସାନଭ୍ଇକୁ ତୋ ଆକଟ କର
ନହେଲେ ବୁଡିବ ବଡ ବାଡ
ବଡ ବୋଲି ପର୍ ବହୁତ ଡର
ବଡପଣିଆ ତୋ କୁଆଡେ ଗଲ୍
କମ୍ପା ଗୁହାରିବି ଆଉ
ସହିବାର ସୀମା ଶେଷ
ଏବେ ମୋର ପାଳି
ଘେନାକର ଗାଳି
ନଧରିବ ମୋର ଦୋଷ

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକତ୍ସାଳୟ, ସମ୍ବଲପୁର

# ଗୁରୁ ପୂର୍ଣିମା ବା ବ୍ୟାସ ପୂର୍ଣିମା



ବାସନ୍ତୀ ଲତା ଜେନା

ଗୁରୁ ମୁକ୍ତି ଦାତା ଗୁରୁ ଶକ୍ତି ଦାତା
ଗୁରୁ ହିଁ ଆଲୋକ ଦାତା
ଗୁରୁ ଚରଣରେ ନୁଆଁଏ ମୁଁ ଶିର
ଗୁରୁ ମୋ ପଥ ନିର୍ମାତା ।୧।

ଗୁରୁ ବିନା ନୁହେଁ ଉଜ୍ଜ୍ୱଳ ଜୀବନ
ଘୋଟେ ଘନ ଅନ୍ଧକାର
ଆଲୋକ ପ୍ରକାଶେ ଗୁରୁଙ୍କ ସକାଶେ
ଗୁରୁ ପୂଜ୍ୟ ନିରନ୍ତର ।୨।

ବ୍ୟାସ ଦେବ ତୁମେ ସର୍ବ ଜ୍ଞାନ ଦାତା
ବିଚକ୍ଷଣ ତୁମ ଦୃଷ୍ଟି
ମାତା ସତ୍ୟବତୀ ଔରୁଷରୁ ଜନ୍ମି
ବେଦକୁ କରିଲ ସୃଷ୍ଟି ।୩।

ଗୁରୁ ପୂର୍ଣିମାରେ ବ୍ୟାସ ଦେବ ଜନ୍ମ
ଆଲୋକର ଦୀପ ଶିଖା
ସଂସ୍କୃତ ଭାଷାରେ ରଚିଲେ ଯେ ଗ୍ରନ୍ଥ
ଭାଗବତ ଉଚ୍ଚ ଶିକ୍ଷା ।୪।

ମହାଭାରତର ପ୍ରତ୍ୟେକ ଅଧ୍ୟାୟେ
କୃଷ୍ଣଙ୍କର ନାମ ଗାନ
ଭାଗବତ ଗ୍ରନ୍ଥ ଘରେ ଘରେ ପଢା
ସ୍କନ୍ଧରେ ହୁଏ ପୂରଣ ।୫।

ଜୀବନର ଜ୍ୟୋତି ଏ ପୂଣ୍ୟ ପୁସ୍ତିକା
ଶାଶ୍ୱତ ପ୍ରେମ ସ୍ୱରୂପ
ସ୍ନେହ ଦୟା କ୍ଷମା ଶିକ୍ଷା ଦେଇ ଥାଏ
ଜୀବନ ଜ୍ୱଳନ୍ତ ଧୂପ ।୬।

କୃଷ୍ଣଙ୍କର ଗୁରୁ ଋଷି ସନ୍ଦୀପନ
କୌରବେ ଦ୍ରୋଣାଚାର୍ଯ୍ୟ
ଭୀଷ୍ମ କର୍ଣ୍ଣଙ୍କର ପର୍ଶୁରାମ ଗୁରୁ
ସନାତନ ଧର୍ମ ଆର୍ଯ୍ୟ ।୭।

ମନ ମଧ୍ୟେ ଧ୍ୟାୟେ ଗୁରୁଙ୍କ ସ୍ୱରୂପ
ରଖିବି ଗୁରୁଙ୍କ ନାମ
ଗୁରୁ ପିତା ମାତା ମୋ ଭାଗ୍ୟ ବିଧାତା
ଜଣାଏ କୋଟି ପ୍ରଣାମ ।୮।

ଗୁରୁ ପୂର୍ଣ୍ଣିମାକୁ ପାଳନ କରିବା
ଭୁଲି ଯିବା ଜାତି ଭେଦ
ଗୁରୁଙ୍କ ଚରଣ ବନ୍ଦନା କରିବା
ଦେଉଥିବା ନଇବେଦ୍ୟ ।୯।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ବନ୍ଧ୍ୟା



ଆରତୀ ସାହୁ (ଆଶା)

ନମିତା ହ୍ୱିଲ ଚେୟରରେ ବସି ଅନବରତ ମୁଖ୍ୟ ଫାଟକ ଆଡ଼କୁ ଦେଖୁଛନ୍ତି। ମଝିରେ ମଝିରେ ଦୃଷ୍ଟି ପକାଉଛନ୍ତି କାନ୍ଥ ଘଣ୍ଟା ଉପରେ । ଅସମ୍ଭବ ଭାବେ ଅସ୍ଥିର ଲାଗୁଛନ୍ତି ସେ। ବାତାନୁକୂଳତ ଡ୍ରଇଂରୁମରେ ବସିଥିଲେ ମଧ କପାଳରେ ସ୍ୱେଦ କଣା  ବିନ୍ଦୁ ବିନ୍ଦୁ ହେଇ ଜମି ଯାଇଛି । ପରୀକ୍ଷାର ପରିଣାମକୁ ଅପେକ୍ଷା କରିଥିବା ବିଦ୍ୟାର୍ଥୀ ପରି ସେ ଘନଘନ ମୋବାଇଲ ଖୋଲି ଦେଖୁଛନ୍ତି ।

ଆଜି ତାଙ୍କର ହୃଦୟର ଶୂନ୍ୟସ୍ଥାନ ପୂରଣ ହେବାକୁ ଯାଉଛି । ଦୀର୍ଘ ପଇଁତିରିଶି ବର୍ଷ ସେ ଅପେକ୍ଷା କରିଛନ୍ତି ଏହି ଅଭୀଷ୍ଟ ମୂହୁର୍ତ୍ତଟି ପାଇଁ । ଆଜି ତାଙ୍କର ଦୀର୍ଘ ଦିନର ମନୋବାଞ୍ଛା ପୂର୍ଣ୍ଣ ହେବ । ଛାତି ହେବ ଶୀତଳ, ଚର ଇପ୍ସିତ କୁନ ଅତିଥିର ଅସ୍ତିତ୍ୱରେ ସେ ହେବେ ସ୍ୱୟଂ ସମ୍ପୂର୍ଣ୍ଣା ମାତା । ନାରୀ ଓ ମାତା ପରିପୂରକ ଶବ୍ଦ । ଯିଏ ନାରୀ ସିଏ ମାତା । ନାରୀର ସମସ୍ତ ଅବୟବ କେବଳ ଆଉ କେବଳ ସନ୍ତାନ ନିମନ୍ତେ ଉଦ୍ଦିଷ୍ଟ । ସମାଜର କୁଚକ୍ର ଆଜି ସମ୍ୟକ ସ୍ୱର୍ଗୀୟ ମୂଳ ଧାରଣାକୁ କରିଛି ବିକଳାଙ୍ଗ, ବିଭସ୍ସ ।

ଫାଟକ ଖୋଲି ସୌମେନ୍ଦ୍ର ଆସି ତାଙ୍କ ଅଚଳ ହୋଇଯାଇଥିବା  କୋଳରେ ଅତି ଯତ୍ନ ସହକାରେ ଥୋଇ ଦେଲା  ସାତ୍ତ୍ୱିକ ଆନନ୍ଦର ସ୍ୱରୂପଟିକୁ । କୋମଳ, ମୁଦ୍ରିତ ଚକ୍ଷୁ, ସଦ୍ୟ ପ୍ରସ୍ଫୁଟିତ ବଧୁଲି ଫୁଲର ପାଖୁଡ଼ା ପରି ନାଲି ଅଧର, କ୍ଷୁଦ୍ର କ୍ଷୁଦ୍ର ଗୋଲାପୀ ପାପୁଲି ଓ ପାଦ। ନମିତାଙ୍କ ବ୍ୟାକୁଳ ନୟନରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା  ।

- ହେଇ ଦେଖ , ମୁଁ ଆଜି ମାତୃତ୍ୱ ଲାଭ କରିଛି । ମୋ ତୃଷିତ କୋଳ ପୂର୍ଣ୍ଣ ହେଇଛି ଆଜି। ତୁମେ ସିନା ମୋତେ ମାତା ହେବାର ଗୌରବରୁ ବଞ୍ଚିତ କରି ରଖିଥିଲ । ତୁମ ପୁତ୍ର, ଆରେ ନା, ଆମ ପୁତ୍ର ସୌମେନ୍ଦ୍ର କନ୍ତୁ ଫେରେଇ  ଦେଇଛି ମୋର ସେ ହୃତ୍ ଗୌରବ ।

ସମ୍ମୁଖ କାନ୍ଥରେ ସ୍ୱାମୀ ବୀରକିଶୋରଙ୍କ ବିଗ୍ରହ ତୈଳଚିତ୍ର । ଆଖିରେ ଘେନିଇ ରହିଛି, ଅନୁଶୋଚନା ଓ ଅନୁତାପ । ଓଠରେ ସେହି ମୃତ୍ୟୁ ସମୟର କ୍ଷମା ଯାଚନାର ଅନୁନୟ । କୁହନ୍ତି ମୃତ୍ୟୁ ସମୟରେ ମନୁଷ୍ୟ ନିଜର କୃତକର୍ମ ସବୁ ସ୍ମରଣ କରେ, ଚଳଚ୍ଚିତ୍ର ସମ ।

ଯଦିଓ ସେ ସମୟର ଔଚିତ୍ୟକୁ ନେଇ ନିଜ ହିସାବରେ ବୀରକିଶୋର କରି ନଥିଲେ କିଛି ଅକର୍ମ । କେବଳ ନିଜ ସନ୍ତାନର ମଙ୍ଗଳ ପାଇଁ ନେଇଥିଲେ ଏକ ନିର୍ଘାତ ପଦକ୍ଷେପ । କିନ୍ତୁ ନମିତାଙ୍କ ଦୃଷ୍ଟିରେ, ସଂସାର ଦୃଷ୍ଟିରେ ଅବଶ୍ୟ ତାହା ଥିଲା ଅକର୍ମ । ତାଙ୍କୁ ମାତୃତ୍ୱ ଲାଭରୁ ବଞ୍ଚିତ କରିବା ପାଇଁ ଏପରି ଏକ ଜଘନ୍ୟ ନିର୍ଣ୍ଣୟ ସେ କିପରି ଏକାକୀ ନେଇ ପାରିଲେ **?**

କିନ୍ତୁ ଏହି ଅମାନବୀୟ ନିର୍ଣ୍ଣୟ ନେବାର ପୃଷ୍ଠଭୂମି ତ ନିଜେ ନମିତା ହିଁ ତିଆରି ଥିଲେ ।

*****

ଚାରିବର୍ଷର ସୌମେନ୍ଦ୍ରକୁ ନବବଧୂ ନମିତାଙ୍କ କୋଳରେ ବସେଇ ଦେଇ ବୀରକିଶୋର କହିଥିଲେ ।

- ନମିତା, ସମ୍ପୂର୍ଣ୍ଣ ଚେତନାରେ ଥାଇ ତୁମେ ଏ ବିବାହରେ ସମ୍ମତି ଦେଇଛ । ମୋ ବିବାହର ଉଦ୍ଦେଶ୍ୟ କେବଳ ଆଉ କେବଳ ଏହି ଶିଶୁର ମଙ୍ଗଳ ବ୍ୟତୀତ ଅନ୍ୟ କିଛି ନୁହେଁ। ଆଜିଠାରୁ ଇଏ ତୁମର ପୁତ୍ର ଓ ଏକମାତ୍ର ସନ୍ତାନ । ମାତୃହରା ବାଳକ ସୌମେନ୍ଦ୍ର ପ୍ରତିଷ୍ଠା କରୁ ତୁମକୁ ତାର ମାତା ରୂପେ, ଆଉ ମାତୃତ୍ୱର ଗୌରବରେ ଉଦ୍ଭାଷିତ ହେଉ ତୁମର ଭବିଷ୍ୟତ ।

ସୌମେନ୍ଦ୍ର, ଆକର୍ଷଣୀୟ ଚେହେରା ତଥା ଅତ୍ୟନ୍ତ ଲୋଭନୀୟ ତାର ଶିଶୁସୁଲଭ ଚପଳତା। ତାକୁ ଦେଖିଲେ ଯେ କେହି କୋଳକୁ ନେବାପାଇଁ ଇଚ୍ଛୁକ ହେବ । ଛୁଆରଙ୍କୁଣୀ ନମିତାଙ୍କୁ ଅନାୟାସରେ ସେ ବାନ୍ଧି ନେଇଥିଲା ସ୍ନେହରଜ୍ଜୁରେ । କରି ଦେଇଥିଲା ତାଙ୍କ ହୃଦୟକୁ ବାତ୍ସଲ୍ୟମୟ । ଆଶ୍ୱସ୍ତ ହେଲେ ବୀରକିଶୋର । ନିଶ୍ଚିନ୍ତ ହେଲା ତାଙ୍କର ଆଶଙ୍କା। ସୁରକ୍ଷାର ଦୃଢ଼ ବଳୟ ଭିତରେ ରହିଲା ତାଙ୍କର କୂଳନନ୍ଦନ । ହସି ଉଠୁଥିଲା ତାଙ୍କର କ୍ଷୁଦ୍ର ସଂସାର ।

କିନ୍ତୁ ନାରୀ ଜନ୍ମର ସାର୍ଥକତା ତ ମାତୃତ୍ୱରେ । ସ୍ୱ ଜଠରର ଉତ୍ପତ୍ତିରେ । ମାତୃତ୍ୱର ପ୍ରଦୀପ ପ୍ରଜ୍ୱଳିତ ହୋଇ ପାରେନା ଅନ୍ୟ ପ୍ରଦୀପର ଆଲୋକରେ । ସେ ଗୃହେଁ, ସେ ସୂର୍ଯ୍ୟ ହେବ, ନିଜସ୍ୱ ଅଗ୍ନିର ଉତ୍ସ । ସେ ଗୃହେଁ ନାହିଁ ଚନ୍ଦ୍ରମା ସଦୃଶ୍ୟ ଭିକ୍ଷାପାତ୍ର ହେଇ ବଞ୍ଚିବାକୁ । ସେ ଗୃହେଁନା, ନିଜର କ୍ରମାଗତ ଅବକ୍ଷୟ ।

ଏ ଦୃଷ୍ଟିରୁ ନମିତାଙ୍କର ନାରୀତ୍ୱ ତ ଭିନ୍ନ ନୁହେଁ ? ସେ କାହିଁକି ହେବେ ନାହିଁ ସ୍ୱ ଜଠର ସମ୍ଭୂତ ସନ୍ତାନର ଜନନୀ ? ତେଣୁ ସେ ବୀରକିଶୋରଙ୍କ ସମ୍ମୁଖରେ ଉନ୍ମୁକ୍ତ କରନ୍ତି ନିଜ ହୃଦୟର ଗ୍ରନ୍ଥି । ବ୍ୟକ୍ତ କରନ୍ତି ନିଜର ଅଭିଳାଷ । କଥା ଦିଅନ୍ତି, ନିଜର ଶିଶୁ ହେଲେ ମଧ୍ୟ ସୌମେନ୍ଦ୍ର ରହିବ ଶୀର୍ଷରେ । ଅବହେଳିତ ହେବ ନାହିଁ ସେ । ଏତଦବ୍ୟତୀତ ତାକୁ ମଧ୍ୟ ମିଳିଯିବ ଏକ ଖେଳସାଥି । ବୀରକିଶୋର ଦୃଢ଼ ଭାବରେ ବାରଣ କରନ୍ତି ଓ ଏପରି ଅଭିଳାଷରୁ କ୍ଷାନ୍ତ ହେବାକୁ ନିର୍ଦ୍ଦେଶ ଦିଅନ୍ତି । ନମିତା କିନ୍ତୁ ନୈରାଶ୍ୟରେ ବୁଡ଼ି ବାରମ୍ବାର ତାଙ୍କୁ ବିରକ୍ତ କରିବାରୁ ସେ ଏକ ଅସ୍ୱାଭାବିକ ପଦକ୍ଷେପ ନିଅନ୍ତି ଯାହା ନମିତାଙ୍କର ସ୍ୱପ୍ନର ସୌଧକୁ ଧୂଳିସାତ୍ କରେ । ହେଉ ପଛେ କଳ୍ପନା, ଆଶାଟିଏ ତ ! ତାହା ମଧ୍ୟ ହୁଏ ଭୂଲୁଣ୍ଠିତ ।

ଅଭିଶାପ !! ଅଭିଶାପ ସତରେ ଫଳେ, ରୂପ ନିଏ ? ହଁ, ଏହା ଏକ ଶତବିଦୀର୍ଣ୍ଣ ମାତୃହିଆର ଅଭିଶାପ । ଫଳିବ ଅବଶ୍ୟ ।

- ମୋତେ ହାହାକାର ମଧ୍ୟରେ ଜଳିବାକୁ ଯେବେ ନିଷ୍ପତ୍ତି ନେଇଛ, ତେବେ ମନେରଖ, ତୁମ ବଂଶରେ ଆଉ କେହି ହେଲେ ମାତୃତ୍ୱ ଲାଭ କରି ପାରିବେ ନାହିଁ ।

ନମିତାଙ୍କ ଉପରେ ଦୁର୍ବାସାଙ୍କ ଛାୟା ପଡ଼ି ଥିଲା କି କଣ, ମନେମନେ ଦେଇଥିବା ଅଭିଶାପ ବି ଫଳିଲା । ସୌମେନ୍ଦ୍ର ବାପା ନ ହେବାର ଯନ୍ତ୍ରଣାରେ ଜର୍ଜରିତ ହେଲା ସୌମେନ୍ଦ୍ରର ସ୍ତ୍ରୀ ନିରୂପା, ଆଉ ଜର୍ଜରିତ ହେଲେ ବି ବୀରକିଶୋର । ତତ୍ସହିତ ଦୋହରା ପଶ୍ଚାତାପରେ ଅହରହ ଜର୍ଜରିତ ହେଉଥିଲେ ନମିତା ।

****

ନମିତା କ୍ରମଶଃ ଅନ୍ତର ଭିତରେ ଘୃଣା କରିବାକୁ ଆରମ୍ଭ କରନ୍ତି  ବାଳକ ସୌମେନ୍ଦ୍ରକୁ । ତାଙ୍କ ସନ୍ତାନ ଉତ୍ପତ୍ତିରେ ଅନ୍ତରାୟ ସୃଷ୍ଟି କରୁଥିବା ଅବୋଧ ବାଳକ ସୌମେନ୍ଦ୍ର ତାଙ୍କର ଚକ୍ଷୁଶୂଳ ହୁଏ ।

ବିଷମ ନଦାଘର ଏକ ଗୋଧୂଳି ବେଳା । ଛାତ ଉପରେ ତଳୁ ଲମ୍ବି ଆସିଥିବା ଏକ ବକୁଳ ଡାଳରେ ଭରାଦେଇ ଠିଆ ହେଇ ଥାଆନ୍ତି ନମିତା । ଭାବନାରେ କଳ୍ପିତ ସ୍ୱଜନ୍ମିତ ଶିଶୁ । ସମ୍ମୁଖରେ କ୍ରିଡ଼ାରତ ସଶରୀର ବାଳକ ସୌମେନ୍ଦ୍ର । ସମ୍ପୂର୍ଣ୍ଣ ଦୃଶ୍ୟମାନ ଆକାଶଟାକୁ ଆଚ୍ଛାଦିତ କରି ରଖିଛି ରଙ୍ଗବେରଙ୍ଗ  ଗୁଡ଼ି । ଅଚହ୍ନା ଗୁଡ଼ି ସବୁ  ଅନ୍ତରଙ୍ଗ ବନ୍ଧୁ ପରି ଉଡ଼ି ବୁଲୁଛନ୍ତି । ବେଳେ ବେଳେବେଳେ ପ୍ରତିଯୋଗିତାତ୍ମକ ଢଙ୍ଗରେ ଉପର ତଳ ହେଇ ପିଟାପିଟି ହେଉଛନ୍ତି , ବେଳେବେଳେ ବଇରୀ ହୋଇ କଟାକଟି ବି ହେଉଛନ୍ତି ।

ବାଳକ ସୌମେନ୍ଦ୍ର ଗୁଡ଼ି ଦେଖି ଦେଖି ରୋମାଞ୍ଚିତ ହେଉଥାଏ । ମନେମନେ ଭାବୁଥାଏ ତାର ଗୋଟେ ଗୁଡ଼ି ଥାଆନ୍ତା କି ? ନଟେଇ ବୁଲେଇବାର ଅଭିନୟ କରି କଳ୍ପିତ ଗୁଡ଼ି ଉଡ଼ଉଥାଏ। ପାରାପେଟ ଖୋପରେ ଗୋଡ଼ ଦେଇ ଚଢ଼ି ଯାଉଥାଏ । ନଇଁ ଦେଖୁଥାଏ ତଳକୁ । ନମିତା ଦେଖି ଅଦେଖା ହେଉଥାଆନ୍ତି । ପଡ଼ିଲେ ପଡୁ । ଗ୍ରହ ଯିବ, ଆଉ ବାପର ଗର୍ବ ଖର୍ବ ହେବ ।

ମନଟା ତାଙ୍କର କାଳ କି ? ଭାବନା ଏତେ ଶୀଘ୍ର ଜୀବନ ପାଏ ? ଦୈବାତ୍ ପିଲାଟା ନଇଁ ପଡ଼ି ତଳକୁ ଦେଖୁ ଦେଖୁ ଓଲଟି ପଡ଼ିଲା,

- ସୌମେନ୍ଦ୍ର .........

ଆର୍ତ୍ତନାଦ କରି ଉଠିଲେ ନମିତା, ଯେତେ କ୍ରୁର ହେଲେବି ନାରୀ ହୃଦୟରେ ମାତୃତ୍ୱ ଟିଏ ଛପି ରହିଥାଏ । ମାତାର ମୃତ୍ୟୁ ହେଲେବି, ମାତୃତ୍ୱ ର ମୃତ୍ୟୁ ହୁଏନା । ବାତ୍ସଲ୍ୟ ଅକ୍ଷୁର୍ଣ୍ଣ ରୁହେ । ମମତା ରୁହେ ଅପରାଜିତ ।

ଥରେ ସ୍ତ୍ରୀ କହିଲା ସ୍ୱାମୀକୁ, ଯାଆ ତୋ ମାଆର କଲିଜା ଆଣି ଦେଲେ ମୁଁ ଜାଣିବି ଯେ, ତୁ ମୋତେ ପ୍ରେମ କରୁ । ପତ୍ନୀ ସୁହାଗିଆ ସ୍ୱାମୀ ମାଆକୁ ହତ୍ୟା କରି କଲିଜା ଆଣୁଥିଲା ବେଳେ ବାଟରେ ଝୁଣ୍ଟି ପଡ଼ିଲା, ମାଆର  କଲିଜା କହିଲା, "ବାବୁ, କଷ୍ଟ ହେଲା କିରେ ?

ଆଉ ସିଏ ତ ଶିଶୁ ସ୍ନେହ କାଙ୍ଗାଳନୀ ନମିତା । ନମିତାଙ୍କର ଚେତନା ଫେରିଲା । ପାଗଳନୀ ପରି ଉଠିପଡ଼ି ଚକ୍ରାର କଲେ,

- ବାପା , ସୌମେନ୍ଦ୍ର । ମୁଁ ରାକ୍ଷସୀ ତୋତେ ମୃତ୍ୟୁ ମୂଖକୁ ପେଲିଦେଲି । କୁଆଡ଼େ ଗଲୁ ମୋ ଧନ ?

- ନମିତା, ସୌମେନ୍ଦ୍ର ସମ୍ପୂର୍ଣ୍ଣ ସୁସ୍ଥ ଅଛି । ବରଂ ତୁମର ମୁଣ୍ଡରେ ଆଘାତ ଲାଗିଛି । ସୌମେନ୍ଦ୍ରକୁ ଟାଣି ଆଣୁ ଆଣୁ ସନ୍ତୁଳନ ରଖି ନପାରି ତୁମେ ତଳେ ପଡ଼ି ଯାଇଥିଲ । ଭଗବାନଙ୍କ ଦୟାରୁ ତଳେ ପାଳଗଦାଟିଏ ଥିଲା । ଧନ୍ୟବାଦ ତୁମକୁ, ତୁମେ ନଥିଲେ ସୌମେନ୍ଦ୍ରର କଣ ଯେ ହେଇଥାନ୍ତା, ଭଗବାନ ଜାଣନ୍ତି । ମୋତେ କ୍ଷମା କରିଦେବ ନମିତା, ତୁମକୁ ବୁଝିବାରେ ଭୂଲ ହେଇ ଯାଇଛି ।

ଆଉମୃତ୍ୟୁ ଶଯ୍ୟାରେ ଥିବା ବୀରକିଶୋରଙ୍କ ସେହି କ୍ଷମା ଯାଚନା ବ୍ୟାକୁଳ କରିଥିଲା ନମିତାଙ୍କୁ । ପ୍ରାଣ ଦେଇ ସେ ସୌମେନ୍ଦ୍ରକୁ ଭଲ ପାଇଲେ ମଧ ବିବେକର ଦଂଶନ ପାଇ ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ ହେଉଥାଆନ୍ତି ସେ । କଜର ଅଭିଶାପକୁ ଅଭିଶପ୍ତ କରୁଥାଆନ୍ତି । ବିବାହର ଛଅ ବର୍ଷ ପର୍ଯ୍ୟନ୍ତ ସୌମେନ୍ଦ୍ର ପିତା ହେଇ ପାରି ନଥିଲା । ଆଉ ସେହି ଦୁଃଖ ଓ କଛିଟା ନମିତାଙ୍କ ପ୍ରତି ହେଇଥିବା ଅନ୍ୟାୟ ବୀରକିଶୋରଙ୍କୁ ଶଯ୍ୟାଶାୟୀ କରିଦେଲା ।

- କ୍ଷମା କରିବ ନମିତା, ନହେଲେ ସେ ପୂରରେ ମଧ ମୁଁ ଶାନ୍ତି ପାଇବି ନାହିଁ । ତୁମକୁ ମାତୃତ୍ୱରୁ ବଞ୍ଚିତ କରି ମୁଁ ମଧ ତ ଶାନ୍ତି ପାଇ ପାରିଲି ନାହିଁ । ତୁମପରି ମାତାକୁ ବିଶ୍ୱାସ ନକରି ଗ୍ଲାନୀରେ ମୁଁ ହନ୍ତସନ୍ତ ହେଉଛି । ନମିତା କୁହ, ମୋତେ କ୍ଷମା ଦେବ ନା ନାହିଁ । ନହେଲେ ମୁଁ ସେପାରିରେ ମଧ ଶାନ୍ତି ପାଇବି ନାହିଁ ।

ନମିତାଙ୍କ ଆଖିରୁ ଅକୁହା ଗୁମୁରା ପଶ୍ଚାତାପ ମାନେ ଝରି ପଡୁଥିଲେ ଅଶ୍ରୁରୂପେ ଝରଝର । ତାଙ୍କ ହାତମୁଠାକୁ ଜାବୁଡ଼ି ଧରିଥିବା ବୀରକିଶୋରଙ୍କ ହାତକୁ ଭିଜେଇ ଦେଉଥିଲା ସେ ଅନୁତାପର ବନ୍ୟା । ଅପରାଧ ବୋଧକୁ ପ୍ରକାଶିତ କରିବାର ସମୟ ନିଶ୍ଚିତ ଏହା ନୁହେଁ । ଏ ଜନ୍ମରେ ଆଲୋକ କେବେହେଲେ ଦେଖି ପାରିବ ନାହିଁ ତାଙ୍କର ଏଇ ପଶ୍ଚାତାପ । ଯାଆନ୍ତୁ ସେ, ଏହି ମିଥ୍ୟା ସାନ୍ତ୍ୱନା ଓ ଶାନ୍ତି ନେଇ ।

ଅଦ୍ଭୁତ ପରିସ୍ଥିତି ! ଦୁହେଁ ନିଜ ନିଜର ଅପରାଧବୋଧରେ କୁହୁଳି କୁହୁଳି ଅବସାଦ ଗ୍ରସ୍ତ । ତଫାତ ଏଇଆ ଯେ ଜଣକୁ ସେହି ଅପରାଧବୋଧର ଯନ୍ତ୍ରଣାରୁ ଚିରଶାନ୍ତି ଦେବାକୁ ମୃତ୍ୟୁର ନିମନ୍ତ୍ରଣ ଆସିଛି । ଆଉ ଜଣକୁ ଜଣାନାହିଁ ସେହି ଗ୍ଲାନୀର ଅଗ୍ନିରେ ଏ ସଂସାରରେ କେତେଦିନ ଜଳିବାକୁ ହେବ ।

କ୍ଷମାଯାଚନାର କାକୁସ୍ଥ ନିର୍ନିମେଷ ଦୃଷ୍ଟି ନମିତାଙ୍କ ମୁଖମଣ୍ଡଳରେ ସ୍ଥିର ହୋଇ ରହିଯାଏ କିନ୍ତୁ ହାତର ମୁଠା ଧୀରେ ଧୀରେ କୋହଳ ହୋଇ ଖସିଯାଏ ନମିତାଙ୍କ କୋଳରୁ ତଳକୁ । ନିର୍ବାପିତ ହୋଇଯାଏ ଜୀବନଟିଏ ।

ନିରୂପା ଓ ସୌମେନ୍ଦ୍ର ନିଜର ଅନେକ ପରୀକ୍ଷଣ କରେଇ ଆସୁଛନ୍ତି ଦୀର୍ଘ ଦିନ ହେଲା । ନିରୂପାର ୟୁଟ୍ରେସ ତ ଠିକ ଅଛି । କିନ୍ତୁ ଫେଲୋପିଅନ ଟ୍ୟୁବରେ କିଛି ସମସ୍ୟା ଅଛି ଯଦ୍ୱାରା ସେ ଗର୍ଭଧାରଣ କରି ପାରୁନାହିଁ । ଈଶ୍ୱରଙ୍କ ନିକଟରେ ଆକୁଳ ପ୍ରାର୍ଥନା କରୁଛନ୍ତି ନମିତା, ତାଙ୍କ ଜୀବନ ବଦଳରେ ସନ୍ତାନଟିଏ ଗୃହୁଁଛନ୍ତି ସୌମେନ୍ଦ୍ରର । ଆରପାରୀରେ ନହେଲେ କିପରି ମୁହଁ ଦେଖେଇବେ ବୀରକିଶୋରଙ୍କୁ । କିଣ ଉତ୍ତର ଦେବେ ସେ ଯେତେବେଳେ ବୀରକିଶୋର ପଗ୍ଗରିବେ ,

- ମୋ ବଂଶକୁ ନିର୍ବଂଶ କରିଦେଲ ତୁମେ ନମିତା, ମୋ ପାଇଁ ଆକାଶ ଦୀପ ପ୍ରଜ୍ଜ୍ୱଳିତ କରିବା ପାଇଁ କେହି ରହିବେ ନାହିଁ ?

ଚମକି ଉଠନ୍ତି ନମିତା । ହ୍ୱିଲ ଚେୟର୍ ଚଳେଇ ସ୍ଥିର ହୋଇ ଯାଆନ୍ତି ବୀରକିଶୋରଙ୍କ ତୈଳଚିତ୍ର ସମ୍ମୁଖରେ ।ଆଖିରୁ ଝରିପଡେ ଅଶ୍ରୁ ଧାର୍ । ସୌମେନ୍ଦ୍ର ଓ ନିରୂପାର ଦୁଃଖକୁ ଅନୁଭବ କରି ଅସ୍ଥିର ହୋଇ ପଡ଼ନ୍ତି । ଈଶ୍ୱର ତ ତାଙ୍କୁ ଏତେ ଦଣ୍ଡ ଦେଲେଣି । ପକ୍ଷାଘାତ ରୋଗରେ ଆକ୍ରାନ୍ତ ସେ । ଆହୁରି କି ଦଣ୍ଡ ଦେବେ ?

କିନ୍ତୁ ଠାକୁର ତାଙ୍କର ପ୍ରାର୍ଥନା ଶୁଣିଥିଲେ । ନିରୂପା ହେଇଥିଲା ଗର୍ଭବତୀ । ତାଙ୍କୁ ଲାଗିଥିଲା ସେ ସ୍ୱୟଂ ଯେମିତି ଜନନୀ ହେବାକୁ ଯାଉଛନ୍ତି । ଏତେ ବର୍ଷର ତପସ୍ୟାର ଫଳ ମିଳିବ ତାଙ୍କୁ । ସୌମେନ୍ଦ୍ର ଶାପମୁକ୍ତ ନହେବ ଯେ ସେ ହେବେ ଶାପମୁକ୍ତା । ଆଉ ଅପରାଧିନୀ ପରି ଯିବାକୁ ପଡ଼ିବ ନାହିଁ ବୀରକିଶୋରଙ୍କ ପାଖକୁ । ପୁତ୍ରବତୀ ହୋଇ ସେ ଯିବେ ତାଙ୍କ ପାଖକୁ । ଆଉ କିଛି ଆଶା ନାହିଁ, ଆକାଂକ୍ଷା ନାହିଁ । ବର୍ତ୍ତମାନ ସେ ଶାନ୍ତିରେ ଆଖି ବୁଜି ପାରିବେ ।

ନଅମାସ କାଳ ସେ ଅତ୍ୟନ୍ତ ଅଧୈର୍ଯ୍ୟ ହୋଇ ପଡ଼ିଲେ । ସତେ ଯେମିତି ତାଙ୍କ ଜୀବନର ଘଣ୍ଟା ଅଚଳ ହେଇ ଆସୁଛି । ତାଙ୍କ ନିକଟରେ ସମୟର ଘୋର ଅଭାବ । କେବଳ ସୌମେନ୍ଦ୍ରର ସନ୍ତାନକୁ ଛାତିରେ ଧରି ରଖିବାର ମୋହରେ ଏପର୍ଯ୍ୟନ୍ତ ଘୋଷାରି ଆଣୁଛନ୍ତି ନିଜର ଜୀବନକୁ ।

ଆଜି ସେ ମହାର୍ଘ ଚିରଅଭିପ୍ସିତ ମୂହୂର୍ତ୍ତଟି ହାତ ମୁଠାରେ । ତାଙ୍କର ଦୃଷ୍ଟି ଅଟକି ଯାଇଥିଲା ଶିଶୁଟିର ମୂଖମଣ୍ଡଳରେ । ଅବିକଳ ବୀରକିଶୋର । ସେ ଆଜି ତାହେଲେ ଯଥାର୍ଥ ଅର୍ଥରେ ମାଆ ହେଇଛନ୍ତି । ତାଙ୍କର କୁଳପ୍ରଦୀପ ତାଙ୍କରି କୋଳରେ । ଆଉ ନାହିଁ ସେ ଅଭିଶାପ । ମୁକ୍ତ ସେ ଅପରାଧବୋଧରୁ । ମୁକ୍ତ ସେ ଅହରହ ଭୋଗୁଥିବା ଯନ୍ତ୍ରଣାରୁ । ମୁକ୍ତ ସେ ଆଜି। ଆଃ **!!!**

ସୌମେନ୍ଦ୍ର ଶୁଣିଥିଲା ସେହି "ଆଃ **!!**" ଉଚ୍ଛ୍ୱାସଟି । ବାସ୍ **!!!!**

ନମିତାଙ୍କ ମୁହଁ ଖୋଲାଥିଲା, ଆଖିବି ଖୋଲା ଥିଲା । ଦୃଷ୍ଟି ସ୍ଥିର ହେଉଥିଲା ବୀରକିଶୋରଙ୍କ ଫଟୋରେ ।

ସବୁ ଶେଷ ହୋଇ ଯାଇଥିଲା ।

ବସନ୍ତ ବିହାର, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଆହ୍ୱାନ



ଲୀଳାମୟ ଶତପଥି

ଝର ଝର ନୀର ତୁ ନର୍ଝର ନଦୀ ର
ଲଂଘୀ ଯିବୁ ସାତ ପାହାଡ଼
ଧର୍ଯ୍ୟ ଧର  ଆରେ ଗୃତକ ପକ୍ଷୀ ତୁ
କାଇଁ ଏତେ ହଡ ବଡ଼ (୧)

ସେଇ ନର୍ଝର ନଦୀ ର ଶୁଖିଲ ପ୍ରାନ୍ତର
ତୁ ଏକା ଜୀବନ୍ତ ଶାମୁକା
ଅତୀତ କୁ ଭୁଲି ଭବିଷ୍ୟ କମାର୍ଥେ
ତୋତେ ଲଢ଼ିବାକୁ ହେବ ଏକା (୨)

ଶିଖର କୁ ତୋତେ ଛୁଇଁ ବାକୁ ହେଲେ
ଶିଖି ବାକୁ ପଡେ କଛି
କର୍ମ କ୍ଷେତ୍ର ପାଇଁ  ସମର୍ପିତ ହୋଇ, ବଢ଼ିଗୃଲ
ଆଗେ ସମୟ ସରିନ ଅଛି (୩)

ସୁପ୍ତ ଅବସ୍ଥା ରେ ଦେଖି ପାରିବୁନ
ଉଜ୍ଜ୍ୱଳ ରବିର ଉଦୟ
ସ୍ୱପ୍ନ ଗାଇଜର ରଙ୍ଗୀନ୍ ଛବି ଟି, ଆଙ୍କିବାକୁ ଲାଗେ
କାହିଁ କେତେ ଅବା ସମୟ (୪)

ସୁନ୍ଦର ଗୋଲାପ ପାଇବାକୁ ହେଲେ
କଣ୍ଟା ଠିଆ ହୁଏ ବାଧା ସାଜି
ଜୀବନ ଯୁଦ୍ଧ ରେ ଜିତି ବାକୁ ହେଲେ
ହାରିବାକୁ ହୁଏ ଅଳ୍ପ କେତେଟା ବାଜି (୫)

ଗ୍ଚଲିଛୁ ଝୁଣ୍ଟିଛୁ ପଡିଛୁ ଗଡ଼ିଛୁ
ହେଲେ ଗ୍ଚଲିବା ତୁ ଛାଡ଼ି ନାହୁ
ବିଫଳତା ଦିନେ ସଫଳତା ଆଣେ
ଯେପରି ତୁ ଭୁଲି ନଯାଉ(୬)

କାହ୍ନିସାହି, ଅରଣ୍ଡୁଆ, ବାସୁଦେବପୁର, ଭଦ୍ରକ

# ମଳୟ

ମୀନକେତନ

ନିଶ୍ୱାସ ପ୍ରଶ୍ୱାସ   ମୋ ବକ୍ଷରୁ ଜାତ
ପାଳେ ଲକ୍ଷ କୋଟି ନର ।
ନାଳର ଦୁର୍ଗନ୍ଧ   ପୁଷ୍ପ ର ସୁଗନ୍ଧ
ପହଞ୍ଚାଏ ଜୀବ ଠାର ।
କୋଟି ଜୀବ ଗଣ   ମଳୟ ବିହୀନ
ହୋଇଯାନ୍ତି ଶବ ପୁଣି ।
ମୁଁ ଯେ ସୃଷ୍ଟି କର୍ତ୍ତା   ଅଟେ ପ୍ରାଣଦାତା
ଅଣଗୃଷ ମୋର ଶ୍ରେଣୀ ।
ବିସ୍ତାର ଗଗନେ   ଅଦୃଶ୍ୟ ମୋ ତନ
ନିତି କରେ ବିଚରଣ ।
ପ୍ରେମୀ ଯୁଗଳଙ୍କୁ   କରି ଆଲିଙ୍ଗନ
ଖେଳାଏ ମୁଁ ଶିହରଣ ।
ବସନ୍ତ ଋଇଜେ   ବର ମୋର କର୍ମ
ଅପରୂପ ସୌନ୍ଦର୍ଯ୍ୟର ।
ଜୀବନ୍ୟାସ ଦେଇ   ତରୁଲତା ପୁଷ୍ପେ
ଶୋଭିତ କରେ ସଂସାର ।
ପଶୁଠାରୁ କୀଟ   ଦାନବ ମାନବ
ଅତି ପ୍ରିୟ ସଭିଙ୍କର ।
ଜପ, ତପ, ଧର୍ମପାପ, ପୁଣ୍ୟ, କର୍ମ
ଦେଖୁଛି ମୁଁ ନିରନ୍ତର ।
ନାହିଁ ରୂପ ମୋର   ଅଟେ ଅଣାକାର
ଚତୁର୍ଦ୍ଦିଗ ମୋର ସ୍ଥାନ ।
ଅବରୋଧ ନାହିଁ   ଅତିକ୍ରମ ପଥ
ମଳୟ ଅଟେ ମୋ ନାମ ।

# ଅଭୀପ୍ସା



ମୀନାକ୍ଷି ପାଢ଼ୀ

କାହାକୁ ଦେବି ମୋ ବଳକା ଆୟୂଷ
ମନେ ମନେ ହୁଏ ଗୁଣି,
ପିତା,ପତି, ପୁତ୍ର, ପ୍ରେମୀ, ସହୋଦର
ସଭିଙ୍କ ଠାରେ ମୁ ଋଣୀ ।

ସମସ୍ତଙ୍କ ସୁଖ ଚ୍ହାହିଁଛି ହୃଦୟ
ସଭିଏଁ ମୋ ସୁଖ ଚାହିଁ,
ଅତି ପ୍ରିୟଜନ ନିଃସର୍ତ୍ତ ସେନେହେ
ପ୍ରତିଦାନ ଲୋଡ଼େ ନାହିଁ ।

ଅନାତ୍ମୀୟ କେହି ଅନ୍ତରଂଗ ଭଳି
ତେଜି ସବୁ ସୁଖ ଖ୍ୱାଶି,
ନିରୀହ ପରାଣ ଆଜି ମୋ ସମ୍ମୁଖେ
ପାତି ରହିଅଛି ଛାତି ।

ସେଇ ସେ ନାୟକ ସୀମାନ୍ତ ପାଇକ
ରକ୍ଷିଛି ପ୍ରାଣ ସବୁରି,
ବଞ୍ଚିରହୁ ଚିର ଅମର ହୋଇ ସେ
ଆୟୂଷ ନେଇ ମୋଅରି ।

ଶିକ୍ଷୟିତ୍ରୀ, ଚକଟୀ ପେଣ୍ଠ, ଗଞ୍ଜାମ

# ସଂଗରୋଧ



ଆପ୍ତକାମ ମିଶ୍ର

ଗତ ଚାରି ମାସ ହେଲାଣି ଭାରତରେ ଗୋଟିଏ ଶବ୍ଦ ଜୋରରେ ଶୁଣାଯାଉଛି ତାହା ହେଲା କରୋନା । ଏହି କରୋନା ଏକ ମହାମାରୀ । ମହାମାରୀ ଏକ ସଂକ୍ରାମକ ରୋଗ । ମହାମାରୀର ୪ଟି କାୟା ଥାଏ । ଏହା ଯେଉଁଠି ପ୍ରଥମେ ଜନ୍ମ ନେଇ ବିସ୍ତାରିତ ହୋଇଥାଏ ତାହାକୁ ଏକ ବ୍ୟାଧିଗତ ପ୍ରକୋପ ବା "ଆଉଟ୍ ବ୍ରେକ୍" କୁହାଯାଏ । ଏହା ଯେତେବେଳେ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ବ୍ୟାପିଯାଏ ତାହା ମହାମାରୀ ରୂପ ଧାରଣ କରେ ଏବଂ ତାହାକୁ "ଏନଡେମିକ୍" କୁହାଯାଏ । ମହାମାରୀ ଯେତେବେଳେ ଗୋଟିଏ ପ୍ରଦେଶ ଓ ଦେଶକୁ ଗ୍ରାସ କରେ, ଏହାକୁ ସ୍ଥାନୀୟ ମହାମାରୀ ବା "ଏନଡେମିକ୍" କୁହାଯାଏ । ଯେତେବେଳେ ଏହା ବିଶ୍ୱକୁ ଗ୍ରାସ କରେ ଏହାକୁ ବିଶ୍ୱମାରୀ ବା ପାଣ୍ଡେମିକ୍ କୁହାଯାଏ । କରୋନା ମହାମାରୀ ଏକ "ପାଣ୍ଡେମିକ୍" । ବିଶ୍ୱର ସମସ୍ତ ରାଷ୍ଟ୍ର ସେମାନଙ୍କ ସବୁ ବୈଜ୍ଞାନିକ ସାମର୍ଥ୍ୟକୁ ଉପଯୋଗ କରି ଯେତେ ଚେଷ୍ଟା କଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାର ପ୍ରତିଷେଧକ ଔଷଧ ଆବିଷ୍କାର କରିପାରି ନାହାନ୍ତି । ଏହା ପ୍ରକୃତି ଆଗରେ ବିଜ୍ଞାନର ନିମିତ୍ତ ସାମର୍ଥ୍ୟକୁ ପ୍ରତିପାଦିତ କରୁଛି । ତେଣୁ ନିଜକୁ ସୁରକ୍ଷିତ ରଖିବାର ଏକମାତ୍ର ସାଧନ ସଂଗରୋଧ । ସଂଗରୋଧର ଆକ୍ଷରିକ ଅର୍ଥ ହେଲା ଏକାନ୍ତବାସ, ଯାହାକୁ କି ଇଂରାଜୀରେ "କ୍ୱାରେଣ୍ଟାଇନ୍" କୁହାଯାଏ । ମହାମାରୀ ସମୟରେ ସଂକ୍ରମଣ ରୋକିବା ନିମିତ୍ତ ସଂଗରୋଧ ଏକ ସମୟୋପଯୋଗୀ ପଦକ୍ଷେପ । ଏହା ପୁରାତନ ଚିକିତ୍ସା ପଦ୍ଧତିର ଏକ ଅଂଶ ।

ଏହି ଚିକିତ୍ସା ପ୍ରଣାଳୀର ଐତିହାସିକ ତଥ୍ୟ ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀ ବା ସମ୍ଭବତଃ ୭ମ ଶତାବ୍ଦୀ ପୂର୍ବରୁ ପ୍ରଚଳିତ ଥିବା ମୋଜାଇକ୍ ଆଇନ୍ ରୁ ମିଳୁଛି । ଉକ୍ତ ଆଇନ୍ ଅନୁଯାୟୀ, କୌଣସି ବ୍ୟକ୍ତିର ଚର୍ମରେ ଧଳାଦାଗ ଦେଖାଯିବା ଓ ଉକ୍ତ ସ୍ଥାନର ବାଳ ସମୂହ ଧଳା ହୋଇଯିବାକୁ ରୋଗ ବୋଲି ବିବେଚନା କରାଯାଉଥିଲା । ଏହି ରୋଗ ଚିହ୍ନଟ ପରେ ତତ୍କାଳୀନ ଡାକ୍ତର / ପୂଜକ ଉକ୍ତ ରୋଗୀକୁ ୭ ଦିନ ସଂଗରୋଧରେ ରହିବା ପାଇଁ ପରାମର୍ଶ

ଦେଉଥିଲେ । ୭ ଦିନ ପରେ ରୋଗରେ କିଛି ପରିବର୍ତ୍ତନ ନଆସିଲେ ପୁନର୍ବାର ଆଉ ସାତ ଦିନ ସଂଗରୋଧ ନିମିତ୍ତ ପରାମର୍ଶ ଦେଉଥିଲେ ।

ମଧ୍ୟଯୁଗରେ ମଧ୍ୟ ଏହି ଚିକିତ୍ସା ପ୍ରଣାଳୀ ବ୍ୟବହାର କରାଯାଉଥିଲା । ଇସଲାମ୍ ଧର୍ମର ପ୍ରବର୍ତ୍ତକ ମହମ୍ମଦ ସଂଗରୋଧ ଚିକିତ୍ସା ପ୍ରଣାଳୀକୁ ଉପଯୁକ୍ତ ବୋଲି କହୁଥିଲେ । ଇବ୍ରାହିମ୍ ସିନା ଯକ୍ଷ୍ମାରୋଗ ସଂକ୍ରମଣକୁ ରୋକିବା ନିମିତ୍ତ ସଂଗରୋଧ ଏକ ଉତ୍ତମ ଚିକିତ୍ସା ବୋଲି ଲୋକଙ୍କୁ ବୁଝାଉଥିଲେ । ଐତିହାସିକ ତଥ୍ୟ ଅନୁଯାୟୀ ଖ୍ରୀଷ୍ଟପୂର୍ବ ୭୦୬ ତୋ ୭୦୭ ମଧ୍ୟରେ ଇସଲାମ୍ ଧର୍ମର ଷଷ୍ଠ ୟୁମାୟଦ୍ ଖଲିଫା ଅଲ୍-ୱାଲିଦ୍-୧ ପ୍ରଥମେ ଡାମାସ୍କସ୍ ରୋଗୀଙ୍କ ନିମିତ୍ତ ଏକ ସ୍ୱତନ୍ତ୍ର ସଂଗରୋଧ କେନ୍ଦ୍ର ସ୍ଥାପନା କରିଥିଲେ । ଉକ୍ତ କେନ୍ଦ୍ର ମୁଖ୍ୟତଃ କୁଷ୍ଠରୋଗୀମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିଲା । ଏ ସମସ୍ତ ଐତିହାସିକ ତଥ୍ୟ ଅନୁଶୀଳନ କଲେ ଏହା ସ୍ପଷ୍ଟ ହୋଇଯାଉଛି ଯେ ତତ୍କାଳୀନ ମୁସଲିମ୍ ସମାଜ ମହାମାରୀ ସଂକ୍ରମଣ ବ୍ୟାପିବାକୁ ରୋକିବା ନିମିତ୍ତ ସଂଗରୋଧ ଚିକିତ୍ସା ପ୍ରଣାଳୀର ଉପଯୋଗ କରୁଥିଲେ । ତଥ୍ୟ ଅନୁଯାୟୀ, ୧୮୩୮ ମସିହାରେ ଓଟୋମାନ ସଂଗରୋଧ ସଂସ୍କାର ଆଇନ୍ ଯୋଗୁଁ ଗୋଷ୍ଠୀ ସଂକ୍ରମଣ ସଂଗରୋଧ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଏହା ଥିଲା ଇତିହାସର ପ୍ରଥମ ଅନିଚ୍ଛାକୃତ ଗୋଷ୍ଠୀ ସଂକ୍ରମଣ ସଂଗରୋଧ କେନ୍ଦ୍ର । ସେହିଭଳି ପ୍ଲେଗ୍ ମହାମାରୀ ସଂକ୍ରମଣକୁ ରୋକିବା ନିମିତ୍ତ ୪୦ ଦିନ ସଂଗରୋଧରେ ରହିବାକୁ ଭେନିଟିଅନ୍ ସିନେଟ୍ ଏକ ଆଦେଶନାମା ଜାରି କରିଥିଲେ । ସେବେଠାରୁ ୟୁରୋପରେ ସଂଗରୋଧ ବ୍ୟବସ୍ଥାର ଉତ୍ପତ୍ତି ହୋଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି । ୟୁରୋପର ଡୁବ୍ରୋଭନିକ୍ ସହରରେ ପ୍ରଥମ ସଂଗରୋଧ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ।

ସଂଗରୋଧ ବିଷୟରେ ଆଲୋଚନା କଲାବେଳେ ଭାରତ ଉପରେ ମଧ୍ୟ ଆମକୁ ଦୃଷ୍ଟି ଦେବାକୁ ପଡିବ । ଐତିହାସିକ ତଥ୍ୟ ଅନୁଯାୟୀ ପରାଧୀନ ଭାରତରେ ଉଭୟ ହାଇଦ୍ରାବାଦର ନିଜାମ୍ ଓ ଇଂରେଜ ଶାସକ ମିଳିତ ଭାବେ କଲେରା ମହାମାରୀ ସଂକ୍ରମଣକୁ ରୋକିବା ନିମିତ୍ତ ସଂଗରୋଧର ପ୍ରଚଳନ କରିଥିଲେ । ସେ ସମୟରେ ଉଭୟ ହାଇଦ୍ରାବାଦ ନିଜାମ୍ ଓ ଇଂରେଜ ଶାସକ ଅନୁଧ୍ୟାନ କରି ଜାଣିପାରି ଥିଲେ ଯେ କଲେରା ମହାମାରୀ ହାଇଦ୍ରାବାଦ ରାଜ୍ୟରେ ବ୍ୟାପିବାର ମାଧ୍ୟମ ହେଉଛି ରେଳ ଓ କାରାଭାନ୍ସ । ତେଣୁ ସଂକ୍ରମଣ ସମୟରେ ହାଇଦ୍ରାବାଦ ରାଜ୍ୟକୁ ସମସ୍ତ ଗମନାଗମନ ମାଧ୍ୟମକୁ ବନ୍ଦ କରି ଦିଆଯାଉଥିଲା । ସଂକ୍ରମିତ ଅଞ୍ଚଳକୁ ଚିହ୍ନଟ କରାଯାଇ ସଂପୃକ୍ତ ଅଞ୍ଚଳକୁ ସର୍ବସାଧାରଣଙ୍କ ପ୍ରବେଶ ନିମନ୍ତେ ସମ୍ପୂର୍ଣ୍ଣ

ବନ୍ଦ କରାଯାଉଥିଲା । କେବଳ ପୁଲିସଙ୍କ ଦ୍ୱାରା ଅନୁମତିପ୍ରାପ୍ତ କିଛି ବ୍ୟକ୍ତି ବିଶେଷ ହିଁ ଉକ୍ତ ଅଞ୍ଚଳକୁ ଯାଇପାରୁଥିଲେ । ଯିବା ପୂର୍ବରୁ ସେମାନଙ୍କୁ ସମ୍ପୂର୍ଣ୍ଣ ଶୋଧନ କରାଯିବା ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉଥିଲା । ମହାମାରୀ ସମୟରେ ହାଇଦ୍ରାବାଦରେ ଶ୍ରମିକ ଓ ପ୍ରବାସୀ ଶମିକଙ୍କ ସମସ୍ୟା ମଧ୍ୟ ରହୁଥିଲା । ଉକ୍ତ ସମସ୍ୟାକୁ ସୁରୁରୁ ରୂପେ ପରିଚାଳନା କରାଯାଉଥିଲା । ସଂକ୍ରମଣ ସମୟରେ ନିଜ ରାଜ୍ୟର ଶ୍ରମିକମାନଙ୍କୁ ଅଗ୍ରିମ ୩୨ ଦିନର ପ୍ରାପ୍ୟ ଦେଇ ସରକାର ଛୁଟିରେ ପଠାଇ ଦେଉଥିଲେ । ପ୍ରବାସୀ ଶ୍ରମିକମାନେ ଘରକୁ ଆସିଲେ ନିଜ ଘରଠାରୁ ୩ କି.ମି. ଦୂରରେ ଅସ୍ଥାୟୀ ଭାବେ ତିଆରି କରାଯାଇଥିବା ସଂଗରୋଧ କେନ୍ଦ୍ରରେ ରହୁଥିଲେ । ସେମାନଙ୍କୁ ସଂଗରୋଧ କେନ୍ଦ୍ରରେ କିଛି ଯେପରି ଅସୁବିଧା ନହେବ, ସେଥିପାଇଁ କାମଧନ୍ଦା ମଧ୍ୟ ଯୋଗାଇ ଦିଆଯାଉଥିଲା । ଶ୍ରମିକମାନଙ୍କୁ ଛୋଟଛୋଟ ଗୋଷ୍ଠିରେ ବିଭକ୍ତ କରି ଅସ୍ଥାୟୀ ସଂଗରୋଧ କେନ୍ଦ୍ରରେ ରଖାଯାଉଥିଲା । ପ୍ରତ୍ୟେକ ଗୋଷ୍ଠିରେ ୫୦୦ ଜଣ ଶ୍ରମିକ ରହୁଥିଲେ । ତେଣୁ ଭାରତରେ ସଂକ୍ରମଣ ବ୍ୟାପିବା ସମୟରେ ସଂଗରୋଧ ଚକସ୍ତା ପ୍ରଣାଳୀର ବ୍ୟବହାର କରାଯାଉଥିଲା ବୋଲି ସ୍ପଷ୍ଟ ହେଉଛି । କିଛି ବ୍ୟକ୍ତିଙ୍କ ମତରେ କୁଷ୍ଠ ରୋଗ ନିରାକରଣ ନିମିତ୍ତ ଭାରତରେ ସଂଗରୋଧ ଚକସ୍ତାର ସହାୟତା ନିଆଯାଉଥିଲା । ମୁଁ ଏହି ମତ ସହିତ ଏକମତ ନୁହେଁ । କାରଣ ସଂଗରୋଧ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ କରାଯାଇଥାଏ । କିନ୍ତୁ କୁଷ୍ଠ ରୋଗୀମାନଙ୍କ କ୍ଷେତ୍ରରେ ସେପରି ହେଉନଥିଲା । ଯଦିଓ ସେମାନଙ୍କୁ ଏକାନ୍ତବାସରେ ରଖାଯାଉଥିଲା, ତାହା ସଂଗରୋଧ ନଥିଲା, ଥିଲା ସାମାଜିକ ବାସନ୍ଦ ।

୧୮୫୨ ମସିହାରେ କିଛି ୟୁରୋପୀୟ ରାଷ୍ଟ୍ର ମିଳିତ ଭାବେ ଏକ ପରିମଳ ସଂକ୍ରାନ୍ତୀୟ ସମ୍ମିଳନୀର ଆୟୋଜନ କରିଥିଲେ । ଉକ୍ତ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହାମାରୀ ବ୍ୟାପିବା ସମୟରେ କିଭଳି ଏକକ ପଦକ୍ଷେପ ଗ୍ରହଣ କରାଯାଇପାରିବ । କିନ୍ତୁ ଏ ସମ୍ବନ୍ଧରେ ଉକ୍ତ ସମ୍ମିଳନୀରେ କୌଣସି ନିର୍ଯ୍ୟାସ ବାହାରି ପାରିନଥିଲା । ତାପରେ ବହୁବାର ଆନ୍ତର୍ଜାତିକ ସମ୍ମିଳନ ଅନୁଷ୍ଠିତ ହୋଇଛି, କିନ୍ତୁ ସେସବୁ ବିଶେଷ ଫଳପ୍ରସୂ ହୋଇପାରି ନଥିଲା । ପରିଶେଷରେ ୧୭ ଜାନୁଆରୀ ୧୯୧୨ ମସିହାରେ ୪୦ଟି ଦେଶକୁ ନେଇ ପରିମଳ ସମ୍ବନ୍ଧୀୟ ପ୍ରଥମ ଆନ୍ତର୍ଦେଶୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ଚୁକ୍ତିରେ ୧୬୦ଟି ଧାରା ରହିଥିଲା । ପୁନର୍ବାର ୨୧ ଜୁନ୍ ରେ ୧୯୨୬ ମସିହାରେ ସେହିଭଳି ଆଉ ଗୋଟିଏ ଆନ୍ତଃର୍ଜାତୀୟ ପରିମଳ ସଂକ୍ରାନ୍ତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ୫୮ଟି ଦେଶ ଭାଗ ନେଇଥିଲେ । ଉକ୍ତ ସମ୍ମିଳନୀରେ ୧୯୧୨ ମସିହାର ହୋଇଥିବା ଚୁକ୍ତିକୁ

ସଂଶୋଧନ କରାଯାଇଥିଲା ଏବଂ ନୂତନ ଚୁକ୍ତିରେ ୧୭୨ଟି ଧାରା ରହିଲା । ପ୍ରଥମେ ୫୮ଟି ଦେଶ ଏହି ନୂତନ ଚୁକ୍ତିରେ ସ୍ୱାକ୍ଷର କରିଥିଲେ ଓ ପରେ ବହୁ ଦେଶ ଏହି ଚୁକ୍ତିରେ ସ୍ୱାକ୍ଷର କଲେ ।

ଏ ସମସ୍ତ ତଥ୍ୟ ଉପସ୍ଥାନ କରି ମୁଁ କପ୍ରକାର ବାର୍ତ୍ତା ଲୋକଙ୍କୁ ଦେବାକୁ ଚାହୁଁଛି**?** ଖାଲି ସଂଗରୋଧ ସମ୍ପର୍କୀୟ ପ୍ରୟାସ କରୁଛି ନା ସଂଗରୋଧକୁ ଏକ ବିକଳ୍ପ ଚକିତ୍ସା ଭାବେ ଅଭିହିତ କରିବାକୁ ଚାହୁଁଛି**?** ଏହାର ଉତ୍ତର ପାଇଁ ଆମକୁ ନଶ୍ଚିତ ଭାବେ ଆମ ଜଗନ୍ନାଥ ସଂସ୍କୃତି ଉପରେ ଦୃଷ୍ଟି ଦେଖାକୁ ପଡିବ । ଜଗନ୍ନାଥଙ୍କୁ ଜ୍ୱର ହେଲା ପରେ ସେ ଅଣସର ଘରେ ବିଜେ କରିଥାନ୍ତି । କନ୍ତୁ ସମ୍ପୂର୍ଣ୍ଣ ଭଲ କଭଳ ହୁଅନ୍ତି**?** ଔଷଧ ସେବନ ପରେ ଅର୍ଥାତ ସଂଗରୋଧ ଓ ଔଷଧ ସେବନର ମିଳତ ପ୍ରୟୋଗ ପରେ ଜଗନ୍ନାଥଙ୍କ ରୋଗ ଭଲ ହୋଇଥାଏ । ତେଣୁ ସଂଗରୋଧ କୌଣସି ପ୍ରକାରେ ଏକ ବିକଳ୍ପ ଚକିତ୍ସା ପଦ୍ଧତି ନୁହେଁ । ଏହା ଚକିତ୍ସା ପଦ୍ଧତିର ଏକ ଅଙ୍ଗ । ଯେତେବେଳ ପର୍ଯ୍ୟନ୍ତ ମହାମାରୀ ନବାରଣ ନମିତ୍ତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ**,** ସେତେବେଳ ପର୍ଯ୍ୟନ୍ତ ଆମକୁ ସଂଗରୋଧ ଚକିତ୍ସା ପ୍ରଣାଳୀକୁ ଆପଣେଇବାକୁ ପଡିବ । ଏହି ଶିକ୍ଷା ଆମେ ଆମ ସଂସ୍କୃତିରୁ ପାଇଛୁ ।

ମହାମାରୀ ବିଷୟରେ ଆଲୋଚନା ବେଳେ ଇନକ୍ୟୁବେସନ ପିରିୟଡ ବା ରୋଗର ଲକ୍ଷଣ ପ୍ରକାଶ ହେବାର ପୂର୍ବାବସ୍ଥା ସମ୍ବନ୍ଧରେ ଆମର ଧାରଣା ରହିବା ନହାତି ଆବଶ୍ୟକ । ଇନକ୍ୟୁବେସନ ପିରିୟଡର ଉତ୍ପତ୍ତି ଜୀବଜଗତ ସୃଷ୍ଟି ସମୟରୁ । ଆମେ ଜାଣିଛେ ମହାମାରୀ ଏକ ଭୂତାଣୁଜନତ ରୋଗ । ଏହି ଭୂତାଣୁ ଗଛଲତା ବଢିବା ପରି ନଜେ ନଜେ ବଢିପାରେ ନାହିଁ । ଭୂତାଣୁକୁ ବଞ୍ଚିବା ପାଇଁ ସାହାରା ଦରକାର ଏବଂ ଭୂତାଣୁର ସାହାରା ହେଲା ଆମ ଶରୀର । ଆମ ଶରୀରରେ ପ୍ରବେଶ କଲାପରେ ଭୂତାଣୁ ତାର କାର୍ଯ୍ୟ ଆରମ୍ଭ କରେ । ଆମ ଶରୀର ମଧ୍ୟରେ ପ୍ରବେଶ କରିବା ଓ ତାପରେ ତାହାର କାର୍ଯ୍ୟ ଆର କରିବାର ସମୟକୁ ଇନକ୍ୟୁବେସନ୍ ପିରିୟଡ କୁହାଯାଏ । କନ୍ତୁ ଏହାର ଅବଧି ପ୍ରଶାସନକ ଦୃଷ୍ଟିକୋଣରୁ କେତେଦିନ ରହିବା ଦରକାର**,** ସେ ସମ୍ବନ୍ଧରେ ୧୯୮୭ ମସିହାରେ ଅନୁଷ୍ଠିତ ହୋଇଥିବା ପରିମଳ ସମ୍ପର୍କିତ ଆନ୍ତଃର୍ଜାତୀୟ ଆଲୋଚନାରେ ନଷ୍ପତ୍ତି ନଆଯାଇଥିଲା । ଉକ୍ତ ନଷ୍ପତ୍ତି ଅନୁଯାୟୀ ଏହାର ଅବଧି ୫ ରୁ ୧୦ ଦିନ ରହିବା ଦରକାର ଏବଂ ଏହି ଅବଧିକୁ ନେଇ ସମସ୍ତେ ସହମତ ହୋଇଥିଲେ । ପ୍ରଶାସନକ ଦୃଷ୍ଟିକୋଣରୁ ଏହି ଅଭିବୃଦ୍ଧି ସମୟ ୧୦ ଦିନ ରଖାଯିବାର ଉଦ୍ଦେଶ୍ୟ ହେଲା**,** ସଂକ୍ରମଣ ରୋକିବାକୁ ପ୍ରଶାସନକ ପ୍ରସ୍ତୁତି ।

କୌଣସି ସ୍ଥାନରେ ରୋଗ ଦେଖାଗଲେ ଉକ୍ତ ଦେଶର କର୍ତ୍ତବ୍ୟ ହେଲା ସେ ନିଜ ପାଖ ପଡୋଶୀ ଦେଶକୁ ଏ ସମ୍ବନ୍ଧରେ ତତକ୍ଷଣାତ୍ ସୂଚନା ଦେବ । ରୋଗ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ନିଜର ଭୌଗଳିକ ସୀମା ଅନୁପ୍ରବେଶକାରୀ ପାଇଁ ବନ୍ଦ କରିବ ଏବଂ ରୋଗ ବ୍ୟାପୁଥିବା ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ସଂଗରୋଧ କରିବ । ଏ ସମସ୍ତ କାର୍ଯ୍ୟ ୧୯୧୨ ମସିହାର ପରିମଳ ସଂକ୍ରାନ୍ତୀୟ ଚୁକ୍ତିର ଏକ ଅଂଶ ବିଶେଷ ।

କରୋନା ମହାମାରୀ ସମୟରେ ଚୀନ୍ ଏ ସମସ୍ତ କାର୍ଯ୍ୟ କରିନାହିଁ ବୋଲି ପୃଥିବୀର ବହୁ ରାଷ୍ଟ୍ର ଅଭିଯୋଗ କରୁଛନ୍ତି । ଭବିଷ୍ୟତ କହିବ ଚୀନ ଦୋଷୀ ନା ନିର୍ଦ୍ଦୋଷୀ ।  ସଂଗରୋଧ ବା ଏକାନ୍ତବାସ ଆମକୁ ତ୍ୟାଗ, ଶୃଙ୍ଖଳା ଓ ସଂଯମତା ଶିଖାଏ । ଯଦି ଶୃଙ୍ଖଳା ଓ ସଂଯମତାକୁ ସମ୍ମାନ ଦେଇ ମଣିଷ ନଚାଲିବ, ତେବେ ସଭ୍ୟତା ପାଇଁ ଭବିଷ୍ୟତରେ ବଡ ବିପଦ ମାଡି ଆସୁଚ ବୋଲି ବୁଝିବାକୁ ହେବ ।

(ଏହି ପ୍ରବନ୍ଧଟି ଲେଖିବାରେ ସ୍ଥିତିପ୍ରଜ୍ଞା କଲେଜର ଉଦ୍ଭିଦ ବିଜ୍ଞାନର ଅଧାପିକା ପ୍ରିୟଙ୍କା ରାୟ ବହୁତ ସାହାଯ୍ୟ କରିଛନ୍ତି । ସେଥିପାଇଁ ଲେଖକ ତାଙ୍କ ନିକଟରେ କୃତଜ୍ଞ)

ଆଇନଜୀବୀ
ଓଡିଶା ହାଇକୋର୍ଟ, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଜନ୍ମଭୂମି



ନରେନ୍ଦ୍ର ପ୍ରସାଦ ବେହେରା

ଯାହାର କୋଳରେ ଜନମ ହୋଇ ମୁଁ
ବଢ଼ିଲି ପାଣି ପବନେ
ସେହି ମାଟି ମୋର ଅଟେ ଜନ୍ମଭୂମି
ଦେଖୁଛି ଦୁଇ ନୟନେ ।୧।

ଜନ୍ମଭୂମି ଜନ୍ମ ମାଟିର ମହତ
ରଖିବି ପଣ କରିଛି
କରିବି ମୁଁ ସେବା ନହୋଇ ବିମୁଖ
ମନରେ ଯାହା ଭାବିଛି ।୨।

କେତେ ବୀରପୁତ୍ର ଜନ୍ମ ହୋଇ ପୁଣି
ଶହୀଦ ହୋଇଣ ଗଲେ
ଜନ୍ମଭୂମି ମାନ ବଞ୍ଚାଇବା ପାଇଁ
ବନ୍ଧୁକ ଆଗରେ ମଲେ ।୩।

ନାହିଁ ମୋ ହାତରେ ଗୁଳି କି ବନ୍ଧୁକ
ଧରିଛି କଲମ କାଳି
ଲେଖିବି କବିତା କାଳ ଶେଷ ଯାଏ
ଜନ୍ମଭୂମି ନାମ ଭଳି ।୪।

ଲେଖିବି କବିତା ରଖିବି ମହତ
ଜନ୍ମଭୂମି ହେବ ସୁନା
ସୁନାର ଭାରତେ ସବୁକଛି ଅଛି
କେହି ନ କରିବେ ମନା ।୫।

ଭରି କଷ୍ଟ ପାଏ ଜନ୍ମଭୂମି ପୁଣି
ପାଉନାହିଁ ଥଳକୂଳ
କରୁଛି ପ୍ରାର୍ଥନା ଆହେ ଜଗନ୍ନାଥ
କଲମରେ ଦିଅ ବଳ ।।୬।।

ଆଳଦା, ଖଇରା, ବାଲେଶ୍ୱର

# ସୀମାନ୍ତ ପ୍ରହରୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ନତ ଏ ମସ୍ତକ ତୁମ ପାଦ ତଳେ
ହେ ପ୍ରହରୀ ସୀମାନ୍ତର
କବା ଦିନ ଅବା କବା ଅବା ରାତି
ତୁମେ ସଦା ଉଜାଗର ।
ଦେଶ ମାତୃକାର ସେବାରେ ହେ ବୀର
ଲହୁ ଲୁହ ଦିଅ ଢାଳ,
ଶତ୍ରୁ ପକ୍ଷ ଜୟ ହୋଇଲେ ଅସହ୍ୟ
ପ୍ରତିଶୋଧେ ଯାଅ ଜଳ ।
ହାତରେ କମାଣ କରିବ ଗର୍ଜନ
ବେଳୁ ବେଳ ରହି ରହି
ଥକ ପଡନାହିଁ ହେ ବୀର ତୁହି
କେତେ ରାତି ଯାଏ ପାହି ।

ଖର ବରଷାରେ ଶୀତ କାକରରେ
ସୀମାନ୍ତରେ ଥାଅ ଜାଗି
ପ୍ରତିକୂଳେ ଅବା ଅନୁକୂଳେ ସଦା
ହେ ପ୍ରହରୀ ଥାଅ ଜଗି ।
କେତେ ଯେ ସମର ଲଢିବ ହେ ବୀର
ଏ ଦେଶ ମାତୃକା ପାଇଁ
ରୁଧିର କୁ କରି ମଥାର ଚନ୍ଦନ
ନିଜ ଲୁହ ନିଜେ ପିଇ ।
ସଲାମ କରୁଛି ଏ ଦେଶ ଜନତା
ତୁମରି କର ଚରଣେ
ସଭିଏଁ ଗାଇବେ ତୁମରି ବୀରତା
ଜନମେ ଅବା ମରଣେ......

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ପୁଣି ଥରେ



ଶ୍ରୀକ୍ଷେତ୍ର ସୁନ୍ଦର

ପୁଣି ଥରେ ବର୍ଷକ ପରେ ସେ ଫେରିଛି
ଭିଜା ମାଟି ମିଠା ବାସ୍ନାରେ ମହକବାକୁ ହେବ
ପୁଣି ଥରେ ବର୍ଷା ଛିଟା ମନ ଆଉ ମସ୍ତିଷ୍କକୁ ଓଦା କରିବ
କଛି ବାସି ସ୍ମୃତି ସତେଜ ହେବ
ପୁଣି ଥରେ କଛି ଲକ୍ଷ୍ୟହୀନ ଜଳଧାର କାଗଜ ଡ଼ଙ୍ଗା ସବୁକୁ
ବିଜୁଳ - ଝଡ - ତୋଫାନକୁ ଅତିକ୍ରମ କର୍‌ଇବାର
ଅସଫଳ ପ୍ରୟାସ କରିବେ
ପୁଣି ଥରେ ଅଗ୍ଣନକ ବର୍ଷାରେ ନଜ ମୁଣ୍ଡ ପାଇଁ ଛାତ ଖୋଜିବା
ଓ ଚଞ୍ଚଳ ସାଧବ ବୋହୂର ସେଇ ଠୁକୁ - ଠୁକୁ ଗ୍ଲି
ଦେଖିବାକୁ ହେବ
ପୁଣି ଥରେ ସବୁ ସେଇ ପୂର୍ବପରି
ପୁଣି ଥରେ ସେଇ ମୌସୁମୀ

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

# ଯୌବନ



ତ୍ରିପତି ପ୍ରଧାନ

ଧନ ସମ୍ପତ୍ତି ଯୌବନ
ଅଟେ ଅନର୍ଥ କାରଣ
ସଜାଗେ କରି ସୁକର୍ମ
ଅର୍ଜନେ ନେବା ସୁନାମ (୧)
ଗର୍ବେ ନୋହି ମଦମତ୍ତ
ସୁକା6ର୍ଯ୍ୟ ହୋଇବାଚ ରତ
ଦୟା ଧର୍ମ ବିବେକତ
ସୁଗୁଣ କରି ଭୂଷଣ (୨)
ଯୌବନତ କ୍ଷଣ ସ୍ଥାୟୀ
ସମୟ ସ୍ରୋତେ ଭସଇ
ଜୀବେ ବାର୍ଦ୍ଧକ୍ୟ ଆସଇ
ଏତ ବିଧିର ବିଧାନ (୩)
କଶୋରେ ଅର୍ଜିଣ ବିଦ୍ୟା
ଯୌବନେ ତାରି ସୁବିଧା
ଧନ ସର୍ବେ ଅରଯିବା
ଦାନଦେଇ ନେବାପୂଣ୍ୟ (୪)
ଚଞ୍ଚଳା ଅଟଇ ଧନ
ବୈକୁଣ୍ଠ ତା ବାସସ୍ଥାନ
ଶାନ୍ତି ପ୍ରୀତି ଦାନ ଧର୍ମ
ସେ ଗୃହ ବୈକୁଣ୍ଠ ସମ (୫)

ସଂସ୍କୃ ତଶିକ୍ଷକ, ଚକଟି

# ଆଲମୋଡା ଡାଏରୀ

ପ୍ରିୟବ୍ରତ ପାତ୍ର

ଆମେ ଦୁଇଜଣ ବଡି ଭୋରରେ ନୈନୀତାଲରୁ ଆଲମୋଡା ଦିଗେ ବାହାରି ପଡିଲୁ । ଉଦ୍ଦେଶ୍ୟ ଥିଲା ହିମାଳୟ ଦର୍ଶନ ସାଥି ସାଥି ବିବେକାନନ୍ଦଙ୍କ ସ୍ପର୍ଶ ଲାଗିଥିବା ଆଲମୋଡାର କଛି ସ୍ମରଣୀୟ ଜାଗା ଦର୍ଶନ କରିବା । ଆଜକୁ ପାଖାପାଖି ୧୨୦ ବର୍ଷ ତଳେ ଗୋଟିଏ ସିଂହ ଏହି ସହରକୁ ଆସିଥିଲା । ଖେତଡିର ରାଜା ସେହି ସିଂହର ଜଣେ ସ୍ତାବକ ଓ ପୃଷ୍ଠପୋଷକ ଥିଲେ । ସେହି ସିଂହର ଗର୍ଜନ ଏତେ ଗମ୍ଭୀର ଓ ସୁଦୂର ପ୍ରସାରୀ ଥିଲା ଯେ କେତେ ଶହ ବର୍ଷର ସୁପ୍ତ ଭାରତୀୟଙ୍କ ନିଦ ଅଗ୍ନିନକ ଭାଙ୍ଗିଯାଇଥିଲା । ସେ ଥିଲେ ପୁରୁଷ ସିଂହ – ସ୍ୱାମୀ ବିବେକାନନ୍ଦ । ପ୍ରାଚୀନ ସନାତନ ଧର୍ମର ପୁନରୁଦ୍ଧାର ପାଇଁ ସତେଅବା ଶଙ୍କର ମଣିଷ ରୂପ ନେଇ ଆସି ଯାଇଥିଲେ ଏବଂ ଏହି ସହରରୁ ହିଁ ଆରମ୍ଭ ହୋଇଥିଲା "ଉତ୍ତିଷ୍ଠ, ଜାଗ୍ରତ...." ର ମହାଯାତ୍ରା । ତରୁଣ ସନ୍ୟାସୀ ଭାବେ ସାରା ହିମାଳୟ ପାଦରେ ବୁଲିଲାବେଳେ କେଜାଣି କାହିଁକି ସ୍ୱାମୀଜୀଙ୍କ ପାଦ ଏହି ଆଲ୍ମୋଡାର ଗିରିପଥରେ ବାରମ୍ବାର ଝୁଣ୍ଟିପଡୁଥିଲା । ସତେ ଅବା ଗିରିପଥ ସବୁ ସ୍ୱାମୀଜୀଙ୍କ ପଦ ସ୍ପର୍ଶରେ ରୂପବତୀ, ପୁଣ୍ୟବତୀ ଅହଲ୍ୟା-ଆଲ୍ମୋଡାରେ ପରିଣତ ହୋଇଥିଲା । ପୂଜ୍ୟ ଗୁରୁଦେବ ରାମକୃଷ୍ଣ ପରମହଂସଙ୍କ କଲିକତାସ୍ଥିତ ବେଲୁଡ଼ ମଠକୁ ଛାଡିଦେଲେ, ସମ୍ଭବତଃ ସାରା ଭାରତରେ ଆଲମୋଡା ଥିଲା ସ୍ୱାମୀଜୀଙ୍କ ପ୍ରିୟତମ କ୍ଷେତ୍ର । ପୃଥିବୀର ବିଭିନ୍ନ ଜାଗାକୁ ସନାତନ ଧର୍ମର ବ୍ୟାଖ୍ୟା ପାଇଁ ଘନ ଘନ ଗସ୍ତ କରିବା କାଳରେ, ସ୍ୱାମୀଜୀଙ୍କ ମନର ନିଭୃତ କୋଣରେ ଆଲ୍ମୋଡାର ଚିର ଉପସ୍ଥିତି ବଜାୟ ରହୁଥିଲା । ତେଣୁକରି ପୃଥିବୀର ବିଭିନ୍ନ କୋଣରୁ ଆଲ୍ମୋଡା ଦିଗେ ସ୍ୱାମୀଜୀଙ୍କ ଅସରନ୍ତି ଚିଠିର ସୁଅ ଛୁଟିଥିଲା । ସ୍ୱାମୀଜୀଙ୍କ ସମସ୍ତ ଭାଷଣ ଓ ଲେଖାକୁ ନେଇ ପ୍ରସ୍ତୁତ କରାଯାଇଥିବା ଜନ୍ମ ଶତବାର୍ଷିକୀ ସଂକଳନରେ "ଆଲ୍ମୋଡାକୁ ଚିଠି" ଏକ ବିଶେଷ ଅଧ୍ୟାୟ ରୂପେ ସ୍ଥାନ ପାଇଛି । ଧନ-ଧାନ୍ୟ ଭରା କୁବେର ଦେଶ ଆମେରିକା ହେଉ ବା ହା-ଅନ୍ନର ଦେଶ ପୂର୍ଣ୍ଣାଙ୍ଗ ଭାରତର କଲମ୍ବୋ, କଲିକତା ବା କୌଣସି ସହର ତଳ ଅଞ୍ଚଳ ହେଉ, ସବୁଠାରେ ଆଲ୍ମୋଡା ଏକ ସୂକ୍ଷ୍ମ ରଜ୍ଜୁରେ ସ୍ୱାମୀଜୀଙ୍କ ସହ ସଂଯୋଜିତ ହୋଇ ରହୁଥିଲା ।

ଆଶ୍ଚର୍ଯ୍ୟର କଥା ଆଲ୍‌ମୋଡାରେ ପହଞ୍ଚି ଆନନ୍ଦାତିଶଯ୍ୟାରେ ଯେତେବେଳେ କିଛି ବ୍ୟସ୍ତ ଲୋକଙ୍କୁ ବିବେକାନନ୍ଦଙ୍କ ବିଷୟରେ ପଚାରିଲୁ, ସମସ୍ତେ କିଛି ସମୟ ଆବାକାବା ହୋଇ ଚାହୁଁଥିଲେ । ସମତଳ ଭୂମି ତଥା ଅଣହିନ୍ଦୀ ଭାଷାଭାଷୀର ପର୍ଯ୍ୟଟକମାନେ ସମ୍ଭବତଃ କୌଣସି ହିମାଳୟ ଗିରି କନ୍ଦରର ଫଳ ବିଷୟରେ ପଚାରୁଛନ୍ତି ଭାବି କଏ ପୁଣି "ମାର୍କେଟରେ ମିଳବ" ବୋଲି କହି ପକାଉଥିଲେ । କୌଣସି ବହି ଦୋକାନରୁ "ଟୁରିଷ୍ଟ ଗାଇଡ୍"ର ପୃଷ୍ଠା ଓଲଟାଇ ଦେଖିଲୁ ବହି ସାରା ଖାଲି ହୋଟେଲମାନଙ୍କ ଠିକଣା ଓ ଫୋନ ନମ୍ବର । ଆଲମୋଡାର ଉଚ୍ଚତା, ବିଭିନ୍ନ ଋତୁରେ ହାରାହାରି ତାପମାତ୍ରା, ତଥା ସେଠାରେ ପହଞ୍ଚିବା ପାଇଁ ବାୟୁପଥ, ରେଳପଥ ଓ ସଡକ ପଥ ର କିଞ୍ଚିତ ଆଭାସ ଦେଇ ବହି ଗୁଡିକ ସମ୍ଭବତଃ ନିଜର ଦାୟିତ୍ୱ ସାରି ପକାଇଥିଲେ । ଗୋଟିଏ ପ୍ରାଣବନ୍ତ ସହରକୁ କିଛି ସଂଖ୍ୟା ମାଧ୍ୟମରେ ପ୍ରକାଶ କରିବା ଦ୍ୱାରା ଗଣମାଧ୍ୟମ ଓ ଜନ-ମାଧ୍ୟମ ଗୁଡିକ ସତରେ କି ଅତ୍ୟାଚାର ନ କରୁଛନ୍ତି? ଆଲ୍‌ମୋଡା କହିଲେ ତାର ବିସ୍ତୃତ ଜଙ୍ଗଲ, ଦୂର ଅଦୂରର ଉତ୍ତୁଙ୍ଗ ଗିରିଶୃଙ୍ଗ, ସେଠାର ଇତିହାସ, କିମ୍ବଦନ୍ତୀ, ଲୋକଚରିତ୍ର, ସାହିତ୍ୟ ସଂସ୍କୃତି ଓ ବିଶ୍ୱାସ ଆଦିକୁ ବୁଝାଏ । କୁମାୟୁନବାସୀଙ୍କ ରକ୍ଷାକର୍ତ୍ତ୍ରୀ ଭାବେ ନନ୍ଦାଦେବୀ, ଉଦ୍ୟତ ଚଣ୍ଡେଶ୍ୱର ବା କସର୍ ଦେବୀଙ୍କ ବର୍ଣ୍ଣନା ମଧ୍ୟ ରହିବା ଜରୁରୀ । ସବାଶେଷରେ ଏକ ବିଜନ ଗିରି ବେଷ୍ଟିତ କ୍ଷୁଦ୍ର ଜନବସତିକୁ ବିଶ୍ୱଦରବାରରେ ବିବେକାନନ୍ଦ ଓ ତାଙ୍କ ମାନସ କନ୍ୟା ଭଗିନୀ ନିବେଦିତାଙ୍କ କଥା ନିଶ୍ଚିତ ରୂପେ ରହିବା କଥା । ଯୁଗ ଯୁଗ ଧରି କୃତଘ୍ନ ମଣିଷ ନିଜ କଥା ଛଡାବାକୁ ସବୁ ବୋଧେ ଏମିତି ହିଁ ଭୁଲିଯାଇଥାନ୍ତି ।

ସବାଶେଷରେ ବିବେକାନନ୍ଦଙ୍କ ସ୍ପର୍ଶ ପୁଲକିତ କିଛି ଦର୍ଶନୀୟ ଜାଗା ବିଷୟରେ, ଜଣେ ଶିକ୍ଷକ ପରି ଦିଶୁଥିବା ସାଧାସିଧା ବୟସ୍କ ଲୋକଙ୍କୁ ପଚାରିଲୁ । ସହର ଉପକଣ୍ଠରେ ଥିବା ଶ୍ରୀ ରାମକୃଷ୍ଣ ମିଶନକୁ ସବିଶେଷ ବିବରଣୀ ପାଇଁ ଚାଲିଯିବାକୁ ସେ ନିର୍ଦ୍ଦେଶ ଦେଲେ । ଆଲମୋଡା ସହରରେ ଚାଲିବାରେ ଅନେକ ଆନନ୍ଦ ଥିଲା, ତେଣୁ ପ୍ରାୟ ପାଞ୍ଚ କିଲୋମିଟର ଚାଲି ଚାଲି ସେଠାରେ ପହଞ୍ଚିଲୁ । ମିଶନ୍ କାର୍ଯ୍ୟାଳୟରେ ଥାକ ଥାକ ହୋଇ ଘର ସବୁ ତଳକୁ ତଳକୁ ରହିଛି । ରାସ୍ତାକଡ ବା ବୃକ୍ଷ ଉପରିସ୍ଥ ତୀର ଚିହ୍ନ ଦେଖି ତଳକୁ ତଳକୁ ଯାଇ ମୁଖ୍ୟ ଅଫିସ୍ ଓ ଧ୍ୟାନ କେନ୍ଦ୍ରରେ ପହଞ୍ଚିଲୁ । ଲୁହା ତାର ଉପରେ ଗେରୁଆ ରଙ୍ଗର କିଛି ଧୋତି, ପାଇଜାମା ଓ କୌପିନ ଶୁଖୁଥିବା ଦେଖି କିଛି ସନ୍ୟାସୀଙ୍କ ଅବସ୍ଥାନ ଠଉରାଇ ନେଲୁ । ମୁଖ୍ୟ ଅଫିସ ଆଗରେ ଦୁଇଟି ପର୍ବତାକାୟ ପାର୍ବତ୍ୟ କୁକୁରଙ୍କ ଶିକୁଳମୁକ୍ତ ମୃଦୁ ପଦଚାଳନ ଓ ସେମାନଙ୍କ ସନ୍ଦିଗ୍ଧ ଚାହାଣୀ ଦେଖି ଆମ ପାଦ ଅଟକିଗଲା । ସେହି

ରାଜକୀୟ ଗୃହାଣୀ ସୂଚାଇ ଦେଉଥିଲା – "ଆମ୍ଭର ଏହି ନଷିଦ୍ଧ ଅଞ୍ଚଳକୁ ତୁମ୍ଭେ କଏ?" ଉଦ୍ୟତ ବ୍ୟାଘ୍ର ପ୍ରାୟ କୁକୁର ଦୁଇଟି ଯେ କୌଣସି ମୂହୁର୍ତ୍ତରେ ଆକ୍ରମଣ କରିପାରନ୍ତି – ଏହି ଆଶଙ୍କାରେ ତମାମ ହିମାଳୟ ଶୀତଳତା ସତ୍ତ୍ୱେ ଦେହରୁ ଝାଳ ବୋହିଗଲା । ତରୁଣ ସନ୍ୟାସୀ ଜଣେ ପଛରୁ ଆସୁ ଆସୁ ଆମ ମନୋଭାବଉ ଜାଣି ପକେଇଲେ ଏବଂ ମୃଦୁ ହସି କହିଲେ – "ଏମାନେ ଶାକାହାରୀ ଓ ଅହିଂସ । ହଁ, କେବେ କେମିତି ସ୍ୱଭାବ ବଶତଃ ଭୁକ ପକାନ୍ତି । ଆକାଶରେ ଉଡିଯାଉଥିବା ପକ୍ଷୀ, ପ୍ରଜାପତି ବା ବିରୁଡିଙ୍କ ପାଇଁ ସେଇ ରଡି ପ୍ରଯୁଜ୍ୟ, ମଣିଷଙ୍କ ପାଇଁ ମୋଟେ ନୁହେଁ । ଏଥର ସାହସ ପାଇ ଅଫିସ ଭିତରକୁ ଗଲୁ । ମିଶନର ପ୍ରୌଢ ମଠାଧୀଶ କଛି ଆଗ୍ରହୀ ତରୁଣଙ୍କୁ କୌଣସି ଏକ ଜଟିଳ ତତ୍ତ୍ୱର ବ୍ୟାଖ୍ୟା କରୁଥିଲେ । କାଠରେ ତିଆରି ଘରଟି, ଚାଲିଲେ କଟକଟ ଶୁଭୁଥିଲା । କାନ୍ଥ ଉପରେ ଥିଲା କଛି ଦୁଷ୍ପ୍ରାପ୍ୟ ଛବି – କଛି ଖୁବ୍ ପ୍ରାଚୀନ, କଛି ନବୀନ । ମାଙ୍କଡଙ୍କ ଗହଣରେ ଶ୍ରୀରାମଙ୍କ ଛବି, ଗାଈଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ଛବି, କଛି ସିଂହଙ୍କ ଗହଣରେ ବିବେକାନନ୍ଦଙ୍କ ଛବି ପରେ ପରେ ଦୁଇ କୁକୁରଙ୍କ ଗହଣରେ ମଠାଧୀଶଙ୍କ ସଦ୍ୟତମ ଫଟୋଟି ବଡ ଅସଙ୍ଗତ ଲାଗୁଥିଲା । ଅଫିସକୁ ଲାଗି ଧ୍ୟାନ ମନ୍ଦିର । ଏହି ମିଶନର ପ୍ରତିଷ୍ଠାତା ସ୍ୱାମୀ ତୁର୍ଯ୍ୟାନନ୍ଦଙ୍କ ଫଟୋ ସହ ମା ସାରଦା, ରାମକୃଷ୍ଣ ପରମ ହଂସ ଓ ବିବେକାନନ୍ଦଙ୍କ ଫଟୋ ସେହି ମନ୍ଦିରରେ ରହିଛି । ପ୍ରତିଷ୍ଠାତାଙ୍କ କଠଉ, ବାଡି, ଚଷମା ଓ ସ୍ୱହସ୍ତ ଲିଖିତ ଡାଏରୀ ଓ ମୂଳ ପାଣ୍ଡୁଲିପି ଏଠାରେ ସଂରକ୍ଷିତ । ଧ୍ୟାନ କକ୍ଷର ସବା ଆଗ ଅଂଶଟି ସନ୍ୟାସୀଙ୍କ ପାଇଁ ସଂରକ୍ଷିତ । ଧ୍ୟାନ କକ୍ଷର ନୀରବତା ଏତେ ପ୍ରଖର ଥିଲା ଯେ କାନ ସବୁ ଅତଡା ପଡିଗଲା ପରି ଲାଗୁଥିଲା । ଏହି ପ୍ରଚଣ୍ଡ ନୀରବତା ଆମ ପରି ଅସ୍ତବ୍ୟସ୍ତ ଲୋକଙ୍କୁ ଅସହ୍ୟ ମନେ ହେଲା ଏବଂ କ୍ରମଶଃ ତାହା ଅତ୍ୟାଚାରରେ ପରିଣତ ହେଲା । ଧ୍ୟାନ ମନ୍ଦିର ତଳକୁ ଅନ୍ତେବାସୀ ସନ୍ୟାସୀମାନଙ୍କ ପାଇଁ ଭୋଜନ ପରଶା ପ୍ରସ୍ତୁତି ଚାଲିଥିଲା । ସେମାନଙ୍କ ସାଙ୍ଗରେ ପ୍ରସାଦ ଭୋଜନ ପାଇଁ ଗୋଟିଏ ଦିନ ଆଗରୁ ମଠାଧୀଶଙ୍କୁ ସୂଚନା ଦେବାକୁ ପଡିଥାଏ । ମଠାଧୀଶ କନ୍ତୁ ଆମ ମନକଥା ଜାଣିପାରି ଦୁଇଟି ପୁଡିଆ ରେ ଢେର ପରିମାଣର କଟାଫଳ ଖାଇବା ପାଇଁ ଦେଇଥିଲେ । ସେ ନରାଡମ୍ବର ଆତିଥ୍ୟ, ଜୀବନରେ କେବେ ମଧ୍ୟ ଭୁଲିପାରିବୁ ନାହିଁ । ଫେରିଲା ବେଳେ କଛି ଦର୍ଶନୀୟ ଜାଗାର ସୂଚନା ମଧ୍ୟ ପାଇଥିଲୁ । ରାମକୃଷ୍ଣ ମିଶନ ମୁହଁରେ ଥିବା ଜରାଜୀର୍ଣ୍ଣ ଲାଇବ୍ରେରୀ ଓ ବିକ୍ରୟକେନ୍ଦ୍ର ଭିତରକୁ ପଶିଲୁ । ସମସ୍ତ ବହିପତ୍ରର ତମାମ ମହଜୁଦ୍ ସତ୍ତ୍ୱେ ପାଠକଙ୍କ ଦେଖାନାହିଁ । ଉଜ୍ଜ୍ୱଳ ଶ୍ୱେତବସ୍ତ୍ର ପରିହିତ ନବୀନ ସନ୍ୟାସୀ ଜଣେ ବହି ଉପରୁ ମୁହଁ ଟେକ ଆମର ଏ

ସଂଶୟର ସଂକ୍ଷେପ ଉତ୍ତର ଦେଲେ – "ଲୋକେ ଆସୁଛନ୍ତି, ଖୁବ୍ ବେଶୀରେ ଛବି, ବନ୍ଧେଇ ଛବି, ବନ୍ଧେଇ ଫଟୋ, ମୁଦି, ତାବିଜ୍, ଏପରିକି ସ୍ୱାମୀଜୀଙ୍କ ଛବି ଥିବା ତଉଲିଆ, ସାଲ ବା କମ୍ବଳ ମାଗୁଛନ୍ତି । କିନ୍ତୁ ମାଗଣାରେ ବହି ଦେଲେ ମଧ୍ୟ ପଢ଼ିବାରେ ଆଗ୍ରହ ନାହିଁ ।" ଅପାତତଃ ମିଶନରୁ ବିଦାୟ ନେଇ ନିବେଦିତା କଟେଜ୍ ଦିଗେ ବାହାରିଲୁ ।

ଆଜି ଯାହା ନିବେଦିତା କଟେଜ୍ ବୋଲି ଖ୍ୟାତ, ୧୮୯୨ ପରେ ସ୍ୱାମୀଜୀ ସେଠାରେ ଅନେକଥର ରହିଥିଲେ । ତାଙ୍କ ସାଙ୍ଗରେ ଥିଲେ କିଛି ଭାରତୀୟ ଶିଷ୍ୟ ଓ ଇଉରୋପୀୟ ଶିଷ୍ୟାଗଣ । ଏଠାରେ ଥିବା ଏକ ଦେବଦାରୁ ଗଛ ମୂଳେ ସ୍ୱାମୀଜୀ ତାଙ୍କ ମାନସ କନ୍ୟା ମାର୍ଗାରେଟଙ୍କୁ ଦୀକ୍ଷା ଦେଇଥିଲେ ଏବଂ ସବୁଦିନ ପାଇଁ ନାମ ବଦଳେଇ ଭଗିନୀ ନିବେଦିତା ବୋଲି ସମ୍ବୋଧନ କରିଥିଲେ । ସନାତନ ଧର୍ମର ପ୍ରଚାର, ନିରୁତା ଭାରତୀୟତାର ଆତ୍ମା ଆବିଷ୍କାର, ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ଶ୍ରୀ ଅରବିନ୍ଦଙ୍କ ଆତ୍ମଗୋପନ ସମୟରେ "କର୍ମଯୋଗୀ" ପତ୍ରିକାର ସମ୍ପାଦନା ଦାୟିତ୍ୱ ଇତ୍ୟାଦି ଅନେକ କ୍ଷେତ୍ରରେ ନିବେଦିତା ଥିଲେ ଭଗ୍ନୀ ଅନନ୍ୟା ।

ବାଟରେ କୌଣସି ଏକ ଜଳଖିଆ ଦୋକାନରେ ସେହି କଟେଜ୍ ର ଠିକଣା ପଚାରିଲୁ । ଆମ ପ୍ରଶ୍ନ ଶୁଣି ଜଣେ ବ୍ୟକ୍ତି ଚଟ୍ କରି କହିଲେ – "ବିବେକାନନ୍ଦ ଯେଉଁ ହୋଟେଲରେ ରହୁଥିଲେ ସେ କଥା ପଚାରୁଛନ୍ତି ତ? ଆସନ୍ତୁ, ମୋ ସାଙ୍ଗରେ । ଏକଦମ୍ ବଢ଼ିଆ ଲଜ୍ ଦାମ୍ କମରେ କରେଇ ଦେବି, ଆରାମରେ ରହିବେ, ମଜା ଲୁଟିବେ ।" ଏପଟେ ଜଳଖିଆ ଦୋକାନୀ ଆଖି ମାରି ସେହି କଥା ନ ଶୁଣିବା ପାଇଁ କହିଲା ଏବଂ ଆମ କାନ ପାଖରେ ଫୁସ୍ ଫୁସ୍ କରି କହିଲା – "ଡବଲ୍ ବେଡ୍ ଥିବା ରୁମ୍ ଦରକାର ତ? ମୁଁ କରେଇ ଦେବି ।" ଦୀର୍ଘ ନିଶ୍ୱାସ ମାରି ଜଳଖିଆ ଦୋକାନରୁ ଅଗତ୍ୟା ଫେରିବାକୁ ପଡିଲା । ସେମାନେ ସମସ୍ତେ ବିବେକାନନ୍ଦଙ୍କ ବିଷୟରେ ଅବଗତ ନଥିଲେ ଏବଂ ଯେନତେନ ଗରାଖ ଦୁଇଜଣଙ୍କୁ ଲଜରେ ଠୁସି ଦେଇ କିଛି କମିଶନ ପାଇଯିବା ହିଁ ଉଦ୍ଦେଶ୍ୟ ଥିଲା । ମୁଖ୍ୟ ରାସ୍ତାରେ ଗ୍ଲୁଗ୍ଲୁ କାନ୍ଥ ଉପରେ ଲେଖାଥିବା ଦେଖିଲୁ – "ନିବେଦିତା କୁଟୀରକୁ ରାସ୍ତା ।" ଉଠାଣି ତଥା ଅଙ୍କାବଙ୍କା ରାସ୍ତାରେ "ଦେବଦାରୁ Fast Food" ପାର ହୋଇ ଶେଷରେ ଏକ ଗୋଲାକୃତି, ଓସାରିଆ ବାରଣ୍ଡା ଯୁକ୍ତ ବହୁ ପ୍ରାଚୀନ ଘର ଆଗରେ ପହଞ୍ଚିଲୁ । ସେଥିରେ ରହି ଥିଲା ପାଖାପାଖି ଦଶବାରଟି ପାଇଖାନା-ଗାଧୁଆଘର ଯୁକ୍ତ କମରା ଓ ଗୋଟିଏ ବଡ ସଭାଗୃହ । କୌଣସି ବ୍ୟବସାୟୀ ଆଜି ଏହି ଘରର ମାଲିକ । ପୂର୍ବଦିଗ ଦ୍ୱାରରେ ବୁଲା କୁକୁରଟିଏ ଲାଞ୍ଜ ହଲେଇ

ବଡ ଆନନ୍ଦରେ ଆଖି ମିଟିମିଟି କରି ଚାହୁଁଥିଲା । ଆମେ ବାରଣ୍ଡାରେ ପଦଚାରଣା କରିବାରେ ଲାଗିଲୁ । କମରା ଦାୟିତ୍ୱରେ ଥିବା ବାର ଚଉଦ ବର୍ଷର ପିଲାଟେ ସହସା ଆମ ଆଗକୁ ଆସି କହିଲା – "ବିବେକାନନ୍ଦ ରହୁଥିବା କମରାରେ ମୁଁ ରଖେଇ ଦେବି, ଦାମ୍ ଖାସ୍ ଆପଣମାନଙ୍କ ପାଇଁ ଅଧା କରିଦେବୁ । ଏଇ ଦେଖନ୍ତୁ ବାରଣ୍ଡା ଉପରର ପୁରୁଣା ଟେବୁଲ । ଏଠି ବିବେକାନନ୍ଦ ଚାହା ପିଉଥିଲେ, ଜଳଖିଆ ଖାଉଥିଲେ । ଆପଣ ମଧ୍ୟ ସେଠାରେ ସେମିତି କରିବେ । ବେଡସିଟ୍ ବଦଳେଇ ଦେବି କି? ଆମର ଗମ୍ଭୀର ନୀରବତା ନାସ୍ତିସୂଚକ ଥିଲା । ସେଇ ଭାଗ୍ୟବାନ ଟେବୁଲଟିକୁ ସ୍ପର୍ଶ କଲୁ । ଗୋଟିଏ ଗୋଡ ନାହିଁ, ତିନଟି ଗୋଡରେ ବଡ ଦୟନୀୟ ଭାବେ ଗବାକ୍ଷ ଉଦ୍ଦେଶ୍ୟରେ ଠିଆ ହୋଇଛି । ସତ ହୋଇପାରେ, ମିଛ ହୋଇପାରେ । କିନ୍ତୁ ଜଣେ ଯଦି ସନ୍ଦେହ ନଥାଇ ବିଶ୍ୱାସ କରିନିଏ, ତେବେ ସେହି ଶ୍ରଦ୍ଧାଳୁଙ୍କ ପାଇଁ ସତମିଛରେ କିଛି ଫରକ ନାହିଁ । ନିବେଦିତା କଟେଜ୍ ର ଶେଷ ଭାଗରେ ଗୋଟିଏ ସ୍ମୃତି କୋଠରୀ, କାଚ ଝରକା ଏପଟୁ ବନ୍ଦ କୋଠରୀର ଭିତରଟିକୁ ଦେଖିନେଲୁ । କଟେଜ୍ କ୍ୟାମ୍ପସଭିତରେ ରହିଛି ସେହି ବହୁ ଚର୍ଚ୍ଚିତ ପ୍ରାଚୀନ ଦେବଦାରୁ ଗଛ, ଦେଖିବାକୁ ଠିକ୍ ପାଇନ୍ ଗଛ ଭଳି ।

ସ୍ତବ୍ଧ ହୋଇ ଗଛଟିରେ ମୂଳରୁ ଉପରଯାଏ ଚାହିଁଲି । ଗଛମୂଳରେ ସକାଳୁ କିଏ ଜଣେ ଜାଳି ଦେଇଥିବା ବଡ ଘିଅ ଦୀପାଳୀଟି ଅପାତତଃ ନିର୍ବାପିତ ହୋଇସାରିଥିଲା । ଇତିହାସର କେତେବଡ ଘଟଣାଟିକୁ ଏହି ଗଛ ନଦେଖିଛି! ସେ ଦିନ ଏଠାରେ ଭଗିନୀ ନିବେଦିତା ସାଷ୍ଟାଙ୍ଗ ପ୍ରଣିପାତ କରିଥିବେ ଏବଂ ସ୍ୱାମୀଜୀଙ୍କ ଦିବ୍ୟ ସ୍ପର୍ଶରେ କେତେ ଜନ୍ମର ଅଗ୍ରଗତିକୁ ଅତିକ୍ରମ କରିଯାଇଥିବେ । ସେ କାଳର ଘଞ୍ଚ ବନାନୀ ଘେରା ପାର୍ବତ୍ୟ କୁଟୀର ପାଖରେ ଏହି ଗଛ ଛଡା କିଏ ଆଉ ଥିବ – ଏହି ନବଜନ୍ମର ଉତ୍ସବ ଗାଥାକୁ ନୀରବେ ଦର୍ଶନ କରିବାକୁ? ମୁଁ ସେହି ଗଛଟିକୁ ଦୁଇହାତ ପ୍ରସାରି ଜାବୁଡି ଧରିଲି ଓ ମୁହଁ ଲଗେଇ ଏକାତ୍ମ ହୋଇଗଲି । ଏକ ଅବର୍ଣ୍ଣନୀୟ ମୃଦୁ ମହ୍ଲାର ମୋ ଦେହକୁ ଆହ୍ଲାଦିତ କରିଗଲା । ଢେର ସମୟ ପରେ ତଳେ ବସିଗଲି ଏବଂ ଭାବୁଥିଲି, କିଏ ସବୁଠୁ ଭାଗ୍ୟବାନ? ଏ ଦେବଦାରୁ ଗଛ, ଭଗିନୀ ନିବେଦିତା ନା ସ୍ୱୟଂ ମୁଁ ନିଜେ? ମୁଁ ଭାଗ୍ୟବାନ ଥିଲି ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ସଂଜ୍ଞା ଜୀବନର



ସୁନତା ସାହୁ

ଏକ ପ୍ରେରଣା ସିଏ,
ଖୁନ୍ଦା ଖୁନ୍ଦୀ ହୋଇ ରହିଥିବା ଖୁସିର ଗଣ୍ଠିଟିଏ,
ବରଷା ପାଣିରୁ ସୃଷ୍ଟି ହେଉଥିବା ପାଣି ଫୋଟକାଟିଏ,
ବାଆର ଆଗମନରେ ନାଚ ଉଠୁଥିବା ବୃକ୍ଷଟିଏ,
ମନର ଅତଳ ଗହରରୁ ଭସେଇ ଆଣୁଥିବା ହସଟିଏ,

ଆଉ କେତେବଳେ ସୂର୍ଯ୍ୟଙ୍କ ରୌଦ୍ର ଅବତାର ଯିଏ,
ଶୁଖେଇ ଦିଏ ଜଳର ପ୍ରତ୍ୟେକ କଣିଟିଏ,
ପେଟ ଭିତରେ ଲୁଚ ରହିଥିବା ଭୋକଟିଏ,
ଅଭାବର ବାସ୍ତବକୁ ନତି ଦୋହରାଉଥିବା କ୍ଷଣଟିଏ,
ଜୀବନ ସିଏ,

ପ୍ରତ୍ୟେକଙ୍କୁ ପ୍ରତିଟି ସମୟରେ ଶିଖାଉଥିବା ଗୁରୁଟିଏ,
ମା' ପରି ତୁମ ଜୀବନ ସୁଗମ କରିପାରୁଥିବା ପରଶଟିଏ,
ଆକାଶରେ ଉଡି ପାରୁଥିବା ପକ୍ଷୀର ଡେଣାଟିଏ,
ସର୍ବୋପରି ଏକ ଶ୍ୱାସ ଟିଏ,
ହଁ, ଜୀବନ ସିଏ।

ସୂର୍ଯ୍ୟ ନଗର, ଭୁବନେଶ୍ୱର

# ପକ୍ଷୀ ଉପଖ୍ୟାନ



ଡ. ଜ୍ଞାନେଶ୍ୱର ମିଶ୍ର

ଆମ ବାଡି ଆମ୍ବ ଗଛରେ ଥିବା
ଏକ ବକରିଆ ଚଢେଇ ବସାରେ
ଫଡ୍ ଫଡ୍ ଖିଚର ମିଚର ଶୁଣା ଯାଉନ
ପକ୍ଷୀ ଶାବକଟି ଦେଖା ଯାଉନାହିଁ
ବାପା ଚଢେଇ ହେପାଜତରେ ଉଡି ଶିଖିଲା
ଡେଣା ଟାଣ ହେଲା, ଉଡିଲା ବୁଲିଲା
ନଈ, ବିଲ, ପାଟ, ବିଶ୍ୱବିଦ୍ୟାଳୟ, କୋର୍ଟ, କଚେରୀ
ଦେଖିଲା ତାପରି ଡାକ୍ତର, ଇଂଜିନୟର ପର
ଲାଗିଥିବାଙ୍କ ଉଡାଣ ଦେଖିଲା
ସେବି ଉଡିଲା ଦରିଆ ସେପାରିଯାଏଁ
ମା ଚଢେଇ ଆଣିଥିବା ଦାନା
ଖୁଂପି ଖାଉଥିବା କଥା ଭୁଲିଗଲା
ବାପା ତିଆରି କାଠିକୁଟା ବସାର ଠିକଣା ହଜିଲା

ମା ଚଢେଇ ବାହୁନଲା
ହାଗ୍ୟକୁ ନନ୍ଦିଲା, ଭାବିଲା
ବୋଧହୁଏ ଧଳା ଚଢେଇଙ୍କ ମେଳରେ
ଏଠାକୁ ଆସିବାର ରାସ୍ତା ହୁଲିଗଲା

ଆପା ଚଢେଇ କହିଲା କାନ୍ଦନାହିଁ ଆଉ
ଆସ, ଆମ ପଇଲା ବୟସରେ ପାଚଲା
ଧାନ, ଗହମ କଆରୀରେ ଘେରେ ବୁଲିଆସିବା
ସବୁକଥା ମନୁ ଫିଙ୍ଗିଦେବା
ସେଯେଉଁଠି ବି ଥାଉ, ଆନନ୍ଦରେ ରହୁ
ଏହିକଥା ଇଶ୍ୱରଙ୍କୁ ଗୁହାରୀ କରିବା ।

କର୍ଲ ମାର୍କ୍ସ ସାରଣୀ, ଖିଦିରପୁର,କଲିକତା

# ଭୋକର ଚରିତ୍ର




ଡ. ସୌମ୍ୟ ରଞ୍ଜନ ମିଶ୍ର

ଅସିର ତାକତରେ ମୁଣ୍ଡ ଜିଣିବାରୁ
ମସୀ ଝଗଇ ତୁଣ୍ଡ ରୁଣ୍ଡେଇବା
ଶ୍ରେୟସ୍କର ବୋଲି କେହିଜନେ
ବଡଲୋକ କହିଯିବା ପରେ
ବଦଳଗଲା ଦୁନିଆ
ବକବାସ୍ ସବୁ ଠୁସି ହୋଇଗଲା
କୋମଳ ଶିଶୁ ମଗଜରେ
ଚରିତ୍ର ଗଠନ ନାଁରେ ।
କେହି ତାଙ୍କୁ କହିଲାନି
ବାବୁରେ....ମାଆରେ.....
ଅସି ହାତରେ ପିଆଦା
ଆଉ ମସୀ ଭିତର ଗୋଲାମ୍
ଭୋକ ହିଁ ଜିତେ ଆଉ ହାରେ
ଭୋକ ହାରିଗଲେ ଶରୀର ଜଡ
ଯାହାର ଯେତେ ଭୋକ
ସେ ବ୍ୟକ୍ତି ସେତେ ମହାନ୍, ସେତିକ ବଡ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା

# ଅହଲ୍ୟାଙ୍କ ଆର୍ତ୍ତନାଦ



ସ୍ୱର୍ଗୀୟ ରମାକାନ୍ତ ମିଶ୍ର

ଆଦିମ ଯୁଗରୁ ଆଜି ପର୍ଯ୍ୟନ୍ତ ନାରୀ ସବୁବେଳେ ଏକ ଉପଭୋଗର ସାମଗ୍ରୀ ହୋଇ ରହିଆସିଛି । ନାରୀକୁ ଅପହରଣ କରିବାରେ ଦୋଷ ନାହିଁ କାରଣ ନାରୀ ଏକ ରତ୍ନ । ପୁରୁଷର ଏ ମନସ୍ତତ୍ତ୍ୱରେ କୌଣସି ପରିବର୍ତ୍ତନ ହୋଇନାହିଁ ଏଯାବତ୍ । ଯୁଗ ଯୁଗ ଧରି ପୁରୁଷର ହିଂସ୍ର ଆକ୍ରମଣରେ ନାରୀ ଜର୍ଜରିତା । ତାର ଚିତ୍କାର ସମାଜରେ କ୍ଷଣକାଳ ପାଇଁ ପ୍ରଭାବ ପକାଏ । କିନ୍ତୁ ଅବଲୀଳା କ୍ରମେ ସମାଜ ତାକୁ ଭୁଲିଯାଏ । ସମାଜ ନାରୀକୁ ପୂଜା କରେ ଦୁର୍ଗା ରୂପେ । କିନ୍ତୁ ଦ୍ରୌପଦୀଙ୍କର ପ୍ରଶ୍ନର ଉତ୍ତର ଦେଇ ପାରେନା । ସେହିଭଳି ଅହଲ୍ୟା ସତୀ ଶିରୋମଣି, କିନ୍ତୁ ରାମଚନ୍ଦ୍ରଙ୍କ ଆବିର୍ଭାବ ହେବା ପର୍ଯ୍ୟନ୍ତ ଏହି ସମ୍ମାନ ପାଇଁ ଅପେକ୍ଷା କରିବାକୁ ପଡେ ଏବଂ ବିନା ଦୋଷରେ ସେ ଦଣ୍ଡିତ ହୁଅନ୍ତି । ଅତୀତରୁ ଏଯାବତ୍ କେତେ ଯେ ଅହଲ୍ୟା ଚିତ୍କାର କରିଛନ୍ତି ତାର ଇୟତ୍ତା ନାହିଁ । କିନ୍ତୁ ସମାଜରେ ତାହା କୌଣସି ସ୍ପନ୍ଦନ ସୃଷ୍ଟି କରିନାହିଁ ସ୍ଥାୟୀ ଭାବେ ।

ଅହଲ୍ୟାଙ୍କୁ କେନ୍ଦ୍ରକରି ବହୁ ଆଖ୍ୟାୟିକ ଓ କିମ୍ବଦନ୍ତୀ ଗଢି ଉଠିଛି । କବି ଓ ଭାବୁକମାନେ ଅହଲ୍ୟା ଉପଖ୍ୟାନକୁ (ଏପିସୋଡ୍) ବିଭିନ୍ନ ରଙ୍ଗ ଦେଇ ରାମଚନ୍ଦ୍ରଙ୍କ ଦେବତ୍ୱ ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ନିଜର କୌଣସି ଦୋଷ ନଥିବା ଏକ କର୍ମ ପାଇଁ ଅହଲ୍ୟା ଅଭିଶପ୍ତା ହୋଇ ପଥରରେ ରୂପାନ୍ତରିତ ହୋଇଛନ୍ତି ଏବଂ ଭଗବାନ ରାମଚନ୍ଦ୍ରଙ୍କ ପଦ ସ୍ପର୍ଶରେ ସେ ପୁନଶ୍ଚ ସଜୀବ ହୋଇ ଉଠିଛନ୍ତି ବୋଲି ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରାଯାଇଛି । ସତରେ କଣ ସେ ପଥର ହୋଇଯାଇଥିଲେ? ଜୀବନ୍ତ ମନୁଷ୍ୟ ପଥର ହେବା ଏବଂ ସେହି ପଥରର ପୁଣି ଜୀବନ୍ୟାସ ହୁଏତ କଳ୍ପନାରେ ସମ୍ଭବତଃ ତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବାସ୍ତବତା ହେଉଛି ବୋଧହୁଏ ।

ଋଷି ଗୌତମୀଙ୍କର ପତ୍ନୀ ଗୌତମୀ ବା ଅହଲ୍ୟା । କୁଳପତି ବା ମୁଖ୍ୟଋଷିଙ୍କ ପତ୍ନୀ ରୂପେ ସେ ସମସ୍ତଙ୍କର ପୂଜ୍ୟା । ଋଷିଙ୍କ ଆଶ୍ରମ ମିଥିଳା ରାଜ୍ୟର ଅରଣ୍ୟ ମଧ୍ୟରେ ଅବସ୍ଥିତ । ଆର୍ଯ୍ୟ ବିଚାରଧାରାର ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତୀକା ରୂପେ ସମଗ୍ର ଆର୍ଯ୍ୟାବର୍ତ୍ତରେ ତାଙ୍କର

ଖାତି ଓ ଯଶ ପର୍ଯ୍ୟାବ୍ୟପ୍ତ । ଶହ ଶହ ଶିକ୍ଷା ଶେଷରେ ସେମାନେ ଫେରିଯିବେ ଗୃହାସ୍ଥାଶ୍ରମକୁ । ଆଶ୍ରମ ତ୍ୟାଗ କରିବା ପୂର୍ବରୁ ଏକ ବିଶେଷ ସମାରୋହରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବ । ସେହି ବିଦାୟ ଉତ୍ସବ ଏବଂ ଦୀକ୍ଷାନ୍ତ ଉତ୍ସବ ଆସନ୍ନ । ଆଶ୍ରମର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ରାଜା ଓ ବିତ୍ତଶାଳୀ ବ୍ୟକ୍ତିମାନଙ୍କୁ ସ୍ୱାଭାବିକ ଭାବେ ନିମନ୍ତ୍ରଣ କରିବା କଥା ଏବଂ ଏ ଆଶ୍ରମ ମଧ୍ୟ ସେହି ପରମ୍ପରା ର ବ୍ୟତିକ୍ରମ ନୁହେଁ। ମିଥିଳାର ନରପତିଙ୍କ ସମେତ ଦେବତାମାନଙ୍କ ରାଜା ଇନ୍ଦ୍ର ମଧ୍ୟ ଏଠାକୁ ସମ୍ମାନିତ ଅତିଥି ରୂପେ ଆମନ୍ତ୍ରିତ । ସେ ବିମାନରେ ସ୍ୱର୍ଗପୁରରୁ ଆସିବେ । ଅନ୍ୟମାନେ ରଥରେ ଆସୁଛନ୍ତି । ସମ୍ମାନ ଓ ଶିଷ୍ଟାଚାର ଦୃଷ୍ଟିରୁ କୁଳପତି ଗୌତମଙ୍କ କୁଟୀର ନିକଟରେ ହିଁ ଇନ୍ଦ୍ରଙ୍କର ରହିବାର ବନ୍ଦୋବସ୍ତ କରାଯାଇଛି ଏବଂ ବିଭିନ୍ନ ଅତିଥିମାନଙ୍କ ଯଥାଯୋଗ୍ୟ ସ୍ଥାନରେ ରହିବାର ବ୍ୟବସ୍ଥା ହୋଇଛି । ଉତ୍ସବ ଆରମ୍ଭ ଦିନ ପ୍ରାୟ ସମସ୍ତେ ଆସି ପହଞ୍ଚିଗଲେଣି ଏବଂ ଇନ୍ଦ୍ରଙ୍କର ବିମାନ ମଧ୍ୟ ଆଶ୍ରମ ପରିସରରେ ଅବତରଣ ପ୍ରୟାସୀ । ଅଳ୍ପ ସୈନ୍ୟସାମନ୍ତ ମଧ୍ୟ ତାଙ୍କ ସହ ଆଗମନ କରିଛନ୍ତି । ଯଦିଓ ଆଶ୍ରମ ପରିସରକୁ ସୈନ୍ୟ ବା ଅସ୍ତ୍ରଶସ୍ତ୍ର ଯିବା ମନା ତଥାପି ଇନ୍ଦ୍ରଙ୍କ ପାଇଁ ଏ ସାମାନ୍ୟ ବ୍ୟତିକ୍ରମ । ସମସ୍ତେ ସହିବାକୁ ପ୍ରସ୍ତୁତ । ସମସ୍ତ ଉତକଣ୍ଠାର ପରିସମାପ୍ତି ଘଟାଇ ଇନ୍ଦ୍ରଙ୍କର ରଥ ଅବତରଣ କଲା । ଆଶ୍ରମର ପରମ୍ପରା ଓ ବିଧିବ୍ୟବସ୍ଥା ଅନୁଯାୟୀ କୁଳପତି ସସ୍ତ୍ରିକେ ଇନ୍ଦ୍ରଙ୍କୁ ଅଭ୍ୟର୍ଥନା ଜଣାଉଛନ୍ତି । ଇନ୍ଦ୍ରଙ୍କର ତୀକ୍ଷ୍ଣ ଦୃଷ୍ଟି ଆଶ୍ରମର ପୁଷ୍ପଶୋଭିତ ବନସ୍ପତି ଆଡେ ଖେଳଗଲା ପରେ କୁଳପତିଙ୍କ ସହଧର୍ମିଣୀ ପତିବ୍ରତା ଅହଲ୍ୟାଙ୍କ ଉପରେ କେନ୍ଦ୍ରୀଭୂତ । ସ୍ୱର୍ଗରେ ସେ ଏପରି ରୂପସୀ ଦେଖିନାହାନ୍ତି । ଗୋଟିଏ ସନ୍ତାନର ଜନନୀଙ୍କର ସୌନ୍ଦର୍ଯ୍ୟ ଆଭା ସତେ ଯେପରି ଇନ୍ଦ୍ରଙ୍କୁ ଆଚ୍ଛନ୍ନ କରିଦେଲା । କର୍ପୂର ଗୌରବର୍ଣ୍ଣ । ଆଶ୍ରମର ମାତା ଅହଲ୍ୟା କିନ୍ତୁ ନିର୍ବିକାର ଭାବେ ନିଜର କର୍ତ୍ତବ୍ୟ କରିଚାଲିଛନ୍ତି ।

ଦୀକ୍ଷାନ୍ତ ଉତ୍ସବର ଆଜି ଶେଷ ଦିବସ, ଆସନ୍ତା କାଲି ଆଶ୍ରମ ତ୍ୟାଗ କରିବାକୁ ପଡିବ । ଉତ୍ସବ ଅବକାଶରେ ଚାଲିଥିବା ଆଲୋଚନା, ତର୍କ ଇତ୍ୟାଦି କେଉଁଥିରେ ଇନ୍ଦ୍ରଙ୍କର ମନ ନାହିଁ । କାମ ପୀଡାରେ ସେ ବ୍ୟଥିତ । ତାଙ୍କର କୌଣସି ଇଙ୍ଗୀତର ଉତ୍ତର ଅହଲ୍ୟା ଦେଉନାହାନ୍ତି । ମନେ ମନେ ସେଥିପାଇଁ ସେ କ୍ଷୁବ୍ଧ ଏବଂ କ୍ରମେ ସେ ହିଂସ୍ର ହୋଇ ଉଠୁଛନ୍ତି ।

ଧୀକ୍ଷାନ୍ତ ଉତ୍ସବର ଶେଷ ଦିବସରେ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ଋଷି ଗୌତମ ସ୍ନାନାଦି କାର୍ଯ୍ୟ ସମାପନ କରିବା ପାଇଁ କୁଟୀର ତ୍ୟାଗ କରି ନଦୀ ତଟକୁ ଯାଇଛନ୍ତି । ସମଗ୍ର ରାତ୍ରୀ

ଉଜାଗର ରହିଥିବା ଇନ୍ଦ୍ର ଏହାକୁ ସୁବର୍ଣ୍ଣ ସୁଯୋଗ ରୂପେ ଗ୍ରହଣ କରି ନିଜ ବାସସ୍ଥଳୀରୁ ବାହାରିଛନ୍ତି ଏବଂ ଅହଲ୍ୟାଙ୍କ କୁଟୀରରେ ପ୍ରବେଶ କରିଛନ୍ତି । ତନ୍ଦ୍ରାଚ୍ଛନ୍ନ ଅହଲ୍ୟା ଅବେଳାରେ ଗୌତମ କାହିଁକି କାମଦେବଙ୍କୁ ସ୍ମରଣ କଲେ ଏ କଥା ଭାବିଲା ବେଳକୁ ଇନ୍ଦ୍ର ଅହଲ୍ୟାଙ୍କୁ କବଳିତ କରି ସାରିଛନ୍ତି । ପରପୁରୁଷର ସ୍ପର୍ଶରେ ବିଚଳିତ ଅହଲ୍ୟା ନିଜକୁ ଇନ୍ଦ୍ରଙ୍କର ପାଖରୁ ମୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ତାଙ୍କର ସେ ପ୍ରୟାସ ବ୍ୟର୍ଥ । ଜଣେ ସବଳ ଯୋଦ୍ଧାର ଆଲିଙ୍ଗନ ଫାସରୁ ନିଜକୁ ମୁକ୍ତ କରିବା ଏତେ ସହଜ ନୁହେଁ । ସାପ ଭଳି ଜଡାଇ ଧରିଛନ୍ତି ଇନ୍ଦ୍ର ଅହଲ୍ୟାଙ୍କୁ । ଇତି ମଧ୍ୟରେ ଇନ୍ଦ୍ରଙ୍କର ପୌରୁଷ ବିଦ୍ଧ କରିଛି ଅହଲ୍ୟାଙ୍କ ସତୀତ୍ୱକୁ । ସେ ଚିତ୍କାର କରିଛନ୍ତି । ସଂଘର୍ଷ ଓ ଚିତ୍କାରର ଶବ୍ଦରେ ପାଖରେ ଶୋଇଥିବା ଶିଶୁ ପୁତ୍ର ଉଠି କ୍ରନ୍ଦନରତ । କୁଳପତିଙ୍କ କୁଟୀର ଭିତରୁ ଆସୁଥିବା ଏଭଳି ଶବ୍ଦ ଶୁଣି ସେତେବେଳେ ନିତ୍ୟକର୍ମ ପାଇଁ ଉଠିଥିବା ଅନ୍ୟ ଆଶ୍ରମବାସୀ ସେଠାରେ ରୁଣ୍ଡ ହେଲେଣି । ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ କ୍ରମେ ସେଠାକୁ ଆସୁଛନ୍ତି । ସେମାନଙ୍କ ମଧ୍ୟରେ ସ୍ୱୟଂ ବିଶ୍ୱାମିତ୍ର ବି ଉପସ୍ଥିତ । କିଛି ସମୟ ପରେ ଋଷି ଗୌତମ ନିଜ ଶୌଚକର୍ମ ସାରି ଆଶ୍ରମ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏତେ ଲୋକଙ୍କୁ ନିଜ କୁଟୀର ପାଖରେ ଦେଖି ସେ ସ୍ତମ୍ଭୀଭୂତ । କୁଟୀର ଭିତରୁ ଆସୁଥିବା ଶିଶୁ ପୁତ୍ରର କ୍ରନ୍ଦନ ଶୁଣି ଓ ଅହଲ୍ୟାଙ୍କ ଚିତ୍କାରରେ ସେ ବିଚଳିତ । ଏଭଳି ଏକ ମୁହୂର୍ତ୍ତରେ ହଠାତ୍ ସେ ଦେଖୁଛନ୍ତି ତାଙ୍କ କୁଟୀର ମଧ୍ୟରୁ ଇନ୍ଦ୍ର ବାହାରି ଆସୁଛନ୍ତି । ବାହାରେ ଏତେ ଲୋକଙ୍କୁ ଦେଖି ଇନ୍ଦ୍ର ମଧ୍ୟ ଭୟଭୀତ । କିନ୍ତୁ ହଠାତ୍ ତାଙ୍କ ମୁହଁରୁ ବାହାରିଛି "ସେ ଆମନ୍ତ୍ରଣ କଲେ, କିନ୍ତୁ ପିଲା ଉଠିପଡିବାରୁ ଚିତ୍କାର କରୁଛନ୍ତି ।"

ବାସ୍, ଏଇ ଗୋଟିଏ ପଦ କହିଦେଇ ସେ ତରତର ହୋଇ ନିଜ ବିମାନ ଚଢି ସେ ସ୍ଥାନ ତ୍ୟାଗ କରିଛନ୍ତି । ଆଗରୁ ସତର୍କ ଥିବା ତାଙ୍କ କ୍ଷୁଦ୍ର ସେନାବାହିନୀ ମଧ୍ୟ ତାଙ୍କୁ ଅନୁସରଣ କରିଛନ୍ତି ।

ପରେପରେ ଆଶ୍ରମବାସୀ ଓ ଉପସ୍ଥିତ ଲୋକଙ୍କ ମଧ୍ୟରେ ଗୁଞ୍ଜରଣ ଆରମ୍ଭ ହୋଇଯାଇଛି । ଅହଲ୍ୟା ବର୍ତ୍ତମାନ ପତିତା । ଆଶ୍ରମର ପବିତ୍ରତା ନଷ୍ଟ ହୋଇଗଲା । ଗୌତମ ଅହଲ୍ୟାଙ୍କ ସହ ରହିଲେ ସେ କୁଳପତି ପଦରୁ ଯିବେ । ସହଧର୍ମିଣୀକୁ ଛାଡିଲେ କୁଳପତି ପଦରେ ରହିବେ । ତଥାପି ଅନ୍ୟତ୍ର ଆଶ୍ରମ ଖୋଜିବାକୁ ପଡିବ । କାରଣ ଏ ସ୍ଥାନ ଅପବିତ୍ର ହୋଇଯାଇଛି ।

ସମାଜରେ ସବୁବେଳେ ଧନୀମାନୀ ବ୍ୟକ୍ତିମାନଙ୍କର ଅନ୍ୟାୟ ଓ ଅତ୍ୟାଗ୍ଚରକୁ ସମସ୍ତେ ଆଖିବୁଜି ସହିଯାଇଛନ୍ତି ।

ଏବେ ବି ଇନ୍ଦ୍ର ପଦରେ ଥିବା ବହୁବ୍ୟକ୍ତି (ପ୍ରଭାବଶାଳୀ ବ୍ୟକ୍ତିମାନେ) ବଳାତ୍କାର କରୁଛନ୍ତି । ସେତେବେଳେ ମଧ୍ୟ କରୁଥିଲେ । କିନ୍ତୁ ବିଚରା ନାରୀର ସପକ୍ଷରେ କେହି କିଛି କହନ୍ତି ନାହିଁ । ଅହଲ୍ୟାଙ୍କଠାରୁ ଆରମ୍ଭ କରି ଏବର ଅଞ୍ଜନା ପର୍ଯ୍ୟନ୍ତ ସମସ୍ତଙ୍କର ସେଇ ଗୋଟିଏ ପ୍ରଶ୍ନ ଆମ୍ଭର ଦୋଷ କଣ? ସୁନ୍ଦରୀ ହେବା କଣ ଅଭିଶାପ? ବଙ୍ଗଳା ଦେଶର ସ୍ୱାଧୀନତା ସଂଗ୍ରାମ ବେଳେ ହଜାର ହଜାର ବଙ୍ଗୀୟ ଯୁବତୀଙ୍କୁ ଛାତ୍ରୀ ନୀବାସରୁ ଟାଣି ଆଣି ପାକସ୍ତାନୀ ସୈନ୍ୟମାନେ ଉପଭୋଗ କଲେ । ସେ ଦେଶ ସ୍ୱାଧୀନ ହେବା ପରେ ଧର୍ଷିତା ଯୁବତୀମାନଙ୍କୁ ଜାତୀୟ ମାତା ରୂପେ ଘୋଷଣା କରିଦେଇ ସେ ଦେଶର ସରକାର ନିଜର କର୍ତ୍ତବ୍ୟ ଶେଷ କରିଦେଲା । କିନ୍ତୁ ସେମାନଙ୍କ ମଧ୍ୟରୁ ଯେଉଁମାନେ ଗର୍ଭବତୀ ହୋଇଥିଲେ ସେମାନଙ୍କଠାରୁ ଯେଉଁ ନିର୍ଦ୍ଦୋଷ ସନ୍ତାନମାନେ ଜନ୍ମ ନେଲେ ସେମାନଙ୍କ ଅବସ୍ଥା ହେଲା କଣ?

ବର୍ତ୍ତମାନ ଭାରତରେ ଜଣେ ମହିଳାଙ୍କୁ ପ୍ରମାଣ କରିବାକୁ ପଡିବ କୋର୍ଟରେ । ସେ ଧର୍ଷିତା ହୋଇଛନ୍ତି ବୋଲି ଓକିଲ ତାଙ୍କୁ ଜେରା କରିବ ମୁକ୍ତ ଅଦାଲତରେ । ବିଚିତ୍ର ବ୍ୟବସ୍ଥା । ସାମାନ୍ୟ ତ୍ରୁଟିରେ ଧର୍ଷକ ଖସିଯିବ ଆଇନ୍ ର ଲମ୍ବା ହାତରୁ କିନ୍ତୁ ଧର୍ଷିତା ରହିଯିବ ସମାଜର ଏକ ଘୃଣ୍ୟ କୀଟ ରୂପେ । ଯାହାକୁ କେହି ସହଜରେ ବାହା ହେବେ ନାହିଁ କି ସମାଜରେ ସେ ମୁଣ୍ଡ ଟେକି ଚାଲି ପାରିବ ନାହିଁ । ସହରମାନଙ୍କରେ ଟିକିଏ ରକ୍ଷା । ଗ୍ରାମାଞ୍ଚଳରେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦାରୁଣ । କେତେକ ଦେଶରେ ପରିବାରର ସମ୍ମାନ ପାଇଁ ସେମାନଙ୍କୁ ହତ୍ୟା କରାଯିବ ପ୍ରକାଶ୍ୟ ଭାବରେ ।

ଗୌତମ ନିରୁପାୟ । ସେ ବିଦ୍ୟାର୍ଥୀମାନଙ୍କୁ ଶସ୍ତ୍ରବିଦ୍ୟା ଶିକ୍ଷା ଦେଉଥିଲେ ମଧ୍ୟ ନିଜ ଶରୀରକୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରିନାହାନ୍ତି । ତାଙ୍କ ଶରୀର ଶାସ୍ତ୍ରାଧ୍ୟୟନ ପାଇଁ ଉଦ୍ଦିଷ୍ଟ । ତେଣୁ ସେ ନିଜେ ଇନ୍ଦ୍ରଙ୍କ ସହ ଯୁଦ୍ଧ କରି ଜିତି ପାରିବେ ନାହିଁ । ସେ ଯଦି ଅଭିଶାପ ଦିଅନ୍ତି ସେ ଅଭିଶାପକୁ କିଏ ବା କାର୍ଯ୍ୟକାରୀ କରିବ ଏଭଳି ପରିସ୍ଥିତିରେ?

ଏଣେ କୁଟୀର ବାହାରେ ସମସ୍ତେ ବ୍ୟସ୍ତ, ଅହଲ୍ୟାଙ୍କ ସତୀତ୍ୱ ସମ୍ପର୍କରେ ଆଲୋଚନା କରିବାରେ । ଆଲୋଚନାର ନିଷ୍କର୍ଷ ହେଲା ଅହଲ୍ୟା ନିଜ ଦୋଷ ପାଇଁ ପତିତା ଘୋଷିତ ହେଲେ ଏବଂ ସମାଜ ତାଙ୍କୁ ବାଛନ୍ଦ କଲା । ଅର୍ଥାତ ସେ ଯେଉଁଆଡେ ଗଲେ ମଧ୍ୟ ସେ

କାହାଠାରୁ କିଛି ସହାନୁଭୂତି ବା ସାହାଯ୍ୟ ପାଇବେ ନାହିଁ। ଗୌତମ ଯଦି ଜଣେ ପତିତା ନାରୀ ସହ ରହିବେ, ସେ କୁଳପତି ପଦରୁ ଯିବେ ଏବଂ ତାଙ୍କ ଆଶ୍ରମରେ କେହି ବିଦ୍ୟାର୍ଥୀ ଅଧ୍ୟୟନ କରିବେ ନାହିଁ? କିନ୍ତୁ ସମାଜ ଦୃଷ୍ଟିରେ ପତିତା, ଅହଲ୍ୟା, ସ୍ୱାମୀଙ୍କୁ ପରାମର୍ଶ ଦେଇଛନ୍ତି ସମାଜର ନିଷ୍ପତ୍ତିକୁ ଗ୍ରହଣ କରିନେବା ପାଇଁ। ତାଙ୍କୁ ତ୍ୟାଗ କରି ତାଙ୍କ ଶିଶୁ ପୁତ୍ରକୁ ନେଇ ଅନ୍ୟତ୍ର ଆଶ୍ରମ କରିବାକୁ। ନିଜ ସ୍ୱାମୀ ଓ ପୁତ୍ରର ମଙ୍ଗଳ ପାଇଁ ସେ ନିଜକୁ ଅନିଶ୍ଚିତ ଭବିଷ୍ୟତ ନିକଟରେ ଅର୍ପଣ କରିଦେଇଛନ୍ତି।

ପରେ ଗୌତମ ସପୁତ୍ର ଓ ସଶିଷ୍ୟ ଆଶ୍ରମ ତ୍ୟାଗ କରିଛନ୍ତି ଏବଂ ଅହଲ୍ୟା ରହି ଯାଇଛନ୍ତି ଏକୁଟିଆ ଆଶ୍ରମ ଭିତରେ। ଆଶ୍ରମରେ ନାହିଁ ଆଉ ବେଦ ମନ୍ତ୍ରର ଉଚ୍ଚାରଣ ବା ଯଜ୍ଞକୁଣ୍ଡରୁ ଧୂଆଁ। ବାହାରୁ ସେଠାକୁ ସମସ୍ତଙ୍କୁ ଯିବା ପାଇଁ ମନା। କେବଳ ଅହଲ୍ୟା ନିଜର ଗୋଟିଏ ଦୁଇଟି ଗାଈ ସହିତ ପଥର ପରି ପଡି ରହିଛନ୍ତି। କାରଣ ସେ ନିଜେ କୁଆଡେ ଯାଇପାରିବେ ନାହିଁ ଆଉ ଗଲେ ସମସ୍ତେ କବାଟ ବନ୍ଦ କରିଦେବେ। ଭିକ ବି ଦେବେ ନାହିଁ। ଏହିପରି ଦୀର୍ଘକାଳ ଅତିକ୍ରାନ୍ତ। ଅହଲ୍ୟା ଜୀବନର ଅପରାହ୍ନରେ ଉପନୀତ।

ଋଷି ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ଆଣିଛନ୍ତି ଅଯୋଧ୍ୟାରୁ ନିଜ ଆଶ୍ରମକୁ ରକ୍ଷା କରିବା ପାଇଁ ଅସୁରମାନଙ୍କ ଦାଉରୁ। ଏଥିରେ ସଫଳ ହେବା ପରେ ସେ ରାମ ଲକ୍ଷ୍ମଣଙ୍କୁ ନେଇ ଚାଲିଛନ୍ତି ବିଦେହପୁରୀକୁ ସୀତା ସ୍ୱୟମ୍ବରରେ ଯୋଗ ଦେବାପାଇଁ। ଅହଲ୍ୟାଙ୍କ କୁଟୀର ନିକଟରେ ପହଞ୍ଚିବା ପୂର୍ବରୁ ବିଶ୍ୱାମିତ୍ର ଦୁଇ ଭାଇଙ୍କୁ ଇନ୍ଦ୍ରଙ୍କର ଏ ବୃତ୍ତା ଶୁଣାଇଛନ୍ତି। ଯୁବରାଜ ରାମ ମନେ ମନେ କ୍ଷୁବ୍ଧ ହୋଇଛନ୍ତି ଇନ୍ଦ୍ରଙ୍କ ଉପରେ। କିନ୍ତୁ ଲକ୍ଷ୍ମଣ ପ୍ରଶ୍ନ କରିଛନ୍ତି ଋଷି ବିଶ୍ୱାମିତ୍ରଙ୍କୁ, ହେ ଆଚାର୍ଯ୍ୟ ! ଆପଣ ତ ଉପସ୍ଥିତ ଥିଲେ, ଆପଣ କାହିଁକି ପ୍ରତିବାଦ କଲେନାହିଁ? ଋଷି ବିଶ୍ୱାମିତ୍ର ବିଚଳିତ ଉତ୍ତରରେ କହିଲେ, ବତ୍ସ, ମୁଁ କ୍ଷତ୍ରିୟ, ବ୍ରହ୍ମର୍ଷି ହେବା ପାଇଁ ଚେଷ୍ଟିତ ଥିଲି। ସେହି ସମାଜରେ ବ୍ରାହ୍ମଣମାନଙ୍କ ସାମୂହିକ ନିଷ୍ପତ୍ତି ବିରୁଦ୍ଧରେ ଯିବା ପାଇଁ ମୋର ସାହସ ହେଲାନାହିଁ।

ଠିକ୍ ଏହିଭଳି ମହାଭାରତ ଯୁଦ୍ଧରେ ଦ୍ରୌପଦୀଙ୍କୁ କୁରୁସଭାରେ ବିବସନା କଲାବେଳେ ମଧ୍ୟ ପିତାମହ ଭୀଷ୍ମଙ୍କର ପ୍ରତିବାଦ କରିବାକୁ ସାହସ ହୋଇନଥିଲା। ଆଧୁନିକ ଯୁଗରେ ମଧ୍ୟ କୃଷକ କନ୍ୟା ଜୋଆନ୍ ଅଫ ଆର୍କ ଯିଏ ଫ୍ରାନ୍ସକୁ ଦେଇଥିଲା ସ୍ୱାଧୀନତା, ତାଙ୍କୁ ଶତ୍ରୁ ହାତରେ ଟେକିଦେବାକୁ ଟିକେମାତ୍ର କୁଣ୍ଠାବୋଧ କରିନଥିଲା ସେ ଦେଶ। ଏ ସମାଜ ତାଙ୍କୁ ପ୍ରାଣଦଣ୍ଡ ଦେଲାବେଳେ ମଧ୍ୟ କିଏ ପ୍ରତିବାଦ କରିନଥିଲା। ମୃତ୍ୟୁର ଦୀର୍ଘଦିନ ପରେ ଅବଶ୍ୟ ତାଙ୍କୁ ସନ୍ଥ ରୂପେ ଘୋଷଣା କରାଗଲା ନିଜର ସ୍ୱାର୍ଥ ପାଇଁ।

ରାମ ଜିଜ୍ଞାସା କଲେ ମାତା ଅହଲ୍ୟାଙ୍କ ଆଶ୍ରମ ଆଉ କେତେ ଦୂର**?** ଏଇ ନିକଟରେ । ଆଉ କିଛି ପଥ ଅତିକ୍ରମ କରିବା ପରେ ସେମାନେ ଆଶ୍ରମ ସମ୍ମୁଖରେ ପହଞ୍ଚିଲେ । ଯତ୍ନ ଅଭାବରୁ ଆଶ୍ରମ ଜୀର୍ଣ୍ଣଶୀର୍ଣ୍ଣ । ବୃକ୍ଷଲତା ଗୁଳ୍ମରେ ଆଚ୍ଛାଦିତ । ସେହି ସ୍ଥାନ ଯେ ଦିନେ ସୁନ୍ଦର ତପୋବନ ଥିଲା ତାହା ଅବଶ୍ୟ ସହଜରେ ବାରି ହେଉଛି ।

ଆଶ୍ରମର ମୁଖ୍ୟ ଦ୍ୱାର ଫିଟାଇ ସେ ତିନିଜଣ ଭିତରେ ପ୍ରବେଶ କଲେ । ନିଜ ଶରୀର ଓ କେଶର ରଙ୍ଗ ଏକାକାର ହୋଇଯାଇଥିବା ସେହି ଅହଲ୍ୟା, ଆଶ୍ରମର ଗୋଟିଏ କଣରେ ଜାକିଜୁକି ହୋଇ ବସିଥାନ୍ତି "ପଥର" ଭଳି । ଦୀର୍ଘ କେତେ ବର୍ଷ ପରେ ତାଙ୍କ ଆଶ୍ରମ ଭିତରକୁ ସୁନ୍ଦର ରାଜପୁତ୍ର ଦ୍ୱୟ ଋଷି ବିଶ୍ୱାମିତ୍ରଙ୍କ ସହ ଆସୁଛନ୍ତି । ଏହା ଦେଖି ତାଙ୍କୁ ସ୍ୱପ୍ନ ଭଳି ଲାଗୁଛି । ରାଜପୁତ୍ର ଦ୍ୱୟ ଅହଲ୍ୟାଙ୍କ ଚରଣ ବନ୍ଦନା କଲେ । ବିଶ୍ୱାମିତ୍ର ପରିଚୟ କରାଇଦେଲେ ଅଯୋଧ୍ୟାର ରାଜପୁତ୍ରଦ୍ୱୟଙ୍କୁ ।

ରାମଚନ୍ଦ୍ରଙ୍କ ମାତା ସମ୍ବୋଧନରେ ଅହଲ୍ୟାଙ୍କ ଆବେଶ କଟିଗଲା । ସେ ଠିଆହେଲେ । ନୟନଯୁଗଳରୁ ଅଶ୍ରୁର ଧାରା ବହିବାକୁ ଲାଗିଲା । କୋଳାଗ୍ରତ କଲେ ନିଜର ପୁତ୍ରପ୍ରତିମ ରାମ ଓ ଲକ୍ଷ୍ମଣଙ୍କୁ । ସମ୍ମାନ ଜଣାଇଲେ ଋଷି ବିଶ୍ୱାମିତ୍ରଙ୍କୁ ।

ଅହଲ୍ୟାଙ୍କ ଆଶ୍ରମରେ ଅଯୋଧ୍ୟା ଯୁବରାଜଙ୍କ ଉପସ୍ଥିତି, ପୂର୍ବରୁ ଜାରି ହୋଇଥିବା ସମସ୍ତ ସାମାଜିକ ବାଧା ବନ୍ଧନକୁ ସ୍ୱତଃ ଭାଙ୍ଗିଦେଲା । ଅହଲ୍ୟା ବର୍ତ୍ତମାନ ସେ ବନ୍ଧନରୁ ମୁକ୍ତ । ଆଉ ତାଙ୍କୁ "ପଥର" ଭଳି ଆଶ୍ରମ ଭିତରେ ପଡି ରହିବାକୁ ପଡିବ ନାହିଁ । ନିଜ ସ୍ୱାମୀ ଓ ପୁତ୍ରଙ୍କ ପାଖକୁ ସେ ଯାଇପାରିବେ ଏବଂ ପୁନର୍ବାର ସେ ହେବେ ସମାଜର ବନ୍ଦନୀୟ । ରାମଙ୍କ କର୍ତ୍ତବ୍ୟବୋଧ ସ୍ଥାଣୁ ଅହଲ୍ୟାଙ୍କୁ ସକ୍ରିୟ କରିଥିଲା । ସମାଜର ତଥାକଥିତ ବଡପଣ୍ଡାମାନେ ଦେଇଥିବା ଦଣ୍ଡାଦେଶକୁ ଅକାମୀ ଭାଷାରେ ଯିଏ "ରେପ୍ ଭିକ୍ଟିମ୍" ତାଙ୍କୁ ଦଣ୍ଡ ଦିଆଯିବା ଏକ ମସ୍ତବଡ ଭୁଲ । ଏହି ଭୁଲ କୁ ସୁଧାରିବା ପାଇଁ ସଂସ୍କାରଧର୍ମୀ ରାମଚନ୍ଦ୍ର ପହଞ୍ଚିଥିଲେ ଅହଲ୍ୟାଙ୍କ ପାଖରେ । ଏହିଭଳି ବହୁ ସଂସ୍କାରମୂଳକ କାର୍ଯ୍ୟ ହିଁ ଯୁବରାଜ ରାମଚନ୍ଦ୍ରଙ୍କୁ ପରବର୍ତ୍ତୀ ଅବସ୍ଥାରେ ମର୍ଯ୍ୟାଦା ପୁରୁଷୋତ୍ତମରେ ରୂପାନ୍ତରିତ କରିଥିଲେ ।

ଖାନନଗର, କଟକ

# ସର୍ବ ଶକ୍ତିମାନ



ପୂର୍ଣ୍ଣଚନ୍ଦ୍ର ରଣା

ହେ ଅନ୍ତରର ସଖା
ଚଉ୍ଦେ ତୁମେ ସଦା ଉଭା
ତୁମେ ଅନନ୍ତ ଅନ୍ତରୀକ୍ଷ
ତୁମେ ତୃଷ୍ଣାର ଅମୃତ କକ୍ଷ
ପ୍ରେମର ପରିଭାଷା ତୁମେ
ପୁଣି ସେନେହର ସର୍ଜନା
ପ୍ରତି ମୁଖେ ସାଜିଛ ମିଷ୍ଟ ଭାଷା
ସର୍ବ ଚଉ୍ଦେ ତୁମେ ଏକମାତ୍ର ଆଶା
ଯେଉଁ ଆଶା ହୁଏନାହିଁ କେବେ ତ ନୈରାଶ,
ମନର ମାନସିକ ତୁମେ
ପୁଣି ବିଧିର ବିଧାନ
ତୁମେ ଯେ କୃପାନିଧି
ସର୍ବ ଶକ୍ତିମାନ
ସୁଖିର ସୁଖ ତୁମେ
ଦୁଃଖି ଆଖି ଲୁହ
ଗରିବ ଥାଳରେ ସାଜ
ଭୋକ ମିଟା ଅନ୍ନ
କାହାକୁ କର ଧନୀ କାହାକୁ ଗରିବ
ନାହିଁ ଯେ ତୁଳନା

ଏ ଜୀବନେ ସାଜିଛ ତୁମେ ଯେ କଳ୍ପନା,
ତୁମେ ତ ମୋହ ମାୟା
ଅପାର ସାଗର
ତୁମ ମାୟାକୁ ଯେ ବୁଝିବା ଅସମ୍ଭବ
ପ୍ରଥମ ନିଶ୍ୱାସ ତମେ
ଏହି ବିଗ୍ରହରେ
ଚଳାଚଳ କର ତୁମେ
ଶରୀର ମଧ୍ୟରେ
ଯେବେ ଶରୀରରୁ ହେଇଯାଅ ଦୂର
ଏ ଶରୀର ରହିଯାଏ ପୃଥିବୀ ବକ୍ଷରେ
ଆତ୍ମା ଛାଡି ଚ୍ଛଲିଯାଏ ତୁମରି ସାଥିରେ ।

ହାଟସିଂହାପୁର, ଯାଜପୁର

# ପ୍ରିୟବିନା ଶ୍ରାବଣ



ସଂଯୁକ୍ତା ମହାପାତ୍ର

ଶ୍ରାବଣର ଏଇ ବରଷା ଋତିରେ
ତୁମ କଥା ମନେପଡେ
ଶେଜଧାରେ ଏକୁଟିଆ
ବିରହି ମୁ ଜାଗେ ।
ତୁମ ବିନା ଦିନ
ଲାଗ ବରଷ ସମାନ,
ଏକା ଏକା ଋତି
ସତେ ଯୁଗଟିଏ ପରି
ଏକୁଟିଆ ଡର ଡର ଲାଗେ ।
ସାଥୀ ତୁମେ କେତେ ଦୂରେ
ତୁମ ବିନା ଦୂନଆଟା ଲାଗେ ଖାଲି ଖାଲି,
ଥରଟିଏ ଦେଖିବାକୁ ମନେ ଆଶା ଯାଗେ ।

ବରଷାର ବୁନ୍ଦା ଝିରିଝିରି ଝରିଯାଏ
ମନ ମୋର ବାହୁନ ବାହୁନ କାନ୍ଦେ
ବିଜୁଳର ଚମକରେ,
ଘଡ ଘଡି ଶବଦରେ,
ପ୍ରାଣ ମୋ ବ୍ୟାକୁଳ ହୁଏ
ହୃଦୟର ସ୍ପନ୍ଦନ ମୋର
ସତେବା ଅଟକ ଯାଏ ।

ଥରି ଉଠେ ଦେହ,
ଥରି ଉଠେ ମନ ମୋର,
ଶ୍ରାବଣର ଶିତଳ ପବନ
ଥରି ଯାଏ ପ୍ରତି ଲୋମ ମୂଳ
ମନ ଖାଲି ଖୋଜୁଥାଏ
ତୁମ ଉଷ୍ମ ବାହୁର ବନ୍ଧନ ।

ତୁମକୁ ଝୁରୁଛି ଶ୍ରାବଣ
ଆଉ ମୋର ତୃଷାତୁର ମନ,
ଆସି ଯାଅ ପ୍ରିୟତମ
ତୁମକୁ ଝୁରୁଛି ଏଠି
ତୁମ ପଥ ଗୃହିଁ ରହିଛି ମୁଁ,
ତୁମ ବିନା ସରେନା ମୋ ଋତି,
ତୁମ ବିନା ସରେନା ମୋ ଦିନ ।

ମାର୍ଫତ - ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

# ଦାୟ ମୁକ୍ତି



କାଳକଙ୍କର ଦାସ

ରାଜ ସିଂହାସନରେ ଚଢ଼ିବାର ବେଳେ
ବେଦଧ୍ୱନି ଆଉ ପୁଣି ମନ୍ତ୍ର ଉଚ୍ଚାରଣ
ସପ୍ତନଦୀର ପୁଣ୍ୟ ଜଳ
ପବିତ୍ରଧାମର ମାଟି

ସେମାନଙ୍କ ପ୍ରସାଦରେ
କପାଳରେ ତିଳକ ଓ ମସ୍ତକେ ମୁକୁଟ
ସେମାନଙ୍କ ବଳ
ହାତ ଯୋଡ଼ି କୃତଜ୍ଞତା ସବୁ ଋଣ ଶୁଝିଦେବି ଏ ମହିମଣ୍ଡଳେ

ସେମାନେ ଖୁସିହେଲେ
ବିନମ୍ର ଭାବରେ
ଯୋଡ଼ିଦେଲେ କର କଲେ ନମସ୍କାର  କହିଲେ ଉତ୍ତର ଶୁଣ ତୁମେ
ଏଥର ଯେ ହେଲ ଅଧୀଶ୍ୱର
ଭୁଲିଯାଅ ଦେୟ ନାହିଁ କିଛି ଦାୟ ନାହିଁ ବୋଲି
ଝାଡ଼ିଦିଅ ଆପଣାର ପର ।

ଭୋକରେ, ଅପପୃଷ୍ଟିରେ
ଅଭାବରେ ଦୁଖୀ ସ୍ୱଭାବରେ
ଛଟପଟ କପୋତ କପୋତି ପରି
ପ୍ରାଣ ଯାଏ ଉଡ଼ି
ଅବ୍ୟବସ୍ଥା ଅବହେଳା ଆନଦୃଷ୍ଟି ସମୟର ତୀରେ

ବାଟରେ ଘାଟରେ
ଗ୍ରଜଗ୍ରସ୍ତା ରେଳ ଷ୍ଟେସନରେ

କାନ୍ଦୁଥାଉ ଅସହାୟ ଶିଶୁଟିଏ
ଅବୁଝା ସେ ମରିଅଛି ମାଆ ତାର ଭୋକ ଶୋଷ କ୍ଳାନ୍ତିର ପ୍ରହାରେ

ଏମିତି ତ କେତେ କଥା
କେତେପୁଣି କାନ୍ଦଣା ଲହରୀ ଗୀତ
ବୋହୁଅଛି ସମୟ ତା' ଆପଣା ପିଠିରେ

ତୁମେ କନ୍ତୁ ଦେୟମୁକ୍ତ ଦାୟମୁକ୍ତ
ବସିଥାଅ ଆନନ୍ଦରେ
ସେମାନେ ବସାଇଥିବା ସିଂହାସନଟିରେ ।

ସେମାନଙ୍କ ଦଶା ଆଜି
ଦିଶାହୀନ କେଉଁ ଏକ କାଳ ବୈଶାଖୀର ସମ
ଉଜୁଡି ଗ୍ଭଲିଛି ନିତି
ଚନ୍ଦ୍ରଗୁପ୍ତ ପାଞ୍ଜି କେତେକାଳୁ
ପୂରଣ ହେଉନି
ଏଣୁ କେହି କାହିଁକି ଜାଣିବେ ଅବା ପାପ କଣ ପରିତାପ କଣ
ମଣିଷ ତ ଗରିବ ଜନମ କାଳୁ
ଘୁରି ବୁଲେ ଶୁନ୍ୟ ଗ୍ଭଙ୍ଗୁଡ଼ିରେ

ସେମାନେ ମରନ୍ତୁ
ଭୟ ନାହିଁ
ଦେୟ ନାହିଁ ଦାୟ ନାହିଁ ।

ସୌଭଗିନୀ, ରଟିଲ, ରେଞ୍ଜ, ପୁରୀ

# ଜହ୍ନି ଫୁଲ



ସୀତାରାମ ଦାଶ

ବ୍ୟାଗରୁ ପରିବା କାଢି ଫ୍ରିଜରେ ରଖୁ ରଖୁ ସୋନାଲି ବିରକ୍ତ ହୋଇ ମନେ ମନେ କହିଲେ, "କଣ ଏ ଜହ୍ନି ଗୁଡାକ ୟାଙ୍କୁ ଭଲ ଲାଗୁଛି କେଜାଣି? ଯେତେବେଳେ ଦେଖ ଜହ୍ନି ପୁଳେ ଧରି ଆସିଥିବେ। ଜହ୍ନି ଗୋଟେ କ ପରିବା?"

ସୋନାଲି ଛ ମାସର ବୋହୂ। ସ୍ୱାମୀ ଅରୁଣ ବାବୁ ଜଣେ ସରକାରୀ ବ୍ୟାଙ୍କରେ ମ୍ୟାନେଜର। ଘର ଗାଡି ଟଙ୍କା ପଇସା କେଉଁଥିରେ ଅଭାବ ନାହିଁ। ତା ସହିତ ଅରୁଣ ବାବୁ ଜଣେ ଭଲ ମଣିଷ। ଟଙ୍କା ପଇସା ଦିଆ ନଆରେ ହାତ ଖୋଲା ଖର୍ଚ୍ଚ କରନ୍ତି ସେ। ପନପରିବା ପ୍ରତି ତାଙ୍କର ଖୁବ ଆଗ୍ରହ। ତା ଭିତରେ ଜହ୍ନି ତାଙ୍କର ଅତି ପ୍ରିୟ। ପ୍ରାୟ ସବୁବେଳେ ସେ ଜହ୍ନି ଆଣନ୍ତି ଘରକୁ। ଜହ୍ନିରେ ଅନେକ ପ୍ରକାର ରୋଷେଇ ତାଙ୍କୁ ଜଣା। ସୋନାଲିକୁ ସେ ଜହ୍ନିରେ ବିଭିନ୍ନ ପ୍ରକାର ରୋଷେଇ ଆଗ୍ରହ କରି ଶିଖାନ୍ତି। ଜହ୍ନି ଆଳୁ ପୋସ୍ତ, ଜହ୍ନି ବୁଟ ତରକାରୀ, ଜହ୍ନି ରାଇ, ଜହ୍ନି ପୋଡା, ଜହ୍ନି ଭଜା ଏମିତି ଅନେକ ପ୍ରକାର ଶୈଳୀରେ ରାନ୍ଧିବା ପାଇଁ କୁହନ୍ତି ଏବଂ କେବେ କେମିତି ନଜେ ରାନ୍ଧନ୍ତି ମଧ। ହେଲେ ଗୋଟେ ପରିବା ଜଣେ କେତେ ଖାଇବ? ସୋନାଲି ମୁହଁ ଖୋଲି ନ କହିଲେ ବି ବିରକ୍ତ ହୁଅନ୍ତି। ମନେ ମନେ ଚନ୍ତା କରନ୍ତି ଏ ପରିବା ଦୁନଆରୁ ଲୋପ ପାଇଯାଆନ୍ତା ନ, ସବୁଦିନ ପାଇଁ।

ସୋନାଲି ଆଜି ଅରୁଣ ବାବୁଙ୍କ ସହ ନଜ ଘରକୁ ଯାଉଛନ୍ତି। ବାଟରେ କଛି ମିଠା କଣୁ ଥିବା ବେଳେ ଅରୁଣ ବାବୁ ଦେଖିଲେ, ରାସ୍ତା କଡରେ ପିଲାଟିଏ ପେଣ୍ଡି ଜହ୍ନି କଛି ଧରି ବସିଛି ବିକ୍ରି କରିବା ପାଇଁ। ବୟସ ପ୍ରାୟ ତେର ଚଉଦ ବର୍ଷ ହେବ। ତାର ପୋଷାକରୁ ତାର ଅଭାବ ଅଭାବ ସ୍ପଷ୍ଟ ବାରି ହୋଇ ପଡୁଥାଏ। ଖରାରେ ଗୋରା ମୁହଁଟି ମଉଳା ଫୁଲ ଭଳ ଝାଉଁଳ ଯାଇଥାଏ। ବୋଧେ ଆଜି ତାର ଜହ୍ନି ଆଦୌ ବିକ୍ରି ହୋଇନ। ସେ ବଡ଼ ଉଦାସ ମନରେ ବସି ଗ୍ରାହକଙ୍କୁ ଅପେକ୍ଷା କରିଥାଏ। ସବୁ ଜିନଷ କଣି ସାରି ଅରୁଣ ବାବୁ

ସେ ପିଲାଟି ପାଖକୁ ଯାଇ ପଚାରିଲେ, "ପୁଅ, ଜହ୍ନି କଣ ଦାମ ଅଛି?" ପିଲାଟି ଉତ୍ତର ଦେଲା, "କେଜି ପନ୍ଦର ଟଙ୍କା ବାବୁ"।

ଏ ଦୃଶ୍ୟ ଦେଖି ସୋନାଲି ନିଜକୁ ଆଉ ରୋକି ପାରିଲେନି। ବିବାହ ର ଛ ମାସ ପରେ ପ୍ରଥମ ଥର ପାଇଁ ସ୍ୱାମୀଙ୍କୁ ପ୍ରତିବାଦ କରି କହିଲେ, "ଜହ୍ନି ଗୁଡାକ କଣ ଶଶୁର ଘର ନେଇକି ଯିବ? ମତେ ଲାଜ ଲାଗିବ। ସେମାନେ କଣ ଭାବିବେ?" ଅରୁଣ ବାବୁ ଶାନ୍ତ ଚିତ୍ତ ରେ ଉତ୍ତର ଦେଲେ, "କାର ଡିକିରେ ରଖି ଦେବ। ଆମ ଘରକୁ ନେଇ ଯିବା।"

ଦୁଇ କିଲୋ ଜହ୍ନି କିଣି ପିଲାଟିକୁ ପଚାଶ ଟଙ୍କା ଦେବାରୁ ସେ ଖୁଚୁରା ଦେବା ପାଇଁ ଅନୁରୋଧ କଲା। ଆଉ କେବେ ଫେରାଇ ଦେବୁ କହିବାରୁ ହଁ ନା ହୋଇ ପିଲାଟି ପଇସା ରଖିଲା। ଅରୁଣ ବାବୁ ଗାଡି ଭିତରକୁ ଆସିଲେ। ପିଲାଟିର ମୁହଁରେ ହସର ଲହରୀ ଖେଳିଗଲା।

ଏ ସାମାନ୍ୟ କଥା, ସୋନାଲି କୁ କାହିଁକି ଏତେ କଷ୍ଟ ଦେଲା କେଜାଣି? ସେ ରାଗରେ ମୁହଁ ଛିଞ୍ଚାଡି ପଛ ସିଟରେ ଆସି ବସିଲେ। ଆଖିରେ ଧାର ଧାର ଲୁହ। ଅରୁଣ ବାବୁ ସୋନାଲି ଉଦ୍ଦେଶ୍ୟରେ କହିଲେ, "ପାଗଳି, ଏ ଛୋଟ କଥାରେ ଏତେ କାନ୍ଦ। ଆସ, ଆଜି ମୋ ଜୀବନର ଏକ ବିରାଟ ଇତିହାସ କହିବି। ଯାହା ହେଉଛି ମୋ ଜୀବନର ଅଭୁଲା ଅତୀତ...।"

ଅରୁଣ ବାବୁ, ସୋନାଲିକୁ ଆଗ ସିଟରେ ବସାଇ ନିଜ ଆଡକୁ କୋଳେଇ ଆଣିଲେ। ନିଜ ପକେଟରୁ ରୁମାଲଟି ବଢ଼େଇ ଦେଇ କହିଲେ, "ଲୁହ ପୋଛ ଆଉ ଶୁଣ....

"ଆଜି ଆମ ପାଖରେ ସବୁ ଅଛି, କିନ୍ତୁ ଦିନ ଥିଲା ଆମେ ପେଟ ପୁରା ଦୁଇ ବେଳା ଖାଇବାକୁ ପାଉ ନ ଥିଲୁ। ବାପା କଲିକତାରେ ରୁହନ୍ତି। ପଇସା ପତ୍ର କଣ, ଚିଠିଟିଏ ବି ଘରକୁ ଦିଅନ୍ତି ନାହିଁ। ଚାରି ପାଞ୍ଚ ମାସରେ ଯଦି କିଏ ଆସେ ଟଙ୍କା କିଛି ଦେଇ ଥାନ୍ତି। କଲିକତାରୁ ଆସୁଥିବା ପାଖା ପାଖି ଲୋକେ କୁହନ୍ତି ସେ ଠିକ ସେ କାମ କରନ୍ତିନି। ଆଉ ଯାହା କିଛି ରୋଜଗାର କରନ୍ତି ସବୁ ମଦ ଆଉ ଜୁଆ ରେ ସାରନ୍ତି। ସେତେବେଳେ ଆମର ଦୁଇ ବଖରା ଚାଳ ଘର। ଘର ନୁହେଁ ତ, କୁଡ଼ିଆ। ବୋଉ ଦୁଃଖେ କଷ୍ଟେ ଘର ଚଳାଏ। ଜମି କହିଲେ ଘର ଡିହ ଯାହା। ବୋଉ ଘରେ ଛେଳି ରଖେ। ସେତିକି ହିଁ ଆମର ସମ୍ବଳ। ବୋଉ ପାଖ ପଡିଶାଙ୍କ ଘରେ ଛୋଟ ମୋଟ କାମ କରେ। ପଇସା ତ କେହି ଦିଅନ୍ତି ନାହିଁ କିନ୍ତୁ ଚାଉଳ ହେଉ କି ପନିପରିବା ଟିକେ ମିଳେ। କିନ୍ତୁ ପରିଶ୍ରମର ମୂଲ ଆଗରେ ସେ କିଛି ନୁହେଁ। ଦିନେ ଦିନେ ରାତିରେ ଖାଇବାକୁ କିଛି ନ ଥାଏ। ଶୁଖିଲା ଚୁଡା ହେଉ କି ମୁଢି ହେଉ ବୋଉ

ମତେ ଦିଏ, ଆଉ ସିଏ କଣ ଖାଏ ସିଏ ଜାଣେ। ମୁଁ ଖାଇବାକୁ କହିଲେ, "ସେ କହେ ସବୁ କାମ ସାରିଲେ ମୁଁ ଖାଇବି। ମୋର କୋମଳ ମନ ସେ ସମୟରେ ଏତେ ସବୁ ବୁଝି ପାରେନ। ମୁଁ ଶୋଇ ପଡେ। ପ୍ରାୟ ଅଧିକାଂଶ ବୋଉ ଶୋଇଲା ବେଳେ ମୋ ପେଟରେ ହାତ ମାରି କୁହେ, "ମୋ ଧନର ପେଟ ଆଜି ପୁରିନ। ମୁଁ ମିଛ ହଁ ଟେ ମାରେ। ସେ ମୋ ଆଖିରୁ ଲୁହ ପୋଛେ ଆଉ ମୁଁ ତାର। ଆଉ ତାରି ଭିତରେ କେତେବେଳେ ସକାଳ ହୋଇଯାଏ। ମୁଁ ଉଠିଲା ବେଳକୁ ବୋଉ ଦୁଆର ଘର ଓଳାଉ ଥାଏ ନ ହେଲେ ଛେଳ ମାନଙ୍କ କାମ କରୁଥାଏ।

ବର୍ଷା ଦିନେ ଆମର ଅବସ୍ଥା ଆହୁରି ଖରାପ ହୋଇଯାଏ। ଘରର ଛପର ହୋଇ ନ ପାରି ବର୍ଷା ପାଣି ଘର ଭିତରେ ପଡେ। ବେଳେବେଳେ ଆମେ ରାତିରେ ଶୋଇ ନ ପାରି ବସୁ। ବୋଉ ତାର କୋଳରେ ମତେ ବସାଇ ଲୁଗା କାନକୁ ମୋ ମୁଣ୍ଡରେ ଘୋଡାଇ ଦିଏ। ମନ ଦୁଃଖରେ କୁହେ, "ଅରୁ ମନ ଦେଇ ପାଠ ପଢି ତୁ ଆମର ବାବୁ ହେବୁ। ମୋର ସବୁ ଦୁଃଖ ଦୂର କରିବୁ।"

ମତେ ବାର ବର୍ଷ ହୋଇ ଥାଏ। ବୋଉକୁ ଛୋଟ ଛୋଟ ଘର କାମରେ ସାହାଯ୍ୟ କରିବା ସହ ପାଠ ପଢେ। ବର୍ଷା ଦିନ ଆସିଲେ ଘର ଆଗଣାରେ ଆମେ ଜହ୍ନି ଆଉ କାକୁଡି ମଞ୍ଜି କରି ଲଗାଉ। ସେଇ ଜହ୍ନିରେ ଆମ ଘର ଚଳେ। ଯେତେବେଳେ ଝଡି ବର୍ଷା ରେ ପରିବା କଷିଟିଏ ମିଳେନ, ଆମେ ଦୁଇ ଓଳ ଜହ୍ନିରେ କାମ ଚଳାଉ। ପ୍ରାୟ ସକାଳ ସମୟରେ ମୁଁ ପଖାଳ ଭାତ ସହିତ ପୋଡା ଜହ୍ନିକୁ ରସୁଣ ଆଉ ସୋରିଷ ତେଲର ଚକଟା ଲଗେଇ ଖାଇ ସ୍କୁଲ ଯାଏ। ଯେତେବେଳେ କଳା ହାଣ୍ଡିଆ ମେଘ ପୁରା ଆକାଶ କୁ ଢାଙ୍କି ଘରିଆଡ଼ ଅନ୍ଧାର କରିଦିଏ, ହଳଦିଆ ରଙ୍ଗର ଜହ୍ନି ଫୁଲ ଗୁଡିକ ଆମ ଦୁଆରେ ଗୋଟି ଗୋଟି ତାରା ଫୁଟିଲା ଭଳି ଖୁବ ସୁନ୍ଦର ଦେଖା ଯାଅନ୍ତି। ମୋର ବାଳୁତ ମନ ଭାବ ବିଭୋର ହୋଇ ପଡେ। ମୁଁ ସେ ସୁନ୍ଦର ଜହ୍ନି ଫୁଲ ଗୁଡିକ ତୋଳ ଭଗବାନଙ୍କ ପାଖରେ ପାର୍ଥନା କରି କୁହେ, "ଏଗୁଡିକ ସୁନା ହୋଇ ଯାଆନ୍ତା ନା।" ବେଳେବେଳେ ସ୍ୱପ୍ନରେ ମୁଁ ଦେଖେ ଜହ୍ନି ଫୁଲ ଗୁଡିକ ସୁନା ହୋଇ ଯାଇଛି। ତାକୁ ବିକ୍ରି କରି ଆମ ପାଖରେ ଅନେକ ଟଙ୍କା। ଯେତେବେଳେ ମୋ ନିଦ ଭାଙ୍ଗିଯାଏ, ମୁଁ ଦେଖେ ମୋ ଆଗରେ ସେଇ ନିତି ଦିନର ସଂସାର। କେବଳ ଅଭାବ, ଦୁଃଖ ଆଉ ଯନ୍ତ୍ରଣା!

ବାପା କେବେ ଆମ କଥା ଭାବନ୍ତି ନାହିଁ। ସାହି ଭାଇ ସମସ୍ତେ ଛୋଟ ଆଖିରେ ଦେଖନ୍ତି। କେବେ କେମିତି ଛେଳି କାହା ଫସଲ ଖାଇ ଗଲେ, ସେମାନେ ଅନେକେ କଥା କୁହନ୍ତି। ବୋଉ ସବୁ ସହେ ନିରବରେ, କିନ୍ତୁ ଏ ଜହ୍ନି ଲତା ଗୁଡିକ ଆମକୁ କେବେ ବି ଧୋକା ଦିଅନ୍ତି ନି। ଆମ ଦୁଃଖ ଦୁର୍ଦ୍ଦଶା ସହ ତାଳ ଦେଇ ଖୁବ ଫଳନ୍ତି। ମୁଁ କଷି ଜହ୍ନିର ବୃଦ୍ଧିକୁ ସବୁବେଳେ ନିରୀକ୍ଷଣ କରେ। ବହୁତ ଶୀଘ୍ର ଶୀଘ୍ର ସେମାନେ ବଢନ୍ତି। ମତେ ଲାଗେ ଆମ ଅଭାବକୁ ଦୂର କରିବା ପାଇଁ ସତେ ଯେମିତି ସେମାନେ ପ୍ରତିଜ୍ଞା କରିଛନ୍ତି।

ମୁଁ ସପ୍ତମ ରେ ପଢୁଥାଏ। ସେ ବର୍ଷ ଆମ ଭାଡ଼ି ଜହ୍ନିରେ ଭର୍ତ୍ତି। ମୁଁ ଜହ୍ନି ନେଇ ହାଟରେ ବସେ। କିନ୍ତୁ କେହି ଜହ୍ନିକୁ କିଣନ୍ତି ନାହିଁ, ଯେତେ ଶସ୍ତା କଲେ ବି। ସାଙ୍ଗ ସାଥିଙ୍କ ବାପା ମାନେ ପରିବା କିଣିବା ବେଳେ ମତେ ବହୁତ ଲାଜ ଲାଗେ। ମୁଁ ଭାବେ, ଯଦି ମୋ ବାପା ଭଲ ମଣିଷଟେ ହୋଇ ଥାନ୍ତେ, ଆମକୁ ଏ ଦିନ ଦେଖିବାକୁ ମିଳି ନ ଥାନ୍ତା। ସନ୍ଧ୍ୟା ଆସେ। ଗୋଟେ ବି ଜହ୍ନି ବିକ୍ରି ହୁଏନି। ସମସ୍ତେ କୁହନ୍ତି, "ଜହ୍ନି ଗୋଟେ ପରିବା ନା ଖଇନି ଗୋଟେ ମାଇକିନିଆ।" ଫେରିବା ବେଳେ ମନେ ପଡେ, ବୋଉ ବରାଦ ଦେଇ ଥିବା ଜିନିଷ ନେବା କଥା। ମୁଁ ବାଟରେ ଆସିଲା ବେଳେ ବାଟ ସାରା ଖୋଜି ଖୋଜି ଆସେ, ବାଟରୁ କିଛି ପଇସା ମିଳନ୍ତାକି ! ଘର ପାଇଁ କିଛି ସଉଦା କିଣି ନଅନ୍ତି। ବୋଉ ଆଗ୍ରହର ସହ ଅପେକ୍ଷା କରି ଥାଏ। ମା ମନ ତାର, ମୋର ମୁହଁ ଦେଖି ସେ ସବୁ ଜାଣିପାରେ। ମୁଁ ଜହ୍ନି ବ୍ୟାଗ କୁ ପିଣ୍ଡାରେ ଥୋଇ ଦେଇ ଥକା ହୋଇ ବସି ପଡ଼େ। ବୋଉ ମୋ ମୁଣ୍ଡକୁ ଆଉଁଷି ଦେଇ ମତେ ଆଶ୍ୱସନା ଦିଏ। ଭଲ ପାଠ ପଢିଲେ କିପରି ଆମ ଅବସ୍ଥା ବଦଳିବ ବୁଝାଏ।

ଧୀରେ ଧୀରେ ମୋ ବୟସ ସାଥିରେ ଆମ ଅଭାବ ଅସୁବିଧା ବି ବଢୁଥାଏ। ମୁଁ ପଢା ସହିତ ମୂଲ ମଜୁରି ବି କରେ। ଯେତେବେଳେ ଦଶମ ଶ୍ରେଣୀର ଫଳାଫଳ ଆସିଲା ମୁଁ ୯୬% ସହ ଆମ ବ୍ଲକରେ ପ୍ରଥମ ଥିଲି।କିନ୍ତୁ ମୋ ମନରେ ଖୁସି ନ ଥିଲା କାରଣ ମୁଁ ଭାବିନେଇ ଥିଲି, ଏତେ ଦୁଃଖ କଷ୍ଟ ଅପେକ୍ଷା ଅନ୍ୟ ରାଜ୍ୟକୁ ଯାଇ କିଛି କାମଧନ୍ଦା କରିବି। କିନ୍ତୁ ମୋ ଭାଗ୍ୟରେ ଅନ୍ୟ କିଛି ଲେଖା ଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ପ୍ରେରଣା ଏବଂ ସହଯୋଗ ପାଇଁ ମୋ ପଢ଼ା ଆରମ୍ଭ ହେଲା। କିନ୍ତୁ ଦାରିଦ୍ର୍ୟ କୁଠାରଘାତ ମୋ ପଛ ଛାଡୁ ନ ଥାଏ। ବହି ପତ୍ର କଥା ଛାଡ ଖାଇବାକୁ ବି ମିଳେନି। ଶେଷରେ ପଢ଼ା ସହିତ ପାଖ ହୋଟେଲରେ କାମ କରିବା ଆରମ୍ଭ କଲି। ହୋଟେଲର ମାଲିକ ମୋ ବିଷୟରେ ଜାଣିବା ପରେ ଅନୁକମ୍ପା ଦେଖାଇ ହିସାବ କିତାବ ଦାୟିତ୍ୱ ଦେଲେ। ଏବେ ଟିକେ ବଞ୍ଚିବା ସହଜ ହେଲା। ପଢ଼ା ଶେଷ ପରେ ଗାଁ ସ୍କୁଲରେ ଚାକିରି ଟିଏ ମିଳିଲା।

ଏବେ କିଛି କିଛି ଟଙ୍କା ଘରକୁ ଆସିବାକୁ ଲାଗିଲା। ତାପରେ ମୁଁ, ଏମ୍ ବି ଏ କଲି। ଏବେ ବୋଉର ଅସୁସ୍ଥତା ଲାଗି ରହୁଥିଲା। ଜୀବନ ସାରା ଶୋକଶୋଷ, ଦୁଃଖ, ଯନ୍ତ୍ରଣା, ରେ ମୋ ପାଇଁ ଧାଇଁ ଧାଇଁ ସେ ଥକ ପଡିଥିଲା। ସବୁବେଳେ ଦେହ ମୁଣ୍ଡ। ଚୁଟି ପାଚ ଅଧା ଧଳା ହୋଇ ଯାଇଥିଲା। ଦୁଇ ପାଦ ଚାଲିଲେ ଥକ ପଡୁ ଥିଲା। ଯେଉଁ ଦିନ ମୁଁ ବ୍ୟାଙ୍କରେ ଚାକରି ପାଇଲି, ସେ ଦିନ ବୋଉ କାନ୍ଦି କାନ୍ଦି ତା ପଣତକୁ ଭିଜାଇ ଦେଇଥିଲା। ଖୁସିରେ ଅନେକ ଆଶୀର୍ବାଦ ଦେଇ କହିଥିଲା, "କୋଟିଏରେ ଗୋଟିଏ ହୋଇ ରହି ଥା। ମୋର ସବୁ ଚିନ୍ତା ଗଲା। ଏବେ ମୁଁ ଶାନ୍ତିରେ ମରି ପାରିବି।" ମୁଁ ଜାଣିଥିଲି ସେ ଅଶ୍ରୁ ସବୁ ଆନନ୍ଦର ଥିଲା। ତାର ଛାତିର କୋହ ସବୁ ଆଖିର ଲୁହ ହୋଇ ବହିଯାଉ ଥିଲା। ମୁଁ ତା ପାଟିରେ ହାତ ଦେଇ କହିଲି, "ଏମିତି କହନା ବୋଉ। ତୋ ଛଡ଼ା ମୋର ଏ ଦୁନିଆରେ କିଏ ଅଛି?" ଆମେ ଦୁହେଁ ସେଦିନ ଘଡ଼ିଏ କାନ୍ଦି ଥିଲୁ।

ଯେଉଁ ଦିନ ମୁଁ ବ୍ୟାଙ୍କ ରୁ ପ୍ରଥମ ଦରମା ପାଇଲି, ବୋଉ ପାଇଁ ଅନେକ ଜିନିଷ ଆଣି ଥିଲି। ତା ଭିତରେ କଲେ ଜହ୍ନି ବି ଥିଲା। ଆଉ ସେଇ ଜହ୍ନିକୁ ଦେଖି ବୋଉ ବହୁତ କାନ୍ଦି ଥିଲା। ସତେ ଯେମିତି ସେ ତାର ଅମୂଲ୍ୟ ସମ୍ପଦ କୁ ପାଇ ଯାଇଛି।

କିନ୍ତୁ ବିଚାରୀର ଭାଗ୍ୟରେ ସୁଖ ବେଶି ଦିନ ଲେଖା ନ ଥିଲା। ଅଳ୍ପ ଦିନ ଭିତରେ ଜଣା ପଡିଲା ବୋଉର କ୍ୟାନ୍ସର। ଶତ ଚେଷ୍ଟା ସ୍ୱତ୍ତ୍ୱେ ମୁଁ ହାରିଗଲି। ମୋ ଜୀବନର ହସ ଖୁସିର ନୌକାଟି ମଝି ନଇରେ ବୁଡ଼ିଗଲା।"

ଅରୁଣ ବାବୁ ଆଖିର ଲୁହକୁ ରୁମାଲରେ ପୋଛି କିଛି ସମୟ ପାଇଁ ନିରବ ହୋଇ ଗଲେ। ସବୁ ଆଡେ ତାଙ୍କୁ ବୋଉର ମୁହଁ ଦେଖା ଯାଇଥିଲା। ସୋନାଲି ଆଡକୁ ଚାହିଁବାକୁ ତାଙ୍କର ଧୈର୍ଯ୍ୟ ନ ଥିଲା। କିଛି ସମୟ ପରେ ନୀରବତା ଭାଙ୍ଗି କହିଲେ, " ମୁଁ ଯେଉଁଠି ବି କିଏ ଜହ୍ନି ବିକୁଥିବା ଦେଖେ, ମୋ ମନ ଭିତରେ ଅତୀତଟା ଜୀବନ୍ତ ହୋଇ ଉଠେ। ତା ଭିତରେ ମୁଁ ନିଜକୁ ଖୋଜି ପାଏ। ସେ ଜହ୍ନି ବିକୁଥିବା ପିଲାଟିର ମା କେତେ ବ୍ୟାକୁଳ ହୋଇ ଅପେକ୍ଷା କରିଥିବ, ତୁମେ କେବେ ବି ବୁଝି ପାରିବନି ସୋନା।"

ଗାଡିଟି ଏବେ ସୋନାଲି ଘର ଆଗରେ ପହଞ୍ଚି ସାରିଥିଲା। ସୋନାଲି କାନ୍ଦି କାନ୍ଦି ଘର ଭିତରକୁ ଚାଲିଗଲା। ଘର ଲୋକେ ଭାବୁଥିଲେ ଜ୍ୱାଇଁ ରାଗରେ ଝିଅକୁ କିଛି କହିଛନ୍ତି। ଦିନ ସାରା ସୋନାଲି ଚୁପଚାପ ରହିଲା। ଭାରି ଅନ୍ୟମନସ୍କ। ଚାରି ପଦ ପଚାରିଲେ ହଁ, ନା ରେ

ଉତ୍ତର ଦିଏ। ଗ୍ରାଣ୍ଡ ଭୋଜନ ରେ ଅରୁଣ ବାବୁ ଦେଖିଲେ, ଶଶୁର ଘରେ ପ୍ରଥମ ଥର ପାଇଁ ଜହ୍ନିରେ ସବୁ କିଛି ତିଆରି ହୋଇଛି। ଜହ୍ନି ଭଜା, ଜହ୍ନି ପୋଡ଼ା, ଜହ୍ନି ପୋସ୍ତ ଇତ୍ୟାଦି...

ଅରୁଣ ବାବୁ ସୋନାଲି କୁ ନିଜ ଆଡକୁ ଭିଡି ଆଣି କହିଲେ,- "ଲଭ୍ୟୁ, ସୋନା ଡାର୍ଲିଂ।"

-- "ଉଁ, କଣ ପାଇଁ?"

-- କେଡେ ଗ୍ରାଣ୍ଡ କିଛି ତମେ? ମୁଁ ଆଣିଲି ମୁଁ ଖାଇଲି।

-- କଣ?

-- ଜହ୍ନି।

ଏତକ ଶୁଣି ସୋନାଲି ଖୁସିରେ ଆହୁରି ଜୋରରେ ଭିଡି ଧରିଲେ ଅରୁଣ ବାବୁଙ୍କୁ।

କିଛିଦିନ ପରେ ସୋନାଲି ବାରିପଟ ରେ ବୁଲୁ ବୁଲୁ ଦେଖିଲେ ପୋଖରୀ ହୁଡାରେ ଜହ୍ନି ଲତା ଟିଏ ମାଡିଛି। ତାଙ୍କୁ ଲାଗିଲା, ଜହ୍ନି ଲତା ର ସୁନ୍ଦର ହଳଦିଆ ଫୁଲ ସବୁ ତାଙ୍କୁ ହାତ ଠାରି ଡାକୁଛି। ସେ ନିଜକୁ ଆଉ ରୋକି ପାରିଲେ ନା। ଜହ୍ନି ଫୁଲର ଭୁରୁ ଭୁରୁ ବାସ୍ନାରେ ସେ ହଜି ଥିଲେ ଭିଜୁ ଥିଲେ ଆଉ ଅନେକ କିଛି ଦେଖି ପାରୁଥିଲେ। ହଠାତ କାହା ଡାକରେ ତାଙ୍କ ସ୍ୱପ୍ନ ଭାଙ୍ଗିଗଲା। ପଛ ପଟୁ ଅରୁଣ ବାବୁ ଆସି କହିଲେ, "ଏ ଅରମା ଭିତରେ କଣ କରୁଛ ସୋନା"। ସୋନାଲି ଅନ୍ୟମନସ୍କ ଭାବରେ ଉତ୍ତର ଦେଲେ, "ଜାଣି ନ ଥିଲି ଯେ ଜହ୍ନି ଫୁଲ ବି ଏତେ ସୁନ୍ଦର ଦିଶେ।"

ସାନମୂଳାଇ, କଟକ

# ବଣମଲ୍ଲୀ



ସରୋଜ କୁମାର ସାହୁ

ଧଳା ପାଟଶାଢୀ ପିନ୍ଧି ସେ ବଣରେ
ସକାଳକୁ ନତି ଫୁଟେ
କପାଳରେ ତାର ଅଭିଶାପ ଭରା
ଏକାକ ଜୀବନ କାଟେ ।
ଯୋଗ୍ୟ ନୁହେଁ ବୋଲି ଗଳାର ହାରକୁ
ବଣରେ ତାହାରି ଜାତ
ପୁରପଲ୍ଲୀ କେବେ ଦେଖିନ ଆଖିରେ
ନାହାନ୍ତି ବୋଲି ତ ମିତ ।
ବାଡିରେ ଫୁଟୁଛି ଅଗଣିତ ଫୁଲ
କରନ୍ତିନ ତାକୁ ଆଦର
କରମ ଆଦରି ଆପେ ଫୁଟିଗଲେ
କରିଥାନ୍ତି ହତାଦର ।
ସଞ୍ଜ ଉଇଁଲେ ଯାଏ ସେ ମଉଳ
ଲାଗେନ କୋଉ ପୂଜାରେ
ରୂପବାସନାରେ ଚହଟିଲେ ଯେତେ
ଆପେ ଝଡିଯାଏ ସଞ୍ଜରେ ।

ଆଠଗଡ, କଟକ

ଋତୁପର୍ଣ୍ଣା ମହାନ୍ତି

# ଶୁଭ ଜନ୍ମଦିନ

ଆଜି ତୁମ ଶୁଭ ଜନ୍ମଦିନ
ହୃଦୟରୁ ଜଣାଉଛି ଅଭିନନ୍ଦନ
ହସ ଖୁସିରେ ଭରୁ ତମ ଜୀବନ
ଏତିକ କାମନା ପ୍ରଭୁ କର ପୂରଣ ॥
ସଭିଙ୍କ ଆଶୀର୍ବାଦ ଲଭୁଥାଅ ସଦା
ତମ ପଥରେ କେବେ ନଆସୁ ବାଧା
ଜୀବନ ଯୁଦ୍ଧରେ କେବେ ନ ଯାଅ ହାରି
ଏତିକ ପ୍ରାର୍ଥନା ଶୁଣ ପ୍ରଭୁ ହରି ॥
ସଫଳତା ସ୍ପର୍ଶକରୁ ତମ ଜୀବନ
ସୁକର୍ମରେ ଅର୍ଜୁଥାଅ ମାନ ସମ୍ମାନ
ଧର୍ଯ୍ୟ, ସାହସ, ନିଷ୍ଠା ହେଉ ତମ ସାଥୀ
ସୁସ୍ଥ, ସବଳ ରହିଥାଅ ନିତି ॥
କେତେ ଶୁଭ ଥିବ ସେହି ଦିନଟି
ମା କୋଳେ ଶୋଇ ଦେଖୁଥିବ ମିଟିମିଟି
ଆଲୋକରେ ପହିଲି ସ୍ପର୍ଶ ତମେ ପାଇଥିବ
ସଭିଙ୍କ ମଥରେ ଖୁସି ଭରି ଦେଇଥିବ ॥

ପୁନରାବୃତ୍ତି ହୋଇଛି ଆଜି ସେହି ଦିନର
ବନ୍ଧୁ କୁଟୁମ୍ବ ଜଣାଉଛନ୍ତି ଅଭିନନ୍ଦନ
ସ୍ନେହ, ଆଶିସ ଆଜି ବରଷିଯାଉ
ତୁମ ଜନ୍ମଦିନଟି ମଙ୍ଗଳମୟ ହେଉ ॥
ତୁମ ପରି ଅନ୍ଧୁ ମତେମିଳୁଥାଉ
ଆମ ବନ୍ଧୁତା ଚରସ୍ଥାୟୀ ହେଉ
ଏହି ଅବସର ନିତି ଆସୁଥାଉ
ତୁମ ଆୟୁଷ ଶତାଧିକ ହେଉ ॥

ଛମୌଜ, ଜଳେଶ୍ୱର, ବାଲେଶ୍ୱର

# ଦୁଃଖ ଦିଅ ଦୁଃଖୀଧନ



ଶରତ ଚନ୍ଦ୍ର ଜାଲି

ଦୁଃଖ କରିବିନ ଦେଲ ବୋଲି ଦୁଃଖ
ଆହେ ଦୁଃଖହାରି ପ୍ରଭୁ
ଯେତେ ଦୁଃଖ ଦିଅ ଦୁଃଖୀଧନ ପ୍ରିୟ
ମଣୁଥିବି ସୁଖ ସବୁ ।୦।

ସୁଖତ ଅଳକ ହେ ବିଶ୍ୱପାଳକ
ଜାଣିଛି ଏକଥା ଭଲେ
ସେଥିପାଇଁ ସୁଖ ଗୃହିଁନ ଜୀବନେ
ଖୁସି ହେବି ଦୁଃଖୀ କଲେ
ଦୁଃଖୀଟିଏ ହୋଇ ତୋ ସେବା, ପୂଜାରେ
ଆତ୍ମାପକ୍ଷୀ ଶାନ୍ତି ଲଭୁ ।୧।

ଯେଉଁ ସୁଖ ପାଇ ତୁମକୁ ଭୁଲନ୍ତି
ସେ ସୁଖର ମାନେ ନାଇଁ
ପରମ ଦୁଃଖ ସେ ମଣେ ମୁଁ ମନରେ
କ୍ଷଣେ ଭୁଲିଗଲେ ସାଇଁ
ତୁମ ଭାବଭକ୍ତି ମୋ ସ୍ୱର୍ଗ ସଂପତ୍ତି
ସାଉଁଣ୍ଠିଛି ଦୁଃଖେ ଭବୁ ।୨।

କହିବିନ ଥରେ ରାଗରେ, ଈର୍ଷାରେ
ଦେଲ ବୋଲି ଦୁଃଖସିନ୍ଧୁ
ଧନ୍ୟ କରିଅଛ ମତେ ଏ ସଂସାରେ
ଭାବିବି ହେ ଜଗବନ୍ଧୁ
ତେଲ, ଲୁଣର ମୋ ଦୁଃଖୀ ସଂସାରକୁ
କୃପାନେତ୍ରେ ଗୃହିଁ ଥବୁ ।୩।

ପଥର୍, ଖଲିକୋଟ, ଗଂଜାମ

ସୁବାସ ଶତପଥୀ

# ଲକଡାଉନ ରଥ

ରାତି ଗଭୀର ହେଲାଣି । ଜୀଉ ମାନଙ୍କ ପହଡ କାମସାରି ବଡପଣ୍ଡାଏ ବାହୁଡ଼ି ଗଲେଣି । ମହାପ୍ରଭୁ ପ୍ରସ୍ତୁତ ହେଲେଣି, ବିଶ୍ରାମ ପାଇଁ । ହଠାତ ନୂପୁରର ଶବ୍ଦ ଶୁଭିଲା । ଚକା ଚକା ଆଖିରେ ଅନାଇଲେ ଶ୍ରୀଜଗନ୍ନାଥ ।

ଟିକେ ଇଆଡେ ଆସିବେ ! ମହାଲକ୍ଷ୍ମୀଙ୍କ କଣ୍ଠସ୍ୱର ଅପେକ୍ଷାକୃତ ଉଚ୍ଚ ଶୁଭୁଥିଲା ।

ଖୁବ ସନ୍ତର୍ପଣରେ ଜଗମୋହନ ବାହାରକୁ ଆସିଲେ ମହାପ୍ରଭୁ ।

ଆପଣତ କପଟୀ ବୋଲି ଜାଣିଥିଲି । କିନ୍ତୁ, ମିଥ୍ୟାବାଦୀ ହେବା ?

ମୁଁ କଣ ଅସତ୍ୟର ସଙ୍ଗ ଦେଇପାରେ ମହାଦେବୀ ? ତୁମର ନିଶ୍ଚୟ କିଛି ଭ୍ରମ ଉପୁଜିଛି ।

ଭ୍ରମ ? ମୋର ଭ୍ରମ ? ଏବର୍ଷ ଦେଉଳ ବାହାରକୁ, ମତେ ଏକଲା କରି ନ ଯିବା ପାଇଁ ଆପଣ ମତେ କହି ନ ଥିଲେ ? କହି ନଥିଲେ, ଏବର୍ଷ ଘୋଷ ଯାତ୍ରା ବନ୍ଦ ବୋଲି ? ଏବେ କଣ ସଜ ହୋଇ ବସିଲେଣି, ରାତି ପାହିଲେ ଜନ୍ମ ବେଦୀ ବୁଲିଯିବେ ବୋଲି ?

ମହାଲକ୍ଷ୍ମୀଙ୍କ କଥାରୁ ତାଙ୍କର ରୋଷର ମାତ୍ରା ସ୍ପଷ୍ଟ ବାରି ହୋଇ ପଡୁଥିଲା ।

ଏବେତ ଲକଡାଉନ ଚାଲିଛି । ଭକ୍ତମାନେ ଆସି ପାରୁ ନାହାନ୍ତି । ଆଉ, ତୁମେତ ଜାଣ ମହାଦେବୀ, ଭକ୍ତଙ୍କ ବିନା ମୁଁ ରହି ପାରେନା । ତେଣୁ ଏ କରୋନା ସମୟରେ ଯାଇ ସେମାନଙ୍କୁ ଦେଖି ଆସିବି ।ସେମାନଙ୍କ ଗୁହାରି ଶୁଣି ଆସିବି ।

ମହାବାହୁ, ଆପଣ ଯାହା କହୁଛନ୍ତିନା ...

ଆପଣ ଗୃହିଁଲେ ପର୍ ଏଇଠି ବସି ସବୁକଛି ଦେଖି ପାରିବେ, ଜାଣି ପାରିବେ । ଯିବା ଦରକାର କଣ ? ଆପଣ'ତ...

ଅନ୍ତର୍ଯ୍ୟାମୀ, ଏଇଆତ ! ହେଲେ

ସେଇଟା ମୁଁ ଅନ୍ତର୍ଦୃଷ୍ଟିରେ ଦେଖେ । ଏବେ ଗଲେ ମୋ ଚକା ଚକା ଆଖିରେ ସବୁ ଦେଖି ଆସିବି ।ଦେଖିଆସିବି କେଉଁ ମାନେ ମତେ ଅନେଇ ବସିଛନ୍ତି ।

କଛି ଦେଖି ପାରିବେନ । ପଣ୍ଡାମାନେ ପର୍ କଥା ହେଉଥିଲେ କାଲି ସଟଡାଉନ ବୋଲି ।ମୁଁ ନଜେ ଶୁଣିଛି ।ବଡଦାଣ୍ଡ ପୁର୍ ଖାଲି ଥିବ।

ଜଗନ୍ନାଥଙ୍କ ଅଧରରେ ହସର ରେଖାଟିଏ ଚମକଲା । ପ୍ରସରିଗଲା ସାର୍ ପୃଥିବୀ । ପୁଣି ଭାସିଆସିଲା ଶବ୍ଦ । ମହାଲକ୍ଷ୍ମୀ ସଜାଗ ହେଲେ ।

ହେଲା ଏବେ, ସବୁଥର ବଡଦାଣ୍ଡ ପୂର୍ଣ ଥାଏ, ଏଥର ଶୂନ୍ୟ ଥିବ । ଏଇଆତ ! ତେବେ ମହାଦେବୀ, ଏ ଶୂନ୍ୟ ଆଉ ପୂର୍ଣ ଭିତରେ ସମ୍ପର୍କ ଖୁବ ନବିଡ । ଯେମିତିକ, ଆଲୋକ ପୂର୍ଣ ହେଲେ ଅନ୍ଧକାର ଶୂନ୍ୟ ହୁଏ, ପୁଣି ଅନ୍ଧକାର ଯେଉଁଠି ପୂର୍ଣ, ଆଲୋକ ସେଠି....

ଶୂନ୍ୟ, ଏଇଆତ । ତା ତ ମୁଁ ଜାଣିଛି। ହେଲେ, ଘୋଷଯାତ୍ରା ଭକ୍ତ ଶୂନ୍ୟ ହେବାଟା ନଷ୍ଚୟ ଏକା କଥା ନୁହେଁ ।

ସତ୍ୟ, ସମ୍ପୂର୍ଣ୍ଣ ଭାବେ ସତ୍ୟ । କନ୍ତୁ, ମୁଁ କହିଦେଉଛି, ଏଥର ଆମ ଯାତ୍ରାକୁ ପୂର୍ବଠାରୁ ବହୁ ଅଧିକ ଭକ୍ତ ଅନାଇ ବସିବେ, ବହୁ ଅଧିକ ଭକ୍ତ ଦେଖିବେ, ମହାପ୍ରଭୁ କହିଲେ ।

ମହାଲକ୍ଷ୍ମୀଙ୍କ ଆଖିରେ କୌତୁହଳର ରେଖା ସ୍ପଷ୍ଟ ବାରି ହୋଇ ପଡୁଥିଲା।

ମହା ପ୍ରଭୁ ପୁଣି କହିଲେ, ଲୋକ ଧୀରେ ଧୀରେ ଭକ୍ତିରେ ଅଭିମାନ ପୁର୍ଇଲେ । ମୂଳ ପୀଠ ଛାଡି ନଜ ନଜ ଜାଗାରେ ମୋର ଗୋଟିଏ ଗୋଟିଏ ପ୍ରତିରୂପ ରଖି ଯାତ୍ରା କରିବାରେ ମାତିଲେ । ମୂଳ ଘୋଷ ଯାତ୍ରାକୁ ଅଣଦେଖା କଲେ ।

ସେଇଥିପାଇଁ, ଏ ବ୍ୟବସ୍ଥା ....କରିଦେଲେ ...., ଅଳ୍ପ ହସି କହିଲେ ମହାଲକ୍ଷ୍ମୀ ।

ହଁ, ଏଥର ସମସ୍ତେ କେବଳ ଘୋଷ ଯାତ୍ରାହିଁ ଦେଖିବେ । ବଡଦାଣ୍ଡ ଶୂନ୍ୟ ହେଉ, ଟିଭି'ତ ଅଛି ! ଭକ୍ତଙ୍କର ଆମକୁ ଦେଖିବାରେ ଅସୁବିଧା ଆଦୌ ହେବନି । ବରଂ ଏଥର ଦ୍ୱିଗୁଣ ଆନନ୍ଦ । ଦୁଇଗୁଣା ଶିକ୍ଷା ।

କିପରି ? ମହାଲକ୍ଷ୍ମୀ ପଚାରିଲେ ।

ଦେଖ, ସବୁଥର ମୋ ଭକ୍ତ ମାନେ ଝାଳନାଳ ହୋଇ ରଥ ଭିଡୁଥିଲେ । ପୁଣି, ରଥ ଉପରେ ରହୁଥିଲେ ଗଣ୍ଡା ଗଣ୍ଡା ସେବକ । ଭକ୍ତଙ୍କୁ ଦେଖିବା ପାଇଁ ମୋତେ ବୁଲି ବୁଲି ଅନାଇବାକୁ ପଡୁଥିଲା । ଦେଖିନାହଁ, ରଥ କେମିତି ବାରମ୍ବାର ମୋଡ ନେଇ ଅଟକୁ ଥିଲା । ସେଇଥିପାଇଁ ଏଥର ବିକଳ୍ପ ବ୍ୟବସ୍ଥା କରିଛି । ଭକ୍ତ ଟିକେ ଆରାମରେ ଟିଭିରେ ଯାତ୍ରା ଦେଖିବେ, ଆଉ ଯେଉଁ ସେବକ ମାନେ ନିଜକୁ ପରମ ଭକ୍ତ ବୋଲି ଅଭିମାନ କରୁଥିଲେ, ସେମାନେ ତଳେ ରହିବେ । ରଥ ଭିଡ଼ିବେ ।

ମହାଲକ୍ଷ୍ମୀ ନିର୍ନିମେଷ ନୟନରେ ଅନାଇ ରହିଥିଲେ ଜଗନ୍ନାଥଙ୍କୁ ।

ଆବେଗର ଉଚ୍ଛ୍ୱାସରେ ହଠାତ କହିପକାଇଲେ....ଦର୍ପଦଳନ ମହାବାହୁଙ୍କର ଜୟ ହେଉ ।

ଦେବୀ, ଆଗ, ପୁରା କଥାଟା ଶୁଣିବା ହେଉ । ମୁଁ କହିଲିନା, ଏଥରର ଯାତ୍ରାରୁ ଲୋକ ବହୁତ କିଛି ଶିଖିବେ ବୋଲି । କଥା କଣକି, ଏଥର ଆମ ରଥରେ କରୋନା ସମ୍ବନ୍ଧୀୟ ସମସ୍ତ ସତର୍କତା ପାଳନ କରାଯିବ ।

ମହାବାହୁ ! ଏଇଠି କିନ୍ତୁ ମୋର ଗୋଟିଏ ଅଭିଯୋଗ ଅଛି । ଅନୁନୟ ମଧ୍ୟ କହିପାରନ୍ତି । ଆପଣ ତ ସର୍ବେଶ୍ୱର, ସର୍ବଶକ୍ତିମାନ । ଏ କରୋନା ଦାନବଟାକୁ ବଧ କରିଦିଅନ୍ତେନି ! ଆପଣଙ୍କ ମୁଖରୁ ଏ ସତର୍କତା କଥାଟା ଭଲ ଲାଗୁନି । ଆପଣ'ତ ଚାହିଁଥିଲେ ଏହାର ଜନ୍ମହିଁ ହୋଇ ନଥାନ୍ତା ।

ମହାଦେବୀ, କୌଣସି ଜୀବକୁ ଜନ୍ମ ଦେବା, ତାର ପ୍ରକାରଭେଦ ଓ ଶକ୍ତି ନିରୂପଣ କରିବା ପ୍ରଜାପତି ବ୍ରହ୍ମାଙ୍କ କାର୍ଯ୍ୟ ପରିସରଭୁକ୍ତ । ସେଥିରେ ମୁଁ ଜମା ହସ୍ତକ୍ଷେପ କରିପାରିବିନି । ଆଉ ରହିଲା ଦାନବ ବଧ କଥା । ଦୁଷ୍ଟଦଳନ ନାଁ ନେଇଛି ଯେତେବେଳେ, ତୁମେ ମୋ ଉପରେ ବିଶ୍ୱାସ କରିପାର ।କି ନ୍ତୁ ସେଥିପାଇଁ ସମସ୍ତଙ୍କୁ ସମୟକୁ ଅପେକ୍ଷା କରିବାକୁ ପଡିବ ।

ଏକା ଲୟରେ ଶୁଣୁଥିଲେ ମହାଲକ୍ଷ୍ମୀ ।କହିଉଠିଲେ...."ଜୟ, ଦୁଷ୍ଟଦଳନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୟ "

ଜଗନ୍ନାଥ ହସିଲେ । ଅନନ୍ୟ ବିଲ୍ଲୋଳ ସେ ହସ । କହିଲେ, ଆଶା କରୁଛି, ଘୋଷ ଯାତ୍ରାପାଇଁ ଥିବା ସମସ୍ତ ବିବାଦର ଅବସାନ ଘଟିଛି । ତୁମର ସ୍ୱୀକୃତି ମଧ୍ୟ ମିଳଯାଇଛି ।

ମହାଲକ୍ଷ୍ମୀ ଏଥର ସତର୍କ ହେଲେ । କହିଲେ, ତାହେଲେ, ଏଥର ଘୋଷଯାତ୍ରା ବନ୍ଦ ବୋଲି କହିବାର କଛି ଆବଶ୍ୟକତା ଥିଲା ?

ଆବଶ୍ୟକତା'ତ ଥିଲା । ତା ନହୋଇଥିଲେ ଘୋଷଯାତ୍ରା ବନ୍ଦ ନେଇ କାହା ମନରେ କେତେ ଉଦବେଳନ ଅଛି, ଜଣାପଡ଼ିଥାନ୍ତା କେମିତି ?

ମହାଲକ୍ଷ୍ମୀ ମୁଣ୍ଡ ଉପରକୁ କଲେ । ସେ ଯେ ପୂର୍ଣତୟା ସନ୍ତୁଷ୍ଟ ତାହାର ଆଭାସ ମିଳଲା ନାହିଁ । କହିଲେ....

ବାହାହେଲା ସ୍ତ୍ରୀକୁ ଘରେ ଛାଡ଼ି ଭାଇ ଭଉଣୀକ ନେଇ ସବୁଥର ରାଜ୍ୟବୁଲାର କାରଣ ଟିକେ ଜାଣିପାରିବି ?

ମହାପ୍ରଭୁଙ୍କ ଅଧରରେ ସେଇ ହସ ଏବେବି ଝୁଲୁଥାଏ । କହିଲେ, ଦେଢଶୁର ସାଙ୍ଗରେ ଥାଇ ତୁମର ଘୋଷ ଯାତ୍ରାରେ ସାମିଲ ହେବା ଅସମୀଚୀନ, ଏକଥା ତୁମେ ନଶ୍ଚୟ ସ୍ୱୀକାର କରିବ । ଆଉ ରହିଲା, ସୁଭଦ୍ରାଙ୍କ କଥା । ଜୀବନରେ, ଭଉଣୀମାନେତ ସର୍ବଦା ଆଗେ ଆସିଥାନ୍ତି, ସେଇଥିପାଇଁ...

ହଉ ହଉ, ଯାଆନ୍ତୁ ଯାତ୍ରାରେ । କନ୍ତୁ ମନେ ରଖିବେ, ଏଥର ଫେରିଲାବେଳକୁ ଦୁଇଗୁଣା ରସଗୋଲା ଭାର ନ ହେଲେ ମୁଁ ସିଂହଦ୍ୱାର କଳଣୀ ଜମା ଖୋଲିବିନ ।

ଜଗନ୍ନାଥ ଚାହିଁଲେ ସାମ୍ନାକୁ। ଆକାଶରେ ଘୋଟି ଆସୁଥିବା କଳା ବାଦଲ ଅପସରି ଯାଇଥିଲା। ବଡଦାଣ୍ଡରେ ରାଜକୀୟ ଭଙ୍ଗୀରେ ଅପେକ୍ଷାରତ ଥିଲେ ତିନରଥ ।

# ମୋ ଗାଆଁ



ସତ୍ୟବ୍ରତ ନାୟକ

ଜନମ ନେଇଛି ଯେଉଁ ଭୂମିରେ ମୁଁ
ସିଏ ମୋ ପ୍ରିୟ ଗାଆଁଟି
ତୋ କୋଳରେ ଖେଳ ବଡ ମୁଁ ହୋଇଛି
ମାଟି ନୁହେଁ ମୋ ମାଆଟି
ରଜନୀ ପାହିଲେ ସକାଳ ହୋଇଲେ
କାଉ ରାବିଦିଏ ଯେବେ
ପିଲା ବୁଢାଠାରୁ ଜୀବଜନ୍ତୁ ଯାଏ
ସଭିଙ୍କର ସ୍ୱର ଶୁଭେ
ସକାଳ ସୂରଜ ମୁରୁଜ ସମାନ
ବିଛାଡି ଦେଲେ କିରଣ
ସୁନେଲି ଦିଶଇ ଗାଆଁଟି ମୋହର
ସଙ୍ଗେ ନଦୀ ନାଳ ବନ
ଭିନ୍ନ ଲୋକଙ୍କର ଭିନ୍ନ ମତ ହେଲେ
ମନ ଏକା ସଭିଙ୍କର
ଏକ ମନ ହୋଇ ସଭିଏଁ ରହନ୍ତି
ନ ମଣି ଆପଣା ପର
ଆସିଲେ ସମୟ ପର୍ବପର୍ବାଣୀର
ସର୍ବେ ହୋଇ ଏକାକାର
ପାଳନ୍ତି ଏପରି ଲାଗଇ ଯେପରି
ଗାଆଁ ଗୋଟେ ପରିବାର
ଗୋଧୂଳ ବେଳାରେ ଫେରନ୍ତି ସଭିଏଁ
କର୍ମ ନିଜ ନିଜ ସାରି

ଘଣ୍ଟ ହୁଳହୁଳ ଶଙ୍ଖ ନାଦରେ ମୋ
ଗାଆଁ ଲାଗେ ସ୍ୱର୍ଗପୁରୀ
ଧନ ଉପାର୍ଜନ କରିବାକୁ ସିନା
ସହରକୁ ମୁଁ ଆସିଲି
ହେଲେ ମୋ ଗାଆଁର ସ୍ନେହ ପ୍ରେମ ଭାବ
ତିଳେ ମାତ୍ର ନ ପାଇଲି
ରହୁଛି ବିଦେଶେ ମନ କିନ୍ତୁ ଦେଶେ
ଗାଆଁ କଥା ବସି ଭାବେ
ସହରରୁ ନିଶ୍ଚେ ଗାଆଁକୁ ଫେରିବି
ଜଗା କୃପା ହବ ଯେବେ
ଜୀବନର ଶେଷେ ରହି ଗାଆଁ ପାଶେ
ପ୍ରାଣ ବାୟୁ ଉଡି ଯାଉ
ମିଶୁ ମୋର ଦେହ ମୋ ଗାଆଁ ମାଟିରେ
କାଳିଆର କୃପା ହେଉ ॥

ସୁଲତାନ୍ ଆଲମ୍ ରୋଡ,
ଟଲିଗଞ୍ଜ, କୋଲକତା

# ମା

ଦିନବନ୍ଧୁ ବେଜ

ମା'ବୋଲି ଯେଉଁ ଡାକଟି ଅଟେ ଅମୂଲ୍ୟ ଡାକ।
ଓଁକାର ଶବଦେ ଶିଶୁଟି ହୁଏ ତା ସଙ୍ଗେ ଭେଟ।।

ଦଶମାସ ଦଶଦିନଟି ଖେଳା କଲ୍ ଗର୍ଭରେ।
ନୂତନ ଆଲୋକ ଦେଖାଇ ମା' ରହେ କଷ୍ଟରେ।।

ନିଜେ ନଖାଇ ମା'ଟି ପୁଅ ବାଟକୁ ଚାହେଁ।
କେତେ ଦୁଃଖକଷ୍ଟ ସହିଣ ମା' ନୀରବ ରହେ।।

ମା କୋଳେ ଥିଲେ ପିଲାଟି ନଥାଏ ତାହାର ଭୟ।
ସତେକି ସରଗ ରାଇଜ ସିଏ କରିଛି ଜୟ?

ମା'ର ମମତା ମା'ର ପରସ ଆଣି ଦିଏ ସୁଖଶାନ୍ତି।
ମା'ବିନା ପର୍ ଅନ୍ୟଗତି ନାହିଁ ଦୁଃଖ ଅଶ୍ରୁବହେ ନିତି।।

ଭୋକିଲା ପେଟରେ ମା'କୁ ଦେଖିଲେ ଆସିଯାଇଥାଏ ରାଗ।
ରାଗଦେଖି ସିଏ କଗ୍ରଡି ନଦେଇ ପେଟକୁ ଚହ୍ଲଇ ଆଗ।।

ଫୁଲ ପରି ସେ'ତ ଅଟଇ କୋମଳ ଆଉ ଯେତେ କଣ୍ଟାଗ୍ରତ।
ସଦା ତା'ର ସ୍ନେହେ କାନ୍ଦୁଥାଏ ପ୍ରାଣ ଲାଗୁଛି ସବୁ ବିରକ୍ତ।।

ବାସୁଦେବପୁର, ଭଦ୍ରକ

# ଆସ୍ଥାର ଗଜଲ



ସୌମ୍ୟ ରଞ୍ଜନ ପାଲ

ଶବ୍ଦରେ ଦୂରତା ଅନେକ ରହିଛି
ତୁମେ ହୃଦୟର ତାର ଯୋଡ଼ିପାର ।।

କଣ୍ଠରେ କୁଣ୍ଠତା ଅନେକ ରହିଛି
ତୁମେ ଅନ୍ତରକୁ ଝାଙ୍କି ଦେଖିପାର ।।

ଆଖିରେ ଲେଞ୍ଜର୍ ଅନେକ ରହିଛି
ତୁମେ ଦୃଷ୍ଟିକୋଣେ ଆସ୍ଥା ରଖିପାର ।।

କାନ୍ଧରେ ଓଜନ ଅନେକ ରହିଛି
ତୁମେ ଇଚ୍ଛାଶକ୍ତି ମାପ ନେଇପାର ।।

କ୍ରୋଧର ବଳୟ ଅନେକ ରହିଛି
ତୁମେ ନିଃଶ୍ୱାସକୁ ଆଶ୍ରା କରିପାର ।।

ବହିରେ ବିଷୟ ଅନେକ ରହିଛି
ତୁମେ ଜୀବନର ପାଠ ପଢ଼ିପାର ।।

ସମାଜେ ଗହଳ ଅନେକ ରହିଛି
ତୁମେ ଏକାନ୍ତର କ୍ଷଣ ବାଛିପାର ।।

ସହରେ ଶଠତା ଅନେକ ରହିଛି
ତୁମେ ବନ୍ଧୁତାର ହାତ ମାଗିପାର ।।

ବଡ଼ଶୋଳ, ମୟୂରଭଞ୍ଜ

# ବାପା ନଥିଲେ ବୋଲି



ଅନ୍ନପୂର୍ଣ୍ଣା ଦାସ

ଏମିତି ଗୋଟେ ଦିନ ନାହିଁ ଯୋଉଁଦିନ ବାପୁ ନା' ରେ ଘରକୁ ଅଭିଯୋଗ ଆସେନ। ଆଜି କାହାକୁ ମାଡ ତ କାଲି କାହା ସାଇକେଲ ପମ୍ପଚର, ପୁଣି ତାପର ଦିନ କାହା ବାଡିରୁ ପିଜୁଳ ଚୋରି। କେବେ କେବେ ସ୍କୁଲ ଖେଳଛୁଟି ବେଳେ ଝିଅ ମାନଙ୍କ ସାଇକେଲ ହ୍ୟାଣ୍ଡଲ୍ ରେ ଚୁଇଁକମ୍ ଲଗେଇ ମଜା ଦେଖିବାକୁ ଭାରି ଭଲ ପାଏ ସେ। ଗୋଟିଏ ବାକ୍ୟରେ କହିଲେ "ବାପୁଟା ଗୋଟେ ଡାହା ବାଳୁଙ୍ଗା, ଗଳିଗଲ୍ ଶଗଡ଼ରେ ହାତ ନମାରିଲେ ତା'ଭାତ ହଜମ ହୁଏନ"।

ଲୋକେ କୁହନ୍ତି -"ପରମେଶ୍ୱର ବାବୁ ଏତେ ସରଳ ଆଉ ଭଦ୍ର ମଣିଷ, ତାଙ୍କର ଯୋଉଁ ନା ଟିକକ ଅଛି, ତାକୁ ପୋଡି ଖାଇବାକୁ ଏ ଟୋକାକୁ ବେଶୀ ଦିନ ଲାଗିବ ନାଇ"।

ପୁଅ ପାଇଁ କେତେ କାହାକୁ କ୍ଷମା ନମାଗନ୍ତି ପରମେଶ୍ୱର ବାବୁ । ପୁଅକୁ ବୁଝାନ୍ତି, ବେଳେବେଳେ ହାତ ଉଠେଇ ଦିଅନ୍ତି । ହେଲେ 'ମତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ'। ପୁଅ ପାଖରେ କୌଣସି ସୁଧାର ଆସିବାର ଦେଖାଯାଏ ନାହିଁ। ସେ ବ୍ୟସ୍ତ ହେଇପଡ଼ନ୍ତି। ଭାଗ୍ୟକୁ ନନ୍ଦନ୍ତି।

ସ୍ତ୍ରୀ ଶୋଭାଦେବୀ କୁହନ୍ତି - "ତୁମେ ବ୍ୟସ୍ତ ହୁଅନା, ପିଲାବେଳେ ଛୁଆମାନେ କେତେ ଦୁଷ୍ଟ ହୁଅନ୍ତି, ବୁଦ୍ଧି ହେଇଗଲେ ଆପେ ସୁଧୁରି ଯାଆନ୍ତି। ଆମ ବାପୁଟାକୁ କେତେବା ବୟସ, ପିଲାଳିଆମି ସକାଶେ ଏମିତି ହଉଚ। ତମେ ଦେଖିବ ସେ ବଡ଼ ହେଇଗଲେ ବାଟକୁ ଗଳିଆସିବ।"

ସ୍ତ୍ରୀ କଥାରେ ଯେତିକ ଆସ୍ଥା ରଖନ୍ତି ପରମେଶ୍ୱର ସେତିକ ଭୟଭୀତ ହୁଅନ୍ତି, ତାର ଭବିଷ୍ୟତ ପାଇଁ।

ସେଦିନ ସଞ୍ଜ ବେଳଟାରେ ନଧି ସାହୁ ସ୍ତ୍ରୀ ଦାଣ୍ଡ ମଝିଟାରେ ବାପୁକୁ ଗୋଟେ ହାତରେ ଟାଣିଟାଣି ଆଉ ହାତଟି ଅଣ୍ଟାରେ ଦେଇ ସମ୍ପି-ସମ୍ପି ଆସି ପରମେଶ୍ୱର ବାବୁଙ୍କ ଦୁଆର ମୁହଁରେ ରଡି ରଡି କହିଲା -"ହଇରେ ପରମା, ମୁଁ ଏଇନା କଣ କରିବି କହ, କ ବିଛୁଆତି ଖଣ୍ଡେ ଜନମ କରିଛୁଯେ, କାହାକୁ ଟିକଏ ଶାନ୍ତିରେ ରଖେଇ ଦଉନ। ତୋ ବାଲୁଙ୍ଗା ପୁଅ ମୋ ନାତି ଟାକୁ ପଥର ପକେଇ ତା'ମୁଣ୍ଡଟା ଫଟେଇ ଦେଇଚ, ତା ମୁଣ୍ଡଟାରୁ ଧାରେ ଧାରେ ରକତ ନଗିଡି ପଡୁଛି।"

ପାଦ ରକ୍ତ ମୁଣ୍ଡକୁ ଉଠିଗଲା, ପରମେଶ୍ୱର ବାବୁଙ୍କର। ବାପୁ ବାରଣ୍ଡାର ଗୋଟେ କଣରେ ଜାକଜୁକ ହେଇ ଠିଆ ହେଇଥିଲା, ବାଡରୁ ପାଞ୍ଚ ହାତିଆ ଅମରି ଖଣ୍ଡେ ଭାଙ୍ଗି ପିଟିଦେଇ ଗଲେ। ମରିଗଲି ମରିଗଲି ବୋଲି ପାଟି କରି ତଳେ ଗଡିଯାଉଥିଲା ବାପୁ।

ଆଜି ତତେ ନସ୍ତାର ନାହିଁ। ଯା ମରିଯା, ଆଉ ମୋର ଧର୍ଯ୍ୟ ନାହିଁ। କେତେ ଶୁଣିବି ଆଉ ତୋ ପାଇଁ। କେତେ ଆଉ ଭୁଲ୍-କାଇଲି ମାଗୁଥିବି।

ସମସ୍ତେ ଦେଖୁଥିଲେ ହେଲେ କେହି ଛଡେଇବାକୁ ଆସିଲେ ନାହିଁ। ସ୍ତ୍ରୀ ଶୋଭାଦେବୀ ଆସି ସ୍ୱାମୀଙ୍କ ଗୋଡ଼ ଧରି ନେହୁରା ହେଲେ ପୁଅକୁ ଛାଡି ଦେବାକୁ। ତାଙ୍କ ଉପରେ ବି ଦି'-ଚାରି ପାହାର ବସିଗଲା। ମାଆ ମନ ସେ କାନ୍ଦି କାନ୍ଦି କହିଲେ-"ଛାଡି ଦିଅ ଆଉ ମାରନା, ପିଲାଟା ମୋର ମରିଯିବ, ତମ ଗୋଡ ଧରୁଛି ନେହୁରା ହେଉଛି ଛାଡିଦିଅ, ତମକୁ ଭଗବାନଙ୍କ ରାଣ'।

ପରମେଶ୍ୱର ବାବୁ ଅମରି ଖଣ୍ଡକ ଫୋପାଡ଼ି ଦେଇ ଗାଁ ମୁଣ୍ଡ ଆଡେ ଚାଲିଗଲେ। ଶୋଭାଦେବୀ ବାପୁକୁ ଘରକୁ ନେଇଗଲେ । ଦେହ ସାରା ମାଡ ବାଜି ନୋଳା ଫାଟି ଯାଇଛି। ଆହା କେତେ କାଟୁଥିବ।

'ମୁଁ ମରି ଯାଆନ୍ତି କ, ଏସବୁ ଦେଖିବା ଆଗରୁ । କାଇଁ ଏମିତି ହଉଛୁରେ। କେବେ ଆଉ ବୁଝିବୁ'।

ଟିକଏ ଉଷୁମ କ୍ଷୀର ପିଆଇ ମଲମ ଲଗେଇ ପୁଅକୁ ଶୁଆଇ ଦେଲେ। ବାପୁ ବି ସେଯାଏ ହେଙ୍କା ଉଠଉ ଥାଏ।

କିଛି ସମୟ ପରେ ବାପୁର ବାପା ଘରକୁ ଆସିଲେ। ଆଖି ଦି'ଟା ଲାଲ ହୋଇ ଫୁଲି ଯାଇଛି। ପିଲାକୁ ମାଆ ମାରେ, ପୁଣି ସାଙ୍ଗେ ସାଙ୍ଗେ କୋଳେଇ ନିଏ, ଢେର କାନ୍ଦେ। ହେଲେ ବାପାଟିଏ ଶାସନ ପାଇଁ ଯେତେବେଳେ ପିଲାକୁ ମାରେ, ତାକୁ ବି କଷ୍ଟ ହୁଏ। ହେଲେ ତା କଷ୍ଟକୁ ସେ ନିଜ ଭିତରେ ଲୁଚି ରଖେ। ବାପାର କଠୋରତା ଖୋଳପାଟିରେ ନିଜକୁ ଘୋଡେଇ ରଖେ। ହେଲେ ସମସ୍ତଙ୍କ ଅଜାଣତରେ ଆଖିର ଲୁହ ପୋଛେ।

ଗ୍ରେଷେଇ ସାରି ଶୋଭାଦେବୀ କହିଲେ-"ଖାଇବ ଆସ'

: ସେ ଖାଇଚ?

: ନା' ଖାଲି ଟିକଏ କ୍ଷୀର ପିଇ ଶୋଇଛି।

: ତାକୁ ଡାକ।

ବାପୁ ଆସି ଧୀରେ ବାପାଙ୍କ ପାଖରେ ବସିଲା। ସବୁଦିନ ଗ୍ରୀତିରେ ସେ ବାପାଙ୍କ ସହ ଖାଏ। ଆଜି କିନ୍ତୁ ବହୁତ ଡରିକି ବସିଛି, ମୁହଁ ଟା ଶୁଖି ଯାଇଛି।

ଆଖିରେ ଏବେବି ଲୁହ ଗୁଡା ଢଳଢଳ ହଉଛି।

ତା' ବାପା ଆଖିରୁ ଲୁହ ପୋଛିଦେବାକୁ ହାତ ବଢେଇଲେ, ବାପୁ ଗ୍ରାଗ ଅଭିମାନରେ ଘୁଞ୍ଚିଗଲା।

: ତୁ କେଡ଼େ ଭାଗ୍ୟବାନରେ ବାପୁ । ତୋର ବାପାଟିଏ ଅଛି।

ତୁ ଭୁଲ୍ କଲେ, ସେ ତୋ ପାଇଁ କ୍ଷମା ମାଗି ନଉଛି।

ତୁ ଝୁଣ୍ଟି ପଡ଼ିଲେ, ସେ ତୋ ହାତ ଧରି ନଉଛି।

ତୁ ଜିଦି କରିଲେ, ସେ ତୋ ପାଇଁ ଆକାଶରୁ ଜହ୍ନ ତୋଳୁଛି। ତୋର ବାପ ଅଛି ବୋଲି ତତେ ଶାସନ କରି ଭଲ ବାଟ ଦେଖେଇ ଦଉଛି।

ହେଲେ ଏ ଭାଗ୍ୟ ତୋ ହତଭାଗ୍ୟ ବାପାର ନଥିଲାରେ। ବାପା କେମିତି ଜାଣିବା ଆଗରୁ ମୁଁ ବାପ ଛେଉଣ୍ଡ ହେଇଥିଲି। ମୋର ହେତୁ ହେବା ଦିନରୁ ମୋ ମାଆ କାନେ କାନେ ବୁଝାଏ -"ବାପରେ ତୋ ଘୋଡ଼ା ଚଢା ବାପ ନାହିଁ, ମୁଁ ଧାନ କୁଟୁଣୀ ମାଆ, ତୋ ମୁହଁକୁ ଚାହିଁ ଏ ଜୀବନ କାଟିବି ସିନା। ତୁ ବୋଲଣା ହବୁନ, ନହେଲେ ସମସ୍ତେ କହିବେ, ବେମୁରୁବା ଟା ।

ବାପ ଥିଲା ପୁଅ ସଭାରେ ହାରେନ, ଧନରେ ଭୁଲକାଇଲି କରି ସଭାରେ ନ୍ୟାୟ ବସିଲେ ତତେ ମୁକୁଳେଇ ଆଣିବାକୁ କେହି ନାହିଁ। ହାତେ ମାପି ଚାଖେଣ୍ଡରେ ଚାଲିବୁରେ ବାପ।"

ଖାଲି ମୋର ବାପା ନଥିଲେ ବୋଲି ମୁଁ ସବୁ ଇଚ୍ଛାକୁ ମାରି ଦେଇଥିଲି। ମୁଁ ଦୁଷ୍ଟାମୀ କଣ ଜାଣିନ, ମୁଁ ଖେଳଣା କଣ ଦେଖିନ, ଭଲ କାମ କଲେ ମୋ ପାଇଁ ଛାତି ଫୁଲେଇ ଗର୍ବିତ ହେବା ବାପକୁ ମୁଁ ପାଇନ। ଏତିକି କହି ସାରିବା ବେଳକୁ ପରମେଶ୍ୱର ବାବୁଙ୍କ କଣ୍ଠ ରୁଦ୍ଧ ହେଇ ଯାଉଥିଲା।

କୋହଭରା କଣ୍ଠରେ କହିଲେ ତୋ ପାଖରେ ସବୁ ଥାଇ ତୁ ଆଜି ......

ବାପୁ ଗୁମ୍ ହେଇ ସବୁ ଶୁଣୁଥିଲା, ବୋଧହୁଏ ତା'ବାପା ତାକୁ କଣ କହିବାକୁ ଚାହୁଁଛନ୍ତି ସେ ଠିକ୍ ବୁଝି ପାରିଥିଲା। ଦୁଇ ହାତରେ କାନ ଧରି ତା'ବାପାଙ୍କୁ ଧୀରେ ଚାହିଁଲା ଆଖିରୁ ଖସି ପଡୁଥିଲା ମୁକ୍ତା ପରି ଲୁହ ସବୁ।

ଜଗନ୍ନାଥପୁର, କାମାକ୍ଷାନଗର, ଢେଙ୍କାନାଳ

# ନିଛକ ସତ୍ୟ



ବିଦ୍ୟାଧର ମିଶ୍ର

ତମେ କଣ ଦେଖିଛ?
କଣ ଅମଝେଇଛ
ଭାବି ଭାବି ପହଞ୍ଚିଛ
ଜୀବନର ଉଦ୍ଦେଶ୍ୟ ପାଖରେ
ଜୀବନର ନିଛକ ସତ୍ୟକୁ ଉଖାରିଛ
କାହିଁକି ଏ ଜନ୍ମ, କଣ ପାଇଁ ଏ ଜୀବନ
ଦୁଃଖ ଭୋଗି ଘାଣ୍ଟିହେବାକୁ
ନା ଦୁଃଖ ସୁଖ ଫେଣ୍ଟାଫେଣ୍ଟି କରିବାକୁ
କିଏ ବା କହିବ
ମୋ ଠାରୁ ତା କଥା
ଆଉ ତା ଠାରୁ ମୋ ଭିନ୍ନତା
ଭିନ୍ନ ଚିନ୍ତା ଭିନ୍ନ ବି ଚେତନା
ଜୀବନର ମାନେଆଉ
ନିଛକ ସତ୍ୟତା

ଯାଜପୁର ଟାଉନ

# ବିହଙ୍ଗ ବିପ୍ଳବ



ବିଶ୍ୱଜିତ ଆର୍ଯ୍ୟ

ହେ ମନୁଷ୍ୟ ! ତୋତେ ମୋର ପ୍ରଶ୍ନ,
କ'ଣ ମୋର ଅପରାଧ?
କ'ଣ ମୋର ଦୋଷ?
ଏ ବିଶାଳ ପୃଥିବୀରେ ମୋର କଣ
କୌଣସି ଅଧିକାର ନାହିଁ,
ନାହିଁ କୌଣସି ଅସ୍ତିତ୍ୱ।
କାହିଁକି, କାହିଁକି!
ମୁଁ ବି ବିଧାତାଙ୍କ ସୃଷ୍ଟି , ଆଉ
ତୁବି।
ତେବେ ବର ହେବାର ଅହଂକାର କଆଁ।।
ଗର୍ବ ର ଖୋଳପା ପିନ୍ଧି ତୁ ରଚୁଛୁ,
ନାନା ପ୍ରପଞ୍ଚ।
ନିଜ ସ୍ୱାର୍ଥ ପାଇଁ ତୁ, ହୋଇପାରୁ ଏତେ ବିଭର୍ସ
ମନେରଖ,
ଯେମିତି,
ପୃଥି, ଆକାଶ ବିନା ଅଧା,
ଜୀବ, ବାୟୁ ବିନା ଅଧା,
ବୃକ୍ଷ, ଧରା ବିନା ଅଧା।
ସେଇଭଳି ଆମ୍ଭମାନଙ୍କ ବିନା, ହେ ମନୁଷ୍ୟ !
ତୁମର କୌଣସି ଅସ୍ତିତ୍ୱ ହିଁ ନାହିଁ ।
ସାବଧାନ, ପରିବର୍ତ୍ତନ ହୋଇଯାଅ।।

ଇତି:- ତମ ଏକ କ୍ଷୁଦ୍ର ପକ୍ଷୀର

ମଂଗଳପୁର, ଯାଜପୁର

# ଆମ ଗାଆଁ ବାଉରୀ ପଧାନ



ଡଃ ବିନୟ କୁମାର ପତି

ପିଜୁଳ ତୋଳବାକୁ
ମୁଁ ଯେବେ ଆଙ୍କୁଡି ସଜାଡୁଥିଲି
ଆମ ଗାଁ ବାଉରୀ ପଧାନ
ଟିକଏ ହସି ଦେଇ କହିଲା,
"ବାବୁ, ସେମିତି ହୁଏନା" ।
ମନେ ମନେ ଭାବୁଥିଲି,
ସେ ଜାଣିନ, ମୁଁ ଯେ ପଢିଛି,
ମାର୍କ୍ସ, ହୋବ୍ସ, ରୁସୋ ଆଦି
ମହାନ ଦାର୍ଶନିକ ତତ୍ତ୍ୱ,
ଇତିହାସ, ଅର୍ଥନୀତି, ମନସ୍ତତ୍ୱ
ପଢିଛି ଅନେକ ରାଜନୀତି ଶାସ୍ତ୍ର -
ହେଲେ, ଆଜି ଆବିଷ୍କାର କଲି,
ବାଉରୀର
ସରଳତାର ଗାମ୍ଭିରତା,
ଆଉ ତାର ଗମ୍ଭିରତା ଭିତରେ
ଲୁଚଥିବା ତାର ସରଳତାକୁ ।

ଗର୍ବ ଗାମ୍ଭିର୍ଯ୍ୟର ମୁଖାତଳେ
ଲୁଚ ରହିଥିବା ମୋ ଚରମ ମୁର୍ଖତାକୁ ।
ସେ ଜୀବନକୁ ଜିଇଁଛି ଖୁବ୍ ନିକଟରୁ
ସେ ପଢିଛି
ପ୍ରକୃତିର ଜଟିଳ ସରଞ୍ଜନାକୁ,
ଦରିଦ୍ରତା ର ମାନବୀୟ ସମ୍ବେଦନତାକୁ
ବନ୍ଧୁର ସୌହାର୍ଦ୍ଦ୍ୟକୁ
ଆଉ ସାହି ଭାଇ ଆତ୍ମୀୟତାକୁ ।
ସେ କହିଲା,
"ବାବୁ, ପିଲାଦିନେ,
ପ୍ରତିଥର କବାଡି ଖେଳରେ
ମୁଁ ସିନା ଜିତି ଯାଉଥିଲି,
ହେଲେ ଜୀବନ ଯୁଦ୍ଧରେ ତୁମେ ଜିତିଗଲ ।
କିନ୍ତୁ ସେ ଜାଣିନ,
ମୁଁ ଆଜି ଜିତିକ ବି ହାରିଗଲି
ଆଉ ସେ ହାରିକ ବି ମୋତେ ଜିତିଗଲା !

ଡୁମୁଡୁମା, ଭୁବନେଶ୍ୱର

# ନୈଶର୍ଗୀକ ସୁଷମା



ଡ. ଅର୍ଜୁନ ଚରଣ ବାରିକ୍

ଧରିତ୍ରୀ ରାଣୀର ଲାବଣ୍ୟର ରୂପକାର ପ୍ରକୃତିର ଅନନ୍ୟ ଶୋଭାରାଜି । ଯାହାଙ୍କ ସମୟ ଚକ୍ରର ଷଡ ଋତୁରେ ପ୍ରତିଫଳିତ । କେତେ ରଙ୍ଗ କେତେ ରୂପରେ ଗୋଟିଏ ପରେ ଗୋଟିଏ ଋତୁ ଧରାକୁ କରିଥାନ୍ତି ରଙ୍ଗାୟିତ ଓ ବାସ୍ନାୟିତ । ଇଂରାଜୀରେ ଗୋଟିଏ ଆପ୍ତ ବାକ୍ୟ ଅଛି; ତାହା ହେଲା – **"If winter comes can spring befor behind?"** ଏହାର ଅର୍ଥ ହେଲା ଶୀତ ଆସିଲେ ବସନ୍ତ କଣ ଦୂରେଇ ଯାଇ ପାରେକି? ଅର୍ଥାତ୍ ଶୀତ ପରେ ବସନ୍ତର ଆଗମନୀ ବାର୍ତ୍ତା ଅବଶ୍ୟାମ୍ଭାବୀ । ଏହାକୁ କଦାପି ଏଡେଇ ଦିଆଯାଇ ନପାରେ । ଜୀବନରେ ଯେମିତି ଦୁଃଖ ଆସେ ଓ ଦୁଃଖ ପରେ ସୁଖ, ଠିକ୍ ସେହିପରି ଋତୁ ଚକ୍ରର ପରିବର୍ତ୍ତନରେ ଶୀତ ପରେ ବସନ୍ତର ଶୁଭାଗମନ ହୁଏ । ସଂସ୍କୃତ କବିଙ୍କଭାଷାରେ :-"ଚକ୍ରବତ୍ ପରିବର୍ତ୍ତତେ ଦୁଃଖାନୀ ଚ ସୁଖାନଚ", ଅର୍ଥାତ୍ ଠିକ୍ ଚକ୍ର ପରି ଦୁଃଖ ପରେ ସୁଖ ଓ ସୁଖ ପରେ ଦୁଃଖର ଆଗମନ ହୋଇଥାଏ ଯେପରି ଜୀବନ ଚକ୍ରରେ ଆମେ ଜନ୍ମ ପରେ ମୃତ୍ୟୁ ଓ ମୃତ୍ୟୁ ପରେ ଜନ୍ମର ସୂଚନା ପାଇଥାଉ । ଶଙ୍କରାଚାର୍ଯ୍ୟଙ୍କ ଭାଷାରେ "ପୁନଃପିଜନନଂ ପୁନଃପି ମରଣଂ ପୁନଃ ଅପିଜନନୀ ଜଠରେ ଶୟନଂ" । ଏହାହିଁ ଜୀବନ ମୃତ୍ୟୁ ବା ଜନ୍ମ ମରଣର ରହସ୍ୟ ଯାହାଙ୍କ ପ୍ରତିଫଳିତ ହୋଇଛି ତାଙ୍କ ରଚିତ ମୋହ ମୁଦ୍ଗର ରେ । ବସନ୍ତର ଭାଷା ବଡ ମଧୁର । କାରଣ ବସନ୍ତ ହେଉଛି ଋତୁରାଜ ବା ଋତୁ ସମ୍ରାଟ । ଏହା ଆସିଥାଏ କର୍କଶ ଶୀତ ଋତୁର ପରେ ପରେ । ଏ ଋତୁ ଋତୁ ସମ୍ରାଟ ହୋଇଥିବାରୁ ବହୁ କବି, ଭାବୁକ, ପ୍ରାବନ୍ଧିକ ଓ ଗାଳ୍ପିକ ମାନେ ଯା ଉପରେ ଲେଖନୀ ଚାଳନା କରି ଆସିଛନ୍ତି । ସର୍ବୋପରି ମହର୍ଷି ବ୍ୟାସ ଦେବଙ୍କ ଭାଷାରେ :- "ମାସାନାଂ ମାର୍ଗଶୀର୍ଷୋହଂ ଋତୁନା କୁସୁମା କରଃ" । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜ୍ଞାନୋପଦେଶ ଛଳରେ ତାଙ୍କର ସ୍ୱବିଭୂତି ବର୍ଣ୍ଣନା କରି କହୁଛନ୍ତି –"ହେ ଅର୍ଜୁନ, ମୁଁ ହେଉଛି ମାସମାନଙ୍କ ମଧ୍ୟରେ ମାସ ଶ୍ରେଷ୍ଠ ମାର୍ଗଶୀର ମାସ

ଓ ଋତୁ ମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ ଋତୁ । ଯାହାକି ଶୀତ ଋତୁ ପରେ ଧରାବରଣ କରିଥାଏ । ଠିକ୍ ସେହିପରି ଈଶ୍ୱର ଦୁଃଖ ପରେ ସୁଖ ଓ ସୁଖ ପରେ ଦୁଃଖ ପ୍ରଦାନ କରିଥାନ୍ତି । ଏହି ବସନ୍ତ ଋତୁଟିର ମାହାତ୍ମ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ବସନ୍ତର ଅଗ୍ରଦୂତ କୋକିଳର ସ୍ୱର ବା ମଧୁପ ପଞ୍ଚମ ତାନର ରାଗିଣି ହିଁ ଏଇ ଋତୁରେ ଶୁଣିବାକୁ ମିଳଥାଏ । ଶୀତର କ୍ଲିଷ୍ଟତାରେ ବୃକ୍ଷରାଜୀ ପ୍ରତଶୂନ୍ୟ ହୋଇ ବନାନୀ ତାର ଅପରୂପ ସବୁଜିମା ହରାଇଥାଏ । କନ୍ତୁ ବସନ୍ତର ଶୁଭଗମନର ବାର୍ତ୍ତା ପାଇବାକ୍ଷଣି ସମସ୍ତ ବୃକ୍ଷଲତା ନବ କଶଳୟରେ ବିମଣ୍ଡିତ ହୋଇଥାନ୍ତି । ମୃଦୁ ମଧୁର ଦକ୍ଷୀଣା ମଳୟର ସ୍ପର୍ଶରେ ଆହ୍ଲାଦିତ ହୁଅନ୍ତି ପ୍ରାଣୀ ଜଗତ । ନବ ଉନ୍ମାଦନା ଭରିଯାଏ ସମସ୍ତ ମଣିଷ, ପଶୁ, ପକ୍ଷୀ ଓ ସମଗ୍ର ଜୀବ ଜଗତରେ । ବୃକ୍ଷମାନେ ନାନା ରଙ୍ଗ ବେରଙ୍ଗର କୁସୁମ ରାଜିରେ ଶୁଶୋଭିତ ହୁଅନ୍ତି । ପ୍ରକୃତି ରାଣୀ ପୁଣି ତାର ନବପଲ୍ଲବ ରୂପକ ଅମ୍ବର ଧାରଣ କରି ନବ ସବୁଜିମାରେ ଜନମନ ହରଣ କରିଥାଏ । ଉନ୍ମାଦିତ ଓ ଆହ୍ଲାଦିତ ଥାଆନ୍ତି କାକଳୀ ବୃନ୍ଦ । ସୁମଧୁର କଣ୍ଠରେ ଶୁଣାଯାଏ ସେମାନଙ୍କ ସଙ୍ଗୀତ । ବନଭୂମି ଆଲୋଡିତ ହୁଏ । ନୂତନ ଉନ୍ମାଦନା ଓ କାମ ଭାବ ଉଦ୍ଦିପନ କରାଏ ନୂତନ ପ୍ରେମିକ ପ୍ରେମିକାଙ୍କ ମନରେ । ଦେହରେ ତାଙ୍କର ଦେଖାଯାଏ ଅପୂର୍ବ ବେପଥୁ ଓ ଶୀହରଣ । ଶ୍ରମିକ ମାନେ ହୁଅନ୍ତି କର୍ମ ଚଞ୍ଚଳ । ସେମାନଙ୍କ ଜୀବନରେ ଭରିଯାଏ କର୍ମ ମୁଖରତା । ସର୍ବ ଜୀବବୃନ୍ଦ ଆନନ୍ଦିତ, ଆମୋଦିତ ଓ ଆହ୍ଲାଦିତ ହୁଅନ୍ତି । ସମସ୍ତେ ବସନ୍ତର ଭାଷା ଓ ଭାବ ଅନୁଭବ କରି ବସନ୍ତ ଋତୁର ପ୍ରଶସ୍ତି ଗାନ କରିଥାନ୍ତି । ଏ ଋତୁର ମାଦକତା ସଂପୂର୍ଣ୍ଣ ନିଆରା । ଏହାର ଭାଷା ମଧ୍ୟ ନିଆରା ଅଟେ । ବସନ୍ତ ପରି ଧାର ପୃଷ୍ଠେ ଅନ୍ୟ ଋତୁମାନେ ମଧ୍ୟ ଧରିତ୍ରୀକୁ ବିଭିନ୍ନ ରଙ୍ଗରେ ରଙ୍ଗାଇଥାନ୍ତି । ସେହିପରି ଗ୍ରୀଷ୍ମର ପ୍ରଖର ଆତପ ପରେ ପରେ ଆସିଥାଏ ରାଣୀ ସାଜି ବର୍ଷା । ଗଛଲତା ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ତୃଷା ଓ ତୃଷା ହରଣ କରି ଗୃଷୀ କୂଳକୁ ଆନନ୍ଦ ପ୍ରଦାନ କରିଥାଏ । ଟୁପୁରୁ ଟୁପୁରୁ ବର୍ଷାର ଧ୍ୱନୀ ସାଙ୍ଗକୁ ବିଜୁଳୀର ଘନ ଆସ୍ତରଣ ତଳୁ ସୁନେଲି ଛିଟା ସମସ୍ତଙ୍କ ମନ ହରଣ କରିଥାଏ । କାଳୀଦାସ ମେଘକୁ ଆକାଶରେ ଦେଖି "ମେଘଦୂତମ୍" ଭଳି ସୁନ୍ଦର କାବ୍ୟର ରଚନାରେ ସମର୍ଥ ହୋଇଥିଲେ । କାହିଁ କେତେ କବି, ଭାବୁକ, ଲେଖକ ସେମାନଙ୍କର ଲେଖନୀକୁ ଋଦ୍ଧିମନ୍ତ କରିଛନ୍ତି ବର୍ଷାର ସ୍ୱାଗତ ଗାଇ । ଭାଗବତର ଛନ୍ଦେ ଛନ୍ଦେ ଓ ପଦେ ପଦେ କୃଷ୍ଣ ଜନ୍ମର ପର୍ବ ସାଙ୍ଗକୁ ମେଘ ଓ ବିଜୁଳର ସୁନ୍ଦର ବର୍ଣ୍ଣନା ଅନୁଭୁତ ହୁଏ । ମହାଭାରତରେ ମଧ୍ୟ କଳା ମେଘର ବର୍ଣ୍ଣନା ଅତିବ ରମଣୀୟ ବୋଧହୁଏ । ଆକାଶର ବୁକୁଚରି ବର୍ଷା ରାଣୀ ଧରଣୀ ପୃଷ୍ଠରୁ ବିଦାୟ

ନେଲ୍‌ବେଳକୁ ଆସିଯାଏ ଶରତ। ଶତତରେ ଆବାହନୀ ନମନ୍ତେ ମର୍ତ୍ତ୍ୟବାସୀ ହୋଇ ଉଠନ୍ତି ତତ୍ପର। ପୃଥିବୀ ସଜାଇ ହୋଇଯାଏ ଶ୍ୱେତ ଶୁମର ରୂପି କାଶତଣ୍ଡୀ ଫୁଲରେ । ଦୂର୍ଗା ମାଆଙ୍କର ଆରତୀ କରିବା ପାଇଁ। ଧର୍‌ବାସୀ ହୋଇଯାଆନ୍ତି ଆନନ୍ଦ ମୁଖର ଦୁର୍ଗା ମାଆଙ୍କର ଚରଣ ବନ୍ଦନାରେ।

ମେଘମୁକ୍ତ ନର୍ମଳ ଆକାଶ। ଧର୍‌ ପୃଷ୍ଠରେ ବାଜିଉଠୁଛି ସାହାନାଇ, ଘଣ୍ଟି, ଘଣ୍ଟା, ଶଙ୍ଖ, ମାଆ ଜଗଦମ୍ବାଙ୍କର ଆବାହନୀ ସଙ୍ଗୀତ ଗାଇ। ତାଙ୍କର ଚରଣ ବନ୍ଦନାରେ ମଣିଷ ସମାଜ ଚଳଚଞ୍ଚଳ। ସତେ ଯେମିତି ମାଆ ତାଙ୍କର ସମସ୍ତ ବାତ୍ସଲ୍ୟ ସ୍ନେହକୁ ଏକାକାର କରି ଧର୍‌ ମଣ୍ଡନ କରି ଆସୁଛନ୍ତି ତାର ସନ୍ତାନ ଗଣକୁ କୋଳେଇ ନେବାପାଇଁ। ସୃଷ୍ଟି ଯେପରି ଉତ୍ସବ ମୁଖର ଦୁର୍ଗା ମାଆଙ୍କର ସ୍ୱାଗତ କରିବାକୁ ସପ୍ତଶତୀ ଚଣ୍ଡୀ ଗାୟନ କରି "ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା। ନମସ୍ତସୈ, ନମସ୍ତସୈ, ନମସ୍ତସୈ ନମୋନମଃ"॥" ପଦ ମାଧୁର୍ଯ୍ୟରେ। ସମସ୍ତେ ଆନନ୍ଦମୁଖର। ବର୍ଷେ ପରେ ମାଆ ଜଗଦ୍ଧାତ୍ରୀ ପୁଣି ଅବତୀର୍ଣ୍ଣ ହୋଇଛନ୍ତି ଧର୍‌ଧାମରେ। କ ସୁନ୍ଦର ରୂପ ମାଧୂର୍ଯ୍ୟ ମାଆଙ୍କର । କେଶରୀ ବାହାନରେ ବିଜେ କରି ମାଆ ଦଶଭୂଜା ଦଶ ଆୟୁଧ ବହନ କରି ପାପୀ ମହିଷାସୁରକୁ ନଧନ କରିବା ଭଙ୍ଗୀରେ ସତେ ଯେପରି ଦଣ୍ଡାୟମାନ। ନାଁ ମାଆ କେବଳ ପାପ ଓ ତମରୂପୀ ମହିଷାସୁରକୁ ନହତ କରିବାକୁ ଧର୍‌ବତରଣ କରିନାହିଁ। ସେ ତାଙ୍କର କରୁଣା ଆର୍ଦ୍ର ଚତ୍ତରେ ସତେ ଯେମିତି ମଣିଷ ସମାଜରେ ଥିବା ଅଘତମକୁ ଧ୍ୱଂସ କରିବା ପାଇଁ ଉଦ୍ୟେତ। ଦଶ ଆୟୁଧରେ ଦେବୀଦଶଭୁଜା ଆମ ଦଶ ବିଧ ପାତକ ନାଶ କରିଥାନ୍ତି। ପୃଥିବୀ ବକ୍ଷରେ ପୁଣି ଧର୍ମ ସ୍ଥାପନା କରି ଅଧର୍ମ ରୂପୀ ମହିଷାସୁରର ହନନ କରିଥାନ୍ତି। ଧର୍‌ବାସୀ ସତେ ଯେପରି ଆଗ୍ରହ ଉତ୍ସାହର ସହ ମାଆଙ୍କର ସ୍ୱାଗତ କରୁଛନ୍ତି ଷୋଡଷ ଉପଗ୍ୱର ମାଧମରେ। ସମସ୍ତଙ୍କର ମନ ଓ ଆତ୍ମା ହୋଇଉଠିଛି ପୁତ ପବିତ୍ର ଓ ଚଳଚଞ୍ଚଳ। ମା ଙ୍କୁ ବଧେଇ ଜଣାଇବା ପାଇଁ ଭକ୍ତି ସଙ୍ଗୀତମାନ ଗାନକରି "ଜୟ ଜୟ ଭବାନୀ ଦଶଭୁଜା"।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# ଉତ୍କଳ ମାଟି



ସୌଭାଗ୍ୟ ରଞ୍ଜନ ମହାପାତ୍ର

ସେ ଉତ୍କଳ ମାଟି ପାଇଁ ପଦିଏ ଲେଖୁଛି
ପିଲାଦିନୁ ଯା ପାଣି ପବନେ ମୁଁ ବଢ଼ିଛି।।
ବୈତରଣୀ କୁଶଭଦ୍ରା ଋଷିକୁଲ୍ୟା ଆଦି
ଉତ୍କଳର ପାଦେ ମଥା ପିଟି ଗରଜନ୍ତି।।
ରଜ, ହୋଲି, କୁମାରପୂର୍ଣ୍ଣିମା, ଦୋଳ ରଥ
ବାରମାସେ ତେର ପର୍ବ ଦେଖନ୍ତି ଜଗତ।।
ଆରାଧ୍ୟ ଠାକୁର ଆମ ପ୍ରଭୁ ଜଗନ୍ନାଥ
କୋଟି ଓଡ଼ିଆ ଙ୍କ ସିଏ ପ୍ରଭୁ ଶ୍ରୀ ସାମନ୍ତ।।
କୋଣାରକ, ଲିଙ୍ଗରାଜ, ଶ୍ରୀ ମନ୍ଦିର ଆଦି
ଉତ୍କଳ ରାଜା ଙ୍କ କଥାକହେ ବାରବାଟୀ।।
ଶକ୍ତିପୀଠ ବୁଲିଲେ ଲାଗଇ ଭାରି ମଜା
ତାରା ତାରିଣୀ ମଙ୍ଗଳା ଚର୍ଚ୍ଚିକା ବିରଜା।।
ସାହିତ୍ୟ ରେ ନାମ ରଖିଗଲେ କେତେ କବି
ଗଙ୍ଗାଧର, ରାଧାନାଥ, ଆଉ ବ୍ୟାସକବି।।
ପ୍ରବାଦ ପୁରୁଷ ସିଏ ଆମ ବିଜୁବାବୁ
ଉତ୍କଳ ଗୌରବ ବାରିଷ୍ଟର ମଧୁବାବୁ।।
ସେବା ପାଇଁ ଗୋପବନ୍ଧୁ, ତ୍ୟାଗ ରେ ଧରମା
ଜାତି ପାଇଁ ପୁଅ ବାଜି ଜୀବନ ଟି ଦେଲା।।
ଧୋତି ଗାମୁଛା ଆମ ଶାଢୀ ସମ୍ବଲପୁରୀ
ଏଣ୍ଡୁରି, ଚକୁଳ, ପୋଡ ପିଠାକୁ କେ ସରି।।

ପଖାଳ କଂସା ଟି ପରା ଓଡ଼ିଆଙ୍କ ଆଶା
ସେ ଆଶା ରେ ଢେଉ ଖେଳେ ମମତା ର
ଭାଷା।।
ନାଚଗୀତେ ଓଡିଶା କୁ ଯିବ କଏ ବଳ
ଓଡ଼ିଶୀ, ସମ୍ବଲପୁରୀ, ଛଉ ଓ ସାନ୍ତାଳ।।
ସଂସ୍କୃତି ର କଥା କହେ ପାଲା, ଦାସକାଠି
ଗୀତେ ଚଂପୁଛାନ୍ଦ ଚଉତିଶା ଚଉପଦୀ।।
ରୋଗ ଭୋକ ଦୁଃଖ ଯେତେ ଯାଉ ଏ ମାଟିରୁ
ଏ ମାଟିକୁ ଭୁଜ ତଳେ ରଖ ମହାବାହୁ।।

ଅଧ୍ୟାପକ, ବୈଦିକ ମହାବିଦ୍ୟାଳୟ,
ସମ୍ବଲପୁର

# ପରିବର୍ତ୍ତନ



ବେଣୁଧର ସୁରୁଜାଲ

କ ସୁନ୍ଦର ଆହା !
ଛୋଟ ଶିଶୁର ଜୀବନ
ସରଳ, କୋମଳ ସଦା ସତେଯେ ଯାର ମନ ।
କାଳର ବୁକୁରେ ବଢ଼ ହୁଏ ଯେବେ ଦିନୁଦିନ
କେଜାଣି କାହିଁକ ହଜେଇ ଦିଏ ତା'
ସରଳତା ଆଦି ସବୁ ସୁଗୁଣ ।

ଭରିଯାଏ ପୁଣି ସ୍ୱଚ୍ଛ ମନେ କାହୁଁ,
ଚତୁରତା ଆଦି କେତେ ଦୁର୍ଗୁଣ ।
କହ--------? ଜ୍ଞାନୀଗୁଣୀ ଜନେ କହ ?
କ'ଣ ଏମିତି ଆସି ଯାଏ ତାର ପରିବର୍ତ୍ତନ ?

ଶିଶୁ ଯେ ଅଟଇ ସଭିଙ୍କର ପ୍ରିୟ ଅମୁଲ୍ୟଧନ
ଅନ୍ଧଳଉଡି, ନୟନ-ତାର୍ ସବୁରି ଜୀବ ଜୀବନ ।
ବଡ଼ ହୋଇ ସେହି ନୟନ ପିତୁଳା,
ହଜେଇ ଦିଏ ତା ନିଜ ନୟନ ।

ସମାଜରେ ରହି କରଇ କମ୍ପାଇଁ
ନିଜେ ନିଜକୁ ସେ ଅଭିମାନ ।
ଫୁଟିବା ଆଗରୁ କଅଁଳ କଢିଟି
ଝାଉଁଳି ଯାଏ ତା କୋମଳ ପ୍ରାଣ ।
କହ-----ଜ୍ଞାନୀଗୁଣୀ ଜନେ କହ ?
କ'ଣ ଏମିତି ଆସିଯାଏ ତାର ପରିବର୍ତ୍ତନ ?

ଶିଶୁ ଶିଶୁ ମଧ୍ୟେ ନଥାଏ କେବେ ବି
ଭାଷାର କୌଣସି ବିବାଦ ମାନ ।
ନଥାଏ ପାଚେରୀ ପୁଣି ଯାହାଙ୍କ ପାଇଁ
କେବେ କୌଣସି ଧରମ ।

ତେବେ----- ବଡ଼ ହୋଇ କାହୁଁ ?
ଜାତି-ଧର୍ମ ଭେଦଭାବ ତା'ଠାରେ ନିଅଇ ଜନମ ।
ଭାଇ-ଭାଇ ମଧ୍ୟେ କମ୍ପାଇଁ ନୂତନ
ପାଚେରୀ ହୋଇଯାଏ ଗଠନ ।

ଦୁନିଆଠୁ ବଳି କାହିଁକି ସର୍ବସ୍ୱ
ହୋଇଯାଏ  ଜାତି-ଧରମ ।
କହ ----- ଜ୍ଞାନୀଗୁଣୀ ଜନେ କହ ?
କ'ଣ ଏମିତି ଆସିଯାଏ ତାର ପରିବର୍ତ୍ତନ ?

ଉଲୁଣ୍ଡା, ସୁବର୍ଣ୍ଣପୁର

# ଭଙ୍ଗ ଏ ଦୁନିଆଁ



ପରମାନନ୍ଦ ରାଜହଂସ

ପ୍ରକୃତିର ଶକ୍ତି ବଳେ ଭଙ୍ଗ ଏ ଦୁନିଆଁ,
ସେହି ତ ସାହିଛି ଆଜି କେତେ ଅମାନିଆ ।
କ୍ରୀଡନକ ହସ୍ତେ ଯିଏ ବ୍ୟଙ୍ଗେ ସେ ହସଇ,
ଦିଅ ତାରେ ଚିରକାଳ ମାଟିରେ ମିଶାଇ ।
ଅଶାନ୍ତି ଅନଳ ଜଳୁ ତାଆରି ମାନସେ,
ଲାଞ୍ଛନା ଦିଏ ନିସ୍ୱରେ ସେତ ଉପହାସେ ।
ତୋଳ ତବ ହସ୍ତେ ପ୍ରଭୁ ବଜ୍ର ଓ ଚଡକ,
ରଚ ନୀଚେ ନାଶିବାକୁ ବନ୍ୟା ଓ ମଡକ ।
ଧ୍ୱଂସ କର ପାଷାଣ୍ଡଙ୍କ ସକଳ ଗାରିମା,
ସହି ନୁହେଁ ଟପିଲାଣି ହସିହାର ସୀମା ।
କାନ୍ଦୁଛି ଧରଣୀ ନିତି ଦୁଷ୍ଟ ଅତ୍ୟାଚାରେ,
ଦୀନ ଦୁଃଖି ଢଳପଡେ ଦେଖ ହାହାକାରେ ।

କଳ୍କୀରୂପ ନିଅ ବେଗେ ହେ ପୁରୁଷ ତୁମେ,
ଆସ ପ୍ରଭୁ ଆସ ତୁମେବେଗେ ମର୍ତ୍ତ୍ୟଧାମେ ।
ଜାଳଦିଅ ସ୍ନେହ ମୋହ ମଦ ଓମାତ୍ସର୍ଯ୍ୟ,
ଆସୁ ପୁଣ୍ୟ ନବ ଯୁଗ ବାଜୁ ନବ ତୂର୍ଯ୍ୟ ।
ସୁଖୀ ହେଉ ଧରାପୁରୁ ତାର ନିଜ ମନ
ନାଶ ହେ ଦୁର୍ଜନ ଲୀଳା ହେଉ ସମାପନ ।

ଜ୍ୟୋତିଷ ଆଚାର୍ଯ୍ୟ, ମହାବୀର ଧାମ

# ଡାକୁ, ସ୍ୱର୍ଗ ଓ ବୁଢିଆଣୀ
## ଜାଲ



ମୂଳ (ଜାପାନ)- ରୟନୋସୁକ ଆକୁତାଗାୱା

ସୁଧାଂଶୁ ଶେଖର ଦ୍ୱିବେଦୀ

ଭଗବାନ ବୁଦ୍ଧ ସ୍ୱର୍ଗର ସରୋବର କୂଳରେ ବୁଲୁଥାନ୍ତି । ସରୋବରର ପାରଦର୍ଶୀ ପାଣିକୁ ଲକ୍ଷ୍ୟକରି ଦେଖିଲେ ପାଣିତଳେ ନର୍କ ପ୍ରତୀୟମାନ ହେଉଛି । ନର୍କରେ ପାପୀମାନଙ୍କ ଆତ୍ମା ଦଣ୍ଡ ଭୋଗୁଛନ୍ତି ।

ଭଗବାନ ବୁଦ୍ଧ ଦେଖୁଥାନ୍ତି ଜଣେ ଡାକୁର ମୃତ୍ୟୁ ଉପରାନ୍ତେ ନର୍କକୁ ଅଣାଯାଉଛି ଯିଏ ଅନେକ ପ୍ରକାର ଯାତନାକୁ ସହ୍ୟ କରି ନିଜ ଅବୟବରେ ଲଘୁସ୍ପର୍ଶ କରୁଥାଏ । ଜୀବନସାରା ସେହି ଡାକୁ କେତେ ଲୋକଙ୍କର ଧନ-ସମ୍ପତ୍ତି ଲୁଟ୍-ପାଟ୍ କରିଛି । କେତେ କେତେ ଲୋକଙ୍କ ଜୀବନରୁ ମାରିଦେଇଛି । ପୁଣି ଅନେକ ଲୋକଙ୍କ ଘରେ ନିଆଁ ଲଗେଇଛି । ଏତେସବୁ ପରେ ମଧ୍ୟ ସେ ଗୋଟେ ଭଲ କାମ କରିଛି । ଥରେ ସେ ରାସ୍ତାରେ ଗୋଟେ ବୁଢିଆଣୀ ଦେଖି ଗୋଡରେ ଦଳଦେବାକୁ ଚାହୁଁଥିବା ବେଳେ ତାହା କରିନଥିଲା । ଭଗବାନ ବୁଦ୍ଧଙ୍କୁ ଏ ଘଟଣା ମନେ ପଡିଯିବାରୁ ସେ ଚିନ୍ତାକଲେ ଡାକୁର ଏଇ ଭଲ କାର୍ଯ୍ୟ ପାଇଁ ତାକୁ ନର୍କରୁ ଉଦ୍ଧାର କରିବାକୁ ହେବ । ତା ପରେ ସେ ସ୍ୱର୍ଗରେ ଥିବା ସରୋବରର ପଦ୍ମପତ୍ର ଉପରେ ଜାଲ ବୁଣୁଥିବା ବୁଢିଆଣୀର ସୂତାକୁ ନର୍କ ଗହ୍ୱର ଭିତରକୁ ଟାଣିଦେଲେ ।

ନର୍କର ଅନ୍ଧାର ଗହ୍ୱରରେ ବୁଢିଆଣୀର ସୂତା ରୂପା ଭଳି ଚମକଉଠିଲା । ଡାକୁ ଯେମିତି ସେଇ ସୂତାକୁ ଦେଖିଛି ତା ମୁହଁରେ ଯନ୍ତ୍ରଣା ବଦଳରେ ଖୁସିର ଆଭାସ ଝଲସି ଉଠିଲା । ସେ ଜାଣିପାରୁଥାଏ ସେହି ସୂତା ସିଧା ସ୍ୱର୍ଗରୁ ନର୍କକୁ ଆସିଛି । ସେଇ ସୂତା ସାହାଯ୍ୟରେ ମୁଁ ବାହାରକୁ ବାହାରିଯିବି । ଏହା ମଧ୍ୟ ହୋଇପାରେ ସେଇ ସୂତା ଦ୍ୱାରା ସ୍ୱର୍ଗରେ ପହଞ୍ଚି ଯାଇପାରିବି ।

ପରକ୍ଷଣରେ ସେ ଡିଆଁମାରି ସୂତାକୁ ଧରିନେଲା ଓ ଧିରେଧିରେ ଉପରକୁ ଚଢିଲା । ନର୍କ ଏତେ ଗଭୀର ଥିଲା ଯେ ଅନେକ ସମୟଯାଏ ଚଢିବା ପରେ ମଧ୍ୟ ସେ ତା ମଧ୍ୟରୁ

ବାହାରକୁ ବାହାରି ପାରୁନଥାଏ । ଶେଷରେ ସେ ଥକ-ହାରି ଏତେ ନିସ୍ତେଜ ହୋଇପଡିଲା ଯେ ଉପରକୁ ଉଠିବା ତାପାଇଁ ସମ୍ଭବ ହୋଇପାରିଲାନି । ମନେମନେ ଭାବିଲା କିଛି ସମୟ ଆରାମ କରିବାପରେ ପୁଣିଥରେ ପ୍ରୟାସ କରିବି । ସେ ନର୍କରୁ ଯେକୌଣସି ମତେ ବାହାରି ଆସିବାକୁ ଚାହୁଁଥାଏ । ସେଥିପାଇଁ ସେ ଖୁବ୍ ସନ୍ତୋଷ ଥାଏ ଯେ ଗଭୀର ନର୍କରୁ ବହୁତ ଉପରକୁ ଉଠିଆସିଛି । ଥରେ ସେ ତଳକୁ ଦେଖି ଗାଢ ଅନ୍ଧାରକୁ ଅନୁଭବ କଲା । ନର୍କରୁ ବାହାରିବା ରାସ୍ତା ଆଉ ବେଶୀଦୂର ନାହିଁବୋଲି ସେ ଠିକ୍ ଅନୁମାନ କରିପାରୁଥାଏ । ଅବସରରେ ପୁଣିଥରେ ନୂଆ ଉଦ୍ଦିପନା ଭରି ଉପରକୁ ଉଠିବା ପାଇଁ ପ୍ରସ୍ତୁତ ହେବାବେଳେ କହିଲା, "ଏବେ ମୁଁ ନିଶ୍ଚିତ ବଞ୍ଚିଯିବି ।"

ହଠାତ୍ ସେ ଅନୁମାନ କଲା ତଳେ ଅନେକ ପାପୀ ସେଇ ସୂତାକୁ ଧରି ଉପରକୁ ଉଠୁଛନ୍ତି । ତାକୁ ମନରେ ଭୟର ଭାବ ଉଦ୍ରେକ ହେଲା । "ଏ ସୂତା ଏତେ ପାପୀଙ୍କ ବୋଝ କେମିତି ସହିବ? ଯଦି ଛିଡିଯାଏ ତାହେଲେ ତ ମୁଁ ପୁଣି ନର୍କରେ ପଡିବି ।"

ସୂତାରେ ଚଢୁଥିବା ସଂଖ୍ୟା କ୍ରମଶଃ ବଢିଚାଲିଥାଏ । ସେ ଉଚ୍ଚ ସ୍ୱରରେ ଚିତ୍କାର କରି କହିଲା, "ହେ ପାପୀମାନେ! ଏ ସୂତା ମୋର । ତୁମମାନଙ୍କୁ ଉପରକୁ ଯିବାପାଇଁ କିଏ ଅନୁମତି ଦେଇଛି? ସମସ୍ତେ ନର୍କକୁ ଓହ୍ଲେଇଯାଅ, ନହେଲେ....., ଠିକ୍ ସେତିକବେଳେ ସେହି ସୂତା ଯେଉଁଠାରୁ ଛିଡିବାର କୌଣସି ଲକ୍ଷଣ ନଥିଲା, ସେଇଠାରୁ ଛିଡିଗଲା ଯେଉଁଠାରେ ତାକୁ ସୂତାକୁ ଧରିଥାଏ । ତା ମୁହଁରୁ ଆର୍ତ୍ତ ଚିତ୍କାର ବାହାରିବା ସହିତ ନର୍କର ଅନ୍ଧାର ଗହ୍ୱର ମଧ୍ୟରେ ପଡିଲା । ଛିଡିଯାଇଥିବା ବୁଢିଆଣୀ ସୂତା ରୂପା ଜହ୍ନପରି ଝଲମଲ ହେଉଥାଏ ।

ସରୋବର କୂଳରେ ଛିଡାହୋଇ ଭଗବାନ ବୁଦ୍ଧ ଏସବୁ ଦେଖୁଥାନ୍ତି । ସଙ୍ଗେ ସଙ୍ଗେ ତାଙ୍କ ମୁଖମଣ୍ଡଳ ଉଦାସରେ ଭରିଗଲା । ଯଦି ତାକୁ ନିଜେ ବଞ୍ଚିବାପାଇଁ କାମନା କରିନଥାନ୍ତା, ହୁଏତ ଅଗଣିତ ପାପୀ ନର୍କ ଗହ୍ୱରରୁ ବାହାରି ଆସିଥାନ୍ତେ । ପରନ୍ତୁ ସେ ନିଜ ମନର ସଂକୀର୍ଣ୍ଣତା ପାଇଁ ନିଜକୁ ପୁଣିଥରେ ନର୍କରେ ପତିତ କଲା ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଅପରାଜେୟ



ନବକିଶୋର ଦୀପ

ଭୁଲିବାକୁ ଗୁହିଁ ବି ଭୁଲି ହୁଏନ
ସେ ତ୍ୟାଗ, ଯତ୍ନ, ଆଦର୍ଶ
ବିଚ୍ଛୁରିତ ନବିଡ଼ ପ୍ରେମର
ଶୃଙ୍ଖଳିତ ପରସ..
ନିଜ ଖୁସିକୁ ଗୁପିରଖି
ସର୍ବଦା ଅନ୍ୟ ଯନ୍ତ୍ରଣାରେ ଜର୍ଜରିତ
ଏକ ଭଙ୍ଗା ଲଣ୍ଠନର
ଆପୋଛା, ଅଦେଖା-କାଳର କାଳିମାରେ
ଭରପୁର
ଫଟା କାଚ ପରି
ଆଲୋକ ପ୍ରଦାନକାରୀ ମୁହଁ....
ମନରୁ ଲିଭେଇବାକୁ ଗୁହିଁ ବି
ମିଟି ମିଟି ଆଲୁଅରେ
କେଉଁ ହୃଦୟ କୋଣରେ
ଝଲସି ଉଠେ ଲୁଚଥିବା
ତାଙ୍କ ବିଶାଳ ବ୍ୟକ୍ତିତ୍ୱ ଆଉ
ସରଳ ମନର ଛବି...

ନିଜ ଠାରୁ ବିଛିନ୍ନ
ଅନ୍ୟ ଚନ୍ତାରେ ଚନ୍ତିତ
ଦୁଃଖରେ ଦୁଃଖିତ
ପ୍ରଶଂସାରେ ମୁଖରିତ
ପରୋପକାର ର ପ୍ରତିଛବି
ଯେହ୍ନେ ସୌର ଜଗତରେ
ଉଜ୍ଜ୍ୱଳ ରବି...
ନ ଖୋଜି ବି ଫୁଟିଦିଶେ
ନିଜେ ଅନ୍ଧାରେ ରହି
ଅନ୍ୟକୁ ଟର୍ଚ୍ଚ ଦେଇ
ନିଜେ ହଜି ଅନ୍ୟ କୁ ଖୋଜି
ନିଜେ ଭିଜି ଅନ୍ୟକୁ
ଛତାତଳେ ରଖି
ଜରାଶ୍ରମ ପର୍ଯ୍ୟନ୍ତ
ହସି ହସି ଯାଇଥିବା
ଜୀବନ ଯୁଦ୍ଧର
ଭିନ୍ନ ଏକ ଅପରାଜେୟ ଯୋଦ୍ଧା
ବାପା ବାପା ବାପା...

ବୌଦ୍ଧ

# ଶେଷ ସାକ୍ଷାତ



ଅଶ୍ୱିନୀ କୁମାର

ପ୍ରଣୟର ବଗିଗ୍ଧରେ
ମୁ ପାହାନ୍ତି ପ୍ରହର ଶିଶିର ବିନ୍ଦୁ ଟିଏ ।।
ଆଉ କଛି ମୁହୂର୍ତ୍ତ ପରେ
ପାହିଯିବ ନସ୍ତବ୍ଧ ଯାମିନୀ ।
ତା ସାଙ୍ଗକୁ କ୍ଷୀଣ ହେଉଯିବ ମୋ ଆୟୁଷ ।।

ଆସନ୍ତା ପ୍ରଭାତର ଶୁଭ ଲଗ୍ନରେ
ମୋ ପ୍ରିୟା କାହା ଅମାନତ ସାଜିବ ।
ଗୋଟିଏ ସୁନା ମୁଦି ବିନମୟରେ
ଆଉ କାହା ହାତ ଧରି
ସଂସାର ଗଢ଼ିବର ମୂଳଦୁଆ ପକାଇବ ।
ସକାଳର କଅଁଳ ଖରା ପଡିବା ମାତ୍ର
ହଜିଯିବ ମୋ ଅସ୍ତିତ୍ୱ,
ଆମ ସଂପର୍କରେ ଯବନକା ପଡିବ ।।

ମୋ ମନ କହୁଛି
ଆଜି ସିଏ ନଷ୍ଚୟ ଆସିବ ,
ଆମ ସମ୍ପର୍କର ଦୁହାଇ ଦେଇ ।।
ସାମାଜିକ ପ୍ରତିବନ୍ଧକ ଅବା,
ଲୋକ ନନ୍ଦାକୁ ଅଣଦେଖା କରି
ଶେଷ ସାକ୍ଷାତ ପାଇଁ ।।

ହେ ତପନ !
ରହିଯାଅ କଛି କ୍ଷଣ ।।
ଅନେଇ ବସିଛି ମୁଁ
ମୋ ପ୍ରିୟାର ଶେଷ ସାକ୍ଷାତକୁ ।।

# ମୋ ମନର ଅନୁଭୂତି



ସଙ୍ଗୀତା ମହାନ୍ତି

ବାବା ମୁଁ ବୁଝି ପାରେନ ମୋର କଣ ହେଉଛି
ବହୁତ ଅସ୍ତବ୍ୟସ୍ତ ଲାଗୁଛି
ମନରେ ବହୁ ପ୍ରଶ୍ନ ଉଙ୍କି ମାରୁଛି
ମୋ ଜୀବନେ ଅଛି କଣ ପାଇବ କଣ
ତୁ ଏମିତି କରିଦେବୁ ବୋଲି ଭାବି ନଥିଲି
ମୋ ସାହାରା ହେଇଯିବୁ ବୋଲି ଜାଣି ନଥିଲି
ଦରକାର ଠାରୁ ବେଶୀ ଏ ମନ ତତେ ଝୁରୁଛି
ସେଥିପାଇଁ ବୋଧେ ମୋ ଲୁହ ମୋ ଆଖିର ଠିକଣା ଭୁଲିଯାଇଛି
ଏତେ ଭଲ ପାଇ ନଥିଲି କେବେ ତତେ
ଭାବିନଥିଲି ତୁ ଏମିତି କରିଦବୁ ମତେ
ତୋର ମୋର ଥିଲା ପିଲାବେଳର ଦୋସ୍ତି
ହେଲେ ମନରେ ହୋଇ ରହିଗଲୁ ସବୁକିଛି
କାହିଁକି କରିଲୁ ଏମିତି ଏବେ ମୁଁ ତୋ ବିନା ରହିବି କେମିତି
ଫୁଲକୁ ଭଲପାଉଛି ସତ ହେଲେ ଭଅଁର ମୁଁ ନୁହେଁ
ରାତିକୁ ଭଲ ପାଉଛି ସତ ହେଲେ ଜହ୍ନ ମୁଁ ନୁହେଁ
କାହିଁକି ଏମିତି କିଛି ନିଶାନା ଦେଇଗଲୁ ମୋ ଦେହେ
ଭୁଲିବାକୁ ଚାହେଁ ହେଲେ ଭୁଲିପାରେନା
ଏପରି ସମୟରେ କିଛି ଦେଇଗଲୁ ତାପରେ ମନରୁ ମତେ ପାସୋରିଲୁ
ଛାଡି ଦେଇଗଲୁ ଯୋଉ ସ୍ମୃତି ଆଉ ଅନୁଭୂତି ମୋ ପାଖେ
ସେଇ ସବୁ କଥା ନିଇତି ଓ ମନକୁ ଆସେ
ଇତି ମନେ ପଡେ ମୋର ସେ ଅଭୁଲା ସ୍ମୃତି
ଚାହିଁକି ମଧ୍ୟ ଭୁଲିପାରେନ ତାକୁ
କେବେହେଲେ ପଚାରି ବୁଝିଲୁନ କେମିତି ଅଛି ମୁହିଁ
ମତେ ଏକା ଛାଡି କେମିତି ପାରିଲୁ ରହି ॥

ତୁଳସୀପୁର, ମଠସାହି

# କରୋନା ବେଳର କରୁଣ କଥା..



ବିଜୟ କୁମାର ପଣ୍ଡା

ଏହା ଭିତରେ ତିନ ସପ୍ତାହ ବିତି ଗଲାଣି ଘରେ ବସି ବସି । ଯେମିତି ଦିନଟେ  ଯୁଗଟେ ପରି କଟୁଛି । ଗାଁ କଥା ଖୁବ୍ ମନେପଡୁଥିଲା ।

ବୁଢ଼ୀ ମା ଆଉ ସାନ ଭଉଣୀ କୁନକୁ ନେଇ ତାର ଛୋଟ ସଂସାର । ପିଲାବେଳୁ ବାପା ଗୁଲି ଯାଇଥିଲେ । ମା' ପର ଘରେ ମୁଲ ଲାଗି ଭାଇ ଭଉଣୀ ଦୁଇଟାକୁ ବଢ଼େଇଲା । ଭାଇ ଭଉଣୀ ଭିତରେ ମାତ୍ର ଗୋଟିଏ ବର୍ଷ ବୟସର ଅନ୍ତର । ପିଲା ବେଳଠୁଁ ସବୁବେଳେ ତା ନିଜ ଭାଗର ଖାଦ୍ୟ ହେଉ ବା ଖେଳନା ସେ ସାନ ଭଉଣୀକୁ ଦେଇଦିଏ । ସାନ ଭଉଣୀର ଖୁସି ଦେଖି ଯେମିତି ଦାସିଆର ପେଟ ପୁରିଯାଏ ।

ପିଲାବେଳଠୁଁ ଦାସିଆ ପିଲାବେଳୁ କେମିତି ଦୁଇ ପଇସା ରୋଜଗାର କରିବ ସେକଥା ସବୁବେଳେ ଉପାୟ ଖୋଜୁଥାଏ ।

ମା' ପର ଘରେ ମୁଲ ଲାଗୁ ସେକଥା ତାକୁ ଇଛା ନଥିଲା । ଗରୀବ ହେଲେ ବି ଖୁବ୍ ସ୍ୱାଭିମାନୀ । କାହା ଆଗରେ କେବେ ହାତ ପାତେନି । ସ୍କୁଲ ଛୁଟି ହେଲାପରେ ଗାଁ ପାଖ ବଜାର ଗୋଟେ ବରା ପିଆଜି ଛଣା ହେଉଥିବା ଦୋକାନରେ ପ୍ଲେଟ ମାଜି ଦିନକୁ ଦଶ ଟଙ୍କା ଲେଖାଏଁ ଆଣି ସଂଚୟ କରି ରଖେ । ଧିରେ ଧିରେ ପାଠ ପଢା ପ୍ରତି ମୋହ ଭାଙ୍ଗି ଗଲା । ଦଶମ ଶ୍ରେଣୀ ଯିବା ପୂର୍ବରୁ ସେ ସ୍କୁଲ ବନ୍ଦ କରିଦେଲା । ତା 'ର ବୟସ ବଢ଼ିବା ସାଙ୍ଗକୁ ସାନ ଭଉଣୀର ଦାୟିତ୍ୱ ବାହାଘର ଦାୟିତ୍ୱ ତାକୁ ବେଶ ବୁଝା ପଡ଼ିଯାଇଥିଲା ।  କିଛି ରୋଜଗାର କରି ପଇସା ସଞ୍ଚୟ କରିବା ତାର ଏକମାତ୍ର ଲକ୍ଷ ଏବେ । ଏମିତି କିଛି ଦୁଇ ତିନଟା ବର୍ଷ କାମ କରିବା ଭିତରେ ସେ ଜାଣି ଯାଇଥିଲା ଜେ ଗାଁରେ ରହି  ଯାହା ରୋଜଗାର କରିବ ସେଥିରେ ଦୁଇବେଳା ଖାଇବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ଗାଁ ମାଟି, ପାଣି, ପବନ କୁ ପ୍ରାଣ ପଣେ ଭଲ ପାଉଥିବା ଦାସିଆ କିନ୍ତୁ ଗାଁ ଛାଡ଼ି ଦିନେ ବାହାରକୁ ଯାଇ ବେଶୀ ପଇସା ରୋଜଗାର କରିବା ପାଇଁ ନିଷ୍ପତ୍ତି ନେଲା । ଗୋଟେ ବୋଲି

ପୁଅ, ମା ଜାଣିଥିଲେ ତାକୁ କେବେ ଛାଡି ନଥାନ୍ତା । ସାଙ୍ଗ ମାନଙ୍କ ମିଶି ରାଜ୍ୟ ବାହାରକୁ ରୋଜଗାର ପାଇଁ ଘରୁ ଲୁଚ ପଳେଇଲା । ମା ଆଉ ସାନ ଭଉଣୀ ଦୁଇ ଜଣ ତାକୁ ପ୍ରାଣପଣେ ଭଲ ପାଆନ୍ତି ।

+++++++++++

ଏଥର ହୋଲିରେ ଛୁଟି ନେଇ ଘରକୁ ଆସେ ବୋଲି ମା କେତେ ଡାକୁଥିଲା ।

ସାଙ୍ଗମାନେ ବି ଫୋନ କରି କେତେ ଡାକଥିଲେ "ଦାସିଆ ଏଥର ହୋଲିରେ ଗାଁକୁ ଆସେ, ରଙ୍ଗ ଖେଳବା ।।ଖୁବ ମଜା ହେବ "

ଦାସିଆ କନ୍ତୁ କାହା କଥା ଶୁଣିନଥିଲା । ସାଙ୍ଗ ମାନଙ୍କୁ କହିଥିଲା "ଏବେ କଣ୍ଟ୍ରାକ୍ଟର ଛୁଟି ଦଉନ । ରଜ ବେଳକୁ ଦେଖିବା ।"

କଣ୍ଟ୍ରାକ୍ଟର ଠୁଁ ପଇସା ମିଳନଥିଲା କଣ୍ଟ୍ରାକ୍ଟର ଦୁବାଇ ଯାଇଛି, ଆସିଲେ ସମସ୍ତଙ୍କୁ ହିସାବ କରି ପଇସା ଦେବ । ପଇସା ମିଳଲେ ସାନ ଭଉଣୀ କୁନ ପାଇଁ ନୂଆ ଡ୍ରେସ ଆଉ ମା ପାଇଁ ନୂଆ ଶାଢ଼ୀ ନେଇ ନେଇ ରଜ ବେଳକୁ ଯିବି ବୋଲି ମନସ୍ଥ କରିଥିଲା ।

ଦାସିଆ ସହିତ ଓଡ଼ିଶାର ଅନ୍ୟ ସହରରୁ ଆସି କାମ କରୁଥିବା କଛି ଓଡ଼ିଆ ଭାଇମାନେ କନ୍ତୁ ଅନ୍ୟ ମାନଙ୍କ ଠାରୁ କଛି ପଇସା ଉଦ୍ଧାର ନେଇ ଘରକୁ ଚାଲି ଯାଇଥିଲେ । ହିନ୍ଦୀ ଭାଷାରେ କଥା ହେଉଥିବା ତାରି ଭଳ ଅନ୍ୟଜଣେ ଦିନ ମଜୁରିଆ ସହିତ ଦାସିଆ ରହୁଥାଏ । ସେଇ କଣ୍ଟ୍ରାକ୍ଟର ସହିତ କାମ କରୁଥିବା ଅନ୍ୟ କେତେଜଣ ଦିନ ମଜୁରିଆ ମଧ୍ୟ ସେ ରହୁଥିବା କୋଠାର ପ୍ରଥମ ଓ ଦିତ୍ୱୀୟ ତାଲାରେ ରହୁଥିଲେ ।

ଚୀନରୁ ଅନ୍ୟ ଦେଶକୁ ବ୍ୟାପି ଥିବା କଣ ଗୋଟେ ନୂଆ ରୋଗ ପାଇଁ ଭୟରେ ସମସ୍ତେ ନଜ ଦେଶକୁ ଫେରି ଆସୁଛନ୍ତି ବୋଲି ସେ କାମ କରୁଥିବା କଣ୍ଟ୍ରାକ୍ଟର ବି ଦୁବାଇରୁ ସେଦିନ ଫେରି ଆସିଛି ବୋଲି ସବୁ କଥା ହେଉଥିଲେ । ସମସ୍ତେ ମିଶି ତା ପାଖକୁ ଯାଇ ବକେୟା ପଇସା ହିସାବ କରି ଆମକୁ ଦେଇଦିଅନ୍ତୁ ବୋଲି ଦାବି କଲେ, ପଇସା ବି ପାଇଲେ । ପଇସା ପାଇବା ପର ଦାସିଆ ପରେ ଆଜି ଯାଇ ସାନ ଭଉଣୀ କୁନ ପାଇଁ ନୂଆ ଡ୍ରେସ ଆଉ ମା ପାଇଁ ନୂଆ ଶାଢ଼ୀ କଣି ଆଣି ରଖିଲା ।

ଅଳ୍ପ ଦିନ କେତେଟାରେ ଏଇ ନୂଆ ରୋଗ ମହାମାରୀ ରୂପ ନେବାରୁ ଜଣା ଭାରତ ସରକାର ପୁରା ଦେଶରେ ତାଲା ବନ୍ଦ (ଲକ ଡାଉନ) ଘୋଷଣା କଲେ। ଟ୍ରେନ, ବସ, ସବୁ କଛି

ବନ୍ଦ। ଦୋକାନ ବଜାର ସବୁ ବନ୍ଦ ହେଲା । କିଛି ଦିନ ଭୋକ ଉପାସରେ ବିତିଲା ପରେ ରାଜ୍ୟ ସରକାର ବସ ବ୍ୟବସ୍ଥା କରି ଅନ୍ୟ ରାଜ୍ୟରେ ଫସି ରହିଥିବା ଶ୍ରମିକ ମାନଙ୍କୁ ରାଜ୍ୟକୁ ଫେରେଇ ଆଣିବାର ବନ୍ଦୋବସ୍ତ କଲେ । ଦାସିଆ ବି ବୁଝା ବୁଝି କରି ସେଇ ବସରେ ବସି ବାହାରିଲା ।

ମନରେ ଅହେତୁକ କୌତୁହଳ ଯେ ଗାଁ କୁ ଫେରିବ । ଗାଁ ର ସବୁ ସ୍ମୃତିକୁ, ପିଲାଦିନ କଥା ମନେ ପକେଇ ତା ଆଖିରେ ଖୁସିର ଲୁହ ବୁନ୍ଦା କେତୋଟି ବହି ଯାଉଥିଲା । ମା ଆଉ ସାନ ଭଉଣୀକୁ ବର୍ଷେ ହେବ ଦେଖିନ । ନଡ଼ିଆ ଭାଙ୍ଗି ବସ ଗଡ଼ିବା ଆରମ୍ଭ କଲା । କିଛି ପିଲା ଖୁସିରେ ହୋ ହାଲ୍ଲା ବି କରିବା ଆରମ୍ଭ କରିଦେଲେ। ରାତି ବେଶୀ ହେବାରୁ ପ୍ରାୟ ଲୋକ ଶୋଇପଡ଼ିଲେ । ଦାସିଆ ମଝିରେ ଥରେ ଯାଇ ଡ୍ରାଇଭରକୁ ପଚାରି ଆସିଲା ଗାଡ଼ି କେତେବେଳେ ପହଁଚେଇବ ।

ଡ୍ରାଇଭର କହିଲା ଭାଇ ଆମେ ଗୋଟେ ରାଜ୍ୟରୁ ଆଉ ଗୋଟେ ରାଜ୍ୟକୁ ଯାଉଛେ । ତମେ କଣ ଭାବୁଛ ତିନ ଚାରି ଘଣ୍ଟାରେ ପହଂଚ ଯିବ ? ଧର୍ଯ୍ୟ ରଖ । ପୁରା ଗୋଟିଏ ଦିନ ଲାଗିଯିବ । ତା ପରଦିନ ଘରେ ପହଂଚବ ।

ଦିନ ଗଡ଼ି ରାତି ହେଲା । ରାତି ପାହାନ୍ତାରେ ବସ ପହଂଚବ ଭାବି ଭାବି ତାକୁ ନିଦ ହେଉ ନଥାଏ । ମନରେ ଅସୁମାରୀ ସ୍ୱପ୍ନ । ମା'ର ଚେହେରାଟା ଜଳ ଜଳ କରି ଦିଶି ଯାଉଥାଏ । ଏହା ଭିତରେ କେତେବେଳେ ତାକୁ ନିଦ ଲାଗିଯାଇଥିଲା । ହଠାତ କଣ ଗୋଟେ ବହୁତ ବଡ଼ ଶବ୍ଦ ଶୁଭିଲା ଆଉ ବସ ଦୁର୍ଘଟଣାଗ୍ରସ୍ତ ହେଲା । ଦାସିଆର ହୋସ ନଥାଏ । ପାଖ ଡାକ୍ତରଖାନାରେ ତାକୁ ଭର୍ତ୍ତି କରାଯାଇଥିଲା କିନ୍ତୁ କ୍ଷଣିକ ସମୟ ପାଇଁ ତାର ଚେତା ଫେରିଥିଲା ଆଉ ମା' ମା' ବୋଲି ଶେଷ ଡ଼ାକରେ ତାର ପ୍ରାଣ ବାୟୁ ଉଡ଼ି ଯାଇଥିଲା ।

ଭଉଣୀ କୁନି ପାଇଁ ନୂଆ ଡ୍ରେସ ଆଉ ମା ପାଇଁ ନୂଆ ଶାଢ଼ୀ ଠିକଣା ହରାଇ ରାସ୍ତା କଡ଼ରେ ଅଯାଚତ ହୋଇ ପଡ଼ିଥିଲେ ।

XXXX

ପ୍ରତିଷ୍ଠାତା-ସମ୍ପାଦକ "ଓଡ଼ିଶା ବିଜୟଧ୍ୱଜା " ଇ-ପତ୍ରିକା
ସବଙ୍ଗ, ସିମୁଳିଆ, ବାଲେଶ୍ୱର

# ଗଜବେଶ



ଶୁଭକାନ୍ତ ସାହୁ

ଦେବସ୍ନାନ ପୂର୍ଣ୍ଣିମା ତିଥିରେ
ସ୍ନାନ ମଣ୍ଡପରେ ସୁଦୃଶମାନ
ଭକ୍ତ ମେଳେ ତୁମେ କପରି
ଫୁଲି ଫୁଲି କର ଅବଗାହନ!
କେବଳ ମର୍ତ୍ତ୍ୟରେ କାହିଁକ?
ତିନ ପୁରେ ତୁମ ଭକ୍ତ କରନ୍ତି ସଂଦର୍ଶନ।
ଆଶା ଥାଏ ଜନ୍ମ ଜନ୍ମାନ୍ତର ପାପ
ଅଚରେ ହେବ ବିମୋଚନ।
ତୁମେ ବି ନା! ଉତଫୁଲ୍ଲିତ ହୋଇ
ମଦମତ୍ତ ହସ୍ତୀ ପରି କରୁଥାଅ ସ୍ନାନ।
କେବଳ ସେତିକ ନୁହେଁ,
ସ୍ନାନ ଅନ୍ତେ ବେଶ ପୁଣି ହୁଅ ଗଜାନନ।
ସେଦିନ ଜଳମଧ୍ୟେ ଗଜ
କରିଥିଲା ବୋଲି ଆର୍ତ୍ତ ଜଣାଣ
ରକ୍ଷା କରିଥିଲ ପରା ତୁମେ
ତା'ରେ ନାରାୟଣ??
ସେଥିପାଇଁ ବୋଧେ ଗଜ-ଭକ୍ତେ
ଅହେତୁକ ତୁମ ଆକର୍ଷଣ!
ଆଜି ବି ଥିଲା ହସ୍ତିନୀର ଆର୍ତ୍ତ ଜଣାଣ।
ରକ୍ଷା ନକର ପଛକେ ତା' ପ୍ରାଣ
ଅନ୍ତତଃ ରକ୍ଷା କର ପ୍ରଭୁ
ତାର ନରୀହ ଅଜନ୍ମା ସନ୍ତାନ!
ନକରିଲ ଯଦି ତାରେ ତ୍ରାଣ
ମନେ ଗଜ ଭାବ ଆଉ କ କାରଣ!
ଆଜି ସିନା ତୁମେ ଅଣସର ଆଳେ
ନଭୃତେ କରିବ ଆତ୍ମଗୋପନ,
କାଲି ଯେବେ ବିରାଜିବ ରାଜଦାଣ୍ଡେ
ବାର୍ଦ୍ଧକ୍ୟ ରଥ କରି ଆରୋହଣ
କ ଦେବ ଉତ୍ତର ତୁମେ
ପଚାରିଲେ ପ୍ରଶ୍ନ ଭକ୍ତଜନ?
ରହିବଟି ପ୍ରଭୁ ତୁମ ବଡପଣ??
ତୁମ ପ୍ରଭୁପଣେ ଯଦି କଳଙ୍କର ଚହ୍ନ,
କଳ୍ପଭ ପାଷାଣ୍ଡେ ଯାଚ ଦୁର୍ଲଭ ଜୀବନ?
ବରଂ ଭଲ ହେବ କରିଲେ ହରଣ
ସେହି କ୍ରୁର ମାନବ ଜୀବନ
ପ୍ରିୟ ଭକ୍ତା ହସ୍ତିନୀ ଶରୀରେ
କଲେ ତା'ରେ ସଂସ୍ଥାପନ।
ନଶ୍ଚୟ ବଢନ୍ତା ପ୍ରଭୁ ପୁଣି ତୁମ ମାନ
ନଶ୍ଚୟ ବଢନ୍ତା ପ୍ରଭୁ ପୁଣି ତୁମ ମାନ।

ଦେଉଳପଲ୍ଲୀ, କଳମ୍ବ ପୋଲସରା, ଗଞ୍ଜାମ

# ବର୍ଷା



ନବ କୁମାର ଦାସ

କଳା ବଉଦର ଦେହରେ
ଥାଇ ବରଷା ରାଣୀ
ଝରି ପଡେ ଝର ହେଇକ
ଢାଳ ତୃପ୍ତି ରାଗିଣୀ

ମନ ଉପବନେ ଫୁଟାଇ
ଆଶ୍ୱାସନାର ଫୁଲ
ଗୃଷୀ କ୍ଷେତେ ଖେଳ ଯାଏରେ
ଚୁନା ଚୁନା ଫସଲ

ଗିରି କନ୍ଦରରେ ଶିଖିର
ନୃତ୍ୟ ଆନନ୍ଦ ଶୋଭି
ପୁଣି ପୁଷ୍ପରାଜି ରଙ୍ଗ ଯେ
କରଇ ମନଲୋଭି

ଓଳ ତଳ ପାଣି ଫୁଟାଇ
କେତେ ଫୋଟକା ମାନ
କୁନ ପିଲା କୁନ ମନରେ
ଦିଏ କେତେ ସପନ

ଶସ୍ୟ ସମ୍ପଦରେ ପୁରଇ
ଏହି ମହି ମଣ୍ଡଳ
ଠାଏ ସବୁଠାଏ ହସଇ
ସବୁ ଜୀବର କୋଳ

ବାଲିଆପାଳ, ବାଲେଶ୍ୱର

# ମସିହ

କୁମୁଦିନୀ ବେହେରା

ବଡ ଦିନ ବୋଲି ଗ୍ରେଟି ଅକ୍ଷର
ଶବଦ ତାତ୍ପର୍ଯ୍ୟ ପୂର୍ଣ୍ଣ
ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଦିନ ସେତ
ସଂସାରେ ଗୁରୁତ୍ୱପୂର୍ଣ୍ଣ ।୧।

ପରମେଶ୍ୱର ସେ ବ୍ୟାପକ ବିସ୍ତୃତ
ନାହିଁ ତାଙ୍କ ଆଦିଅନ୍ତ
ସଂସାରେ ସେ ସର୍ବମୟ ସୃଷ୍ଟି କର୍ତ୍ତା
କେ ଦେବ ଜନ୍ମ ବୃତ୍ତା ? ।୨।

ଜନ୍ମକୁ ତାଙ୍କର ତାରିଖ ଭିତରେ
ସୀମିତ ରଖିବ କିଏ
ତ୍ରାଣକର୍ତ୍ତା ରୂପେ ଆସି ଏ ଜଗତେ
ମସିହ ମାନ୍ୟତା ଯିଏ ।୩।

ସୃଷ୍ଟିକୁ ଆସି ସେ ଇତିହାସଟିକୁ
ଦେଲେ ଦୁଇ ଭାଗ କରି
ପଛରେ ରହିଲା ଖ୍ରୀଷ୍ଟ ପୂର୍ବ ତାଙ୍କ
ସମ୍ମୁଖେ ଖ୍ରୀଷ୍ଟାବ୍ଦ ଗିରି।୪।

ଚରଣରେ ତାଙ୍କ ସମର୍ପିତ ହେଲା
ସୃଷ୍ଟି ଶ୍ରେଷ୍ଠ ଇତିହାସ
ସମୟର ରେଖା କରି ପ୍ରଣିପାତ
ଗଢିଲା ନବ ବିଶ୍ୱାସ ।୫।

ଜଗତ ବିଶ୍ୱାସ କଲେ ସେ ଈଶ୍ୱର
ନ' କଲେ ମଧ୍ୟ ଈଶ୍ୱର
ପ୍ରତିପାଦିତ ସେ କରନ୍ତିନି କେବେ
ନିଜକୁ ସିଦ୍ଧ ଭାସ୍ୱର ।୬।

ମସିହ ସଂଜ୍ଞାରେ ପ୍ରଜ୍ଞାପିତ ହୋଇ
ଆସିଲେ ବିନାଶି ତୃଷା
ପୂର୍ଣ୍ଣାଙ୍ଗ, ଶାଶ୍ୱତ ସ୍ୱର୍ଗୀୟ ସମ୍ଭୂତ
ପ୍ରଜ୍ଞାରେ ପ୍ରଥିତ ଯଶା ।୭।

ଖ୍ରୀଷ୍ଟ ଆଗମନେ ଶୀତଳ ଲହରୀ
ଚହଟଇ ଚତୁର୍ଦ୍ଦିଗେ
ମୃଦୁ ମୁହୂର୍ତ୍ତରେ ତାରା ଫୁଲ ଆସି
ଅମରତ୍ୱ ଭିକ୍ଷା ମାଗେ ।୮।

ଈଶ୍ୱରଙ୍କୁ ଖୋଜେ ଆଜିର ସାମାଜ
ନାନାଦି ବସ୍ତୁ ଭିତରେ
ପରାଗ ରେଣୁର ଅନ୍ଧ ଆଢୁଆଳେ
ନୈରାଶ୍ୟ ଶବ୍ଦ ମାଳାରେ ।୯।

ଅଛନ୍ତି ସେ ତୁମ ହୃଦ ସ୍ପନ୍ଦନରେ
ଭାବର ବର୍ଣ୍ଣମାଳାରେ
ସେତ ସ୍ୱୟଂ ସ୍ରଷ୍ଟା ରହିଛନ୍ତି ହୃଦେ
ସତ୍ୟ ଜୀବନ୍ତ ଭାବରେ ।୧୦।

ଶିକ୍ଷୟିତ୍ରୀ, ଅନୁଗୋଳ

# ଜୀବନର ଶେଷମାର୍ଗ



ଅଜିତ ପଧାନ

ରଘୁନାଥପୁର ନାଁରେ ଗୋଟିଏ ଗାଁ ଥିଲା| ସେଠାରେ ରତ୍ନାକର ନାମରେ ଜଣେ ବ୍ରାହ୍ମଣ ବାସ କରୁଥିଲେ| ସେ ତାର ସ୍ତ୍ରୀ ଦେବକୀଙ୍କୁ ହରାଇ ରାମେଶ୍ୱର, ବିଭୁଦତ୍ତ ଓ ଦେବାଶିଷ ନାମରେ ତାଙ୍କର ତିନଟି ପୁତ୍ର ଥିଲେ| ବଡ଼ପୁଅ ରାମେଶ୍ୱର ଗୋଟିଏ ବଡ ସହରରେ ଗୋଟିଏ ବଡ଼ ଚାକରୀ କରେ| ମଝିଆଁ ପୁଅ ବିଭୁଦତ୍ତ ମଧ୍ୟ ଗୋଟିଏ ଛୋଟ କମ୍ପାନୀରେ ଚାକରୀ ଗୋଟିଏ ଛୋଟ ପଦବୀରେ କାମକରେ| ଆଉ ଅଳ୍ପ ଦରମାରେ ନିଜର ପରିବାର ପାଳେ| ସାନପୁଅ ଦେବାଶିଷ ପାଠ ପଢୁଥାଏ, ଆଉ ସମୟ ପାଇଲେ ବୁଲିବା ଆରମ୍ଭ କରିଦିଏ|

ହସଖୁସିରେ ଭରପୁର ଥିଲା ସେହି ପରିବାର| ବାପା ସମସ୍ତଙ୍କୁ ରାନ୍ଧି ସମସ୍ତଙ୍କୁ ଖାଇବାକୁ ଦେଉଥିଲେ, ଏଥିରେ ସାନପୁଅ ବାପାଙ୍କୁ ରାନ୍ଧିବା ଦେଖି ସେ ପଢିବା ସହିତ ମଧ୍ୟ ତାଙ୍କୁ ସାହାଯ୍ୟ କରୁଥିଲା| ପୁଅମାନେ ବଡ଼ ହେଇଯିବା ଦେଖି ବାପା ବଡ଼ପୁଅକୁ ବାହା କରାଇଦେଲେ| ପୁଅକୁ ବାହା କରାଇଦେଇ ରାନ୍ଧିବା କାର୍ଯ୍ୟରୁ ମୁକ୍ତିହେବି ବୋଲି ଚିନ୍ତା କରିଥିଲେ, କିନ୍ତୁ ଏହା ହେଲାନାହିଁ| ବଡପୁଅ ବୋହୂକୁ ନେଇ ସହରକୁ ଚାଲିଗଲା| ସେ ସେଠି ବେଶ୍ ଆରାମରେ ଦିନକଟିଲା| ଏପଟେ ବାପାର ଦୁଃଖ କିଏବା ବୁଝେ ? ସେ ଭାବିଥିଲେ ବଡପୁଅକୁ ବାହାକରାଇ ମୁଁ ଟିକିଏ ଶାନ୍ତିରେ ନିଶ୍ୱାସ ନେବି! କିନ୍ତୁ ତାର ଓଲଟା ହେଇଗଲା|

ଏମିତି କିଛିଦିନ ଗଲାପରେ ସେ ଭାବିଲା ବଡପୁଅ ତା ପରିବାର ନେଇ ସହରରେ ରହିଗଲା| ମଝିଆଁ ପୁଅକୁ ବାହା କରାଇ ଦେଇଦେବ, ଆଉ ଏ ସଂସାର ଜଞ୍ଜାଳରୁ ମୁକ୍ତି ପାଇବ| ମଝିଆଁ ପୁଅପାଇଁ ମଧ୍ୟ ଝିଅ ଦେଖା ଚାଲିଲା| ସତ୍ୟବତୀ ନାମରେ କୁନ୍ଦୁରୁକେଲା ଗ୍ରାମରେ ଗୋଟିଏ ସୁନ୍ଦରୀ ଯୁବତୀ ସହ ତାର ବିବାହ ସ୍ଥିରୀକୃତ ହେଲା| ସେହି ଯୁବତୀଜଣକ କୁନ୍ଦୁରୁକେଲା ଗ୍ରାମର ଗ୍ରାମ୍ୟ ମୁଖ୍ୟଙ୍କର କନ୍ୟା ଥିଲା| ସେହି ଗ୍ରାମ୍ୟ

ମୁଖ୍ୟଙ୍କର ଅଜସ୍ର ସମ୍ପତ୍ତି ଥିଲା, କିନ୍ତୁ କେବଳ ତାଙ୍କର ଏକମାତ୍ର କନ୍ୟା ସତ୍ୟବତୀ| ତେଣୁ ସେ ଘରଜ୍ୱାଇଁ ରଖିବାପାଇଁ ସ୍ଥିର କରିଥିଲେ| ଏଥିରେ ରତ୍ନାକର ବାବୁ ରାଜି ହେଲେନାହିଁ| କିନ୍ତୁ ଏପଟେ ପୁଅ ବିଭୂଦତ୍ତ ପ୍ରଥମ ଦେଖାରେ ହିଁ ସେହି ଯୁବତୀଙ୍କୁ ପସନ୍ଦ କରିନେଇଥିଲା ଆଉ ବିବାହ କରିବାପାଇଁ ମ  ସ୍ଥିର କରିନେଇଥିଲା କିନ୍ତୁ ଏଥିରେ ତାର ବାପା ରାଜି ନଥିଲେ| ସେ ସେହି ସୁନ୍ଦରୀ ଯୁବତୀ ପ୍ରେମରେ ପଡି ଘରଜ୍ୱାଇଁ ମଧ ହେବାକୁ ରାଜି ହେଇଗଲା ଓ ତାକୁ ବିବାହ କଲା| ସେ ଆଉ ବାପାଙ୍କ ପାଖରେ ରହିଲା ନାହିଁ| ଘରେ କେବଳ ବାପା ଓ ସାନପୁଅ| ସେମାନଙ୍କୁ ଦେଖିବାକୁ ବଡ଼ପୁଅ ଓ ମଝିଆଁପୁଅ ମଝିରେ ମଝିରେ ଆସୁଥିଲେ|

ଏମିତି ଅନେକଦିନ ବିତିଗଲା ପରେ ବାପା ବୃଦ୍ଧା ହେବାକୁ ଲାଗିଲେ ଆଉ ସେ କୌଣସି କାମ ମଧ କରିବାକୁ ସକ୍ଷମ ହେଲେନାହିଁ| ସେଥିପାଇଁ ସାନପୁଅକୁ ତାଙ୍କର ଯତ୍ନ ନେବାକୁ ପଡିଲା| ଏଣୁ ସେ ଗୋଟିଏଦିନ ଅନ୍ୟ ଦୁଇଭାଇଙ୍କୁ ଡାକି ତାଙ୍କ ପାଖରେ ବାପାଙ୍କୁ ରଖିବାକୁ କହିଲା| ଯେତେବେଳେ ବାପାଙ୍କୁ ରଖିବା କଥା କୁହାଗଲା ବଡ଼ପୁଅ କହିଲା–"ବାପା ତ ଗାଉଁଲିଆ ଲୋକ, ବଡ ସହରରେ ଚଳିପାରିବେ ନାହିଁ, ଆଉ ସେ ସ୍ଥାନରେ ରହିବା ତାଙ୍କପାଇଁ ଉଚିତ ହେବନାହିଁ।" ଯେତେବେଳେ ମଝିଆଁ ପୁଅର ପାଳି ଆସିଲା ସେ କହିଲା – "ମୋର ଗୋଟାଏ ଛୋଟିଆ କମ୍ପାନୀ ଚାକରୀ, ଏମିତିବି ଅଳ୍ପ ଦରମା, ମୋ ସ୍ତ୍ରୀ ପିଲାଙ୍କପାଇଁ ଦରମା ପହଂଚୁନାହିଁ ତେଣୁ ବାପାଙ୍କୁ ମୋ ପାଖରେ ରଖିବା ସମ୍ଭବ ନୁହେଁ।" ଏମିତି କହି ଦୁଇପୁଅ ନିଜ କର୍ମସ୍ଥଳକୁ ଚାଲିଗଲେ| ବିଚାରା ସାନପୁଅ ବାପାଙ୍କୁ ରଖିଲା । କିଛିଦିନ ବିତିଗଲା, ସେ କଣ କରିବ କିଛି ବୁଝିପାରିଲା ନାହିଁ| ସେ କେତେଦିନ ବାପାଙ୍କୁ ଆଉ ପୋଷିବ ! ସେଥିପାଇଁ ସେ ଚିନ୍ତାକଲା କି ତାଙ୍କ ଜିଲ୍ଲାରେ ଥିବା ବୃଦ୍ଧାଶ୍ରମରେ ଯାଇ ତାଙ୍କୁ ଛାଡିଆସି ନିଜର ଗୋଟିଏ ବଡ ବୋଝକୁ ଦୂର କରିଦେବ|

ତା ପରଦିନ ସକାଳୁ ବାପାଙ୍କୁ ନେଇ ବୃଦ୍ଧାଶ୍ରମକୁ ଗଲା ଆଉ ସେଠି ତାଙ୍କୁ ଛାଡ଼ିଦେଇ କହିଲା ବାପା ତୁମେ ଏଠାରେ କିଛିଦିନ ରହିଯାଅ| ମୁଁ କିଛିଦିନ ପାଇଁ ସହରକୁ ଯାଉଛି କିଛି ଟଙ୍କାର ଜୋଗାଡ ପାଇଁ| ମୁଁ ଫେରିଆସି ତୁମକୁ ମୋ  ସହ ଫେରାଇନେବି ଆଉ ଆମେ ଆରାମରେ ରହିବା| ଏକଥା କହି ସାନପୁଅ ମଧ ସେଠାରୁ ଚାଲିଗଲା| ବାପା ପୁଅଟିର କଥାକୁ ବିଶ୍ୱାସକରି ସେଠାରେ ରହି ତାକୁ ଅପେକ୍ଷା କରି ବସିଲା| ଗୋଟେ ସପ୍ତାହ, ଗୋଟେ ମାସ, ଗୋଟେ ବର୍ଷ ବିତିଗଲା ହେଲେ ତାର ପୁଅ ଆଉ ଆସିଲାନାହିଁ| ବାପା ଆଉ

କେତେଦିନ ପୁଅର ଅପେକ୍ଷାରେ ରହିବେ ତେଣୁ ସେ ଆଉ ତାକୁ ଅପେକ୍ଷା ନକରି ସେହି ବୃଦ୍ଧଶ୍ରମକୁ ଆପଣେଇ ନେଲେ|

ସେଠି ରହିବାର କଛିବର୍ଷ ପରେ ସେହି ବୃଦ୍ଧଶ୍ରମକୁ ଆଉଜଣେ ବୃଦ୍ଧାଲୋକ ଆସିଲେ| ନାଁ ଥିଲା ସୀତାରାମ| ସେହି ବୃଦ୍ଧବ୍ୟକ୍ତିଙ୍କୁ ତାଙ୍କ ସହ ରହିବାକୁ କୁହାଗଲା| ଏକାଠି ରହିଲେ| ପରସ୍ପର ଭିତରେ କଥାବାର୍ତ୍ତା ଗ୍ଲିଲା| ସେମାନେ ନଜନଜର ଦୁଃଖକାହାଣୀ କହିବାକୁ ଲାଗିଲେ|

ରତ୍ନାକର–ତୁମର କଣ ଘର ନାହିଁ, ନା ପୁଅଝିଅ ନାହାନ୍ତି କ, ଅନ୍ୟ କେଉଁ କାରଣରୁ ତୁମେ ଏଠାକୁ ଆସିଛ?

ସୀତାରାମ – ନା ନା, ସେମିତି କଛିନାଇଁ, ମୋର ଗୋଟାଏ ମାତ୍ର ପୁଅ| ସେ ବହୁତ ଭଲ , ସେ ମୋର ବହୁତ ଯତ୍ନ ମଧ୍ୟ ନଏ| ସେ ବାହାରେ ଗ୍କରୀ କରେ| ଆଉ ତା ପରିବାରସହ ସେ ବଡ ସହରକୁ ବୁଲିବାକୁ ଯାଉଛିତ ସେଥିପାଇଁ ମୋତେ ଏଠି ଛାଡି ଯାଇଛନ୍ତି, ଆଉ ବହୁତ ଜଲଦି ଆସି ସେମାନେ ମୋତେ ନେଇଯିବେ| ହେଲେ ତୁମେ ଏଠାରେ କେମିତି ରହୁଛ, ତୁମର କଣ ପୁଅଝିଅ ନାହାନ୍ତି କ ?

ରତ୍ନାକର–ମୋର ମଧ୍ୟ ଘର ଅଛି, ତିନୋଟି ପୁଅ ମଧ୍ୟ ଅଛନ୍ତି| ବଡ଼ପୁଅ ସହରରେ ତା ପରିବାର ସହ ରୁହେ| ମୁଁ ଗାଉଁଲିଆ ଲୋକ ସେଠି ଚଳ ପାରିବିନାହିଁ ବୋଲି କହି ସେ ମୋତେ ତାପାଖରେ ରଖିବାକୁ ରାଜି ହେଲାନାହିଁ| ମଝିଆଁପୁଅ ଛୋଟ କମ୍ପାନୀ ଗ୍କରୀ ତାର, ଅଳ୍ପ ଦରମା । ତା ସ୍ତ୍ରୀପିଲାଙ୍କୁ ପୋଷିବାପାଇଁ ଟଙ୍କା ହେଉନ ଆଉ ସେ ମୋତେ କଭଳ ପାଳବ କହି ସେମଧ୍ୟ ମୋତେ ରଖିବାପାଇଁ ଅରାଜି ହେଲା| ଆଉ ସାନପୁଅ ସେ କଛି କାମ କରେନାହିଁ, ବାହା ମଧ୍ୟ ହୋଇନାହିଁ, ସେ ତୁମ ପୁଅଭଳ ମୋତେ ବିଦେଶ ଯାଉଛି ଜଲଦି ଫେରିଆସିବି କହି ଆଜକୁ ପ୍ରାୟ ଦୁଇବର୍ଷ ହେଇଗଲାଣି ଆଉ ସେ ଆସିନ ସେଥିପାଇଁ ମୁଁ ଏହି ଆଶ୍ରମକୁ ନଜର କରିନେଇଛି|

ସୀତାରାମ - ହେଲେ ମୋ ପୁଅ ତୁମ ପୁଅଭଳ ନୁହେଁ, ସେ ବହୁତ ଭଲ ସେ ବହୁତ ଜଲଦି ମୋତେ ନେବାକୁ ଆସିବ ତୁମେ ଦେଖ|

ରତ୍ନାକର–ତାଙ୍କର ମନକୁ ବୁଝେଇବା ପାଇଁ ସେ ହଁ ବୋଲି ଉତ୍ତର ଦେଲେ|

ସୀତାରାମ – ଏକ ଲୟରେ ଫୋନକୁ ଚାହିଁ ରହିଥାଏ, କେତେବେଳେ ତା ପୁଅ ଫୋନ କରିବ ଆଉ ସେ ତାକୁ ଆସି ନେଇଯିବ|

ଏମିତି ଗୋଟିଏ ସପ୍ତାହ ତାପରେ ଗୋଟିଏ ମାସ ବିତିଗଲା ପରେ ମଧ୍ୟ ସେ ତାର ପୁଅ ଉପରେ ବିଶ୍ୱାସ ରଖିଥାଏ କି ନିଶ୍ଚିତରୂପେ ତା ପୁଅ ଦିନେ ତାକୁ ଆସି ସେଠାରୁ ନେଇଯିବ| ଏମିତି ମାସ ପରେ ମାସ ବିତିଗଲା ପରେ ମଧ୍ୟ ତାର ଫୋନ ନଆସିବାରୁ ସେ ଦୁଃଖରେ ଭାଙ୍ଗିପଡ଼ିଲା| ଆଉ ସେହି ସମୟରେ ତାକୁ ସାହସ ଦେବାପାଇଁ ସେଠାରେ ଥିବା ରତ୍ନାକର ବାବୁ ତାକୁ ପଚାରିବା ଆରମ୍ଭ କରିଛନ୍ତି|

ରତ୍ନାକର–ତୁମ ପୁଅ ତାଙ୍କର ଫୋନ ନମ୍ବର ଦେଇଛନ୍ତି କି ନାହିଁ?

ସୀତାରାମ - (ସେ ଖୁସିହୋଇ କହିଥିଲେ) ହଁ ଦେଇଥିଲା, ରୁହ ମୁଁ ତାର ନମ୍ବର ଦେଉଛି କହି ବ୍ୟାଗ ଭିତରୁ ଗୋଟିଏ ଖାତା ଭିତରୁ କାଗଜ ଖଣ୍ଡେ ବାହାରକରି ରତ୍ନାକର ବାବୁଙ୍କ ହାତକୁ ବଢ଼ାଇଦେଇ ତାକୁ ଫୋନ କରିବାକୁକହିଲା|

ରତ୍ନାକର – ଫୋନ ନମ୍ବର ପାଇ ସେ ତାକୁ କଲ୍ କଲେ, କିନ୍ତୁ ତାଙ୍କ ଫୋନ ବନ୍ଦଅଛି ବୋଲି କହିଲେ|

ସୀତାରାମ–ଏକଥା ଶୁଣି ଦୁଃଖରେ ଭାଙ୍ଗିପଡିଲେ|

ରତ୍ନାକର – ସାହସ ଓ ଧୈର୍ଯ୍ୟର ସହ ସେହି ଆଶ୍ରମକୁ ଜନର କରିବାକୁ ଅନୁରୋଧ କଲା|

ସୀତାରାମ – ଦୁଃଖକୁ ଚାପିରଖି ସେଠାରେ ରହିବାକୁ ଚେଷ୍ଟା କରିବାକୁ ଆରମ୍ଭକଲା ଆଉ ଶେଷରେ ସେଠାରେ ମଧ୍ୟ ରହିଲା|

ଯେପର୍ଯ୍ୟନ୍ତ ବର୍ଷା ହେଉଛି ଛତାର ବୋଝକୁ ଆମେ ଜାଣିପାରୁନା, କିନ୍ତୁ ଯେତେବେଳେ ବର୍ଷା ଛାଡିଯାଏ ସେତେବେଳେ ଆମକୁ ଛତା ଯେପରି ବୋଝପରି ଲାଗିଥାଏ| ଠିକ୍ ସେହିପରି, ମଣିଷର ସ୍ୱାର୍ଥ ଯେତେବେଳେ ହାସଲ ହୋଇଯାଏ ସେତେବେଳେ ସମ୍ପର୍କ ମଧ୍ୟ ତାକୁ ବୋଝପରି ଲାଗିଥାଏ|

କଳାପଥର , ସୁବର୍ଣ୍ଣପୁର , ଓଡ଼ିଶା

# ବନ୍ଦେ ଉତ୍କଳ ଜନନୀ



ଛବି ରାଣୀ ପତି

ନଦନଦୀ, ବନ, ଗିରି ଶୋଭା ତା'ର
ମୋ' ଉତ୍କଳ ପ୍ରାଣ ବିନ୍ଦୁ
ପ୍ରକୃତି ପ୍ରାଚୁର୍ଯ୍ୟ ଭଣ୍ଡାର ସକଳ
ଐଶ୍ୱର୍ଯ୍ୟରେ ଭରା ସିନ୍ଧୁ ।

ଭାଷାର ବୈଭବେ ଜାତି ଧର୍ମ ସର୍ବେ
ବନ୍ଧା ଏକତାର ସୂତ୍ରେ
ଅମ୍ଳାନ ଭାସ୍ୱର ଇତିହାସ ତା'ର
ନାଚେ ସ୍ୱପ୍ନପୁରି ନେତ୍ରେ ।

ସ୍ୱର୍ଣ୍ଣ ପ୍ରସବିନୀ, ଏ ' ଓଡ଼ିଆ ସ୍ରଷ୍ଟା
ଦେଇଛି ଅମୂଲ୍ୟ ଭେଟି
ସାହିତ୍ୟ ଜଗତେ  ରତ୍ନମାଳାସମ
ସୁସୋଭମଣ୍ଡିତ ସୃଷ୍ଟି ।

"ବନ୍ଦେ ଉତ୍କଳ ଜନନୀ" ଜୀବନ୍ତ
କୀର୍ତ୍ତି ଶାଳୀ ପୃଷ୍ଟ ପ୍ରାନ୍ତ
ରାଜ୍ୟପାହ୍ୟାର ମାନ୍ୟତା ପାଇକ
(ଆଜି), ଅପେକ୍ଷାର ହେଲା ଅନ୍ତ ।

ରହୁ ଚରକାଳ ତା' ବୈଚିତ୍ରମୟ
ଉଜ୍ଜୀବିତ ଯୁଗପ୍ରାଣେ
ଓଡ଼ିଆ ସାହିତ୍ୟ ରୁଦ୍ଧିମନ୍ତ ହେଉ
ବ୍ରହ୍ମାଣ୍ଡର ପ୍ରତିକୋଣେ ।

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଗୌରବ
ରଖିଲା ଦେଶର ମାଟି
ତାଙ୍କ ସାଧନାକୁ  ପ୍ରଣିପାତ ମୋର
ଶ୍ରଦ୍ଧାଞ୍ଜଳି କୋଟି କୋଟି ।

ମଧ ଶାସନ
ବିରିଡ଼ି, ଜଗତସିଂହପୁର

# ସ୍ୱାଧୀନତା

ରେଜାଲିନ୍ ମିଶ୍ର

ସ୍ୱାଧୀନତା...
ସ୍ୱାଧୀନତା ଏକ ଶବ୍ଦ ନୁହଁ
ଏହା ଏକ ଯୁଗାନ୍ତକାରୀ ବିପ୍ଳବ।।
ପରାଧୀନ ଭାରତର
ଲହୁ ଲୁହାଣ ଦିନ ମାନଙ୍କ ଠୁଁ
କିଛି ଶିକ୍ଷା କରି
ଅସଂପୂର୍ଣ୍ଣ ସ୍ୱପ୍ନ ସବୁକୁ
ପୂର୍ଣ୍ଣ କରିବାର ଏକ ସୁଯୋଗ,
ଆଉ ପ୍ରାଣୋଧିକ ପ୍ରଚେଷ୍ଟାର
ଅଖଣ୍ଡ ବୈଭବ।।
ସ୍ୱାଧୀନତା..
ସ୍ୱାଧୀନତା ଏକ ଶବ୍ଦ ନୁହଁ
ଏହା କ୍ରାନ୍ତି,
ଏହା ମୁକ୍ତି,
ପୁଣି ନୂତନତ୍ୱ ଆଣିବାର
ଅଭୟ ପ୍ରତିଶ୍ରୁତି ଆଉ
ନିବିଡ଼ ବିଶ୍ୱାସ,
ପ୍ରତିଟି ସୁପ୍ତ ମନକୁ ଜାଗ୍ରତ କରି
ଅଦମ୍ୟ ସାହସ ଓ
ଅଫୁରନ୍ତ ଇଚ୍ଛା ଶକ୍ତି ଭରିଦେବାର
ଏକ ସଫଳ ପ୍ରୟାସ।।

ଆଗଲପୁର (ରାଜ), ବଲାଙ୍ଗୀର

# ଶ୍ରମିକ



ଗଣେଶ ଦାସ

ନଃସ୍ୱାର୍ଥପର ଭ୍ବେ ଦେଶପାଇଁ
ନଜ ଅସ୍ଥି,ମଜ୍ଜା, ରକ୍ତକଣିକା ଉତ୍ସର୍ଗ କରିଥିବା ସୈନକର
ଏ କ ଅବସ୍ଥା ?

କାହା କାନ୍ଧରେ ବୋକଚ
ତ ଆଉ କାହା କାନ୍ଧରେ ପିଲ୍
କଏ ଗ୍ଲୁଛି ନୁଖୁର୍ ପାଦରେ
ପୁଣି କଏ ଜଳୁଛି ଭ୍କେର ଜ୍ୱାଳାରେ
ଚତୁର୍ଦ୍ଦିଗେ ରକ୍ଷା କର ରକ୍ଷା କର ବୋଲି
ବୁକୁ ଫଟା ଚତ୍କାର।

କୋଣାର୍କ ଶିଳାରେ, ଶ୍ରୀମନ୍ଦିର ବେଢାରେ
ଅବା ତାଜମୋହଲର ଚଟାଣରେ,
ଛୁଞ୍ଚି ଠୁ ଜାହାଜ ପର୍ଯ୍ୟନ୍ତ ସବୁ ପଛରେ ତା'ରି ହାତ ଛୁଆଁ,
ସେ ହିଁ ତ ବିଶ୍ୱକର୍ମା ସାଜି ଗଢିଛି ନୂଆ ଦୁନଆଁ ।

ସେ ଭ୍କେ ରହି ଅନ୍ୟକୁ ଦାନା ଦେଇଛି,
ଫଟା ଚର୍ ପିନ୍ଧି ଅନ୍ୟର ଲଜ୍ଜ୍ୟା ନବାରିଛି,
ଝୁପୁଡ଼ି ରେ ରହି ଆଉ କାହା ଲ୍ଗି
ର୍ଜା ଉଆସ ତୋଳଚ,

ଅଯାଚତ ଭାବେ ପର ପାଇଁ ସୁଖ ଯାଚ ଦେଇଥିବା ମଣିଷ ର
ଦୁର୍ଦ୍ଦଶା ବେଳେ ସାହା ହେବା ପାଇ କଣ କେହି ନାହିଁ ?

କାଳଆ.....ଯାହାର କେହି ନାହିଁ ତା ପାଇଁ ପର୍ ତୁ ଅଛୁ,
ତାହେଲେ କେମିତି ଦେଖୁଚୁ ଏସବୁ,
ରାଜସିଂହସନ ରୁ ଓହ୍ଲାଇ ଆସି ନାଶି ଦେ କୋରାନାକୁ
ଆଉ ପ୍ରଶମିତ କର ମୋ ଶ୍ରମିକ ଭାଇର ଦୁଃଖକୁ ।

ଭୋଗରାଇ, ବାଲେଶ୍ୱର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା
ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ
ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ
ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର,
ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର
ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଇତି ତମ ଝିଅ ପ୍ରୀତି



ଦୀପ୍ତିମୟୀ ସାହୁ

ଅଦିନ ଶ୍ରାବଣର ଏ କଳାଘୁମର ମେଘଟା ସଁ ସଁ ଗର୍ଜନ କରି ମୂଷଳ ଧାରରେ ଢାଳି ଚାଲିଥିଲା ବର୍ଷାପାଣି । ଏକା ନିଃଶ୍ୱାସକେ ସତେକି ଏ ସଂସାରକୁ ଧୋଇଦେବ! ଆଜି ଦେହକୁ ମନକୁ ଓଦା ଜୁଡୁବୁଡୁ କରିଦେବ ତିନ୍ତେଇ ତିନ୍ତେଇ । ଘଡ଼ଘଡ଼ି ବିଜୁଳିର ଭୟଙ୍କର ଶବ୍ଦରେ ପୃଥିବୀ ମଧ୍ୟ କମ୍ପିଉଠୁଥିଲା ସେ କ୍ଷଣରେ । ମେଡ଼ିକାଲର ଆଉଟ୍ ଡ଼ୋର ନିକଟରେ କାନ୍ଥକୁ ଆଉଜି ଏକ ଅଜଣା ଭୟରେ ଥରି ଉଠୁଥିଲା 'ପ୍ରୀତି' । କାହିଁକି କେଜାଣି ଆଜି ତା'ର ମନ ବେଶି ଅସ୍ଥିର ଜଣାପଡୁଥିଲା । ଏତେ କୋଳାହଳ ଭିତରେ ମଧ୍ୟ ତାକୁ ଶୂନ୍ୟତାର ଅନୁଭବ ହେଉଥିଲା । ତା'ର ସେ ଟାଣୁଆ ମନ, ଦମ୍ଭିଲା ହୃଦୟ ତରଳି ଯାଉଥିଲା କ୍ଷଣେ କ୍ଷଣେ । ଧିରେ ଧିରେ ଲୁହ ଜକେଇ ଆସୁଥିଲା ଆଖିରେ ତା'ର ।

ଡାକ୍ତରଙ୍କୁ ରିପୋର୍ଟ ଦେଖାଇ, ସ୍ୱାସ୍ଥ୍ୟ ପରୀକ୍ଷା କରାଇ ବଡ଼ ମାଆ 'ବିନତା' ତା ପାଖରେ ପହଞ୍ଚିଥିଲେ । ବଡ ମାଆ ନୁହଁନ୍ତି ତ ସ୍ନେହପ୍ରବଣା ମାତୃପ୍ରତିମା ଦେବୀଟିଏ ସେ । ବୟସ ଆଧିକ୍ୟ କାରଣରୁ ବେଳେବେଳେ ସାଧାରଣ ରୋଗମାନ ତାଙ୍କୁ କବଳିତ କରିଦେଉଛି । ସେଥିପାଇଁ ତାଙ୍କୁ ଅନେକ ସମୟ ଏଠାକୁ ଆସିବାକୁ ପଡ଼େ । ପ୍ରୀତି ତାଙ୍କର ନିଜଠୁଁ ବି ନିଜର । ଆତ୍ମୀୟଙ୍କ ଠାରୁ ବି ଆତ୍ମୀୟ । ଛାଇ ପରି ପାଖେ ପାଖେ ରହି ତାଙ୍କର ସେବା ଶୁଶ୍ରୁଷା କରେ । ଆଜିବି ସାମାନ୍ୟ ଜ୍ୱର କାରଣରୁ ମାଆଙ୍କୁ ନେଇ ସେ ଡ଼ାକ୍ତରଖାନା ଆସିଥିଲା । ତା'ର ବିଷାଦର ଚହ୍ନ ମୁଖ ମଣ୍ଡଳରେ ଆବିଷ୍କାର କରି 'ବିନ ମାଆ' ଆଶ୍ଚର୍ଯ୍ୟ ହୋଇଗଲେ । ଏତେବର୍ଷ ଭିତରେ ତା' ଚନ୍ଦ୍ରମା ପରି ମୁଖ ମଣ୍ଡଳରେ ଦୁଃଖର କଳାବାଦଲକୁ କେବେ ବି ଦେଖିନଥିଲେ । ମାଆର ବିକଳ ଅସ୍ଥିର ଭାବନାନେଇ ସେ ପ୍ରୀତିର ମୁଣ୍ଡକୁ ଆଉଁସି ଦେଇ କହିଲେ- "କ'ଣ ହେଲାରେ ମାଆ ପ୍ରୀତି? ହଠାତ୍ ଏମିତି କାହିଁକି ତୁ ଉଦାସ ହୋଇଗଲୁରେ ମାଆ । ନିବାକ୍ ଭାବରେ ପ୍ରୀତି ମଧ୍ୟ ଅନାଇ ରହିଲା

ତାଙ୍କୁ । ଯାହାର କାରଣ ସେ ନିଜେ ବି ଜାଣିପାରୁନ ତାହା କେମିତି କହିବ ନିଜ ପ୍ରିୟ ବଡ଼ ମାଆଙ୍କୁ । ସେ ଚୁପ୍ ରହିଲ୍ । ବିନିତା ମଧ୍ଯ ତାକୁ ବାଧ୍ଯ କଲେନି । ଉଭୟେ ଉଭୟଙ୍କୁ ଗୁହିଁ କିଛି କ୍ଷଣ ଚୁପ୍ ରହିଲେ, ତା'ପରେ ପରସ୍ପର ଗୁହିଁ ହସିବାକୁ ଚେଷ୍ଟାକରି ହସିଦେଲେ। ଆଗକୁ ବଢ଼ିଲେ । ଏଇ ହସ ହିଁ ଦୁଃଖ ପରି ଘା' ପାଇଁ ଅସଲି ମଲମ । ସବୁ ଯନ୍ତ୍ରଣା, ବେଦନା, ମାନ ଅପମାନ, କଷ୍ଟ ଆଦିକୁ ଏଇ ହସର ଗୁଦର ତଳେ ଘୋଡ଼େଇ ଦେଇଛନ୍ତି ସେମାନେ । ପରସ୍ପର କଷ୍ଟ ହେଲେ ଭୁଲିଯିବାକୁ ପ୍ରୟାସ କରନ୍ତି । କାରଣ ସେମାନେ ଭାବନ୍ତି ହସର ସୌରଭ ବାଣ୍ଟିବା ଏବଂ ମଣିଷର ମଙ୍ଗଳ ଅଭିଷ୍ଟାର୍ଥ ପାଇଁ ତାଙ୍କ ଜନ୍ମ ବୋଲି।

କେଡ଼େ ବିଚିତ୍ର ଏ ଦୁନିଆ । ଆଉ କେଡ଼େ ଅଦ୍ଭୁତ ସତେ ଏ ମଣିଷ ସମାଜ | ଛଳନାର ମୁଖାପିନ୍ଧା ସ୍ୱାର୍ଥପର ଏଦୁନିଆଟା ବୋଲି ପ୍ରୀତି ଅନୁଭବ କରିସାରିଥିଲ୍ ସେଦିନ । ତଥାପି ସେଇ ବିଗତ ୧୫ ବର୍ଷ ତଳର ଘଟଣା ତା' ମନକୁ, ବିଶ୍ୱାସକୁ ଆଦି ମଜବୁତ୍ କରିଛି । ତା'ର ସମସ୍ତ ଶ୍ରେୟ ହେବେ ଏଇ ବଡ଼ ମାଆ । ଠିକ୍ ହେଜ ଅଛି । ସେଦିନ ମାଷ୍ଟର୍ କ୍ୟାଣ୍ଟିନ୍ ରେଲୱେ ଷ୍ଟେସନ ନିକଟରେ ପାଞ୍ଚଦିନ କାଳ ଭୋକରେ, ଭୟେରେ, ଆଶଙ୍କାରେ, ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଏବଂ ସର୍ବନାଶର ଛାୟାରେ ତା' ଛାତି ଥରିଉଠୁଥିଲ୍ କେମିତି! କିଛି ସଇତାନଙ୍କ ଲୋଭିଲ୍ ଆଖି ତାକୁ ଖିନ୍‌ଭିନ୍ କରି ଦେବାକୁ ଇସାର୍ ଦେଉଥିଲ୍ । ଦାନବତ୍ତ୍ୱର ଶିକାର ହେବା ଆଗରୁ ନିଜର ଇଜ୍ଜତ ଏବଂ ପ୍ରାଣରକ୍ଷା ପାଇଁ ଯେତେବେଳେ ସୁରକ୍ଷା ଖୋଜିଥିଲ୍ ଏଇ ବଡ଼ମାଆ ନିଜ ମାନବିକତାର ପରିଚୟ ଦେଇଥିଲେ । ନିରୀହ ଲୁହ ଛଳ ଛଳ ଦିଓଟି ଆଖିକୁ ଦେଖି ତାଙ୍କ ମମତା ଜାଗି ଉଠିଲ୍ । ସେଇ ସର୍ବହର୍ ନିଷ୍ପାପ ଫୁଲଟି ପାଇଁ ସେ ସର୍ବସ୍ୱ ହୋଇଯାଇଥିଲେ । ତାଙ୍କ ଭିତରେ ସେ ଦିନ ସେ ଖୋଜିପାଇଥିଲ୍ ନିଜ ବାପାଙ୍କୁ, ପ୍ରକୃତ ମାଆଙ୍କୁ; ଭିନ୍ନ ଦୃଷ୍ଟିରେ କହିଲେ ଜଣେ ମାନବୀ ରୂପୀ ଦେବୀଙ୍କୁ । ତାଙ୍କ ଦୁନିଆରେ ଯେବେ ସେ ପାଦ ରଖିଥିଲ୍, ସେଠି ଅବିଷ୍କାର କରିଥିଲ୍ ମଣିଷତ୍ୱକୁ । ଖର୍‌ଛାଇ ପରି ଭଲମନ୍ଦ ଚେତନାଶ୍ରୟୀ ଲୋକ ବିଷୟରେ ଜାଣିପାରିଥିଲ୍ ମଧ୍ଯ । ତା' ଭଙ୍ଗା ମନ ତୁଟିଲ୍ ବିଶ୍ୱାସ ସେଇଠି ପୁଣି ଚେଇଁ ଉଠିଥିଲ୍ । ସମାଜର ମଙ୍ଗଳ ପାଇଁ ତାଙ୍କର ଜନ୍ମ । ନିଜର ଦୁଃଖକୁ ବ୍ୟଥାକୁ ହୃଦୟରେ ଗୁପି ଅନ୍ୟର ଶୁଭଚିନ୍ତା କରିବା ତାଙ୍କର ଧର୍ମ । ବଡ଼ ମାଆ ବିନିତାଙ୍କ ଠାରୁ ସେ ଜୀବନର ଦୀକ୍ଷା ନେବା ପରେ ନିଜକୁ ସ୍ୱତନ୍ତ୍ର ରୂପେ ଗଢ଼ି ତୋଳିବାକୁ ପ୍ରୟାସ କରିଛି, ପ୍ରୀତମ ରୁ ପ୍ରୀତି ହୋଇ । ଏଇ ଦୀର୍ଘ ଦିନର ଚଲ୍‌ପଥରେ ନିଜ ଅତୀତର ସ୍ମୃତିକୁ ଆଉଟିବାକୁ ସେ କେବେବି ଗୁହିଁନି । କିନ୍ତୁ ଆଜି ତା'ର କ'ଣ

ହୋଇଛି କେଜାଣି ଅତୀତ ତାକୁ ବେଶି ବେଶି ପଛକୁ ଟାଣି ନେବାକୁ ଅଡ଼ି ବସିଛି । ବଡ଼ ମାଆଙ୍କ ସହ ପାଦରେ ପାଦ ଛନ୍ଦି ରାସ୍ତାରେ ଯିବାବେଳେ ପ୍ରୀତି ହଜି ଯାଉଥିଲା ତା'ର ସେଇ ଅକୁହା ସ୍ମୃତି ପାଖରେ ।

ଜଗଲପୁର ତା'ର ଗାଁ । ଛୋଟ ଥିଲାବେଳେ ଗାଁର ଠିକ୍ ଶେଷମୁଣ୍ଡରେ ଝୁମ୍ପୁଡ଼ି ଘରେ ରହୁଥିବା ଆଇମା କୁହେ, ସେ କୁଆଡ଼େ ଅନାଥଟାଏ । ସେଇ ଗାଁର ବଡ଼ ହୃଦୟବାନ ମଣିଷ ଥିଲେ ରାମହରି ମହାକୁଡ଼ । ସେ ଲୁଗା ବେପାର କରନ୍ତି । ଦିନେ ବେପାର ସାରି ଫେରିବା ବେଳେ ରକ୍ତ ଜୁଡୁବୁଡୁ ନାହି ଲଗା ଛୁଆଟାକୁ ସେଇ ରାସ୍ତାରୁ କୋଳେଇ ନେଇଥିଲେ । ଘରେ ଥିବା ନିଜର ପୁଅ ଏବଂ ଝିଅ ପରି ତାକୁ ମଧ୍ୟ ଆଦରି ନେବାକୁ ସେ ନିଜ ପତ୍ନୀ ଭାର୍ଗବୀଙ୍କୁ କରିଥିଲେ କଡ଼ା ତାଗିଦ । ସେଇଥିପାଇଁ ବୋଧେ ତା' ପାଇଁ ଯଥେଷ୍ଟ ସ୍ନେହ ଶ୍ରଦ୍ଧା, ଭଲପାଇବା କେବଳ ଲୋକ ଦେଖାଣିଆ ଥିଲା । ଘରର ମୁରବିଙ୍କ କଥା ରଖିବାକୁ ଯାଇ ଭାର୍ଗବୀ ଅନ୍ତରରେ ଛଟପଟ ହେଉଥିଲେ ମଧ୍ୟ ନିଜର ମମତାକୁ ଅକୁଣ୍ଠିତ ଭାବେ ତାକୁ ଓଜାଡ଼ି ଦେବାକୁ କୁଣ୍ଠାବୋଧ କରୁଥିଲେ । ନିଜ ସନ୍ତାନଙ୍କ ଠାରୁ ଭାଗ ନେବାକୁ ଆସିଥିବା ମନେକରି ସେ ତାକୁ କେତେ ଯେ ଅସହିଷ୍ଣୁ ଦୃଷ୍ଟିରେ ଦେଖୁଛନ୍ତି । ତାକୁ ମନେପକାଇଲେ ଏବେବି ଭୟରେ ଥରିଉଠେ ପ୍ରୀତି ।

କେଉଁ ଜନ୍ମର ସମ୍ବନ୍ଧ ଥିଲା କେଜାଣି, ଅନାଥ ପିଲାଟିକୁ କେବେ ଅନାଥ ହେବାର ଅନୁଭବ କରେଇ ନଥିଲେ ରାମହରି। ବାପା ଯେ ମାଆ ପରି ସ୍ନେହ, ଆଦର ଭଲ ପାଇବା ଦେଇପାରେ, ସେ ତାଙ୍କଠୁ ଜାଣିଥିଲା । ନିଜ ଜୀବନର ଭଗବାନ ବୋଲି ତାଙ୍କୁ ମନେକରୁଥିଲା । ମାଆଙ୍କର କ ଭାଇ ଭଉଣୀଙ୍କ ଆଲୋଡ଼ା ପଣକୁ ଏଇ ବାପାଙ୍କ ସ୍ନେହର ସ୍ପର୍ଶରେ ମନରୁ ତା'ର ହଜେଇ ଦେଉଥିଲା ।

ଘରର ଅନ୍ୟ ଦୁଇ ସନ୍ତାନଙ୍କ ଅପେକ୍ଷା ପ୍ରୀତମ୍ ଥିଲା ଅଧିକ ସୁନ୍ଦର । କାଚ କଣ୍ଢେଇ ପରି ଚେହେରା । ଦଶ ବର୍ଷର ପୁଅଟା ଷୋହଳ ବର୍ଷର ଝିଅପରି ଦିଶୁଥିଲା । ପିଲାଠାରୁ ବୁଢ଼ା ସମସ୍ତେ ତାକୁ ଦେଖି ଲୋଭେଇ ଯାଆନ୍ତି । କଏ କହେ ଲକ୍ଷ୍ମୀଟାଏ ତ, କଏ କହେ ସ୍ୱର୍ଗର ଅପସରୀ ଟାଏ । ଲୋକମାନଙ୍କର ଏମିତି କଥା ଶୁଣି କେଜାଣି କାହିଁକି ପ୍ରୀତମ୍ ସେଇ କଶୋର ବୟସରେ ବି ଲାଜେଇ ଯାଉଥିଲା । ଖୁସିରେ କୁରୁଳ ଉଠୁଥିଲା ।

ଧୀରେ ଧୀରେ ପ୍ରୀତମ୍ ପୁଅଙ୍କ ଅପେକ୍ଷା ଝିଅମାନଙ୍କ ସହ ବେଶି ମିଶିବାକୁ, ତାଙ୍କୁ ଅନୁକରଣ କରିବାକୁ ଅଧିକ ପସନ୍ଦ କରୁଥିଲା । ତା' ଭିତରେ ସେ ଏକ ଅଦ୍ଭୁତପଣକୁ ଅନୁଭବ ମଧ୍ୟ କରୁଥିଲା । ବଡ଼ ଭାଇ ଭଉଣୀ ଏବଂ ମାଆ ଘରେ ନଥିବା ଦେଖି ତା'ର

ହରିଣୀପରି ଚଳଚଞ୍ଚଳ ଆଖିକୁ ନଚାଇ ଘରର କାନ୍ଥଟଙ୍ଗା ଆଇନାରେ ବାରବାର ମୁହଁକୁ ଦେଖେ, ପୁଣି ମୁରୁକି ହସେ । ମାଆ ଏବଂ ବଡ଼ ଭଉଣୀର ସୋନୁଅ, ପାଉଡ଼ର, ଟିକଲି ଲଗାଇ ଯେବେ ପୁଣି ଥରେ ଆଇନାରେ ନିଜକୁ ଦେଖୁଥିଲା ଅପୂର୍ବ ଆବେଗ ନେଇ ଖୁସିରେ ନାଚ ଉଠୁଥିଲା ତା' ଅନ୍ତର । ଏଇମିତି ରାତିରେ ସଜ ହେଇ ଘଡ଼ିଏ ଚାହିଁରହେ ଆଇନାକୁ। ସ୍ମିତ ହସ ହସି ମନକୁ ମନ କ'ଣ ଗୁଡ଼ାଏ ଗପେ । ବେଳେବେଳେ ରାତିର ଗଙ୍ଗଶିଉଳି ଫୁଲର ବାସ୍ନାରେ ବିଭୋର ହୋଇଯାଉଥିଲା ସେ । ମନକୁ ମନ ପଦକୁ ପଦ ଛନ୍ଦି ଲେଖିଯାଉଥିଲା ଧାଡ଼ି ଧାଡ଼ି କବିତା । ତାର ଏ ହାବଭାବ ଦିନେ ଧରା ପଡ଼ିଗଲା ମାଆ ଏବଂ ଭଉଣୀଙ୍କ ନଜରରେ । ବହେ ମାଡ଼ ଆଉ ଗାଳି ଖାଇଲା । ବାପା ଶୁଣିଲେ ଦେହ ଆଉ ହୃତପିଣ୍ଡ ଥରୁଥିଲା ବରଡ଼ା ପତ୍ର ପରି । ମାତ୍ର ଓଲଟା ସେ ବୋଉ ଏବଂ ଭଉଣୀଙ୍କୁ ରାଗିଲେ । ପ୍ରୀତମ୍ ମୁଣ୍ଡକୁ ଆଉଁସି ସ୍ନେହ ଏବଂ ସରାଗରେ କହିଲେ, ମୋ ପୁଅର ଯେମିତି ଇଚ୍ଛା, ସେ ସେମିତି ନିଜକୁ ସଜାଇବ । କେହି ବି ତାକୁ କିଛି କହିବାର କି ଗାଳି ଦେବାର ଯେପରି ମୁଁ ନଶୁଣେ ।

ବାପାଙ୍କର ମୋ ପ୍ରତି କୁଆଡ଼େ ଇଏ ମନବଢ଼ା କଥା ଥିଲା । ବାପା ବୋଉଙ୍କ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ବଚସା ହେବାର ସେ ଶୁଣିଛି । ପରେ ସମସ୍ତେ ନିରବ ରହିଛନ୍ତି । ଢିମା ଢିମା ଆଖିରେ ମାଆ ଚାହୁଁଥିଲେ ବି ସେ ଦିନଠୁଁ କେବେ ପ୍ରୀତମକୁ ହାତ ଉଠେଇଲେ ନାହିଁ । ପ୍ରୀତମ୍ ଅନ୍ତରରେ ଖୁସି ହେଉଥିଲେ ମଧ୍ୟ ବେଳେବେଳେ ପରିବାରରେ ଅପ୍ରୀତିକର ପରିସ୍ଥିତିକୁ ନିଜ ସଦସ୍ୟଙ୍କ ମଧ୍ୟରେ ଦେଖି ନିଜକୁ ତା'ର ପ୍ରାକୃତିକ ପ୍ରବୃତ୍ତିରୁ ନିବୃତ୍ତ ରଖିବାକୁ ପ୍ରୟାସ କରୁଥିଲା । କିନ୍ତୁ ନିଷ୍ଫଳ ହେଉଥିଲା ସେ । ତାକୁ ନେଇ ଉପୁଜୁଥିବା ଅଶାନ୍ତି ପାଇଁ ନିଜକୁ ଦାୟୀ କରି ଲୁଚ ଲୁଚ କାନ୍ଦୁଥିଲା ଯାହା କଟା ଘା'ରେ ଚୁନ ଦେଲାଭଳି ଯେଉଁ ଲୋକମାନେ ଦିନେ ତା' ସୌନ୍ଦର୍ଯ୍ୟକୁ ନେଇ ଶତ ପ୍ରଶଂସା କରୁଥିଲେ । ସେମାନଙ୍କ ଠାରୁ ମାଇଚଆଟା ମାଇଗୁଲିଆ ଡ଼ାକ ଶୁଣିଦେଲେ ତା' ରକ୍ତରେ ନିଆଁ ଲାଗିଯିବାର ଅନୁଭବ ହେଉଥିଲା । ଧିରେ ଧିରେ ତାହା ମଧ୍ୟ ତା'ପାଇଁ ଦେହସୁହା ହୋଇଗଲା, ନିଜ ବାପାଙ୍କ ପାଖରୁ ଆଦରପଣ ପାଇ ।

ଏତେ ବଡ଼ ସଂସାରରେ ସେଇ ବାପା ହିଁ ଥିଲେ ତା'ର ଏକା ନଜର । ଅନ୍ୟମାନଙ୍କ ଦୃଷ୍ଟିରେ ସେ ଯେମିତି ଦିନକୁ ଦିନ ଘୃଣ୍ୟ ଜୀବଟିଏ ହୋଇ ଯାଉଥିଲା । ଟାହି ଟାପରାରେ ଅତିଷ୍ଠ ହୋଇଯାଉଥିଲା ସେ । ସମସ୍ତଙ୍କ ଅପେକ୍ଷା ତା' ବାପା ହିଁ ତା' ପାଇଁ ଭଗବାନ । କାହିଁକି କେଜାଣି ବାପାଙ୍କ ପାଦକୁ ଲୁହରେ ଧୋଇଦେବାକୁ ଇଚ୍ଛା ହେଉଥିଲା ତା'ର । ଏମିତିବି ଈଶ୍ୱର ଏ ସଂସାର ଥାଇପାରନ୍ତି । ସେ ବିଶ୍ୱାସ କରିପାରୁ ନଥିଲା । ଏମିତି କ'ଣ କେହି ଥାଆନ୍ତି! ଗୋଟେ ଅଜଣା ଅଶୁଣା ଅନାଥ ଛୁଆକୁ ଆଦରି ନେଇ ଅକୁଣ୍ଠିତ ଭାବେ ସ୍ନେହ ଶ୍ରଦ୍ଧା ବାତ୍ସଲ୍ୟର ସ୍ୱର୍ଗୀୟ ସୁଖକୁ ଓଜାଡ଼ି ଦେଇ ପାରନ୍ତି! ଶ୍ରଦ୍ଧା ଭକ୍ତି, କୃତଜ୍ଞତାରେ ସେ ନିଜ ବାପା ବ୍ୟକ୍ତିତ୍ୱ ଆଗରେ ନଇଁ ପଡୁଥିଲା ।

ସେଦିନ ଥାଏ ପହିଲି ରଜ । ବାପା ମଧ୍ୟ ଘରେ ନଥା'ନ୍ତି । ଘରେ ପିଠାପଣାର ବାସ୍ନା ଯେତିକି ମନରେ ଉଲ୍ଲାସ ଭରୁନଥିଲା, ବଡ଼ ଭଉଣୀର ସଜବାଜକୁ ଦେଖି ନିଜକୁ ଟିକେ ସଜେଇ ଦେବାକୁ ପ୍ରୀତମର ମନରେ ଚେଇଁ ଉଠିଥିଲା ଉନ୍ମାଦନା । ଗାଁର ସାଙ୍ଗସାଥୀମାନେ ତା'ର ମାଇଚିଆ ବେଶଭୂଷା, ମତି ଗତି ପାଇଁ ଯା ମଧ୍ୟରେ ସାଙ୍ଗ ମଧ୍ୟ ହେଉନଥିଲେ । ବାପା ନଥିଲାବେଳେ ମାଆ ମଧ୍ୟ ତାଗିଦ୍ କରନ୍ତି ଏମିତି ସଜ ନହେବାପାଇଁ । କେଜାଣି କାହିଁକି ସେଦିନ ସେ ଭୁଲି ଗଲା ସବୁକିଛି । ନିନ୍ଦା, ଅପନିନ୍ଦାର ଭୟ, ଲାଭକ୍ଷତି, ବିବେକ ସବୁକିଛି ଯେମିତି ତା ଇଚ୍ଛାଶକ୍ତି ଆଗରେ ହାରମାନିଲା । ଶ୍ରଦ୍ଧା ଦିଦିର ଡ୍ରେସ, ପାଉଁଜି, ଅଳତା, ପାଉଡ଼ର ଅତରରେ ନିଜକୁ ସୁବେଶ କଲା | ଝିଅମାନେ ଦୋଳି ଖେଳୁଥିବା ଗାଁର ମଝିଦଣ୍ଡା ସାହିକୁ ଚାଲିଗଲା । ଗାଁର ମାଇକିନିଏ ତାକୁ ଦେଖି କରି କରି ହୋଇ ହସିଲେ । ଅଣ୍ଡିରାମାନେ ତ ଆଖିକୁ ଫାଡ଼ି ଫାଡ଼ି ଚାହିଁଲେ । ନିଜ ସାନ ଭାଇକୁ ଏଭଳି ବେଶରେ ଦେଖି ଶ୍ରଦ୍ଧା ଲଜ୍ଜା ଏବଂ ସମ୍ମାନହାନି ଭୟରେ ସେଠାରୁ ଘରକୁ ଚାଲି ଆସିଲା । ଝିଅମାନେ ମଧ୍ୟ ତାଙ୍କୁ ସଙ୍ଗରେ ନ ଖେଳାଇବାରୁ ତାଙ୍କ ଟୁପୁଟୁପୁ କଥା, କରି କରି ହସ ଶୁଣି ସେଠାରୁ ଘରକୁ ଫେରି ଆସିଲା, ସେ କେଉଁ ଏକ ଅତର୍କିତ ଅଜଣା ଭୟ ପାଇ । ସମସ୍ତଙ୍କ ପାଇଁ ସେ ଯେମିତି ଏବଂ କୌତୁହଳ ଜୀବଟିଏ ।

ଘରେ ପଶୁ ପଶୁ ମାଆର କଥା ତା' କାନକୁ ବଧିର କରିଦେଉ ଥିବାର ଅନୁଭବ କଲା । ତା' ପରି ଗୋଟେ ଅନାଥ ପାଇଁ ତାଙ୍କ ସମ୍ମାନ ଆଦି ଅଡୁଆରେ ପଡ଼ିଚ । ତା'ରି ଅପବାଦ ପାଇଁ ଝିଅ ଶ୍ରଦ୍ଧା ଭଲ ଘରେ ବାହା ହୋଇ ପାରୁନି । କାଲଠା, ଅକର୍ମା, ଜନ୍ମ ହେଉ ହେଉ ମାଆ ବାପାଙ୍କୁ ତ ପାଖରେ ପାଇପାରିଲାନି, କିନ୍ତୁ ଆମ ଘରେ ସାପପରି ଗଳାରେ ଛନ୍ଦି

ହୋଇ ରହିଛି ଯାହା । ନଜେ ମରୁନ ଯେ ପ୍ରତି ପ୍ରତିମୁହୂର୍ତ୍ତରେ ଆମକୁ ମାରୁଛି । କ ଯାଦୁ ଶିଖିଛି କେଜାଣି ବୋପାଟାକୁ ବି ନଜ ଆଡ଼କୁ କଥା କଥାରେ ଘିଞ୍ଚି ନେଉଛି । ପରିବାରଟାକୁ ସେ ନଆଁଲଗା ମାଇଚଆ ଏପଟ ସେପଟ କରିଦେଲା । ଘରବୁଢ଼ା କହି ସେଦିନ ବୋଉ ବହୁତ ଭର୍ତ୍ସନା କରୁଥିଲେ ତା'କୁ । ଘର ସାରା ଅଶାନ୍ତି । ଅନ୍ତରାତ୍ମା ବିଳାପ କରି ଉଠିଥିଲା ସେଦିନ ପ୍ରୀତମର । ବେପାର ପାଇଁ ଯାଇଥିବା ବାପାଙ୍କୁ ବହୁତ ଅପେକ୍ଷା କଲା । ସେହିଦିନ ସେ ଶେଷରେ ନରାଶ ହୋଇ ଆପଣାର ମନେ କରୁଥିବା ସେ ପରିବାରର ମଙ୍ଗଳ ପାଇଁ ଘର ଛାଡ଼ିଲା ।

ନଜର ଆତ୍ମୀୟଙ୍କ ମାନସିକ ସୁଖ ପାଇଁ ନଜ ଆତ୍ମା ତୁଲ୍ୟ ବାପାଙ୍କୁ ଛାଡ଼ି ଆସିଥିବାରୁ ତା ଅନ୍ତରାତ୍ମା ହା ହା କାର କରି ଉଠୁଥିଲା । ପନ୍ଦର ବର୍ଷ କାଳ ବାପା ମାଆର ସ୍ନେହ ଶ୍ରଦ୍ଧାରେ, ଶିକ୍ଷାଦୀକ୍ଷାରେ ବଞ୍ଚେଇ ରଖିଥିବା ବାପାଙ୍କୁ ଛାଡ଼ି ଏ ଅଜଣା ମାୟା ନଗରୀରେ କେମିତି ବଞ୍ଚିବ, ସେହି ଭୟରେ ଥରି ଉଠୁଥିଲା ଯାହା । ସେଦିନ ସେଇଠୁ ବିନମା' ଉଦ୍ଧାର ନକରିଥିଲେ ତା'ର ଯେ କ'ଣ ସର୍ବନାଶ ହୋଇଥାଆନ୍ତା ଭାବି ଦେଇ ଶିହରି ଉଠୁଥିଲା ପ୍ରୀତି। ଅନେକ ଥର ଭାବିଛି ଗାଁକୁ ଯାଇଥରେ ମାତ୍ର ବାପାକୁ ତା'ର ଦେଖି ଆସିବାକୁ ; ମାତ୍ର ପାରିନ ସେ ।

ଏଇ ଦୀର୍ଘ ବର୍ଷ ମଧ୍ୟରେ ବିନତା ମାଆ ହିଁ ତା'ର ସର୍ବସ୍ୱ । ସୁଖରେ ଦୁଃଖରେ ଜୀବନର ଅନେକ ଝଡ଼ ଝଞ୍ଜାରେ ତା'ସହ ଛିଡ଼ା ହୋଇଛନ୍ତି । ବାପା ଏବଂ ବିନତା ମାଆ ପରି ଯଦି ମାନବ ରୂପୀ ଦେବତା ନଥାନ୍ତେ, ତେବେ କ'ଣ ହୁଅନ୍ତା ତା'ଭଳି ବାସହରା, ସର୍ବହରା ମାନଙ୍କର! ଚକିତ ହୋଇଯାଏ ସେ ଏହା ଭାବି ।

ଅତୀତର ବନ୍ଦ ପୃଷ୍ଠା ଗୁଡ଼ିକ କାହିଁକି ଯେ ଆଜି ମନରେ ଜିଦ୍‌କରି ଖୋଲି ହୋଇଯାଉଛି ଜାଣି ପାରୁନଥିଲା ସେ । ବଡ଼ ମାଆଙ୍କର ସ୍ପର୍ଶରେ ସେ ପ୍ରକୃତିସ୍ଥ ହେଲା । ବର୍ଷାର ତାଣ୍ଡବ ନୃତ୍ୟ ଥମିବାକୁ ବି ଯେମିତି ଚାହୁଁନଥିଲା । ମଣିଷ ପରି ସେ ବି ଆଜି ତା' ଜିଦିରେ ଯେମିତି ଅଟଳ ।

ଅନ୍ୟମନସ୍କ ପ୍ରୀତିର ନଜର ଆଶ୍ରୟସ୍ଥଳୀର କୋଣକୁ ଆଉଜି ବସିଥିବା ବୃଦ୍ଧାଙ୍କ ଉପରେ ପଡ଼ିଲା । ତାଙ୍କ କାନ୍ଧରେ ମୁଣ୍ଡ ରଖି ଶୋଇଥିବା ସେଇ ବୃଦ୍ଧ ଜଣକ ବୋଧେ ତାଙ୍କ ସ୍ୱାମୀ। ଅସ୍ପଷ୍ଟ ଦିଶୁଥିଲେ ସେମାନେ । ବର୍ଷା ଟିକେ ଥମିଲା ପରେ ତା' ପାଦ ଦିଓଟି ଆପେ ଆପେ

ସେ ଆଡ଼କୁ ଟାଣି ହୋଇଗଲ୍ । ତା'ପଛରେ ବଡ଼ ମାଆଙ୍କ ଡ଼ାକ କାନର ପରଦା ଛୁଇଁ ଫେରି ଆସୁଥିଲ୍ । ସେଇଠି ସେଇ କଙ୍କାଳ ସାର ବୃଦ୍ଧର ଜୀର୍ଣ୍ଣଶୀର୍ଣ୍ଣ ରୁଗ୍‌ଣ ଶରୀର ଦେଖି ସ୍ତବ୍‌ଧ ହୋଇଠିଆ ହୋଇଗଲ୍ ସେ । ପାଖରେ ଥିବା ତାଙ୍କ ସ୍ତ୍ରୀ ତାଙ୍କ ପିଠିକୁ ମୁଣ୍ଡକୁ ଆଉଁସି ଲୁହ ଗଡ଼ାଉଥିଲେ । ପ୍ରୀତି ଠିକ୍ ଚହ୍ନି ପାରିଲ୍ ନିଜ ପ୍ରିୟ ବାପାଙ୍କୁ ଆଉ ମାଆଙ୍କୁ । ତା'ଅନ୍ତର ହାହା କାର କରି ଉଠିଲ୍ । ପାଦତଳୁ ମାଟି ଖସିଗଲ୍ । ସାର୍ ପୃଥିବୀ ଆଜି ଅସ୍ତବ୍ୟସ୍ତ ହୋଇଯାଇଛି ଯେମିତି । ସବୁ ଶ୍ରୀହୀନ । ଅଜଣା କୋହର ବାମ୍ପରେ ଯେମିତି ସିଝି ଗଲ୍ ତା' କଲିଜା । ଲଥ୍ କରି ବସିପଡ଼ିଲ୍ ବାପାଙ୍କ ପାଦ ତଳେ । ଗୋଟେ ଅଚହ୍ନା ଅଜଣା, ଝିଅଟାକୁ ଦେଖି, ସେ ଦୁହେଁ ବଲବଲ କରି ଗୁହିଁ ରହିଲେ କେବଳ । ପ୍ରୀତି ତାଙ୍କ ସେଇ ପୁଅ ପ୍ରୀତମ୍ ବୋଲି ପରିଚୟ ଦେବାରୁ ବୃଦ୍ଧ ଗୁମହରି ସ୍ତମ୍ଭୀଭୂତ ହୋଇଗଲେ । ଦୁଃଖରେ ଆଉ ଆନନ୍ଦରେ କମ୍ପି ଉଠିଲେ ସେ । ତାଙ୍କ ଜୀର୍ଣ୍ଣଶୀର୍ଣ୍ଣ ଥରିଲ୍ ହାତରେ ବାର ବାର ପ୍ରୀତିର ମୁଣ୍ଡକୁ ଆଉଁଶି ପକାଇଲେ । ଦେହରେ ଶାଢ଼ୀ, ହାତରେ ଚୁଡ଼ି, ପାଦରେ ପାଉଁଜି ପିନ୍ଧିଛି ତା'ଙ୍କ ଗେହ୍ଲାପୁଅ ପ୍ରୀତମ! ମୋ ପ୍ରୀତୁ ତଥାପି କେଡ଼େ ସୁନ୍ଦର ନ ଦିଶୁଛି କହି ଭେ ଭେ କାନ୍ଦିପକାଇଲେ ସେ । ବାପାଟାକୁ ଜୀଅଁନ୍ତା ମାରି ଦେଇ ତୁ କେମିତି ଘର ଛାଡ଼ି ଆସିପାରିଲୁ ରେ! ତୋତେ ନଦେଖି ମୋ ଆଖି ଦି'ଟା ଫୁଟିଯାଇଥିଲ୍ । କାହା ସାହାର୍‌ରେ ତୋର ଏ ବାପାଟାକୁ ଛାଡ଼ି ଆସିଲୁ କହି ସେ ବହୁତ କାନ୍ଦିଲେ । ଅନୁତାପାନଳ ଅଶ୍ରୁରେ ଭାର୍ଗବୀ ନିଜକୁ ଧୋଇଦେଉଥିଲେ । ସେଠାକାର ଆନନ୍ଦର ଅପୂର୍ବ ମାତାପିତା ଏବଂ ସନ୍ତାନଙ୍କ ସହ ମିଳନ ପର୍ବରେ ପରିବେଶ ବି ବାଷ୍ପକଳ ହୋଇଯାଇଥିଲ୍ । ଅସହାୟ ବାପା ମାଆଙ୍କ ଠାରୁ ସେ ନିଜ ପରିବାରର ଅତୀତ ଇତିହାସ ଜାଣିଲ୍ ।

ଯୌତୁକ ବାବଦକୁ ଏକ ଲକ୍ଷ ଟଙ୍କା ନଦେବା କାରଣରୁ ଶ୍ରଦ୍ଧାକୁ ବାପଘର ଦରଜା ମାଡ଼ିବାକୁ ଦେଇନଥିଲେ ତା'ର ଶାଶୁଘର ଲୋକେ । ୭ ମାସକୁ ତା'ର ମରଣ ଖବର ଆସି ପହଞ୍ଚିଥିଲ୍ । ପୁଅ ବିବେକକୁ ସଞ୍ଚିତ ସବୁ ଅର୍ଥ ପଢ଼ାପାଇଁ ଦେଇ ତାକୁ ମଣିଷ କଲେ । ସେ ଗୁକରି କରି ନିଜ ପସନ୍ଦରେ ବାହା ହୋଇଥିବା ସ୍ତ୍ରୀକୁ ନେଇ ବାହାରେ ରହିଲ୍ । ଭୁଲିଗଲ୍ ନିଜ ବାପା ମାଆଙ୍କୁ । ପ୍ରୀତମ ଘର ଛାଡ଼ି ଯିବା ପରେ ତାକୁ ବହୁ ଖୋଜାଖୋଜି କରି ନିରାଶ ହେବାପରେ ସେ ଅନ୍ଧପ୍ରାୟ ହୋଇଯାଇଥିଲେ । ପୁଅର ଅନାଦର ଝିଅର ମଦୁଆ ସ୍ୱାମୀ ହାତରେ ମୃତ୍ୟୁରେ ଭାଙ୍ଗି ପଡ଼ିଥିଲେ ସେ । ଦେହବାଧକ ପାଇଁ ଆଉ ବେପାର ନହେବା କାରଣରୁ ଢ଼ୋକେ ପିଇ ଦଣ୍ଡେ ଜୀଁ ସେମାନେ ବଞ୍ଚୁଥିଲେ । ପୁଣି ପିଠିରେ କୋରଡ଼ା ମାଡ଼ ପରି ଅଜଣା ରୋଗ ତାଙ୍କୁ ବାସହର୍ କରିଦେଲ୍ । ଯେତିକ ଧନ ଥିଲ୍

ସେତିକରେ ଚକସ୍ତା ହେଉଥିଲା । ଟଙ୍କା ଅଭାବରୁ ଏଇଠି ପଡ଼ି ମୃତ୍ୟୁକୁ କେବଳ ଯାହା ଅପେକ୍ଷା କରିଛୁ ଆମେ । ତତେ ଦେଖି ଆଜି ଆମ ଦୁଃଖ ଗଲା । ଏବେ ଶାନ୍ତିରେ ତୋ ବାପା ମରିପାରିବେ କହି ଭାର୍ଗବୀ ଆଖିର ଲୁହକୁ ପୋଛିପୋଛି କହିଲେ ।

ଏଇ ସେଇ ବାପା ନା! ଯିଏ ତାଙ୍କ ପେଜୁଆ ଆଖିରେ ଦିନେ ଜହ୍ନ ତାରା ଗପ ଶୁଣାଉଥିଲେ ମାଆ ପରି । ମୁଣ୍ଡରେ ଖରା ପଡ଼ିବା ଆଗରୁ ଗାମୁଛାକୁ ପାତି ଦେଉଥିଲେ । କାନ୍ଦିବା ଆଗରୁ ହସେଇ ଦେଉଥିଲେ । ପେଟପୁରା ଖାଇଛୁ ନା ନାହିଁ ଯେତେ ରାତିରେ ଫେରିଲେ ବି ପଚାରି ବୁଝୁଥିଲେ । ନିଜ ଆତ୍ମାଠାରୁ ବି ଆତ୍ମୀୟ ଏଇ ଦେବତାଟିର ଏଭଳି ଦୟନୀୟ ଅବସ୍ଥା ହୋଇପାରେ!! ସାରା ଜୀବନ ଦୁଃଖ ପିଇ ସୁଖ ବାଣ୍ଟୁଥିବା ଏଇ ମହାତ୍ମାଟି କେମିତି ମରିଯିବା ପରି ନିଷ୍ଠୁର କଥା କହିପାରୁଛନ୍ତି! ସେ କ'ଣ ଜାଣି ପାରୁ ନାହାଁନ୍ତି, ତାଙ୍କର ଏ ସନ୍ତାନ ଏ ଶବ୍ଦରେ ଜୀବନ୍ତା ଶବ ପାଲଟି ଯାଉଛି ବୋଲି!! ବାପା ବୋଉଙ୍କୁ ଧରି ସେଠି ସେ ବହୁତ କାନ୍ଦିଲା ।

ଦୁରାବ୍ୟାଧି କିଡ଼ନୀ ରୋଗ ହୋଇଛି ତା' ବାପାର । ଗୋଟିଏ କିଡ଼ନୀ ରୋପଣ ଦ୍ୱାରା ହିଁ ତା' ପ୍ରିୟବାପା ବଞ୍ଚି ପାରିବେ । ପାଦତଳୁ ମାଟି ଖସିଗଲା ତା'ର । ଦଶଦିଗ ଅନ୍ଧକାର ଦିଶିଲା। କାତର ହୋଇ ବାପାଙ୍କୁ ବଞ୍ଚେଇ ବାକୁ ଯାଇ ସେଦିନ ଡାକ୍ତର ଖାନାର ଡ଼ାକ୍ତରଙ୍କ ଠାରୁ ନର୍ସଙ୍କ ପର୍ଯ୍ୟନ୍ତ ତା' ଧାଁ ଧପଡ଼ ଦେଖି ବଡ଼ ମାଆ ବି ତଟସ୍ଥ ହୋଇଗଲେ । ନିଜ ଝିଅର ମହାନ୍ ଇଚ୍ଛାକୁ ସେ ମଧ ସ୍ୱାଗତ କଲେ । ନିଜ ଜୀବନ ଦେଇ ହେଲେ ବି ନିଜ ବାପାଙ୍କୁ ସେ ବଞ୍ଚେଇ ରଖିବ । ସବୁ ସୁବିଧା ହେଲା । କିଡ୍‌ନୀ ପ୍ରତି ରୋପଣ ପାଇଁ ଖୁବ୍ ଶୀଘ୍ର ହେଲା ବନ୍ଦୋବସ୍ତ । ସେଦିନ ରାସ୍ତାକଡ଼ରେ ନିଷ୍ପାପ ଶିଶୁଟିକୁ ଜୀବନ ଦେଇଥିବା ରାମହରିଙ୍କ ପାଇଁ ସେ ନିଜ ଜୀବନକୁ ବିପଦରେ ପକାଇବାକୁ ତିଳେ ବି ଭୟଭୀତ ହେଲାନି। ବରଂ ହସି ହସି ସ୍ୱାଗତ କରିଥିଲା ।

ଆକାଶ ପରିଷ୍କାର । ହୃଦୟର ବୋଝ ଯେମିତି ଆଜି ସବୁ ହାଲ୍‌କା ହାଲ୍‌କା ହୋଇଯାଉଛି । ଧୀରେ ଧୀରେ ସୁସ୍ଥ ହେଉଛନ୍ତି ରାମହରି ବାବୁ । ଭାର୍ଗବୀ ପ୍ରାଣ ପଣେ ସ୍ୱାମୀଙ୍କ ସେବାରେ ଲାଗିପଡ଼ିଛନ୍ତି । ପୁଅ ମଧ ବୋହୂକୁ ଧରି ଫେରି ଆସିଛି । ସମସ୍ତେ ଆଜି ଅନୁତପ୍ତ । ଯେଉଁ ଛୁଆଟିକୁ ଆନାଦର କରି ଭର୍ତ୍ସନା କରି ଘର ଛାଡ଼ି ଚାଲି ଯିବାକୁ ବାଧ କରିଥିଲେ, ସେ ତା' ଶଙ୍ଖା ସିନ୍ଦୁରକୁ ନୂଆଁ ଜୀବନ ଦେଇଛି । ପୁଅ ବୋହୂଙ୍କୁ ଫେରାଇ ଆଣିଛି । ବାପା ମାଆଙ୍କ ସୁରକ୍ଷା ପାଇଁ ଚଳବା ପାଇଁ ଧନ ସମ୍ପତ୍ତିର ସୁବନ୍ଦୋବସ୍ତ କରାଇ ଦେଇଛି । ବିଶ୍ୱାସ

କରି ପାରୁନଥିଲେ ଭାର୍ଗବୀ । ଲୁହ ଲହୁରେ ନିଜ ପାପକୁ ଧୋଇବାକୁ ଯାହା ପ୍ରୟାସ କରୁଥିଲେ । "ଏଇଥର ମୋ କୋଳରୁ ଦୂରେଇ ଦେବିନି ତାକୁ । ନିଜ ସାଙ୍ଗରେ ନେଇଯିବି ବୋଲି ମନେ ମନେ ସ୍ଥିରକରି ପ୍ରସନ୍ନ ହେଉଥିଲେ ସେ । ଆଉ ବିକଳ ହେଉଥିଲେ ଘ୍ରମହର ବାବୁ ନିଜର ଛୁଆଟାକୁ ଥରେ ଆଖି ପୂରେଇ ଦେଖିବାକୁ । ପୁଅ ବୋହୂ, ସ୍ତ୍ରୀ ଥାଇ ମଧ୍ୟ ତାଙ୍କ ଅନ୍ତର ତା'ର ଅପେକ୍ଷାରେ ବିଳାପ କରି ଉଠୁଥିଲା । ଏହି ସମୟରେ ନର୍ସ ଆସି ଚିଠିଟିଏ ଦେଇଗଲା । ସମସ୍ତେ ସ୍ତବ୍ଧ । ବଡ଼ ପୁଅ ବିନୟ ସେ ଚିଠିକୁ ଖୋଲି ପଢ଼ିଲା -

"ପ୍ରଣାମ ବାପା ! ତମ ବିନା ବଞ୍ଚିବା ମୋ କ୍ଷେତ୍ରରେ ଅସମ୍ଭବ । ତମେ ବହୁତ ଭଲପାଅ ଜାଣି ସୁଦ୍ଧା, ତମ ସାମାଜିକ ଜୀବନ ଧାରାରେ ମୁଁ ଅଭିଶାପ ହେବାକୁ ଚାହେଁନି । ମୋତେ ହିଞ୍ଜଡ଼ା, ମାଇଚିଆ ଛକା କହିଲେ ଯେତିକି ବାଧେନି, ତମ ଅପମାନ ମୋତେ ଅଧିକ କଷ୍ଟ ଦିଏ । ମୋ ପାଇଁ ତମକୁ କେହି ଲଜ୍ଜିତ ଅପମାନିତ କରୁ ମୁଁ କ'ଣ ଚାହିଁପାରିବି? ବୋଉ, ଭାଇ, ଭାଉଜଙ୍କ ସହ ସୁଖରେ ରହିବ । ମୋ ପାଇଁ ବ୍ୟସ୍ତ କି ଦୁଃଖ ପ୍ରକାଶ କରିବନି ବାପା। ତମେ ଭିତରେ ହିଁ ମୁଁ ବଞ୍ଚିଛି ଆଉ ବଞ୍ଚିବି । ମୋ ଦୁନିଆ, ମୋ ପରି ଅସଂଖ୍ୟ ଲୋକଙ୍କୁ ନେଇ । ତମ ପରି ବଡ଼ ମାଆ ବିନତା ମୋ'ର ସବୁ ଯତ୍ନ ନେଉଛନ୍ତି । ପରିବାର ପ୍ରତି ତମ ଭଲପାଇବାରେ ମୁଁ ଦିଶିବି ବାପା । ମୋ ଶରୀରର ଅଂଶ ତମ ଦେହରେ ରହି ମୋତେ ଆଜୀବନ ତମ ଅନୁଭବ ଦେଉଥିବ । ମୋ ଋଣ ବାପା କେବେବି କାନ୍ଦିବନି । ଭାଇ, ଭାଉଜ ଓ ବୋଉଙ୍କୁ ମୋର ପ୍ରଣାମ ଜଣେଇଦେବ । ପତିତ ଉଦ୍ଧାରଣ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆପଣଙ୍କୁ ଚକ୍ରରେ ଘୋଡ଼ାଇ ରଖନ୍ତୁ ।

ଇତି
ତମର ଝିଅ
ପ୍ରୀତି (ପ୍ରୀତମ) ।"

ଅଧ୍ୟାପିକା,ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର,ଓଡ଼ିଶା

# ଧୂନ

କିଶୋର ମହାନ୍ତି

ଧୂନ ଗୁଞ୍ଜିଛି
ଅହୋ ରାତ୍ର
ଅବିରତ
ଆରୋହରୁ ଅବରୋହ
ରାଗ ଖମ୍ବାଜ୍
ମିଆଁ ମଲ୍ହାର
ଅବା ବୁଞ୍ଜରି ଗୋଡୀ
ଜୀବନ କୁ ଅନୁରଣିତ କରୁଛି
ପ୍ରଲମ୍ବିତ୍ ରାଗ
କମ୍ପମାନ ନିଶ୍ୱାସ ପ୍ରଶ୍ୱାସ
ଧୂନ ର ଏକ ଅମୃତ ଆହ୍ଲାଦ
ପ୍ରଣବ ରାଗ ମିଶି ଯାଉଥାଏ,
ଗୋଟାଏ ଆଳାପ
ରହି ରହି ଶାବ୍ଦୀକ୍ ଚକ୍ରରେ
ଘୂର୍ଣୟମାନ ବଳୟ ଭିତରେ
ବିନ୍ଦୁଟିଏ ଧୂନ
ଜୀବନକୁ ସଂଜୀବନୀ ଦେଉଥାଏ
ପ୍ରକାଶ୍ୟ ଓ ଅପ୍ରକାଶ୍ୟରେ
ଧୂନ ରୁ ସଂଭୂତ ଭୂମି ଓ ଆକାଶ
ଧୂନ ର ମାୟବର୍ତରେ ଆବଦ୍ଧ ଅହିମନ ମୁହୂର୍ତ୍ତ ।

ସେକ୍ଟର-୩, ସି.ଡି.ଏ, କଟକ

# ମୋ ସ୍ୱପ୍ନର ସାଥୀଟିଏ

ମୃଣ୍ମୟୀ ପ୍ରଧାନ

ମନ ଖୋଜେ ମନଟିଏ, ପ୍ରାଣ ଖୋଜେ ପ୍ରାଣଟିଏ
ସ୍ୱପ୍ନ ଖୋଜେ ସ୍ମୃତିଟିଏ, ଜୀବନର ସାଥୀଟିଏ
ଡାକୁଛି, ଆରେ ଆରେ ମୋ ସାଥୀ ଆରେ
କୋଉଠି ଅଛୁ ମୋ ପାଖକୁ ଚାଲିଆ ।୧।
ସାଗରରେ ଢେଉ ଉଠି ଛୁଏଁ ତା କୂଳକୁ
ମୋ ମଥ ଲହରୀ ଆଜି ଖୋଜୁଛି ସାଥୀକୁ
କୋଉଠି ଖୋଜିବି କହ ପାଇବି କେମିତି
ଝୁରି ଝିରି ମୋ ସାଥୀକୁ ବଞ୍ଚିବି ଏମିତି
ପ୍ରେମଭର୍ ସ୍ୱପ୍ନ ନେଇ ବାଟ ଚାଲୁଥିବି
ଚାଲୁଚାଲୁ କେତେବେଳେ ସାଥୀ ପାଇଯିବି
ଅନ୍ଧ ଖୋଜେ ବାଡିଟିଏ, ଚାଲିବାର ସାହାର୍‌ଟେ
ଆଶା ମୋର ସାଥୀଟିଏ, ଜିଇଁବାର ମଉକାଟେ
ଖୋଜୁଛି, ଆରେ ଆରେ ଆରେ ମୋ ସାଥୀ ଆରେ
ଯୋଉଠି ତୁ ଅଛୁ ମୋତେ ଆଜି ହିଁ ମିଳଯା ।୨।
ସାଥୀ ତୁ କପାଳେ ଲେଖା, ସାର୍‌ ଜୀବନର
ତୁ ମିଳଲେ ଭରିଦେବୁ ତୋ ସେହ-ସିନ୍ଦୁର
ତୋ ସିନ୍ଦୁର ପିନ୍ଧି ମୁଁ ଲାଗିବି ସୁନ୍ଦର
ତୋ ଭଲ ପାଇବାରେ ଗଢିବି ସଂସାର
ହାତଧରି ତୋର ସାର୍‌ ବାଟ ମୁଁ ଚାଲିବି
ମୁଁ ମରିବା ଯାଏଁ ତୋର ପାଖେ ପାଖେ ଥିବି
କହୁଛି, ଆରେ ଆରେ ମୋ ସାଥୀ ଆରେ
ତୁ ମିଳବୁକ ନାହିଁ ମୋତେ ଇସାର୍‌ ଦେଇଯା ।୩।

ଭୁବନେଶ୍ୱର

# ସ୍ୱାଧୀନତାର ମୂଲ



ଦେବଯାନୀ ସ୍ୱାଇଁ

ମଧ୍ୟାହ୍ନ ଭୋଜନ କରୁଥିଲେ ପୁଅବୋହୂଙ୍କ ସହିତ ଅନୀମା। ପୁଅବୋହୂ ସହିତ ମଧ୍ୟାହ୍ନ ଭୋଜନ କରିବାର ସୌଭାଗ୍ୟ କେବଳ ଶନବାର ରବିବାର ମିଳେ। ହେଲେ ଏବେତ ସାରା ବିଶ୍ୱ କରୋନା ଭୂତାଣୁରେ ଆକ୍ରାନ୍ତ। ଯାହାର ପ୍ରତିକାର ରୂପେ ସମସ୍ତଂକୁ ଘରେ ରହିବାକୁ ପଡୁଚି। ଅଫିସର କାମ ସବୁ ଘରୁ କରିବାର ଅନୁମତି ଦିଆଯାଇଚି।ବାହାଘର, ଭୋଜିଭାତ ସବୁ ବନ୍ଦ ଏପରିକି ମୟୃତରେ ଭି ଖୁବ ନିଜ ଲୋକଙ୍କୁ ଛାଡି ଭାଇବନ୍ଧୁମାନଙ୍କ ଉପସ୍ଥିତିରେ ପାବନ୍ଧ।ଭୂତାଣୁ  ସଂକ୍ରମଣ ଡରରେ ଲୋକେ ମଧ ଘରୁ ବାହାରୁ ନାହାଁନ୍ତି। ସବୁଆଡେ ଶୁନଶାନ୍। ରାସ୍ତାଘାଟରେ ନୀରବତାର ରାଜୁତି।

ଭୋଜନ ସାରି ଅନୀମା ହାତ ଧୋଇବାକୁ ଉଠୁଥୀଲେ, ପୁଅର ଫୋନ ବାଜିଉଠିଲା।

ଫୋନକୁ ଦେଖି ବୁଲୁଭାଇ କହି ପୁଅ ଫୋନ୍ ଉଠେଇଲା। ବୁଲୁ ନାଁ ଶୁଣି ଅନମା ଟିକେ ରହିଗଲେ, ସେ ବଡଯା'ଙ୍କ ପୁଅ। କଥା ଶୁଣିବାଲାଗି ଅନମା ଟିକେ କାନେଇଲେ। ମା'ର ଆଗ୍ରହ ଦେଖି ପୁଅ ସ୍ପିକର ଅନ୍ କଲା।ସେପଟୁ ବୁଲୁ ଭୋଭୋ ହେଇ କାନ୍ଦୁଥିଲା।

କାନ୍ଦିକାନ୍ଦି କହି ଚାଲିଥିଲା, ସିତୁରେ ତୋ ବଡବୋଉ ଆଉ ନାହାନ୍ତି। ଆଜିକୁ ଦୁଇଦିନ ହେବ ସେ ଚାଲିଗଲାଣି। ଏବେତ କାହା ଘରକୁ କାହାର ଯିବାଆସିବା ନାହିଁ କି କାମବାଲୀ ବାଇ ମାନଙ୍କର ବି ଚଳପ୍ରଚଳ ନାହିଁ। କେହି ଜାଣିନାହାଁନ୍ତି ସେ କେତେବେଳେ ହୃଦାଘାତରେ ଚାଲିଯାଇଚି। ମୁଁ ଦୁଇଦିନ ତଳେ ଘରକୁ ଫୋନ କରିଥିଲି, ହେଲେ ବୋଉ ଫୋନ୍ ଉଠେଇଲାନି, ମୁଁ ଭାବିଲି ସେ ବ୍ୟସ୍ତଥିବ ବୋଧେ ପରେ ମତେ କଲ ବ୍ୟାକ୍ କରିବ। ପୁରା ଦିନ ତାର କଲ୍ ଆସିଲାନି। ତା ପରଦିନ ତାକୁ ଫୋନ୍ କଲି, ହେଲେ ପୂର୍ବଦିନ ପରି କିଛି ବି ଉତ୍ତର ନାହିଁ। ମନଟା ଅଡୁଆ ଲାଗିବାରୁ ପଡୋଶୀ ଘରକୁ ଫୋନ୍ କରି ଅନୁରୋଧ କଲି

ଟିକେ ଯାଇ ଦେଖିବାକୁ। ସେମାନେ ଘରକୁ ଯାଇ ଯେତେବି ଘଣ୍ଟି ମାରିଲେ କଛି ଉତ୍ତର ନଆସିବାରୁ ସ୍ଥାନୀୟ ପୁଲିସ୍ କୁ ଖବରକଲେ ଆଉ ପୁଲିସ୍ ଆସି ବୋଉର ଶବ ଉଦ୍ଧାରକଲା।

କହୁକହୁ ବୁଲୁର କଣ୍ଠରୁଦ୍ଧ ହେଉଥାଏ। ଆଗକୁ ଶୁଣିବାକୁ ଅନୀମାଂକର ଆଉ ଧୈର୍ଯ୍ୟ ନଥିଲା। ଧୀରେ ଉଠି ନଜ କୋଠରୀକୁ ଗଲେ ଆଉ ଅଭ୍ୟାସବଶତଃ ଖଟଉପରେ ଗଡିଗଲେ।

ଏଇଟା ତାଂକର ବହୁତ ପୁରୁଣା ଅଭ୍ୟାସ ଭଲ ହେଉ କ ମନ୍ଦ ହେଉ, ଖାଇସାରି ଖଟଉପରେ ଲମ୍ବ ନହେଲେ ତାଂକର ବଦହଜମି ଗ୍ୟାସ୍ ହେବବୋଲି ବିଶ୍ୱାସ ଆଉ ଏ ବିଶ୍ୱାସ ବି ତାଂକୁ ବହୁତଥର ଉଦାହରଣ ଦେଇ ଆହୁରି ଶକ୍ତ କରିଦେଇଛି। ତେଣୁ ଯାହାହେଉ ଯାହା ହେଇଯାଉ ପଛେ ଖାଇବେଳେ ଖାଇସାରି ଟିକେ ଖଟଉପରେ ପଡିଯିବାଟା ନଶ୍ଚିତ। ଆଗରୁ ଦିନ ହେଉ କ ରାତି, ଖଟରେ ପଡିବାକ୍ଷଣି ଅନୀମାଙ୍କ ଆଖି ମାଡି ହେଇଆସେ ହେଲେ ଏବେ ସେସବୁ ସପନ ହେଇଗଲାଣି। ଖଟ ଉପରେ ପଡିପଡି ଖୋଲାଆଖିରେ ସେ କେତେକଣ ସପନ ଦେଖନ୍ତି ଆଉ ନୀଦରାଣୀ ସପନ ଭଳ କେତେବେଳେ ଟିକେ ଆସି ଆଖି ମାଡିଦେଇ ଚାଲିଯାଏ। ଆଜିବି ଆଖିଖୋଲି ପ୍ରେମଲତା ତାଂକ ସପନର ଅତୀତକୁ ଦେଖିବାକୁ ଲାଗିଲେ। ଅତୀତଟା ତାଂକର ଖୁବ୍ ସୁନ୍ଦର। ଯା, ଦିଅର, ନଣନ୍ଦ, ଶାଶୁ, ଶଶୁର ସହିତ ଗହଳଚହଳ ସଂସାର। ସେଥୀରେ ସବୁବେଳେ କୁଣିଆ ମଇତ୍ରର କୋଳାହଳ। ସେତେବେଳେ ସମୟ ବି ପେଣ୍ଡୁଲମ୍ ର ଝୁଲାରେ ଟିକ୍ ଟିକ୍ କରି ଚାଲୁଥିଲା। ଆଉ ଏବେ ସମୟ ତ ନୀରବରେ ଚାଲିଚ କୋଉ ଏକ ସ୍ମାର୍ଟ ୱାଚ ନାଁରେ। ସମୟର ନୀରବତାକୁ ତାଳଦେଇ ଅନୀମାଙ୍କ ସଂସାର ବି ଧୀରେଧୀରେ ନରବ ହେଇଯାଇଚ।

ଜଗମୋହନ ବାବୁଙ୍କ ମୃତ୍ୟୁପରେ ପୁଅ ଯେତେବେଳେ ଆସି ଅନୀମାକୁ କହିଲା ନଜ ସହିତ ଆମେରିକା ଆସିବାକୁ, ସେ ବିଲକୁଲ୍ ରାଜି ହେଲେନ। ହେଲେ ପୁଅର ଜିଦି ପୁଣି ଏଠିବି ଆଉ ତାଂକର କଏ ରହିଲା ଯେ! ସମସ୍ତେ ତ ଯାଇ ଅନ୍ୟ ସହରରେ। ଖାଲି ଯାହା ବଡ ଯା' ତାଂକ ହୀରା, ମୋତି ଦୁଇଟି କୁକୁରକୁ ନେଇ ଏକୁଟିଆ ଏଇ ପାଖରେ ଅଲଗା ହେଇ ରହୁଥିଲେ। ତାଂକ ପୁଅ ବାଂଗାଲୋରରେ। ସବୁବେଳେ ମା'କୁ ନଜ ପାଖରେ ଆସି ରହିବାକୁ କୁହେ ହେଲେ ଯା' ତାଂକର ବହୁତ ଯିଦିଆ। ତାଂକ ହିସାବରେ ଏଇଠି ତାଂକର ଖୁସି।ଏଇଠି ଯେଉଁ ସ୍ୱାଧୀନତା ସେ ସ୍ୱାଧୀନତା ପୁଅ ପାଖରେ ନାହିଁ।

ହେଲେ ଅନୀମାଙ୍କର ଖୁସିର ସଂଜ୍ଞା ଅଲଗା। ସ୍ୱାଧୀନତାର ଅର୍ଥ ସେ ଆଜିଯାଏ ଜାଣି ନଥିଲେ। ପିଲାବେଳେ ବାପାଙ୍କ ଡରରେ ସେ ବହିଖୋଲି ବସୁଥିଲେ। ବାପାଙ୍କର ସେ ଅନୁଶାସନ ଯୋଗୁଁ ଆଜି ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିପାରିଛନ୍ତି। ଘରକୁ ଝିଅ ସାଂଗ ଛଡା ପୁଅ ସାଂଗମାନଙ୍କୁ ଆସିବାର ଅନୁମତି ନଥିଲା। ଯେତେ ସାଂଗସାଥୀ ବୁଲାବୁଲି ସବୁ ଦିନ ବେଳଯାଏ ସୀମିତ ଥିଲା। ସଂଧ୍ୟାପରେ ସେସବୁର ସ୍ୱାଧୀନତା ଆଉ ନଥିଲା। ହେଲେ ସେଇ କାଇଦାକାନୁନରେ ଚଳ ଆସିଛନ୍ତି ବୋଲି ଅନୀମା ଆଜି ସମାଜରେ ମୁଣ୍ଡଟେକ ଚାଲି ପାରୁଛନ୍ତି। ଏକ ରକ୍ଷଣଶୀଳ ପରିବାରର ସଦସ୍ୟ ଭାବେ ସମ୍ମାନ ପାଉଛନ୍ତି।

ବୋହୂ ହେଇ ଆସିଲାପରେ ଶାଶୁ, ଶଶୁର, ଯା, ଦିଅର ସମସ୍ତଂକ ମନନେଇ ଚଳବାକୁ ପଡୁଥିଲା। ସକାଳୁ ସଂଧ୍ୟାଯାଏ କାମ ସରୁନଥିଲା। ହେଲେ ରାତିରେ ଏକ ଶାନ୍ତି ଓ ପରିତୃପ୍ତିର ନିଦ୍ରା ଯାଉଥିଲେ ଅନୀମା। ଘରକୁ ଫେରିବାବେଳେ ଜଗମୋହନ ବାବୁ ଅନୀମାଙ୍କ ଲାଗି କେବେ ଗଜରା ତ କେବେ ଛକ ଗୁଡିଆ ଦୋକାନରୁ ଜିଲାପି ଲୁଚେଇକ ଆଣି ଦେଉଥିଲେ। ଛୁଟିଦିନରେ ଘରଲୋକଂକୁ କିଛି ମିଛ ବାହାନା ଦେଖେଇ ଅନୀମାକୁ ସିନେମା ଦେଖେଇ ନେଇ ଯାଉଥିଲେ। ସେ ଲୁଚାଛପା ପ୍ରେମର ଅଲଗା ଗୋଟେ ରଂଗ ଥିଲା। ନିଜ ଇଚ୍ଛା ମୁତାବକ କାମ ଲୁଚଛପି କରିବାରେ ଏକ ଅଲଗା ଆନନ୍ଦ ଥିଲା। ସେତେବେଳେ ଅନୀମା ଏସବୁକୁ ପରାଧୀନତା ବୋଲି କେବେ ଭାବୁନଥିଲେ ।ତାଂକଲାଗି ଗୋଟେ ଯୌଥ ପରିବାରରେ ସଂଗବଦ୍ଧ ଜୀବନଯାପନ ଲାଗି ଏହା ଏକପ୍ରକା ଋଶୃଂଖଳା। ସେଇ ଜୀବନଶୈଳୀରେ ଗଢି ଉଠିଥିଲା ଅନୀମାଙ୍କ ପ୍ରେମଭରା ସଂସାର। ଯେଉଁଠି ପ୍ରେମର ପରିଭାଷା ଅକୁହା ହେଲେବି ପ୍ରଣୟର ମିଠାସ୍ ଥିଲା।

ଆଉ ଆଜି ସେ ତାଂକ ଏକମାତ୍ର ପୁଅ ପାଖରେ ଆମେରିକାରେ ରହୁଛନ୍ତି। ଯେଉଁଠି ତାଳଗଛଠୁ ଆହୁରି କେତେ ଉଚ୍ଚଉଚ୍ଚ କୋଠାଘର। ପବନର ଝୋକାରେ ତାଳ ଗଛମାନେ ଯେମିତି ଧୀରେ ଦୋହଲିଯାଇ ନିଜନିଜ ଭିତରେ କଥା ହେଇଯାଆନ୍ତି ଏଠିବି ଏଇ ଉଚ୍ଚ କୋଠାଘରେ ରହୁଥିବା ଲୋକମାନେ ସବୁ ନୀରବରେ ନିଜନିଜର ଭାବ ଆଦାନପ୍ରଦାନ କରିଦିଅନ୍ତି। ଶବ୍ଦର ଜୋରିମାନା, କୋଳାହଳର କଟକଣା ଏଠି। ପ୍ରଥମେପ୍ରଥମେ ପ୍ରେମଲତାଂକୁ ଖୁବ୍ ଅଡୁଆ ହେଉଥିଲା। ପୁଅର ତାଗିଦ୍ ବୋଉ ତୁ ଯୋଉ ସକାଳ ନହଉଣୁ ଏତେ ଜୋରରେ ଘଣ୍ଟି ବଜେଇ ପୂଜା ଚଲଉଚୁ, ବଡ ପାଟିରେ ମନ୍ତ୍ର ବୋଲୁଚୁ ଟିକେ ଧୀରେ

ସବୁ କରିବୁ ଯେମିତି ପଡିଶାଲୋକ ପୁଲିସକୁ ନଡାକନ୍ତି। ଆରେ, ଘଣ୍ଟଘଣ୍ଟାର ଶବ୍ଦ ଏକ ପବିତ୍ର ତରଂଗ, ମନ୍ତ୍ର ଉଚ୍ଚାରଣରେ ଏକ ମଧୁର ଆଭାସ ଯିଏକ ଆମ ନିଦୁଆ ମନରେ ପୁଣିଏକ ନୂଆଦିନର ସଜାଗତା ଆଣେ, ଶରୀରରେ ଶକ୍ତି ସଂଗ୍ରେ ତାକୁ ବି କରିବା ମନା। ହଉହେଲା, ଅନ୍ୟକୁ ହଇରାଣ କରି ନିଜର ଖୁସି ଜାହିର କରିହୁଏନା। ଘଣ୍ଟି ବଜେଇ ବଜେଇ ସବୁ କୋଠରୀରେ ଧୂପ ବୁଲେଇବା, ସଂଜ ହେଲେ ସବୁ ଦୁଆର ବନ୍ଧରେ ସଂଜବତୀ ଥୋଇବା, ଅଗଣାରେ ତୁଳସୀଗଛରେ ମୁଣ୍ଡିଆ ମାରୁମାରୁ ସବୁଆଡକୁ ଟିକେ ନିଘା ପକେଇବା ଏସବୁ ଏବେ ଆଉ ନାହିଁ। ପୂଜାପାଠର ଖୁସି କେବଳ ତାଂକ ନିଜ କୋଠରୀ ଭିତରେ। ପିଠାପଣାର ଘିଅ ଏବେ ସାଲାଡ୍ ଡ୍ରେସିଂଙ୍ଗ୍ ଉଇଥ୍ ଅଲିବ୍ ଅଏଲ୍ । ବୟସ ଢଳିଯିବା ସହିତ ପାଟିର ସ୍ୱାଦ ଭି ବଦଳି ଯାଇଚ। ପେଟ ଏବେ ପାଟି ଉପରେ ରାଜୁତି କରୁଚ। ପେଟ ଯାହା ହଜମ କରିପାରିବ ପାଟିର ରୁଚ ସେହି ହିସାବରେ ବଦଳେଇବାକୁ ପଡୁଚ। ପେଟ କଣ ସବୁ ଠିକସେ ପେଷିପାରିବ ତାର ଏକ ତାଲିକା ବୋହୂ ବନେଇଚ। ବୋଉ ଆପଣ ଏଇଟା ଖାଇବେନ ସେଇଟା ଖାଇବେନ କହି ବୋହୂ ସବୁବେଳେ ଲକ୍ଷ୍ମଣରେଖା ଟାଣୁଥାଏ। ସେ ଯାହାବି ହେଉ ପୁଅବୋହୂକୁ ନିଜପାଖରେ ଦେଖିଦେଲେ ଯେଉଁ ଖୁସି ଆଉ ସେମାନଙ୍କ ମୁହଁର ପଦେ କଥା ସ୍ୱାଧୀନତାର ଜୟକାର ଭଳି ମିଠାଲାଗେ ଅନୀମାକୁ।

ହେଲେ ତାଂକର ବଡ ଯା ପିଲାମାନକଙ୍କ ସହିତ ରହି ଛୋଟଛୋଟ ଖୁସିକୁ ସାଉଁଟିବାକୁ ଭଲ ପାଉନଥିଲେ। ପିଲାବେଳେ ପୁଅର କେତେଯେ ଅଳଅର୍ଦଳି ସହି ଆସିଥିଲେ ମାତ୍ର ପୁଅ ବଡ ହେଲାପରେ ତାର ଟିକେବି ଆକଟ ତାଂକୁ ଗୁଲାମୀ ପରି ଲାଗୁଥିଲା। ଆରେ, ପିଲାମାନଂକ ଅଳଅର୍ଦଳି ପରି ବୋହୂର ଅଭିମାନ ଆଉ ପୁଅର ଆକଟ। ସେଥିରେ ପୁଣି ପରାଧୀନ ଗୋଟେ କଣ!! ଏକୁଟିଆ ହେଇ ରହିବାକୁ ସେ ସ୍ୱାଧୀନ ଭାବୁଥିଲେ। ସ୍ୱାଧୀନ ହେଇ ଚଳି ଆସୁଥିବା ତାଂକ ବଡ ଯା' ଆଜି ସଂପୂର୍ଣ ସ୍ୱାଧୀନ ହେଇଯାଇଛନ୍ତି ସତ ହେଲେ ଶେଷ ସମୟରେ ତାଂକର ସେଇ ସ୍ୱାଧୀନତାର ଝଣ୍ଡା ତାଂକ ଆଗରେ କେହି ଉଡେଇ ପାରିଲେନି କି ଜୟଜୟକାର ବି ଗାଇ ପାରିଲେନି।

ନବୀ ମୁମ୍ବାଇ, ମହାରାଷ୍ଟ୍ର

# ଶାମୁକା



ଭାରତୀ ସାହୁ

ମୁଁ ପର୍ ଶାମୁକା ସାଗର ପ୍ରେମିକା
ଏ କଥା ଦୁନଆଁ ଜାଣେ
ସାଗର ମୋ ପ୍ରୀତି ତା ପାଇଁ ମୁଁ ନତି
ସପନର ଜାଲ ବୁଣେ ।

ସାଗରର ପ୍ରେମ ମାପିବାକୁ ପର୍
ନତି ତା ଛାତିରେ ମିଶେ
ସବୁ ଭୁଲି ଯାଏ ଯେତେ ଦୁଃଖ ଅଛି
ଯେବେ ମତେ ଚ୍ୱହିଁ ହସେ ।

ପାପ ମୁଁ ବୁଝେନା ପୁଣ୍ୟବି ଖୋଜେନା
ସାଗରକୁ ଖାଲି ଖୋଜେ
ତା ପାଖରେ ସବୁ ସୁଖ ଦୁଃଖ ବାଣ୍ଟି
ପ୍ରେମ ବରଷାରେ ଭିଜେ ।

ଏ ଦେହେ ମୁକୁତା ହୋଇଛି ସାଇତା
ବରଷିଲେ ସ୍ୱାତୀ ବର୍ଷା
ଉପହାର ଦେବି ସାଗରକୁ ନେଇ
ଯିଏ ପଛେ କରୁ ଇର୍ଷା ।

ଶାମୁକା ମୁଁ ଭଲ ପାଏ ସାଗରକୁ
ସାଗର ବୁଝେ ମୋ ମନ
କେତେଯେ ବାଟୋଇ ମତେ ଚ୍ୱହୁଁଛନ୍ତି
ଦେଖୁଛି ମୁଁ ଚ୍ୱତି ଦିନ ।

ସରାଗେ ଛୁଇଁବେ ଟିକେ ହସିଦେବେ
ସାଥିରେ ନେବେନ କେହି
ମଣିଷ ମନରେ କେତେ ପ୍ରେମ ଅଛି
ବୁଝିପାରେ ଚ୍ୱହିଁଦେଇ ।

ଚ୍ୱକଚକ୍ୟ ସୁଖ ରଖେ ନଜ ପାଖ
ସ୍ୱାର୍ଥପର ଏ ମଣିଷ
ଉପରେ ଉପରେ ଅମୃତ ଢ଼ାଳବେ
ପେଟେ ହଳାହଳ ବିଷ ।

ଭଲ ଶହେ ଗୁଣ ସାଗରର ମନ
ବୁଝେ ମୋ ହୃଦୟ କଥା
ସକାଳରୁ ସଞ୍ଜ ପଚ୍ୱରି ବୁଝେସେ
ମୋର ହୃଦୟର ବ୍ୟଥା ।

ଶାମୁକାଟେ ବୋଲି ବୁଝିପାରେ ଖାଲି
କହି ପାରୁନାହିଁ କଛି
ଦୁନଆଁକୁ ଉପହାର ଦବା ପାଇଁ
ମୁକୁତାଟେ ସାଇତିଛି ।

ଶାମୁକାର ମନ ସାଗରର ପ୍ରେମ
ଅନାବିଳ ଅଟେ ପର୍
ଆମ ଦୁହିଁଙ୍କର କାହାଣୀ ଲେଖିଲି
ପଢିବ ଦୁନଆଁ ସାର୍ ।

ମାର୍ଫତ ଦୀପ୍ତିକାନ୍ତ ସାହୁ,
ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ମାଟିର ମଣିଷ



ଫିରୋଜ କୁମାର ପଟେଲ

ମାଟି ସାଙ୍ଗରେ ମାଟି ହୋଇ
ଉଲଗ୍ନ ଦେହରେ
ସେ ସହିପରେ
ଖରା ବର୍ଷା ଶୀତ
ଦରଭଙ୍ଗା ମାଟି କାନ୍ଥ
ଗୁଳ ଛପର ଘରୁ ବାହାରି
ସେ ଗାଇ ପାରେ
ମେଘ ର ସଙ୍ଗୀତ ।

ନିଜ ପେଟ ର ଭୋକ କୁ ଜାଳି
ସେ ଜାଳି ପାରେ
ଅନେକ ଘରର ଚୁଲୀ
ହାଡଭଙ୍ଗା ପରିଶ୍ରମ ଦେଇ
ପଥର ର ସହରରେ ବି
ସେ ଇଛି ପାରେ
ବାସ ମହମହ ମଲ୍ଲୀ ।

ମାଟି କୁ ଚନ୍ଦନ କରି
କଂକ୍ରିଟ ସଭ୍ୟତାରେ ଗାର ଦେଇ
ସେ ଏକା ଲେଖି ପାରେ
ତା ଦୁର୍ଭାଗ୍ୟର ଇତିହାସ
ମାଲ ମାଲ  ବଡଲୋକ
ବଡବାବୁ ର ଦୁନିଆଁ ରେ
ମାଟି କୁ ମାଁ କହୁଥିବା
ସେହି ଏକା ମାଟିର ମଣିଷ ।

ଅବନକେଲା,ସୁନ୍ଦରଗଡ଼-୧୯
ଅଧ୍ୟାପକ, ପ୍ରୟାସ ଡିଗ୍ରୀ କଲେଜ, ସୁନ୍ଦରଗଡ

# ପରିଶ୍ରମ ହିଁ ସଫଳତାର ଗୁବିକାଠି



କୀର୍ତ୍ତି ଦେବୀ

ଈଶ୍ୱରଙ୍କ ସୃଷ୍ଟିରେ ସବୁ ପ୍ରାଣୀଙ୍କଠାରୁ ମଣିଷ ଏକ ଶ୍ରେଷ୍ଠ ପ୍ରାଣୀ ରୂପେ ପରିଚତ । କାରଣ ତାର ବୁଦ୍ଧି, ବିବେକ, ଜ୍ଞାନ ଓ ବଳ ଅନ୍ୟ ଜୀବଠାରୁ ସ୍ୱତନ୍ତ୍ର । ପରିଶ୍ରମ ଦ୍ୱାରା ଯେକୌଣସି କାର୍ଯ୍ୟ କରାଯାଏ, ତାହା ନିଶ୍ଚୟ ସଫଳତା ପାଏ । ଆମେ ଏହାକୁ ଶାରିରିକ, ମାନସିକ, ବୈଜ୍ଞାନିକ, ଐତିହାସିକ, ସାମାଜିକ, ବ୍ୟକ୍ତିଗତ, ବୃତ୍ତିଗତ, ଶିକ୍ଷାଗତ ତଥା ଅନ୍ୟାନ୍ୟ ଯେକୌଣସି କ୍ଷେତ୍ରରେ ପ୍ରୟୋଗ କଲେ ତାର ମୂଲ୍ୟ ଅକ୍ଷୁର୍ଣ୍ଣ ରହେ । କଥାରେ ଅଛି, "ବାନ୍ଧି ଜାଣିଲେ ମଥା ସୁନ୍ଦର, କହି ଜାଣିଲେ କଥା ସୁନ୍ଦର ।" ଏହାର ଅର୍ଥ, ଯଦି କାହାର ମଥାରେ ଅଧିକ କେଶ ଥାଏ କିନ୍ତୁ ସେ ତାର ଉପଯୁକ୍ତ ଯତ୍ନ ନିଏ, ତାହାହେଲେ ତାହା ଜଟା ରୂପେ ଦେଖାଯାଏ ଓ ମୁହଁଟି ମଧ୍ୟ ସୁନ୍ଦର ଲାଗେନାହିଁ । ଠିକ୍ ସେହିପରି କେଉଁ କଥା କେଉଁଠାରେ କପରି ଭାବରେ କହିବାକୁ ହୁଏ, ତାହା ଯଦି ନ ଜାଣିଥିବ, ତାହାହେଲେ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ହୁଏ ।

ସାଧାରଣତଃ ମନୁଷ୍ୟର ବୁଦ୍ଧି ଓ ପରିଶ୍ରମ ବଳରେ ସେ ଅସାଧ କାମକୁ ସାଧ କରିପାରେ । ପିଲାଟି ଶିଶୁ ହୋଇ ଜନ୍ମ ନିଏ ତା ପିତାମାତାଙ୍କ ଠାରୁ । ସେହି ଶିଶୁଟିର ଉପଯୁକ୍ତ ଯତ୍ନ ନେଇ ତାକୁ ପାଳି, ପୋଷି ବଡ ମଣିଷ କରନ୍ତି ପିତାମାତା । କ୍ରମେ ଶିଶୁଟି ପାରିପାର୍ଶ୍ୱିକ ପରିବେଶକୁ ଜ୍ଞାନ ଆହାରଣ କରି ନିଜକୁ ଶିକ୍ଷିତ କରି ନିଜ ବିଦ୍ୟାଳୟର ନାମ ରଖେ । ସେ ପରିଶ୍ରମ କରି ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ପଢା ଯାଉଥିବା ପାଠକୁ ପଢିବା ଏବଂ ପରୀକ୍ଷାରେ ଭଲ ନମ୍ବର ଆଣିବା । ଠିକ୍ ସେହିପରି ସାମାଜିକ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିବା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ । ସମସ୍ତ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର ଟପର୍

ହୋଇପାରନ୍ତି ନାହିଁ । କାରଣଏହା ପଛରେ ଥିବା ଚାବିକାଠି "ପରିଶ୍ରମ" କରିବା ତାଙ୍କୁ ଜଣା ନଥାଏ ।

ଗୁପ୍ତଧନ ଗଳ୍ପ ବିଷୟରେ ସମସ୍ତେ ଅଳ୍ପ ବହୁତ ଜାଣିଥିବେ । ଏହି ଗଳ୍ପରେ ବାପା ତାଙ୍କ ଚାରିପୁଅଙ୍କୁ ଡାକ ଘର ପଡିଆ ଜମିକୁ ଦେଖାଇ ଭାଗ ଭାଗ କରି ଖୋଳିବାକୁ କହିଲେ । ଚାରିପୁଅ ମିଶି ଭଲଭାବରେ ଜମିକୁ ଖୋଳିଲେ, କିନ୍ତୁ କିଛି ଧନ ପାଇଲେ ନାହିଁ । ସେମାନଙ୍କ ମଧ୍ୟରେ ଜଣେ କହିଲେ ଏତେ ସୁନ୍ଦର ଖୋଳା ଯାଇଥିବା ଜମିରେ କିଛି ଚାଷ କରିଲେ ଭଲ ହେବ । ପରେ ସମସ୍ତେ ମିଶି ଧାନ ଚାଷ କଲେ । କିଛିଦିନ ଗଲାପରେ ଜଣେ କହିଲେ, ବାପା କହିଥିବା ଗୁପ୍ତଧନ କଥା ଆମେ ଏବେ ଜାଣିପାରିଲୁ । କାରଣ ଜମିଟି ପଡିଆ ଥିବାବେଳେ କିଛି କାମକୁ ଆସୁନଥିଲା । କିନ୍ତୁ ଆଜି ପରିଶ୍ରମ କରି ଚାଷ କରିବାରୁ ଏହି ଜମି ସୁନା ଫସଲରେ ପରିଣତ ହୋଇଛି ।

"ବୁଦ୍ଧି ଥିଲେ ଉପାୟ ଆପେ ଆପେ ଆସେ ।" ଏହି କଥାଟି ପରିଶ୍ରମୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ କାରଣ ଯିଏ ଅଳସୁଆ ଓ ନିକମା, ତାକୁ କିଛି କାମ କରିବାକୁ ଆଗ୍ରହ ନଥାଏ । ତେଣୁ ତା ପାଇଁ ଦିନ ରାତି ସବୁ ସମାନ । କିନ୍ତୁ ଯିଏ କର୍ମଠ ଓ ପରିଶ୍ରମୀ, ସିଏ ଦିନରାତି ଚିନ୍ତା କରେ କିପରି ଭାବେ କୌଣସି କାମ କରି ସଫଳତା ପାଇପାରିବ । ତେଣୁ ସେ ଚିନ୍ତା କରି କୌଣସି ନା କୌଣସି ଉପାୟ ବାହାର କରେ । ଯଦିଓ ପ୍ରଥମ ଥର ସେ ସଫଳ ହୋଇନପାରେ, କିନ୍ତୁ ପରବର୍ତ୍ତୀ ସମୟରେ ସଫଳତା ତାର ପାଦଦେଶକୁ ଆସିଥାଏ । ଏଥିପାଇଁ ତାକୁ ଚେଷ୍ଟା, ଧୈର୍ଯ୍ୟ ଓ କର୍ତ୍ତବ୍ୟ ପରାୟଣତାକୁ ଦୃଢ ଭାବରେ ଆଦରିବାକୁ ହୁଏ ।

ସାଧାରଣତଃ ଏକ ଦୃଷ୍ଟାନ୍ତକୁ ନେଲେ ଆମେ ସମସ୍ତେ ଜାଣିପାରିବା ଏହାର ଅର୍ଥ ଅତି ଭଲ ଭାବରେ । ତାହା ହେଉଛି ଆମ ଦେଶ ଭାରତର "ସ୍ୱାଧୀନତା ଆନ୍ଦୋଳନ" କଥା । ଏହି ଦେଶ ଇଂରେଜଙ୍କ ଅଧୀନରେ ଥିବାରୁ ସାରା ଭାରତବାସୀଙ୍କୁ କେତେ ପରିଶ୍ରମ କରିବାକୁ ପଡିଛି । କେତେଯେ ସ୍ୱାଧିନତା ସଂଗ୍ରାମୀଙ୍କ ମୁଣ୍ଡ ଦେଶ ପାଇଁ ବଳି ପଡିଛି । କେତେ ଯେ ମାତୃହୃଦୟ ଭାଙ୍ଗିପଡିଛି । ତଥାପି ସମସ୍ତ ସେହି ଗୋଟିଏ କଥା ପାଇଁ ସମର୍ପିତ ଥିଲେ ।

ତାହା ହେଉଛି "ଭାରତମାତା ର ସ୍ୱାଧୀନତା । ସେଥିପାଇଁ ସାରା ଦେଶବାସୀଙ୍କର ନିଃସ୍ୱାର୍ଥପର ଦେଶସେବା ଓ ତ୍ୟାଗକୁ ମନେରଖିବା ଉଚିତ ।

ଆମ ଓଡିଆ କଥା ସାହିତ୍ୟରେ ଏକ ପ୍ରବାଦ ଅଛି, "କର୍ମଠ କାନ୍ଧରେ ଲକ୍ଷ୍ମୀ ବାସ କରନ୍ତି ।" ଏହାର ଅର୍ଥ ଯିଏ ନିଜ କର୍ମକୁ ପ୍ରାଧାନ୍ୟ ଦେଇ ପରିଶ୍ରମ କରି ଚାଲିଥାଏ, ତା ଉପରେ ଲକ୍ଷ୍ମୀ ମାତା ସର୍ବଦା ସନ୍ତୁଷ୍ଟ ରହନ୍ତି ଏବଂ ତାକୁ ତାର କର୍ମଫଳରୁ ସଫଳତା ସହ ଅର୍ଥଲାଭ ହୋଇଥାଏ ଯାହାଦ୍ୱାରା ସେ ତାର ପାରିବାରିକ ଜୀବନକୁ ସରସ ଓ ସୁନ୍ଦର ଭାବରେ ଗଢି ଚାଲିଥାଏ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜିର ଯୁବ ସମାଜ ଆଧୁନିକ ଜୀବନଶୈଳୀକୁ ଗ୍ରହଣ କରି ମୋବାଇଲ ଫୋନ୍, ଇଣ୍ଟରନେଟ୍, କମ୍ପ୍ୟୁଟର, ଲାପଟପ୍ ଇତ୍ୟାଦିକୁ ଜୀବନର ମାନଦଣ୍ଡ ଭାବରେ ଧରି ପରିଶ୍ରମକୁ ଭୁଲି ଯାଉଛନ୍ତି । ଏହାର ଅର୍ଥ ନୁହେଁ ଯେ ଆଧୁନିକ ସମାଜରେ ଚଳିବାକୁ ହେଲେ ଏଗୁଡିକର ଆବଶ୍ୟକତା ନାହିଁ । ଏହାର ଆବଶ୍ୟକତା ନିଶ୍ଚୟ ଅଛି, କିନ୍ତୁ ଯେତିକି ଦରକାର ସେତିକି ବ୍ୟବହାର କରିବା ଉଚିତ । ଏହା ଫଳରେ ଆମର ପ୍ରକୃତି ଓ ପରିବେଶ ପତନାଭିମୁଖୀ ହେବାକୁ ଯାଉଛି । ମୋର ଆଶା ଓ ବିଶ୍ୱାସ ଆମେ ସମସ୍ତେ ମିଳିମିଶି ପରିଶ୍ରମ କରି ନିଜେ ନିଜର ସମାଜ, ପରିବେଶ ପାଇଁ କାର୍ଯ୍ୟ କଲେ ଏହା ପ୍ରକୃତିର ଅଭୟଦାନ ସଫଳତା ରୂପେ ଆମେ ପାଇପାରିବା । ତେଣୁ ଇଂରାଜୀରେ ଏକ ପ୍ରବାଦ ଅଛି – **"If there is awill, there is a way" |**

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ସମ୍ମାନ



ନବୀନ କୁମାର ପଧାନ

ଯେଉଁ ପୁଣ୍ୟଭୂମେ ଜନ୍ମ ଲଭିଥିଲେ
ଜାତିର ଜନକ ଗାନ୍ଧୀ
ମଦର ଟେରେସା ଯେଉଁ ପୁଣ୍ୟଭୂମେ
ସ୍ନେହରେ ରଖନ୍ତି ବାନ୍ଧି ‖
ସେଇ ପୁଣ୍ୟଭୂମେ ମୋ ମରଣ ପରେ
ମୁଠାଏ ମାଟି ମୁଁ ହେବି
ଫର ଫର ଉଡୁଥିବା ତ୍ରିରଙ୍ଗାକୁ
ବାରମ୍ବାର ଦେଖୁଥିବି ‖
ଉତ୍ତୋଳନ ପରେ ତ୍ରିରଙ୍ଗା ଧ୍ୱଜାରୁ
କୁସୁମ ବୃଷ୍ଟି ହୋଇବ
ତ୍ରିରଙ୍ଗା ଆଶିଷେ କୁସୁମ ଗୁଡାକ
ମୋ ଉପରେ ପଡୁଥିବ ‖
ମୋ ଶରୀର ପରେ ଛାତ୍ରଛାତ୍ରୀଗଣ
ଶାନ୍ତେ ଛିଡା ହୋଇଥିବେ
ଜାତୀୟ ସଂଗୀତ ଜନଗଣମନ
ଭକ୍ତିରେ ଗାନ କରିବେ ‖
କାଶ୍ମୀରରୁ କୁମାରୀକା ପରିଯନ୍ତ
ଉଡ଼ିବ ଏକ କେତନ
ଜୟ ହିନ୍ଦ, ଜୟ ହିନ୍ଦୁସ୍ତାନ କହି
ଜଣାଇବି ମୁଁ ସମ୍ମାନ ‖

ସାନଫାସଡ଼, ବଲାଙ୍ଗୀର

# କରୋନା ଯୋଦ୍ଧା



ରାମ ଚନ୍ଦ୍ର ପ୍ରଧାନ

ଡରିବିନ କେବେ  ଭାଙ୍ଗି ପଡ଼ିବିନ
ମୁହିଁ ତ କରୋନା ଯୋଦ୍ଧା
ଆଶା ନିରାଶାର  ଦୋଛକରେ ରହି
ଦେବି ନାହିଁ କେବେ ବାଧା...
ବିଶ୍ୱଜନ ପାଇଁ  ତ୍ୟାଗିବି ଜୀବନ
ଡେଇଁ ସୀମା ସରହଦ
ମହା ସଂଗ୍ରାମର  ନବ ଚେତନାରେ
ଟଳିଯିବ ଏ ବିପଦ...
କେବେ ମୁଁ ଡାକ୍ତର କେବେ ମୁଁ ସେବିକା
କେବେ ଅବା ପ୍ରଶାସକ
କେବେ ସ୍ୱାସ୍ଥ୍ୟକର୍ମୀ କେବେ ଆଶାଦିଦି
ଆଉ କେବେ ତ ଶିକ୍ଷକ...
କେବେ ସ୍ୱେଚ୍ଛାସେବୀ ଦରଦୀ ମଣିଷ
ମୁଁ ପୋଲିସ ଅଫିସର
କେବେସାଜେ ମୁହିଁ କରୋନା ଯୁଦ୍ଧରେ
ଆମ୍ବୁଲାନ୍ସ ଡ୍ରାଇଭର ...
ସବୁ ରୂପରେ ମୁଁ  ମହାଯୋଦ୍ଧା ସାଜେ
ଏ କରୋନା ସଙ୍କଟରେ
କେବେ ଏ ଧରାରୁ  କରୋନା ହଟିବ
ରହିଥାଏ ମୁଁ ଚନ୍ତାରେ...

ଲଢୁଛି ଲଢ଼ିବି  ଏ କରୋନା ଯୁଦ୍ଧେ
ଜୀବନକୁ କରି ପଣ
ହୋଇବି ବିଜୟୀ  ହେବ କାଳଜୟୀ
ଶୁଝିବି ଏ ମାଟି ଋଣ...
ଲୋଡ଼ା ନାହିଁ ମୋର  ପ୍ରଂଶସା ପଦକ
ନ ମିଳୁ ଆର୍ଥିକ ରାଶି
ଏ ପିଣ୍ଡରେ ପ୍ରାଣ  ଥିବା ଯାଏଁ ମୁହିଁ
ଲଢୁଥିବି ଦିବାନିଶି ...

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ଗୁରୁ ହିଁ ଈଶ୍ୱର

《ରାଗ - ପ୍ରଭାତ ଭୈରବ》
《ଆହେ ନୀଳ ଶଇଳ-ବୃତ୍ତେ》



ସୌଭାଗ୍ୟ ଗିରି

ଆହେ ଗୁରୁଦେବ ହେ! ! ପ୍ରଣାମ କର ଗ୍ରହଣ
ଭକ୍ତି ଅର୍ଘ୍ୟ ଢାଳ ଆମେ କରୁଅଛୁ ପୂଜନ......(ଘୋଷା)
ତୁମେ ବ୍ରହ୍ମା ତୁମେ ବିଷ୍ଣୁ ତୁମେ ଯେ ମହେଶ୍ୱର
ଭିକ୍ଷା କରୁଅଛୁ ଆମେ ଆଶିଷ ସ୍ନେହ ତୁମର
ଆହେ ଗୁରୁଦେବ ହେ!....
ତୁମେ ସତ୍ୟ ତୁମେ ଶିବ ତୁମେ ଯେ ଅଟ ସୁନ୍ଦର
ତୁମେ ସର୍ବଶ୍ରେଷ୍ଠ  ପୁଣି ତୁମ କୃପା ଯେ ଅପାର
ଆହେ ଗୁରୁଦେବ ହେ!.....
ତୁମେ ପରଂବ୍ରହ୍ମ ପୁଣି ତୁମେ ସାକ୍ଷାତ ଈଶ୍ୱର
ତୁମ ପଦ୍ମପାଦ ତଳେ କରୁ କୋଟି ନମସ୍କାର
ଆହେ ଗୁରୁଦେବ ହେ!.....
ତୁମେ ଜନକ ବଶିଷ୍ଠ ତୁମେ ଅଟ ଦ୍ରୋଣ ବୀର
ଆମେ ଧ୍ରୁବ ପ୍ରହଲ୍ଲାଦ ପୁଣି ଶ୍ରବଣକୁମାର
ଆହେ ଗୁରୁଦେବ ହେ!....
ତୁମେ ନତ୍ୟ ସନାତନ ତୁମେ ବ୍ୟାପ୍ତ ଚରାଚର
ତୁମ ବିନା ନାହିଁ କଛି ଗତି ମୁକତି ଆମର
ଆହେ ଗୁରୁଦେବ ହେ!....
ତୁମେ ଦୂର କରୁଅଛ ଆମ ଅନ୍ତରୁ ଅଜ୍ଞାନ
ସରସ ସୁନ୍ଦର ହୁଏ ଆମରି ଏଇ ଜୀବନ

ଆହେ ଗୁରୁଦେବ ହେ!....
ତୁମ କୃପାବାରି ଯଦି ନିତି ତୁମେ ଝରାଇବ
କ୍ଷିତିପୃଷ୍ଠେ ଆମ ନାମ କେତେଯେ ଉଜ୍ଜ୍ୱଳ ହେବ
ଆହେ ଗୁରୁଦେବ ହେ!....
ତୁମେ ଦେଲେ ଆଶୀର୍ବାଦ ଟେକ ତୁମ ବେକକର
ଆମେ ବାଟ ଗ୍ଭଲୁଥିବୁ ଉଚ୍ଚେ ଟେକ ଆମ ଶିର
ଆହେ ଗୁରୁଦେବ ହେ!!!....
ତୁମ ଚରଣ କମଳେ ଏହି ମାଗୁଣି ଆମର
ସତ୍ୟପଥେ ଧର୍ମପଥେ କରୁଥାଅ ଆଗୁସାର
ଆହେ ଗୁରୁଦେବ ହେ!...
ନିତି ସନ୍ଧ୍ୟା ସକାଳରେ ବେନ୍ଦ ଚରଣେ ତୁମର
ମଥାନତ କରିମାଗୁ କୃପା ଆଶିଷ ଅପାର
ଆହେ ଗୁରୁଦେବ ହେ!.....

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଅନୁଭୂତି ରେ କରୋନା ଭୁତାଣୁ ଆଉ ମୁମ୍ବାଇ ସହର......



ପ୍ରକାଶ ସାହୁ

ମୁମ୍ବାଇ ସହର  ଭାରତ ର ମାୟା ନଗରୀ ଭାବରେ ପରିଚିତ। ଯେଉଁଠି ରାତି ଆଉ ଦିନ ସବୁ ସମାନ। ଗଳି ଗଳି ଆଉ ସହର ସବୁଆଡେ ସବୁବେଳେ ଜନ ଗହଳ। ସେଥିପାଇଁ ତ ମୋ ମନ ରେ ସବୁବେଳେ ପ୍ରଶ୍ନ ଉଠୁଥିଲା। ଯଦି ଭାରତକୁ କରୋନା ଭୁତାଣୁ ପ୍ରବେଶ କରେ ତେବେ ଏହାର ବେଶି ପ୍ରଭାବ ମୁମ୍ବାଇ ସହର ଉପରେ ପଡିପାରେ କାରଣ ମୁମ୍ବାଇ ସହର ରେ ଜନସଂଖ୍ୟା ର ଘନତ୍ୟ ଅଧିକା।

ଅବଶ୍ୟ ଏହି ଆଶଙ୍କା ମୋ ମନ କୁ ଆସିବା ପୂର୍ବ ରୁ ଦିଲ୍ଲୀ ରେ ଭାରତ ର ପ୍ରଥମ କରୋନା ସଂକ୍ରମିତ ରୋଗୀ ଙ୍କ  ଚିହ୍ନଟ ହୋଇ ସାରିଥିଲା। ଏହା ପରେ ପରେ ଭାରତ ସରକାର ଦେଶ ର ସମସ୍ତ ବିମାନ ବନ୍ଦର ରେ ସମସ୍ତ ଯାତ୍ରୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିଦେଇଥିଲେ।

ହୋଲି ପର୍ବ ପରେ ପରେ ମୁମ୍ବାଇ ର ସମସ୍ତ ପର୍ଯ୍ୟଟନ ସ୍ଥଳୀ, ବିଭିନ୍ନ ପାର୍କ, ମଲ ଏବଂ ସିନେମା ହଲ  କୁ କରୋନା ସଂକ୍ରମଣ କାରଣରୁ ଆଂଶିକ ଭାବେ ବନ୍ଦ କରିଦିଆ ଯାଇଥିଲା।ଧୀରେ ଧୀରେ ଲୋକମାନେ ମାସ୍କ ବ୍ୟବହାର କରୁଥିବାର ଲକ୍ଷ୍ୟ କରିଥିଲି।

ଯା ଭିତରେ ଭାରତ ର ଦିଲ୍ଲୀ, କେରଳ ଭଳି ସହର ରେ କରୋନା  ସଂକ୍ରମିତ ଙ୍କ ସଂଖ୍ୟା ବଢିବାରେ ଲାଗିଥିଲା। ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ମୁମ୍ବାଇ ସହର ରେ ଏପର୍ଯ୍ୟନ୍ତ କରୋନା ଭୁତାଣୁ ସଂକ୍ରମିତ ବ୍ୟକ୍ତି ନଜର କୁ ଆସିନଥିଲେ।

ପରେ ପରେ ମୁଁ ଏକ ସପ୍ତାହ ପାଇଁ ମୁମ୍ବାଇ ସହର ଠାରୁ ଦୂର ଗଭୀର ସମୁଦ୍ର ଭିତରକୁ ଏକ mission ର deployment ପାଇଁ ଚାଲିଯାଇଥିଲି। ତା ପରେ ମୁଁ ଆଉ କାହା ସମ୍ପର୍କରେ

ରେ ରହିଲି ନାହିଁ। **Deployment** ଶେଷ ହେବା ପରେ ଆମେ ଫେରି ଥିଲୁ ମୁମ୍ବାଇ ର ପୋତାଶ୍ରୟ କୁ।

ମୁମ୍ବାଇ ସହର ପହଞ୍ଚିବା ପରେ ଆମେ ଜାଣିବାକୁ ପାଇଥିଲୁ ସମ୍ପୂର୍ଣ ମୁମ୍ବାଇ ସହର ଏପରିକ ସମଗ୍ର ଭାରତ ରେ lockdown କରିଦିଆଯାଇଛି। ବସ, ରେଳ, ଉଡାଣ ସବୁ ବନ୍ଦ। ଯେ ଯେଉଁଠି ଆଉ ଯେମିତି ବି ଅଛନ୍ତି ସେମିତି ସେଇଠି ରହିବାକୁ ବାଧ୍ୟତାମୂଳକ।

ସମୟ ଥିଲା ମାର୍ଚ୍ଚ ମାସ ର ଶେଷ ସପ୍ତାହ। ଯାହା ମୁଁ ପୂର୍ବାନୁମାନ କରିଥିଲି ତାହା ହିଁ ହେଲା। ମୁମ୍ବାଇ ସହର ରେ ସର୍ବାଧିକ ଲୋକେ କରୋନା ରେ ସଂକ୍ରମିତ ହୋଇ ସାରିଥିଲେ ଏବଂ ଏହାର ବଢିବାର ହାର ଅନ୍ୟ ସହର ତୁଳନା ରେ ବହୁତ ଅଧିକା ଥିଲା। ସର୍ବାଧିକ ମୃତ୍ୟୁ ହାର ମଧ୍ୟ ମୁମ୍ବାଇ ସହର ର ଥିଲା।

ବାସ ପରେ ପରେ ଆମର ସମସ୍ତ **deployment** କୁ ରଦ୍ଦ କରିଦିଆ ଯାଇଥିଲା।ପ୍ରାୟ ଏକ ସପ୍ତାହ ମୁମ୍ବାଇ ପୋତାଶ୍ରୟ ରେ ରହିବା ପରେ ରକ୍ଷା ମନ୍ତ୍ରାଳୟ ତରଫ ରୁ ଆଦେଶ ଆସିଥିଲା ସମୁଦ୍ର ଭିତରେ ଫସି ରହିଥିବା ପ୍ରବାସୀ ବଣିକ ଜାହାଜ, ଛୋଟ ଜାହାଜ ମାନଙ୍କୁ ସାହାଯ୍ୟ କରିବା ପାଇଁ, କାରଣ lockdown କାରଣ ରୁ କୌଣସି ପ୍ରବାସି ଜାହାଜ କୁ କୌଣସି ପତାଶ୍ରୟ କୁ ପ୍ରବେଶ କରିବା ପାଇଁ ଅନୁମତି ମିଳନଥିଲା।

ସେଥିପାଇଁ ଦୁଇ ରୁ ତିନ ମାସ ପର୍ଯ୍ୟନ୍ତ **at sea survive** କରିବା ପାଇଁ ସମସ୍ତ ପ୍ରକାରର ଅତ୍ୟାବଶ୍ୟକ ସାମଗ୍ରୀ load କରି ପୁଣି ଥରେ ସମୁଦ୍ର ଭିତରକୁ ଯିବାକୁ ପଡିଥିଲା। ସମୁଦ୍ର ଭିତରେ ଫସି ରହିଥିବା ଅନେକ ଛୋଟ ବଡ଼ ଜାହାଜ ମାନଙ୍କୁ ତେଲ, ପାଣି ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରା ଯାଇଥିଲା। କରୋନା ସଂକ୍ରମଣ ଆଶଙ୍କା ରେ ଆମ କୁ ଆଉ ମୁମ୍ବାଇ ଫେରିବାକୁ ଅନୁମତି ମିଳନଥିଲା।

**At sea** ରହି **Oparation** ସମୁଦ୍ର ସେତୁ ମାଧ୍ୟମ ରେ ଆମେ ଖାଡୀ ଦେଶ (ଇରାକ, ଇରାନ, ଓମାନ,...) ମାନଙ୍କରୁ ଭାରତୀୟ ମାନଙ୍କୁ ନେଇ ପ୍ରତ୍ୟାବର୍ତ୍ତନ କରୁଥିବା ଭାରତୀୟ ଜାହାଜ ମାନ ଙ୍କୁ **escort** କରିଥିଲୁ ଭାରତୀୟ ସମୁଦ୍ର ସୀମା ପର୍ଯ୍ୟନ୍ତ।ଦୀର୍ଘ ଦୁଇ ମାସ ପର୍ଯ୍ୟନ୍ତ

ଆମେ **operation** ସମୁଦ୍ର ସେତୁ ର **mission** ରେ **deploy** ରହିଥିଲୁ। କରୋନା ର ସଂକ୍ରମଣ ପାଇଁ ଏହି ଦୁଇ ତିନ ମାସ ପର୍ଯ୍ୟନ୍ତ ଆମକୁ କୌଣସି ଦେଶ ର ପୋତାଶ୍ରୟ କୁ ପ୍ରବେଶ କରିବାକୁ ଅନୁମତି ମିଳ ନଥିଲା।

**Operation** ସମୁଦ୍ର ସେତୁ ର **deployment** ସଫଳତା ପୂର୍ବକ ଶେଷ ହେବା ପରେ ଆମକୁ ମୁମ୍ବାଇ ପୋତାଶ୍ରୟକୁ ଫେରିବାକୁ ଅନୁମତି ମିଳଥିଲା। ଅବଶ୍ୟ ସେତେବେଳେ ମୁମ୍ବାଇ ସହର ରେ **lockdown** ଖୋଲି ସାରି ଥିଲା ତଥାପି ସଂକ୍ରମଣ ଆଶଙ୍କା ରୁ ଆମ ମାନଙ୍କୁ ମୁମ୍ବାଇ ସହର ରେ ଭ୍ରମଣ କରିବା ପାଇଁ ଅନୁମତି ମିଳ ନଥିଲା। କେବଳ ପୋତାଶ୍ରୟ ରେ ରହି ଅପେକ୍ଷା କରୁଥିଲୁ ଅନ୍ୟ ଏକ **deployment** ଅବା **mission** ର ଆଦେଶ କୁ**....**

ଭାରତୀୟ ନୌସେନା

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଜୟ ଶିବ ଶଙ୍କର



ବୈଦ୍ୟନାଥ ପଣ୍ଡା

ସାଗର ମନ୍ଥନେ  ବିଷ୍ଣୁ ଲଭେ ଲକ୍ଷ୍ମୀ
ତୁମକୁ ମିଳଲ୍ ବିଷ
ସୃଷ୍ଟିର ହିତରେ ପାନ କଲ ତୁମେ
ଆହେ ପ୍ରଭୁ ଆଶୁତୋଷ ॥
ସବୁ ଦେଇ ଦେଇ ଦାତା ବୋଲାଇଲ
ହେ,ପ୍ରଭୁ ପିନାକ ଧାରୀ
ସତ୍ୱ ରଜ ତମ ଗୁଣକୁ ହରାଇ
ହୋଇଲ ତ୍ରିଶୂଳ ଧାରୀ ॥
ରାବଣକୁ ବର ରାମଙ୍କୁ ଯେ ବର
ଦେଇ କରିଲ ସନ୍ତୋଷ
ପ୍ରମାଣ କରିଲ କର୍ମ ବଳେ ନର
ଲଭେ ଯଶ ଅପଯଶ ॥
ଭୁଜଂଗ ଭୂଷଣ ଦୁରିତ ନାଶନ
ବୃଷ ଆରୋହଣ କରି
ବ୍ୟାଘ୍ରଚର୍ମ ପିନ୍ଧି ବୁଲୁଥାଅ ସଦା
ଭକ୍ତ ସୁଖ ଚନ୍ତା କରି ॥
ଅଳ୍ପରେ ସନ୍ତୁଷ୍ଟ ତୁମେ ଆଶୁତୋଷ
କୋପେ ତପେ ଦିଅ ବର
କୋପ କରି ଯେବେ ଖୋଲ ତ୍ରିନୟନ
ସୃଷ୍ଟି ହୁଏ ଛାରଖାର ॥

ନରାକାର ତୁମେ ଜ୍ୟୋତିଲିଙ୍ଗ ରୂପେ
ଓଁ ରୁ ହୋଇଲ ଜାତ
ସଗୁଣ ନଗୁଣ ଉର୍ଦ୍ଧରେ ରହିକ
ସୃଷ୍ଟି କର ଆତଜାତ ॥
ବ୍ରହ୍ମା ବିଷ୍ଣୁ ଇନ୍ଦ୍ର ଦେବ ଆଦି ଯେତେ
ମହାଦେବ ବୋଲି କହି
ସ୍ତୁତି ଆରମ୍ଭନ୍ତି  ଯୋଡି ବେନକର
କୈଳାସ ଶିଖରେ ଯାଇଁ॥
ଦେବଙ୍କର ଦେବ ଆହେ ମହାଦେବ
ଉମାପତି ମହାଯତି
ପ୍ରଣିପାତ କରେ ତୁମରି ଚରଣେ
ଦିଅହେ ବାରେ ମୁକତି ॥

ଅବଦଲପୁର, ଯାଜପୁର

# ମହାଜନ



ଅଲେଖ ମେହେର

ହୃଦୟର ସ୍ପନ୍ଦନ ବିଭୁଙ୍କ ଅବଦାନ
ବସୁଧା ମଙ୍ଗଳ କାରଣ,
ନାସାରନ୍ଧ୍ରରେ ପ୍ରାଣ ଆଣଇ ସମୀରଣ
ଜୀବଜଗତର ଜୀବନ ।
ସେ ମହାଜନ,
ପ୍ରାଣୀ କରଇ ଧାବମାନ,
ତା ବିନେ ଶୟଳ ପାଷାଣ ।
ସେ ମହାଜନ ।
ଭୀମ ଭୈରବ ରୂପ ଧରିଲେ ଧ୍ୱଂସସ୍ତୁପ
ମହୀଧର ପୁର ଭୁବନ,
ଏତେ ଶକତି ଥାଇ ମନ୍ଦ ମନ୍ଦ ବହଇ
ମଧୁ ସଂଙ୍ଗୀତ କରି ଗାନ ।
ସେ ମହାଜନ,
ଅବନୀ ହିତେ ସମର୍ପଣ,
ବିବୁଧାଳୟେ ତା'ଆସ୍ଥାନ ।
ସେ ମହାଜନ ।
ଉଚ୍ଚ ଆସନ ପାଇ ଯେ ମନ୍ଦ ଆଚରଇ
ଧିକ ତା' ବଡଲୋକ ପଣ,
ଅହିଂସା ସତ୍ୟଧର୍ମ ମାନବୋଚତ କର୍ମ
ବରଜି ଆଚରେ ବୃଜିନ ।
ସେ ହୀନମାନ,
ବିଅର୍ଥ ଅଟଇ ଜୀବନ,
ଅନ୍ତକାଳେ ଭୋଗେ କଷଣ ।
ସେ ହୀନମାନ ।

ସୋହେଲା, ବରଗଡ

# ପଖାଳ

ନିରଞ୍ଜନ ସାହୁ

ଓଡିଶାବାସୀଙ୍କ ଖାଦ୍ୟ ସାରଣୀରେ
ପହିଲେ ନିଶ୍ଚୟ ପଖାଳ
ଚାଷୀ, ମୂଲିଆଙ୍କ ଲୋଡା ପଡିଥାଏ
ନଇଡି ହୋଇଲେ ସକାଳ ॥
ଓଡିଆ ଠାକୁର ପ୍ରଭୁ ଜଗନ୍ନାଥ
ପଖାଳ ବି ଖାଇଥାନ୍ତି
ରଜାଠାରୁ ରଙ୍କ ପଖାଳ ଖିଆକୁ
କଏ ଅବା ଭୁଲିଯାନ୍ତି
ପଖାଳ ଯଦି ତ ନ ମିଳିଲା କେବେ
ଲାଗେ ଆସିଲା କି ଅକାଳ ॥
ଖରାଦିନେ ଏହି ପଖାଳ ଚାହିଦା
ବେଶୀ ବେଶୀ ବଢିଯାଏ
ଶାଗ, ବଡିଚୁରା, କାକୁଡି, ଆମ୍ବୁଲ
ପିଆଜ, ଲଙ୍କା ତ ଥାଏ
ଘୋଳଦହି ଅବା ଆମ୍ବନସି ପୁଣି
ଦରକାର ପଡେ ତତ୍କାଳ ॥

ନିହାଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ସଂସାର ଗଳ୍ପ

## ଉଜୁଡି



ପଙ୍କଜିନ ଭୋଇ

-"ମାଁ, ଗୃଉଳ ମୁଠେ ଦିଅ ମାଁ, ପିଲାଙ୍କ ପେଟରେ ଦାନା ନାହିଁ, ପେଜ ଟିକଏ ଉତୁରେଇବି ମାଁ ପିଲାଙ୍କ ପାଟିରେ ଦେବି", ଶୁଣାଯାଉଥାଏ ସୁମତି ର ଏପରି କରୁଣ ଆଳାପ । ଅତି ଗରିବ ଘର ସ୍ତ୍ରୀଟିଏ, ଘରେ ତିନ ତିନଟା ପୁଅ ଝିଅ, ପେଟରେ ଦାନ ଦେବାକୁ ଘରେ ଗୃଉଳ ମୁଠେ ନାହିଁ କନ୍ତୁ ତା ସ୍ୱାମୀ ଶୁକୁ ପେଟ ମଦ ପିଇ ରାସ୍ତାରେ ଗଡୁଛି । ଘରେ ଆସି ସ୍ତ୍ରୀ ପିଲାଙ୍କ ସହ ଝଗଡା କରୁଛି ଆଉ ସେପଟେ ବିଗ୍ଭରି ସୁମତି ଯା ତା ଘର ବୁଲୁଛି ଗୃଉଳ ପକ୍ଷେ ପାଇଁ ।

କେଡେ ସୁନ୍ଦର ସୁନାର ସଂସାର ଟି ଥିଲା ତାର । ସେ, ସ୍ୱାମୀ ପୁଅ ଝିଅ ମିସିକ ଗରିବ ହେଲେ ବି ସୁଖରେ ରହୁଥିଲେ ସବୁ । ଆଉ ଏ ବାର ବର୍ଷର ସୁଖର ସନ୍ତକ ଥିଲେ ତା ପିଲାମାନେ । ଶୁକୁ ଆଉ ସୁମତି ନିଜ ପିଲାଙ୍କୁ ଧରି ବିଦେଶରେ ରହୁଥିଲେ ଆଉ କୌଣସି କାରଣ ବଶତଃ ଶୁକୁ ତା ଘର ପରିବାର ଠୁ ଦୂରରେ ରହୁଥିଲା ଆଉ ସବୁବେଳେ ତାକୁ କଛି ନା କଛି ଟେନସନରେ ରହୁଥିଲା । ସେ ଦୁଃଖକୁ ଭୁଲିବାକୁ ସେ ମଦ ପିଇଲା ଆଉ ଶେଷରେ ମଦୁଆ ହେଇଗଲା । ଆଉ ପରିବାରର ରାଗ ସ୍ତ୍ରୀ ପିଲା ଉପରେ ଝାଡ଼ିଲା । ଆଉ ଏସବୁ ତା ନିତ୍ୟଚର୍ଯ୍ୟା ହେଇଗଲା ।

ସୁମତିର ବଡ ଝିଅ ବାର ବରଷର ହେଇଥାଏ । ପଞ୍ଚମ ଶ୍ରେଣୀ ଯାଏଁ ପାଠ ପଢ଼ିଛି ସରକାରୀ ସ୍କୁଲରେ । ତା ବାପା ଡେଲି ମଦ ପିଇ ଏଠି ସେଠି ଗଡେ ଏକଥା ସମସ୍ତେ ଜାଣିଛନ୍ତି। ଦିନେ ମଦ ପିଇ ସ୍କୁଲ କୁ ଯାଇ ପହଞ୍ଚିଲା ଆଉ ଦେଖେଇଲା ତା ରଙ୍ଗ ବେରଙ୍ଗ ଖେଳ । ସାର୍ ମାନେ ଯିବାକୁ କହିଲାରୁ ତାଙ୍କୁ ଯାହା ନାଇଁ ସେୟା କହିପକେଇଲା। ସେଦିନଠୁ ତାକୁ ସାଙ୍ଗ ପିଲା ମାନେ କଣ କଣ କହି ଚଢ଼େଇଲେ ଆଉ ବିଗ୍ଭରି ଲାଜରେ ସ୍କୁଲ ଯିବା ବି ବନ୍ଦ କରିଦେଲା ।

ଆଉ ଦି'ଟା ପୁଅ ସୁମତିର, ବଡ ଛ ବର୍ଷର ଆଉ ସାନ ବର୍ଷେ ଦେଢ଼ ବର୍ଷ ର ହେବ । ଗୁମ୍ ହେଇ ବସିଥାଏ ସୁମତି କାନ୍ଥ କୁ ଆଉଜି ହେଇ। ମନ ଭିତରେ ତାର ଗ୍ଲୁଲିଥାଏ କେତେ ଯେ ବାଦ ବିବାଦ । ଆଖିରୁ ଅଜାଣତରେ ଝରି ଯାଉଥାଏ ବୁନ୍ଦା ବୁନ୍ଦା ଲୁହ । ତିନ ତିନଟା ପିଲାଙ୍କୁ ସମ୍ଭାଳିବା କେତେ ଯେ ମୁସ୍କିଲ। ଓଳିଏ ଖାଇଲେ ଓଳିଏ ନାଇଁ, ଧୂଆସୁଖା କରି ଗୋଟେ ଗୋଟେ ଡ୍ରେସ୍ କୁ ପିଲା ଡେଲି ପିନ୍ଧୁଛନ୍ତି । ତାର ଚିରା ଶାଢ଼ୀକୁ ସେ ପାଞ୍ଚ ଛଅ ଥର ଟିପି ଟିପି ପିନ୍ଧିଲାଣି। ସେପଟେ ଶୁକୁ ଯାହା କରୁଛି ଭାବିକି ଦୁଃଖରେ ଶଢ଼ି ଯାଉଛି ସେ । ଯନ୍ତ୍ରଣା ତା ଅସହ୍ୟ ହେଇ ସାରିଥିଲା, ମଦ ଦୟାରେ ଶୁକୁ ଦେଇଥିବା ଚହ୍ନ କୁ ପିଠିରେ ଧରି ତ ଡେଲି ବୁଲୁଛି ଏ ଘର ସେ ଘର । ଲୁହ ପୋଛି ସାନ ପୁଅକୁ ବଡ ଦିଇଙ୍କ ପାଖରେ ଛାଡି ଘରୁ ବାହାରିଲା। ପୁଅ ଝିଅଙ୍କୁ କହିକି ଗଲା କୁଆଡେ ଯିବନ ଜଲଦି ଆସିବି ବୋଲି, କୁଆଡେ ଗଲା କନ୍ତୁ କହିଲାନ । ସେତେବେଳେ ସନ୍ଧ୍ୟା ସମୟ ହେଇଥାଏ ।

× × × × × × × × × × ×

ଆରେ ଏତେ ଗହଳ କାହିଁକି, ଗାଁ ଶେଷମୁଣ୍ଡ ବ୍ରିଜ୍ ପାଖକୁ ସବୁ ଲୋକ ଧାଇଁ ଯାଉଛନ୍ତି । ଏଇଟା ସକାଳ ସାଢ଼େ ଛ'ଟା ବେଳର କଥା । ଆମେ ମର୍ଣିଂ ୱାର୍କ କରିକି ଫେରୁଥାଉ । ଲୋକେ କହା କହି ହେଉଥାନ୍ତି- ହଁ କେତେ ବା ସହିବ, ପୁଣି ସଂସାର ଜଞ୍ଜାଳ, ଆହା !! ଶେଷରେ ଜୀବନ ତା ହାରିଦେଲା । ପୋଲିସ ବି ଆସି ପହଞ୍ଚି ଯାଇଥାଏ । ତଦନ୍ତ ଗ୍ଲୁଲିଥାଏ, ଆମେ ସେଠି ପହଁଚିଲା ବେଳକୁ ପୋଲିସ ପାଖରେ ରିପୋର୍ଟ ପହଂଚ ସାରିଥାଏ ଯେ ସେ ଶବ ଟି କାହାର ।

-"ବାପା, ମାଁ କୁଆଡେ ଗଲା, ଜଲଦି ଆସିବି କହିକି ସକାଳ ହେଲାଣି ଏଯାଏଁ ଆସିନ।" ତଳେ ଗଡୁଥିବା ଶୁକୁ କୁ ପଗ୍ଲରିଲା ତା ବଡ ଝିଅ । ତଳୁ ଉଠିପଡ଼ିଲା ଧଡପଡ ହେଇ, କଣ ଭାବିଲା ମନେପକେଇଲା ପରି ଲାଗୁଥାଏ । ପାଣି ଟିକେ ନେଇ ମୁହଁରେ ଦେଲା ଆଉ କେଜାଣି କଣ ଭାବି ଘରୁ ବାହାରକୁ ତର ତର ହେଇ ଗ୍ଲଲିଗଲା । ଯିବା ବାଟରେ ଦେଖିଲା ଗାଁ ମୁଣ୍ଡରେ ଏତେ ଗହଳ କାହିଁକି । ବେଶି ଲୋକଙ୍କ ଭିଡ଼ ଜମିଛି । ଭିଡ ଭିତରକୁ ପଶି ଗଲା ବେଳକୁ ସମସ୍ତେ ଗ୍ଲହିଁଛନ୍ତି ତା ଆଡ଼କୁ । ପୋଲିସ କହୁଥାଏ-"ଆରେ କଏ କହିପାରିବକି ଏ ଲାସ୍ କାହାର ? କଏ ଚହ୍ନି ପରିବକି ? ଏମିତି ପଗ୍ଲରା ଉଚୁରା ଗ୍ଲଲିଥାଏ। କେହି ଜଣେ କହିଲା ହେଇ ସାର୍ ତା ସ୍ୱାମୀ ଆସିଲା । ଚମକି ପଡିଲା ଶୁକୁ । କେହି ଜଣେ ପାଖକୁ ଆସି କହିଲା- "ରେ ଶୁକୁ ରେ ସୁମତିର ଲାସ୍ ବ୍ରିଜ୍ ତଳୁ ମିଳିଲା, କୋଉଠି ଥିଲୁ

ତୁ?” ଶୁକ୍ରୁ ର ହୋସ ଉଡ଼ିଗଲା । ଲଥ୍ କନା ବସି ପଡ଼ିଲା ତଳେ । ପୋଲିସ ତା କାମ କରି ଗ୍ଲଲିଲା ।

ପାଞ୍ଚ ପ୍ରାଣୀକୁ ପୋଷିବା ଭାର ସୁମତି କାନ୍ଧରେ । ସ୍ୱାମୀ ତାର ଡେଲି ମଦ ପିଇ କ ମାଡ ଗାଳ କଲା । କଣ ଆଉ କରିବ ଅସହାୟ ସ୍ତ୍ରୀ ଲୋକଟା । ପିଲାଙ୍କ ପେଟକୁ ଦାନା ଯୋଗାଉ ଯୋଗାଉ ସ୍ୱାମୀର ଟେନସନ୍ ରେ ଦି' ଦିନ ହେଲା ଖାଇବା ଭୁଲି ଯାଇଛି । ଆଖି କୋରଡରେ ଭର୍ତ୍ତି ହେଇ ଥିବା ଲୁହକୁ ଲୁଚେଇ ଦେଇ କେଜାଣି କୁଆଡେ ଭୁସ୍ କନା ଉଠିକ ବାହାରିଲା ପିଲାଙ୍କୁ ଜଲଦି ଆସିବ ବୋଲି କହିକ । ପେଟରେ ଗୋଟାଏ ଅନ୍ନ ନାହିଁ କ ଘରେ ଗୋଟିଏ ଦାନା ନାହିଁ । ଭାବିଲା କାହା ଘରକୁ ଯାଏ କାମ ଟିକେ କରିଦେଇକ କଣ ଟିକେ ନେଇ ଆସିବି ପିଲା ମାନେ ଖାଇବେ । କନ୍ତୁ ସେ କଣ ଜାଣିଥିଲା ସେ ଘରୁ ବାହାରିବା ସମୟରେ ହିଁ ମରଣ ତା ପଛରେ ପଡିଗଲା । ଏକ କଲୋ ମିଟରର ରାସ୍ତା । ଭୋଇବାବୁ ଘରକୁ ବାହାରିଥିଲା କଛି କାମ ଆଶେ । ଗୋଟେ ଦି ଘର ବୁଲି ବାସନ ମାଜି ଗ୍ଲଉଳ ଦି କଲୋ ଖଣ୍ଡେ ହବ ଆଉ ଟଙ୍କା ପଗ୍ଲଷଟା ଧରି ଘରକୁ ଫେରୁଥିଲା ସେ ବ୍ରିଜ୍ ବାଟ ଦେଇ । ସେଇ ସବୁ ସେଠି ପଡିଥାଏ । ଦି' ଦିନର ଭୋକଲା ପ୍ରାଣ କେମିତି ହଠାତ୍ ମୁଣ୍ଡ ବୁଲେଇ ଦେଲା ଆଉ ସମାନ୍ ବ୍ରିଜ୍ ତଳକୁ ଖସିପଡ଼ିଲା ସେ । ପୂର୍ବରୁ ହିଁ ତା ଶରିର କ୍ଷୀଣ ଆଉ ଦୁର୍ବଳ ହେଇ ସାରିଥିଲା । ଭୋକରେ ଦେହ ମୁଣ୍ଡ ଝିମ୍ ଝିମ୍ ହେଇ ଖସି ପଡ଼ିଲା ସେ ବ୍ରିଜ୍ ତଳକୁ । ଦୁର୍ଭାଗ୍ୟକୁ ସେତେବେଳେ ସେ ରାସ୍ତାରେ ମଧ କେହି ଯାଉ ନ ଥିଲେ କ ଏହାର କଛି ସମୟ ପର୍ଯ୍ୟନ୍ତ ମଧ ସେ କାହା ନଜରକୁ ଆସି ନ ଥିଲା । ଗୋଟେ ପଥରରେ ମୁଣ୍ଡ ବାଡେଇ ହେଇଥିବାର ଚହ୍ନ ଥିଲା ଆଉ ଦି ଗୋଡ଼ରେ ମାଟି ଲାଗିଥିଲା ଏଥି ରୁ ଜଣା ପଡୁଥିଲା ଯେ ବହୁ ବିକଳ ରେ ଗୋଡ କଗ୍ଲଡି କଗ୍ଲଡି ଛଟପଟ ହେଇ ମରିଚ ସେ । ଶବ ବ୍ୟବଚ୍ଛେଦ ପାଇଁ ପୋଲିସ ନେଇଗଲା ।

ଗରିବ ଜୀବନ ମୁଠାଏ ଦାନାରେ । ପ୍ରତି ମୁହୂର୍ତ୍ତ ରେ ଜିଇଁବାକୁ ସଂଘର୍ଷ କରନ୍ତି ସେମାନେ କଷ୍ଟକୁ କାନରେ ବାନ୍ଧି । କନ୍ତୁ ଏ ଜୀବନଟିଏ ଆକାରଣେ ଗଲା । ମାଡ଼ ବି ଖାଇଲା ଗାଳ ବି ଶୁଣିଲା ଭୋକରେ ବି ରହିଲା ଆଉ ଶେଷରେ ଜୀବନ ବି ତାର ଗଲା । ମଦର ମାୟାରେ ଜଣେ ଏମିତି ପଡିଗଲା ଯେ ଶେଷରେ ଅବିବେକ ବିଗ୍ଲର ହୀନ ହେଇଗଲା ଆଉ ନଜେ ହିଁ ନଜ ହାତରେ ସୁନା ସଂସାରକୁ ଚୁନା ଚୁନା କରିଦେଲା ।

ଲାଞ୍ଜି, କେଗାଁ, କଳାହାଣ୍ଡି

# ତୁମବିନା



ଲକ୍ଷ୍ମଣ ମହାନ୍ତି

ତୁମବିନା, ଜୀବନ ନଥିବା ମୂର୍ତ୍ତୀ ମୁଁ
ତୁମବିନା, ହୃଦୟ ନଥିବା ମଣିଷ ମୁଁ
ତୁମବିନା, ସ୍ପନ୍ଦନ ନଥିବା କବିତା ମୁଁ
ତୁମବିନା, ପଦ୍ମ ନଥିବା ପଙ୍କ ମୁଁ
ତୁମବିନା,
କଛି ନୁହେଁ ମୁଁ ତୁମ ବିନା..... ।
ଆଲୋକ ନଥିବା ସୂର୍ଯ୍ୟ ମୁଁ, ତୁମବିନା
ପୟହୀନ ନଇ ମୁଁ, ତୁମବିନା
ଲକ୍ଷ୍ୟହୀନ ତୀର ମୁଁ, ତୁମବିନା
ରଙ୍ଗହୀନ ପୁଷ୍ପ ମୁଁ, ତୁମବିନା
ବାସ୍ନାହୀନ ଗୋଲାପ ମୁଁ, ତୁମବିନା
ସ୍ୱପ୍ନହୀନ ନଦ ମୁଁ, ତୁମବିନା
ପ୍ରୀୟା ତୁମବିନା
କଛି ନୁହେଁ ମୁଁ, କଛି ନୁହେଁ ତୁମବିନା..... ।

ସୌରୀପାଲି, ଖଟଖଟିଆ, ବୌଦ୍ଧ

# ଶିକ୍ଷା



ପୁଷ୍ପଲତା ବେହେରା

ବଦଳ ନ ଯାଉ
ଶିକ୍ଷାର ପରିଭାଷା,
ବହିବସ୍ତାନର ବୋଝରେ
ଲୁପି ହୋଇ ନଯାଉ
ମନର ଜିଜ୍ଞାସା,
ଆଉ ମେଣ୍ଟି ନ ଯାଉ
ଜ୍ଞାନ ଅର୍ଜନର ତୃଷ୍ଣା !!
ନମ୍ବରର ପ୍ରତିଯୋଗିତାରୁ
ଅର୍ଥ ଉପାର୍ଜନର
ପରିଧି ଭିତରେ
ନହେଉ
ଶିକ୍ଷାର ଶେଷ...
ଭିଡ ଭିତରେ
ଆଗକୁ ମାଡିବାର ନଶାରେ
ପାଲଟି ନଯାଉ କେହି
ଯନ୍ତ୍ର ମଣିଷ !!
ନଜେ ହସି
ହସାଉ ଏ ବିଶ୍ୱ,
ରଖୁ ନଜ ଉପରେ
ଅତୁଟ ବିଶ୍ୱାସ !!

ସ୍ୱାବଲମ୍ବୀ ସହ
ଶିକ୍ଷା ଗଢିଦେଉ
ସ୍ନେହ, ପ୍ରେମ, ଦୟା...
ମାନବୀୟ ମୂଲ୍ୟବୋଧ
ସମନ୍ୱୟର
ଏକ ପୂର୍ଣ୍ଣାଙ୍ଗ ମଣିଷ ।

ରାଉରକେଲା, ଓଡିଶା

# ଏଇ ତ ଜୀବନ...



କେଶରୀ ପ୍ରସାଦ ମହାନ୍ତି

ଗ୍ତି ଛୋଟ ଏଠି ହେଲେ ଅନେକ ସପନ ।
କାମିନୀ ପଛରେ ପଡି ମଣିଷ ଅଜ୍ଞାନ ॥
କୁମନ୍ତ୍ରଣା ରେ ମତ ପୁତ୍ର ପିତା ଠାରୁ ଭିର୍ଣ୍ଣ ।
ପଗ୍ଚରିଲେ କହେ ସେତ ଏଇ ତ ଜୀବନ ॥.....(୧)
ଆକାଶ ରେ ଯେବେ ପର୍ ଅଶେ ନୀଳ ଜହ୍ନ ।
ତାକୁ ଦେଖି ଉଠେ ପଡେ କୁମାରୀ ର ମନ ॥
ଜାଣି ପାରେନ ସେ କେବେ ହୁଏ ତାକୁ ପ୍ରେମ ।
ହସି ହସି କହି  ଦିଏ  ଏଇତ ଜୀବନ ॥......(୨)
ଯେତେ ଭ୍ଇ ସେତେ ଘର ସମାଜ ର ଧର୍ମ ।
ସତ୍ୟ ଭୁଲି ଅବାସ୍ତବେ ମତେ ମଣିଷ ର ମନ ॥
ମନୁଷ୍ୟ ତ ସାଜିଛି ସାଧାରଣ ଜ୍ଞାନ ହୀନ  ।
ପଗ୍ଚରିଲେ କହେ ସେତ ଏଇତ ଜୀବନ ॥.....(୩)
ମଣିଷ ତ ସାଜିଛି ନର ଭକ୍ଷୀ ସ୍ୱନ ।
ଗ୍ଚେରି, ନାରୀ, ଦୁର୍ନୀତି ରେ ପେଟ କରେ ପୂର୍ଣ୍ଣ ॥
ଜାଣି ପାରେନ ସେ କମେ ତାହାର ସଂମାନ ।
ପାଗଳ ପରିକା କହେ ଏଇତ ଜୀବନ ॥......(୪)
ଦୂର ନକ୍ଷତ୍ର ମଣ୍ଡଳେ ଜଳୁଅଛି ବ୍ୟୋମ ।
ହାତ ଠାରି ଡାକେ ତତେ ତୋହର ଦୂରଦିନ ॥
ଧର୍ମେ କର୍ମେ ମନ ଦେଇ ରଖ ସ୍ୱାଭିମାନ ।
ଏଇ ଆଶା ରଖି ବିଧି ଦେଇଛି ଜନମ ॥....(୫)

ଅଜବ ମଣିଷ ଆଧୁନକତା ରେ ରମ୍ୟ ।
ଜୀବନ ମୃତ୍ୟୁ ର ଜାଣେ ନାହିଁ ତାର ତମ୍ୟ ॥
ସବୁଠି ଗ୍ଭଲେ କଳହ ନାହିଁ ଏଠି ସମ ।
ମନେ ରଖ ଶେଷେ ବାନ୍ଧି ନେବ କାଳ ଜମ ॥.....(୬)

ଜୀବନ ଟା ପର୍ବ ଗୋଟେ ହସ କାନ୍ଦ ନଈ ।
ଅମାନଆ ହୋଇ ଯାଏ ସେତ ବହି ॥
କବି ଜାଣେ ଜୀବନ ଟା ସ୍ୱପ୍ନିଳ ସାଗର ।
ସ୍ନେହ ପ୍ରେମ ମମତା ରେ ସର୍ବେ ହୁଅ ଏକା କାର ॥.....(୭)

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କରୋନାର ତିନି ଭୟ



ମହେଶ୍ୱର ସାହୁ

ଆମ ଦେଶରେ କରୋନା ଭୂତାଣୁର ଭୟଙ୍କର ପ୍ରଭାବ ଗୁଞ୍ଜରିତ ହେଉଅଛି । ଯାହା ଦ୍ୱା ସରକାର ଗୋଷ୍ଠି ସଂକ୍ରମଣ ରୋକିବା ପାଇଁ ତାଲା ବନ୍ଦ କରିଥିଲେ । ତାଲା ବନ୍ଦ କରିବା ଦ୍ୱାରା ଦେଶର ଅର୍ଥନୀତି ଉପରେ ବେଶ ପ୍ରଭାବ ପକେଇଥିଲା । ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସାମ୍ନା କଲେ । ପ୍ରତ୍ୟେକ ରାଜ୍ୟର ଯୁବକ ଓ ଯୁବତୀ ବିଦେଶରେ ଯାଇ ସେଠାରେ କାମ କରନ୍ତି । ସେମାନଙ୍କୁ କେତେକାଂଶରେ କାରଖାନା ମାଲିକ ସହାୟତାର ହାତ ବଢାଇଥିବା ବେଳେ କେତେକାଂଶରେ ଅବହେଳା କରିଥିଲେ ।

ଏହି ପ୍ରବାସୀ ଶ୍ରମିକ ମାନେ ନିଜ ରାଜ୍ୟକୁ ଫେରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ଦେଶରେ ସଂକ୍ରମଣ ବଢିବା ସାଙ୍ଗକୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ବଢ଼ିବାରେ ଲାଗିଲା । ପ୍ରବାସୀ ଶ୍ରମିକ ମାନେ ନିଜ ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ ଯେ ଆମକୁ ନିଜ ଭିଟା ମାଟିକୁ ଫେରାଇ ନିଆ ଯାଉ । ନ ହେଲେ ଆମକୁ ଏଠାରେ ଖାଦ୍ୟର ଅଭାବ, ଅର୍ଥର ଅଭାବ ଓ ରୋଗ ହେଲେ ସେବାର ଅଭାବ ।

ଆମ ରାଜ୍ୟ ସରକାର ମଧ୍ୟ ଆମ ରାଜ୍ୟର ପ୍ରବାସୀ ଶ୍ରମିକ ମାନଙ୍କୁ ଫେରେଇ ଆଣିବା ପାଇଁ ପଞ୍ଜିକରଣ ଆରମ୍ଭ କଲେ । ସମସ୍ତ ଶ୍ରମିକ ମାନଙ୍କର ପଞ୍ଜିକରଣ ହେଲା । ଦେଖାଗଲା ଲକ୍ଷ ଲକ୍ଷ ଓଡ଼ିଆ ପୁଅ ବିଦେଶରେ ଶ୍ରମିକ ଭାବରେ କାର୍ଯ୍ୟରତ ଥିଲେ । ପ୍ରଶ୍ନ ଉଠେ ଆମ ରାଜ୍ୟରେ କଣ ନାହିଁ । ଖଣି ଖଦାନ ଠାରୁ ଆରମ୍ଭ କରି ସମସ୍ତ କଞ୍ଚାମାଲ ଭରପୁର ହୋଇ ରହିଛି ଆମ ରାଜ୍ୟରେ । ହେଲେ ଆମେ ଅପାରଗ ହୋଇ ନିଜ ଘର କାମ ନ କରି ପର କାମ ପାଇଁ ବ୍ୟସ୍ତ ହେଉଛନ୍ତି । ଆମେ ସବୁବେଳେ ସମାଜ ଦୃଷ୍ଟିରେ ପ୍ରଥମ ସ୍ଥାନର ଅଧିକାରୀ ହେଲେ ନିଜର ନିଜତ୍ୱର ଅଭାବ ।

ଆମ ରାଜ୍ୟ ପାଇଁ କରୋନା ମହାମାରୀ ଠାରୁ ଅଧିକ ବିପଦ ବାତ୍ୟାରେ ହୋଇଥାଏ । ପ୍ରତ୍ୟକ ବର୍ଷ ଆମ ରାଜ୍ୟ ଅନେକ ବାତ୍ୟାର ସମ୍ମୁଖୀନ ହୋଇଥାଏ । ଆମ ସରକାର ବାତ୍ୟା ସମ୍ଭାବନା ଦେଖି ଲୋକଙ୍କୁ ସ୍ଥାନାନ୍ତରିତ କରନ୍ତି କାରଣ ସେମାନନଙ୍କର କଞ୍ଚା ଘର ଭାଙ୍ଗିଯିବାର ଅଧିକ ସମ୍ଭାବନା ରହିଛି । ଯାହାଦ୍ଵାରା ଧନ ହାନ ସହ ଜୀବନ ହାନ ଘଟିବ। ତେଣୁ ଆମେ ଓ ଆମ ସରକାର ସ୍ଥାନାନ୍ତରଣ ପ୍ରକ୍ରିୟାରେ ଦେଶରେ ପ୍ରଥମ ସ୍ଥାନ ନେଉଛି । ଏଠାରେ ମଧ୍ୟ ପ୍ରଶ୍ନ ଉଠେ ଯେ ଆମେ କଣ ନିଜ ରାଜ୍ୟରେ ଥିବା ସମୁଦ୍ରକୂଳଆ ଲୋକଙ୍କୁ ଶହେ ପ୍ରତିଶତରେ ପକ୍କା ଘର ଦେଇ ପାରିବା ନାହିଁ । ତେବେ ଆମ ଯୋଜନା କଣ କେବଳ ମତଦାନ ସମୟରେ ଲୋକଙ୍କ ମତ କଣିବା ପାଇଁ ପ୍ରଯୁଜ୍ୟ । ଆମେ କାହିଁକି ନିଜର ଅପାରଗତାକୁ ଲୁଚାଇ ନିଜ ରାଜ୍ୟ ବାସୀଙ୍କୁ ଅନ୍ଧାର ମଧ୍ୟରେ ରଖିବା ଛଡା ଆଉ କିଛି ନୁହେଁ।

କରୋନା ଭୟରେ ଲୋକେ ନିଜକୁ ହନ୍ତ ସନ୍ତ କରି ବଞ୍ଚିବା ଶିଖି ଗଲେଣି । ଯେଉଁ ସମୟରେ ସଂକ୍ରମଣ ନାହିଁ ସେଇ ସମୟରେ ସମ୍ପୂର୍ଣ୍ଣ ତାଲା ବନ୍ଦ ରହିଲା । ଯେଉଁ ସମୟରେ ସଂକ୍ରମଣ ବଢ଼ିଲା ସେଇ ସମୟରେ ସବୁ ଖୋଲା । ଯଦି କୌଣସି ଜରୁରୀ କାମରେ ବାହାରକୁ ଯାଇଥିବା ଆମ ଉପରେ ପଡିବ ଜରିମାନା ନ ହେଲେ ଦିଆଯିବ ପ୍ରହାର ।

କରୋନା ଯୋଦ୍ଧା ବୋଲାଉଥିବା ପୋଲିସ, ଡାକ୍ତର ଓ ସରପଞ୍ଚଙ୍କର ବ୍ୟବହାର ସୀମା ବାହାରେ । କରୋନା ଭୟ ଠାରୁ ଏମାନଙ୍କ ଭୟ ଆହୁରି ଗ୍ରାସ କରିଗଲାଣି ମାନବ ସମାଜକୁ । ମାନବ ବଞ୍ଚିବା ଶିଖିଗଲାଣି । ପୋଲିସର ନିର୍ମମ ପ୍ରହାର ଓ ଡାକ୍ତର ମାନଙ୍କର କଟୁବାଣୀ ସହିତ ସରପଞ୍ଚ ମାନଙ୍କର ଦାଦାଗିରି ଲୋକ ମାନଙ୍କୁ ତ୍ରାହି ତ୍ରାହିର ସ୍ଵର ଗୁଞ୍ଜାରିତ କରାଉଛି । ମଣିଷର ଭୟ କହିବାକୁ ଗଲେ ଏଇ ତିନୋଟି । ଗୋଟିଏ ପୋଲିସ ଭୟ, ଡାକ୍ତର ଭୟ ଓ ସରପଞ୍ଚ ଭୟ ।

ଆମେ ସ୍ଵାଧୀନ ଭାରତର ନାଗରିକ ଆମକୁ ହାତରେ ମରାଯାଉ ନାହିଁ । ଭାତରେ ମରାଯାଉଛି ଏଇ ଦୁନିଆରେ । ଯେଉଁମାନେ ଦଳୀୟ ଲୋକ ସେମାନଙ୍କୁ ଚାରି ପାଞ୍ଚ ଥର ପାଇଖାନା ତିଆରି ପାଇଁ ଅନୁଦାନ ମିଳୁଛି । ଏମିତିକି ଗୋଟିଏ ପାଇଖାନାକୁ ପାଞ୍ଚ ଥର ଦେଖେଇ ଟଙ୍କା ଲୁଟ କରା ଯାଉଛି । ଯାହାର କୋଠା ଅଛି ତାକୁ ଆହୁରି ଘର ଦିଆ ଯାଉଛି ହେଲେ ଯାହାର ଝାଟି ମାଟିର ନଡା ଛପର ଘର ତାକୁ ବାତ୍ୟା ସମୟରେ ସ୍ଥାନାନ୍ତର

କରାଯାଉଛି । ମୋ ମତ ସରକାର ବିରୋଧୀ ନୁହେଁ ମୋ ମତ ଅପାରଗତା । ମୁଁ ଗ୍ରହେଁ ଶାସନ କିନ୍ତୁ ଶୋଷଣ ନୁହେଁ । ମୁଁ ଗ୍ରହେଁ ନ୍ୟାୟ କିନ୍ତୁ ଅଧର୍ମୀ ନୁହେଁ । ରୋଗୀକୁ ଘୃଣା ନ କରି ରୋଗକୁ ଘୃଣା କରିବା ହେଉଛି ମାନବ ଧର୍ମ ।

ପ୍ରବାସୀ ଶ୍ରମିକଙ୍କୁ ଅନ୍ୟରାଜ୍ୟରୁ ଅଣା ଗଲା । ହେଲେ ସେମାନଙ୍କୁ ଯେଉଁ ସଙ୍ଗରୋଧ କେନ୍ଦ୍ର କରି ବିଦ୍ୟାଳୟ ମାନଙ୍କରେ ରଖା ଗଲା ତାହାର ତଦାରଖରେ ଅବହେଳା ହେଉ ଅଛି । ପାତର ଅନ୍ତର କରା ଯାଉଛି । ଦଳୀୟ ଲୋକଙ୍କ ପାଇଁ ଜେନେରେଟର ସହିତ ଇନଭର୍ଟର ସୁବିଧା କରାଯାଉଛି । ଦଳୀୟ ଲୋକଙ୍କୁ କୋଭିଡ ଟେଷ୍ଟ କରାଯାଉଛି ହେଲେ ନିର୍ଦ୍ଦଳୀୟଙ୍କୁ ସାତ ଦିନରେ ଘରକୁ ଛାଡି ଦିଆ ଯାଉଛି । ସେମାନଙ୍କୁ ଖାଇବା ପିଇବାରେ ମଧ୍ୟ ଅସନ୍ତୋଷ ମୂଳକ ବ୍ୟବସ୍ଥା କରାଯାଉଛି । ଯାହାଦ୍ୱାରା ସେମାନେ ସ୍ୱର ଉତ୍ତଳନ କରିବାକୁ ମଧ୍ୟ ଭୟ କରୁଛନ୍ତି । ଯିଏ ସ୍ୱର ଉତ୍ତଳନ କଲେ ସେମାନେ ଦଣ୍ଡନୀୟ ହେଲେ । ଅପାରଗତାର ପରଦାଫାସ କରିବାକୁ ଗ୍ରହୁଥିବା ଲୋକଟି ଦଣ୍ଡନୀୟ ହେଉଅଛି । ତେବେ କଣ ଆମେ ସ୍ୱାଧୀନ । ଆମକୁ କଣ କରୋନା ଭୟ ଗ୍ରାସୀ ଯାଇଛି ନା ଆମେ ଏହି ତିନୋଟି ଭୟରେ ଭୟଭୀତ ହେଉଛନ୍ତି ।

ଏହିପରି ଅପାରଗତା ଆମକୁ ଦିନେ ବିପଦ ମୁଖକୁ ଟାଣିନେବ । ଆଗକୁ ଏମିତି ବିପଦ ଆସିବ ଯାହାର ସାମ୍ନା କରିବା ହିଁ ଅସମ୍ଭବ ହୋଇ ପଡିବ । ନେତା ମାନେ ମଧ୍ୟ ଦୁର୍ନୀତିଗ୍ରସ୍ଥ ହୋଇ ଗଲେଣି । ଯେଉଁ ଦୁର୍ନୀତି ଗୁଡିକୁ ଲୁଚେଇବାର ଅଭିନବ ପ୍ରୟାସ କରା ଯାଉଛି । ବିରୋଧି ଦମନ କରା ଯାଉଛି । ବିରୋଧି ନ ରହିଲେ ମନ ମୁଖୀ ସରକାର ବୋଲି ଘୋଷିତ କରାଯାଏ । ତେଣୁ ବିରୋଧି ଦମନ ଦ୍ୱାରା ମାନମୁଖୀ ସରକାରର ଦମନ ଲୀଳା ଆମ ମନକୁ ଓ ହୃଦୟକୁ ଗ୍ରାସ କରୁଛି ।

କରୋନାର ଭୟାଭୟତା ଏବେ ବି ମାନବ ସମାଜ ଦେଖି ପାରି ନାହିଁ ହେଲେ ଏହି ସରକାରର କୁବ୍ୟବସ୍ଥା ପାଇଁ ଆଗକୁ ଦେଖିବାକୁ ପଡିବ ଓ ଦେଖିବା ନିଶ୍ଚୟ । ଭୁତାଣୁ ଦିନେ ନା ଦିନେ ଗୋଷ୍ଠିସଂକ୍ରମଣର ରୂପ ନେବ ଯଦି ଆମେ ସଜାଗ ନ ରହିବା ଓ ସୁରକ୍ଷିତ ନ ରହିବା । ତେଣୁ ମୋ ଲେଖା ମାଧ୍ୟମରେ ସମସ୍ତ ଜନ ସାଧରଣଙ୍କୁ ଏତିକି ନିବେଦନ ଆପଣ ମାନେ ସୁରକ୍ଷିତ ରୁହନ୍ତୁ । ଦୂରତ୍ୱ ରକ୍ଷା କରନ୍ତୁ, ମାସ୍କ ବ୍ୟବହାର କରନ୍ତୁ, ପରିଷ୍କାର ପରିଛନ ରୁହନ୍ତୁ, ହାତ ବାରମ୍ବାର ଧୁଆନ୍ତୁ, ଅଧିକ ଆମିଷ ଖାଆନ୍ତୁ ନାହିଁ,

ସମାଜରେ ଶୃଙ୍ଖଳା ରକ୍ଷା କରନ୍ତୁ, ଗୁରୁଜନ ଗୁରୁ ଓ ପିତାମାତାଙ୍କ ପ୍ରତି ଭକ୍ତି ରଖନ୍ତୁ ନିଶ୍ଚୟ କରୋନା ହାରିବ ।

ସରକାର ଦେଉଥିବା ଯୋଜନାରୁ ଅଧିକାଂଶ ହଡପ କରି ଯାଉଛି ନେତା ମାନଙ୍କ ଦ୍ୱାରା । ତେଣୁ ଗରିବ ଲୋକ ହନ୍ତସନ୍ତ ହେଉଛନ୍ତି । କରୋନା ମହାମାରୀରେ ଦିଆ ଯାଇଥିବା ଅର୍ଥ ଓ ଭୋଜନ ସାମଗ୍ରୀ ଯଦି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଦିଆ ଯାଇଥାନ୍ତା ତେବେ ସେଥିପାଇଁ କଳାକାର ହେଉକ ଡାକ୍ତର କେହି କୌଣସି ଅଭିଯୋଗ କରି ନ ଥାନ୍ତେ କାରଣ ସମସ୍ତେ ଘରେ ବସି ରହିଲେ । ଖାଇବେ କଣ ଓ ବଞ୍ଚିବେ କେମିତି। ସରକାରୀ ଚାକରୀ କରିଥିବା ଲୋକ ବସି ବସି ଦରମା ପାଇଲେ । ନେତା ମନ୍ତ୍ରୀ ସେମାନେ ନିଜ ଧନ ଭାବି ଘୋଷାରି ନେଲେ ହେଲେ ଏଇ ବେକାରୀ ଲୋକ ଗୁଡାକ ଯାହାର ରେସନ ନାହିଁ, ଯାହାର ଚାକରୀ ନାହିଁ ସେ କଣ କରିବେ ? ସରକାର ଏଥି ପ୍ରତି ଧ୍ୟାନ ଦେଇ ଆମକୁ କରୋନା ମହାମାରୀ ରେ ଏହି ତିନି ଭୟରୁ ଦୂରରେ ରଖିଲେ ଆମେ ସ୍ୱାଧୀନ ଜୀବନ ଜାପାନର କାମନା କରିବୁ ।

ବନ୍ଦେ ଉତ୍କଳ ଜନନୀ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ବୋହୁ ଅଟେ ମୋର ଏମିତିକା



ମଧୁଛନ୍ଦା ବେହେରା

ବୋହୁ ଅଟେ ମୋର ଏମିତିକା
ଦେଖିବ ଆସ ଲୋ ସାହି, ପଡିଶା ହେ,
ଦେଖିଲେ ହୋଇବ ତୁମେ ବୋକା ।

ପୁଅ ପିଲା ପରି ଚୁଟି ରଖିଅଛି
ମୁଣ୍ଡରେ ଭିଡୁଛି ନାଲି ଫିତା
ଶାଢୀ କୁ ଦେଖିଲେ ଦେଉଛି ଫୋପାଡି
ପାଦ ରେ ପିନ୍ଧୁଛି ହାଇ ଜୋତା ।

ବୋହୁ ଅଟେ ମୋର ଏମିତିକା
ସକାଳୁ ଉଠିଲେ ଗୁଡ୍ ମର୍ଣିଂ କହୁଛି
ଗୁଡ୍ ନାଇଟ୍ କହୁଛି ରାତିରେ
ଘରେ କମ୍ ସିଏ ବେଶି ରହୁଅଛି
କ୍ଲବ ଫଙ୍କ୍ସନ ପାର୍ଟି ରେ ।

ଠାକୁର ଘର ସେ ଦେଖିନାହିଁ କେବେ
ଯାଏନ ରୋଷେଇ ଘର
ଯେତେ ଶିଖାଇଲେ ହାଏ ହ୍ୟାଲୋ କରେ
କରେ ନାହିଁ ନମସ୍କାର ।

ବୋଉ ଡାକୁ ନାହିଁ, ପାଦ ଛୁଁ ନାହିଁ
ମମ୍ ବୋଲି ମୋତେ ଡାକୁଛି
ଶଶୁର କୁ ତା'ର ହ୍ୟାଲୋ ଡାଡ୍ କହି
ଇଂରାଜୀ ବୋଲି ସେ ବୋଲୁଛି ।

ମାତୃଭୂମି, ମାତୃଭାଷା କୁ ଯେମିତି
ମନରୁ ପାଶୋରି ଦେଇଛି
ନିଜ ପରମ୍ପରା ସଂସ୍କୃତି କୁ ଭୁଲି
ବିଦେଶୀ ଢାଞ୍ଚାରେ ଜୀଉଁଛି ।

ଗୀତା, ଭାଗବତ ପାଟିରେ ପଶେନି
ବାର ମାସେ ତେର ପରବ ଜାଣେନି
ବଡ ବଡୁଆ ଙ୍କୁ ନାହି ତା' ଖାତିରି
ଭାବିଲେ ସେ ସବୁ, ମୁଣ୍ଡ ହେଉଛି ଘାରି

ତା'ଗୁଲି ଚଳନ, ରଙ୍ଗ ଢଙ୍ଗ ଜମା
ଭଲ ଲାଗୁନାହିଁ ମୋତେ
କହିଲେ ମୋ ପୁଅ ଭୁଲ୍ ବୁଝୁଛି
କାହାକୁ କହିବି ସତେ।

ପ୍ଲିଜ୍ ମମ୍ ଆଡଜଷ୍ଟ ହର୍
ପୁଅ କଥା କଥା କରେ କୁହେ
କେମିତି କ'ଣ ଆଡଜଷ୍ଟ କରିବି
ଫଟା ମୋ କପାଳ ହାଏ।

ମୁ ଓଡିଆରେ କଛି କହିଲା ବେଳକୁ
ବୋହୁ ମୋର ଇଂରାଜୀ ରେ ବୋଲୁଥାଏ
ବୁଝି ତ ପାରେନ ତା' କଥା କଛି
ପୁଅ କୁ ପଗ୍ଭରେ ଯାଏ।

ଇଂରାଜୀ ଅର୍ଥ କାଗଜ ରେ ଲେଖି
ପୁଅ, ମୋ ହାତେ ଧରେଇ ଦିଏ।
ବୃଦ୍ଧା କାଳେ ପୁଣି ଇଂରାଜୀ ପଢା
ହାଏ ରେ ବିଧାତା ହାଏ।

ବୋହୁ ଅଟେ ମୋର ଏମିତିକା
ପୁଅ କୁ ଏମିତି ମନ୍ତର କରିଛି
ପୁଅ ବାପା କୁ ଡାକବ ଦିନେ କକା
ବୋହୁ ଅଟେ ମୋର ଏମିତିକା ।

ନୋଏଡା, ଉତ୍ତରପ୍ରଦେଶ

# ଗାଁ ଗଲା ମୋର ବଦଳି



ଅମରନାଥ ବାରିକ

ତେଲ ଘଡା ଗଲା ଗଡି
ଦେଖିବାକୁ ଆଉ ମିଳୁନ କାହିଁ
ଗାଁ ରେ ସଗଡ଼ ଗାଡି ।।

ଢ଼ିଙ୍କି କୁଟା ଧାନ ଚୁଡା
ସପନ ହୋଇଲା ଗାଁ ଜଳଖିଆ
କୁଟୁନ ଦିଜର୍ ବୁଢା ।।

ମାଟି ହାଣ୍ଡି ଭଜା ମୁଡ଼ି
ଘର ଘର ଦିଏ ଗଉଣିରେ ଭରି
ଆଣୁନ ବାସନ୍ତୀ ବୁଢ଼ୀ ।।

ବୋହୂ ଗ୍ଭେରୀ ପୁଚ ଖେଳ
ଖେଳୁଥିଲେ କେତେ ପୁଅ ଝିଅ ମିଶି
ସେ ସବୁ ହୋଇଲା କାଳ ।।

ତାଆସ ବାଗୁଡି ଦୋଳ
ଖାଉଥିଲେ ପାନ ରଜ ପରବରେ
ଏବେ ମଦ୍ୟପାନ ଭେଳ ।।

ଝିଅ ବିଭା ହେଉଥିଲେ
କାନ୍ଦଣା ରେ ତା'ର ମୁହଁ ଫୁଲି ଯାଏ
ଆଜି ହସି ସେଲ୍ଫି ଗ୍ଭଲେ ।।

ଯାଜପୁର,ମଙ୍ଗଳପୁର,କୟାଁ

# ମଥା ଯାଏ ଆମ ନଇଁ



ଅଶୋକ କୁମାର ପ୍ରଧାନ

ଏ ମାଟି ମମତା ପାଣି ପବନ
ଯାରି ପବନରେ ଚଳେ ଶ୍ୱସନ
ତାରି ଫଳ ମୂଳ ଖାଏ ମୁଁ ସ୍ନେହେ
ଶକତି ଭରିଛି ଏଇ ମୋ ଦେହେ
ସେହି ମୋ ଉତ୍କଳ ଭୂଇଁ
ତାରି ପାଦତଳେ ଆମ ମଥା ସଦା
ନତି ଯାଉଥାଏ ନଇଁ।
ନଦ ନଦୀ ବନ ଗିରି କାନନ
ନାନା ବୃକ୍ଷେ ଭର୍ତ୍ତି ଘଞ୍ଚ ଅରଣ୍ୟ
ଶାଳ ପିଆଶାଳ ଶିଶୁ ଚନ୍ଦନ
ଲାଖ ମହୁ ଝୁଣା କ ମୂଲ୍ୟବାନ
ଭରି ଅଛି ଆମ ପାଇଁ
ତାର ସେବା ଦାନ ଭାବି ପ୍ରତିଦିନ
ମଥା ଯାଏ ଆମ ନଇଁ।
ପ୍ରକୃତି ସମ୍ପଦ ଭରିଛି ଯେତେ
ବକ୍ସାଇଟ୍ ଲୌହ, ତମ୍ବା ଯେ କେତେ
ତରଳ ସ୍ୱର୍ଣ୍ଣ ବି ରଖିଛି ଭରି
ଭୂତଳ ଗର୍ଭରେ ଅଛି ସେ ଧରି
ସବୁ ଖଞ୍ଜି ଆମ ପାଇଁ
ତା'ର ଏ ବିଭବ ଅମୂଲ୍ୟ ସମ୍ପଦ
ଭାବି ମଥାଯାଏ ନଇଁ।
ଅତୀତ ଉତ୍କଳ ଗୌରବ ଗାଥା
ଇତିହାସ ଦିଏ କେତେ ବାରତା
ବାରବାଟୀ ଦୁର୍ଗ ବୀରତ୍ୱ କଥା
ବୋଇତ ବନ୍ଦାଣ ସାଧବ ସତ୍ତା
ସବୁ ମହନୀୟ ହୋଇ
ଅତୀତ ଗୌରବ କଥା ଭାବି ଭାବି
ମଥା ଯାଏ ଆମ ନଇଁ।
ଶିଳ୍ପୀ କାରଗରୀ ବିଦ୍ୟା ସମ୍ଭାର
କୋଣାର୍କ ଲିଙ୍ଗରାଜ ପୁରୀ ମନ୍ଦିର
ରାଜରାଣୀ କଳା କେତେ ସୁନ୍ଦର
ଦେଇକ ପାରିବି ତା ପଟାନ୍ତର
ସବୁ ଆମ କଳା ଗାଇ
ତାର ଶିଳ୍ପୀ କଳା ମନେ ଭାଳ ହୋଇ
ମଥା ଯାଏ ଆମ ନଇଁ।
ବିଶୁ ମହାରଣା ଧରମା କଥା
ଜାତି ଟେକ ପାଇଁ ନୂଆଁଇ ମଥା

ମନ୍ଦିର ଚୂଳରୁ ଯାଇଛି ଡେଇଁ
ପ୍ରତି ହୃଦେ ଦିଏ ତ୍ୟାଗ ଯୋଗାଇ
ସେ ତ୍ୟାଗ ଭାବନା ପାଇଁ
ତ୍ୟାଗର ପ୍ରତୀକ ମୋ ଉତ୍କଳ କଥା
ଭାବି ମଥାଯାଏ ନଇଁ।
ପାଇକ ପୁଅର ସମର ସଜ୍ଜା
ଅସୀ ରଣଶିଙ୍ଗା ମାଦଳ ବାଜା
ଶତ୍ରୁକୁ ହରାଇ ଉଡାଏ ଧ୍ୱଜା
ସବୁ ହୃଦେ ଜାଗି ବୀରତ୍ୱ ଉର୍ଜା
ଏଇ ମୋ ବୀରତ୍ୱ ଭୂଇଁ
ତା ବୀରତ୍ୱ କଥା ତ୍ୟାଗ ବଳୀଦାନ
ଭାବି ମଥା ଯାଏ ନଇଁ।
ଜାତି ପ୍ରେମ ପ୍ରାଣ ମଧୁସୂଦନ
ଗଙ୍ଗାଧର ଗୋପବନ୍ଧୁ ନନ୍ଦନ
ରାଧାନାଥ ଗଜପତି ପୂଜନ
ଭକ୍ତକବି ସେହି ମଧୁସୂଦନ
ଓଡ଼ିଶାର ପ୍ରାଣ ହୋଇ
ଭାଷା ପ୍ରେମ ପ୍ରୀତି କଥା ଭାବି ହୋଇ
ମଥା ଯାଏ ଆମ ନଇଁ।

ମୋ ଦେଶ ମାଟିର ପବିତ୍ର ଗନ୍ଧେ
ଚଣ୍ଡାଶୋକ ପ୍ରାଣେ ଧର୍ମକୁ ବାନ୍ଧେ
ତରୀ ତେଜି ଧର୍ମ ଶଙ୍ଖକୁ ଛନ୍ଦେ
ତା ପୁଣ୍ୟ ଭାବନା ହୃଦୟ ସ୍ପନ୍ଦେ
ପୁଣ୍ୟମୟ ବାର୍ତ୍ତା ବହି
ତା ପୁଣ୍ୟ ଦାନକୁ ଭାବିଲେ ସର୍ବଦା
ମଥା ଯାଏ ଆମ ନଇଁ।
ଭକ୍ତି ମୟ ମୋର ଶ୍ରୀକ୍ଷେତ୍ର ଧାମ
ବିଶ୍ୱ ଜନତାଙ୍କ ହୃଦୟେ ମର୍ମ
ବାର ମାସେ ତେର ପରବେ ନାମ
ପୂରଣ କରଇ ସବୁରି କାମ
ଭକ୍ତିମୟ ବାର୍ତ୍ତା କହି
ଏକତା ମନ୍ତ୍ର କଥା ଭାବିଦେଲେ
ମଥା ଯାଏ ଆମ ନଇଁ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରେହିଗାଁ, ଗଞ୍ଜାମ

# ଛୋଟ ମୋର ନାଆଟି



**(ଧାରାବାହିକ)**

ପ୍ରଫେସର ଅନନ୍ତା ପଣ୍ଡା

ଅଠର ବର୍ଷ ପରେ, ଅଫିସ୍‌ରେ ବସି କାମ କରୁଥିଲି । ରମେଶ ଆଣି ରାଜୀବ ମାଲହୋତ୍ରା ନାମକ ଜଣେ ଯୁବ ପତ୍ରକାରଙ୍କର ଭିଜିଟିଙ୍ଗ୍ କାର୍ଡ଼ ଟେବୁଲ୍ ଉପରେ ରଖିଲା । ଟାଇମ୍‌ସ ଗ୍ରୁପ୍‌ରେ କାମ କରନ୍ତି । ଟାଇମ୍‌ସ ଗ୍ରୁପ କହିଲେ ମୋ' ମନ ଭିତରଟା କେମିତି ତରଳଯାଏ। ୧୯୮୧ରୁ ତ ଏଇ ଗ୍ରୁପ୍ ସଂଗେ ମିଶି ମୁଁ ନେତ୍ରଦାନରେ ଏତେଟା ପ୍ରଗତି ଆଣି ପାରିଛି । ରାଜୀବଙ୍କୁ ଭିତରକୁ ଆସିବାକୁ କହି ଚାହା ପାଇଁ ଅର୍ଡ଼ର ଦେଲି ।

ଆଇ ଡୋନେସନ୍ ଫୋର୍ଟ ନାଇଟ୍, ଆଇ ବ୍ୟାଙ୍କ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ବିଷୟରେ ଆପଣଙ୍କର ଦାନ ସଂଗେ ମୁଁ ଖୁବ୍ ଭଲଭାବେ ପରିଚିତ । ଭାରତର ସ୍ୱର୍ଣ୍ଣଜୟନ୍ତୀ ପାଇଁ ଦେଶର କୋଣେ କୋଣେ ଆପଣଙ୍କ ଅବଦାନ ବିଷୟରେ ବହୁ ସମ୍ବାଦପତ୍ର ମାନଙ୍କରୁ ପଢ଼ିଛି । ଆଜି ମତେ ସାକ୍ଷାତକାର ନେବାର ସୁଯୋଗ ପ୍ରାପ୍ତ ହୋଇଛି । ରମେଶ୍ କଫି ରଖିବାରୁ କଥା ବନ୍ଦ ହେଲା ।

କଫି କପ୍‌ଟା ହାତରେ ଧରି ରାଜୀବ୍ ପୁଣି ପ୍ରଶ୍ନ କଲା, "ଆଉ କେତେଟା ଡିକ୍‌ଟିଓମା ଅପରେସନ୍ କଲେଣି ମାମ୍ । ରାଜୁ କେଶ୍ ରିପୋର୍ଟ ମୁଁ ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅପ୍‌ଥାଲମୋଲୋଜିରୁ ପଢ଼ିଛି ।

"୧୯୮୦ରୁ ମୁଁ କର୍ଣ୍ଣିଆ ଇଉନଟ୍‌କୁ ଆସି ଯାଇଛି" ରାଜୀବ କଥାରେ ସାମାନ୍ୟ ବି ଗୁରୁତ୍ୱ ନ ଦେଇ ଉତ୍ତର ଦେଲି ।

ଅର୍ଥାତ୍ ଆପଣ ସେମାନଙ୍କୁ ଭାଗ୍ୟଶାଳୀ ହେବାର ସୌଭାଗ୍ୟରୁ ବଞ୍ଚିତ କରାଉଛନ୍ତି ।

ଯୁବକଙ୍କ କଥାରେ ଚମକ ପଡ଼ି ମୁଁ ତାଙ୍କ' ମୁହଁକୁ ସିଧା ଚାହିଁଲି । ଦାମୀ ଚଷମାଟା ଆଖିରୁ ବାହାର କରି ରାଜୀବ ହାତରେ ଧରିଲା । ଡାହାଣ ଆଖିଟି କୃତ୍ରିମ । ବସିବା ସ୍ଥାନରୁ

ଉଠିପଡ଼ି ରାଜୀବ ହାତଟାକୁ ଧରି ପକାଇ କହିଲି, “ଓଃ ତୁମେ ରାଜୁ । ଆଉ ଆମ୍ ଭେରି ଭେରି ସରି । ଏତେ ବଡ଼ ହୋଇଯାଇଛ । ଚିହ୍ନି ପାରିଲିନ ।

ମୁନ୍ନୀ ଦେବୀ, ଆପଣଙ୍କର ଜଣେ ରୋଗୀ; ଯିଏ ଆପଣଙ୍କର ଆଦେଶକୁ ଅବମାନନା କରିଥିଲେ । ତାଙ୍କୁ ମନେ ଅଛି?

“ହଁ ରାଜୁ, ମୁଁ ତାଙ୍କ ପାଇଁ ବହୁ ଦୁଃଖୀତା, ସେକେଣ୍ଡାରୀ ଷ୍ଟେଜ୍‌ରେ ଆସିଥିଲେ । କେବଳ ଆଖି ନୁହେଁ, ମାଷ୍ଟ’କ୍ଟୋମୀ ମଧ୍ୟ ହୋଇଥିଲା । ମାତ୍ର ବହୁଦିନ ହେଲାଣି, ଫଲୋ ଅପ୍ ପାଇଁ ମଧ୍ୟ ଆସୁନାହାନ୍ତି । ରୋଗୀମାନଙ୍କର ଏଇ ମନୋଭାବ ମତେ ବହୁ ସମୟରେ ଖୁବ୍ କଷ୍ଟଦିଏ ରାଜୀବ । ଡାକ୍ତରମାନେ ମଧ୍ୟ ମଣିଷ । ଭଗବାନ୍ ନୁହନ୍ତି ଯେ ମିରାକଲ୍ କରିଦେବେ । ରୋଗ ଧରା ପଡ଼ିଲା ପରେ ମଧ, ଉପଚାର ପାଇଁ ଅନମୟିତ, ଔଷଧ ଖାଇବାରେ ଅନମୟିତ ।” ପ୍ରଗଲ୍ଭତା ସହ ଏକ ନିଶ୍ୱାସରେ କହି ପକାଇଲି ।

ଆଉ ସେ ଆସିବେନ ମଧ୍ୟ ।

କିଛି ନ କହି ମୁଁ ରାଜୀବର ମୁହଁକୁ ଚାହିଁଲି ।

ମୋ’ ଅପରେସନ୍ ସମୟର ସେଇ ଦୁଇ ବର୍ଷର ଝିଅ ପ୍ରତିମା । ସେ ମୁନ୍ନୀ ଦେବୀଙ୍କର ଝିଅ । ମୋ'ର ପତ୍ନୀ ମୁନ୍ନୀ ଦେବୀ ଏଇ ଇହସଂସାର ତ୍ୟାଗ କରି ଯିବାର ଦୁଇବର୍ଷ ହୋଇଗଲାଣି ।

ମୁଁ ଦୁଃଖୀତା ରାଜୁ । ଭଗବାନ୍ ତାଙ୍କର ଆତ୍ମାକୁ ସୁଖୀ ରଖନ୍ତୁ ।

ଏଇ ରୋଗୀମାନଙ୍କ ନିକଟରେ ମୁଁ ମୋ'ର କୃତଜ୍ଞତା ପ୍ରକାଶ କରୁଛି । ଏମାନଙ୍କର ଉପଚାର କେବଳ ଯେ ମୋ' ମନରେ ଅସୀମ ତୃପ୍ତି ଆଣି ଦେଇଥିଲା ତାହା ନୁହେଁ, ଖୁବ୍ କମ୍ ବୟସରୁ ମତେ ବହୁ ଅନୁଭବୀ ନେତ୍ର ବିଶେଷଜ୍ଞ ମାନଙ୍କ ଦୃଷ୍ଟି ଗୋଚରକୁ ମଧ୍ୟ ଆଣି ଦେଇଥିଲେ ।

## ଅଦୃଶ୍ୟ ଶଙ୍କାର ଅବସାନ/ଅପସାରଣ

କର୍ଣ୍ଣିଆ ସ୍ପେଶିଆଲିଟିରେ ଜଏନ୍ କରିବା ମୋ'ର ପ୍ରାଥମିକ ଅଭିଳାଷା ଥିଲା । କାରଣ ଯାହା ହେଉ ପଛକେ ମୁଁ ଗ୍ଲୁକୋମା ଏବଂ ପ୍ଲାଷ୍ଟି ଇଉନିଟ୍‌କୁ ଠେଲା ହୋଇଥିଲି । ଦୀର୍ଘ ତିନିବର୍ଷ

ସେଠାରେ କାମକରି ପ୍ରଫେସନାଲୀ ଏବଂ ସୋସିଆଲି ସମାଜରେ ବହୁ ଆଦୃତ ହୋଇଥିଲି। ସେଇଠାରେ ମୋ'ର ଦିଲ୍ଲୀ ବାହାରକୁ ଯାଇ କନ୍‌ଫରେନ୍‌ସ ମାନଙ୍କରେ ପ୍ରେଜେଣ୍ଟେସନ୍ କରିବା, ସାଇଣ୍ଟିଫିକ୍ ପେପର୍ ପବ୍ଲିଶ୍ କରିବା ଏବଂ ବିଭିନ୍ନ ଧରଣର କ୍ଲିନକାଲ୍ ପ୍ରଜେକ୍ଟ କାମ ଆରମ୍ଭ ହୋଇଥିଲା । ସେଥିପାଇଁ ଡାଃ ସୁଦ୍‌ଙ୍କର ଦାନ ମୁଁ ଜୀବନ ବ୍ୟାପୀ ଭୁଲି ପାରିବିନି ।

କନ୍‌ସଲଟାଣ୍ଟ ହୋଇ ଜଏନ୍ କରିବା ପରେ ହଠାତ୍ ଦିନେ ମୁଖ୍ୟଙ୍କର (ପ୍ରଫେସର ମଦନ ମୋହନ) ଡାକରା ଆସିଲା । ମନକୁ ଆସିଲା କିଛି ଭୁଲ କରିନି ତ! ମୁଁ ଭୁଲ୍ ଥିଲି ।

"ଆସନ୍ତା କାଲିଠାରୁ ତୁମେ କର୍ଣ୍ଣିଆ ୟୁନଟ୍‌ରେ ଜଏନ୍ କରିବ ।"

ସେତେବେଳେ ମୋ' ମନରେ ଆନନ୍ଦ କିମ୍ବା ଦୁଃଖ ଉଙ୍କି ମାରୁଥିଲା କହି ପାରିବିନି । ମତେ କିଛି କ୍ଷଣ ଚୁପ୍ ରହିବାର ଦେଖି ପୁଣି କହିଲେ, "ତୁମେ ତ ଏ ସେଣ୍ଟର୍‌ରେ ପ୍ରଥମ ଦିନରୁ କର୍ଣ୍ଣିଆରେ ଅଛ । ତୁମ ଥିସିସ୍ ତ କର୍ଣ୍ଣିଆ ଥିଲା ।"

କର୍ଣ୍ଣିଆ ଇଉନଟ୍‌ରେ କାମ କରିବାକୁ ନିଶ୍ଚିତ ଭାବେ ମୁଁ ବ୍ୟାକୁଳା ଥିଲି ସାର୍ । ମାତ୍ର ସେତେବେଳେ ମତେ ବର୍ଜିତ କରାଯାଇଥିଲା । ଏ ଦୀର୍ଘ ତିନିବର୍ଷରେ ମୁଁ ଗ୍ଲୁକୋମା ଏବଂ ପ୍ଲାଷ୍ଟି ସହିତ ସୁଦୃଢ଼ ଭାବେ ଜଡ଼ିତ ହୋଇଗଲିଣି । ବର୍ତ୍ତମାନ ସେଠାରୁ ନିଷ୍କାସିତ କରିବା ଅର୍ଥାତ୍ ମୋ'ର ଏଇ ତିନିବର୍ଷର ପରିଶ୍ରମକୁ ଜଳାଞ୍ଜଳୀ ଦେବା ।"

ଜ୍ଞାନ କେବେ ନଷ୍ଟ ହୁଏନା । ତା'ଛଡ଼ା ଗ୍ଲୁକୋମା, ପ୍ଲାଷ୍ଟି କରିବା ପାଇଁ ସମସ୍ତେ ଆଗଭର ହେବେ । କର୍ଣ୍ଣିଆ ଏବଂ ଆଇ ବ୍ୟାଙ୍କିଙ୍ଗ୍ ପାଇଁ ଧୈର୍ଯ୍ୟ ଆବଶ୍ୟକ, ଯାହା ତୁମ ପାଖରେ ଅଛି ।

ବିଶେଷ କିଛି ବାକ୍ୟ ବ୍ୟୟ ନ କରି ବିଦାୟ ନେଇଥିଲି । ସେଇ ଥିଲା ମୋ' ପାଇଁ ଆଉ ଏକ ଟର୍ନିଙ୍ଗ୍ ପଏଣ୍ଟ ।

କର୍ଣ୍ଣିଆ ଇଉନଟ୍‌ରେ ପ୍ରଫେସର ମଦନ ମୋହନଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଫ୍ୟାକଲ୍‌ଟି ନଥିଲେ । ପ୍ରଥମ ଦିନରୁ ମୁଖ୍ୟ ମୋ' ଉପରେ ଆଇ ବ୍ୟାଙ୍କିଙ୍ଗ୍ ଏବଂ କର୍ଣ୍ଣିଆ ଭାର ଛାଡ଼ି ଦେଇଥିଲେ । କେବଳକ ରାଉଣ୍ଡ ଏବଂ ଅପରେସନ୍ ପାଇଁ ସପ୍ତାହରେ ଦୁଇଦିନ ଲେଖାଏ ଆସନ୍ତି । ପ୍ରଫେସର୍‌ଙ୍କର ସର୍ଜିକାଲ ହ୍ୟାଣ୍ଡ ଅତୁଳନୀୟ (ଇଉନକ୍) । ହୁଏତ ତାହା ତାଙ୍କ

ପାଇଁ ଭଗବାନଙ୍କର ଦାନ ଥିଲା । ତାଙ୍କର ଆର୍ଟିଷ୍ଟିକ୍ ପଦ୍ଧତିର ସର୍ଜରୀ ମତେ ମୁଗ୍ଧ କରିଥିଲା । ସମସ୍ତ ସର୍ଜରୀରେ ମୁଁ ତାଙ୍କୁ ଆସିଷ୍ଟ କରୁଥିଲି । ଫ୍ୟାକଲ୍ଟି ହେବାର ଛଅମାସ ପୂର୍ଣ୍ଣ ହୋଇ ନଥିଲା ବୋଲି ମତେ ଗ୍ରୀଷ୍ମ ଛୁଟୀ ମିଳ ନ ଥିଲା । ପ୍ରଥମ କରି ଶୀତ ଛୁଟୀ । ପ୍ରଫେସର ତାଙ୍କ ଅଫିସ୍‌କୁ ମତେ ଡକାଇ ସେ ଦୁଇଟି ଯାକ ହାଫ୍ ଅର୍ଥାତ୍ ଡିସେମ୍ବର ୧୪ରୁ ୩୧ ପର୍ଯ୍ୟନ୍ତ ଛୁଟୀରେ ରହିବେ ବୋଲି ମତ ଦେଲେ । କଛି ନ ବୁଝି ମୋ'ର ଛୁଟୀ ରଦ୍ଦ କରାଇ ଦେବାକୁ ଅନୁରୋଧ କଲି । ୱାର୍ଡ଼ରେ ଗ୍ରାଫ୍‌ଟିଙ୍ଗ୍ ପାଇଁ ଅପେକ୍ଷା କରିଥିବା ରୋଗୀମାନଙ୍କୁ ଛୁଟୀ କରି ଦେବାକୁ କହିଲି । ମାତ୍ର ସେ ରାଜି ହେଲେନ । "କଛି ଅସୁବିଧା ହେବନ, ମୁଁ ଟାଉନ୍‌ରେ ରହିବି । ଆଖି ଆସିଲେ ମତେ ଖବର ଦେବ ।"

ପଚଶ ଡିସେମ୍ବର ସକାଳ ନଅଟା, ଦୁଇଟି ଖୁବ୍ ଭଲ ଡ଼ୋନେଟେଡ୍ ଆଖି ବ୍ୟାଙ୍କକୁ ଆସିଥିଲା । ପ୍ରଫେସରଙ୍କୁ ଖବର ଦେଇଥିଲି । ସାଉଥ୍ ଆମେରିକାର ଏକ ଯୁବକ ଦଶାନନ ଏବଂ ସଉଦୀର ଚେନ୍‌ଙ୍କୁ ଅପରେସନ୍ ପାଇଁ ରଖିବା ପାଇଁ ଆଦେଶ ଦେଲେ । ଗତ ରାତିରେ ଛଅଟି ଟ୍ରମା କେଶ୍ ଜେନେରାଲ୍ ଆନାସ୍ଥେସିଆରେ ଫିକ୍ସ ହୋଇଥିଲା । ତେଣୁ ଆମକୁ ସଂଧ୍ୟା ପୂର୍ବରୁ ଓଟି ମିଳବାର ଆଶା ନାହିଁ । ପ୍ରଫେସରଙ୍କୁ ଜଣାଇଥିଲି ।

"କଛି କଥା ନାହିଁ, ତୁମେ କରିଦେବ ।

ସାର୍ ମୁଁ...? ଅପ୍‌ଟିକାଲ୍ କେଶ୍... ।"

ଦିନେ ନା ଦିନେ ତ ଅପ୍‌ଟିକାଲ୍ କେଶ୍ କରିବ । ଗତ ଆଠମାସ ଧରି ମୋ' କରିବା ଦେଖୁଛ । ତେବେ ଅସୁବିଧା ରହିଲା କେଉଁଠି, ତା ଛଡା ସେ ଦୁହେଁ ତ ତୁମେ ପରୀକ୍ଷା କରିଥିବା ରୋଗୀ ।

ମୁଁ ଏତେ ହଡ଼ବଡ଼େଇ ଗଲି ଯେ ମତେ ସାନ୍ତ୍ୱନା ଦେବା ସ୍ୱରରେ କହିଲେ, "ବର୍ତ୍ତମାନ ମାତ୍ର ଦଶଟା ବାଜିଛି । ଆହୁରି ଦଶ ଘଣ୍ଟା ବାକ । ତୁମେ ନଜକୁ ଦୃଢ଼ କର । ସଂଧ୍ୟା ସାତଟା ପର୍ଯ୍ୟନ୍ତ ସାହସ ନ ଆସିଲେ ମତେ ଫୋନ କରିବ । ବସ୍‌ଙ୍କ ଆଦେଶ ଅନୁସାରେ ମନକୁ ଯେତେ ଦୃଢ଼ କରୁଥିଲେ ବି କେଉଁଠି ନା କେଉଁଠି ଟିକଏ ଖଟ୍‌କା ରହୁଥିଲା ।

ସଂଧ୍ୟା ସାତଟା। ବସ୍‌ଙ୍କ ପାଖକୁ ଫୋନ୍ ବୁଲାଇଲି । ଖବର ପାଇଲି ସେ କେଉଁ ଏକ ଜରୁରୀ ମିଟିଂରେ ଯାଇଛନ୍ତି । ଦୁଇଟି ଯାକ ସର୍ଜରୀ ମତେ କରିବାକୁ ହେବ । କାଲି

ପର୍ଯ୍ୟନ୍ତ ଆଖି ଖରାପ ହୋଇଯିବ । ଭୟରେ ମୋ' ସଂପୂର୍ଣ୍ଣ ଶରୀର କାଲୁଆ ମାରିଗଲା । କ'ଣ କରାଯାଇ ପାରେ ।

ଭାରତରେ ସେତେବେଳେ ପ୍ରିଜର୍‌ଭେଟିଭ୍ ମିଡ଼ିଆ ପ୍ରାପ୍ତ ହେଉ ନ ଥିଲା । ମନକୁ ମନ ସ୍ଥିର

କରିନେଲି ଆସନ୍ତା କାଲି ଡା.ଗୁପ୍ତାଙ୍କ ସଂଗେ ପରାମର୍ଶ କରି ଆମେ ଏମ୍.କେ. ମିଡ଼ିଆ ତିଆରି କରିବାର ବ୍ୟବସ୍ଥା କରିବୁ । ପ୍ରକୃତିସ୍ଥ ହୋଇ ପୁଣି ଚନ୍ତା କଲି, ସେ ତ ଭବିଷ୍ୟତର ଯୋଜନା । ବର୍ତ୍ତମାନ କ'ଣ କରାଯାଇପାରେ! ଦମ୍ଭ ଧରି ଦୁଇଟିଯାକ ସର୍ଜରୀ ଶେଷ କଲି । ରାତିଟା କେମିତି ବିତିଲା ମୁଁ କହିପାରିବିନ । ସକାଳେ ଦୁଇଟିଯାକ ରୋଗୀଙ୍କୁ ପରୀକ୍ଷା ରୁମ୍‌ରେ ପରୀକ୍ଷା କରୁଥିଲି ।

"ଗୁଡ୍..."

ଧଡ଼୍ କରି ଉଠି ପଡ଼ିଲି । ପ୍ରଫେସର ମଦନ ମୋହନ ଛିଡ଼ା ହୋଇଥିଲେ ।

ମୁଁ ଉଠିଯିବା ପରେ ସେ ନିଜେ ଦୁହିଁଙ୍କୁ ପରୀକ୍ଷା କଲେ ।

ଗ୍ରେଟ୍ ଜବ୍, ମୋ'ର ଏଇ ବିଶ୍ୱାସ ଥିଲା ।

ଆମେ ଏମ୍.କେ. ମିଡ଼ିଆ ତିଆରି କରି ପାରନ୍ତେନ ସାର୍ । ତିନ ଚାରି ଦିନ ଆମେ ସେଥିରେ ଡୋନର୍ କର୍ଣ୍ଣିଆ ରଖି ପାରନ୍ତେ ।

ହଁ ଡାଃ ଗୁପ୍ତାଙ୍କୁ ମୁଁ ସେ ବିଷୟରେ କହିଛି । ମନେ ହୁଏ ଖୁବ୍ ଶୀଘ୍ର ଆମେ କାର୍ଯ୍ୟକାରୀ ହୋଇ ପାରିବା । ହେଲେ ସେଥିପାଇଁ ତୁମକୁ ପରିଶ୍ରମ କରିବାକୁ ହେବ ।

ସତକୁ ସତ ୧୯୮୨ରେ ଆମେ ଏମ୍.କେ. ମିଡ଼ିଆ (ପ୍ରିଜରଭେଟିଭ୍) ତିଆରି କରିବାରେ କୃତକାର୍ଯ୍ୟ ହୋଇଥିଲୁ । ମାତ୍ର ବ୍ୟବହାର କରିବା ପାଇଁ ଆହୁରି କେତେ ବର୍ଷ ଲାଗି ଯାଇଥିଲା । ତେଣୁ ପ୍ରାୟ ସବୁଦିନ ୨ଟି ସର୍ଜରୀ (କର୍ଣ୍ଣିଆ ଗ୍ରାଫ୍‌ଟିଙ୍ଗ୍) କରୁଥିଲି ।

ବଦଳରେ ପ୍ରଫେସର ମଦନ ମୋହନ ଏବଂ ଅନ୍ୟ ଫ୍ୟାକଲ୍‌ଟି ମାନଙ୍କ ଠାରୁ ବାହା ବା ମଧ ପ୍ରାପ୍ତ ହେଉଥିଲା, ସେଦିନ ଛଅଟି କର୍ଣ୍ଣିଆ ଆସିଥିଲା । ଜେନେରାଲ୍ ଆନାସ୍ଥେସିଆ ପାଇଁ ଆନାସ୍ଥେଟିଷ୍ଟ ନ ଥିଲେ । ତେଣୁ ପାଞ୍ଚଟି ସର୍ଜରୀ ଲୋକାଲ ଆନାସ୍ଥେସିଆରେ କରି ଅନ୍ୟଟିକୁ ପରଦିନ ରୁଟିନ୍ ଓଟିରେ କରିବା ପାଇଁ ରଖିଲି । ତହିଁ ଆରଦିନ ସମସ୍ତ ସର୍ଜରୀ

ଶେଷ କରି ତିନଟା ବେଳକୁ ପୂର୍ବଦିନର ପାଞ୍ଚଜଣ ରୋଗୀଙ୍କୁ ପରୀକ୍ଷା କଲି । ମୋ'ର ଆଶ୍ଚର୍ଯ୍ୟର ସୀମା ରହିଲାନ । ଖୁବ୍ ହତୋତ୍ସାହ ହୋଇଉଠିଲି । ପାଞ୍ଚ ଜଣଙ୍କ ପାଇଁ ଓଟି ବ୍ୟବସ୍ଥା କରିବାକୁ ।

ଆସିଷ୍ଟାଣ୍ଟ ଡକ୍ଟରକୁ କହିଲି "କ'ଣ ହୋଇଛି ବୋଲି ସେ ମଧ୍ୟ ବ୍ୟସ୍ତ ହୋଇ ପଡିଲା।"

ଇନ୍‌ଫେକସନ୍ ତ ନୁହେଁ ମ୍ୟାଡ଼ାମ୍ ।

ନାଁ, ମାତ୍ର ପାଞ୍ଚଟି ଯାକଙ୍କର ଫ୍ଲାଟ୍ ଏସି । ସମସ୍ତଙ୍କର ଗ୍ରାଫ୍ଟରୁ ଲାଇ ଗୁଡିକ ପ୍ରାୟ ଖୋଲି ଯାଇଛି । ଯେମିତିକି କିଏ କାଟି ଦେଇଛି । ଆମ ଦୁହିଙ୍କର ବ୍ୟାସ୍ତତା ଦେଖି ମୋ'ର ସବୁଠାରୁ ପୁରୁଣା ରୋଗୀଟି ପ୍ରଶ୍ନକଲା, "ସବୁ ଠିକ୍ ଅଛି ତ? ବହୁ ଆଶା ନେଇ ଆମେ ଆସିଛୁ" ।

ସର୍ବନାଶ... ନିଜ ଅଜାଣତରେ ସୁଦିପ୍ତୋ କହି ପକାଇଲା ।

ହଁ, ମା', ସେ ଡାକ୍ତରବାବୁ ମଧ୍ୟ ସେଇକଥା କହୁଥିଲେ ।

ଡ଼ାକ୍ତର ବାବୁ! କେଉଁ ଡାକ୍ତର ବାବୁ?

ବାରଟାରେ ଜଣେ ଡାକ୍ତର ବାବୁ ଆସି ଆମମାନଙ୍କର ପଟି ଏଇଠି ଖୋଲିଲେ ।ଆଖିରେ କ'ଣ କିଛି ଓଷଧ ପକାଇ ଏଇ ମେସିନ୍ ଆଗରେ ବସାଇ ଛୁଞ୍ଚୀରେ କ'ଣ କରି

ଆଉଥରେ ପଟି କରି ଦେଇଥିଲେ । ଆମ ମାନଙ୍କର ଆଖି ଠିକ୍ ହୋଇଯିବ ତ ମା'!

ହଁ, ମାତ୍ର ଏବେ ଆଉଥରେ ତୁମମାନଙ୍କୁ ଓଟି ଯିବାକୁ ହେବ ।

ଏମିତି ଏକ ଅନୈତିକ ପଦକ୍ଷେପ କିଏ ଏବଂ କାହିଁକି ନେଇଥିଲା ତାହା ଆଜି ମଧ୍ୟ' ନିକଟରେ କମ୍ବଦନ୍ତୀ ସଦୃଶ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମଣିଷ ଯାଇନ ହାରି



ଅନାମ ଚରଣ ସାହୁ

ଶୁଣ ମୁନା, ମୁନୀ ଅଳି କରିବାନି
ଯିବାକୁ ବାହାର ବୁଲି
କରୋନା ମାତିଛି ଦୁଃଖ ଦେଉଅଛି
ଜଳୁନି ଗରିବ ଚୁଲି ।
ଗୃକରୀ ଯାଇଛି ଗୃଷ ଉଜୁଡିଛି
ବଢ଼ିଛି ସଂସାର ବୋଝ
ତୁମ ପାଠପଢ଼ା ହେଲାଣି ଉଜୁଡା
ବିଗିଡିଛି ମୁହଁ ସଜ ।
ସାଇ-ପଡିଶାର ବନ୍ଧୁ ସହୋଦର
ଫେରିଲେଣି ବିଦେଶରୁ
କଏ ଜାଣେ କାହା ଦେହରେ କରୋନା
ଗୋଡ଼ କାଢନାହିଁ ଘରୁ ।
ସମୟ ସାଥିରେ ଚଳବା ଆମେରେ
ମନରେ ସାହସ ଧରି
ଅନେକ ବିପତ୍ତି ଦୂରେ ଯାଇଅଛି
ମଣିଷ ଯାଇନ ହାରି ।
ନିଜ ସ୍ୱାସ୍ଥ୍ୟ ନିଜେ ଯତନ କରିଲେ
ରୋଗ ନ ମାଡିବ ପାଶ
ବିଜ୍ଞାନୀ ମଣିଷ କରି ଓଉଷଧ
ଫେରାଇ ଆଣିବ ହସ ।

ବିଭୂତିପୁର, କାକଟପୁର, ପୁରୀ

# ଗରିବ ଘରେ ବର୍ଷା



ପ୍ରଶାନ୍ତ କୁମାର ନାଥ

ଖୁବ ଜୋରରେ ବର୍ଷା
ମଝିରେ ମଝିରେ ଗର୍ଜନ କରି
ମାଡି ଆସୁଛି ଘଡଘଡି ।
ଘ୍ରଳରୁ ଅବିରତ ପାଣି
ଗଡିବାରେ ଲ୍ଗିଛି ।
ଗ୍ରସ୍ତାଘାଟ ସବୁ
କାଦୁଅ ଚପର ଚପର
ନଇ ନାଳ ସବୁ
ଉଛୁଳ ପଡ଼ିଲ୍ଣି ।
ପଛପଟ ମାଟି କାନ୍ଥ
ପଡି ଘ୍ରଳ ତଳେ ଲ୍ଗିଲ୍ଣି ।
ଅମାନିଆ ପବନଟା ମଝିରୁ ମଝିରୁ
ଛଣ ଉଡେଇ ନେଇଛିଯେ
ଘର ଭିତରେ ବର୍ଷା ।
ଯୁଆଡେ ଦେଖିବ
ବଲତି, ମାଡ଼ିଆ, କଂସା
ଥୁଆ ହୋଇଛି।

ଚୁଲିରେ ପାଣି ପଶି ଯାଇଛି
ରୋଷେଇବାସ ସବୁ ବନ୍ଦ
ଆଖିର ଲୁହ ସବୁ ବୋହି
ବର୍ଷା ଜଳ ସହ ମିଶି
କୁଆଡେ ମିଳେଇ ଯାଉଛି ।
ସତେ ଯେମିତି ବର୍ଷାଟି
ଦାଉ ସାଜିଛି ଏହି ଗରିବ ଉପରେ ।

ବାଙ୍ଗାଲୋର

# କେତେ ସୁମଧୁର



ଆଶିଷ ଜ୍ୟୋତିଷ

କେତେ ସୁମଧୁର ପକୃତି ଟି
ଶସ୍ୟ ଭର୍ା ସ୍ୟାମଳ
କେତେ ସୁମଧୁର ପରିବାର ରହୁ
ଥିଲେ ଏକ ହୋଇ ମେଳ।
କେତେ ସୁମଧୁର ସେ ବୋଉ ଡାକ
ପ୍ରାଣ ଧନ ବିଶିକେଶନ
କେତେ ସୁମଧୁର ଖର୍ା ଦିନ
ସେଇ ନଇକୂଳ ପବନ ।
କେତେ ସୁମଧୁର ଅଜା ଆଇ
ବଙ୍କାଳଆ କଥାଟି
କେତେ ସୁମଧୁର କଥା ସଂଗେ
ଥିଲେ ପୁଣି ଲଥାଟି ।
କେତେ ସୁମଧୁର ଅଶିଣର
ବିନ୍ଦୁ ବିନ୍ଦୁ କାକର ଜଳ
କେତେ ସୁମଧୁର ପୁଷ ଖର୍ା
ଆସେ ଯେବେ ସକାଳ।

କେତେ ସୁମଧୁର ପରିବେଶ
ହୋଇ ଥିଲେ ସୁତର୍ା
କେତେ ସୁମଧୁର ସାଙ୍ଗ ସାଥି
ଦେଖି ଗଲେ ଯାତର୍ା ।
କେତେ ସୁମଧୁର ପରୀକ୍ଷାରେ
ହୋଇଥିଲେ ପ୍ରଥମ
କେତେ ସୁମଧୁର ଦେଶ ଦଶ
ପାଇଁ ଦେଲେ ବଳଦାନ।

ଯୁବାଖୋଲ, କଟାବାହାଲ ଗାଇସିଲେଟ୍
ବରଗଡ

# ଅଦିନର ମେଘ



ପ୍ରୀୟଙ୍କା ମାଝି

ଶରତ ଋତୁ, କଳା ମେଘ ଢ଼ାଙ୍କି ଦେଇଥାଏ ନୀଳ ନଭକୁ । ଯେପରି ଢାଙ୍କିଥାଏ ମାଁ ତା' ଶିଶୁକୁ ତାର ଭିଜା ପଣତରେ। ପରିବେଶଟି ଅନ୍ଧକାରରେ ଆଚ୍ଛନ୍ନ, ତଥାପି ମୁଁ ଗ୍ଲଲିଥାଏ ମୋ ଲକ୍ଷ୍ୟ ପଥରେ ପଥିକ ଟିଏ ହୋଇ । ପବନ ମଧ ମୋ ପଥରେ କପଟୀ ସାଜିଲ୍। ତଥାପି ମୁଁ ଅନବରତ ଆଗକୁ ମାଡି ଗ୍ଲଲିଥାଏ, ଦ୍ରୁତଗାମୀ ଇଞ୍ଜିନ୍ ରେଳ ପରି । ବୋଧେ କଳା ମେଘ ମଧ ମତେ ଦେଖି ଘୃଣାକଲ୍! ଖସିଆସିଲ୍ ଉତକ୍ଷିପ୍ତ ଉଲକା ପିଣ୍ଡ ପରି। ମୋ ଶରୀରକୁ ଭିଜେଇବାକୁ ଅବିରତ ଚେଷ୍ଟା କଲ୍, ଭିଜେଇଲ୍ ସତ । କନ୍ତୁ ମତେ ଓଦା କରିପାରିଲ୍ ନାହିଁ । ମୁଁ ଆଗକୁ ମାଡି ଗ୍ଲଲିଥାଏ, ମେଘ ମୁକ୍ତ ଆକାଶରେ ସୂକ୍ଷ୍ମ କୀଟ ଟିଏ ପରି । ମେଘକୁ ତାସ୍ଚଲ୍ୟ କରି,,,,,, ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,
ଅମୃତବିହାର,ସମ୍ବଲପୁର

# ଆତଙ୍କବାଦୀ.......



ଅନଙ୍ଗ ମଞ୍ଜରୀ

ସବୁ ଦିନ କାମ ସାରି ଘରକୁ ଫେରେ ରଘୁ। ହାତ ମୁଁହ ଧୋଇ ଧାଇ ଭଗବାନ କ ଆଗରେ ଦିୟା ଲଗାଇ ମା କୁ ପଚାରେ ମା କିଛି ଆସିବାର ଅଛି କ? ମା କହେ ନାହିଁ ତୁ କଣ ସବୁବେଳେ ସବୁ କାମ କରୁ ଥିବୁ| କିଛି ତ ଜୀମେଦାରୀ ସାନ ଭାଇ କୁ ଦେ। ରଘୁ ହସି କରି କହି ଦିଏ ହିଁ ତୁ ତ ତାକୁ ମୁଁହ ଦେଇଛୁ । ସେ କେତେ ଦିନ ଏପରି ମନମାନ କରିବ। ସମୟ ସହିତ ବଦଳ ଯିବ।

ମା କହେ ନାହିଁ ରେ ମୁଁହ କଣ ଦେବି । ମୋ କଥା ସେ ଶୁଣି କ ନଶୁଣିଲା ପରି ମନମର୍ଜୀ କାମ କରୁଛି। କେବେ ବି କିଛି କହୁ ନାହିଁ। ରଘୁ ପଚାରିଲା ମା ବେଳେ ବେଳେ ପଇସା ସିଏ ଯୋଉ ମୋଟା ଆକାରରେ ଦେଉଛି କୋଉଠୁ ଆଣୁଛି? ମା କହିଲେ ସତରେ ମୁଁ ବି ଆଶ୍ଚର୍ଯ୍ୟ ହୋଇ ତାକୁ ଥରେ ପଚାରି ଥିଲି । ମତେ ଜବାବ ଦେଲା ତୁ ଆମ୍ବ ଖାଇବା ଲୋକ ଟାକୁଆ କାହିଁ ଗଣୁଚୁ। ମୁଁ ଆଉ କିଛି କହିଲି ନାହିଁ । ଏହା କହି ମା ରଘୁ କୁ ଚା କପ୍ ଟି ବଢାଇ ଦେଇ କହିଲା - ନେ ତୁ ଚା ପିଇ। ଏହି ସମୟରେ ପୋଲିସ୍ ଗାଡି ର ହର୍ଣ୍ଣ ସୁଭାଗଲା । ଘର ଭିତରକୁ ପୋଲିସ ପଶି ଆସିଲେ । ମା ପୋଲିସ କୁ ଘରେ ପଶି ଯିବାର ଦେଖି ଡରିଗଲେ । ଜୀବନରେ କେବେ ଘର ଆଗରେ ଏପରି ପୋଲିସ ଆସିବା ହେଇନ । ଜୀବନ ବିତାଇ ଦେଇଥିଲେ ଜଣେ ଆଦର୍ଶ ଶିକ୍ଷକ ଙ୍କ ପତ୍ନୀ ରୂପରେ ନିଜକୁ ଜଣେ ଶୋଭାଗ୍ୟ ଶାଳୀ ମା ରୂପରେ କଳ୍ପନା ରେ ଥିଲେ। ପୋଲିସ୍ ବାବୁ ପଚାରିଲେ ମାଉସୀ ସାନ ପୁଅ ରଜତ କୁଆଡେ । ମାଉସୀ କହିଲେ ଦୁଇ ଦିନରୁ ଘରକୁ ହିଁ ଆସୁନାହିଁ। ପୋଲିସ କହିଲେ ମାଉସି ତାକୁ କହିବେ ପୋଲସ ଷ୍ଟେସନ ଆସିଯିବ ଚୁପ୍ ଚାପ୍, ନାହିଁ ତ ତୁମେ ବନ୍ଧା ହୋଇ ଯିବ। ମା ର ମନକୁ ବଡ଼ ବାଧିଲା । ଜୀବନରେ କେବେ ପୋଲିସ କଣ ଜାଣିନଥିଲା? ଆଉ ଏପରି ଘରକୁ ଆସିବା ମା କୁ ହଲଚଲ କରିଦେଲା । ରଘୁ ବଜାର ଚାଲି ଯାଇଥିଲା ତାକୁ ଏ ବିଷୟରେ କିଛି ଜଣା ନଥିଲା । ଘରକୁ ଆସି ମା ଖାଇବାକୁ ଦେଲା । ରଘୁ ଖାଇ

ଦେଇ ଶୋଇବାକୁ ବାହାରିଲା ଓ କହିଲା, ମା ତୁ ଖାଇଦେ। ରଜତ ଆସିଲେ ମୁଁ କବାଟ ଖୋଲି ଦେବି। ମା କହିଲେ ହୋଇ ତୁ ଯା ଦୁଇ ଦିନ ହେଲା ଛୁଆଟା କାହିଁ ଆସିନ । ସେ ଆଜି ଆସୁ ମୁଁ ତା କଥା ବୁଝି ଶୋଇବି।

ମନରେ ଘୁରି ହେଉଛି ପୋଲିସ ର କଥା। ମା ଭିତରର ରାଗକୁ ରଘୁ ବୁଝି ପାରିଲା ନାହିଁ ଚାଲିଗଲା ଶୋଇବାକୁ। ଅଧ ରାତିକୁ ରଜତ ଆସି ମା ର ହାତକୁ ଏକ ନୋଟ ର ବିଡା ବଢାଇ ଦେଲା । ମା ଦେଖି ନଦେଖିଲା ପରି ଚାଲିଗଲା । ଖାଇବାକୁ ଆଣି ଦେଲା। ନୋଟ ର ବିଡା ସେଇଠି ସେମିତି ପଡିଥାଏ । ରଜତ ଖାଇ ଶୋଇପଡ଼ିଲା । ମା ର ମନ ପୋଲିସ କହିଯାଇଥିବା କଥା କୁ ଭୁଲି ପାରୁନଥିଲା । ପୁଅର ଶୋଇବା ଦେଖି ମା ତା ପାଖକୁ ଆସି ଦେଖିଲା ଘୋର ନିଦରେ ଶୋଇଛି । ମା କିଛି ସମୟ ଦେଖି ତା ପକେଟ୍ ରେ ହାତ ଡାଲି ଦେଖିଲେ କଣ ଗୋଟେ କାଠି ପରି ଲାଗୁଛି । ବାହାରି କରି ଆଣିଲା ମା ଆଉ ସେଇ କାଠି ରେ ଧନା ଧନ ପୁଅ ର ଛାତିରେ ଚଳାଇ ନେଲା ଏକ ଶବ୍ଦ ର ଧ୍ୱନୀ। ରଘୁ ର ନିଦ ଭାଙ୍ଗି ଗଲା ଆସି ଦେଖେ ରକ୍ତ ଲହୁ ଲୁହାନ୍ତ ହୋଇ ପଡ଼ିଛି ।କଣ କଲୁ ମା ପ୍ରଶ୍ନ କରିଛି **?**

ମା କହିଲା ଆଜି ଗୋଟେ ଆତଙ୍କବାଦୀକୁ ମୁଁ ମାରିଛି। ମୁଁ ସରକାରକୁ ଏବେ ଗର୍ବର ସହ କହିପାରିବି ସେ ମୋର ପୁଅ ନୁହେଁ । ଏ ଦେଶ ଆଉ ସମାଜ ପାଇଁ ଏକ କଳଙ୍କ **......**

ହାଇଦରାବାଦ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆସିଛି ରଜ



ଜଗଦୀଶ ସାହୁ

ଆସିଛି ରଜ ହୋଇବା ସଜ
କରିବା ଖୁସି ମଜା
ଘରେ ରହିବା ଗପ ଶୁଣିବା
କହିବେ ଆମ ଅଜା ।୦ ।
ସାଙ୍ଗ ମେଳରେ ଦୋଳ ଖେଳରେ
ଦୂରତା ରଖିଥିବା
ଘରକୁ ଫେରି ସାବୁନ ମାରି
ହାତକୁ ଧୋଇଦେବା ।୧ ।
ମାକ୍ସ ପିନ୍ଧିବା କଥା ମାନବା
ଜୀବନ ଉଲ୍ୟବାନ
ହସ ଖୁସିରେ ଲୁଡୁ ପାଳରେ
ଖାଇବା ଖିଲିପାନ ।୨ ।
ରଜର ପିଠା ଆହାଃକ ମିଠା
ବାସଆ ଭରି ଭଲ
ଦାନ୍ତ ଦେଖେଇ ଖାଉଛି ଆଈ
ନାତୁଣୀ ହୁଏ ଗେଲ ।୩ ।
ଓଡିଆ ଜାତି ମହାନ ଅତି
ଆମରି ପରମ୍ପରା
ଆମେ ପାଳବା ଗର୍ବ କରିବା
ହସିବ ଏଇ ଧରା ।୪ ।

ସଞ୍ଜପଡା, ହିନ୍ଦୋଳ, ଢେଙ୍କାନାଳ

# ସୈନକ ମୁଁ ସୀମାନ୍ତ ଯୋଦ୍ଧା

ନଲେଶ କୁମାର ଭୋଇ

ସୈନକ ମୁଁ ସୀମାନ୍ତ ଯୋଦ୍ଧା ଯେ' ତିନପଥରେ ଅଟଇ ।
ଦେଶମାତୃକାର ସେବାରେ ନଜ
ଜୀବନ କୁ ବାଜି ମୁଁ ଲଗାଇ ॥
ସ୍ଥଳ, ଆମ୍ବର, ଅମ୍ବୁ ପଥରେ
ଜଗି ରହିଥାଏ ନଶିଦିନ ।
ବର୍ଷା, ଶୀତ, ଆଦିତ୍ୟ କରଣ
ଯେ'ମୋ ପାଇଁ ସବୁ ସମାନ ॥
ଅନ୍ତରୀକ୍ଷ'ରେ ଯୁଦ୍ଧାସ୍ତ୍ର ପ୍ରେରଣ
କରେ ସାଜି ଅଭିନନ୍ଦନ ।
ଶତ୍ରୁ ଦେଶେ ମୁଁ , ଯେ' ଜୟଗାନ
ମନ୍ତ୍ର କରେ, ରଡ଼ ସ୍ତନତ ଗର୍ଜନ ॥
ରକ୍ତର ଭଣ୍ଡାର ସାଗ୍ଦୁନଆଁରେ
ଅଛି ଲୋତକ ଭଣ୍ଡାର, ଯେ ନାହିଁ ।
ବୀର ଶହୀଦ'ର ମାଁ,ନେତ୍ରୁ ସେହି ଲୁହ କଏ ପୋଛିବା ପାଇଁ ନାହିଁ ॥
ଭାରତୀୟ ଆମେ, ତ୍ରିରଙ୍ଗା ପତକା
ଆମରି ବିରତ୍ୱର ଜାତୀୟ, ବାନା ।
ସାଗର, ଉର୍ମି ପରି ହୃଦୟ ଆମର
ଶତ୍ରୁ ଦେଶେଉଡ଼େ ତାର ଚହ୍ନା ॥
ଜୟ ଯବାନ, ଜୟ କଷାନ ଏହି
ଆମରି ପବିତ୍ର ଭାରତ ଭୂମି ॥
ତାହାରି ସେବାରେ ପ୍ରାଣ ବଳ ଦେବା
ତା'ସରି କଏ ଏହି ମର୍ତ୍ତ୍ୟରେ ନାହିଁ ॥

କଟ୍ ବିଶ୍ୱବିଦ୍ୟାଳୟ ଛାତ୍ର (ବିଜ୍ଞାନ ବିଭାଗ )

# ଉପଶମକାରୀ ବ୍ୟଥା



ଶରତ କୁମାର ନାଏକ

ଦିନ ସିନା କଟିଯାଏ
କାର୍ଯ୍ୟର ଦାସତ୍ୱ ବୋହି,
ହେଲେ ରାତି ପହଞ୍ଚିଯାଏ
ଢେର୍ ସାରା ନୀରବତା ଓ
ପୁଞ୍ଜାଏ ସ୍ମୃତି ନେଇ ।

ହୃଦୟ ମୋ ପାଲଟିଯାଏ
ସମର ପ୍ରାଙ୍ଗଣ,
ଯୁଦ୍ଧ ହୁଏ ସ୍ୱପ୍ନ ଓ ବାସ୍ତବ ମଧ୍ୟେ
କଟା ଘା ରେ କରେ
ଲବଣ ଲେପନ ।

କ୍ଷଣକ ପାଇଁ ହୁଏ
ଜୋଛନା ବି ନଖୋଜ
ଚନ୍ଦ୍ର ବି ଅସ୍ଥିର,
ମୃଦୁ ମଳୟ ବି ଅଚଞ୍ଚଳ
ପୁଣି ସାଗର ବକ୍ଷ
ତରଙ୍ଗ ଶୂନ୍ୟ ଜଳ ।

ଏହି ପ୍ରଭାବରେ ନୟନ ଏବଂ ଓଠ
ହୋଇଯାଏ ସିକ୍ତ
ଲହରେଇ ଆସେ ଲୁହର ଝରଣା,
ଖଣ୍ଡ ଖଣ୍ଡ ତାଜା ରକ୍ତ ପଡେ ଝରି
ପାଇବାକୁ ପୁରୁଣା ଠିକଣା ।

ଜରାଜୀର୍ଣ୍ଣ ଆଜି ଏ ହୃଦୟ
ନିଃଶବ୍ଦେ କହିଯାଏ
ନଆରା କଥା,
ଦରଦୀ ବନ୍ଧୁ ଦେଲା ଦରଦ
ଲାଗେ ମୋତେ ଉପଶମକାରୀ ବ୍ୟଥା ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ,
ଭବାନୀପାଟଣା

# ଅନ୍ଧ ବିଶ୍ୱାସ



ମନୋଜ କୁମାର ବେହେରା

ଡ. ପ୍ରିୟଙ୍କା କାମସାରି ସନ୍ଧ୍ୟାବେଳେ ଘରକୁ ଫେରିଲେ, ସିଧା ଆସି ସୋଫାରେ ମୁହଁ ମାଡି ଟିକେ ଶୋଇ ପଡିଲେ । ଆଜି ଡାକ୍ତରଖାନାରେ ବହୁତ କାମ ଥିଲା । ଦିନସାରା ରୋଗୀଙ୍କର ଲମ୍ବା ଧାଡି ଲାଗିଥିଲା । ଆଉ ସମୟର ମଧ୍ୟ ଧ୍ୟାନ ରହିଲା ନାହିଁ । କିଛିଦିନ ତଳେ ସେ ବଦଳି ହୋଇ ଆସିଥିଲା ଏହି ଛୋଟ ସହରକୁ ଆସିଥିଲା । ଘରର କାମ କରିବା ପାଇଁ ସେ ଗୋଟେ ଗୃହକାରିଣୀ କୁ ରଖିଲା । ଆଉ ତା'ର ନାଁ ଥିଲା ସୋନା । ତା'ର ଗୋଟିଏ ତିନି ବର୍ଷର ଛୁଆ ଥିଲା । ପ୍ରାୟ ସେ ତା' ଝିଅକୁ ସାଙ୍ଗରେ ଧରି କାମକୁ ଆସୁଥିଲା ।

ସୋଫାରେ ଗୁଡୁଥିଲା ବେଳେ ସେ ଡାକଲେ, ସୋନା ଦିଦି ଗୋଟେ କପ୍ ଚାହା ଆଣିବ ? ସେ ଭିତରୁ କହିଲା ହଁ ମ୍ୟାଡାମ୍ ଆଣୁଛି ଭିତରୁ କହିଲା ସୋନା । ଚାହା ଆଣି ମ୍ୟାଡାମଙ୍କୁ ଦେଲା ଆଉ କହିଲା ମ୍ୟାଡାମ୍ ମୋର ହଜାରେ ଟଙ୍କା ଦରକାର । କାଲିଠୁ ଝିଅର ଦେହ ବହୁତ ଖରାପ ଅଛି ତାକୁ ମୁଁ ଭଉଣୀ ପାଖରେ ଛାଡି କରି ଆସିଛି ।

ଡ. ପ୍ରିୟଙ୍କା ଟିକେ ଶୁଣି ଚିନ୍ତା କଲେ, ମୁଁ ତ ଏବେ ଆସିଛି ଆଉ ଇଏ କଣ ମୋତେ ଆସି ପଇସା ମାଗିଲାଣି । ଘରର ପାଖରେ ଆଉ ଗୋଟିଏ ଗୃହକାରିଣୀ ଥିଲା ତା ନାଁ ହେଲା ଲୋନା। ତା'ର ଲକ୍ଷଣ କିଛି ଭଲ ନଥିଲା । ମୁଁ ଭାବିଲି କାଳେ ତା'ର ଏ ବୁଦ୍ଧି ହୋଇଥିବ । ମାଡ୍ୟାମ୍ ତା' ବାପା କହୁଥିଲେ ଗାଁରେ ଜଣେ ଭଲ ବାବା ଅଛନ୍ତି ସେ ବହୁତ ଲୋକଙ୍କର ରୋଗକୁ ଠିକ୍ କରି ଦେଇଛନ୍ତି । ତେଣୁ ମୋତେ ଗାଁକୁ ଟିକେ ଯିବାକୁ ପଡିବ । ମୋର ପଇସା ଦରକାର ମ୍ୟାଡାମ୍ ଦେଲେ ଆପଣଙ୍କର ଭଗବାନ ମଙ୍ଗଳ କରିବେ ଗୋଟିଏ ନିଶ୍ୱାସରେ ସୋନା କହିଦେଲା । ପେଶାରେ ତ. ଡାକ୍ତର ପ୍ରିୟଙ୍କା । ସେ ସୋନାକୁ କହିଲେ, ଆଜିକାଲି ଏ ବାବାଙ୍କ ଚକ୍କରରେ ତୁ ପଡନା । ମୁଁ ଡ. ଭାଗିରଥୀଙ୍କୁ ଭଲ ଭାବରେ ଜାଣିଛି ସେ ଭଲ ଛୁଆଙ୍କ ଡାକ୍ତର । ତୁ ଗଲାବେଳେ ମୋଠୁ ପଇସା ଆଉ ତାଙ୍କ ଠିକଣା ମନେ କରି

ନେଇ କରି ଯିବୁ । ସେ ମ୍ୟାଡାମ୍‌ଙ୍କୁ କହିଲା, ମୁଁ ଏହି ବିଷୟରେ ମୋ ସ୍ୱାମୀ, ଭଉଣୀ ସହିତ କଥା ହେବି । ତା'ପରେ ସେ ପଇସା, ଠିକଣା ନେଇ କରି ପଳେଇ ଆସିଲା ନିଜ ଘରକୁ ।

ସେ ଆସି ତା' ଘରେ ସବୁ କହିଲା । ହେଲେ ତା' କଥାକୁ କେହି ଶୁଣିଲେନ ।

ଦୁଇ ରୁ ତିନ ବିତିଗଲା, ହେଲେ ସୋନା ର କିଛି ଖବର ନଥିଲା । ମ୍ୟାଡାମ୍ ଟିକେ ବ୍ୟସ୍ତ ହେଉଥିଲେ । ତା' ପରଦିନ ଫୋନ୍ ଆସିଲା ସୋନାର । ଫୋନ୍ ମ୍ୟାଡାମ୍ ଉଠେଇଲେ ସେପଟୁ ସୋନା କହିଲା, ମ୍ୟାଡାମ୍ ମୁଁ ସମସ୍ତଙ୍କୁ ବୁଝେଇଥିଲି କିନ୍ତୁ ମୋ କଥା କେହି ଶୁଣିଲେନ । ତା' ବାପା ଝିଅକୁ ବାବାଙ୍କ ପାଖକୁ ନେଇ ଗଲେ ଝଡା-ଫୁଙ୍କା ପାଇଁ ହେଲେ ତା'ର ଜର କମିବା ପରିବର୍ତ୍ତେ ବଢିବାକୁ ଲାଗିଲା । ମ୍ୟାଡାମ୍!! ଝିଅ ମରିଗଲା । ଏଥିପାଇଁ ଫୋନ୍ କରିଥିଲି ମୁଁ ଏ ମାସରେ କାମକୁ ଯାଇ ପାରିବିନାହିଁ ।

କାନ୍ଦି କାନ୍ଦି ସେ ପଟୁ ଫୋନ୍ କାଟିଦେଲା ସୋନା । ପ୍ରିୟଙ୍କା କିଛି କହିବା ପୂର୍ବରୁ ଅନ୍ଧବିଶ୍ୱାସର ରାକ୍ଷସ ତା'ର ପାଦ ଆଗକୁ ବଢେଇ ସାରିଥିଲା ।

୨୧୭, ୟୁନିଟ-୯ ଫ୍ଲାଟ,
ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨

# ଆମେ ହୀରା, ମୋତି,ମାଣିକ

ପ୍ରଭାତ ନଳନୀ ସାହୁ

ଆମେ ସୁନା ଆମେ ହୀରା
ଆମେ ମୋତି, ମାଣିକ,
କଳଙ୍ଗ ସାଧବ ପୁଅ
ଆମେ ପରା ବଣିକ।
ଧରା ବଗିଚାର ଆମେ
ଟିକଟିକି କଳିକା,
କାଲିକି ଫୁଟି ହୋଇବୁ
ଫୁଲ ଭଳି ଭଳିକା।
ସୂରୁଜର କରଣରେ
ଆମେ ହସୁ ସତତ,
ସୁରଭିରେ ମହକତ
କରୁ ସାରା ମରତ।
ଆକାଶର ଅଗଣାରେ
ଆମେ ଟିକି ତାରକା,
ମିଳମିଶି ଚଳୁ ଆମେ
ଗାହିଁ ମିଟିମିଟିକା।
ବଡ ସାନ ଧନୀ ମାନୀ
ଆମେ କିଛି ଜାଣୁନା,
ପର କି ଆପଣା ଭାବ
ଆମେ ମନେ ରଖୁନା।
ଆମେରେ ଭଉଣୀ ଭାଇ
ଏଇ ଦେଶ ସନ୍ତାନ,
ଭେଦ ଭାବ ଭୁଲି ଦେଶ
ଗଢିଦେବୁ ମହାନ।

ଛେଣ୍ଡ, ରାଉରକେଲା

# ଅନାମିକା



ଆୟୁଷ୍ମାନ ତ୍ରିପାଠୀ

ଶ୍ରାବଣ ରାତ୍ରି ର ସୁରଭିତ ବାସ୍ନା
ପୁନଅଁ ଚନ୍ଦ୍ରମା ର ସ୍ନିଗ୍ଧ ଜ୍ୟୋସ୍ନା
ରଜନୀ ଅନ୍ଧାରେ ମାଆ ଙ୍କ ଉଦରୁ
ଧରିତ୍ରୀ ରେ ପାଦ ଦେଲି ମୁଁ ଗର୍ଭରୁ।
ଜନମ ନେଇକ ମାଆକୁ ହାରିଲି
ବାପା ମୁଖ କୁ ଜନମୁ ନ ଦେଖିଲି,
ଜନମ ମୋହର ସତେ ଅଭିଶାପ
ପୁର୍ନଜନମେ କ କରିଥିଲି ପାପ।
ନୀଳାକାଶ ତଳେ ତୃଣ ବିଛଣାରେ
ଛାଡିଦେଲେ ମୋତେ ରାସ୍ତା ର କଡରେ,
ସ୍ନିଗ୍ଧ ଚନ୍ଦ୍ର ମୋତେ ଦେଇଥିଲା ଶୀତ
ହୋଇଥିଲି ମୁଁ ଏ ଧରାରେ ପତିତ।
ଧରିତ୍ରୀ ସାଜିଲା ରେଶମ ବିଛଣା
କମ୍ବଳ ହେଲା ଘାସ ର ମୁରଛନା,
ବୃକ୍ଷମୂଳ ମୋତେ ଦେଲା ଉପାଧାନ
ସୁତା କଲା ମୋତେ ପ୍ରକୃତି ରମଣ।
କନ୍ୟା ବୋଲି ମୋତେ ଦେଇଥିଲେ ତ୍ୟାଗୀ
ଅନାମିକା ମୁହିଁ ଅଟେ ସେ ଦୁର୍ଭାଗୀ,
ପ୍ରକୃତି କୋଳରୁ ନେଲେ ମହାନର
ଝିଅ ଭଳ ରଖି ପୋଷିଲେ ପୁଷ୍କର।
ଲେଖୁଛି ଆଜି ମୁଁ ଅନାମିକା ନାରୀ
ତ୍ୟାଗି ମୋତେ କାହିଁ କଲ ହିନମରୀ,
ପ୍ରଣାମ କରୁଛି ତୁମ ଶ୍ରୀଚରଣେ
ଆଣିଲ ମୋତେ ଏ ଧରଣୀ ଭବନେ।
କନ୍ୟା ବୋଲି ଜାଣି ଦେଲ ପଥେ ଛାଡି
କନ୍ୟା ବୋଲି ମାତା ମୁହଁ ଦେଲ ମୋଡି,
ତମେ ପରା ମାଆ ସବୁଠୁ ମହାନ
ମୋତେ କଲ ପର ଏ ତମ ଯତନ?
ମାଆ ଏ ଧରା ର ମଧୁର ଲେପନ
କୋମଳ ମନ ର ମଧୁର ରତନ,
ମମତା ମୋତେ ନ ଦେଲ ହେ ଜନନୀ
ମୁ କଣ ନଥିଲି ତୁମର ନନ୍ଦିନୀ?
ମୋ ପରି ସହସ୍ର ଜନକ ନନ୍ଦିନୀ
ଗର୍ଭ ରେ ପିଅନ୍ତି ଏ ଜହର ପାଣି,
ଧରିତ୍ରୀ ମାତା କୁ ଦେଖି ନ ପାରଇ
ମାତୃ ଗରଭେ ସେ ନୟନ ବୁଜଇ।
ଅନ୍ୟ କନ୍ୟା ହୋଇଥାନ୍ତି ଅନାମିକା
ପିତୃମାତୃ ସ୍ନେହ ଲାଗେ ତାଙ୍କୁ ଫିକା,
ଅନ୍ୟ କେତେ ଝିଅ ପାଇ  ସ୍ନେହ ପ୍ରେମ
ନର ରାକ୍ଷସ ର ସାଜିଥାନ୍ତି କମ।
କନ୍ୟାଭ୍ରୁଣ ହତ୍ୟା କର ବହିଷ୍କାର
କନ୍ୟା ଶୋଷଣ କୁ କର ତିରଷ୍କାର,
କର ଏ ଜାତି କୁ ଅନାମିକା ମୁକ୍ତ
କନ୍ୟା ସନ୍ତାନ କୁ ଦିଅ ସର୍ବ ମତ।

ସିନ୍ଧେକେଲା

# ଏକ ଅଭାବିତ ମୁହୂର୍ତ୍ତ



ସାଇପ୍ରସାଦ ସାହୁ

ସେତେବେଳକୁ ମୁଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବାଣିଜ୍ୟ ଶେଷ ବର୍ଷରେ ଅଧ୍ୟୟନ କରୁଥାଏ । ଦିନେ ବିଭାଗୀୟ ମୁଖ୍ୟ ଶ୍ରେଣୀରେ ପାଠ ପଢଉଥିବା ବେଳେ କହିଲେ ଆସନ୍ତା ମାସ ୨୦ ତାରିଖ ଦିନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ବିଭାଗ ପକ୍ଷରୁ ଜାତୀୟସ୍ତରୀୟ ଅଲୋଚନା ଚକ୍ର ଅନୁଷ୍ଠିତ ହେବ । ମୁଁ ଓ ମୋର ଦୁଇ ସାଙ୍ଗ ରିଷଭ ଓ ବ୍ରଜ ସ୍ଥିର କଲୁ ଆମେ ତିନ ଜଣ ମିଶି ଅଲୋଚନା ଚକ୍ରରେ ଆମର ସନ୍ଦର୍ଭ ଉପସ୍ଥାପନା କରିବା । ଖୁବ୍ କମ୍ ଦିନ ମଧ୍ୟରେ ସମ୍ପୁର୍ଣ୍ଣ ସନ୍ଦର୍ଭଟି ଲେଖିଲୁ । କଟକ ଯିବାର ସାତ ଦିନ ପୂର୍ବରୁ ତିନୋଟି ଅଣସଂରକ୍ଷିତ ଟିକେଟ୍ କାଟିଲୁ । ଦେଖୁ ଦେଖୁ ଦିନ ଆସିଗଲା କଟକ ଅଭିମୁଖେ ଯାତ୍ରା ପାଇଁ । ସେତେବେଳକୁ ପୁରୀ ଦୁର୍ଗ ଏକ୍ସପ୍ରେସ୍ ସମ୍ବଲପୁର ମୁଖ୍ୟ ରେଳ ଷ୍ଟେସନରେ ପହଞ୍ଚି ସାରିଥାଏ । ଆମେ ତିନ ଜଣ ସାଙ୍ଗ ସେକେଣ୍ଡ କ୍ଲାସ ସ୍ଲୀପର ବଗିରେ ଚଢିଲୁ । ଆମ ଗନ୍ତବ୍ୟ ପଥ ଥିଲା ସମ୍ବଲପୁର ରୁ କଟକ । ଆମ ସମ୍ମୁଖରେ ତିନୋଟି ବର୍ଥ ଖାଲି ଥାଏ । ଠିକ୍ କିଛି ଦୂର ଗଲା ପରେ ଅନୁଗୁଳ ରେଳଷ୍ଟେସନରେ ଜଣେ ଭଦ୍ରବ୍ୟକ୍ତି ଆମ ବଗିକୁ ଚଢିଲେ ଓ ଆମ ସମ୍ମୁଖସ୍ଥ ଝରକା ପାଖ ସିଟ୍ ଟି ଅକ୍ତିଆର କରିନେଲେ । ଭଦ୍ରଲୋକଙ୍କର ବେଶଭୂଷା ଥିଲା ଖୁବ୍ ଆଧୁନିକ ଓ ବର୍ଣ୍ଣାଢ୍ୟ । ବୟସ ପାଖାପାଖି ଷାଠିଏ ହେବ । ସେ ଏକଳୟରେ ଝରକା ଆଡେ ଚାହୁଁଥାଆନ୍ତି । ପୁଣି ମଝିରେ ମଝିରେ ଧରିଥିବା ଇଂରାଜୀ ପତ୍ରିକାଟି ଉପରେ ଆଖି ବୁଲେଇ ନେଉଥାଆନ୍ତି । ତାଙ୍କ ସହ କିଛି ଆଳାପ ଜମେଇବାକୁ ଆମର ଇଚ୍ଛା ଥିଲେ ବି; ତେବେ କେଉଁ ବିଷୟବସ୍ତୁ ନେଇ କଥା ଆରମ୍ଭ କରିବୁ କିଛି ଭାବି ପାରୁନଥିଲୁ । ଏମିତି ମୁହଁ ଚାହିଁ ଚାହିଁ ଢେଙ୍କାନାଳ ଷ୍ଟେସନ ଆସିଯାଇଥାଏ । ଭଦ୍ରଲୋକ ଜଣକ ଜଣେ ବାଦାମ ବିକାଳଠାରୁ କିଛି ବାଦାମ କିଣି ଖାଇବାକୁ ଲାଗିଲେ ଓ ଚୋପାଗୁଡିକୁ ଖୁବ୍ ବେପରୁଆ ଭାବେ ସିଟ୍ ତଳକୁ ଫିଙ୍ଗି ଦେଉଥିଲେ । ଆମେ ସବୁ ଅନୁଧ୍ୟାନ କରୁଥାଉ,

କିନ୍ତୁ କିଛି ପ୍ରତିବାଦ କରିପାରୁନଥିଲୁ | କାରଣ ଆମର ସେତିକି ସାହସ ନ ଥିଲା ଯେ , ଭଦ୍ରଲୋକ ଜଣକୁ ପରିବେଶ ପରିଚ୍ଛନ୍ନତା ବିଷୟରେ ମୁହଁ ଖୋଲି ଚେତେଇଦେବା ପାଇଁ | କେବଳ ମନରେ ଭାବୁଥିଲୁ, କି ଧରଣର ଭଦ୍ରଲୋକ ଏ ? ଟ୍ରେନ ଭିତରେ ବାଦାମ ଚୋପା ଫିଙ୍ଗି ପରିବେଶ ଅପରିଷ୍କାର କରିବା ଏକ ଧର୍ତ୍ତବ୍ୟ ଅପରାଧ | କିଛି ନ ହେଲେ ବି ନିୟମବିରୋଧୀ ଓ ସାଧାରଣଜ୍ଞାନ ଅଭାବର ସ୍ପଷ୍ଟ ସୂଚନା | ସେତେବେଳକୁ ଟ୍ରେନ ନରାଜ ପାର ହୋଇସାରିଥାଏ | ଆମେ ତିନି ଜଣ ସାଙ୍ଗ ବିଭିନ୍ନ ଗଳ୍ପରେ ମଜ୍ଜି ଯାଇଥାଉ| କିଛି ସମୟ ପରେ ଦେଖିବାକୁ ପାଇଲୁ ଭଦ୍ରଲୋକ ଜଣକ ଫିଙ୍ଗିଥିବା ଚୋପାଗୁଡିକୁ ଏକାଳୟରେ ଗୋଟାଇବାରେ ଲାଗିଛନ୍ତି | ଏବଂ ସେଗୁଡିକୁ ଏକ ରୁମାଲରେ ବାନ୍ଧି ନିଜ ବ୍ୟାଗରେ ସାଇତି ରଖୁଥାନ୍ତି | ଆମେ ବିସ୍ମିତ ହେଲୁ ଭଦ୍ରଲୋକ ଜଣକର ଏ ପ୍ରକାର ଆଚରଣ ଦେଖି | ଏଇ କିଛି ସମୟ ପୂର୍ବରୁ ବାଦାମ ଖାଇ ଚୋପାଗୁଡିକୁ ଇତସ୍ତତ ଫିଙ୍ଗୁଥିଲେ | କିନ୍ତୁ ଏବେ ସେଗୁଡିକୁ ସେ ଯତ୍ନର ସହ ଗୋଟେଇ ସାଇତି ରଖୁଛନ୍ତି | ଏ ନିଶ୍ଚୟ ଜଣେ ପାଗଳ କିମ୍ବା ଦାର୍ଶନିକ ହୋଇଥିବେ | କ'ଣ ତାଙ୍କର ଉଦ୍ଦେଶ୍ୟ କିଛି ବୁଝି ହେଉନଥାଏ | ଏ ସବୁ ଦେଖିଲା ପରେ ମୁଁ ଆଶ୍ଚର୍ଯ୍ୟ ହୋଇ ଭଦ୍ରଲୋକ ଜଣଙ୍କୁ ସଂଭ୍ରମତାର ସହ ପଚାରିଲି; ଏ ସବୁ କରିବାର ଉଦ୍ଦେଶ୍ୟ କ'ଣ ? ପ୍ରଥମେ ସ୍ମିତ ହସି ସେ ଅନୁଚ୍ଚ ସ୍ୱରରେ ଉତ୍ତର ଦେଲେ, ମୁଁ ଏପରି କାହିଁକି କଲି ଆପଣମାନେ ଚେଷ୍ଟା କଲେ ନିଶ୍ଚୟ ଜାଣିପାରିବେ | ଆମେ ତିନି ଜଣ ସାଙ୍ଗ ପୁଣି ଥରେ ବିସ୍ମିତ ହେଲୁ | ଅନେକ ଚେଷ୍ଟା ପରେ ବି ସେ ଏମିତି କାହିଁକି କରୁଥିଲେ ତା'ର ଉତ୍ତର ଖୋଜି ପାଇପାରୁନଥିଲୁ | ପରମୁହୂର୍ତ୍ତରେ ସେଥିପ୍ରତି ଧ୍ୟାନ ନ ଦେଇ ପୁଣି ଆମେ ଗପସପରେ ମାତିଗଲୁ | ସେତେବେଳକୁ ଟ୍ରେନ କଟକ ଷ୍ଟେସନରେ ପହଞ୍ଚିବାକୁ ଅଳ୍ପ ସମୟ ବାକି ଥାଏ | ଏଥର ଭଦ୍ରଲୋକ ଜଣକ ଖୁବ୍ ଧୀରସ୍ୱରରେ ଆମକୁ କହିଲେ; ଦେଖନ୍ତୁ, ମୁଁ ଜାଣିବାକୁ ଚାହୁଁଥିଲି ଆପଣମାନେ ସମସ୍ତେ ନିର୍ଭୀକ ନା ନୁହେଁ? ପ୍ରତିବାଦ କରିବାର ସତସାହସ ଅଛି ନା ନାହିଁ ? ମୁଁ ଦେଖୁଛି ଆପଣମାନେ ସମସ୍ତେ ଭଦ୍ର ଓ ଉଚ୍ଚଶିକ୍ଷିତ | କିନ୍ତୁ ଆପଣମାନଙ୍କ ପାଖରେ ଗୋଟିଏ ଜିନିଷର ଅଭାବ ରହିଛି | ଅନ୍ୟାୟ ଓ ଅନୀତି ବିରୋଧରେ ପ୍ରତିବାଦ କରିବାର ଦୃଢ ଶକ୍ତିର ଅଭାବ | ଏ ତ ହେଉଛି ଏକ ଛୋଟ ମ୍ୟାଟର | ତେବେ ଯେଉଁଠି ଅନ୍ୟାୟ, ଅନୀତି, ଦୁର୍ନୀତି ଓ ବ୍ୟଭିଚାର ଖୁବ୍ ପ୍ରଚଣ୍ଡ ଭାବେ ମୁଣ୍ଡ ଟେକିଛି ସେଠି ମୁହଁ ଖୋଲି ପଦେ ପ୍ରତିବାଦ କରିବାର କ୍ଷମତା

ନିଶ୍ଚୟ ଆପଣମାନଙ୍କ ପାଖରେ ନାହିଁ | ତାହା ଏଠି ସ୍ପଷ୍ଟ ପ୍ରମାଣିତ ହୋଇଛି | ସେ ଯାହା ହେଉ | ମୁଁ ଜାଣିଶୁଣି ଗ୍ଲେପାଗୁଡିକୁ ସିଟ୍ ତଳକୁ ଫିଙ୍ଗି ଦେଉଥିଲି | ହେଲେ ଆପଣମାନଙ୍କ ମଧ୍ୟରୁ କେହି ଜଣେ ବି ପ୍ରତିବାଦ କଲେ ନାହିଁ | ଏଥର ଆମ ଭିତରୁ ଜଣେ ପଗ୍ଗରିଲେ; ଆପଣ ତ ଗ୍ଲେପାଗୁଡିକୁ ଗୋଟେଇ ଝରକା ସେପଟେ ଫିଙ୍ଗିଦେଇ ପାରିଥାନ୍ତେ | ହେଲେ ସେଗୁଡିକ ରୁମାଲରେ ବାନ୍ଧି ରଖିବାର କାରଣ କ'ଣ ? ଭଦ୍ରଲୋକ ଜଣକ ପୁଣି ହସି ହସି କହିଲେ; ଦେଖ, ଗ୍ଲେପାଗୁଡିକୁ  ଝରକା ଫାଙ୍କରେ ଫିଙ୍ଗିଥିଲେ ପରିବେଶ ପୁଣି ଥରେ ଦୂଷିତ ହୋଇଥାନ୍ତା | ଗ୍ଲେପାଗୁଡିକୁ ଏଣେତେଣେ ଉଡି ପୁଣି ଲୋକଙ୍କ ଉପରେ ପଡିଥାନ୍ତା | ତେଣୁ ଏଗୁଡିକୁ  ମୁଁ  ସାଇତି ରଖିଛି, ଷ୍ଟେସନରେ ଓହ୍ଲେଇଲା ପରେ ଡଷ୍ଟବିନରେ ଫିଙ୍ଗିଦେବି | ଆମେ ଲଜ୍ଜିତ ହୋଇ ପରସ୍ପର ମୁହଁକୁ ଗ୍ଣହିଁ ରହିଲୁ | ସତରେ, ଆମେ ପ୍ରତିବାଦ କରିବାର ସତ୍ ସାହସ ନଥିବା ମଣିଷ | ବିଷର୍ଣ୍ଣ ଚିତ୍ତରେ ନିଜ ନିଜ ଭିତରେ ଭାବି ହେଉଥିଲୁ | ଏହି ସମୟରେ ଭଦ୍ରଲୋକ ଜଣକ ସ୍ମିତ ହସି ବଗିରୁ ଓହ୍ଲେଇ ଯାଉଥାନ୍ତି  |

ସ୍ନାତକୋତ୍ତର ବାଣିଜ୍ୟ (ଜିଏମ୍ ୟୁ ଛାତ୍ର)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥମରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# କର ସଭିଙ୍କୁ ଆଦର



ଅଜୟ କୁମାର ବେହେରା

ମନ ଦେଇ ଯଦି
ପଢିଥିବ ଦ୍ୱି ଅକ୍ଷର
ସଫଳ ହୋଇବ
ଆରେ ଜୀବନ ତୁମର।୧।

ଅଳସ ପଣ ତ
ହୋଇଥାଏ ଦୁଃଖ ଘର
ବେଳହୁଁ କର ହେ
ଯେତେକର୍ମ ଆପଣାର।୨।

ରଖି ଭକ୍ତି ମନେ
କର ସଭିଙ୍କୁ ଆଦର
ପିତା ମାତା ଗୁରୁ
ସଭିଏଁ ତ ଆପଣାର।୩।

ସତ ଶିକ୍ଷା ଯିଏ
ଦେଉଥାଏ ପ୍ରତିକ୍ଷଣେ
ମାନଜଅ ତାଙ୍କୁ
ଗୁରୁଙ୍କ ମଧ୍ୟରୁ ଜଣେ।୪।

ମିଥ୍ୟା କଥା କେବେ
ଜୀବନେ ଆଚର ନାହିଁ
ସତ୍ୟ କହୁ ଥିଲେ
କେବେବି ହାରିବ ନାହିଁ।୫।

ପଦୁ ପଦ କଥା
ମଧୁର କହିବ ଯାଇ
ମାଡିବ ନାହିଁ ଟି
କେବେ ଯେ ଦୁଃଖର ଛାଇ।୬।

ମୋରଡ଼ା,ମୟୂରଭଞ୍ଜ

# ଅଧୁରା ପ୍ରେମ



ଶିବରାମ ଦଳେଇ

ପୁନେଇଁ ନ ଥିଲା     ଜହ୍ନ ଆସିଥିଲା
ମାଗିଲି ଜୋଛନା ଟିକେ ।
ଜୋଛନା ନଦେଇ   ଭସେଇ ଦେଲା ସେ
ଯନ୍ତ୍ରଣା ସ୍ରୋତରେ ମୋତେ ।୧।
କଏ ଭରିଦେବ     ଆଖିରେ ମୋ ନଦ
ସପନ ଦେଖିବା ପାଇଁ ।
ଅନେକ ଦିନରୁ     ଅନେକ ସପନ
ରହିଛି ଅଧୁରା ହେଇ ।୨।
ପାହାନ୍ତି ସପନ     ସତ ହୁଏ ବୋଲି
କହିଛନ୍ତି ଗୁରୁଜନ ।
ରାତି ସରିଗଲେ     ସ୍ୱପ୍ନ ଭାଙ୍ଗିଯାଏ
ମନ ଝୁରେ ସେହି ସ୍ୱପ୍ନ ।୩।
କାହିଁ ଆସିଥିଲା     ଜୀବନେ ଫଗୁଣ
ପ୍ରେମର ରଙ୍ଗକୁ ଧରି ।
ଇନ୍ଦ୍ର ଧନୁର     ସାତ ରଙ୍ଗ ସବୁ
ଯାଇଛନ୍ତି ଅପସରି ।୪।

# ମନ ରୁମାଲରେ ତୁମେ ଛିଟରଙ୍ଗୀ ଫୁଲ



ତାରିପ୍ରସାଦ ଜେନା

ମନ ରୁମାଲରେ ତୁମେ ଛିଟରଙ୍ଗୀ ଫୁଲ
ମନ ଅସଲରେ ତୁମେ ମୀନାକରି ଗେଲ ! ।। ୦ ।।

ମନ କାଗଜରେ ତୁମେ ଅଭିସାର ଡଙ୍ଗା
ମନ ଗ୍ୱଇଜରେ ତୁମେ ପୁଣ୍ୟତୋୟା ଗଙ୍ଗା
ମନ ପହିଜକୁ ତୁମେ ଝିଅଟିଏ ଭଲ !
ମନ ରୁମାଲରେ ତୁମେ ଛିଟରଙ୍ଗୀ ଫୁଲ........।। ୧ ।।

ମନ ପଖାଳକୁ ତୁମେ ଶାଗଭଜା ବଡ଼ି
ମନ ଉଜ୍ଜ୍ୱଳକୁ ତୁମେ ନୀଳପରୀ ଛଡ଼ି
ମନ ସରଳକୁ ତୁମେ ସରମରେ ଲାଲ !
ମନ ରୁମାଲରେ ତୁମେ ଛିଟରଙ୍ଗୀ ଫୁଲ........।। ୨ ।।

ମନ ସାହିତ୍ୟରେ ତୁମେ କବିତାର ଭାବ
ମନ ସହିତରେ ତୁମେ ଫଗୁଣର ସ୍ତବ
ମନ ସାଇତାରେ ତୁମେ ଅମୂଲର ମୂଲ !
ମନ ରୁମାଲରେ ତୁମେ ଛିଟରଙ୍ଗୀ ଫୁଲ........।। ୩ ।।

ରଣପୁର, ନୟାଗଡ, ଓଡିଶା
ଲେଖନପୁର, ସାଲେପୁର

# ଚଷମାର ଲୁହ ପୋଛିବ କିଏ?



କୃଷ୍ଣଚନ୍ଦ୍ର ମହାପାତ୍ର

"ଆଖି ଥିଲେ ସବୁ ଦିଶେ ସୁନ୍ଦର,
ଆଖି ବିନା ସୃଷ୍ଟି ଦିଶେ ଅନ୍ଧାର
କବିର କଳ୍ପନା, ମନର ଭାବନା
ଆଖି ବିନା କିଛି ପ୍ରକାଶ ହୁଏନା
ଆଖି ଥିବା ଲୋକ ସତ୍ୟକୁ ଦେଖେନା
ହାଏରେ ବିଧାତା, ଏକ ବିଡମ୍ବନା...."

ଏ ସୁନ୍ଦର ଦୁନିଆକୁ ନିଜସ୍ୱ ଚକ୍ଷୁରେ ଦେଖିବାର ସୌଭାଗ୍ୟ ସମସ୍ତଙ୍କର ନଥାଏ । ସତରେ ସେଇମାନେ ଭାଗ୍ୟବାନ ଯିଏ ନିଜ ଆଖିର ଚମକରେ ଦୁନିଆର ଚମତ୍କାରିତା କୁ ଦେଖିଥାନ୍ତି । ସତ କହିବାକୁ ଗଲେ ଆଖି ହିଁ ସାକ୍ଷୀ ରହିଥାଏ ସୁଖ-ଦୁଃଖ, ଭଲ-ମନ୍ଦ ଅବା ହସ-କାନ୍ଦର । କେତେବେଳେଏ ଆଖି ନିଦ୍ରିତ ଅବସ୍ଥାରେ ମଣିଷକୁ ସ୍ୱପ୍ନର ଅସମାପ୍ତିତ ରଙ୍ଗରେ ରଙ୍ଗିନ୍ ଝିଲମିଲ୍ ଦୁନିଆକୁ ନେଇଯାଏ ତ ଆଉ କେତେବେଳେ ଅଜଣା ଅତୀତର ଅକୁହା ପୃଷ୍ଠାକୁ ପୁଣିଥରେ ଖୋଲି ଦେଖାଇଦିଏ । କୋହ ଓ ବେଦନାରେ ଭରା ହୃଦୟର କଳେବରରେ ଯେତେବେଳେ ଦୁଃଖର କଳାବାଦଲ ଢାଙ୍କି ହୋଇ ମନକୁ ବାଟବଣା କରିଦିଏ, ସେତେବେଳେ ଚକ୍ଷୁ-ଯୁଗଳରୁ ଝରିଯାଏ ଲୁହର ଟପ୍ ଟପ୍ ଧାର । ଶୁଣିଛୁ, କିଛି ଲୁହ ପିଇଯାଏ ଓଠ । ଆଉ ବାକିଥିବା ଲୁହକୁ ପୋଛିବାକୁ ଆପେ ଆପେ ହାତ ଚାଲିଯାଏ ଆଖି ପାଖକୁ । ଆଉ ତା ପରେ ହାଲକା ହେଇଯାଏ ମନ ।

କିନ୍ତୁ କିଛି ଲୋକଙ୍କଠାରେ ଦେଖାଯାଏ ପରିବର୍ତ୍ତନର ଚିତ୍ର । କାହାଣୀରେ ନୂଆ ଏକ ମୋଡ ଆସିଲା ପରି ସେମାନଙ୍କ ଜୀବନଯାତ୍ରାରେ ଯୋଡି ହୋଇଯାଏ ଆଖିର ଜୀବନସାଥୀ

"ଚଷମା" । ଆଜିକାଲି ତ ପ୍ରାୟତଃ ସମସ୍ତେ ଚଷମା ସହ ଜଡିତ । ଦିନେ ଆଖି ଚଷମାକୁ କହିଲା – "ତୁ ମୋ ପାଇଁ ବହୁତ କଷ୍ଟ ପାଉଛୁ ନା"? ଉତ୍ତରରେ ଚଷମା କହିଲା "ନାଇଁରେ ମୋତେ ତୋ ଲୁହଠୁ ଅଧିକ କଷ୍ଟ ମୋ ଲୁହ ଦିଏ" । ଆଖି କହିଲା – "ତୁ ତ ଚଷମା, ସମସ୍ତେ ଦେଖି ପାରନ୍ତି ହେଲେ ମୋ ଲୁହ ଝାପସା ହୋଇ ରହିଯାଏ କାଳକାଳକୁ । ସେ ଲୁହ ପୋଛିବାକୁ ତ କେତେବେଳେ ହାତ ଗ୍ଭଲିଆସେ ତ ଆଉ କେତେବେଳେ ଓଠ, ହେଲେ ମୋ ଲୁହ ପୋଛିବା ତ ଦୂରର କଥା ତାକୁ କେହି ଦେଖିବି ପାରନ୍ତି ନାହିଁ । ଗୋଟେ ମଣିଷ ନିଜ ଜୀବନ ଥିଲାବେଳେ ହେଉ କି ଜୀବନ ଗ୍ଭଲିଯିବା ପରେ ହୁଏତ ତା ନେତ୍ର ଦାନ କରି ଅନ୍ୟ ଏକ ମଣିଷର ଆଖିରେ କିରଣ ଆଣିପାରେ । କିନ୍ତୁ ବ୍ୟବହାର କରୁଥିବା ଚଷମାକୁ ବା କାହାକୁ ଦେଇପାରିବ! ଅନେକଙ୍କ ଆଖିକୁ ସଜାଡୁଥିବା ଚଷମା ବି ଦିନେ ହୋଇଯାଏ ଅଦରକାରୀ, ଅଚହ୍ନା ଓ ଅଲୋଡା । ଶେଷରେ ଆଖି ବୁଝିପାରିଲା, ମୋ ଲୁହ ପୋଛିବାକୁ ତ ଅନେକ ଅଛନ୍ତି, ହେଲେ ମୋ ବନ୍ଧୁ, ଚଷମାର ଲୁହ ପୋଛିବ କିଏ ???

ପୁରୀ

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କଛି ଫୁଲ

ପ୍ରିୟଦର୍ଶିନୀ ମହାପାତ୍ର

କଛି ଫୁଲ ବାସ ମହାକାଏ ଏଠି
କଛି ଫୁଲ ଥାଏ ତାଜା
କଛି ଫୁଲ ଶୋଭେ ବିଭୂଙ୍କ ପାଖରେ
ଆଉ କଛି ହୁଏ ସଜା ।

ମୋ ଜୀବନ ଏକ ଏମିତିକା ଫୁଲ
ନାହିଁତ ବାସନା ଏଠି
ଛୁଇଁ ପାରେନାହିଁ ଠାକୁର ଚରଣ
ଜାଗ ଯଜ୍ଞ ବା କୋଉଠି ।

ବଞ୍ଚିବା ପାଇଁକି ସଂଗ୍ରାମ କରେ
ମନେ ମୁଁ ଗୁମୁରି ଗୁମୁରି
ଏ ଆଖିରୁ ଲୁହ ନଦି ଝରୁଥାଏ
ଭାଗ୍ୟକୁ ସୁମରି ସୁମରି ।

କେଉଁ ପାପ ପାଇଁ ପାଇଥିଲି ଏଇ
ନରକ ଯନ୍ତ୍ରଣା ଜୀବନ
ଫୁଲ ପରି ମହାକାଇ ପାରୁନାହିଁ
କାହିଁକି ମୁଁ ମୋର ସପନ ।

ଜୟଦେବବିହାର
ପୋଲିସ କଲୋନ, ଭୁବନେଶ୍ୱର

# ମୋ ଭାଇ (ଜେଜେ)



ସମ୍ୟଜିତ ପାତ୍ର

ଦର୍ପଣ ଆଗରେ ମୋ ମୁଖରେ ଦେଖୁଅଛି ପ୍ରତିବିମ୍ବ ତୁମ
ତୁମ ସହ ସହ ମୋ ହସ ଆଜି ମିଶିଯାଏ ଆଶ୍ଚର୍ଯ୍ୟ ଅନେକ।
ତୁମ ସ୍ନେହ ଆଦରରେ ଖେଳୁଥିଲି ମୁଁ ତୁମରି କୋଳରେ ଦିନେ,
ଆଜି ମୁଁ ଖୋଜି ହୁଏ, ଆନାମନା ହୋଇ, ମୋ ମନର ଭାବନା ଆଉ କଏ ଜାଣେ।
ସ୍ମିତ ହସ ତୁମ ମନେ ମୋ ପଡୁଛି ଏକାନ୍ତରେ ଥିଲାବେଳେ,
ନିଶାର ଗଭୀର ପ୍ରହରୀରେ ନିଦ୍ରାଭଂଗ୍ନ ହୁଏ ଦୁଃଖରେ ମୁଁ ଭାଳେ।
ସଂସାରର ସବୁ ସୁଖ (ଖୁସି) ଯେ ଅଜାଡ଼ି ଥିଲ ମୋ ପାଇଁ,
ଆଜି କିଆଁ ମୋ ଖୁସିରେ ସମୟେ ଛାଡି ଚାଲିଗଲ ଭାଇ (ଜେଜେ)।
ସବୁ ବାର ମଧ୍ୟେ ଶୁକ୍ରବାର ମୋର ଥିଲା ଯେ ଅତିପ୍ରିୟ,
ଜାଣେ ଗାଁ ହାଟ ସାରି ସବୁଥର ପରି ମିଠା ଆଣିବ ତୁମେ ନିଶ୍ଚୟ।
ଜାନୁଆରୀ ମାସ ମଧ୍ୟାନ୍ତରେ ତୁମ ସହ ଯାଉଥିଲି ମକରମେଳା,
ତୁମ ବିନା ଅସାର ସେ ଯାନିଯାତରା ବୁଡିଲାଣି ମୋ ମେଳା।
ସୁଖଦୁଃଖ ବୋଲି ନାହିଁ କିଛି ଭାବେ ଅଟେ ସବୁ ବିକାର,
ତୁମ ପରି ବନ୍ଧୁ କିବା ଅଛି ଜଗେ ବିଚଳିତ ହୁଏ ମୁଁ ବାରମ୍ବାର।
ହୃଦଫୁଟା ହସ ଭୁଲି ତ ଗଲିଣି ତୁମ ଅଭାବରେ,
ଚେଷ୍ଟା ନିତି କରେ ହସିବାକୁ ପୁଣି ତୁମବିନା ଏ ମେଦିନୀରେ।
ଆଶିର୍ବାଦେ ତୁମ ଜିତିଛି ମୁଁ ଜୀବନ ଯୁଦ୍ଧ କେତେ,
ତୁମବିନା କିପରି ଚାଲିଲି ମୁଁ ଆଜିର ଏ ଇହ ଜଗତେ।
ପର ଆପଣା ମଧ୍ୟେ ଯେ ନ ଦେଖି ତାରତମ୍ୟ
ସଭିଙ୍କୁ କର ନିଜର,
ପର ଆନନ୍ଦେ ଆନନ୍ଦିତ ହୁଅନ୍ତି ଏ କଥା କ ଜାଣେ ଏ ସଂସାର।
ନିଜ ଅଜାଣତେ ଯଦି କେବେ ଦେଇଥାଏ ତମ ମନରେ ଦୁଃଖ,
କ୍ଷମାଦେବ ତୁମେ ହୃଦେ ସ୍ଥାନ ଦେଇ ଭାବି ମୋତେ ଗୋଟେ କୁନିମୂର୍ଖ।

ଗଡିଆ, ମୟୂରଭଂଜ

# ମୃତ୍ୟୁ ଭୋଜ ଦେବା ଅପରାଧ



ବାଲ୍ମୀକି ନାୟକ

ଗରୁଡ଼ ପୁରାଣ କଥିତ ହିନ୍ଦୁ ଧର୍ମର ଏକ ମାନ୍ୟତାପ୍ରାପ୍ତ ଧର୍ମଶାସ୍ତ୍ର । ଅଷ୍ଟାଦଶ ପୁରାଣ ମଧ୍ୟରୁ ଗରୁଡ଼ ପୁରାଣର ମହତ୍ତ୍ୱ ବେଶୀ ଏବଂ ଏହାର କୁପ୍ରଭାବ ସମାଜର ପ୍ରତ୍ୟେକ ପରିବାର ଉପରେ ପଡୁଛି । କାରଣ ଏଥିରେ ମଣିଷର ମୃତ୍ୟୁ ପରେ କଥିତ ଆତ୍ମାର ସ୍ଥିତି ଓ ମୋକ୍ଷ ଆଦିକୁ ନେଇ ଅନେକ ପ୍ରକାର ଭୟଙ୍କର ଚର୍ଚ୍ଚା ହୋଇଛି । ଏହି ପୁରାଣରେ ସ୍ୱର୍ଗର ସୁଖ ତଥା ଶାନ୍ତିପୂର୍ଣ୍ଣ ଜୀବନ ଅପେକ୍ଷା, ନର୍କର ଅତି ଭୟାନକ ଓ ଯନ୍ତ୍ରଣା ଯୁକ୍ତ ଜୀବନର ବର୍ଣ୍ଣନା ବେଶି ହୋଇଛି । ଯେଉଁଭଳି ଭାଷାରେ ନର୍କର ଯମଦୂତମାନଙ୍କ ଦ୍ୱାରା ଦଣ୍ଡ ବ୍ୟବସ୍ଥା ଉଲ୍ଲେଖ ଅଛି ସେଗୁଡିକୁ ଶୁଣି ସରଳ ବିଶ୍ୱାସୀ ଓ ଧର୍ମଭୀରୁ ଲୋକମାନେ ଭୟଭୀତ ହୋଇଯାଉଛନ୍ତି । ବ୍ରାହ୍ମଣମାନେ ଆଉ ଟିକଏ ଅତିରଞ୍ଜିତ କରି ଲୋକମାନଙ୍କର ମାନସିକ ଶୋଷଣ କରୁଛନ୍ତି ।

ଯମପୁରର ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀ ଦ୍ୱାରା ଲୋକମାନେ ଏତେ ପ୍ରଭାବିତ ଯେ ପରିବାରର କେହି ବିଶେଷ କରି ଗୁରୁଜନଙ୍କ ମୃତ୍ୟୁ ପରେ ପରେ ପରିବାରଜନଙ୍କ ମାନସିକ ଦୁଃଖ ବେଳେ ହିଁ ଆର୍ଥିକ ଦୋହନ ଆରମ୍ଭ ହୋଇଯାଉଛି । ଦ୍ୱିତୀୟ ଦିନରୁ ବାର ଦିନ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ କର୍ମକାଣ୍ଡ କରିବାକୁ କୁହାଯାଉଛି । ଯଥା : ଶ୍ରାଦ୍ଧକର୍ମ ସହିତ, ପିଣ୍ଡଦାନ, ବ୍ରାହ୍ମଣ ଭୋଜନ, ବସ୍ତ୍ରଦାନ, ଭୂଦାନ, ଗୋଦାନ, ସ୍ୱର୍ଣ୍ଣ ଦାନ ଆଦି କରିବାକୁ ପଡିଥାଏ ।

ତା'ପରେ ମଧ୍ୟ ଯଜମାନକୁ ରକ୍ଷା ମିଳୁନାହିଁ । ମୃତକର ଅସ୍ଥି ବିସର୍ଜନ ପାଇଁ ଦୂର ଦୁରାନ୍ତରେ ଥିବା ପବିତ୍ର ପୁଷ୍କରିଣୀ ବା ନଦୀ ତଟକୁ ଯାଇ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ଓ ପିଣ୍ଡଦାନ କରିବାକୁ ପଡିଥାଏ । ଏହାଦ୍ୱାରା ନଦୀ ଓ ପୁଷ୍କରିଣୀର ପବିତ୍ର ଜଳ ଦୂଷିତ ହୋଇଥାଏ । ଏହି କର୍ମକାଣ୍ଡ କରାଇବା ପାଇଁ ଦେଶରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି ।

ଗୋଟିଏ ବର୍ଷ ପର୍ଯ୍ୟନ୍ତ ପୂଜା କରି ପ୍ରତିଦିନ ବ୍ରାହ୍ମଣଙ୍କୁ ଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି: - ବ୍ୟଞ୍ଜନ ଅଥବା ଛତ୍ର ଆଦି ଯେ ମିଳବ, ବ୍ରାହ୍ମଣଙ୍କୁ ନିତିପ୍ରତି ଦାନ ଦେଉଥିବ । ନ ଛାଡିବ ଦିନେ ଦାନ ବର୍ଷ ଶେଷ ଯାଏଁ, ଦାନ କଲେ ଏହିପରି ପ୍ରେତ ମୋକ୍ଷ ପାଏ ।" (ଚତୁର୍ଦ୍ଦଶ ଅଧ୍ୟାୟ)

ଗରୁଡ଼ ପୁରାଣରେ କିନ୍ତୁ ଜ୍ଞାତି କୁଟୁମ୍ବ ଓ ସାହି ପଡିଶାଙ୍କୁ ଡାକ ମୃତ ଭୋଜ ଦେବା କଥା ଲେଖା ହୋଇନାହିଁ । ପୁରାଣ ଲେଖକ ବୋଧେ ଯଜମାନ ଉପରେ ଦୟାକରି ଏହି ଆର୍ଥିକ ବୋଝକୁ କମ କରିଦେଇଛନ୍ତି । ଲେଖକ ବି ଜାଣିଥିଲେ ଯେ ବ୍ରାହ୍ମଣମାନଙ୍କର ଯେତିକ ପାଇବା କଥା ସେତିକ ତ ନେଇ ଯାଉଛନ୍ତି ତେଣିକ କଏ ଖାଉ କ ଭୋକରେ ରହୁ ତାଙ୍କର ଯାଏ ଆସେ କଅଣ ?

ତଥାପି ସେହି ଦୁଃଖଦ ଅବସରରେ କାହିଁକ ଓ କେବେ ଠାରୁ ଲୋକମାନଙ୍କୁ ମୃତ୍ୟୁ ଭୋଜ ଦେବା ପ୍ରଥା ଆରମ୍ଭ ହୋଇଛି ତାର ଇତିହାସ ମିଳପାରୁନ ? ସମ୍ଭବତଃ ଦୂର ଦୂରାନ୍ତରୁ ଶୋକ ପ୍ରକଟ କରି ଶ୍ରଦ୍ଧାଞ୍ଜଳୀ ଜଣାଇବାପାଇଁ ଆସୁଥିବା ବନ୍ଧୁ ବାନ୍ଧବଙ୍କୁ ଭୋଜନ ଦେବା ଏକ ଔପଚାରିକ ଓ ଶିଷ୍ଟାଚାର ଥିଲା । ପରେ ପାଖ ପଡ଼ିଶାର ଲୋକମାନଙ୍କୁ ମଧ୍ୟ ସାମୁହିକ ଭାବେ ଭୋଜନ ଦେବା ଏକ ବାଧ୍ୟତା ମୂଳକ ପ୍ରଥାରେ ପରିଣତ ହୋଇଯାଇଛି । ଭାବିବାକୁ ଗଲେ ଏଥିରେ ସେମିତି କିଛି ଦୋଷ ଥିବା ଭଳ ଲାଗୁନ । ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବାକୁ ଏକତ୍ରିତ ହୋଇଥିବା ଜନତାଙ୍କୁ ଭୋଜନ ଖୁଆଇବାରେ ଦୋଷ କଅଣ ? ଯାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥାଏ ତାଙ୍କପାଇଁ ତ ଆଦୌ କୌଣସି ସମସ୍ୟା ନାହିଁ ।

ଅସଲ ସମସ୍ୟା ସୃଷ୍ଟି ହେଉଛି ଗରିବ ଶ୍ରେଣୀର ଲୋକମାନଙ୍କର । ପ୍ରଥମେ ବ୍ରାହ୍ମଣମାନଙ୍କ କଥା ମାନ ଦାନ ଦକ୍ଷିଣା ଦେଇ ଦେଇ ସର୍ବସ୍ୱାନ୍ତ ହୋଇଯାଇଥିବା ଲୋକ ପୁଣି ସମାଜକୁ ବାଧ୍ୟତା ମୂଳକ ମୃତ୍ୟୁ ଭୋଜି ଖୁଆଇବ । ଏହି ଭଳ ଭୋଜିରେ ଆମିଷ ଓ ମିଠା, ପିଠା ଆଦି ମଧ୍ୟ ଖାଦ୍ୟଥାଳରେ ପରସା ଯାଉଥିବା ଦେଖା ଯାଉଛି । ଏହା କ'ଣ ବିବାହ ବା ଜନ୍ମଦିନ ଭଳ କୌଣସି ଖୁସିର ମୁହୂର୍ତ୍ତ ? ନିଜର ଜମା ପୁଞ୍ଜି ନଥିଲେ ସାହୁକାରଙ୍କ ଠାରୁ ଋଣ କରି କିମ୍ବା ନିଜର ଭୂମି ବିକ୍ରିକରି ଏହି ଖର୍ଚ୍ଚ ତୁଲାଇବାକୁ ସେ ବାଧ୍ୟ ହୋଇଥାଏ । ଦେଶର ଅଧିକାଂଶ ଲୋକ ତ ଗରିବ ଶ୍ରେଣୀର ।

ସେଥିପାଇଁ ସେମାନଙ୍କର ଗୋଟିଏ ବଡ଼ ସମସ୍ୟାକୁ ସୁଧାରିବା ପାଇଁ ଗତ ୧୯୬୦ ମସିହାରେ ରାଜସ୍ଥାନ ସରକାର "ମୃତ୍ୟୁ ଭୋଜ ନିଷେଧ ଅଧିନିୟମ" ପାରିତ କଲେ । ଗତ ୬୦ ବର୍ଷ ହେଲା ଲାଗୁ ହୋଇପାରି ନଥିଲା । କିଛି ବର୍ଷ ତଳେ ସେହି ନିୟମକୁ ଲାଗୁ କରାଯାଇଛି । କଥାରେ ଅଛି - "ଦେର ଆଏ ଦୁରୁସ୍ତ ଆଏ"।

ଏହି ଅଧିନିୟମ ଅନୁସାରେ ରାଜସ୍ଥାନର କୌଣସି ଗ୍ରାମ ଓ ସହରରେ ପରିଜନଙ୍କ ମୃତ୍ୟୁ ପରେ କୌଣସି ପ୍ରକାର ଧାର୍ମିକ କର୍ମକାଣ୍ଡ ଏବଂ ମୃତ୍ୟୁ ଭୋଜ ଦେବା କାର୍ଯ୍ୟକ୍ରମକୁ ନିଷେଦ୍ଧ କରି ଦିଆଯାଇଛି । ମୃତ୍ୟୁ ଭୋଜ ଆୟୋଜନ କରିବା ଏବଂ ସେଥିରେ ଯୋଗଦେବା ଅପରାଧ ବୋଲି ଘୋଷଣା କରାଯାଇଛି । ଏହାକୁ ଆୟୋଜନ କରିଥିବା ବ୍ୟକ୍ତି, ଏହାକୁ ଉତ୍ସାହିତ ବା ସମର୍ଥନ କରିଥିବା ଓ ସେଥିରେ ଯୋଗ ଦେଇଥିବା ବ୍ୟକ୍ତିଙ୍କୁ ଏକ ବର୍ଷର ଜେଲ ଦଣ୍ଡ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ମିଳିବ ।

ଯେ କୌଣସି ବ୍ୟକ୍ତି, ଗ୍ରାମ ସେବକ କିମ୍ବା ସରପଞ୍ଚ ରାଜ୍ୟର ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ ପାଖରେ ମୃତ୍ୟୁ ଭୋଜକୁ ସ୍ଥଗିତ କରିବାପାଇଁ ଆବେଦନ ପତ୍ର ଦାଖଲ କରିପାରିବେ । ପୋଲିସ ମଧ୍ୟ କୋର୍ଟରୁ ସ୍ଥଗିତ ଅର୍ଡର ନେଇ ଆୟୋଜନକୁ ବନ୍ଦ କରି ସମସ୍ତ ସାମାନକୁ ଜବତ କରିପାରିବେ । ସ୍ଥଗିତ ଆଦେଶକୁ ନମାନି ଯଦି କେହି ଏହି କାର୍ଯ୍ୟକୁ ସମ୍ପାଦନ କରିବେ ତା'ହେଲେ ଆୟୋଜକଙ୍କୁ ଏକ ବର୍ଷ ଜେଲ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ଦିଆଯାଇ ପାରିବ ।

ଏହି ଆୟୋଜନ ପାଇଁ ଯଦି କୌଣସି ବ୍ୟକ୍ତି କାହାଠାରୁ ଉଧାର ବା ଋଣ ନେଇଥିବେ ତେବେ ସେହି ଟଙ୍କା ଫେରାଇବା ବାଧ୍ୟତା ମୂଳକ ନୁହେଁ । ଉଧାର ବା ଋଣ ଦେଇଥିବା ବ୍ୟକ୍ତି ଫେରସ୍ତ ପାଇବାପାଇଁ ଦାବି କରିପାରିବ ନାହିଁ । ଦାବି କଲେ ତାଙ୍କୁ ମଧ୍ୟ ଏକ ବର୍ଷ ଜେଲ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ମିଳିବ ।

ରାଜସ୍ଥାନ ସରକାରଙ୍କର ଏହି ସାଧୁ ଉଦ୍ୟମ ପାଇଁ ପ୍ରତ୍ୟେକ ବର୍ଗର ବୁଦ୍ଧିଜୀବୀ ଓ ସଚେତନ ବ୍ୟକ୍ତି ସ୍ୱାଗତ କରୁଛନ୍ତି । ପ୍ରେତ ସଂସ୍କାର ଓ ଅତୃପ୍ତ ଆତ୍ମାର ମୋକ୍ଷ ପ୍ରାପ୍ତି ନାମରେ, ମୃତ ବ୍ୟକ୍ତିଙ୍କୁ ପିଣ୍ଡଦାନ କରିବା, ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦେବା, ବହୁତ ଲୋକମାନଙ୍କୁ ଭୋଜି ଖୁଆଇବା ହେଉଛି ସମ୍ପୂର୍ଣ୍ଣ ଅନ୍ଧବିଶ୍ୱାସ । ଏହା କରିବା ଦ୍ୱାରା ମୃତ

ବ୍ୟକ୍ତିର କୌଣସି ଫାଇଦା ହେଉନାହିଁ ବରଂ ତାଙ୍କର ପରିବାର ଲୋକମାନେ ଆର୍ଥିକ ଓ ମାନସିକଭାବେ କ୍ଷତିଗ୍ରସ୍ତ ହୋଇଥାନ୍ତି ।

ଆମ ଦେଶର କେନ୍ଦ୍ର ସରକାର "ମୃତ୍ୟୁ ଭୋଜ ନିଷେଧ କାନୁନ" ପ୍ରଣୟନ କରିବା ଦରକାର କିମ୍ବା ରାଜସ୍ଥାନ ଭଳି ପ୍ରତ୍ୟେକ ରାଜ୍ୟରେ "ମୃତ୍ୟୁ ଭୋଜ ନିଷେଧ ଅଧିନିୟମ" ପାରିତ ହେବା ନିହାତି ଆବଶ୍ୟକ । ଏହା ଦ୍ଵାରା ଦେଶର ଅନେକ ଗରିବ ଶ୍ରେଣୀର ଲୋକମାନେ ଆର୍ଥିକ ଶୋଷଣରୁ ମୁକ୍ତ ହେବେ ଏବଂ ଆମର ନଦୀ ଓ ପୁଷ୍କରିଣୀଗୁଡିକ ପ୍ରଦୂଷଣ ମୁକ୍ତ ହୋଇପାରିବ ।

କେ.ଆର. ପୁରମ, ବାଙ୍ଗାଲୋର

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ମୁଁ ତ ଗୋଟିଏ ଅଭିପ୍ସା



ଭରତ ଧରୁଆ

ଜୀବନର ନାଟକରେ
ଅଭିନୟ କରି କରି
ଥକ ଗଲିଣି ମୁଁ,
ଆଉ କରି ପାରିବିନ ନାଟକର
ଦୃଶ୍ୟାବଳୀରେ ତମ ପାଇଁ ନାୟକ,,,,
ମୁଁ ତ ଗୋଟିଏ ଅଭିପ୍ସା ।
ସଚ୍ଚା ପ୍ରେମର
ହୃଦୟ ଜାନୁରେ ଜାବୁଡି ଧରିଧରି
କେବଳ ପାଉଛି ପ୍ରତାରଣା
ହାରିହାରି ଗତିଶୀଳ ହୋଇପାରୁନାହିଁ
ଶୁଷ୍କ ମରୁଭୂମିରେ ଧାବନ୍ତ ମରିଚକା,,
ମୁଁ ତ ଗୋଟିଏ ଅଭିପ୍ସା ।
ତୁମେ ଜିତି ଯାଇଛ
ମୋତେ ଠକ ଠକ କରି
ତମଠୁଁ ହୋଇ ବିଚ୍ଛେଦ,
ଆଉ କେବେ ପାଖକୁ ଆସିବ ନାହିଁ
ମନେ ପକାଇ ବହୁବାର ପ୍ରେମିକା,,,,
ମୁଁ ତ ଗୋଟିଏ ଅଭିପ୍ସା ।

ପୁଡାପଦର, ସ୍ୱଜ୍ ଆଗଲପୁର, ବଲାଙ୍ଗିର

# ପ୍ରେମ ଏକତରଫା



ପ୍ରଶାନ୍ତ କୁମାର ପଧାନ

ଜାଣେନା କେମିତି ଅବସ୍ଥାନ କଲ
ହୃଦୟର ଜଉଘରେ
ଛନ୍ଦ ଭୁଲିଗଲା ଛାତିର ସ୍ପନ୍ଦନ
ପଡିଲା ବୋଧେ ପ୍ରେମରେ ।।
ପ୍ରଥମ ଦେଖାରେ ସାଜିଲି ପୂଜକ
ତୁମ ପ୍ରେମ ମନ୍ଦିରର
ଦେବୀଟିଏ କରି ତୁମକୁ ରଖିଲି
ସାଜି ମୁଁ ନିଃସ୍ୱାର୍ଥପର ।।
ନିଶ୍ୱାସ ଗ୍ଭଲିଲା ତୁମରି ନାମରେ
ପ୍ରଥମ ସକାଳ ତୁମେ
କହି ପାରିଲିନି ଓଠ ଖୋଲି ସାଥି
ପଡିଛି ମୁଁ ତୁମ ପ୍ରେମେ ।।
ଜଳ ମରୁଥିଲି ଅକୁହା କଥାକୁ
ଛାତିରେ ଜାବୁଡି ରଖି
ନିର୍ଜନ ରାତ୍ରିରେ ଲେଖି ଚରୁଥିଲି
ହଜାରେ ଚିଠି ମୁଁ ସଖି ।।
ସାହସ ସଞ୍ଚାରି କରିବାକୁ ଗଲି
ଯେବେ ପ୍ରେମ ନିବେଦନ
କହିବା ଆଗରୁ ଜାଣିଲି ତୁମେ ଗୋ
ସାଜିଛ ଆଉକା ପ୍ରେମ ।।
ରକ୍ତରେ ଭିଜିଲା ରକ୍ତ ଗୋଲାପଟା
ଲୁହରେ ମୁଦା ଲଫାପା
ସେଇ ଦିନଠାରୁ ବିରହୀ ପ୍ରେମୀ ମୁଁ
ପ୍ରେମ ମୋ ଏକତରଫା ।।

ବୁର୍ଦ୍ଦେମୁଣ୍ଡା, ବରଗଡ଼

# ମୋ ଜୀବନର ଅଭୁଲା ସ୍ମୃତି



ରାଜୁ କୁମାର ପାତ୍ର

ଅନେକ ଦିନ ବିତିଯାଇଥିଲେ ମଧ୍ୟ ସେ କାଳରୂପୀ ରାତ୍ରିର ଛାତି ଥରା ଘଟଣା ମନରୁ ଲିଭିନଥିଲା। ଆଜି ବି ସେ କଥା ମନେ ପଡ଼ିଗଲେ ଦେହର ରୁମ ଏକ ଅଜଣା ଭୟରେ ଟାଙ୍ଗୁରି ଉଠେ, ଅପାଦମସ୍ତକ ଶିହରଣ ଖେଳଯାଏ। ମୁଁ ଗଜପତି ଜିଲ୍ଲା ସ୍ଥିତ ପାରଳାଖେମୁଣ୍ଡି ସହରର ଗୋପାଳ କୃଷ୍ଣ ଛାତ୍ରାବାସରେ ରହି ଶିକ୍ଷକ ତାଲିମ ନେଉଥିଲି । ୨୦୧୮ ମସିହା ଅକ୍ଟୋବର ୧୦ ତାରିଖ। ଠିକ୍ ଗୋଟିଏ ଦିନ ପୂର୍ବରୁ ମୋର ପ୍ରଥମ ବର୍ଷ ଶିକ୍ଷକ ତାଲିମ ପରୀକ୍ଷା ସମାପ୍ତ ହୋଇ ଯାଇଥାଏ। ମନରେ ଏକ ନୂତନ ଉନ୍ମାଦନା ଜାଗ୍ରତ ହେଉଥିଲା ହଷ୍ଟେଲ ରୁ ଘରକୁ ଯିବା ପାଇଁ। କିନ୍ତୁ ସେ ଖୁସି ପାଣିଫୋଟକା ପରି ମିଳେଇ ଗଲା ଯେତେବେଳେ ଦ୍ୱିତୀୟ ବର୍ଷ ଛାତ୍ର ଟିଏ ଆସି ଆଚମ୍ବିତ ଖବର ପ୍ରଦାନ କରିଥିଲେ। ଖବରଟି ଥିଲା - ବୟୋଜ୍ୟେଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ମୀନକେତନ ଦାସଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଯୋଗୁଁ କେହି ଛାତ୍ର ଘରକୁ ଯାଇପାରିବେ ନାହିଁ। ଘରକୁ ଯାଇନପାରିବା ର କଷ୍ଟଠାରୁ ବେଶି ଦୁଃଖ ଅନୁଭବ ହେଉଥିଲା ଦାସ ସାରଙ୍କୁ ବିଦାୟ ଦେବାରେ। ପରବର୍ତ୍ତୀ ଦିନ ଅର୍ଥାତ୍ ୧୧ ତାରିଖ ସକାଳ ସୁଦ୍ଧା ଘର ଅଭିମୁଖେ ଯାତ୍ରା ଆରମ୍ଭ କରିବା ପାଇଁ ସେଦିନ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମୋର ସମସ୍ତ ଜିନିଷ ବ୍ୟାଗରେ ଭର୍ତ୍ତି କରିଥିଲି। ଶୋଇବାକୁ ଗଲା ବେଳେ କାନ୍ଥ ଘଣ୍ଟା ରେ ରାତି ସାଢ଼େ ବାର ଟା। ଗୋଟିଏ ରୁମରେ ଆମେ ପାଞ୍ଚ ଜଣ ସାଙ୍ଗ ରହୁଥିଲୁ। ରାଧେ, ଶଶାଙ୍କ ଦୁଇଜଣ ଥିଲେ ପୂର୍ବ ଓଡ଼ିଶାର ଏବଂ ବିଜୁ, ନିର ଆଉ ମୁଁ ପଶ୍ଚିମ ଓଡ଼ିଶାର। କିନ୍ତୁ ଆମେ ପରସ୍ପର ଏକ ବନ୍ଧୁତ୍ୱ ରଜ୍ଜୁ ରେ ବାନ୍ଧି ହୋଇଥିଲୁ। ସେମାନେ ନିଜର ଜିନିଷ ପତ୍ର ଗୁଡ଼ିକ ଭର୍ତ୍ତି କରିବା କାମ ରେ ବ୍ୟସ୍ତ ଥାନ୍ତି, କିନ୍ତୁ ମତେ ନିଦ ଆସିବା ହେତୁ ତାଙ୍କୁ ଶୁଭ ରାତ୍ରି ଜଣାଇ ଶୋଇ ପଡ଼ିଲି। ରାତ୍ରି ପ୍ରାୟ ଗୋଟାଏ ହେବ। ରାଧେ ଏବଂ ନିର ଡ଼ାକରେ ମୋ ନିଦ ଭାଙ୍ଗିଗଲା। ସେମାନେ ବିବ୍ରତ ହୋଇ କହିଲେ ରାଜୁ ତିତିଲି ବାତ୍ୟା ସ୍ଥଳ ଭାଗକୁ ଛୁଇଁ

ସାରିଲାଣି । ବିଜୁ ଆଉ ଶଶାଙ୍କ ଆମ କଥାବାର୍ତ୍ତା ଶୁଣି ଉଠିପଡିଥିଲେ । କରେଣ୍ଟ ନଥିଲା । ରୁମ ଭିତର ଅନ୍ଧାର ଯୋଗୁଁ କଛି ଜିନଷ ଦେଖା ଯାଉନଥିଲ । ବାହାରେ ଖୁବ ଜୋରରେ ପବନ ବହିବାର ଶବ୍ଦ ଶୁଭି ଯାଉଥିଲା । ପବନ ସାଙ୍ଗକୁ ତୁହାକୁ ତୁହା ମୁଷଳ ଧାରରେ ବର୍ଷା ହେବାରେ ଯେମିତି ଶପଥ ପାଠ କରିଥିଲା ଅଶାନ୍ତ ପ୍ରକୃତି । କବାଟ ଝରକା ପବନ ଦ୍ୱା ପରସ୍ପର ସହ ବାଡେଇହୋଇ ଗ୍ଭଲିଥିଲେ । ଝରକା ର ଭଙ୍ଗା ଧାରୁଆ କାଚ ଖଣ୍ଡିଏ ପବନରେ ଉଡ଼ିଆସି ମୋ ମୁଣ୍ଡ ଉପରେ ଶବ୍ଦ ହୀନ ହୋଇ ପଡ଼ିଲା । ଭାଗ୍ୟକୁ ମଶାରୀ ଟାଙ୍ଗିଥିଲି । ଝରକା ଦେଇ ପବନସାଙ୍ଗ କୁ ବର୍ଷାର ଅହେତୁକ ଆଗମନରେ ରୁମ ଭିତର ଅର୍ଦ୍ଧେକ ଅଂଶ ଓଦା ହେବା ସହ ବହି ପତ୍ର ଆକାଶରେ ବଗ ପଂକ୍ତି ଉଡିଲା ସଦୃଶ ଅବସ୍ଥା ପହଁଚ ଯାଇଥିଲା । ଭୟରେ ପାଞ୍ଚ ଜଣ ଛୋଟ ଶିଶୁଟିଏ ପରି ଖଟରେ ବସିଯାଇଥିଲୁ । ସାହାସ ସଂଚୟ କରି ମୁଁ ଖଟରୁ ତଳକୁ ଓହ୍ଲାଇଲି । ମତେ ଲାଗିଲା କେଉଁ ଗୋଟେ ଗାଡ଼ିଆ ରେ ଉପସ୍ଥିତ । ଘର ବୁଡ଼ି ପାଣି ଆଣ୍ଠୁଏ। ଆମ ହଷ୍ଟେଲ ର ଭୌଗଳକ ଅବସ୍ଥିତି ଏମିତି ଥିଲା ଯେ ସହର ର ଉପର ମୁଣ୍ଡରେ ଟିକଏ ବର୍ଷା ବି ଛାତ୍ରାବାସ ର ଶୋଚନୀୟ ପରିସ୍ଥିତି ସୃଷ୍ଟି କରିବାରେ ଯଥେଷ୍ଟ ଥିଲା । ଅନ୍ଧାର ରାତିରେ ହାତ କାନ୍ଥ କୁ ଅଣ୍ଡାଳ କବାଟ ଦିଗରେ ଅଗ୍ରସର ହେଲି । କବାଟ ଖୋଲି ଜାଣିପାରିଲି ଅନ୍ୟ ରୁମରେ ମଧ୍ୟ ସମାନ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ କୁ ବ୍ୟବହାର କରିଥିବା ହେତୁ ପାଞ୍ଚ ଜଣଙ୍କର ସ୍ମାର୍ଟ ଫୋନ ରେ ଗ୍ଭର୍ଜ ନଥିଲା । କନ୍ତୁ ମୋ ପାଖରେ ଛୋଟ କପେଡ ଫୋନରେ ଟିଏ ଥିଲା । ସେହି ଫୋନରୁ ଆସୁଥିବା କ୍ଷୀଣ ଆଲୁଅରେ ରେ ଯଥା ସମ୍ଭବ ପାଞ୍ଚ ଜଣଯାକ ଦରକାରୀ ଜିନଷ ଗୁଡିକୁ ସୁରକ୍ଷିତ ସ୍ଥାନରେ ରଖିବାରେ ଲାଗିପଡିଲୁ । ସମୟ କ୍ରମେ ବାତ୍ୟା ସହିତ ବର୍ଷାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଥିଲା । ଝରକା ଦେଇ ପାଣିର ପ୍ରବେଶକୁ ପ୍ରତିରୋଧ ସକାଶେ ରାଧେ ଆଉ ବିଜୁ ଜୀବନକୁ ପାଣିଛଡ଼ାଇ ମୋଟା ପଲିଥିନ ସହାୟତା ରେ ଝରକା ଫାଙ୍କରେ ଅବରୋଧ କରିବାକୁ ଶତଚେଷ୍ଟିତ ଥାନ୍ତି । ମୁଁ, ନର, ଶଶାଙ୍କ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଗୁଡ଼ିକ ଯେମିତି ବର୍ଷା ପାଣିରେ ଓଦା ହୋଇ ନଷ୍ଟ ନ ହୁଏ ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ ସମ୍ପାଦନ କରିଥାଉ । ହଠାତ୍ ବିକଟାଳ ଶବ୍ଦ କରି କ'ଣ ଗୋଟେ ପଡ଼ିଲା ପରି ଶୁଭିଗଲା । ମନକୁ ପାପ ଛୁଇଁଲା । ନରଙ୍କୁ ବାରଣ କରିବା ସତ୍ତ୍ୱେ ଘଟଣା ସମ୍ପର୍କରେ ଅବଗତ ହେବା ପାଇଁ ଶବ୍ଦ ଭାସିଆସୁଥିବା ଦିଗରେ ଅଗ୍ରସର ହେଲେ । ଆମେ ଗ୍ଭରିଜଣ ପୂର୍ବବତ ନଜ ନଜର କାମ ରେ ଲାଗିପଡିଲୁ । କ୍ଷଣିକ ସମୟରେ ନର ଆସି ଖବର ଦେଲେ ଯେ ଅଫିସ ରୁମକୁ ଲାଗି ରହିଥିବା ଝଙ୍କାଳଆ ତେନ୍ତୁଳ ଦ୍ରୁମ ବାତ୍ୟାର

ଭୀଷଣ ପବନର ପ୍ରଭାବରେ ମୂଳରୁ ଉପୁଡିପଡିଛି। ପରିଣାମ ସ୍ୱରୂପ ବୃକ୍ଷ ଟି ବାମ ପାର୍ଶ୍ୱରେ ଥିବା ଅଫିସର ଲାଇବ୍ରେରୀ ରୁମ ଉପରେ ପଡ଼ି ରୁମକୁ କ୍ଷତ ବିକ୍ଷତ କରିପକେଇଛି। ଭଗବାନ ଙ୍କ ଅପାର କରୁଣା ଦ୍ୱାରା ଗଛଟି ଡାହାଣ ପାର୍ଶ୍ୱସ୍ଥ ହଷ୍ଟେଲ ର ଗୋଟିଏ ରୁମ ଉପରେ ନଜର ଦରୁଣ୍ୟ କାର୍ତ୍ତୃତ୍ୱ ଜାହିର କରିନଥିଲା। ନହେଲେ କଣ ଯେ ଅସୁବିଧା ହୋଇଥାନ୍ତା ତାହା କଳ୍ପନା ବାହାରେ ଥିଲା। କାହାର କୌଣସି ପ୍ରକାର ଅସୁବିଧା ହୋଇନଥିବା ଶୁଣିକ ଟିକେ ଆଶ୍ୱସ୍ତି ମାନେହେଲା। ନରଙ୍କୁ ସେନ୍ହ ଅଭିମାନ ଭର୍ତ୍ତି ହୃଦୟରେ ରାଗିକ କହିଲି-"କ'ଣ ଆବଶ୍ୟକ ଥିଲା ରୁମରୁ ବାହାରିବାର, ତୁମର ଯଦି କୌଣସି ଅସୁବିଧା ହୋଇଯାଇଥିଲେ।" ନର ସ୍ମିତ ହସିଦେଇ କହିଲେ -ରାଜ୍ ତୁମମାନଙ୍କ ପରି ବନ୍ଧୁ ଥାଉଁ ଥାଉଁ ମୋର କ'ଣ ଅସୁବିଧା ହେବ।"

ବିଜୁ ଆଉ ରାଧେ ସେମିତି ଜଡ଼ ହୋଇ ଠିଆ ହୋଇଥାନ୍ତି ଝରକା ରୁ ଆସୁଥିବା ପାଣି କୁ ଅବରୋଧ କରିବା ଅବସ୍ଥାରେ ।କାହା ପାଟିରେ କଥା ନାହିଁ।କେବଳ ବାହାରେ ବାତ୍ୟାର କରାଳ ଚକ୍କାର ଶୁଭା ଯାଉଥିଲା। ଗଛ ଗୁଡିକୁ ପବନର ପ୍ରଭାବରେ ମଡମାଡ଼ କରି ଭାଙ୍ଗିଯାଉଥିଲା। ପରିସ୍ଥିତି ନୟନ୍ତ୍ରଣାଧିନ ନଥିଲା । ମନେ ମନେ ଭଗବାନ ଙ୍କୁ ପ୍ରାର୍ଥନା କଲି "-ହେ ପ୍ରଭୁ ତୁମେ ହିଁ ସାହା ଭରସା"।

ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର କୁ ସୁରକ୍ଷିତ ସ୍ଥାନରେ ରଖିଦେଇ ପାଞ୍ଚ ଜଣ ଗୋଟିଏ ଖଟରେ ବସିଯାଇଥିଲୁ। କେତେ ସମୟ ଗଲିଯାଇଥିଲା କେଜାଣି, କନ୍ତୁ ଆମେ ସମସ୍ତେ ଠିକ୍ ସେମିତି ଉପାୟଶୂନ୍ୟ ଭାବରେ ବସିରହିଥିଲୁ। ବାତ୍ୟାର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଥିଲା। କଛି ସମୟ ପରେ ସାହସ ସଞ୍ଚୟ କରି ସମସ୍ତେ ଧୀରେ ଧୀରେ ଅନ୍ୟ ଛାତ୍ର ରୁଣ୍ଡ ହୋଇ ଥିବା ସୁରକ୍ଷିତ ହଲ୍ (ବଡ଼ ରୁମ) ଦିଗରେ ପାଦ ପକାଇବା ଆରମ୍ଭ କଲୁ। ସେଠି ପହଂଚବା ଦେଖିବାକୁ ମିଳଥିଲା କେତେଜଣ ଛାତ୍ର ବାଲି ଭର୍ତ୍ତି ବସ୍ତା ସାହାଯ୍ୟରେ ହଷ୍ଟେଲ ଭିତରକୁ ଆସୁଥିବା ପାଣିକୁ ଅବରୋଧ କରିବାରେ ବ୍ୟସ୍ତ ଅଛନ୍ତି। ମହମ ବତୀ ର କ୍ଷୀଣ ଆଲୁଅରେ କଛି ଚେହେରା ଅସ୍ପଷ୍ଟ ରୂପେ ଦେଖାଯାଉଥିଲା। ସମସ୍ତଙ୍କ ମୁହଁରୁ ସ୍ୱତଃ ଭାବେ ଗୋଟିଏ ଦୁଃଖଦ ଆଭାସ ପରିଲକ୍ଷିତ ହେଉଥିଲା। ଠିକ୍ ସେହି ସମୟରେ ରୋଷେଇ ଘର ଟିଣ ର ଆଜ୍ ବେଷ୍ଟର୍ ଉପରେ କ'ଣ ଗୋଟେ ଭୀଷଣ ଶବ୍ଦ କରିପଡ଼ିଲା। ଝରକା ପାଖ ଦେଇ ଅସ୍ପଷ୍ଟ ଭାବେ ଦେଖାଯାଉଥିଲା ରୋଷେଇ ଘରେ ଭାଙ୍ଗି ପଡ଼ିଥିବା ନଡ଼ିଆ ଗଛର ଚନ୍ଦପଟା। କେମିତି ସେ ରାତି ପାହିଛି ମତେ ତ ଗୋଟେ ଯୁଗ ପରି ଲାଗିଥିଲା। ସକାଳର ଆଲୋକରେ

ଆଲୋକିତ ହୋଇସାରିଥିଲା ଧରା ପୃଷ୍ଠ। ଗତରାତି ର ଅନ୍ଧକାର ମଧ୍ୟରେ ଘଟିଯାଇଥିବା ସେହି ଲୋମ ଟାଙ୍ଗୁରା ହୃଦୟ ବିଦାରକ ଦୃଶ୍ୟ ର ଦାରୁଣ୍ୟ କ୍ଷୟକ୍ଷତି ର ବାସ୍ତବ ଚିତ୍ରପଟ ସ୍ୱଚ୍ଛ ଭାବେ ଦେଖାଯାଉଥିଲା। ପ୍ରକୃତି ଅଶାନ୍ତ ହେଲେ କେତେ ଯେ ରୁକ୍ଷ ହୋଇପାରେ ତାହା ସଠିକ୍ ରୂପେ ଜଣାପଡୁଥିଲା। ଅସଂଖ୍ୟ ମାତ୍ରାରେ ଗଛ ଗୁଡିକ ଭାଙ୍ଗି ଯାଇଥିବା ହେତୁ ଅନେକ ପଶୁପକ୍ଷୀ ନିଜର ବାସସ୍ଥାନ ହରାଇ କରୁଣ ଚିତ୍କାର କରୁଥିଲେ। ମଣିଷ ମାନେ ମଧ୍ୟ ନିଜର ବାସସ୍ଥାନ ହରାଇଥିଲେ। ପ୍ରାୟ ପାଞ୍ଚ ଦିନପରେ ପରିସ୍ଥିତି  ଯାତାୟାତ ସ୍ୱାଭାବ ହେବା ପରେ ମୁଁ ଘରକୁ ଆସି ଥିଲି। କିନ୍ତୁ ସେ ରାତିର ଅଙ୍ଗେ ନିଭାଇଥିବା  ସେହି ଲୋମହର୍ଷକ ଘଟଣାଟି ମୋର ମନରେ ଜୀବନ୍ତ ହୋଇ  ମୋ ଜୀବନର ଅଭୁଲା କଥା ରୂପେ ରହିଗଲା ଚିରକାଳ ପାଇଁ ……………।

ଭରସୁଜା, ବଲାଙ୍ଗିର

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ:

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# କରୋନା...

ଗୀତାବାଳା ନନ୍ଦ

କରୋନା, ତୁମକୁ ନାଁ,
ତୁମର ଉତ୍ପତି ଚୀନର ଉହାନରୁ
ନାଁ, ଅନ୍ତରୀକ୍ଷରୁ,
ତୁମେ ଅଦୃଶ୍ୟ ରେ ରହି
ଦୁଃଖର ବୋଇତ କୁ ଭସାଇ ଗ୍ଲାଲିଛ
ସାରା ବିଶ୍ୱରେ ||
ଏଠି ଅତୀତ ପାଲଟୁଛି ବର୍ତ୍ତମାନ
ପ୍ରେମର ଫଲଗୁ ଲୁଚଲାଣି
ମାନସ ପଟରୁ
ପ୍ରାଣ ଶକ୍ତି ମଉଳ ଗଲାଣି
ଅସହାୟ ବେଦନା ରେ ଯନ୍ତ୍ରଣାକ୍ତ ଜୀବନ,
ସମୟର ଆବର୍ତ୍ତମାନରେ,
ଆୟୁଷ୍ମାନ ଶୁଖିଲାପତ୍ର ସାଜି
ଝଡିପଡନ୍ତି, କରୋନାର ଉପଦ୍ରୁତରେ ||

କଟକ

# ପବିତ୍ର ସମ୍ପର୍କଟେ



ନେପାଳ କୁମାର ବେହେରା

ରିଙ୍କି ଦିଦି ଓ ସୁପ୍ରଭା ଦିଦି ହାତ ହଲେଇ ବିଦାୟ ନେଉଛନ୍ତି, ଶୁଷମା ଶିକ୍ଷାନିକେତନରୁ। ସମସ୍ତେ ହାତ ହଲେଇ ବିଦାୟ ଦେଲାବେଳକୁ ମୋ ହାତ କାଇଁ ଉଠିଲାନି। ମୋ ସମ୍ପର୍କ ଭିନ୍ନଥିଲା ତାଙ୍କସହ । ହାତ ହଲେଇ ବିଦାୟ ଦେବାର ଶକତି ନ ଥିଲା ମୋ ହୃଦୟରେ। ଖାଲି ଯାହା ଉପରେ ଉପରେ ଲୋକଦେଖାଣିଆ ମୁରୁକ ହସଟିଏ ଛଡା ଆଉ କିଛି ନ ଥିଲା ମୋ ଠାରେ। ଆଖିର ଲୁହ ବି ଆଖିରେ ସୁଖି ସାରିଥିଲା ତାଙ୍କ ଗାଆଁକୁ ଯିବା ଖବର ଶୁଣି।

ମାତ୍ର ଆଠ ଦଶ ଦିନ ହେବ ଆସିଥିଲେ ଶିକ୍ଷାନିକେତନକୁ ପିଲାଙ୍କୁ ପାଠ ପଢେଇବା ଉଦ୍ଦେଶ୍ୟ ରଖି। ସାତ ଜଣ ଛାତ୍ରଛାତ୍ରୀ ବି ଆସିସାରିଥିଲେ ସ୍କୁଲ୍ କୁ। ମାତ୍ର କରୋନା ମହାମାରି ପାଇଁ ସ୍କୁଲ୍ କଲେଜ୍ ଇତ୍ୟାଦି ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସରକାରଙ୍କ ନିଷ୍ପତି କ୍ରମେ ସୋନପୁର୍ ଏସ୍.ପି ସାର୍ ଙ୍କ ନିର୍ଦ୍ଦେଶକ୍ରମେ ପିଲାଙ୍କୁ ସ୍କୁଲ୍ ରଖା ଗଲା ନାହିଁ। ମାତ୍ର ଷ୍ଟାପ୍ ତଥା ଗୟାଧର୍ ସାର୍, କୈଳାସ୍ ସାର୍, ମୁଁ, ଆଉ ରିଙ୍କି ଓ ସୁପ୍ରଭା ଦିଦି ଓ ଧ୍ରୁବଚରଣ ଭାଇ ସହ ଗାଆଁର ଦୁଇଜଣ ସ୍ୱେଛେୟା ମାଉସି ଙ୍କ ସହ ରହିଥିଲୁ।

ମାତ୍ର କେଇଟା ଦିନ ଭିତରେ ସଂପର୍କ ଖୁବ୍ ନିବିଡ ହୋଇସାରିଥିଲା ଆମ ସମସ୍ତଙ୍କ ଭିତରେ। ଖାସ୍ କରି ମୁଁ ରିଙ୍କି ଦିଦିଙ୍କ ସମସ୍ତ କାର୍ଯ୍ୟକଳାପ ତଥା ଆଚରଣକୁ ଖୁବ୍ ପସନ୍ଦ କରୁଥିଲି। ସୁପ୍ରଭା ଦିଦି ମଧ୍ୟ ବହୁତ ଭଲ । ମୁଁ ଅଧିକାଂଶ ସମୟ ନୀରବ ରୁହେ ଓ ଯଥା ସମ୍ଭବ ଏକା ଏକା ରହିବାକୁ ଭଲପାଏ । କବିତା ଲେଖେ ଓ କ୍ଷୁଦ୍ର ଗଳ୍ପ ବି ଲେଖେ। ମୋ ଲେଖା ସବୁକୁ ପଢିବାକୁ ରିଙ୍କି ଦିଦିଙ୍କ ଆଗ୍ରହ ବଢିଲା । ଯଦିଓ ମୁଁ ମୋ ହ୍ୱାଟସଆପ୍ ନଂମ୍ବର କୌଣସି ଝିଅଙ୍କୁ ଦିଏ ନି! କିନ୍ତୁ, ରିଙ୍କି ଦିଦିଙ୍କ ମୋ ଲେଖା ପ୍ରତି ଆଗ୍ରହ ଦେଖି ଲେଖା ଗୁଡିକ ପଠେଇବା ଉଦ୍ଦେଶ୍ୟରେ ମୋ ନଂମ୍ବର ଦେଇଥିଲି। ଲେଖା ବି ପଠେଇଲି ଅନେକ । ରିଙ୍କି ଦିଦି ଲେଖା ଗୁଡିକୁ ପଢି ବହୁତ ପ୍ରଶଂସା କଲେ । ମୋତେ ବି ପ୍ରଶଂସାରେ ପୋତି ପକେଇଲେ। ତାଙ୍କର ପ୍ରତ୍ୟେକ କଥା ମୂଲ୍ୟଯୁକ୍ତ ପରି ଲାଗେ।

ଜଣେ ପୁଅର ହ୍ୱାଟସଆପ୍ ନଂମ୍ବର ଗୋଟେ ଝିଅ ପାଖରେ କମ୍ବା ଗୋଟେ ଝିଅର ହ୍ୱାଟସଆପ୍ ନଂମ୍ବର ଗୋଟେ ପୁଅ ପାଖରେ ରହିଲେ କଥା ଆଗକୁ ବଢିବା ସ୍ୱାଭାବିକ। ଆମ ଦି ଜଣଙ୍କ ମଧ୍ୟରେ ମଧ ସେଇୟା ହେଲା । ଜଣେ ଆଉ ଜଣଙ୍କ ବିଷୟରେ ଜାଣିବାରେ ଲାଗିଲୁ।

ମୁଁ ବେଳେବେଳେ ଉଦାସ ରହୁଥିଲି ରିଙ୍କି ଦିଦି କାରଣ ପଚାରିଲେ। ମୁଁ ମୋ ମାଆ କୁ ବହୁତ ମନେପକଉଥିବା କଥା କହିଥିଲି । ମୁଁ ମାଆଙ୍କୁ ବହୁତ ଖୋଜୁଥିବା କଥା କହୁଥିଲି। ସିଏ ବହୁତ ଆଶ୍ୱାସନା ଦେଇ ବୁଝେଇବାରେ ଲାଗନ୍ତି। ଧିରେ ଧିରେ ସେ ମୋର ମାଆ ହେବାର ଅଭିନୟ କରି ମୋତେ ପୁଅ ବୋଲି ସମ୍ବୋଧନ କରିବାରେ ଲାଗିଲେ। ଦିଦିଙ୍କ ବୟସ ମୋ ସମବୟସ୍କା ହେଲେ ମଧ ସେ ମୋତେ ପୁଅ ସମ୍ବୋଧନ କରିବା ବୋଧହୁଏ କେହି ବି ଏଇ ସ୍ନେହର କଳନାକରିବା ଅସମ୍ଭବ।

ମୁଁ ଯାହାସବୁ ନୂଆ ନୂଆ କବିତା, ଗଳ୍ପ ଲେଖୁଥାଏ ସବୁ ପ୍ରଥମେ ମୋ ମାଆ ତଥା ରିଙ୍କି ଦିଦିଙ୍କୁ ପଠଉଥାଏ। ଦିଦି ଭାଇଭଉଣୀଙ୍କ ସ୍ନେହକୁ ନେଇ କବିତାଟିଏ ଲେଖିବାକୁ କହିଲେ। ମୁଁ ଲେଖିଲି, ପଠେଇଲି ଦିଦିଙ୍କୁ। ଦିଦି ସେଇ କବିତାଟିକୁ ପଢି ମୋ ଉପରେ ଧନ୍ୟବାଦର ବର୍ଷା କରିବାକୁ ଲାଗିଲେ । ବହୁତ ଖୁସି ହେଲେ। ମୁଁ ମୋର କେହି ନିଜ ଭଉଣୀ ନ ଥିବା କଥା ଦିଦିଙ୍କୁ କହିଲି ଓ ଏଥିପାଇଁ ମୁଁ ବହୁତ ଦୁଃଖିତ ଥିବା କଥା ମଧ ବଖାଣିଲି। ଦିଦି ସାଂଗେ ସାଂଗେ ମୋ ଭଉଣୀ ହେବାର ଅଭିନୟ କରିବାରେ ଲାଗିଲେ ..........

ଆଶ୍ଚର୍ଯ୍ୟର କଥା! ମାଆର ଅଭାବ ହେଲେ ମାଆ ଅଭିନୟ, ଭଉଣୀର ଅଭାବ ବେଳେ ସୁନା ଭଉଣୀ ଓ ସ୍କୁଲ୍ ଭିତରେ ସମସ୍ତ ଷ୍ଟାଫ୍ ଆଗରେ ସହ ଶିକ୍ଷୟିତ୍ରୀ ସାଜୁଥିବା ଝିଅଟେ ପ୍ରଥମଥର ପାଇଁ ଦେଖୁଥିଲି ମୁଁ। ଜାଣିଥିଲି ଝିଅଟିଏ ବା ନାରୀଟିଏ ଅନେକ ଭୂମିକାରେ ଅଭିନୟ କରିଥିବା କଥା ଜାଣିଥିଲି କିନ୍ତୁ ଏବେ ଅନୁଭବ କରୁଥିଲି। ଏପରି ନାରୀଙ୍କୁ ଶତ ଶତ ପ୍ରଣାମ।।

କେଜାଣି ରିଙ୍କି ଦିଦି ମୋତେ କେତେଦିନ ମାଆପରି ଭଲ ପାଉଥିବେ ଆଉ ଭଉଣୀ ପରି ସ୍ନେହ, ପ୍ରେମ ଦେଉଥିବେ । କିନ୍ତୁ ମୁଁ ତାଙ୍କୁ ଭୁଲିବା ମୁସ୍କିଲ୍......

ଜାମୁଖୋଲ, କଣ୍ଡାମାଳ, ବୌଦ୍ଧ

# ମୋ ଧନ



ଚତରଞ୍ଜନ ବେହେରା

ପ୍ରେମ ପ୍ରେମ ହେଇ ପାଗଳ ହେଲି
ମିଳଲାଣି ମୋତେ ପ୍ରେମ ।
ମୋ ହୃଦୟ ବୋଲି ତାକୁ ଭାବୁଥିଲି
ବୁଝିଲା ନ ମୋ ମନ ।।
ତୋଳଥିଲି ମୁଁ ଆକାଶ ରୁ ଜହ୍ନ  ଦେବା ପାଇଁ ତା ହାତେ ।
ସେ ଫୁଲେଇ ଏତେ ନିଷ୍ଠୁର ଥିଲା ଗ୍ଲାଲି ଗଲା ଅନ୍ୟ କା ସାଥେ ।।
ତା ଚନ୍ତାରେ ମୋର ରାତି ପାହୁ ଥିଲା
ସ୍ପନ୍ଦନ ଥିଲା ମୋ ଛାତିର  ।
ବୁଝିଲାନ ସିଏ ମୋ ପ୍ରେମକୁ ଥରେ
ହେଇ ଗଲା ଅନ୍ୟ କାହାର ।।
ସବୁବେଳେ ସିଏ ମୋତେ କହୁଥିଲା ମରିଯିବି ତମ ବିନା ।
ସିଏ ଆଜି କାଲି କଥା ହେବ ପାଇଁ
ହେଉଛି ଆନମନା ।।
ଯିଏ ମୋତେ ଦିନେ ତମେ ଡାକୁ ଥିଲା ଆଜି ଡାକୁଛି ତୁ ।
ସବୁ ତ ମୋର କର୍ମର ଫଳ କାହାକୁ କହିବି ମୁଁ ।।
ଭାବନା ରେ ମୋର ଦିନ ସାରିଯାଏ ହସୁଛି ସିଏ କା ସାଥୀରେ ।
ତା ଖୁସି ଦେଖି କାନ୍ଦି କାନ୍ଦି ମୁଁ ଦିନ କାଟିବି ସତରେ ।।
ବାହାଘର ତାର ଦେଖି ପାରିବିନ
ସେ ଦିନ ମୋ ଶେଷ ରାତି ।
ଆଉ କା ସିନ୍ଦୁର ତା ମଥାରେ ଦେଖି ହେଇଯିବି ମୁଁ ଶାନ୍ତି ।।
ହସି ହସି ତାକୁ ବିଦାୟ ଦେଇ
ସୋଇଯିବି ଶେଷ ନିଦ୍ରାରେ ।
ତା ପ୍ରେମ କୁ ଥରେ ପାଇବା ପାଇଁ
ଅପେକ୍ଷା କରିବି ଆର ଜନ୍ମରେ ।।

ସମ୍ପାଦକ, ଯାତ୍ରା
ମାଝିସାହି, ବଘିଆପଡା, ବୌଦ୍ଧ

# ଭାଏ



ଆଶୁତୋଷ ଠାକୁର

ଭାଏ ଭାଏ ମିଶି ଗୁଟେଠାନେ ଥିଲେ
ସବୁ କାଁମ୍ କବାର୍ ଛନେ
କୁନୁଆଁ ପୁନୁଆଁ ଘରକେ ଆଏଲେ
ଦେଖି ଗହଁକ ହେସଁନ୍ ମନେ
ଛି ଛି ଦୁର୍ ଦୁର୍ ଯିଏ କଲେବି
ଭାଏ ହେସି ସୁଖେ ଦୁଖଃ ଠିଆ
ସବୁ କବାରେ ବଫୁ ମିଲସି
ନାଇଁ ହାରି ଦେବୁ ହିଆ ,,(୧)
ଭାଏ ମଏତର୍ କେତେ ଆଦର୍
ଭାବେ ଲାଗସି ଗହ ଗହ
ଭାଏର୍ ଲାଡ଼ ଗେଲ୍ କେଡ଼େ ସୁନର୍
ବାସୁଥିସି ସତେ ମହ ମହ
ଆଘେ ପଛେ ଭାଏର ତୁଇ ଗାଲୁଥିଲେ
ସବୁ କାମେ ହେବା ତର୍ ଜଏ
ଭାଏର ସେନେହ ଆଶିରବାଦ୍ ବଲେ
ନାଇଁ ଲାଗେ ଡର୍ ଭଏ
ନାଇଁ ଲାଗେ ଡର୍ ଭଏ ,,(୨)
ଭାଏ କେ ଭାଏ ବଲି ମାନ ଚଲୁଥିବୁ
କେଭେ ନେଇଁ କରବୁ ପର୍
ଭାଏ ବହେନ୍ ବନ୍ଧନ ଫୁଲ୍ ଚନ୍ଦନ୍
ମହତ୍ ରଖବା ତୋର୍
ଭାଏ ହେଇକରି କରବୁ ତୁଇ
ଯେନ୍ ଟା ଆଏ ଭାଏର୍ ଧରମ୍

ଭାଏର୍ ଭାବ୍ ଆଏ ଜଗତ୍ ଜିତା
କରୁଥିବୁ ବନେ କରମ୍
କରୁଥିବୁ ବନେ କରମ୍ ,,(୩)
ଭାଏ ଭାଏ ଠାନୁ ବଡ଼ ନାଇଁନ
ଇ କଲିଯୁଗେ ଆର କେହି
କରିଆ ଖାଏମା ଆସ ସଭେ
ମାଁ ମାଁଏଟ୍ କେ ଛୁଇଁ
ଭାଏ ଅକ୍ଷର ର ମହତ୍ ରଖମା
ବଢାମା ଘରର ସିରି
ହୁର୍ଦେ ରଖି ରାମ୍ ନାଁମ୍
ଇ ଭବ ସାଗର ଥୁ ହେଁମା
ପାରି, ହେଁମା ପାରି ,,(୪)
ଭାଏ ଥିଲେ ଭଲା  ଖେତ ଥିଲେ ଖଲା
ବଲି ଅଛେ ଜେନ୍ କଥା ପଦେ
ଇ କଥାଟା ସତ, ରହିଛେ ଯୁଗେ ଯୁଗେ
ରାମ୍ ଲଛମନ୍ ଲବ କୁଶର୍ ଭାଏର୍ ଭକ୍ତି
ସାରା ସଂସାରେ ହେଉ ବିଛେଇ
ସମଲେଇ ମାଁ ଛତରେ ରଖିଥନ୍
ତତେ ପନତ୍ ଜାନୀ ଉଢେଇ
ସବୁ ସୁଖ୍ ମିଲୁ ଟୁପା ଭାରେ ଭାଏ
ଦୁଖଃ ଯାଉ ତର୍ ଉଭେଇ
ଦୁଖଃ ଯାଉ ତର୍ ଉଭେଇ ,,(୫)

ମଣ୍ଡଲ,ବଲାଙ୍ଗିର

# ସମ୍ଭବନା



ରାଜେଶ କୁମାର ବାରିକ

ଶାନ୍ତ ଆଉ ବିଷାଦର ପବନ ଦେହକୁ ଛୁଇଁ ଯାଉଥାଏ, ନା ଓଠ ରେ ଥାଏ ହସ ନା ହାରିବାର ଅବଶୋଷ । ତଥାପି ଭାଙ୍ଗିଯାଇଥିବା ସଜନା ଡାଳ ଟା କଅଁଳଲା ପରି ପୋଲିସ ର ମାଡ ଖାଇ ବି ମାନସ ଘରକୁ ଆସିବା ବନ୍ଦ କରିନି ଶୁସାନ୍ତ (ହାତରେ ଡିଏସଏଲଆର କ୍ୟାମରାକୁ ଧରି ପୂର୍ଣ୍ଣିମାର ଚାନ୍ଦକୁ  ଆକାଶର ରୁ ଧରିବାରେ ଲାଗିଥାନ୍ତି ଦୁଇ ବନ୍ଧୁ।)

କ୍ୟାମରାର ଲେନ୍ସ ରେ ଫଟୋ ତୋଳବା ବହୁତ ସହଜ ହୋଇଥାଏନା । ଦାମି କ୍ୟାମରାକୁ ଧର ବସ୍ତୁର ସୁନ୍ଦର ପାର୍ଶ୍ୱକୁ ଦେଖ ଆଉ ଚଟ୍ କନା ବଟମ୍ କୁ କ୍ଲିକ୍ କରିଦିଅ ବାସ୍ କାମ ସରିଲା । ଦେଖିବ କେଡେ ସୁନ୍ଦର ଫଟୋ ଆସିଯିବ। ଖାଲି ଟିକେ ଅଧ୍ୟବସାୟ ଲୋଡା ଆଉ ତାପରେ ଏମିତିରେବି  ଆଗପରି ପରିଶ୍ରମ କରିବାକୁ ପଡୁନି ସୁନ୍ଦର ଫଟୋ ପାଇଁ। ନୂଆନୂଆଁ ଟେକ୍ନୋଲୋଜି ସହାୟ୍ୟରେ କଳା କୁ ଗୋରା, ବୁଢା କୁ ଟୋକା ଆହୁରି ଅନେକ କିଛି କରିହେଉଛି ।  ଦେଖିବୁ ଶୁସାନ୍ତ ଆମର ଏଇ ପ୍ରଫେସନ୍ ଦିନେ ଆମକୁ ବହୁତ ଆଗକୁ ନେଇଯିବ ।

ବୁଝିଲୁନା ମାନସ ତୋର ଏଇ ଦିନରେ ସ୍ୱପ୍ନ ଦେଖିବା ଆଦତ ଟା ଗଲାନି। କରୋନାରେ ଚାରିଆଡେ ମୃତ୍ୟୁ ର ତାଣ୍ଡବ ଏମିତିରେ ଘରୁ ବାହାରକୁ ବାହାରିବା ମନା ତୁ ୟା ଭିତରେ ପ୍ରଫେସନ୍ କୁ ନେଇ ସ୍ୱପ୍ନ ଦେଖୁଛୁ ? ତୋର ଏଇ ସ୍ୱପ୍ନ ପାଇଁ ରାତି ନଅଣ୍ଟ ହେବ ସିନା ସ୍ୱପ୍ନ କେବେ ପୁରଣ ହେବନି। ପ୍ରଥମେ ବର୍ତ୍ତମାନ ର ସ୍ଥିତିକୁ ସମ୍ଭାଳ ପରେ ଦେଖିବୁ ଭବିଷ୍ୟତ।

ତୁ ଗୋଟେ କଥା ଯାଣିଛୁ ଶୁସାନ୍ତ । ଆମେ ସବୁବେଳେ କ୍ୟାମରା, କମ୍ପ୍ୟୁଟର ଆଉ ଟେକ୍ନୋଲୋଜି ଧରି ଅନ୍ୟର ମାନ ନିର୍ଧାରଣ କରିଛୁ । ହେଲେ ଥରେ ଭାବନା ଆମର ଆଖ ପାଖ ର ପରିବେଶ ଟା କେତେ ଅସଜଡା ହୋଇଛି । ତାକୁଟିକେ ସଜାଡି ଦେଲେ କ'ଣ

ଜୀବନ ସୁନ୍ଦର ହେବନ ? ମାନୁଛି ବର୍ତ୍ତମାନ ପରିସ୍ଥିତି ରେ ଭବିଷ୍ୟତ ଅନ୍ଧାର ରେ କନ୍ତୁ ବର୍ତ୍ତମାନ !

କ'ଣ ବର୍ତ୍ତମାନ?........ କଛି ବି ହେବନ । ତୁ ନଜେ ଦେଖୁନୁ ଆଜିର ଦିନରେ ନା ପଇସା ର ମୂଲ୍ୟ ଅଛି ନା ସମ୍ପର୍କ ର ଭାଉ, ଧନ ହେବାର ଅହଂକାର ନା ଗରିବ ହେବାର ଅବଶୋଷ ଅଛି। ଧନ ଲୋକ ସବୁ ଆଶା ଛାଡି ଦେଲେଣି ଆଉ ତୁ! ବର୍ତ୍ତମାନ ଖାଲି ଗୋଟେ କାମ କର ଖାଲି ଘରେ ରହ, ଭଲରେ ରହ । ଦେଖିବୁ ସବୁ ଠିକ୍ ହୋଇଯିବ। ସମୟ ବଡ ବଳବାନ ।

ହଁ ସମୟ ବଡ ବଳବାନ! ତୁ ଜାଣିଛୁ ଆମ ଅଞ୍ଚଳ ରେ ବିବାହ ହେଉକ ବ୍ରତଘର, ଜନ୍ମ ଦିନ ହେଉକ ପୂଜା ମଣ୍ଡପ ସବୁଠି ଆମରି ଚର୍ଚ୍ଚା ତାହାର ମୁଖ୍ୟ କାରଣ ଆମେ..... ସବୁବେଳେ କଛି ଅଲଗା କରିଥାଉ ଯାହା ଟେକ୍ନୋନଜି ଦେଇ ପାରେନା । ପୋଖରୀ ର ମାଛ, ବାଡିରେ ପରିବା ଆଉ ମାଁଙ୍କର ହାତ ତିଆରି ପୋଡ ପିଠା କେଡେ ସୁନ୍ଦର ଲାଗେନା। କନ୍ତୁ ଆଜି ପୋଖରୀ ଅଛି ମାଛ ନାହାଁନ୍ତି, ବାଡି ଅଛି ପରିବା ନାହିଁ ଆଉ ମାଁ ଅଛନ୍ତି କନ୍ତୁ ପୋଡ ପିଠା ଖାଉନାହୁଁ। ସତରେ ଅନ୍ୟମାନଙ୍କ ଉପରେ ଏତେ ନିର୍ଭର ହୋଇଗଲୁଣି ଯେ ନଜେ ନଜର ନଜତ୍ୱକୁ ବି ଭୁଲିଗଲୁଣି।

ହଁ...... ପୁରା ସତ କଥା ତ ମାନସ । ଆମେ କରୋନା ପ୍ରଭାବରେ ବାହାରକୁ ଯାଇ ପାରିବାନ ସତ ଆମେ ଆମର ଆଖପାଖ ସଜାଡି ରଖିଲେ ନଜେ ସ୍ୱାବଲମ୍ବି ହେବାସହ ଜୀବନର ଆନନ୍ଦ କୁ ପାଇପାରିବା।

( ମାଁଙ୍କ ର ଡାକ ଶୁଭିଲା ଆସରେ ପିଲେ ଖାଇବ ଆସ)

ବାସ୍ତବରେ ଆମେ ଯେଉଁ ସବୁ କଥାକୁ ଅଣ ଦେଖା କରୁଛୁ ସେହି ସବୁ ଆମପାଇଁ କେତେ ଦରକାରି ସତରେ ଆମେ ଜାଣିନୁ । ନୁଆ ଆଶା ନୁଆ ବିଶ୍ୱାସ ରେ ଆଗକୁ ଗ୍ଲଲ, ଦେଖିବ ଏ କରୋନା କଣ ଦୁନଆର କୋଣସି ଶକ୍ତି ଆସିଲେ ବି କଛି କରିପାରିବ ନାହିଁ।

ଦେବେନ୍ଦ୍ର ପୁର, ଆଭଣା, ବାଲେଶ୍ୱର

# ପରଛା ଅନ୍ଧାର୍



ଡିସମ୍ବର ମେହେର

ବଛର୍ ଗୁଟେକେ ଆଇଛେ ଇ ତିହାର୍ । ସବୁ ଲୁକ ଗହ ଗହ ମହ ମହ, ପଡା ପଟିନେ ସବକର୍ ଘରେ ଧୁଆ ପୁଛା, ଲିପା ପୁଛା, ବନା ଚୁନା ଦେଇ ବସଲନ୍ । ବୁଢ଼ା ବୁଢୀ, ଛୁଆ ପୁତା ସଭେଁ ଉସତ୍ । ଆମର୍ ପଟ୍ଟର୍ ଲୋକ୍ ମନେ ତାକର୍ ଘଏଁତା ମାନକର୍ ସନେ ସହର୍ କେ ଜେଇକରି ମନ୍ ମନଛା କପଟା ଲତା ଚୁରି ଛେପନା ଘେନ ଅନୁଛନ୍ । ପୋ ଝି ଇ ସବୁକେ ଦେଖିକରି ନୁଆ କୁର୍ତା ଖଣେ ଲାଗି କାନ୍ଦି ବୋବି ହେଉଛନ୍ ମୁଁ ହତଭଗି କଛି ଖଣେକ୍ ଘେନ ନେଇ ଦେଇପାରବାର୍ । ଝି କାନ୍ଦି କାନ୍ଦି ଆଇକରି କହୁଛେ ମାଁ କେ ଇ ଫଗ୍‌କ୍ ୪ ବଛର୍ ହେଲାନା ଫାଟି କଲାନା ସବୁ ଆର୍ କେତେ ବଛର୍ ପିନ୍ଧମି । ପୋ ବଲୁଛେ ମୋର୍ ସାଙ୍ଗ ମନେ ଜିନସ୍ ପେଣ୍ଟ ଘିନଛନ୍ ମୁଇ ଗୁଟେ ଘେନମି । ଘର୍ ଛୁଛା ହେଇଛେ କାଏଁ କର୍ମୀ, ନୁଆଖେଇ ଦିନର୍ ଲାଗି ଶାଗ୍ ଡାଲ୍ ଖଣେ ଘେନବାକେ ଶକତ୍ ନେଇନ। ରେବତୀ ହଡ୍ରିକରି କବାଟ୍ କୁନେ ବସିଥାଏ ।

ଗଣ୍ଡାବାହାଲି ଜିଲ୍ଲା- ନୂଆପଡା

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ:

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ଚରେଇକର୍ ଉଡ଼ାନ୍



ବିଶ୍ୱନାଥ ଭୁଏ

ସକାଲ୍ ପୁହା ହଉ କ ବେଲ୍'ବୁଡ଼ା
ଶୁଇନ୍ ଆକାଶେ
ଚିଁଚାଁ ଶବଦେ
ଦେଖ୍'ବାର୍ କେ ମିଲ୍'ସି
ଚରେଇକର୍ ଉଡ଼ାନ୍ ।
ସଥେ ସେମାନେ
ସୁଆଧିନ୍ ଦୁନଆଁର୍ ରଜା
ସୂରୁଜ୍ କେଥି'ନ ଉସତ୍ ହେସି,
ପବନ୍ ଭି ନାଚ ପକାସି
ଦେଖିକରି ଚରେଇକର୍ ଉଡ଼ାନ୍ ।
ପଁର୍'ଗ୍ ହଉ କ କଲ୍
ଆକାଶ୍ ଉପ୍'ରେ କେତେବେଲେ ଫୁଲ୍
ତ କେତେବେଲେ ମାଲି ବାଗିର୍ ଦିଶୁଥିସି
ଇ ଚରେଇକର୍ ଉଡ଼ାନ୍ ।

କେଶାଇପାଲି, ଭଟଲି, ବରଗଡ

# ଛୁଆ ଶୁଆ ଗୀତ୍



ଯୁବରାଜ କୁଦେଇ

ଶୁଇ ପଡରେ ମୋର୍ ଧନ
ଶୁଇ ପଡ ମୋର ଗଳା ରତନରେ
ତତେ ତୁଲି ଦେମି ସର୍ ଗର୍ ଜନ୍ ହଁ
ମୋର୍ ଧନରେ ॥
ବାପ ମୋର୍ ଦୁଖିରି ଧନ
ମୋର ଗରଭରୁ ହେଲୁ ଜନମରେ
ତତେ କରିଛେଁ ଜିବର୍ ଜିବନ
ମୋର୍ ଧନରେ ॥
କାଉ କାଉ ନନ୍ ଦ ଯାଉ
ଦିନସାର୍ ଖାଲି ତୁଇ ଖେଲୁ ଥାଉରେ
ତୁଇ ଖାଆ ବଏଲେ ନାଇଁ ଖାଉ
ମୋର୍ ଧନରେ ॥
ଖାଇବା ପିଇବା ଭୁଲି
ତୁଇ ବୁଲୁଥାଉ ଗଲିକେ ଗଲିରେ
ମତେ କନ୍ଦେଇ କନ୍ଦେଇ ମାରୁ
ମୋର୍ ଧନରେ ॥
ଗାଁ ଖୁଲି ପଟାଦୁଲି
ଧାଇଁ ଯାଉଥିଲୁ ଦୁଲିମି ବଲିରେ
ତୁଇ ହିଟି ପଡ୍ ଲୁ ମୁହଁ ମାଡି
ମୋର୍ ଧନରେ ॥

ଆହା ମୋର ଗଁଠି ଧନ
ତୋର୍ ଲାଗି ଘୁରିଛେଁ ବାସ ଚନ୍ଦନରେ
ତୋର୍ ଘାଆ ଥିଁ ଲଗାମି ବଲି
ମୋର୍ ଧନରେ ॥
ଶୁଇ ପଡ ବାପ ଧନ
ତୋର୍ ବାପା ଯାଇଛନ୍ ସଏନ୍ ବାର୍ ବଜାରରେ
ଆନଦେବେ କେତେ ଯେ ଦରବ ମୋର୍ ହଁଡାରେ
ତୁଇ ଉଠିଲେ କର୍ ବୁ ବେଭାର
ମୋର୍ ଧନରେ ॥
ଆ ଆ କକୋ ମିନା
ମୋର୍ ସୁନାର୍ ମନ ନାଇଁ କର୍ ତୁଇ ଉନାରେ
ତତେ ଘିନ ଦେମି ଖୁଡ୍ ଡିଆ ଚନା
ମୋର୍ ଧନରେ ॥

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ମୁଠେ ଭାତ ର ମୂଲ୍ୟ



ତପନ କୁମାର ଦାଶ

ନୂଆ ଦୋକାନଟିଏ ଖୋଲିଥାନ୍ତି ମହାନ୍ତି ବାବୁ | ଅବସର କାଳୀନ ପୁଞ୍ଜି ରେ ଯାହା ମିଳଥିଲା ସବୁତକ ସେଇ ଦୋକାନରେ ଲଗେଇ ଦେଇଥାନ୍ତି | ତାଙ୍କର ଝିଅ, ପୁଅ କେହି ନାହାନ୍ତି | ବାହା ହେଲା ପରେ ଖାଲି ସ୍ତ୍ରୀ ଆଉ ସିଏ |

ଅବସର ପରେ କଣ କରିବେ | ଭାବି ଭାବି ଦୁହେଁ ନଷ୍ପତି ନେଲେ ଗୋଟିଏ ବହି ଦୋକାନ ଖୋଲିବେ | ମହାନ୍ତି ବାବୁ ଦୋକାନରେ ବସନ୍ତି | ସୁରୁଖୁରୁ ରେ ଦିନ ଗଡି ଚାଲୁଥାଏ |

ଦି ପ୍ରାଣୀ ବେଳାଏ ଝେଷେଇ ହେଲେ ବଳେ ନାହିଁ | ବଳଥିବା ଖାଦ୍ୟ ଖାଇ ରାତିରେ ଶୋଇପଡ଼ନ୍ତି |

ସବୁଦିନ ମହାନ୍ତି ବାବୁ ସକାଳୁ ଗାଧୋଇ ସଅଳ ସଅଳ ଦୋକାନ ଖୋଲିବା ପାଇଁ ଚାଲି ଆସନ୍ତି | ଜଲଦି ଦୋକାନ ଖୋଲିଲେ ପିଲାଏ ଆସିବେ | ଯାହା ଦରକାର ଖାତା, କଲମ, ପେନ୍ସିଲ, ରବର, ବହି, ସ୍କେଚପେନ ଇତ୍ୟାଦି ନେଇ ସ୍କୁଲ ଯିବେ | ମହାନ୍ତି ବାବୁଙ୍କର ପୁଅ ନଥିବାରୁ ଛୁଆ ମାନଙ୍କୁ ବହୁତ ସ୍ନେହ ଶ୍ରଦ୍ଧା କରନ୍ତି | ସମସ୍ତଙ୍କୁ ସବୁଦିନ ଚକୋଲେଟ ଦିଅନ୍ତି | ଗରିବ ପିଲାଙ୍କୁ ମାଗଣାରେ ପେନ୍ସିଲ, ରବର, ଖାତା ଇତ୍ୟାଦି ଦେଇଦିଅନ୍ତି | କେଜାଣି କାହିଁକି ସେ ଏହା କରି ବହୁତ ଖୁସି ଅନୁଭବ କରନ୍ତି | ତାଙ୍କ ମାଡାମ ବହୁତ ଥର ଗାଳ ବି କଲେଣି |

"ସବୁ ଯଦି ମାଗଣାରେ ଦବ ଦୋକାନ ଚାଲିବ କପରି ?"

ବାବୁ ହସିଦେଇ କହନ୍ତି,

"ଆରେ ଡାର୍ଲିଂଗ ଆମର କଏ ଅଛି, ପିଲ୍ମାନେ ଖୁସିରେ ରହିଲେ ଭଗବାନ ଖୁସି ରେ ଆମକୁ ରଖିବେ | ମାନବ ସେବା ହିଁ ଈଶ୍ୱର ସେବା |"

ସବୁଦିନ ପରି ଦିନେ ମହାନ୍ତି ବାବୁ ସକାଳୁ ଆସିଲ୍ ବେଳକୁ ଦେଖିଲେ ଦୋକାନ ସମ୍ମୁଖରେ ଗୋଟେ ମଳମୁଣ୍ଡିଆ ମଇଳା କପଡା ପିନ୍ଧା ଲୋକଟିଏ ସୋଇଛି | ତା ଦେହର ଫୁର୍କୁଟିଆ ଗନ୍ଧ ରେ ଖଣ୍ଡ ମଣ୍ଡଳ କମ୍ପୁଛି |

ବାବୁ ରାଗରେ ପଞ୍ଚମ | ତାକୁ ଉଠେଇଲେ | ଲମ୍ବା ବାଡ଼ିଟିଏ ଧରି ଖେଂଚଲେ, ତଥାପି ଉଠିଲ୍ନ | କରିବେ କଣ | ସେ ଏମିତି ଶୋଇରହିଲେ ପିଲ୍ଏ ଡର ରେ ଆସିବେନ | ଗରାଖ ବି ଆସିବେନ | ହଠାତ ଆଣିଥିବା ପାଣି ବୋତଲ ରୁ ଠିପି ଖୋଲି ସବୁ ପାଣି ତା ମୁଣ୍ଡ ଉପରେ ଢାଳି ଦେଲେ | ବିଚରା ସଂଗେ ସଂଗେ ଚମକ ଉଠିପଡ଼ିଲ୍ | ଗଲ୍ନାହିଁ| ବାବୁ ପୁଣି ଘଉଡ଼େଇଲେ | ଗଲ୍ନାହିଁ | କରିବେ କଣ !

ଶେଷରେ ଦୋକାନ ଖୋଲି ବସିଲେ | ସେ ପାଗଳ ଟି ଗୋଟେ କୋଣ ରେ ବସିରହିଥାଏ ଓ ସମସ୍ତଙ୍କୁ କରୁଣ ଚାହାଁଣୀରେ ଅନେଇ ରହିଥାଏ | ପିଲ୍ଏ ଆସି ତାକୁ ଚାହିଁ ଟାପରା ବି କରନ୍ତି, କଏ ଡରି ପଳାନ୍ତି | ଏମିତି ଚାଲିଲ୍ | ମଧ୍ୟାହ୍ନ ହେଇଗଲ୍ | ବାବୁ ଦେଖିଲେ ଗରାଖ ନାହାନ୍ତି | ଘରୁ ଆଣିଥିବା ଲଞ୍ଚ ବକ୍ସ ଖୋଲି ଖାଇଲେ | କଛି ବଳିଯିବାରୁ ବିଚରା ପାଗଳକୁ ଗୋଟିଏ ପେପର ରେ ଖାଇବାକୁ ଦେଇଦେଲେ | ପାଗଳଟି ମହା ଆନନ୍ଦରେ ଖାଇ ନେଲ୍ | ପାଣି ବି ଦେଲେ ପିଇବାକୁ | ପାଗଳଟି ହସି ହସି ଚାଲିଗଲ୍ |

ବାବୁ ଖୁସିରେ ଭାବିଲେ, "ଯାହଉ ଚାଲିଗଲ୍ |"

ଏଇମିତି ଦିନଟି କଟିଗଲ୍ | ଦୋକାନ ବନ୍ଦ କରି ବାବୁ ଘରକୁ ଗଲେ |

ପରଦିନ ବାବୁ ଅସିଲାରୁ ପୂର୍ବ ଭଳ ପାଗଳଟି ଶୋଇଥାଏ ଦୋକାନ ଆଗରେ । ବାବୁ ଦୋକାନ ଖୋଲି ତାକୁ ଘଉଡ଼େଇଲେ, ବାଡିଆପିଟା ବି କଲେ । କନ୍ତୁ ସେ ଗଲାନାହିଁ । ସେ ଆଣିଥିବା ଖାଦ୍ୟରୁ କଛି ଦେଇଦେଲେ । ପାଗଳଟି ଆନନ୍ଦରେ ଖାଇ ସାରି ଗ୍ଳଲିଗଲା ।

ଏହିପରି ସବୁଦିନ ମହାନ୍ତି ବାବୁ ତାକୁ ସକାଳୁ ଆସି ବାଡ଼ିଆ ପିଟା କରନ୍ତି । ପାଣି ଢ଼ାଳନ୍ତି। ଗୋଇଠା ବି ମାରନ୍ତି । ଖାଇବାକୁ ବି ଦିଅନ୍ତି । କେବେ କେବେ ରାଗରେ ଖାଇବାକୁ ଦିଅନ୍ତିନ ।

"ଭାବନ୍ତି ଭଗବାନ କ ଟେନ୍ସନ ଦେଲେ କେଜାଣି । ମଣିଷର ଟିକେ ଶାନ୍ତି ନାହିଁ । ଶଳାଟା ମରିଯାଆନ୍ତା କ ! ଏତେ ମାଡ଼ ଗାଳ ଖାଉଛି ଅଥଚ ଯାଉନ ।" ମହାନ୍ତି ବାବୁ କେତେଥର ପାଖ ଦୋକାନବାଲା ଙ୍କୁ ଡାକ ବି ପିଟାଇଛନ୍ତି । କଛି ଲାଭ ମିଳନ ।

ଧୀରେ ଧୀରେ ମହାନ୍ତି ବାବୁ ଙ୍କର ଅଭ୍ୟାସ ହେଇଗଲା । ସବୁଦିନ ଆସନ୍ତି ମାଡ଼ ଗାଳ ସହ ଖାଇବାକୁ ଦିଅନ୍ତି । ସେ ଗ୍ଳଲିଯାଏ । ତା ପାଇଁ ଘରୁ ଅଧିକ ଖାଦ୍ୟ ବି ଏଥର ଅଣୁଥାନ୍ତି ।

ସବୁଦିନପରି ସେଦିନ ବି ବାବୁ ଆସିଲେ । ହେଲେ ଦେଖିଲେ ପାଗଳଟି ପୂର୍ବ ଭଳ ଦୋକାନ ଆଗରେ ଶୋଇନାହିଁ । ବାବୁ ବହୁତ ଖୁସି । ଯା ହଉ କୁଆଡେ ଗ୍ଳଲିଗଲା ବୋଧେ। ଭଗବାନ ଏତେ ଦିନରେ ମୋ କଥା ଶୁଣିଲେ ।"

କନ୍ତୁ ଖାଇଲା ବେଳକୁ ବାବୁଙ୍କର ପାଗଳ କଥା ଭାରି ମନେ ପଡିଲା । ସେ ଭଲକରି ଖାଇ ପାରିଲେନ । ସେଦିନ ଘରକୁ ଗଲେ। ସବୁକଥା ସ୍ତ୍ରୀ ଙ୍କୁ କହିଲେ । ତାପରଦିନ ଆସିଲେ ଦେଖିଲେ ପାଗଳ ନାହିଁ । ଭାବିଲେ, "ସତରେ କୁଆଡେ ପଳେଇଲା ନା କଣ ।"

ଚନ୍ତା କରୁଥାନ୍ତି । ଖୋଜିଲେ ପାଖ ଆଖ ପାଇଲେ ନାହିଁ । ସମସ୍ତଙ୍କୁ ପଗ୍ଳରିଲେ, ସମସ୍ତେ ମନା କଲେ । ବାବୁଙ୍କ ମନ ବୁଝୁନଥାଏ ।

ଦୁଇଦିନ ଗ୍ଲିଗଲା । ଦୋକାନରେ ବସିଥାନ୍ତି ତାଙ୍କର ନଜର ପଡିଲା ତାଙ୍କ ଦୋକାନ ସମ୍ମୁଖରେ ଲଗେଇଥିବା ଏକ ସିସି କ୍ୟାମେରା ଉପରେ । ସାଙ୍ଗେ ସାଙ୍ଗେ ଯାଇ କମ୍ପ୍ୟୁଟର ରେ ରେକର୍ଡିଙ୍ଗ ହେଇଥିବା ଡାଟା ସବୁ ଖୋଜିଲେ । ଦୁଇ ଦିନ ତଳର ସେଇ ଗ୍ତିର ରେକର୍ଡିଙ୍ଗ ମିଳଗଲା ।

ଓଃ ! କ ଅମାନବୀୟ ଦୃଶ୍ୟ! ! ଆଖିକୁ ବିଶ୍ୱାସ ହେଲାନ । ମହାନ୍ତି ବାବୁ ଙ୍କ ଆଖିରୁ ଧାର ଧାର ଲୁହ ବୋହିଯାଉଥିଲା ।

ସେଦିନ ଗ୍ତିରେ କଛି ତକାୟତ ମାନେ ମହାନ୍ତି ବାବୁଙ୍କ ଦୋକାନ କୁ ଚ୍ଚୋରି କରିବାକୁ ଆସିଥିଲେ । କନ୍ତୁ ସୋଇଥିବା ପାଗଳ ଟି ସେଇ ତସ୍କର ମାନଙ୍କ ସାଙ୍ଗରେ ବହୁତ ଝଗଡା ଲାଗିଛି । ବହୁତ ମାଡ଼ ମଧ ଖାଇଛି । କନ୍ତୁ ଦୋକାନକୁ ଛୁଆଁଇ ଦେଇନ । ଶେଷରେ ସେଇ ଦୁର୍ଦାନ୍ତ । ନର୍ଦୟ ଗ୍କ୍ଷସ ଗୁଡା ଗ୍ଗରେ ପାଗଳ କୁ ଏକ ଶକ୍ତ ଛୁରୀ ରେ ଆଘାତ କରି ରକ୍ତାକ୍ତ କରିଦେଇଛନ୍ତି । ଏହି ସମୟ ରେ ପୋଲିସ ଆସିଛି ଓ ସମସ୍ତଙ୍କୁ ନେଇ ଯାଇଛି । କନ୍ତୁ ପାଗଳଟିର ପ୍ରାଣ ବାୟୁ ଗ୍ଲିଯାଇଛି । ପୋଲିସ ତା ମୃତ ଶରୀର କୁ ଗୋଟିଏ ଶବ ବୁହା ଗାଡ଼ିରେ ବୋହି ନେଇଛି ।

"ସତରେ କଛି ଖାଦ୍ୟ ପାଇଁ, ମୁଠେ ଭ୍ତ ପାଇଁ ଜଣେ ଅସହାୟ ଅଚହ୍ନା ବ୍ୟକ୍ତି ଏତେ ବିଶ୍ୱସ୍ତ ହେଇପାରେ ! ମୋ ପାଇଁ ଜୀବନ ବି ଦେଇପାରେ ! କଛି ଖାଦ୍ୟର ମୂଲ୍ୟ କଣ ତାର ଜୀବନ !"ଏମିତି ଅନେକ କଥା ଭ୍ବୁଥାନ୍ତି ।

ମହାନ୍ତି ବାବୁଙ୍କ ପାଟିରୁ ଆଉ କଥା ବାହାରୁ ନଥାଏ ।

ଶିକ୍ଷକ, ଥୁ:ଗ୍ମପୁର, କଳାହାଣ୍ଡି

# ସଂଜ୍



ଫାଲଗୁନ ରଣା

ଚେରେ ଚର୍‌ଗୁଲ୍ ଗୁଡ଼ାକେ ଗଲେ
ବୁଡ଼ି ଗଲ୍‌ନା ବେଲ୍ ।
ଜାମ୍‌ରଟ୍ ହେଇ ସଂଧା ଘ୍‌ନ
ଆସୁଛନ୍ ଲମ୍‌ତେଲ୍ ।।

ଗାଏ ଦାମୁର୍ ଧରି ନରିହା ଆଏଲା
ଉଡ୍‌କ ଯଉଛେ ଭୁଇଁ ।
ଘ୍‌ଏତ୍ ବିକାଲ୍ ବଲି ଘର୍‌କେ ଢୁକ୍‌ଲେ
କୋଡ଼ୋ କୁକ୍‌ର୍ ପୁଇଁ ।।

ହଲିଆ ଭାଇ ଘର୍ କେ ଫିର୍‌ଲା
ମୁହୁଁ କାନ୍ ସୋଡ଼୍‌ସୋଡ଼ା ।
ବୁଇଲ୍ ଗାଡ଼ିନେ ଧୁରି ଟେକେଇ
ମଢ଼େଇ ଦେଲା କୋଡ଼ା ।।

ସର୍‌କ ଦସେଇ କମିହାଁ ବୁଢ଼ା
ବସ୍‌ଲା ଥପାମାରି ।
ମୁଁଡ଼ର୍ ପାଗ୍ ଖୁଲି ଥାକ୍‌ସିଁ ବଏଲା
ଏକସାର୍ ହାଇମାରି ।।

ବଖ୍‌ର୍ ଭିତ୍‌ରୁଂ ବାହାର୍‌ଲା ବହ
ଭାତ୍ ଥାଲି ହାତେ ଧରି ।
କହଁର ମହଁର ଝୁନ୍‌ଗା ଦାଏଲ୍
ଅଘା ଯଉଛେ ଭରି ।।

ଚୁର୍‌ହେନ୍ ଧରିକ ଚଉଲ୍ ଛରୁଛେ
ଦୁଆରେ ମଝିଆ ବହୁ ।
ସର୍‌କା ମାରୁଛେ ଘର୍‌କେ କାକ
ସାଫ୍ ସୁତର୍ ଟିକେ ରହୁ ।।

ଧିରେଧିର୍ ଘୁଟି ଆନୁଛେ ଅଂଧାର୍
ଛିନା ହେଲ୍‌ନା ଧର୍‌ସା ।
ଗୋଦ୍‌ରି ଉଛେଇ ଗୁଟେକ୍ ଠାନେ
ଶୁଇଲେ ସାଂଗ୍ ସର୍‌ସା ।।

ସାଏଁ କରି ଛୁଏ ଶୁଇବେ ବଲି
ଆଇ କହୁଛନ୍ କହେନ ।
ଆଏଁଖ୍ କେ ଝୁମ୍‌ର୍ ଚେକେଇ ଦେଲ୍‌ନା
ଲାଗ୍‌ଲା କାଏଁ ମହେନ ।।

ମହୁଆଭଟା, ନୂଆପଡା

# ଫାଷ୍ଟ ଫୁଡ୍:- ଗୁଟେ ଜହର୍



ସୁକଦେବ ସାହୁ

ମା ହାତର୍ ସେ ସୁଆଁଲି, କାକରା
ମୁଗ୍ ମଡା, ପୁଡା ପିଠା
ଖିରି, ମହୁଫେନା, ଟିଖରି, ଚକେଲ
ଅର୍ସା ଲାଗେ କୁଚ୍ ପିତା।
କାହିଁ ଗଲା ସେ ମହୁଲ୍ ସିଝା
ଅଟକେଲ୍, ରସବରା
ଦାଁତରି ଖଜା, ଭୁଜା-ହୁରୁମ୍ ଲଡୁ
ଖଁଡ୍ ଖିରସା, ଦୁଧରା।
ପିଜା, ବର୍ଗର, ପେଟିସ୍, ପାଓଭାଜି
ମନଚୁରିଆନ୍, ଚୌମିନ୍, ପକୋଡ଼ା
ପାଏନଚଆ ଲାଗେ ଟୁଁଡେ ନାଇଁ ଦେଲେ
ଆଲୁଚପ୍, ବରା, ସିଂଘଡା।
ପଇଡ ପାଏନ୍, ଗୁରସ୍, ଜୁସ୍, ଲସି
ଲେଁବୁ ସରବତ ଛାଡି
କୋଲ୍ଡ ଡ୍ରିଙ୍କସ୍ ପିଇ ନଉତା ଦଉଛ
ବେମାର କେ  ହାତ୍ ଠାରି।

ଫାଷ୍ଟଫୁଡ୍ ନାଇଁ ପାରୁଛ ଛାଡି
ପେଟ୍ ଯଉଛେ ଭୁସଲି
ସଁ ସଁ ହେଇ ଲଥ୍ କରି ବସ
ଦୁଇ ପାହା ଗଲେ ଗ୍ଲାଲି।
ଡାଇବେଟିସ୍, ହାର୍ଟ, ବ୍ଲଡ୍ ପ୍ରେସର୍
ବେମାର୍ ଘଡ଼ିକେ ଘଡ଼ି
ଧାଇଁ ଦବଡି ଗିଲି ପକାବାକେ
ପାସ୍ କେ ଆଉଛେ ମାଡ଼ି।
ବେଲ୍ ଥାଉ ଥାଉ ଛାଡ ଫାଷ୍ଟଫୁଡ୍
ସମିଆ ନାଇଁ ଯାଉ ଗଡ଼ି
ବାବୁ ଧୁକଧୁକ ବନ୍ଦ ହେଇଗଲେ
ଜୀବନ୍ ଟା ଯିବା ଉଡି।

ଖାରୀ, ତରଭା, ସୁବର୍ଣ୍ଣପୁର

# ପ୍ରଥମ ଚଠି



ଦୁଷ୍ମନ୍ତ ବେହେରା

ଧେମାମଣିପୁର ଗାଁ ରେ ଶହେ ପଗ୍ଘଶରୁ ଶହେ ଷାଠିଏ ପରିବାର ବାସ କରନ୍ତି। ସେଇ ଗାଁରେ ବାପା ମାଆ ଚେଉଣ୍ଡ ଶୁଭମ୍ ଦିବେଦକର ଙ୍କ ଘର। ଦୁଃଖ ଓ ବଞ୍ଚିବା ପାଇଁ ଅନେକ ଯନ୍ତ୍ରଣା ଭରିଦେଇଥିଲା ଜୀବନ ରେ। ଅନାଥ ଆଶ୍ରମରେ ଦଶମ ପାସ୍ କରି କଲେଜ ରେ ସରକାର ଙ୍କ ତରଫରୁ ନାମ ଲେଖା ହୋଇଗଲା।

ଛୁଟରୁ ଫୁଟିଲା ପରି ଫୁଟି ବାସୁଥିଲା। କବିତା ଲେଖା ରେ ରୁଚ ରହିଥିଲା। ପତ୍ର ଓ ପତ୍ରିକା ରେ ପ୍ରକାଶ ପାଉଥିଲା।

ନୂଆ ନୂଆ କଲେଜ ଯିବା ଓ ପଇସାର ଅଭାବ ଜୀବନରେ ସାଉଟା ଲୁହ କହି ଦେଉଥିଲା ଏ ଦୁଃଖ ତ ନୁହଁ ଦୁଃଖ ର ଲହୁ। ଭାଙ୍ଗି ଯାଇଥିବା ମନ ଓ ସ୍ୱପ୍ନ ଟିକକ ଯେମିତି ମରିଚକା ପରି ଲାଗୁଥିଲା ଶୁଭମ୍ ଜୀବନରେ। ଅଭାବ ଅନଟନ ଭିତରେ ରୁଚ ରହିଥିଲା କବିତା ଲେଖିବା ରେ। ନୂଆ କଲେଜ ରେ ନୂଆ ସାଙ୍ଗ ଙ୍କ ସହିତ ଭେଟ ହୋଇଥିଲା।

ଜ୍ୟୋତି ସାମନ୍ତ ରାୟ ନୂଆ କରି କଲେଜ ଆସୁଆସୁ ପ୍ରଥମ ଭେଟ ଶୁଭମ୍ ଙ୍କ ସହିତ। ଆଖିର ଆଖି ଏ ଗୁହାଣି ମନ ମନର ଲେଉଟା ପ୍ରେମ ସତେ ଯେପରି କହୁଥିଲା ତୁମେ ମୋର।

ଜ୍ୟୋତି ପଗ୍ଘରିଲା ତୁମେ ନାମ କଣ -
ଶୁଭମ୍
ଜ୍ୟୋତି -ପୁରାନାମ କଣ -
ଶୁଭମ୍ ଦିବେଦ କର
ଜ୍ୟୋତି -ଓଃ ଯିଏ କବିତା ଲେଖନ୍ତି
ଶୁଭମ୍-ହଁ

କଥା ସାରି ନିଜ ନିଜ କ୍ଲାସରୁମ୍ କୁ ଗ୍ଳିଗଲେ। କ୍ଲାସରୁମ୍ ରେ ବସି ଶୁଭମ୍ ପ୍ରଥମ ଚଠି ଲେଖିଲେ:

ପ୍ରିୟା ଜ୍ୟୋତି
ପ୍ରଥମେ ଦେଖିଲି ପ୍ରଥମ ଛବି
ଲେଖୁଛି ମୁଁ ତୁମ ନାମକୁ ନୀତି
କଣ କହିବି ନୀଳମାଖି ଆଖି
ମୋନ ମୋର ନେଉଛ
ତୁମ ପାଖକୁ ଟାଣି
ତନୁପାତଳଗୋ ପ୍ରିୟା
ତୁମ ଦେହ ଯୌବନ
ମନ ମୋର ଲ୍ଖିଯାଏ
ତୁମ ରୂପ ମଧୁବନ
ଆସନ୍ତୁ ନି ଆମ
ଘର ଆଡେ ବୁଲି
ଦିଅନ୍ତି ତୁମକୁ ମୋର
ପ୍ରେମ ରେ ଭିଜେଇ

ଶୁଭମ୍ ଚଠିର କାଗଜ କୁ ଭାଙ୍ଗି ଜ୍ୟୋତି ପାଖକୁ ଫିଙ୍ଗିଲା କିନ୍ତୁ ବେଞ୍ଚ ରେ ବାଜି ସାର୍ ଙ୍କ ପାଖରେ ପଡିଲା।ସାର୍ ଖୋଲି ପଢିଲେ ପ୍ରେମର ଚଠି ଟି ଗ୍ଳରିଆଡେ ଗୁଞ୍ଜରିତ ହୋଇଗଲା। ଜ୍ୟୋ ଶୁଭମ୍। ଶୁଭମ୍ ଓ ଜ୍ୟୋତି କ୍ଲାସରୁମ୍ ରୁ ବାହାରି ଗ୍ଳିଗଲେ ଘରକୁ। ସେହିଦିନଠାରୁ ଶୁଭମ୍ ଆଉ କଲେଜ କୁ ଆସିଲା ନାହିଁ। ଜ୍ୟୋତି ର ପ୍ରେମ ଭର୍ା ମନଟି ଜେ ଶୁଭମ୍ କୁ ଖୋଜୁଥିଲା। ଦିନ ର୍ାତି ର ଲୁଚକାଳ ରେ ଅପେକ୍ଷା କରି ଶୁଭମ୍ ଆଉ ଆସିଲେ ନାହିଁ।

ଜ୍ୟୋତି ସ୍ଥିର କଲା ଶୁଭମ୍ ର ଘରକୁ ଯିବାପାଇଁ। ଜ୍ୟୋତି ଧେମାମଣିପୁର ଗାଁ ରେ ପହଞ୍ଚିଲା। ଗାଁର ଜଣେ ଲୋକ ଙ୍କୁ ପଗ୍ଳରିଲା ଶୁଭମ୍ ଦିବେଦ କର ଙ୍କ ଘର କେଉଁଠି। ଲୋକଟି କହିଲା ପାହାଡ ତଳେ ଯେଉଁ ଭଙ୍ଗା ଗ୍ଳଳଘର ଦେଖାଯାଉଛି ସେ ହେଉଛି ଶୁଭମ୍ ଦିବେଦ କର ଙ୍କ ଘର।

ଜ୍ୟୋତି ଗ୍ଲି ଗ୍ଲି ଯାଇ ପାହାଡ ତଳ ଗ୍ଳ ଘରେ ପହଞ୍ଚିଲେ। ଜ୍ୟୋତି ଦେଖିଲେ ଘର ତାଟି ଭଙ୍ଗା। ଗ୍ଳ ଭଙ୍ଗା, ଖୁଣ୍ଟ ଭଙ୍ଗା, ମାଟି ପିଣ୍ଡା ବି ଭଙ୍ଗା, ମାଟିର ମାଠିଆ ଟି ଭଙ୍ଗା, ଗ୍ଲାସ ଭଙ୍ଗା, କବାଟ ବି ଭଙ୍ଗା ଜ୍ୟୋତି କବାଟ କୁ ଠେଲି କବାଟର କଁ କଁ ଶବ୍ଦ ଶୁଣି ଘର ଭିତରକୁ ଗଲ଼ ଦେଖିଲେ ଶୁଭମ୍ ଚୌକ ରେ ବସି କବିତା ଲେଖୁଛନ୍ତି। ଜ୍ୟୋତି ଡାକଲେ ଶୁଭମ୍।

ଶୁଭମ୍- ଜ୍ୟୋତି କୁ ଦେଖି ତୁମେ ଏଠି କ କଣ ପାଇଁ ଆସିଛ ପଗ୍ଚରିଲ଼। ଜ୍ୟୋତି କହିଲ଼ ତମୋ ପ୍ରେମ ମୋତେ ଏଠିକ ଟାଣି ଆଣିଛି ଶୁଭମ୍।

ଶୁଭମ୍ କହିଲ଼ ଜ୍ୟୋତି ତୁମେ ଏପରି ଛିଡା ହୋଇ କଥା ହେଉଥିବ ନା ଚୌକ ରେ ବସିବ। ବସିବା ପାଇଁ ଚୌକ ଦଉ ଦଉ ଚୌକ ର ଗୋଡ ଟି ଖସି ପଡିଲ଼ ଚୌକ ବି ଭଙ୍ଗା।

ଜ୍ୟୋତି ଟେବୁଲ୍ ଉପରେ ହାତ ଦେଉ ଦେଉ ଟେବୁଲ୍ ଖସିପଡିଲ଼। ଟେବୁଲ୍ ବି ଭଙ୍ଗା। ତଳେ ପଡିଯାଇଥିବା କଲମ ଟି କୁ ଗୋଟାଇ ଜ୍ୟୋତି ଦେଖିଲେ କଲମ ବି ଭଙ୍ଗା।

ଛଳ ଛଳ ଆଖିର ଲୁହ ରେ ଶୁଭମ୍ କହିଲେ ଜ୍ୟୋତି ତୁମେ ଗ୍ଲିଯାଅ।ଏ ଯେ କବି କବିତା ଲେଖୁଥିବା ଘର ଏଠି ସବୁ ଭଙ୍ଗା। ମନଟା ଏପରି ଭ୍ଙ୍ଗି ଯାଇଛି ଯେ ଯୋଡିବା ବଡ କଷ୍ଟ। ଭ୍ଙ୍ଗି ଯାଇଥିବା ମନ, ଘର, ପ୍ରେମ, କଣ ଅଛି ଯେ ତୁମକୁ ଦେଇ ଖୁସି କରିବି।

ଜ୍ୟୋତି କହିଲ଼ ଶୁଭମ୍ ଦେଇଥିବା ମନ, ପ୍ରେମ, ଭ୍ଙ୍ଗେନ ଶୁଭମ୍। ତୁମେ ଜେମିତି ଭଙ୍ଗା ଗ୍ଳଘର ରହିବ ମୁଁ ବି ସେମିତି ଭଙ୍ଗା ଗ୍ଳଘରେ ରହିବି। ତୁମେ ଯେଉଁଠି ରହିବ ଶୁଭମ୍ ମୁଁ ସେଇଠି ରହିବି। କାହିଁକ ନା ତୁମ ମୋର ପ୍ରଥମ ପ୍ରେମ, ପ୍ରଥମ ଚଠି, କେମିତି ଭୁଲିବି ତୁମ ପ୍ରଥମ ଚଠି ଚଠି ଚଠି ଚଠି...........

ଗ୍ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଦେଖ୍'ତ ନଜର୍ ଭୁର୍'କୁଟି.....



ହେମନ୍ତ ଦାଶ

ଦେଖ୍'ତ ନଜର୍ ଭୁର୍'କୁଟି
ପାଠ୍ ସାଠ୍ ଥି ନାଇଁନ ମନ୍
ଘରେ ଅଛେ ବଲି ବୁଆର୍ ଧନ୍
କହୁଛେ ମୁଇଁ ବଡ ଲୁକର୍ ବେଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ଦେଖ୍'ତ ନଜର୍ ଭୁର୍'କୁଟି
ଲାଲ୍ ଲିପ୍'ଷ୍ଟିକ୍ ମାଖେ ଚଁଡେ,
ଆଁଠେ ହାଇହିଲ୍ ପିନ୍ଧେ ଗୁଡେ
ବାଲ୍ ଦେଇଛେ ବବ୍ କାଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ଦେଖ୍'ତ ନଜର୍ ଭୁର୍'କୁଟି
କଲେଜ୍ ଯଉଛେଁ ବଲି କହି
ବଏଫ୍ରେଣ୍ଡ କେ ସାଁଗେ ନେଇ
ଛୁଟେଇ ନେସି ତାର୍ ସ୍କୁଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ଦେଖ୍'ତ ନଜର୍ ଭୁର୍'କୁଟି
ସେଲ୍ ଫୁନ୍ ଗୁଟେ ହାତେ ଧରି
ସେଲ୍ଫି ହଉଛେ ବନେ କରି
ମୁହୁଁକେ ଦେଇ ମୁର୍'କୁଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ଦେଖ୍'ତ ନଜର୍ ଭୁର୍'କୁଟି
ଲୋକ୍'କେ ଦେଖଲେ ଲୁକ ଯାଏସି
ହେଲେ ଟିକ୍ ଟକ୍ ନାଚୁଥିସି
କରଦେସି ଖିଇ କୁର୍'କୁଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ଦେଖ୍'ତ ନଜର୍ ଭୁର୍'କୁଟି
ସ୍ଲିମ୍ ହେବାକେ କରୁଛେ ଯୋଗ୍
ନଖାଇ କରି ଛପନ୍ ଭୋଗ୍
ହେଇଗଲାନ ସୁର୍'କୁଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ଦେଖ୍'ତ ନଜର୍ ଭୁର୍'କୁଟି
ଟି ସାଟ୍ ସାଁଗେ ଫଟା ଜିନ୍ସ
କ୍ଲବ୍ ପାଟିଥି ବଜେ ବିନ୍ସ
ଘର୍ ଯାଏସି ଧୁର୍'କୁଟି
ଦେଖ୍'ତ ନଜର୍ ଭୁର୍'କୁଟି ।

ତୁଷୁର୍,ବଲାଙ୍ଗିର

# ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱାଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଭଗବାନ ଶ୍ରୀକୃଷ୍ଣ ଏକାଦଶ ଅଧ୍ୟାୟରେ ବ୍ୟକ୍ତ ଭଗବାନଙ୍କ ଉପାସନା କରିବାକୁ ଅର୍ଜୁନ ନିଜର ସନ୍ଦେହ ମୋଚନ ନିମିତ୍ତ ଦ୍ୱାଦଶ ଅଧ୍ୟାୟ ଆରମ୍ଭରେ ବ୍ୟକ୍ତ ଓ ଅବ୍ୟ ଉପାସକଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ପଚାରିଲେ । ଭଗବାନଙ୍କ ଉତ୍ତର ହେଲା- ଅବ୍ୟ ବ୍ରହ୍ମଙ୍କ ଉପାସକ ଓ ବ୍ୟକ୍ତ ଉପାସକ ଉଭୟେ ମୋକ୍ଷର ଅଧିକାରୀ । ହେଲେହେଁ, ଅବ୍ୟ ଉପାସନା ଅଧିକ କ୍ଲେଶଦାୟକ । ଦେହାଭିମାନ ଦୂରହେବା ସହଜ କଥା ନୁହେଁ । ଏଣୁ ଦେହଧାରୀ ବ୍ୟକ୍ତି ମନରେ ଅବ୍ୟକ୍ତ ବ୍ରହ୍ମଙ୍କ ଧାରଣା ଜନ୍ମିବା ବହୁ ସମୟ ସାପେକ୍ଷ । ନିଷ୍କାମ କର୍ମଯୋଗୀମାନେ ଭକ୍ତିରେ ବ୍ୟକ୍ତ ଭଗବାନଙ୍କ ଶରଣାଗତ ହୋଇ ସମସ୍ତ କର୍ମ ଓ କର୍ମଫଳ ତାଙ୍କଠାରେ ସମର୍ପଣ କରି ଶୀଘ୍ର ମୁକ୍ତିଲାଭ କରିଥାନ୍ତି । ସ୍ୱଭାବ ଚଞ୍ଚଳ ମନକୁ ଭଗବାନଙ୍କ ଚରଣାରବିନ୍ଦରେ ସ୍ଥିର ରଖିବା ମଧ୍ୟ ସହଜ ନୁହେଁ । ଅଭ୍ୟାସ ଦ୍ୱାରା ମନ ଏକାଗ୍ର ହୁଏ । ଯଦି ଅଭ୍ୟାସ ଦ୍ୱାରା ମନକୁ ସ୍ଥିର ରଖିବା ସମ୍ଭବ ନ ହୁଏ ତେବେ ଭଗବାନଙ୍କ ଶରଣାପନ୍ନ ହୋଇ ସମସ୍ତ କର୍ମ ଓ କର୍ମଫଳ ତାଙ୍କୁ ସମର୍ପଣ କରିବା ଉଚିତ୍ । ଅଭ୍ୟାସ ଠାରୁ ଭଗବତ୍ ଜ୍ଞାନ ଶ୍ରେଷ୍ଠ, ଜ୍ଞାନ ଠାରୁ ଭଗବତ୍ ଧ୍ୟାନ ଶ୍ରେଷ୍ଠ ଏବଂ ଧ୍ୟାନ ଠାରୁ କର୍ମଫଳ ତ୍ୟାଗ ଶ୍ରେଷ୍ଠ ଅଟେ ।

ଯେ ପ୍ରକୃତ ଭକ୍ତ ସେ କୌଣସି ଜୀବଙ୍କୁ ଦ୍ୱେଷ କରନ୍ତି ନାହିଁ । ସେ ସମସ୍ତଙ୍କ ସହିତ ମୈତ୍ରୀପୂର୍ଣ୍ଣ, ଦୟାର୍ଦ୍ର, କ୍ଷମାଶୀଳ, ମମତାହୀନ, ଅହଂକାର ଶୂନ୍ୟଭାବ ରଖି ଦୁଃଖସୁଖକୁ ସମାନ ମନେକରି ଚଳନ୍ତି । ଯେଉଁ ଭକ୍ତ ସର୍ବଦା ସନ୍ତୁଷ୍ଟ, ସଂଯତଚିତ, ଭଗବତ ଜ୍ଞାନ ଓ ଧାରଣାରେ ଦୃଢ ଓ ଅଟଳ, ଭଗବାନ ଙ୍କଠାରେ ମନ ଓ ବୁଦ୍ଧି ସମର୍ପଣ କରି ହର୍ଷ, ଅମର୍ଷ, ଭୟର ଉଦବେଗରୁ ମୁକ୍ତ, ନିସ୍ପୃହ ନିରଳସ, ଉଦାସୀନ, ସର୍ବାରମ୍ଭ ପରିତ୍ୟାଗୀ ଶୋକଶୂନ୍ୟ, ଆକାଂକ୍ଷା ରହିତ, ଶୁଭାଶୁଭ ପରିତ୍ୟାଗୀ ଶତ୍ରୁମିତ୍ର ମାନାପମାନ ନିନ୍ଦାସ୍ତୁତି

ପ୍ରଭୃତିରେ ସମବୁଦ୍ଧି ବିଶିଷ୍ଟ, ମୌନୀ, ଗୃହରେ ମମତା ଶୂନ୍ୟ, ସ୍ଥିରମତି ସେ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ ଅଟନ୍ତି । ଏହାକୁ ଭଗବାନ ଶ୍ରୀକୃଷ୍ଣ ଧର୍ମାମୃତ ବୋଲି କହିଛନ୍ତି ।

ଏ ଅଧ୍ୟାୟରେ ବର୍ଣ୍ଣିତ ଭକ୍ତଲକ୍ଷଣ ସନ୍ୟାସୀମାନଙ୍କ ପ୍ରତି ପ୍ରଯୁଜ୍ୟ ବୋଲି କେତେକଙ୍କ ଦାବୀ ଯୁକ୍ତିଯୁକ୍ତ ମନେହୁଏ ନାହିଁ । କାରଣ ଗୃହସ୍ଥ ଅର୍ଜୁନଙ୍କୁ ସନ୍ୟାସ ଗ୍ରହଣରୁ ନିବର୍ତ୍ତାଇବା ହେଉଛି ଭଗବାନଙ୍କ ଲକ୍ଷ୍ୟ । ତେଣୁ ସେ ଯାହା କହିଛନ୍ତି ବା ଉପଦେଶ ଦେଇଛନ୍ତି ସେ ସବୁ ନିଷ୍କାମ କର୍ମଯୋଗୀଙ୍କ ପାଇଁ ଉଦ୍ଦିଷ୍ଟ । ଭକ୍ତିର ସହିତ ବ୍ୟକ୍ତ ଭଗବାନଙ୍କର ଉପାସନା ସହଜ ଓ ସରଳ ହୋଇଥିବାରୁ ଯେ କୌଣସି ମନୁଷ୍ୟ ପକ୍ଷରେ ଗ୍ରହଣୀୟ । ଧୀରେ ଧୀରେ ସେହି ପଥରେ ଅଗ୍ରସର ହୋଇ ଶେଷରେ ଜଣେ ମୁକ୍ତିଲାଭ କରିପାରେ ବୋଲି ଭଗବାନ ଶ୍ରୀକୃଷ୍ଣଙ୍କ ମତ । କର୍ମତ୍ୟାଗ କୁ ସେ ପସନ୍ଦ କରି ନାହାନ୍ତି ।

ଭକ୍ତିର ବିଶେଷ ବର୍ଣ୍ଣନା ଏ ଅଧ୍ୟାୟରେ ସ୍ଥାନ ପାଇଥିବାରୁ ଅଧ୍ୟାୟର ନାମ ଭକ୍ତିଯୋଗ ରଖାଯାଇଅଛି ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସ୍ୱାବଲମ୍ବୀ ହେବାର ନୂତନ ବିକଳ୍ପ - କୃଷି



ଡି ଶୁଭମ୍

ବର୍ତ୍ତମାନର ପରିସ୍ଥିତିକୁ ଅବଲୋକନ କଲେ ଆମେ କରୋନାର ଭୟାବହତାକୁ ଅନେକ ମାତ୍ରାରେ ଅନୁଭବ କରିପାରୁଛେ । ସମୟ ବଦଳିବା ସହ ପରିସ୍ଥିତି ବି ବଦଳୁଛି । ମଣିଷର ଚଳଣି ବି ବଦଳୁଛି । ଦୁନିଆରେ ପରିପାଟୀ ବି ବଦଳିବାକୁ ଲାଗିଲାଣି । ଏପରି ସ୍ଥିତିରେ ଆମକୁ ଏସବୁ ସହ ସାମ୍ନା କରି, ଏସବୁକୁ ସାଥି କରି ବଂଚିବାକୁ ହେବ । ଏହାକୁ

ବେଖାତିର କରି ଆଗକୁ ଯିବାଟା ଧୃଷ୍ଟତା ବ୍ୟତୀତ ଆଉ କିଛି ହେବ ନାହିଁ । କାରଣ ଚାରି ମାସ ପୂର୍ବକୁ ଲକ୍ଷ୍ୟ କଲେ ଆମ ଚାଲିଚଳଣ ସହ ସବୁକିଛି ଏକରକମର ଠିକଠାକ ଥିଲା । କିନ୍ତୁ ସାମ୍ପ୍ରତିକ ସମୟରେ କରୋନାର ଭୟ ଆମ ଭିତରେ ଆଶଙ୍କାର ମାୟାଜାଲ ରଚନା କରିସାରିଛି । ତେବେ ଏପରି ସ୍ଥିତିରେ ଅନେକ ଯୁବକଯୁବତୀ ବେକାର ହୋଇ ଘରେ ବସିଛନ୍ତି । ରୋଜଗାରର ମାଧ୍ୟମ କିଛି ନଥିବା ବେଳେ ସମସ୍ତେ ଘରେ ତାଲାବନ୍ଦ ଭାବେ ଜୀବନଯାପନ କରୁଛନ୍ତି । ତେବେ ଏପରି ସ୍ଥିତିରେ ଆମେ କିପରି ଉଦଯୋଗୀ ହୋଇପାରିବା ତାହାକୁ ଅନୁଧ୍ୟାନ କରିବା ଆବଶ୍ୟକ । କୃଷି ଆମ ସଭ୍ୟତାର ମାନଦଣ୍ଡ ବୋଲି ବିବେଚନା କରାଯାଏ ସତ କିନ୍ତୁ କୃଷି ପାଠ୍ୟକ୍ରମର ବିଷୟକୁ ଯଦି କୃଷି କ୍ଷେତ୍ରରେ ଉପଯୋଗ କରାଯାଇପାରିଲା, ତାହେଲେ ଏହା ଉଦ୍ୟୋଗୀ ହେବାର ବାଟ ଦେଖାଇପାରିବ । ତେବେ କୃଷି ପାଇଁ ଏତେ ଅନାଦର କ’ଣ ପାଇଁ**?** କୃଷି ପାଇଁ ଆଗ୍ରହ ସୃଷ୍ଟି ନହେବାର କାରଣ କ’ଣ **?** ଏସବୁକୁ ଖୋଜି ବସିଲେ କେବଳ ଦୃଢ଼ ମନୋବଳର ଅଭାବ ହିଁ ଏହାର ମୁଖ୍ୟ କାରଣ ।

କୃଷି – ଭାରତୀୟ ସଭ୍ୟତାର ଏନ୍ତୁଡ଼ିଶାଳ ଅଟେ । ତେବେ କୃଷିକୁ ଉପଯୋଗ କରି ଆମେ ଉଦ୍ୟୋଗୀ ହୋଇପାରିବା ଏଥିରେ ସନ୍ଦେହ ନାହିଁ ।ଆଗରୁ ଆମ ବାପା ଜେଜେ ଅମଳରେ କେବଳ ଚାଷକୁ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ । ଚାଷ ଥିଲା ପ୍ରମୁଖ

ଆୟର ମାଧ୍ୟମ । ସେତେବେଳର ସମୟ ଲୋକ ଚାଷକୁ ଆଗ୍ରହ ସହକାରେ ଗ୍ରହଣ କରୁଥିଲେ । ମନରେ ଅହେତୁକ ନିଶା ଥିଲା ଚାଷ ପାଇଁ । କିନ୍ତୁ ଏବର ସମୟରେ ଆଉ କାଦୁଅ କ୍ଷେତରେ ଗୋଡ଼ ପଶେଇବାକୁ କେହି ବି ଆଗ୍ରହ ପ୍ରକାଶନ କରୁନାହାନ୍ତି । ବଡ଼ ବଡ଼ କଲେଜରୁ ଡ଼ିଗ୍ରୀ ହାସଲ ପରେ ଚାକରୀ ପଛରେ ଗୋଡ଼ାଇ ଶେଷରେ କେଇଟା ପଇସାରେ କାମ କରିବା ବ୍ୟତୀତ ଆଉ କିଛି ଉପାୟ ନଥାଏ । କିନ୍ତୁ ଆମେ ଯଦି ଚାହିଁବା କୃଷି କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ପାରିବା । ଜଣେ ଜୈବିକ ଉପାୟରେ ଚାଷ କରି ନିଜ ଆୟକୁ ଦ୍ୱିଗୁଣ କରିପାରିବ । ଜୈବିକ ଉପାୟରେ ଚାଷ କରି ଫସଲର ଗୁଣବତ୍ତା ଆଉ ମାଟିର ମାନ ବି ବଢ଼ାଇପାରିବ । ଅଳ୍ପ ଟଙ୍କା ଆଉ ସ୍ୱଳ୍ପ ସମୟ ଭିତରେ ଅଧିକ ଅମଳ କରିପାରିବା । କୃଷି କ୍ଷେତ୍ରରେ ବିଭିନ୍ନ ନୂତନ ପ୍ରଣାଳୀମାନଙ୍କୁ ବ୍ୟବହାର କରି ଆମେ ନିଜ କର୍ମମୟ ଜୀବନରେ ବେଶ କିଛି ରୋଜଗାର କରିପାରିବା । ଏସବୁ ଭିତରେ ରୁଫଟପ ଗାର୍ଡେନିଂ, ପାକଶାଳା, ବଗିଚା, ସମନ୍ୱିତ କୃଷି, ହାଇଡ୍ରୋପନିକ୍ସ ପ୍ରଭୃତି ଆମକୁ ସ୍ୱାବଲମ୍ବୀ ହେବାର ମାର୍ଗ ଦେଖାଇପାରିବ । ଏଠାରେ ମୁଁ ଏସବୁର ଉପଯୋଗିତା ବିଷୟରେ ସମ୍ୟକ ତଥ୍ୟ ଦେବାକୁ ଚାହୁଁଛି ।

**ପ୍ରଥମତଃ ରୁଫଟଫ ଗାର୍ଡେନିଂ** – ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ । ଏବେ ସମସ୍ତେ ନିଜ ଘରେ ଛାତ ଉପରେ ବଗିଚା ସୃଷ୍ଟି କରିବାରେ ଲାଗିଗଲେଣି । ଏହା ମନକୁ ହାଲୁକା ରଖିବା ସହ ଘର ଛାତର ସୌନ୍ଦର୍ଯ୍ୟ ବି ବଢ଼ିପାରିବ ।

**ହାଇଡ୍ରୋପନିକ୍ସ**- ଏହା କୃଷି ଉପାଦନର ଏକ ଉନ୍ନତ ପଦ୍ଧତି । ସାଧାରଣତଃ ଆମେ ମାଟିରେ ଗଛ ବଢୁଥିବା ଦେଖିଛେ କିନ୍ତୁ ହାଇଡ୍ରୋପୋନିକ୍ସ ସେ ସବୁରୁ ଟିକଏ ଭିନ୍ନ । ବିନା

ମୃତ୍ତିକା ସାହାଯ୍ୟରେ ଉଦ୍ଭିଦ ବଢାଇବା ପଦ୍ଧତିକୁ ହାଇଡ୍ରୋପୋନିକ୍ସ କୁହାଯାଏ । ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ । ଏହି ପ୍ରଣାଳୀରେ କେବଳ ପାଣିରେ ସମସ୍ତ ବୃକ୍ଷ ବଢିପାରିବ । ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ । ଏହାର ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ । ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ । ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ

କରାଯାଇପାରିବ । ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ । ଏହା ବ୍ୟତୀତ ସମନ୍ୱିତ ଚାଷ ହେଉଛି ଏକ ପ୍ରକାରର ମିଶ୍ରିତ ଚାଷ । ଏହି ପଦ୍ଧତିରେ ସମସ୍ତ ପ୍ରକାର ଚାଷର ମିଶ୍ରଣରେ ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରାଯାଇ ପାରିବ । ସମନ୍ୱିତ ଚାଷର ମୌଳିକ ତଥ୍ୟ ହେଉଛି ଏକ ସିମିତ ଜାଗାରେ ସମସ୍ତ ପ୍ରକାର ଚାଷ କରାଯାଇ ପାରିବ ଯେଉଁଭଳି ଗୋଟିଏ ଚାଷର ଅତିରିକ୍ତ ଉପାଦାନ ଅନ୍ୟ ଏକ ଚାଷର ମୁଖ୍ୟ ଉତ୍ପାଦନ ଭାବରେ ବ୍ୟବହାର କରାଯାଇ ପାରିବ । ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ ସହିତ ନିୟମିତ ଭାବରେ ରୋଜଗାର ପ୍ରଦାନ ଓ ଅର୍ଥ ଉପାର୍ଜନ କରିହେବ । ସମନ୍ୱିତ ଚାଷ ପଦ୍ଧତି ଦ୍ୱା ଜମିର ଉତ୍ପାଦତା ବଢ଼ିଥାଏ । ସୀମିତ ଜମିରୁ ଅଧିକ ଲାଭ ହୋଇଥାଏ । ଚାଷ ଚିରନ୍ତନ ହୋଇଥାଏ ଏବଂ ଋତୁକାଳୀନ ଚାଷର କ୍ଷତି ହ୍ରାସ ପାଇଥାଏ । ଚାଷି ପରିବାର କର୍ମନିଯୁକ୍ତି ହୋଇଥାଏ । କ୍ଷୁଦ୍ର ବା ମଧ୍ୟମ ଧରଣର ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଥାଏ । ଅଳ୍ପ ବିନିଯୋଗରେ ପ୍ରତିବର୍ଷ ଲାଭ ବଢ଼ିଥାଏ । ଏହା ସହିତ ପରିବେଶ ସୁରକ୍ଷା ମଧ୍ୟ ହୋଇଥାଏ। ତେବେ ବର୍ତ୍ତମାନ ଏପରି ମହାମାରୀ ପରିସ୍ଥିତିରେ ଆମକୁ ସମୟ ଆସିଛି ଉଦଯୋଗୀ, ହବାର । ତେବେ ଏହି ସମୟରେ ଆମେ କୃଷି କ୍ଷେତ୍ରରେ ନଜର ସମୟକୁ ବିନିଯୋଗ କରି ଟଙ୍କା ଉପାର୍ଜନ କରିପାରିବା । କୃଷି କ୍ଷେତ୍ରରେ କରାଯାଉଥିବା ଏହି ସବୁ ନୂତନ ପ୍ରଣାଳୀକୁ ବିନିଯୋଗ କରି ଆମେ ବି ସ୍ୱାବଲମ୍ବୀ ହୋଇପାରିବା, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକ – ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର



# ଶିଶୁ ବିଭାଗ



# ପୁରୁଣା ଗଛର ନୂଆ ଜୀବନ



ଡ଼ଃ ରଞ୍ଜିତ କୁମାର ସାହୁ

କୋଇଲିର ଡାକ ଶୁଣି ପିଙ୍କୁ ବହୁତ ଖୁସି ହୋଇଗଲା । ଗାଆଁକୁ ଆସିଲେ ପ୍ରଥମେ ଆସିକି ଦେଖେ ତାହାର ଜେଜେବାପାଙ୍କ ଘର ବାଡ଼ିରେ ଥିବା ବିରାଟ ଆମ୍ବ ଗଛଟିକୁ । କାହିଁ କେତେ ବର୍ଷର ପୁରୁଣା ଗଛଟିଏ ତାହା । ତାକୁ କୁଆଡେ ଜେଜେ ବାପାଙ୍କର ଜେଜେ ବାପା ଲଗେଇଥିଲେ । ସେତେବେଳେ ତାଙ୍କ ଅଂଚଳରେ ଜଣେ ରାଜା ଶାସନ କରୁଥିଲେ ଏବଂ ସଡକର ଦୁଇ ପାଖରେ ବହୁତ ଆମ୍ବ ଗଛ ଲଗେଇଥିଲେ । ଅଧିକାଂଶ ଗଛ ଗୁଡିକ ରାସ୍ତା ଚଉଡ଼ା କରିବା ବାହାନାରେ କଟା ହୋଇ ସାରିଛି । ଏବେ କେଉଁଠି କାଁ ଭାଁ ଗୋଟିଏ ଦିଶିଗଲେ ବଡ କଥା । କିନ୍ତୁ ଏ ଗଛଟି ଟିକିଏ ଅଲଗା, ଏହି କିସମର କେବଳ ତିନି ଚାରିଟା ବାକି ଅଛି । ରାଜାଙ୍କର ନିର୍ଦ୍ଦେଶରେ ଅନେକ ଗଛ ଲାଗିଥିଲା ଜେଜେ ବାପାଙ୍କର ଜେଜେବାପାଙ୍କ ନିରୀକ୍ଷଣରେ । ସେତେବେଳେ ତାଙ୍କ ସ୍ତ୍ରୀ ତାଙ୍କୁ କହିଥିଲେ, "ସମସ୍ତଙ୍କୁ ଗଛ ଲଗେଇବାକୁ କହୁଛ ଅଥଚ ନିଜ ବାଡ଼ିରେ ହିଁ ଲଗେଇ ନାହଁ । ଅନ୍ୟକୁ ଉପଦେଶ ଦେବା ପୂର୍ବରୁ ନିଜେ ପାଳନ କରିବା ଉଚିତ ।"

ତାଙ୍କ କଥାରେ ସହମତ ହୋଇ ଜେଜେବାପାଙ୍କ ଜେଜେବାପା ଗଛଟିଏ ଲଗେଇଥିଲେ । କେତେ ପୁରୁଷ ଧରି ସେହି ଗଛର ଫଳ ଆଖ ପାଖର ଲୋକ ସବୁ ଖାଇ ଆସିଛନ୍ତି । ଫଳ ଗୁଡିକ ଆକାରରେ ଏତେ ବଡ ହୁଏନି ଏବଂ କଛିଟା ଚେରୁଆ ମଧ୍ୟ, ତେଣୁ କାଟି ହୁଏନା କିନ୍ତୁ ଶୋଷିକି ଖାଇବାକୁ ହୁଏ । କିନ୍ତୁ ଯିଏ ମଧ୍ୟ କାହିଁଛି କହିଛି ପାହାଳ ଗୁଡିକ ବହୁତ ସ୍ୱାଦିଷ୍ଟ ।

ଆଜି ବାପାଙ୍କର ଜଣେ ସାଙ୍ଗ ଆସିବାର ଅଛି । ସିଏ କୁଆଡେ ଏହି ଗଛର ଫଳ ଗତ ବର୍ଷ ଖାଇଥିଲେ । ଏ ବର୍ଷ ମଧ୍ୟ ସେଥି ପାଇଁ ଆସିବେ, ଯେହେତୁ ତାଙ୍କୁ ବହୁତ ପସନ୍ଦ ଆସିଥିଲା। ବାଡ଼ିରେ ଗଛ ଥିବାରୁ ବୋଉ, ପାଚିଲା ଆମ୍ବ ସବୁ ହିଁ ତୋଳେ ଗାଆଁକୁ ଆସିଲେ । ବୋଉ ଆମ୍ବ ଧୋଇକି ଥାଳରେ ରଖିଦେଲା ପିଙ୍କୁ ଆଗରେ ଟେବୁଲ ଉପରେ ।

ପିଙ୍କୁ ବ୍ୟଗ୍ରତାର ସହ ଅପେକ୍ଷା କରିଥାଏ ବାପାଙ୍କ ସାଙ୍ଗ ଆସିଲେ ତାଙ୍କ ସହ ଆମ୍ବ ଖାଇବା। ତାଙ୍କୁ ସେ ସ୍ନେହରେ କକା ଡାକେ । ସହରରେ ଏତେ ପ୍ରକାର ଆମ୍ବ ମିଳୁଛି, ତେଣୁ କକାଙ୍କ ଗାଆଁକୁ ଆସି ଏହି ପ୍ରକାର ଆମ୍ବ ଖାଇବା ଢଙ୍ଗଟି ଟିକଏ ଆଶ୍ଚର୍ଯ୍ୟ କରି ଦେଇଥିଲା ପିଙ୍କୁକୁ । କକା ଆସିବା ସହିତ ପିଙ୍କୁ ଆରମ୍ଭ କରିଦେଲା ଗପ କରିବା ଏବଂ ପଚାରି ଦେଲା ପ୍ରଶ୍ନଟିଏ, "ସହରରେ ତ ଏତେ ପ୍ରକାର ଆମ୍ବ ମିଳୁଛି, ଦଶହେରି, ହାଲମ, ଆମ୍ରପଲ୍ଲୀ, ବାଗନପଲି, ତୋତାପରି ଆଉ କେତେ କଣ, ଏକରୁ ବଳକ ଆରେକ । ଏହି ଗାଆଁର ଆମ୍ବରେ କଣ ଏମିତି ଖାସ ଅଛି?"

କକା କହିଲେ, "ଆଜି କାଲି ସହରର ବଜାରରେ କେବଳ କଛି ପ୍ରକାର ଆମ୍ବ ହିଁ ମିଳୁଛି ଯାହା ଅଧିକାଂଶ ବାହାରୁ ଆମଦାନୀ ହୋଇ ଆସୁଛି । ସବୁ ଆଡେ କଲମୀ ହୋଇଥିବା ଗଛର ଫଳ ହିଁ ମିଳୁଛି ତେଣୁ ସ୍ୱାଦ ଏକ ପ୍ରକାରର ହୋଇ ସାରିଛି । ପୂର୍ବରୁ ଯେତେ ବିବିଧତା ଥିଲା ଆମ୍ବରେ ଏବେ ଆଉ ସେ ସବୁ ନାହିଁ । ବ୍ୟବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ ହେଉଥିବା କଛି କିସମକୁ ପ୍ରାଧାନ୍ୟ ଦିଆ ଯାଇଛି ଏବଂ କେବଳ ସେହି ଆମ୍ବର ଚାଷ ହେଉଛି । ଅଧିକାଂଶ ସ୍ଥାନରେ ଏହି ସବୁ କିସମଙ୍କୁ କଲମୀ କରି ତୋଟା କରା ଯାଇଛି । ତେଣୁ ଆଉ ଆଗ ଭଳି ଏତେ ପ୍ରକାରର ଆମ୍ବ ଦେଖିବାକୁ ମିଳୁନ କି ଚାଖିବାକୁ ମିଳୁନ । ଏହା ବ୍ୟତୀତ ଲୋକମାନେ କଟା ହେଇ ପାରୁଥିବା ଆମ୍ବକୁ ଅଧିକ ପସନ୍ଦ କରୁଛନ୍ତି କାରଣ ତାହା ଖାଇବାକୁ ସୁବିଧା ହୋଇ ଥାଏ । ଅଧିକାଂଶ ସ୍ତରରେ ପାକଳ ଆମ୍ବ ତୋଳାଯାଇ ପରେ ସେଗୁଡିକ ପାଚବାକୁ ରଖା ଯାଇଥାଏ କୃତ୍ରିମ ଉପାୟରେ । ଏହି ସବୁ କାରଣରୁ ବାଡ଼ିରେ ଥିବା ଗଛର ଆମ୍ବର ସୁଆଦ ନଆସେ । ଏହା ବ୍ୟତିତ ଏହି ବାହାନାରେ ମୁଁ ଗାଆଁକୁ ଆସି ସମସ୍ତଙ୍କୁ ଭେଟି ପାରୁଛି ।"



ଆମ୍ବ ଖାଇବା ସହିତ ଆମ୍ବ ଗଛ ଉପରେ କକା ପିଙ୍କୁ କୁ ଅନେକ ରୋଚକ କଥା କହିଲେ । ଆମ୍ବକୁ ଫଳ ମାନଙ୍କର ରାଜା ବୋଲି କୁହାଯାଏ ଏବଂ ଏହା ତିନଟି ଦେଶର ଜାତୀୟ ଫଳ ଭାବରେ ଚହ୍ନିତ । ଆମ୍ବ ଆଉ ଲଙ୍କା ଆମ୍ବ ଉଦ୍ଭିଦ ବିଜ୍ଞାନୀଙ୍କ ଅନୁସାରେ ଗୋଟିଏ ପରିବାରର ସଦସ୍ୟ ।

କଞ୍ଚା ଆଉ ପାଚିଲା ଆମ୍ବ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିରେ ଲାଗେ । ରୋଷେଇ ଘରେ ଆମ୍ବରୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୁଏ । ଅନ୍ୟ ଫଳ ଭଳି ଆମ୍ବରେ ମଧ୍ୟ ପ୍ରଚୁର ପରିମାଣରେ ଧାତୁ ଏବଂ ଜୀବସାର ରହିଛି ତନ୍ତୁ ବ୍ୟତୀତ । ବିଷୁବୀୟ ଅଞ୍ଚଳରେ ଉତ୍ପାଦନ ହେଉଥିବା ଫଳ ମଧ୍ୟରୁ ହୁଏତ ଆମ୍ବ ହିଁ ସବୁ ଠାରୁ ଅଧିକ ପ୍ରକାର ପ୍ରୋସେସେଡ ଖାଦ୍ୟ ଉତ୍ପାଦନରେ ବ୍ୟବାହାର ହୁଏ ଯଥା, ଜାମ, ଜେଲି, ସର୍ବତ, ଆମ ପାପଡ, ଆଚାର, ଆମ୍ଚୁଲ, ଆମଚୁର ଇତ୍ୟାଦି ।



"ଏଥିଲାଗି ଆମ୍ବ ଗୁଡିକ ତୋଟାରେ ଲଗା ଯାଉଛି କ," ପିଙ୍କୁ କହିଲା ।

"ହଁ, "କହିଲେ କକା," କନ୍ତୁ ଫଳ ଦେବା ବ୍ୟତୀତ ଗୋଟିଏ ଆମ୍ବ ଗଛ ପରିବେଶର ଅନେକ ଉପକାର କରିଥାଏ । ଏହା କେବଳ ଏକ ଫଳ ବୃକ୍ଷ ନୁହେ, ଏହା ଏକ ପରିବେଶ ପାଧା ଅନେକ ପ୍ରକାର ପକ୍ଷୀ, କୀଟ ପତଂଗ ଏବଂ ବେଳେ ବେଳେ ଅନ୍ୟ ଉଦ୍ଭିଦ ପାଇଁ, ଯାହା ଏହାର ଶାଙ୍କ ଉପରେ ଆଶ୍ରୟ ନେଇଥାଅନ୍ତି । ତେଣୁ ଆମ୍ବ ଗଛଟିଏ ପରିବେଶର ବହୁତ ଉପକାର କରିଥାଏ । ଜଙ୍ଗଲରେ ବସ ବାସ କରୁଥିବା ଆଦିମ ଜନ ଜାତିର

ଲୋକମାନେ ଆମ୍ବର ପ୍ରତ୍ୟେକ ଭାଗକୁ ବ୍ୟବହାରରେ ଲଗେଇଥାଆନ୍ତି । ତେଣୁ ଅଧିକାଂଶ ସ୍ଥାନରେ ଲୋକେ ଆମ୍ବ ଗଛକୁ କାଟନ୍ତି ନାହିଁ । ଉତ୍ତର ପ୍ରଦେଶର ଦଶେହରି ନାମର ଗୋଟିଏ ସ୍ଥାନରେ ଆମ୍ବ ଗଛଟିଏ ଅଛି ଯାହା ଶହ ଶହ ବର୍ଷ ପୁରୁଣା ଏବଂ ଏଥିରେ ଏବେ ମଧ୍ୟ ଫଳ ହେଉଛି ।"

"ହଁ, ମୁଁ ମଧ୍ୟ ଗାଆଁକୁ ଆସିଲେ କୋଇଲିର ଡାକ ଶୁଣେ, ବୋଧେ ଆମ୍ବ ଗଛରେ ଲୁଚ ରହି ଥାଏ," ପିଙ୍କୁ କହିଲା ।



"ମୋତେ ଆମ୍ବ ଗଛ ବହୁତ ପସନ୍ଦ ଅନ୍ୟ ଗଛ ଠାରୁ । ଆମେ ଛୋଟ ଥିଲା ବେଳେ ବହୁତ ତୋଟା ଥିଲା ଗାଆଁ ଗୁରି ଆଡ଼େ । ଧୀରେ ଧୀରେ ସବୁ ଲୋପ ପାଇଗଲା, "କକା କହିଲେ ।

"ଆପଣଙ୍କୁ ଆମ୍ବ ଏତେ ପସନ୍ଦ ଯଦି, ଟାକୁଆ ନେଇକ ନିଜ ବାଡ଼ିରେ ଲଗାଉ ନାହାନ୍ତି କାହିଁକି? କିଛି ବର୍ଷରେ ଅନ୍ୟମାନେ ମଧ୍ୟ ଖାଇ ପାରିବେ ଏହି ଆମ୍ବକୁ ଆପଣଙ୍କ ସାହି ପଡ଼ିଶାରେ" ପିଙ୍କୁ ପଚାରିଲା ।

"ମୋର ମଧ୍ୟ ଇଛା ଅଛି । କିନ୍ତୁ ଆମ୍ବଟି ସାଧାରଣତଃ ଗଠନ ବେଳେ ଅନ୍ୟ ଗଛର ପରାଗ ରେଣୁ ଦ୍ୱାରା ହୋଇଥାଏ । ତେଣୁ ଟାକୁଆଟିରେ ଅବିକଳ ସେହି ଗଛଟିକୁ ପାଇବା କାଠିକର । ତେଣୁ ଲୋକମାନେ ସାଧାରଣତଃ କଲମୀ କରନ୍ତି ଯେଉଁଥିରେ ଇପ୍ସିତ ଗଛର

ନୂଆ ପଲ୍ଲବକୁ ଅନ୍ୟ ଆମ୍ବ ଗଛର ଗଣ୍ଡିରେ ରୋପଣ କରନ୍ତି । ମୁଁ ମଧ୍ୟ ଲଗେଇଛି କଛି ଆମ୍ବ ଟାକୁଆ । ଗଜା ହେଇକ ଟିକେ ବଡ ହେଲେ, ଏହି ଗଛରୁ ପଲ୍ଲବ ନେଇ ସେଥିରେ ଗ୍ରାଫ୍ଟି ଙ୍ଗ କରିଲଗେଇବି," କକା କହିଲେ ।

"ମୁଁ ମଧ୍ୟ ଆସିକ ଦେଖି ପାରିବି କ?" ପିଙ୍କୁ ପଗ୍ଚରିଲ୍ ।

"ହଁ ନିଶ୍ଚୟ," କକା କହିଲେ ।

ପିଙ୍କୁ ଖୁସି ହେଇଗଲ୍, ଯାହା ହେଉ ଜେଜେବାପାଙ୍କର ଜେଜେବାପାଙ୍କ ଗଛଟି ଗ୍ଚରିଆଡେ ବ୍ୟାପି ପାରିବ, ନଚେତ ଏହା ମଧ୍ୟ ଦିନେ ଲୋପ ପାଇ ଯାଇ ଥାଆନ୍ତା ! ସତରେ କେତେ ଆଶ୍ଚର୍ଯ୍ୟ କଥା, ଆଜି ନୂଆ ପ୍ରଣାଳୀରେ, ଗୋଟିଏ ପୁରୁଣା ଗଛଟିରୁ ଅବିକଳ ନୂଆ ଗଛଟିଏ ସୃଷ୍ଟି ହେଇ ପାରିବ, ତାହା ମଧ୍ୟ ବିନା ମଞ୍ଜିରେ !

"ମୁଁ ଜାଣେ ତୁମ ବାଡ଼ିରେ ଆଉ ଜାଗା ନାହିଁ । କନ୍ତୁ ଏଥର ବର୍ଷ ଦିନରେ ଆମ୍ବ ଖାଇକ ଟାକୁଆଟିକୁ ନ ଫୋପାଡିକ ଯେ କୌଣସି ଖୋଲ୍ ଜାଗାରେ ଅଥବା ରାସ୍ତା କଡରେ ଯେଉଁଠାରେ ଖାଲି ସ୍ଥାନ ଦେଖ ପୋତି ଦିଅ । ହୁଏତ କେଉଁ ଦିନ ତାହା ମଧ୍ୟ କାହାର ଉପକାର କରିବ," କକା କହିଲେ ବାହାରି ଗଲ୍ ବେଳେ ।

"ନିଶ୍ଚୟ କରିବି," ପିଙ୍କୁ କହିଲ୍ ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଚରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ବୀର ସଂଗ୍ରାମୀ




ଲୀଳାମୟ ଶତପଥି

ଗୋଳା ବାରୁଦ କୁ ନକରି ଭୟ
ସତ୍ୟ ଅହିଂସା ମାର୍ଗେ
ନିଜ ଜୀବନକୁ ଉତ୍ସର୍ଗ କରି ହସି
ଚଢିଲେ ଫାଶୀ ଫାନ୍ଦେ (୧)

ବିକ୍ଷୋଭ କରି ସହିଦ ହେଲେ
ନୁଆଇଁ ଲେ ନାହିଁ ମଥା
ତିଳ ତିଳ କରି ରକତ ଢାଳି
ଆଣିଥିଲେ ସ୍ୱାଧୀନତା (୨)

କେହି ନୁହଁ ଆମ ସ୍ୱାଧୀନ ସଂଗ୍ରାମୀ,
ବୀର ଦର୍ପ ର ପ୍ରତୀକ ଜାନ
ନିର୍ଭୀକ ଭାବେ ବଳିଦାନ ଦେଇ
ପେଶିଲେ ଅହିଂସା ବାଣ (୩)

ଆଜିବି ଲଢେ ଆମ ଯବାନ, ସିଂହ ସମାନ
ବୋର୍ଡର ପାଖେ ଯାଇ
ହିମ ବୀର ଯେ ଆମ ଯବାନ
ଅଗ୍ନି ତେଜ ସମାନ ସେହି (୪)

ତ୍ରିରଙ୍ଗା ତଳେ ପ୍ରଣତି ଢାଳ
କାମନା କରେ ଆଶିଷ
ଗଢ଼ିତୋଳ ମୋତେ ବୀର ଯବାନ
ରଖିବି ଦେଶ ର ଯଶ (୫)

ଭାରତ ମା ର ଗୌରବ ନହେବ ବଖାଣି
ନାହିଁ ଜମା ତାର ଶେଷ
ତାର ଗାରିମା ଆଜି ପ୍ରସାର ସର୍ବତ୍ର
କରେ ନମନ ସାରା ବିଶ୍ୱ (୬)

କାନ୍ଥିସାହି, ଅରଣ୍ଡୁଆ
ବାସୁଦେବପୁର, ଭଦ୍ରକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପଛରେ ବୁଝିଲା...

ଜୟଶ୍ରୀ ମୁଦ୍ରା

ଦେଖ ପିଲେ ଦେଖ ସେଇ ବୁଢାକୁ
ଆମ ଗାଁ ପଦିଆ ପ୍ରଧାନ ପୁଅକୁ ।୧।

ଦେଉଥିଲା ସେ ତ ସଦା ଉପଦେଶ
ହୋଇଗଲା ଏବେ ବଡ଼ ମଣିଷ ।୨।

ଲୁଚଛପି ଖାଏ ସେ ଫଳ ଫୁଲ
ଦିଏନାହିଁ କେବେ ସେ ତାର ମୂଲ ।୩।

ଧୀରେ ଧୀରେ ବୁଝିଲା ତାର ଭୁଲ୍
ବୁଢା ବୟସରେ କଲା ଅସୁଲ୍ ।୪।

ଏବେ ସଜାଡୁଛି ତା ଜମିବାଡ଼ି
ଲଗାଇଛି ଗଛ ଧାଡିକ ଧାଡି ।୫।

ଗଛରେ ଦେଲା ସେ ଭଲ ପିଡିଆ
ତହୁଁ ଗଛ ହେଲା ଛନଛନିଆ ।୬।

କେତେ ଜାତି ଫୁଲ ଫଳ ଫଳିଲା
ଦେଖି ସମସ୍ତଙ୍କ ହୋସ୍ ଉଡିଲା ।୭।

ଗାଁ ଲୋକ ଦେଖି ହେଲେ ତାଟକା
କହିଲେ ଏଇ ଗାଁ ର ନାତି ଟୋକାଟା ।୮।

ଆସ ଲଗାଇବା ଫଳ ଫୁଲ ଗଛ
ରଖିବା ନିଜକୁ ସବୁବେଳେ ସ୍ୱଚ୍ଛ ।୯।

ଉପସ୍ଥାପିକା, ଆକାଶବାଣୀ, ପୁରୀ

# ଗୁଣ୍ଡୁଚର ଭୁଲ୍‌ଦୋଷ



ନୀଳମାଧବ ସାହୁ

ବିଦ୍ୟାଳୟରୁ ଫେରୁଫେରୁ ସହରରେ ଥିବା ପାଖ ଉଦ୍ୟାନରେ କ୍ରିକେଟ ଖେଳ ଆରମ୍ଭ ହୋଇଯାଏ । "ଆଜି ଯେମିତି ବି ମୋତେ ପାଞ୍ଚ ଛଅଟି ଛକା ମାରିବାକୁ ପଡିବ," ଟୁକୁ ମନେମନେ ଭାବୁଥାଏ । ପ୍ରଥମ ବଲରେ ହିଁ ବାମପଟେ ଗୋଟେ ଲମ୍ବା ଛକା ମାରିଲା ଓ ବଲଟି ଯାଇ ଗୋଟିଏ ବୁଦାରେ ପଶିଗଲା । ସମସ୍ତେ ବଲ ଖୋଜିବାରେ ଲାଗିଗଲେ ।

ସେହି ଉଦ୍ୟାନରେ ବୁଦାକୁ ଲାଗି କେତେଗୁଡିଏ ବଡଗଛ ଥିଲା । ଟୁକୁ ବଲ କ'ଣ ଖୋଜିବ, ତାର ନଜର ଗୋଟିଏ ଗୁଣ୍ଡୁଚ ମୂଷା ଉପରେ ପଡିଗଲା । ଗୁଣ୍ଡୁଚ ମୂଷାଟି ଏ ଗଛରୁ ସେ ଗଛକୁ କ୍ଷିପ୍ର ବେଗରେ ଡିଆଁ ମାରୁଥାଏ । ଶେଷରେ ସେହି ଗୁଣ୍ଡୁଚ ମୂଷାଟି ନଡ଼ିଆ ଗଛ ଉପରେ ଯାଇ ରହିଗଲା । ସୂର୍ଯ୍ୟ ଅସ୍ତ ହୋଇସାରିଥିବାରୁ ଅନ୍ଧାର ଦିଶିଲା ଓ ସେ ଗୁଣ୍ଡୁଚଟି ଦେଖାଗଲା ନାହିଁ । ତେଣୁ ଟୁକୁ ଘରକୁ ଫେରିଗଲା, ଗୋଟିଏ ହାତରେ କ୍ରିକେଟ ବ୍ୟାଟ ଓ ଆଉ ଗୋଟେ ହାତରେ ବଲ ନେଇ ।

ତା' ପରଦିନ ସକାଳୁ ସକାଳୁ ଟୁକୁ ଉଦ୍ୟାନରେ ପହଂଚଗଲା । ସହରର ଲୋକମାନେ ଯୋଗ ଓ କସରତ କରୁଥିଲେ । ଟୁକୁ ଯାଇ ଉଦ୍ୟାନ କୋଣରେ ଥିବା ବରଗଛ ପାଖରେ ବସିଗଲା। ଯେମିତି ବି ସେ ଗୁଣ୍ଡୁଚ ମୂଷାକୁ ଦେଖିବ । "ଟୁକୁ କ'ଣ ପାଇଁ ତୁ ଏକଲା କୋଣରେ ଆସି ବସିଛୁ," ରମୁ ଦାଦା ପଚାରିଲେ । ଟୁକୁ ଗୁଣ୍ଡୁଚ ମୂଷା ଦେଖିବାକୁ ଆସିଛି ବୋଲି କହିଲା ଓ ତା ବିଷୟରେ ପଚାରିଲା ।

ରମୁ ଦାଦା ଯାହା ଜାଣିଥିଲେ ଟୁକୁକୁ ସରଳରେ ଅବଗତ କଲେ । ଗୁଣ୍ଡୁଚ ମୂଷା କୁ ଇଂରାଜୀରେ ପାମ ସ୍କ୍ୱାରେଲ କୁହାଯାଏ ଓ ସ୍କିଉରିଡ଼ାଏ ପରିବାରର ଅଟେ । ଏହାର ଓଜନ ଯୁବକାବସ୍ଥାରେ ୧୦୦ ଗ୍ରାମର ହୋଇଥାଏ । ମାଟିଆ ରଙ୍ଗର ଶରୀରରେ ଧଳା ରଙ୍ଗର ପଟି

ଦେଖିବାକୁ ମିଳେ ଯାହାକ ବହୁତ ସୁନ୍ଦର ଅଟେ I କଳା ଓ ସାମାନ୍ୟ ଧଳା ରଙ୍ଗର ମିଶ୍ରିତ କେଶ ଭର୍ତ୍ତି ଗୋଛାଳିଆ ଲାଞ୍ଜ ସମସ୍ତଙ୍କୁ ଆକୃଷ୍ଟ କରେ I




ଗୁଣ୍ଡୁଚ ମୂଷାର ପଛରେ ଥିବା ଧଳା ପଟିର କାରଣ ରାମାୟଣ ସହ ସମ୍ବନ୍ଧ ଥିବା ଜଣାଯାଏI ରାମସେତୁର ନିର୍ମାଣ ସମୟରେ ଗୁଣ୍ଡୁଚ ମୂଷା ବାନର ସେନାକୁ ସାହାଯ୍ୟ କରିଥିଲା I ତେଣୁ ଭଗବାନ ଶ୍ରୀରାମ ଖୁସି ହୋଇ ତା' ପଛପଟେ ନିଜ ଆଙ୍ଗୁଳି ଦ୍ୱାରା ଏହି ପଟି ଚିହ୍ନ କରିଦେଇଥିଲେ ଯାହାକ ଆଜି ବି ଦେଖାଯାଉଛି I

ରାମୁ ଦାଦା ସାଙ୍ଗରେ କଥା ହେଉହେଉ ଟୁକୁ ହଠାତ ଦେଖିଲା ଗୁଣ୍ଡୁଚ ମୂଷାଟି ଖଜୁରୀ ଗଛରୁ କୋଳି ଖାଉଛି I ତେଣୁ ସେ ରାମୁ ଦାଦାଙ୍କୁ ଗୁଣ୍ଡୁଚର ଖାଦ୍ୟ ବିଷୟରେ ପଚାରିଲା I ଗୁଣ୍ଡୁଚ ମୂଷା ବିଭିନ୍ନ ପ୍ରକାର କୋଳି, ବୀଜ, ଫଳ ଓ ଛୋଟ ଜୀବ ଇତ୍ୟାଦି ଖାଇଥାଏ I ଠିକ ସେତିକବେଳେ ଦୁହେଁ ଦେଖିଲେ ଯେ ଗୁଣ୍ଡୁଚଟି  ସେ କୋଳି ପୁରା ନଖାଇ ଧରିକି ଦୌଡିଲା I ତାପରେ ରାମୁ ଦାଦା କହିଲେ କି ସେମାନେ ସେମାନଙ୍କ ଖାଦ୍ୟ ପାଇଁ ବହୁତ ରକ୍ଷଣଶୀଳ ହୋଇଥାନ୍ତି I ସେଥିପାଇଁ ଗୁଣ୍ଡୁଚ ମୂଷା ତାର ଖାଦ୍ୟ ଲୁଚାଇ ରଖେ, ଜଗିଥାଏ ଓ ପକ୍ଷୀ, ଅନ୍ୟ ଗୁଣ୍ଡୁଚଠାରୁ ଛଡାଇ ନେଇଯାଏ I



କିଛି ସମୟ ପରେ ପୁଣି ଚପ୍ ଚପ୍ ଶବ୍ଦ ଶୁଣାଗଲା, ଦେଖିଲାବେଳକୁ ସେହି ଗୁଣ୍ଡୁଚ ମୂଷାଟି। ସେ ଉଦ୍ୟାନରେ ଥିବା ଗୋଟେ ଲୋକ ଠାରୁ ବାଦାମ ନେଉଥିବା, ଟୁକୁ ଦେଖିଲା । ତା'ପରେ ଜାଣିଲା ଯେ ଗୁଣ୍ଡୁଚ ମୂଷାମାନେ ସହରରେ ମଧ୍ୟ ମଣିଷମାନଙ୍କ ସହ ଖାପଖୁଆଇ ଚଳଯାନ୍ତି। ଏହିପରିଭାବେ କିଛି ବନ୍ୟଜନ୍ତୁମାନେ ସହରରେ ନିଜ ଜୀବନଶୈଳୀକୁ ଟିକେ ପରିବର୍ତ୍ତନ କରିଥାନ୍ତି ।



"ଟୁକୁ ତୁ ଶୀଘ୍ର ଘରକୁ ଫେରିଯା ତୋ ମା ତତେ ଅପେକ୍ଷା କରିଥିବେ, ପୁଣି ବିଦ୍ୟାଳୟ କୁ ଯିବୁ ତୋର ଡେରି ହେଇଯିବ," ରାମୁ ଦାଦା କହିଲେ । ଫେରିବା ସମୟରେ ପୁଣି ସେମାନେ ସେ ଦୁହେଁ ଗପିଗପି ଫେରିଲେ ।

ରାମୁ ଦାଦା ଗୁଣ୍ଡୁଚ ମୂଷାର ଉପକାରିତା ବିଷୟରେ ଜଣାଇଲେ । ଗୁଣ୍ଡୁଚ ମୂଷାର ଟିକେ ଭୁଲାଦୋଷ ଅଛି ବୋଲି ଜଣାଯାଏ । କାରଣ ସେ ବିଭିନ୍ନ ପ୍ରକାର କୋଳ, ବୀଜ, ଫଳ ଇତ୍ୟାଦି ଆଣି ଛୋଟ ଗାତ ଖୋଳି ଲୁଚାଇ ରଖିଥାଏ ପରେ ଖାଇବା ବୋଲି, କିନ୍ତୁ କେଉଁଠାରେ ରଖେ ଭୁଲିଯାଇଥାଏ । ଯାହାଫଳରେ ତା' ପରବର୍ଷ ଯେତେବେଳେ ବର୍ଷା ଋତୁ ଆସେ, ସେହି ଲୁଚାଇଥିବା ବୀଜଗୁଡାକ ଗଜା ହୋଇ ନୂଆଁ ଗଛରେ ପରିଣତ ହୁଏ । କହିବାକୁ ଗଲେ ପରୋକ୍ଷରେ ଗୁଣ୍ଡୁଚ ମୂଷା ଜଙ୍ଗଲ ସୃଷ୍ଟି କରିବାରେ ସାହାଯ୍ୟ କରେ, କିନ୍ତୁ ସେ ନିଜେ ଜାଣିନଥାଏ । ଠିକ ସେହିପରି ଆମ ଟୁକୁ ମଧ୍ୟ ପେନସିଲ ଓ କଲମ କେଉଁଠି ରଖିଦେଇ ଭୁଲିଯାଏ, ସେଥିପାଇଁ ସେ ମନେମନେ ସେ କଥା ଭାବି ହସୁଥିଲା ।

ଗୁଣ୍ଡୁଚ ମୂଷାର ଏହି ଉପକାର ପାଇଁ ବିଭିନ୍ନ ବୃକ୍ଷଲତାମାନଙ୍କ ପରବର୍ତ୍ତୀ ପିଢ଼ି ବଞ୍ଚିରହେ । ନୂଆ ଜଙ୍ଗଲ ପ୍ରାକୃତିକ ଉପାୟରେ ସୃଷ୍ଟି ହୁଏ । ଏହା ଦ୍ୱାରା ପ୍ରକୃତିର ସଂରକ୍ଷଣ ହୁଏ ଓ ସନ୍ତୁଳନ ବଜାୟ ରହେ । ଆମ ଲୋକମାନେ ମଧ୍ୟ ଗୁଣ୍ଡୁଚ ମୁଷାକୁ ଦେଖିଲେ ଆଦର କରନ୍ତି ଓ ଆଘାତ ପହଞ୍ଚାନ୍ତି ନାହିଁ ।

ଘରେ ପହଂଚଲା ପରେ ମା ପଚାରିଲେ କୁଆଡେ ଚାଲିଯାଇଥିଲୁ ରେ ଟୁକୁ ? ଶୀଘ୍ର ସଜବାଜ ହୋଇ ବିଦ୍ୟାଳୟ ପାଇଁ ବାହାରେ । ତାପରେ ଟୁକୁ ମାଙ୍କୁ କହିଲା ଯେ ଗୁଣ୍ଡୁଚ ମୂଷା ଦେଖିବାକୁ ଯାଇଥିଲି ଓ ତା' ବିଷୟରେ ମୋତେ ରାମୁ ଦାଦା କହିଲେ । ତା'ପରେ ଟୁକୁ ବିଦ୍ୟାଳୟ ଚାଲିଗଲା ।

ସମରଝୋଳ, ଗଂଜାମ, ଓଡିଶା

# ଆ ଭିଜିବା ସାଥି ହୋଇ



ଅଜୟ କୁମାର ବେହେରା

ଗେହ୍ଲା ଭାଇ ମୋର
ଆ ଭିଜିବା ସାଥି ହୋଇ
ମାଆ ନାହିଁ ଏବେ
ନଦ ରେ ଯାଇଛି ଶୋଇ।୧।

ପାଦ ଥାପି ଥାପି
ଡେଇଁବା ଜଳରେ ଯାଇ
କେଡ଼େ ମଜା ହେବ
ମାଆ କୁ କହିବୁ ନାହିଁ।୨।

ଲୁଚ ଲୁଚ ଆମେ
ଜଳ ଖେଳେ ଯିବା ମାତି
ତୁ ଥିଲେ ପାଖରେ
ଲୋଡ଼ା ନାହିଁ ମୋର ସାଥି।୩।

ଡେଇଁ ଡେଇଁ ଆମେ
ବେଙ୍ଗକୁ ଧରିବା ଯାଇ
ଏକଥା ଜମାରୁ
କାହାକୁ କହିବୁ ନାହିଁ।୪।

କେଡ଼େ ମଜା ହେବ
କହ ଖାଲି ତୁହି ଥରେ
ବିଜୁଳି ସାଙ୍ଗରେ
ଘଡ଼ ଘଡି ଯଦି ମାରେ।୫।

ମୋରଡ଼ା, ମୟୂରଭଞ୍ଜ

# କୁନ ଲେଖକଟେ ହୋଇବି



ଶରତ ଚନ୍ଦ୍ର ଜାଲି

ଏବେଠୁ ବସି ଚନ୍ତା କରୁଛି
କୁନ ଲେଖକଟେ ହୋଇବି
ଗୀତ,କବିତା,ଗଳପ ଲେଖି
ସଭିଙ୍କର ମନ ମୋହିବି ।
ସାହାସପଣେ ଲେଖିବି ସତ୍ୟ
ସତକଥା ନତି କହିବି
ଦୁଃଖ,କଷଣ ଯାହାବି ଆସୁ
ପୃଥିବୀ ପରି ମୁଁ ସହିବି ।
ପିତାମାତାଙ୍କୁ ଭକତି କରି
ଲେଖିବି କେତେ ଯେ କବିତା
ପଢିବ ଯିଏ ହୃଦୟେ ତାର
ଜଳବରେ ଜ୍ଞାନ ସଳତା ।
ସଚେତନକୁ ଆଗରେ ରଖି
ଲେଖିବି ଗୀତଟେ ସୁନ୍ଦର
ଶୁଣିବ ଯିଏ କରିବ ସିଏ
ମାଟି,ଜଳ,ବାୟୁ ଆଦର ।
ରୋଗବ୍ୟାଧି କା ଦେହେ ନ ହେବ
ହୋଇବା ନଷ୍ଟୟ ସଜାଗ
ସ୍ୱାସ୍ଥ୍ୟ ସଂପଦ ଜାଣିବା ପାଇଁ
ଆଣିବିରେ ନୂଆ ସୁଯୋଗ ।

ଅନ୍ୟାୟ ନୀତି ବିରୋଧେ ନତି
ଲେଖନୀରେ ଦେବି ଡାକର୍
ଅନ୍ଧ ବିଶ୍ୱାସ କୁସଂସକାର
ହଟିଲେ ହସିବ ଏ ଧର୍ ।
ଆଳସ୍ୟ ତେଜି ପଢିବା ପାଇଁ
ଶିଶୁଙ୍କୁ ଦେବି ମୁଁ ପ୍ରେରଣା
ଭଲ ମଣିଷ ହୋଇବା ସର୍ବେ
ମନ୍ଦ ଅଭ୍ୟାସଟେ କରନା ।
ବିଭୁଙ୍କ ପାଦେ ସଂଜ ସକାଳେ
ଢାଳବି ବସି ମୁଁ ପ୍ରଣତି
ବିଶ୍ୱ ଏକତା ବଜାୟୀ ରହୁ
ଆସୁ ଏ ବିଶ୍ୱରେ ପ୍ରଗତି ।

ପଥର୍, ଖଲିକୋଟ, ଗଂଜାମ

# ବରଷା ଆସିଛି



ଜଗଦୀଶ ସାହୁ

ଟପ ଟପ ପଡେ ବରଷା ପାଣି
ଖୁସିରେ ଡେଉଁଛି ବେଙ୍ଗୁଲି ଗ୍ରଣୀ ।୦।
ସାଧବ ବୋହୂର ରଙ୍ଗଟି ନାଲି
ଘାସ ପଡିଆରେ ଯାଉଛି ଗ୍ଳୁଲି ।୧।
ଛତୁ ଫୁଟି ମହି ସୁନ୍ଦର ଦିଶେ
ନାନା ଜାତି ଫୁଲ ଗଛରେ ହସେ ।୨।
ମେଘୁଆ ଆକାଶେ ଇନ୍ଦର ଧନୁ
ଦେଖିଲେ ପାଶୋରି ହୁଏନ ମନୁ ।୩।
ଚଷା ପୁଅ ହାତେ ଧରି ଲଙ୍ଗଳ
ବିଲକୁ ଯାଉଛି କରିବ ହଳ ।୪।
ମାଟି ସଙ୍ଗେ ନଜେ ହୋଇବ ମାଟି
ବରଷେ ଖାଇବ ଛମାସେ ଖଟି ।୫।
ଠୋ ଠୋ କସି ପଡୁଛି ତାଳ
ମାମୁନ ପାଟିରୁ ଗଡୁଛି ଲାଳ ।୬।
ଆଇ ତିଆରିଲେ ତାଳରେ ବରା
ଖୁସିରେ ସଭିଏଁ ଖାଇଲେ ପରା ।୭।
ପୋଖରୀ ଗାଡିଆ କୂଅ ପୁରିଲା
ସବୁରି ମୁହଁରେ ହସ ଭରିଲା ।୮।

ସଞ୍ଜପଡା, ହିନ୍ଦୋଳ, ଢେଙ୍କାନାଳ

# କଥା ନ ମାନ
# ଡହର୍



ନୂତନ କୁମାର ବେହେରା

ଲକ୍ ଡାଉନ୍ କଥା ନ ମାନ ଡହର୍
ବୁଲି ବାହାରିଲା ଦେଖିବାକୁ
କେମିତି ଚାଲିଛି ବଜାରର ଧାରା ?
ଚାରିଆଡେ ଖାଁ ଖାଁ ଶୁନ୍ ଶାନ୍
ଫାଙ୍କା ଫାଙ୍କା ଲାଗୁଥିଲା
ରାସ୍ତାଘାଟ ଗାଁ ସହର ସାରା ।
ପୋଲିସ୍ ଭାଇମାନେ ଦେଉଥିଲେ ପହରା
ଆଗକୁ ନ ଯାଇ ଫେରି ଯିବାକୁ
ଦେଲେ ତାକୁ ଆଖିରେ ହାତରେ ଇସାରା ।
ନ ମାନ ସେ କଥା ତାଙ୍କର
ବଢାଇ ଦେଲା ବାଇକ୍ ସ୍ପିଡ୍ ର ମାତରା,
ଗୋଡାଇ ଗୋଡାଇ ଧରି ଆଣି ତାକୁ
କରି ଜେରା କଲେ ପଚରାଉଚରା ।
କହି ନ ପାରି ସେ କଛି ଥଙ୍ଗମଙ୍ଗ ହେଲା
ମଳନ ପଡିଗଲା ତାର ଚେହେରା,
ହାତ ଯୋଡ଼ି କ୍ଷମାମାଗି ସେ
ଛାଡି ଦେବାକୁ ହେଲା କେତେ ନେହୁରା ।
ଆଇନ୍ ଭାଙ୍ଗିଥିବାରୁ ଆଖିବୁଜା
ଛେଚା ଖାଇ ହେଲା ଖଣ୍ଡିଆଖାବରା,
ପିଠିରେ ପଡିବାକୁ ବାହାରି ଆସି
ହେଲେ ନାହିଁ କେହି ତାର ସାହାରା ।
ଜୀବନ ଜାକ ଘରକୁ ଫେରିଲା
ଦେହରୁ ଦରଜ ଯାଉନ ପୁରା,
ଶୋଇ ଭାବୁଛି ମନେ ମନେ
ଏମିତି ଅମାନ୍ୟ କରିବନ ଆଇନ୍
ଆଉ ଆଗକୁ କେବେ ଦୋହରା ।
ସପନ ବରଂ ରହୁ ତାର ଅଧୁରା,
ଖାଇବ ନାହିଁ ଲାଠି ମାଡ କ
ସହିବ ନାହିଁ କାହାର ଟାହିଟାପରା ।
ଲକ୍ ଡାଉନ୍ କୁ ସମ୍ମାନ ଜଣାଇ
ଘରେ ରହିବ ଦିନ ସାରା,
କରୋନା ଚାଲିଯାଉ ବେଗେ ବୋଲି
କଲା ଠାକୁରଙ୍କୁ ଜୁହାର
ହାତ କରି ତାର ସଫାସୁତୁରା ।

କୋହି, ଗଡ଼ିଆ, ମୟୂରଭଞ୍ଜ

# ହେବି ସୁନାପିଲ୍



ରାମ ଚନ୍ଦ୍ର ପ୍ରଧାନ

କହିବିନ କଟୁକଥା
କେବେ ଏ ତୁଣ୍ଡରେ
ମଧୁର ବଚନ କହି
ହେବି ମୁଁ ଧନ୍ୟରେ...
କାନେ ଶୁଣିବିନ କଛି
ମନ୍ଦ କଥାବାର୍ତ୍ତା
ଉପାଦେୟ କଥା ଶୁଣି
ହେବି ଭଲ ଶ୍ରୋତା...
ଗୁରୁଜନଙ୍କର କଥା
ସବୁ ମୁଁ ମାନବି
ଲଘୁଜନଙ୍କ ମେଳରେ
ସେନେହ ବାଣ୍ଟିବି...
ଆଜି ପାଇଁ ଥିବା କାମ
ଆଜି ହିଁ କରିବି
ଆଳସ୍ୟ ପଣକୁ ମୋର
ହଟାଇ ମୁଁ ଦେବି....

କାହାସାଙ୍ଗେ କରିବିନ
କେବେ ମୁଁ ଝଗଡା
ଭାବିବିନ ଏ ମନରେ
କାହାକୁ ଅଲୋଡ଼ା...
ପରିଷ୍କାର ପରିଚ୍ଛନ୍ନ
ସର୍ବଦା ରହିବି
ନଖରେ ମଇଳା କେବେ
ମୁହିଁ ନ ରଖିବି...
ନତି ଯିବି ବିଦ୍ୟାଳୟ
ପଢିବାକୁ ପାଠ
ଖେଳବେଳେ ଖେଳବି ମୁଁ
ନ କରି କ' ମଠ...
ଭଲ ପାଠ ପଢି ଦିନେ
ସୁନାପିଲ୍ ହେବି
ଭବିଷ୍ୟତ ଜୀବନରେ
ସୁଖରେ ରହିବି...

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ଟଗର ମନ୍ଦାର କଳି



ରୋହିତ ସେଠୀ

ଫୁଲ ବଗିଚ୍ଚରେ ଟଗର ମନ୍ଦାର
ଲାଗିଲେ କଳିଆ ଦିନେ
କେହି କାହାରିଠୁ ଊଣା ନୁହେଁ ବୋଲି
ଗରବ ଦୁହିଁଙ୍କ ମନେ ।।

ଟଗର କହିଲା ଧବଳ ରଙ୍ଗରେ
ରୂପ ମୋ ଭରି ସୁନ୍ଦର
ସବୁ ଠାକୁରଙ୍କ ପ୍ରିୟ ବୋଲି ମୁହିଁ
ସର୍ବେ କରନ୍ତି ଆଦର ।।

ମନ୍ଦାର କହିଲା ଟଗରକୁ ଚାହିଁ
ଦେଖ୍ ମୋ ରୂପକୁ ଥରେ
ନାଲି ଧଳା ଆଉ ନାନାଦି ବର୍ଣ୍ଣରେ
ଶୋଭେ ଦେବୀଙ୍କ ମଥାରେ ।।

ତହିଁ ଆରଦିନ ସକାଳୁ ସକାଳୁ
ବଗିଚ୍ଚକୁ ଆସି ମାଳୀ
ଚାଙ୍ଗୁଡ଼ିଟେ ଧରି ଟଗର ମନ୍ଦାର
ଫୁଲକୁ ଆଣିଲା ତୋଳି ।।

ଫୁଲତକ ନେଇ ଗୋଟିଏ ମାଳରେ
ମାଳୀ ଯତନେ ଗୁନ୍ଥିଲା
ମନ୍ଦିରକୁ ଯାଇ ଠାକୁର ନିକଟେ
ଆନନ୍ଦେ ସମର୍ପି ଦେଲା ।।

ଠାକୁର ଗଳାରେ ରହି ଦୁଇ ଫୁଲ
କଥା ହେଉଥାନ୍ତି ଧିରେ
ନାମରେ ଅଲଗା ହେଲେ ଗୋଟେ ଜାତି
ବୁଡ଼ିଥିଲୁ ଅହଂକାରେ ।।

ଆଜିଠାରୁ ଆଉ କରିବାନି କଳି
ନିଜ କର୍ମେ ଦେବା ଧାନ
ଅହଂଭାବ ଛାଡ଼ି, ସୁଯୋଗ ମିଳିଲେ
ସେବୁଥିବା ଭଗବାନ ।।

ଶିକ୍ଷକ, ଦୁତିମେଣ୍ଡି (ମଲିକସାହି)
ଖଜୁରିପଡା, କନ୍ଧମାଳ

# ସୁନା ପିଲା ହେବୁ କରୁଛୁ ପଣ



ପୁଷ୍ପଲତା ବେହେରା

ଆଈ ମେଲିଥିଲେ ଗପର ପସରା
ଘେରି ବସିଥିଲେ ନାତି ନାତୁଣୀ,
କହିଲେ ମୋ ଗେହ୍ଲା ଶୁଣ ମୋର କଥା
କହୁଛି ତୁମକୁ ମହତ ବାଣୀ ।
ମଣିଷ ଜନମ ଦୁରୁଲଭ ପିଲେ
ସାର୍ଥକ କରିବ ଜୀବନ ଯେବେ,
ଯାହା କହୁଅଛି ମନ ଦେଇ ଶୁଣ
ଆଦର ଲଭିବ ଦୁନଆଁ ଆଗେ ।
କୁନ କୁନ ତୁମ ଭିତରେ ଭରିଛି
ଜାଣିନ କେତେଯେ ଅମାପ ଶକ୍ତି,
ଏକାଠି ହୋଇଲେ ଶକତି ଆଗରେ
ପଳାଇବ ଶତ୍ରୁ ପାଇଣ ଭୀତି ।
ଭାଙ୍ଗିଦେବା ପିଲେ ବହୁତ ସହଜ
ପାରିବ ଯଦି ତ ଗଢ଼ିଣ ଦେଖ,
ଗୋଟିଏ କାଠିକୁ ଭାଙ୍ଗିବା ସହଜ
ବିଡାଏ କାଠିକୁ ଭାଙ୍ଗି ପରଖ ।
ସେନେହ ପ୍ରେମରେ ଶତ୍ରୁ ହେବେ ବସ
ଭଲ ପାଇବାକୁ ବାଣ୍ଟିଣ ଚାଲ,
ମମତା ଡୋରିରେ ବାନ୍ଧ ଏ ଜଗତ
ଦେଖିବ ଲାଗୁଛି କେତେଯେ ଭଲ ।

ନମ୍ର ହୋଇଗଲେ ଗାଳ ସହିଗଲେ
ହୋଇଯିବ ନାହିଁ କେବେହେଁ ଛୋଟ,
ସବୁ ପର୍ବ ସେଇ କାଳଆ ଦେଖୁଛି
ଦେବ ନାହିଁ କାହା ମନରେ କଷ୍ଟ ।
ଗାନ୍ଧୀ, ଗୋପବନ୍ଧୁ ଆଦର୍ଶ ସୁମରି
ଦେଶ ହିତ ପାଇଁ କାମ କରିବ,
ଧରମା, ବାଜିଆ ବୀରତ୍ୱ କାହାଣୀ
ମନେ ଗୁଣି ସଦା ବାଟ ଗ୍ଭଲିବ ।
ପିତା, ମାତା, ଗୁରୁ, ଗୁରୁଜନେ ସଦା
ମନରେ ତୁମର କର ଭକତି,
ତାଙ୍କରି ଆଶୀଷେ ବଡ ହେବ ଦିନେ
କ୍ଷିତିରେ ନିଶ୍ଚୟ ଲଭିବ ଖ୍ୟାତି ।
ଆଇମା' କାହାଣୀ ସରିଗଲା ଆଜି
କହିଲେ ପିଲାଏ ଆଇଲୋ ଶୁଣ,
ତୁମ କଥା ସବୁ ମାନଣ ଗ୍ଭଲିବୁ
ସୁନା ପିଲା ହେବୁ କରୁଛୁ ପଣ ।

ରାଉରକେଲା, ଓଡିଶା

# କରିବା ଶପଥ



ସତ୍ୟବ୍ରତ ସାହୁ

ଆସିଛିରେ ଆଜି ଅଗଷ୍ଟ ପନ୍ଦର ଆମ ସ୍ୱାଧୀନତା ଦିବସ,
ଉଡ଼ାଇବା ଆସ ତ୍ରିରଙ୍ଗା ପତାକା ମନରେ ଫୁଟାଇ ହରଷ ।(୧)
ବିଦେଶରୁ ଆସ ଇଂରେଜ ଜାତି ବଣିଜ କରିବା ଛଳରେ,
ଆମରି ମାଟିରେ ଆମକୁ ଶୋଷିଲେ ବୁଦ୍ଧି କଉଶଳ ବଳରେ ।(୨)
ଅନ୍ୟାନ୍ୟ ଆଉ ଅତ୍ୟାଚାରରେ ଆମକୁ କରିଲେ ଶାସନ,
ଭାରତ ମାଆର ଦୁଃଖ ହରିବାକୁ ଜନମିଲେ ବୀର ସନ୍ତାନ ।(୩)
ଗାନ୍ଧି,ଜବାହର,ତିଳକ,ସୁବାଷ,ଶାସ୍ତ୍ରୀ ଓ ସର୍ଦ୍ଦାର ପଟେଲ,
ବଣିକ ଜାତିକୁ ହଟାଇବା ପାଇଁ କଲେ କେତେ କାରାବରଣ ।(୪)
ଦୁଃଖ, ଯନ୍ତ୍ରଣାକୁ ହସି ସହିଗଲେ ଚାବୁକ ସହିଲେ ଛାତିରେ,
ଶେଷରେ ହାରିଲା ସେହି ଗୋରା ଜାତି ଗାନ୍ଧୀଙ୍କ ଅହିଂସା ନୀତିରେ ।(୫)
ଉଣେଇଶ' ସତଚାଳିଶ ମସିହା ତାରିଖ ଅଗଷ୍ଟ ପନ୍ଦର,
ସ୍ୱଦେଶ ଫେରିଲ ଗୋରା ଜାତି ହାତେ ଦେଇ ଆମ ଦେଶର ଭାର।(୬)
ସ୍ୱାଧୀନ ଦେଶର ସନ୍ତାନ ଆମେରେ ଧର୍ମ ନିରପେକ୍ଷ ଭାରତ,
ଏ ପତାକା ତଳେ ନେବାରେ ଶପଥ ରଖିବା ମା' ମାନ ମହତ ।(୭)
ଯେ ବୀର ସନ୍ତାନ ହୋଇଲେ ସହୀଦ ଦେଶ ସ୍ୱାଧୀନତା ପାଇଁକି,
ନେବାର ଶପଥ ହେବା ତାଙ୍କ ପରି ଜାତୀୟ ପତାକା ଛୁଇଁକି । (୮)

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୮/୨୦୨୦ | ଇଦଜୁହା |
| ୦୨/୦୮/୨୦୨୦ | ଶିବ ପବିତ୍ରୋପଣ, ଶିବଚତୁର୍ଦ୍ଦଶୀ |
| ୦୩/୦୮/୨୦୨୦ | ଗହ୍ମା ପୂର୍ଣ୍ଣିମା, ବଳଭଦ୍ର ଜନ୍ମ, ରକ୍ଷାବନ୍ଧନ |
| ୦୪/୦୮/୨୦୨୦ | ବୁଧିବାମନ ଓଷା ଆରମ୍ଭ |
| ୦୯/୦୮/୨୦୨୦ | ଖୁଦୁରୁକୁଣୀ ଓଷାରମ୍ଭ |
| ୧୧/୦୮/୨୦୨୦ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ |
| ୧୨/୦୮/୨୦୨୦ | ନନ୍ଦୋତ୍ସବ |
| ୧୫/୦୮/୨୦୨୦ | ସ୍ୱାଧୀନତା ଦିବସ |
| ୧୬/୦୮/୨୦୨୦ | ସିଂହ ସଂକ୍ରାନ୍ତିଓ ଖୁଦୁରୁକୁଣୀ ଓଷା |
| ୧୯/୦୮/୨୦୨୦ | ଶ୍ରୀମନ୍ଦିରେ ସପ୍ତପୁରୀ ଅମାବାସ୍ୟା ଓ ବୁଧିବାମନ ଓଷା |
| ୨୨/୦୮/୨୦୨୦ | ଗଣେଶ ଚତୁର୍ଥୀ ଓ ଗୌରୀ ବ୍ରତ |
| ୨୩/୦୮/୨୦୨୦ | ନୂଆଖାଇ ପର୍ବ ଓ ଋଷି ପଞ୍ଚମୀ |
| ୨୪/୦୮/୨୦୨୦ | ଷଷ୍ଠୀ ଓଷା, ସୋମନାଥ ବ୍ରତ ଆରମ୍ଭ |
| ୩୦/୦୮/୨୦୨୦ | ମହରମ ପର୍ବ |
| ୩୧/୦୮/୨୦୨୦ | ଶିବଚତୁର୍ଦ୍ଦଶୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ପାଣିରେ ପହଁରି ବଡହୁଏ ମାଛ,
ଖାଦ୍ୟ ଖାଉଥାଏ ନିତି
ମଣିଷ ତାହାର ପରମ ଆତ୍ମୀୟ
ଭାବୁଥାଏ ଦିନରାତି
କିନ୍ତୁ କି ଛଳନା ଆହା!

ରସନା ସଂଜତ କରେନା ମଣିଷ
ନଜପାଇଁ କରେ ସ୍ୱାହା ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ମାଛର ମସଲା, ମାଛ ବେସର, ଆମ୍ବିଳ, ରସା,
ମାଛ ପତର ପୋଡା ପୁଣି ଗ୍ରଇତା, କଷା ।
ଭଲ କ ଭଲ ତିଅନ ପରଷେ ବୋଉ ଆମର,
ସୁଆଦ ଯେତିକ, ସେନେହ ସେତିକ,
ନଥାଏ ତାହାର ଆପଣା ପର ।

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାଗ୍ରଷ୍ଟ୍ର

ଚୁନା ମାଛ ଭଜା ପାଟିକୁ ସୁଆଦ
ଦେଖିଦେଲେ ଲ୍ଳ ଗଡେ
ଖାଇବାକୁ ମନ ଆତୁର ହୁଅଇ
ଆପେ ଆପେ ଭୋକ ବଢେ

ଯୁଗଗ୍ରଜ କୁଦେଇ, ଇଚ୍ଛାପୁର, ଡୁଙ୍ଗୁରିପାଲି, ସୋନପୁର

ମସଲାରେ ଲିପ୍ତ ହେଲେ ମୀନ,
ରନ୍ଧା ହେବ ସୁଆଦିଆ ବ୍ୟଞ୍ଜନ,
ଆମିଷଭୋଜୀ କରନ୍ତି ଆସ୍ୱାଦନ,
ଆୟୋଜନ କରନ୍ତି ପ୍ରୀତିଭୋଜନ ।

ଶ୍ରୀ ଗ୍ରଜଶେଖର ସି 'ଚମା'

**ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ । ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟରେ ପ୍ରକାଶ କରିବାକୁ ଗ୍ରହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**